

ଆସିବନି
ତେରେନାମ୍-୨
▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-129 ◆WEDNESDAY ◆5 NOVEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୨୯ ◆ବୁଧବାର ◆୫ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




## ଛତିଶଗଡ଼ରେ ଭୟଙ୍କର ଟ୍ରେନ ଦୁର୍ଘଟଣା

### ମାଲଗାଡ଼ିକୁ ଧକ୍କା ଦେଲା ପାସେଞ୍ଜର ଟ୍ରେନ୍

# ୧୦ ମୃତ, ୨୦ ଆହତ

■ **ବିଳାସପୁର, ୪।୧୧ (ଏଜେନ୍ସି):** ଛତିଶଗଡ଼ର ବିଳାସପୁର ନିକଟରେ ଆଜି ଏକ ଭୟଙ୍କର ଟ୍ରେନ ଦୁର୍ଘଟଣାରେ ୧୦ ଜଣ ଯାତ୍ରୀ ପ୍ରାଣ ହରାଇଥିବା ବେଳେ ୨୦ରୁ ଅଧିକ ଆହତ ହୋଇଛନ୍ତି। ଦୁର୍ଘଟଣାରେ ଟ୍ରେନର ଇଞ୍ଜିନ ମାଲଗାଡ଼ି ଉପରେ ଚଢ଼ିଯାଇଥିବା ବେଳେ ଏହାପଛକୁ ଲାଗି ରହିଥିବା କୋଚିଗୁଡ଼ିକ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି। ଦୁର୍ଘଟଣା ସ୍ଥଳରେ ରିଲିଫ ଓ ଉଦ୍ଧାର କାର୍ଯ୍ୟ ଚାଲିଛି ଏବଂ ମୃତ୍ୟୁସଂଖ୍ୟା ବଢ଼ିବାର ଆଶଙ୍କା ରହିଛି। ସରକାରୀ ଭାବେ ମୃତ୍ୟୁସଂଖ୍ୟା ୮ କୁହାଯାଉଥିବା ବେଳେ ୧୦ରୁ ଅଧିକ ଯାତ୍ରୀ ପ୍ରାଣ ହରାଇଥିବା ସ୍ଥାନୀୟ ଲୋକଙ୍କ ସୂତ୍ରରୁ ଜଣାପଡ଼ିଛି। ୧୬ରୁ ୧୭ ଯାତ୍ରୀଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବା ବିଳାସପୁର ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଦୁର୍ଘଟଣା ପରେ ଏହି ରୁଟ୍‌ରେ ଅନେକ ଟ୍ରେନ ଚଳାଚଳକୁ ବାତିଲ କରି ଦିଆଯାଇଛି। ଅଟକି ରହିଥିବା ଯାତ୍ରୀମାନଙ୍କୁ ନେବାଲାଗି ବିକଳ୍ପ ବ୍ୟବସ୍ଥା କରାଯାଉଛି।

ଗଟୌରା ଷ୍ଟେସନ ନିକଟରେ ଆଜି ଅପରାହ୍ଣ ୪ଟାରେ ଏକ ଯାତ୍ରୀବାହୀ (ମେମୁ) ଟ୍ରେନ ସେହି ଲାଇନରେ ଠିଆ ହୋଇଥିବା ମାଲବାହୀ ଟ୍ରେନକୁ ଧକ୍କା ଦେଇଥିଲା। ଏହା ଏତେ ଭୟଙ୍କର ଥିଲା ଯେ ଯାତ୍ରୀବାହୀ ଟ୍ରେନର ଅନେକ ବଗି ଲାଇନଚ୍ୟୁତ ହୋଇଯାଇଛି। ଆଉ ଗୋଟିଏ ବଗି ମାଲବାହୀ ଟ୍ରେନ୍ ଉପରେ ଚଢ଼ି ଯାଇଛି। ଦୁର୍ଘଟଣାରେ ମୃତାହତଙ୍କ ମଧ୍ୟରେ ଅନେକ ଶିଶୁ ଓ ମହିଳା ଯାତ୍ରୀ ରହିଛନ୍ତି। ଓଲଟି ପଡ଼ିଥିବା କୋଚ୍ ଭିତରେ ଅନେକ ଯାତ୍ରୀ ଫସି ରହିଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବାର ଆଶଙ୍କା ରହିଛି।

ଘଟଣାସ୍ଥଳରେ ଦମକଳ ବାହିନୀ, ପୁଲିସ, ରେଳବାଇ ଏବଂ ଏନ୍‌ଡିଆରଏଫ ସହିତ ଅନ୍ୟ ଟିମ୍ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଛନ୍ତି। ବଗି ଗୁଡ଼ିକୁ ଫସି ରହିଥିବାରୁ ତାହାକୁ ଗ୍ୟାସ୍ କଟରରେ କାଟି ଯାତ୍ରୀଙ୍କୁ ଉଦ୍ଧାର କରାଯାଉଛି। ସିଡି ମାଧ୍ୟମରେ ଯାତ୍ରୀ ଏବଂ ଶିଶୁଙ୍କୁ ଟ୍ରେନ ଭିତରୁ ଉଦ୍ଧାର କରି ତଳକୁ ଅଣାଯାଉଛି। ତେବେ ଏ ପର୍ଯ୍ୟନ୍ତ ଦୁର୍ଘଟଣାର କାରଣ ଜଣାପଡ଼ି ନାହିଁ। ରେଳବାଇ ▶ପୃଷ୍ଠା-୭

# ସ୍ୱାସ୍ଥ୍ୟସେବାରେ ନୂଆପଡ଼ାକୁ ପ୍ରତାରଣା

## ସ୍ୱାସ୍ଥ୍ୟବୀମା ଯୋଜନାରେ ନାହିଁ ଜିଲ୍ଲାର ଗୋଟିଏ ବି ଘରୋଇ ହସ୍‌ପିଟାଲ

■ **ଭୁବନେଶ୍ୱର, ୪।୧୧ (ସମିସ):** ନୂଆପଡ଼ା ଉପନିର୍ବାଚନ ପ୍ରରିପେକ୍ଷୀରେ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ଏକ ନିର୍ଦ୍ଦେଶନାମା ଜିଲ୍ଲାରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟସେବାର ବିକଳ ଚିତ୍ରକୁ ପଦାରେ ପକାଇ ଦେଇଛି। ଆୟୁଷ୍ମାନ ଭାରତ-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାକୁ ନେଇ ରାଜ୍ୟ ସରକାର ଡିଣ୍ଡିମ ପିଟୁଥିବା ବେଳେ ନୂଆପଡ଼ା ଜିଲ୍ଲାରେ ଏହି ଦେୟମୁକ୍ତ ସ୍ୱାସ୍ଥ୍ୟବୀମା ଯୋଜନା ଉପଲବ୍ଧ ନାହିଁ। ଯୋଜନା ଅଧୀନରେ ନୂଆପଡ଼ା ଜିଲ୍ଲା।।ରେ ଏପରିକି ପଡ଼ୋଶୀ ରାୟପୁରରେ ଗୋଟିଏ ହେଲେ ବି ବେସରକାରୀ ଅନୁବନ୍ଧିତ ହସ୍ପିଟାଲ ନ ଥିବା ଜଣାପଡ଼ିଛି। ରାଜ୍ୟସାରା ଅନ୍ୟ ଜିଲ୍ଲାମାନଙ୍କରେ ଲୋକେ ଦେୟମୁକ୍ତ ବୀମା ଚିକିତ୍ସା ସୁବିଧା ପାଉଥିବା ବେଳେ ରାଜ୍ୟ ବିଜେପି ସରକାର ନୂଆପଡ଼ାବାସୀଙ୍କୁ ଏଥିରୁ କାହିଁକି ବଞ୍ଚିତ ରଖିଲେ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଗତ ଅକ୍ଟୋବର ୧୦ ତାରିଖରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ସଚିବ ଏବଂ ନୂଆପଡ଼ା ଜିଲ୍ଲାପାଳଙ୍କ ସହ ଭିସି ଯୋଗେ ଏକ ବୈଠକ କରିଥିଲେ। ବୈଠକରେ ବୈଠକରେ ସ୍ୱାସ୍ଥ୍ୟ ସଚିବ ନୂଆପଡ଼ା କିମ୍ବା ପଡ଼ୋଶୀ ରାୟପୁରରେ ରାଜ୍ୟ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ଦେୟମୁକ୍ତ ସ୍ୱାସ୍ଥ୍ୟବୀମା ଯୋଜନା ଅଧୀନରେ କୌଣସି ଘରୋଇ ହସ୍ପିଟାଲ




### ରାୟପୁରରେ ବି 'ଆୟୁଷ୍ମାନ' ସେବା ପାଇପାରୁ ନାହାନ୍ତି ଜିଲ୍ଲାବାସୀ

### ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶନାମା ଖୋଲିଲା ଗୁମର

ଉପ ନିର୍ବାଚନରେ ନିୟୋଜିତ ହେବାକୁ ଥିବା କର୍ମଚାରୀ ଏବଂ ସୁରକ୍ଷାକର୍ମୀଙ୍କୁ ଦେୟମୁକ୍ତ ସ୍ୱାସ୍ଥ୍ୟବୀମା ଚିକିତ୍ସା ସୁବିଧା ଯୋଗାଇ ଦେବା ସମ୍ପର୍କରେ ଆଲୋଚନା ହୋଇଥିଲା। ମାତ୍ର ସହବନ୍ଧିତ ହୋଇ ନ ଥିବା ସୂଚନା ଦେଇଥିଲେ। ଯାହାକୁ ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଚିନ୍ତାବ୍ୟକ୍ତ କରିବା ସହ ଉପ ନିର୍ବାଚନ ସମୟରେ ନୂଆପଡ଼ାରେ ନିର୍ବାଚନ ଡ୍ୟୁଟିରେ ନିୟୋଜିତ କର୍ମଚାରୀ, ପୁଲିସ ଏବଂ ସିଏପିଏଫ ଯବାନଙ୍କ ସ୍ୱାସ୍ଥ୍ୟସେବାକୁ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ପୂର୍ବରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଜିଲ୍ଲାର ସମସ୍ତ ବେସରକାରୀ ହସ୍ପିଟାଲରେ ଉପଲବ୍ଧ ଥିଲା। ଫଳସ୍ୱରୂପ ଗ୍ରାମାଞ୍ଚଳର ଗରିବ ଲୋକେ ଏହାଦ୍ୱାରା ବିଶେଷ ଭାବେ ଉପକୃତ ହୋଇ ପାରୁଥିଲେ। ତେବେ ନୂଆ ସରକାର କ୍ଷମତାକୁ ଆସିବା ପରେ ବିଏସକେୱାଇକୁ ବନ୍ଦ କରିଦେବା ସହ ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ କଲେ। ମାତ୍ର ଏହି ଯୋଜନା କାର୍ଯ୍ୟକାରୀ ହେବା ସହ ନୂଆପଡ଼ା ଜିଲ୍ଲାର ସମସ୍ତ ଘରୋଇ ହସ୍ପିଟାଲ ଯୋଜନା ଅନୁବନ୍ଧିତ ତାଲିକାରୁ ବାଦ୍ ପଡ଼ିଥିବା ଜଣାପଡ଼ିଛି। ଏପରିକି ପଡ଼ୋଶୀ ରାୟପୁରରେ ମଧ୍ୟ କୌଣସି ଘରୋଇ ହସ୍ପିଟାଲରେ ରାଜ୍ୟ ସରକାରଙ୍କ ବୀମା ଯୋଜନା ▶ପୃଷ୍ଠା-୭

# ଆଜିଠୁ ଐତିହାସିକ ବାଲିଯାତ୍ରା

## କଟକ ମହାନଦୀ ତଟରେ ଜମିବ ମୁକ୍ତାକାଶ ମେଳା

■ **କଟକ, ୪।୧୧ (ସମିସ):** ଉତ୍କଳୀୟ ପରମ୍ପରାର ମୂକସାକ୍ଷୀ, ସମୃଦ୍ଧ ନୌବାଣିଜ୍ୟ ଐତିହ୍ୟର ଅମଳିନ ସ୍ୱାକ୍ଷର ବହନ କରୁଥିବା ଐତିହାସିକ କଟକ ବାଲିଯାତ୍ରା ବୁଧବାର ଉଦ୍‌ଘାଟିତ ହେବ। ମହାନଦୀ ତଟରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ତିଥିରୁ ୮ ଦିନ ଧରି ଚାଲିବ ଏହି ମୁକ୍ତାକାଶ ମହାବାଣିଜ୍ୟ ମେଳା। ଲକ୍ଷଲକ୍ଷ ଲୋକଙ୍କ ପାଦ ପଡ଼ିବ ମେଳା ପଡ଼ିଆରେ। ଶହେ କୋଟିରୁ ଅଧିକ ଟଙ୍କାର ବେପାର ବଣିଜ୍ୟ ହେବ। ବେପାରୀମାନେ ମେଳା ପଡ଼ିଆରେ ଷ୍ଟଲ୍ ବାନ୍ଧି ସାରିଥିବା ବେଳେ ପୁଲିସ ଓ ପ୍ରଶାସନର ପ୍ରସ୍ତୁତି ମଧ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।




ବୁଧବାର ସନ୍ଧ୍ୟାରେ ଗଣକବି ବୈଷ୍ଣବ ପାଣି ମଞ୍ଚରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାଲିଯାତ୍ରାକୁ ଉଦ୍‌ଘାଟନ କରିବେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରାଜ୍ୟର ଅନେକ ବରେଣ୍ୟ ବ୍ୟକ୍ତିବିଶେଷ, ରାଜନେତାଙ୍କ ସମେତ ଇଣ୍ଡୋନେସିଆ ରାଷ୍ଟ୍ରଦୂତ ଇନା ଏଚ୍. କୃଷ୍ଣମୂର୍ତ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

ଏଥର ବାଲିଯାତ୍ରା କେବଳ ତଳପଡ଼ିଆରେ ଆୟୋଜନ ହେଉଛି। ଉପର ପଡ଼ିଆରେ ମେଳା ଆୟୋଜନ ହେବ ବୋଲି ପୂର୍ବରୁ ପ୍ରଶାସନ ଘୋଷଣା କରିଥିଲେ ହେଁ ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ବ୍ୟବସ୍ଥା ହୋଇପାରିଲା ନାହିଁ। ଏଣୁ, ତଳପଡ଼ିଆରେ ହେବାକୁ ଥିବା ୧୬୫୪ ଷ୍ଟଲ ବାଲିଯାତ୍ରାର ଆକର୍ଷଣକୁ ବଜାୟ ରଖିବ। ଚଳିତଥର ବାଲିଯାତ୍ରାରେ କଳା ଏବଂ ସଂସ୍କୃତି ସହ ସାହିତ୍ୟର ଝଲକ ଦେଖିବାକୁ ମିଳିବ। ଓଡ଼ିଆ ଭାଷା, ସାହିତ୍ୟ ଓ କାଳଜୟୀ ପୁସ୍ତକଗୁଡ଼ିକ ବିଷୟରେ ସମସ୍ତେ ଜାଣିବେ। ଓଡ଼ିଆ ଘରର ପରମ୍ପରା ସାଙ୍ଗକୁ ଲୋକ ସଂସ୍କୃତି ବିଷୟରେ ଦିଆଯିବ ବାର୍ତ୍ତା। ଏଥିପାଇଁ ଏଥର ମୁଖ୍ୟ ଆକର୍ଷଣ ସାଜିବ 'କଟକ ▶ପୃଷ୍ଠା-୭

## ମାଲକାନଗିରିରେ ପୁଣି ଲଜ୍ଜା

# ନିଶା ଦେଇ ନାବାଳିକାଙ୍କୁ ଦୁଷ୍କର୍ମ

■ **ମାଲକାନଗିରି, ୪।୧୧ (ସମିସ):** ମାଲକାନଗିରି ଜିଲ୍ଲାରେ ପୁଣି ଲଜ୍ଜା। ଜଙ୍ଗଲ ଭିତରେ ଜଣେ ନାବାଳିକାକୁ ଜୋରଜବରଦସ୍ତ ମଦ ପିଆଇ ଦୁଷ୍କର୍ମ କରାଯାଇଛି। ଏହି ଘଟଣାକୁ ନେଇ ଜିଲ୍ଲାବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ସୂଚନାନୁଯାୟୀ, ପଦ୍ମଗିରି ଅଞ୍ଚଳରେ ଜଣେ ୧୬ବର୍ଷୀୟା ନାବାଳିକା ନିଜ ସାଙ୍ଗ ସହ ସଦର ବ୍ଲକ୍ ଅନ୍ତର୍ଗତ ଯଦୁଗୁଡ଼ା ଶିବ ମନ୍ଦିରକୁ ଯାଇଥିଲେ। ସେଠାରେ ଦେବୁ ବାରୋଇ ନାମକ ଜଣେ ଯୁବକ ସହ ସେମାନଙ୍କର ଦେଖା ହୋଇଥିଲା। ନାବାଳିକାଙ୍କ ସାଙ୍ଗଙ୍କୁ ଦେବୁ ଆଗରୁ ଚିହ୍ନି ଥିବାରୁ ସେ ନିଜ ବାଇକ୍‌ରେ ଦୁହିଁଙ୍କୁ ଘରେ ଛାଡ଼ିଦେବ ବୋଲି କହିଥିଲା। ଦେବୁ କଥାରେ ଭରସା କରି ନାବାଳିକା ନିଜ ସାଙ୍ଗ ସହ ତା' ବାଇକ୍‌ରେ ବସିଥିଲେ। କିନ୍ତୁ, ଦେବୁ ବୁଲାଇନେବା ବାହାନାରେ ସେମାନଙ୍କୁ ନିକଟସ୍ଥ ଏକ ଜଙ୍ଗଲ ଭିତରକୁ



ନେଇଯାଇଥିଲା। ସେଠାରେ ଦେବୁ ସାଙ୍ଗରେ ଆଣିଥିବା ମଦ ପିଇବା ସହ ଦୁଇ ନାବାଳିକାଙ୍କୁ ଯାଚିଥିଲା। କିନ୍ତୁ ପୀଡ଼ିତାଜଣଙ୍କ ରାଜି ନ ହେବାରୁ ତାଙ୍କୁ ଜୋରଜବରଦସ୍ତି ପିଆଇ ଦେଇଥିଲା। ଏଥିରେ ନାବାଳିକାର ସାଙ୍ଗ ଦେବୁକୁ ସହଯୋଗ କରିଥିଲା। ପୀଡ଼ିତାଜଣଙ୍କ ନିଶାସକ୍ତ ହେବା ପରେ ଦେବୁ ତାଙ୍କୁ ସେଠାରେ ଦୁଷ୍କର୍ମ କରିଥିଲା। ନାବାଳିକାଜଣଙ୍କ ଘରକୁ ଫେରି ଏ ସଂପର୍କରେ ପରିବାରଲୋକଙ୍କୁ ଜଣାଇବା ▶ପୃଷ୍ଠା-୭

# ଖସୁଛି ପାରଦ, ଆସୁଛି ଶୀତ

## ଫୁଲବାଣୀ, କୋରାପୁଟରେ ୧୫ ଡିଗ୍ରୀ

■ **ଭୁବନେଶ୍ୱର, ୪।୧୧ (ସମିସ):** ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ହ୍ରାସ ପାଇବାରେ ଲାଗିଛି। ଗତ ୨ଦିନ ମଧ୍ୟରେ ରାଜ୍ୟରେ ପ୍ରାୟ ୨-୩ ଡିଗ୍ରୀ ତାପମାତ୍ରା କମିଥିବା ବେଳେ ଆଗକୁ ଏହି ସ୍ଥିତି ଜାରି ରହିବାର ସମ୍ଭାବନା ରହିଛି। ତାପମାତ୍ରା ହ୍ରାସ ହେବା କାରଣରୁ ଗତ ୨୪ ଘଣ୍ଟାରେ ଫୁଲବାଣୀ, କୋରାପୁଟ ଓ ଦାରିଙ୍ଗବାଡ଼ିରେ ତାପମାତ୍ରା ୧୫ ଡିଗ୍ରୀକୁ ଖସିଛି। ସେହିପରି କେନ୍ଦୁଝର ଓ ଝାରସୁଗୁଡ଼ାରେ ତାପମାତ୍ରା ୧୭ ଡିଗ୍ରୀ ଲେଖାଏଁ ରେକର୍ଡ କରାଯାଇଥିବା ବେଳେ ରାଉରକେଲା ଓ ଅନୁଗୁଳରେ ତାପମାତ୍ରା ୧୮ ଏବଂ ବାରିପଦା ଓ ସୁନ୍ଦରଗଡ଼ରେ ତାପମାତ୍ରା ୧୯ ଡିଗ୍ରୀ ଲେଖାଏଁ ରେକର୍ଡ କରାଯାଇଛି। ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି ଯେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଦକ୍ଷିଣ ଆଭ୍ୟନ୍ତରୀଣ ଓ ଉତ୍ତର ଆଭ୍ୟନ୍ତରୀଣ ବିଭିନ୍ନ ସ୍ଥାନରେ ଥଣ୍ଡା ଅନୁଭୂତ ହେବ। ▶ପୃଷ୍ଠା-୭

## ବିଜେପିରେ 'ହାରୁ ଘୋଡ଼ା' ନିଆଁ

# ବସନ୍ତ ଖପ୍ପା, ଦଳରେ ଫାଟ

■ **ଭୁବନେଶ୍ୱର, ୪।୧୧ (ସମିସ):** ନୂଆପଡ଼ା ଉପନିର୍ବାଚନରେ ଜୟ ଢୋଲକିଆଙ୍କ ପ୍ରାର୍ଥିତ୍ୱକୁ ଏବେ ବି ବସନ୍ତ ଏବଂ ତାଙ୍କ ପୁଅ ଅଭିନନ୍ଦନ ପଣ୍ଡା ଖୋଲା ହୃଦୟରେ ଗ୍ରହଣ କରୁ ନ ଥିବା ଚର୍ଚ୍ଚା ହେଉଛି। ଉଭୟ ପିତା-ପୁତ୍ରଙ୍କୁ ବିଭିନ୍ନ ଉପାୟରେ ବୁଝାସୁଝା କରି ବିଜେପି ନେତୃତ୍ୱ ନିର୍ବାଚନ ପରିଚାଳନା କରୁଥିବା ସମୟରେ ବସନ୍ତ ଓ ତାଙ୍କ ଅସନ୍ତୁଷ୍ଟ ସମର୍ଥକ ଶିବିରରେ ନିଆଁ ଲଗାଇଛନ୍ତି ବିଜେପିର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା। ବିଜେପି ଜିତିବା ଘୋଡାକୁ ବାଜିରେ ଲଗାଏ। ହାରିବା ଘୋଡାକୁ ପାଖକୁ ଯାଏ ନାହିଁ କି ବାଜିରେ ଲଗାଏ ନାହିଁ। ବସନ୍ତଙ୍କର କ୍ରେଜ ନାହିଁ ବୋଲି ଉଲ୍ଲେଖ କରି ପରୋକ୍ଷରେ ସେଥିପାଇଁ ଦଳ ତାଙ୍କୁ ଟିକଟ ଦେଲାନାହିଁ ବୋଲି କହିଛନ୍ତି। ପଦ୍ମଲୋଚନଙ୍କ ପ୍ରତିକ୍ରିୟା

### ହାରିବା ଘୋଡ଼ାରେ ବିଜେପି ବାଜି ଲଗାଏ ନାହିଁ

### ବସନ୍ତଙ୍କ କ୍ରେଜ୍ ନାହିଁ, ତେଣୁ ଟିକଟ ମିଳିଲାନାହିଁ

ନୂଆପଡ଼ା ବିଜେପିରେ ଆଲୋଡ଼ନ ସୃଷ୍ଟି କରିଥିବା ବେଳେ ଏହାକୁ ନେଇ ବସନ୍ତ ଏବଂ ତାଙ୍କ ସମର୍ଥକ ତୀବ୍ର ଅସନ୍ତୋଷ ପ୍ରକଟ କରିଛନ୍ତି। ଦଳର ଜଣେ ପୁରୁଖା ନେତା, ପୂର୍ବ ରାଜ୍ୟ ସଭାପତି, ସାଂସଦ ତଥା ନୂଆପଡ଼ାର ଦୁଇଥର ବିଧାୟକଙ୍କୁ ହାରିବା ଘୋଡ଼ା ଉଲ୍ଲେଖ କରି ପଦ୍ମଲୋଚନ ନୂଆପଡ଼ା ବିଜେପି ଶିବିରକୁ ଫାଳଫାଳ କରି ଦେଇଥିବା କର୍ମୀମାନେ କହିଛନ୍ତି।

ମଙ୍ଗଳବାର ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରତିକ୍ରିୟା ଦେଇ ପଦ୍ମଲୋଚନ କହିଥିଲେ ଯେ ଯିଏ ଜିତିବ ତାକୁ ପ୍ରାର୍ଥୀ କରାଯିବ। କଣ ମାନେ ଅଛି ବସନ୍ତ ପଣ୍ଡା ପୁଅକୁ ଟିକେଟ ଦିଆଯିବ। ଦଳ ଯାହା ନିଷ୍ପତ୍ତି ନେବ ତାକୁ ସମସ୍ତେ ଗ୍ରହଣ କରିବ। ଦଳ ସବୁବେଳେ ଚିନ୍ତା କରେ କାହାକୁ ପ୍ରାର୍ଥୀ କଲେ କିଏ ଜିତିବ। ସେହି ଅନୁସାରେ ପ୍ରାର୍ଥୀ ଚୟନ ହୋଇଥାଏ। କେଉଁ ଭଳି ଅସ୍ତ୍ରଶସ୍ତ୍ର ନେଇ ଯୁଦ୍ଧ କ୍ଷେତ୍ରକୁ ଯିବାକୁ ପଡିବ ▶ପୃଷ୍ଠା-୭

# ଅକାଳ ମୃତ୍ୟୁ ରୋକିବାକୁ ଅଜବ ପ୍ରଥା

## ବାହ୍ୟଜଗତରୁ ନିଜକୁ ବିଛିନ୍ନ କଲେ ଗ୍ରାମବାସୀ





■ **ନାରାୟଣପାଟଣା, ୪।୧୧ (ସମିସ):** ଅନ୍ଧବିଶ୍ୱାସ ଓ କୁ-ପ୍ରଥା ଦୂର ପାଇଁ ସରକାର ଲୋକଙ୍କୁ ସଚେତନ କରୁଛନ୍ତି। ଏଥିପାଇଁ ରାଜକୋଷରୁ କୋଟିକୋଟି ଟଙ୍କା ଖର୍ଚ୍ଚ ହେଉଛି। ହେଲେ ଅନେକ କ୍ଷେତ୍ରରେ ଏହାର ପ୍ରଭାବ ଦେଖିବାକୁ ମିଳୁନି। ଏକାବଂଶରେ ବିବାହ କଲେ ନବଦମ୍ପତିଙ୍କ ବେକରେ ଜୁଆଳି ପକାଇ ହଳ କରାଇବା ଭଳି ଆଦିବାସୀ ପରମ୍ପରାକୁ ନେଇ

### ରାସ୍ତାରେ ବାଡ଼; ଲାଗିଲା ପ୍ରବେଶ ନିଷେଧ ଫଳକ

### ବାହାର ଲୋକଙ୍କୁ ୮ ଦିନ ଗାଁ ମନା

ନିକଟ ଅତୀତରେ ଚର୍ଚ୍ଚାକୁ ଆସିଥିବା ନାରାୟଣପାଟଣା ବ୍ଲକରେ ପୁଣି ଏକ ବିଚିତ୍ର ପ୍ରଥା ଦେଖିବାକୁ ମିଳିଛି। ଗାଁରେ ଅକାଳ ମୃତ୍ୟୁ ରୋକିବା ପାଇଁ ଗ୍ରାମବାସୀ ନିଜକୁ ବାହ୍ୟଜଗତରୁ ବିଛିନ୍ନ କରି ରଖିଛନ୍ତି। ନା ନିଜେ ବାହାରକୁ ପାଦ କାଢ଼ୁଛନ୍ତି ନା ବାହାର ଲୋକଙ୍କୁ ଗାଁରେ ପୂରାଇ ଦେଉଛନ୍ତି। ଏପରିକି, ଗାଁକୁ ପ୍ରବେଶ ନକରିବାକୁ ପ୍ରବେଶ ପଥରେ ବଡ଼ବଡ଼ ▶ପୃଷ୍ଠା-୭

# ଅଚଳ ହେଲା ଓଡ଼ିଶା ଲୋକାୟୁକ୍ତ

## ଦେଢ଼ ବର୍ଷ ହେଲା ଅଧ୍ୟକ୍ଷ ନାହାନ୍ତି; ସବୁ ସଦସ୍ୟ ପଦ ଖାଲି

■ **ଭୁବନେଶ୍ୱର, ୪।୧୧ (ସମିସ):** ଦନ୍ତହୀନ ହୋଇ ପଡ଼ିଛି ଓଡ଼ିଶା ଲୋକାୟୁକ୍ତ। ଦୀର୍ଘ ଦେଢ଼ ବର୍ଷରୁ ଅଧିକ ସମୟ ହେବ ଅଧ୍ୟକ୍ଷ ପଦ ଖାଲି ପଡ଼ିଛି ଓ ଅନ୍ୟ ୫ଟି ସଦସ୍ୟ ପଦରେ ମଧ୍ୟ କାହାରିକୁ ନିଯୁକ୍ତି ଦିଆଯାଇ ନାହିଁ। ବର୍ଷାଧିକ ସମୟ ହେଲା କୌଣସି ଅଭିଯୋଗର ଶୁଣାଣି ହୋଇନାହିଁ। ଅପରପକ୍ଷରେ ଗତବର୍ଷ ଫେବୃଆରୀରେ ନୂତନ ନିଯୁକ୍ତି ପାଇଁ ପ୍ରକାଶ ପାଇଥିଲା। ହେଲେ ବିଜେପି ସରକାରକୁ ଆସିବା ପରେ ନୂତନ ନିଯୁକ୍ତି ପ୍ରକ୍ରିୟା ସେହିଠାରେ ହିଁ ଅଟକି ରହିଛି। ୧୭ ମାସ ହେବ ସରକାର ଆଉ କୌଣସି ପଦକ୍ଷେପ ନେଉ ନାହାନ୍ତି। ଫଳରେ ରାଜ୍ୟରେ ଦୁର୍ନୀତି ବଢ଼ିବା ସହ ଲୋକାୟୁକ୍ତରେ ମଧ୍ୟ ଅଭିଯୋଗ ସଂଖ୍ୟା ବଢ଼ିବାରେ ଲାଗିଛି। ଲୋକାୟୁକ୍ତର ଅଧ୍ୟକ୍ଷ ଭାବେ ଜଷ୍ଟିସ ଅଜିତ ସିଂଙ୍କ କାର୍ଯ୍ୟକାଳ




### ଶୁଣାଣି ବନ୍ଦ; ବିଚାର ଅପେକ୍ଷାରେ ୮୦୦ରୁ ଅଧିକ ମାମଲା

### ଦୁର୍ନୀତିର ପୃଷ୍ଠପୋଷକତା ଯୋଗୁଁ ନୂତନ ନିଯୁକ୍ତି ବନ୍ଦ ଅଭିଯୋଗ

୨୦୨୪ ମସିହା ଫେବୃଆରୀ ୧୯ ତାରିଖରେ ସରିଛି। ୩ଜଣ ସଦସ୍ୟଙ୍କ ମଧ୍ୟରୁ ଜଷ୍ଟିସ୍ ବିଜୟ କୁମାର ନାୟକ (ଜୁଡିସିଆଲ)ଙ୍କ କାର୍ଯ୍ୟକାଳ ମାର୍ଚ୍ଚ ୩୦ ଓ ଡ. ଦେବବ୍ରତ ସ୍ୱାଇଁଙ୍କ କାର୍ଯ୍ୟକାଳ ଏପ୍ରିଲ୍ ୪ରେ ଶେଷ ହୋଇଛି। ଅନ୍ୟତମ ସଦସ୍ୟ ଡ. ଆରପି ଶର୍ମାଙ୍କର କାର୍ଯ୍ୟକାଳ ଅଗଷ୍ଟ ୮ ତାରିଖରୁ ଶେଷ ହେଲାଣି। ଅଧ୍ୟକ୍ଷଙ୍କ କାର୍ଯ୍ୟକାଳ ସରିବାକୁ ୨୧ ମାସ ଓ ସଦସ୍ୟମାନଙ୍କ କାର୍ଯ୍ୟକାଳ ସରିବାକୁ ୧୫ମାସ ବିତିଥିଲେ ମଧ୍ୟ ସରକାର ନୂତନ ନିଯୁକ୍ତି ଦେଉନାହାନ୍ତି। କେବେ ସୁଦ୍ଧା ଲୋକାୟୁକ୍ତ ନିଯୁକ୍ତି ଦିଆଯିବ, ସେ ସମ୍ପର୍କରେ ମଧ୍ୟ କୌଣସି ସୂଚନା ନାହିଁ।

ରାଜ୍ୟରେ ଦୁର୍ନୀତି ରୋକିବା ପାଇଁ ତତ୍କାଳୀନ ବିଜେଡି ସରକାର ଲୋକାୟୁକ୍ତ ନିଯୁକ୍ତିକୁ ତ୍ୱରାନ୍ୱିତ କରିଥିଲେ। ଏଥିପାଇଁ ଗତବର୍ଷ ଫେବୃଆରୀ ୨୮ ତାରିଖରେ ଲୋକାୟୁକ୍ତ ଅଧ୍ୟକ୍ଷଙ୍କ ସମେତ ୫ଜଣ ସଦସ୍ୟଙ୍କୁ ନିଯୁକ୍ତି କରିବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଆଗ୍ରହୀ ପ୍ରାର୍ଥୀମାନେ ମାର୍ଚ୍ଚ ୧ରୁ ୧୧ ତାରିଖ ମଧ୍ୟରେ ଆବେଦନ କରିଥିଲେ। ଆବେଦନ ପତ୍ରକୁ ଯାଞ୍ଚ କରିବା ପାଇଁ ସର୍ଚ୍ଚ କମିଟି ମଧ୍ୟ ଗଠନ କରାଯାଇଥିଲା। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଭି ଗୋପାଳ ଗୌଡ଼ାଙ୍କ ▶ପୃଷ୍ଠା-୭

## ଦେଶୀ ମଦ ଭାଟି ଭଙ୍ଗାଗଲା

ପୋଡ଼ାଗଡ଼,୪।୧୧(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅଞ୍ଚଳରେ ଅବକାରୀ ବିଭାଗ ଚଢ଼ଉ କରିଛି। କୋରାପୁଟ ଅବକାରୀ ଇନ୍ସପେକ୍ଟର ସୁଧୀର କୁମାର ସାହୁଙ୍କ ନିର୍ଦ୍ଦେଶରେ ଲକ୍ଷ୍ମୀପୁର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ କୁଶ ଜାଲଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ ଆଜି ଦଶମନ୍ତପୁର ବ୍ଲକର ମାଣ୍ଡିଆ ଗୁଡା ଗ୍ରାମରେ ଚାଲିଥିବା ଦେଶୀ ମଦ ଭାଟିକୁ ଭାଙ୍ଗି ନଷ୍ଟ କରିବା ସହ ୧୨୦୦୦ ଲିଟର ପୋଚ ନଷ୍ଟ କରିବା ସହ ୧୦୦ଲିଟର ଦେଶୀ ମଦ ଜବତ କରିଛନ୍ତି। ଉକ୍ତ ଟିମ୍‌ରେ ଥିଲେ ଲକ୍ଷ୍ମୀପୁର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ କୁଶ ଜାଲ, ଏଏସଆଇ କମଳା ମହାକୁଡ. କନଷ୍ଟେବଲ ଉଷାରାଣୀ ଭତ୍ରା ଓ ଶ୍ରୁତି ବିଶ୍ୱାଳ । ଦେଶୀ ମଦ ଭାଟିକୁ ଅବକାରୀ ବିଭାଗ ଯିବା ଦେଖି ମଦ ପ୍ରସ୍ତୁତକାରୀ ଫେରାର ହୋଇଯାଇଛନ୍ତି।

## ଇତିହାସ ବିଭାଗ ଅଧ୍ୟାପକଙ୍କ ପରଲୋକ



କାକିରିଗୁମା,୪।୧୧(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ମହାବିଦ୍ୟାଳୟର ଇତିହାସ ବିଭାଗ ଅଧ୍ୟାପକ ମଧୁସୂଦନ ସାହୁଙ୍କର ସୋମବାର ମଧ୍ୟରାତ୍ରିରେ ପରଲୋକ ଘଟିଛି। ଦୀର୍ଘ ଦିନ ହେବ ସେ ଅସୁସ୍ଥ ହେଇ କଟକ ମେଡ଼ିକାଲରେ ଚିକିତ୍ସିତ ହେଉଥିଲେ। ସୋମବାର ମଧ୍ୟରାତ୍ରିରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ବର୍ଗ ପୁରୀ ସ୍ୱର୍ଗ ଦ୍ୱାରରେ ଅନ୍ତିମ ସଂସ୍କାର କରିଛନ୍ତି। ସ୍ୱର୍ଗତ ସାହୁ ଲକ୍ଷ୍ମୀପୁର ବ୍ଲକ୍ ଡୁନୁପାର ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ୧୯୯୭ ଠାରୁ ଲକ୍ଷ୍ମୀପୁର ମହାବିଦ୍ୟାଳୟରେ ଇତିହାସ ବିଭାଗ ଅଧ୍ୟାପକ ଭାବରେ ଚାକିରି ଜୀବନ ଆରମ୍ଭ କରିଥିଲେ। ମୃତ୍ୟୁ ଖବର ଶୁଣି ଅଞ୍ଚଳବାସୀଙ୍କ ସମେତ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଦୁଃଖ ପ୍ରକାଶ କରିଛନ୍ତି।

## ଅଜଣା ଗାଡ଼ି ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ

ଜୟପୁର, ୪।୧୧(ସମିସ): ଜୟପୁର ସଦରଥାନା ଅଧିନସ୍ଥ ରେଲଷ୍ଟେନସ ନିକଟସ୍ଥଅ ଓମଫେଡ୍ ପ୍ଲାଣ୍ଟ ନିକଟରେ ଏକ ଅଜଣା ଗାଡି ଧକ୍କାରେ ବାଇକ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ମୃତକ ସ୍ଥାନୀୟ ବାଙ୍କବିଜ ଗ୍ରାମର ସଂଗ୍ରାମ ପଟ୍ଟନାୟକ (୨୫)। ମୃତକ ଜିଲ୍ଲା ଚିକିତ୍ସାଳୟରେ ଏକର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ବେଳେ ଗତକାଲି ରାତିରେ କୌଣସି କାର୍ଯ୍ୟକୁ ଯାଇ ରାତି ୧୨ଟା ସମୟରେ ନିଜ ଘରକୁ ବାଇକ (ଓଡି୧୦ଏବି-୯୮୫୫) ଯୋଗେ ଯାଉଥିବା ବେଳେ କୌଣସି ଅଜଣା ଗାଡି ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଛିଟିକି ପଡି ରକ୍ତାକ୍ତ ହୋଇଥିଲେ ଏବଂ ମୃତ୍ୟୁ ହୋଇଯାଇଛି। ବିଳମ୍ବିତ ରାତିରେ ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ପରିବାର ଲୋକେ ଘଟଣାସ୍ଥଳକୁ ଯାଇ ତାଙ୍କୁ ତୁରନ୍ତ ଡାକ୍ତରଖାନା ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏଥିନେଇ ଥାନାରେ ମୃତକଙ୍କ ପିତାଙ୍କ ଲିଖିତ ଅଭିଯୋଗ କ୍ରମେ ଏକ ଦୁର୍ଘଟଣ ଜନିତ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଥିବା ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି।

### ଦୈନିକ ବଜାର ଉଦ୍‌ଘାଟନ ପାଇଁ ଦାବି

# ନ ହେଲେ ରାଜରାସ୍ତାରେ ବସିବେ ପରିବା ବେପାରୀ



ବୈପାରୀଗୁଡ଼ା,୪।୧୧(ସମିସ): ବୈପାରୀଗୁଡା ଠାରେ ପୁଣି ରାଜ ରାସ୍ତା ପାଶ୍ୱର୍ରେ ବସିଲେ ପରିବା ବେପାରୀ। ବୌପାରୀଗୁଡା ଦୌନିକ ବଜାରରେ ଅବ୍ୟବସ୍ଥାକୁ ନେଇ ପରିବା ବେପାରୀଙ୍କ ପ୍ରତିବାଦ। ବୌପାରୀଗୁଡା ସ୍ଥିତ ଦୈନିକ ବଜାରରେ ଅବ୍ୟବସ୍ଥାକୁ ନେଇ ଅଭିଯୋଗ କଲେ ବି ସମସ୍ୟା ସମାଧାନ ହେଉନି । ଏଣୁ ଆଜି ସକାଳ ୯ଟା ସମୟରେ ୩୨୬ ନମ୍ବର ଜାତୀୟ ରାଜପଥ ତଥା ବୈପାରୀଗୁଡା ମୁଖ୍ୟ ଚାରିଛକ ପାଶ୍ୱର୍ରେ ପୂର୍ବ ଭଳି ପୁଣି ପରିବା ବେପାରୀ ବସିଲେ। ଖବର ପାଇ ସଙ୍ଗେ ସଙ୍ଗେ ସ୍ଥାନୀୟ ସରପଞ୍ଚ ସୂର୍ଯ୍ୟମଣି ନାୟକ ଘଟଣା ସ୍ଥଳରେ ପହଞ୍ଚି ବେପାରୀଙ୍କୁ ବୁଝାସୁଝା କାରିଥିଲେ। ସମସ୍ତ ବେପାରରୀଙ୍କୁ ବୌପାରୀଗୁଡା ସ୍ଥିତ ଦୈନିକ ବଜାରରେ ବସିବାକୁ ଅନୁରୋଧ କରିଥିଲେ। ଅତି ଶୀଘ୍ର ସମସ୍ୟା ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ବେପାରୀ ମାନେ ରାଜରାସ୍ତା ପାଶ୍ୱର୍ରୁ ଉଠି ଦୈନିକ ବଜାରରେ ବସିଥିଲେ । ସୂଚନା ଥାଉକି ବୈପାରୀଗୁଡା ମୁଖ୍ୟ ଛକରେ ଜାତୟ ରାଜପଥ ପାଶ୍ୱର୍ ରେ ପରୀବା ବେପରୀ ବସୁଥିଲେ। ସମସ୍ତଙ୍କ ସୁବିଧା ପାଇଁ ସ୍ଥାନୀୟ ତହସିଲଦାର ସିଂଗ୍ଧା ଚୌଧୁରୀଙ୍କ ନେତୃତ୍ୱରେ ସହରରେ ଦୌନିକ ବଜାର ସ୍ଥାନ ନିରୁପଣ କରାଗଲା। ପ୍ରଶାସନ ପକ୍ଷରୁ ଭିତିଭୂମି ତଥା ପିଣ୍ଡୀ ନିର୍ମାଣ, ଆଲୋକୀକରଣ ବ୍ୟବସ୍ଥା ଚାଲିଛି। ନିର୍ମାଣ କାର୍ଯ୍ୟ ଶେଷ ହେଲେ ଦୈନିକ ବଜାର ଉଦ୍‌ଘାଟନ କାର୍ଯ୍ୟକ୍ରମ ରହିଛି। ପରିବା ବେପରୀଙ୍କ ବସିବାକୁ ସ୍ଥାନରେ ଅଭାବ ଯୋଗୁଁ ଏଭଳି ପରିସ୍ଥିତି ଉପୁଜିଛି। ଏଣୁ ଅତିଶୀଘ୍ର ଦୌନିକ ବଜାର ଉଦ୍‌ଘାଟନ ପାଇଁ ଦାବି ହେଉଛି।

## ଅଙ୍ଗନବାଡ଼ିରେ ମିଳୁନି ଅଣ୍ଡା ଓ ଛତୁଆ

ପାପଡାହାଣ୍ଡି, ୫।୧୧(ସମିସ):



ପାପଡାହାଣ୍ଡି ବ୍ଲକ ମାନିଗାଁ ପଞ୍ଚାୟତ ମୂଷାପାଲା ଅଙ୍ଗନବାଡି କେନ୍ଦ୍ର ଠାରେ ଶିଶୁ, ପ୍ରସୂତି ଓ ଗର୍ଭବତୀଙ୍କୁ ମିଳୁନି ଅଣ୍ଡା, ଛତୁଆ । ଅସନ୍ତୋଷ ମହିଳା ଘେରିଲେ ଆଙ୍ଗନବାଡି କେନ୍ଦ୍ର। ସୂଚନା ଅନୁଯାୟୀ, ଅଙ୍ଗନବାଡି କେନ୍ଦ୍ରରେ ୨୫ ଜଣ ଶିଶୁ, ୬ ଜଣ ପ୍ରସୂତି ଓ ୨ ଜଣ ଗର୍ଭବତୀ ରହିଛନ୍ତି । ଗର୍ଭବତୀ ଓ ପ୍ରସୂତି ମହିଳାକୁ ସପ୍ତାହକୁ ୩ ଟି ଲେଖାଏଁ ଅଣ୍ଡା ଓ ଶିଶୁ ମାନଙ୍କୁ ସପ୍ତାହକୁ ୫ ଦିନ ଗୋଟିଏ ଲେଖାଏଁ ସିଝା ଅଣ୍ଡା ଦେବା ନିୟମ ରହିଛି। କିନ୍ତୁ ଅଙ୍ଗନବାଡି ଦିଦି ମାସିକ ଏହାର ଖିଲାପ କରୁଛନ୍ତି। ଯାହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି । ଶିଶୁ ମାନଙ୍କୁ ଅଧା ଅଣ୍ଡା ଦେଉଥିବା ଅଭିଯୋଗ ହୋଇଛ। ଛତୁଆ, ମାଣ୍ଡିଆ ଲଡୁ ମଧ ସେଣ୍ଟରରେ ଦିଆଯାଉନଥିବା ଅଭିଯୋଗ ହୋଇଛି। ଅଙ୍ଗନବାଡି କର୍ମୀଙ୍କ ବିରୋଧରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରି ଗ୍ରାମବାସୀକୁ ନ୍ୟାୟ ପ୍ରଦାନ କରିବା ପାଇ ଗ୍ରାମର ମହିଳା ଦାବି କରିଛନ୍ତି। ଏନେଇ ଦାୟୀତ୍ୱରେ ରହିଥିବା ସିଡିପିଓ ପୁଷ୍ପାଞ୍ଜଳି ପଟ୍ଟନାୟକକୁ ଯୋଗାଯୋଗ କରିବାରୁ କ୍ଷେତ୍ର ପରିଦର୍ଶନ କରି ଏହାର ତଦନ୍ତ କରିବେ ବୋଲି କହିଛନ୍ତି।

## ପରାମର୍ଶଦାତା ତାଲିକାରେ ପଟ୍ଟାଙ୍ଗି ବିଧାୟକ

କୋରାପୁଟ,୪।୧୧(ସମିସ): ଓଡ଼ିଶା ବିଧାନସଭାରେ କଂଗ୍ରେସ ବିଧାୟକ ଦଳ ନେତା ତଥା ପଟ୍ଟାଙ୍ଗି ବିଧାୟକ ରାମ ଚନ୍ଦ୍ର କାଡ଼ାମ ସର୍ବ ଭାରତୀୟ ଆଦିବାସୀ କଂଗ୍ରେସ ଏବଂ ଟ୍ରାଇବାଲ ଆଡଭାଇଜରି କାଉନସିଲ ସଭ୍ୟ ଭାବରେ ମନୋନୀତ ହୋଇଛନ୍ତି। ଅଖିଳ ଭାରତୀୟ କଂଗ୍ରେସ କମିଟି ସଭାପତି ମାଳିକାର୍ଜୁନ ଖଡଗେଙ୍କ ଅନୁମୋଦନ ପରେ ପରାମର୍ଶଦାତା କମିଟି ଅଧ୍ୟକ୍ଷ ଡାକ୍ତର ବିକ୍ରାନ୍ତ ଭୁରିଆ ଏହି ସୂଚନା ଦେଇଛନ୍ତି। ଏହି ଖବର ପ୍ରଚାର ହେବା ପରେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, ପୁର୍ବତନ ସାଂସଦ ଜୟରାମ ପାଙ୍ଗି, ଜିଲ୍ଲା କଂଗ୍ରେସ ସଭାପତି ରୂପକ ତୁରୁକ ଅଭିନନ୍ଦନ ଜଣାଇଛନ୍ତି।

## ବୁଲିଲା ସାଇବର ସୁରକ୍ଷା ରଥ

ଲକ୍ଷ୍ମୀପୁର,୪।୧୧(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ସଦମହକୁମାରେ ଅପରାହ୍ନ ୪ଟାରେ ସାଇବର ସୁରକ୍ଷା ସଚେତନତା ରଥ ବୁଲିଛି। ଏହି ରଥକୁ ପୁରୁଣା ବସଷ୍ଟାଣ୍ଡ ଠାରୁ ବିଭିନ୍ନ ବିଦ୍ୟାଳୟରୁ ଆସି ଥିବା ଛାତ୍ରଛାତ୍ରୀ ମାନେ ମଧ ନୃତ୍ୟ ମାଧ୍ୟମରେ ସହର ପରିକ୍ରମା କରାଇଥିଲେ। ପୁରୁଣା ବସ୍‌ଷ୍ଟାଣ୍ଡ ଆମ୍ବେଦକର ଛକ ଠାରେ ଏକ ଝୁଟି ରେ ତିଆରି ସାଇବର ଚିତ୍ର ଅଙ୍କା ଯାଇ ସେଠାରେ ଫୋଟ ଉଠାଇ ସାଧାରଣ ରେ ସଚେତନ




ସୃଷ୍ଟି କରାଯାଇଥିଲା। ଏଥିରେ ସାଇବର ଡିଏସପି ପୁଷ୍ପାଞ୍ଜଳି ନିଙ୍ଗି, ଏସଡିପିଓ ମନଜ କୁମାର ବେହେରା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିଭୂତି ଭୂଷଣ ଟାକ୍ରି, ଆଇଆଇସି ସୁଜ୍ଞାନୀ ସାହୁ, ଆଇଟିଆଇ ଅଧ୍ୟକ୍ଷ ଓ ବନ୍ଧୁଗାଁ, ନାରାୟଣପାଟଣା, କାକିରିଗୁମା ଥାନା ଅଧିକାରୀ ଓ ଲକ୍ଷ୍ମୀପୁର ଥାନା କର୍ମଚାରୀ ଏହି କାର୍ଯ୍ୟକ୍ରରେ ନିୟୋଜିତ ହୋଇଥିଲେ । କୁଇଜ୍ ଓ ଡ୍ରଇଂ ପ୍ରତିଯୋଗୀତା ମଧ ଛାତ୍ର ଛାତ୍ରୀ ମାନଙ୍କୁ ନେଇ କରାଯାଇ ସେମାନଙ୍କୁ ଏକ ମାନପତ୍ର ମଧ ପ୍ରଦାନ କରାଯାଇ ଥିଲା। ଏହାକୁ ପରିଚାଳନା କରି ଥିଲେ ବିଜ୍ଞାନ ଶିକ୍ଷକ ଗୋଲକ ଲେଙ୍କା।



ରାୟଗଡ଼ା ରେଲଷ୍ଟେସନରୁ ଗଞ୍ଜେଇ ଜବତ

## ବାଇକ୍ ଚୋରି କରି ଫେରାର ବେଳେ ଦୁର୍ଘଟଣାରେ ଚୋର ଗୁରୁତର



ବୈପାରିଗୁଡ଼ା,୪।୧୧(ସମିସ): ବାଇକ୍ ଚୋରି କରି ଫେରାର ହେଉଥିବା ବେଳେ ବସ୍ ସହ ଧକ୍କା ହୋଇ ଚୋର ଗୁରୁତର। ଗୁରୁତରଙ୍କୁ ବୈପାରିଗୁଡା ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ବୈପାରିଗୁଡା ବ୍ଲକ ମହୁଲି ପଞ୍ଚାୟତର ବିଚଲକୋଟା ଗ୍ରାମରେ ଆଜି ଅପରାହ୍ନ ୩ଟା ସମୟରେ ଘଟିଛି ଏହି ଘଟଣା । ବିଚଲକୋଟା ଗ୍ରାମର ଲିପୁ ମହାପାତ୍ର ନିଜ ବାଇକ୍ ଘର ସାମ୍ନାରେ ରଖିଥିବା ବେଳେ ଜଣେ ଚୋର ବାଇକ୍ ଚୋରି କରି ଫେରାର ହୋଇଯାଇଥିଲା। ଚୋର ବିଚଲକୋଟାରୁ ବାଇକ୍ ନେଇ ବୈପାରିଗୁଡା ଆଡ଼କୁ ଆସୁଥିବା ବେଳେ ମହୁଲି ଘାଟିରେ ଗୋଟିଏ ବସ୍ ସହିତ ଧକ୍କା ହୋଇଥିଲା। ଫଳରେ ଗୁରୁତର ଆହତ ହୋଇ ରାସ୍ତା କଡ଼ରେ ପଡ଼ି ରହିଥିଲା। ମେଡ଼ିକାଲରେ ଚିକିତ୍ସା ପରେ ଚୋରର ପରିଚୟ ପଚାରିବାରୁ ସେ ମାଲକାନଗିରି ଜିଲ୍ଲାର ମାଟିଗୁଡା ଗ୍ରାମର ରଞ୍ଜନ ବୋଲି ଜଣାପଡିଛି । ରଂଜନ ଜଣେ ମାନସିକ ରୋଗୀ ବୋଲି ପରିବାର ଲୋକେ କହିଥିଲେ। ସେ କାହାକୁ କିଛି ନ କହି ଘରୁ ବାହାରିଛି ବୋଲି ଜଣାପଡିଛି ।

## ନାବାଳିକା ଅପହରଣ, ଦୁଷ୍କର୍ମ ମାମଲା: ଜଣେ ଗିରଫ

ଜୟପୁର, ୪ ।୧୧(ସମିସ): ଜୟପୁର ସଦରଥାନା ଅଞ୍ଚଳର ଜୈନିକା ୧୬ ବର୍ଷିୟା ନାବାଳିକାକୁ ଅପହରଣ ଏବଂ ଦୁଷ୍କର୍ମ ଅଭିଯୋଗରେ ଆଜି ଜୟପୁର ସଦରଥାନା ପୁଲିସ ଜଣେ ଅଭିଯୁକ୍ତ ସାନ ଜିଉନା ଗ୍ରାମର ସୁନିଲ ହରିଜନ ଓରଫ ଶଗରିଆ (୨୦) କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ପୁଲିସ ସୂଚନା ଅନୁଯାୟୀ ଉମୁରୀ ଗ୍ରାମର ଜୈନିକା ନାବାଳିକାଙ୍କ ପିତା ଚିକିତ୍ସାଳୟ ସମ୍ମୁଖରେ ଥିବା ଚା ଦୋକାନ ବନ୍ଦ କରିବା ସହ ନିଜ ଘରକୁ ଯାଇ ତାଙ୍କ ନାବାଳିକା ଝିଅ ଘରକୁ ଫେରି ନଥିବା ଦେଖିବାକୁ ପାଇଥିଲେ। ଏହାପରେ ସେ ଏବଂ ପରିବାର ଖୋଜାଖୋଜି କରିଥିଲେ, କିନ୍ତୁ ଝିଅକୁ ପାଇନଥିଲେ। ସୂଚନା ପାଇଥିଲେ ଯେ, ସାନ ଜିଉନା ଗ୍ରାମର ଅଭିଯୁକ୍ତ ସୁନିଲ ଏବଂ ତାଙ୍କ ଦୁଇ ସାଙ୍ଗ ନାବାଳିକାକୁ ଅପହରଣ କରିଛନ୍ତି। ଏହି ଘଟଣା ଗତମାସ ୩୧ ତାରିଖରେ ହୋଇଥିବା ବେଳେ ଗତ ୧ ତାରିଖରେ ନାବାଳିକାଙ୍କ ପିତା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏଥିନେଇ ଏକ ଅପହରଣ ମାମଲା ରୁଜୁ କରିଥିବା ବେଳେ ଅଭିଯୁକ୍ତଙ୍କୁ ତାଙ୍କ ଗ୍ରାମରୁ ଗତକାଲି ଗିରଫ କରିଥିବା ବେଳେ ନାବାଳିକାଙ୍କୁ ଉଦ୍ଧାର କରିଛନ୍ତି। ଉଭୟଙ୍କ ଡାକ୍ତର ମାଇନା ପରେ ନାବାଳିକାଙ୍କୁ କୋରାପୁଟ ଶିଶୁ କଲ୍ୟାଣ କମିଟି ସମ୍ମୁଖରେ ହାଜର କରାଯାଇଛି ବୋଲି ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## ପିକ୍‌ଅପ ଭ୍ୟାନ- ବାଇକ୍ ଧକ୍କା, ଜଣେ ମୃତ,

ଡାବୁଗାଁ, ୪।୧୧(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ଅଧୀନ ନିର୍ମାଣାଧୀନ ଭାରତମାଳା ରାସ୍ତାରେ ନନ୍ଦପୁରା ଗ୍ରାମ ନିକଟରେ ମଙ୍ଗଳବାର ଅପରାହ୍ନ ୧ଟା ସମୟରେ ପିକ୍-ଅପ୍ ଭ୍ୟାନ ଓ ମୋଟରସାଇକଲ ଦୁର୍ଘଟଣା ଘଟି ଜଣେ ମୃତ୍ୟୁବରଣ କରିଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି । ସୂଚନା ଅନୁଯାୟୀ, ଡାବୁଗାଁ ବ୍ଲକ ଅଧୀନ ଭାରତମାଳା ରାସ୍ତାରେ ନବରଙ୍ଗପୁର ଆଡୁ ଉମରକୋଟ ଅଭିମୁଖେ ଏକ ପିକ-ଅପ ଭ୍ୟାନ ନଂ ସିଜି ୦୫ ଏଡି ୧୨୭୬ ଯାଉଥିବା ବେଳେ ବିପରୀତ ଦିଗରୁ ଉମରକୋଟ ଥାନା ଅଧୀନ ଧୋଡ୍ରା ଗ୍ରାମର ଅଭିମନ୍ୟୁ ମଙ୍ଗଲୀ ଓ ତାଙ୍କ ସାଙ୍ଗ ନବନ ପଢିଆରୀ ଏକ ମୋଟରସାଇକେଲ ନଂ ଓଡି ୨୪ ଜେ ୫୦୩୩ଙ୍କ ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଘଟଣାସ୍ଥଳରେ ଅଭିମନ୍ୟୁ ମଙ୍ଗଲୀ (୨୨) ଙ୍କ ମୃତ୍ୟୁ ଘଟିଥିଲା ଓ ଆହତ ନବନ ପଢିଆରୀଙ୍କୁ ଆମ୍ବୁଲାନ୍ସ ଯୋଗେ ନେଇ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କୋରାପୁଟ ସହିଦ ଲକ୍ଷ୍ମଣ ନାଏକ ମେଡିକାଲ କେଲେଜ କୁ ସ୍ଥାନାନ୍ତର କରାଯାଇଛି । ଖବରପାଇ ଡାବୁଗାଁ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚିଥିଲେ । ସେଠାରେ କ୍ଷତି ପୂରଣ ଦାବିକରି ଶବ ଛାଡୁନଥିଲେ । ପରେ ଉପଖଣ୍ଡ ପୋଲିସ ଅଧିକାରୀ ଶୁଭେନ୍ଦୁ ଶବର, ଡାବୁଗାଁ ଥାନା ସବଇନିସ୍ପେକ୍ଟର ଚନ୍ଦନ ସାହୁ, ଏଏସଆଇ ଗୋପାଳକୃଷ୍ଣ ହାଲୱା ଓ ଶିଂସାରି ଫାଣ୍ଡି ଅଧିକାରୀ ହରିହର ଭତ୍ରା ପ୍ରମୁଖ ବିଝାସୁଝା କରିବାପରେ ପରିବାର ଲୋକେ ଶବ ଛାଡିଥିଲେ। ପରେ ପୋଲିସ ଶବ ପଞ୍ଚନାମା କରି ବ୍ୟବଚ୍ଛେଦ ପାଇଁ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟ କୁ ପଠାଇଥିଲେ। ଏନେଇ ମୃତକ ର ବଡଭାଇ ସୁଧୀର ମଙ୍ଗଲୀ ଆଜି ସନ୍ଧ୍ୟାରେ ଡାବୁଗାଁ ଥାନାରେ ଏତଲା ଦେଇଥିଲେ । ଉକ୍ତ ଏତଲାକୁ ଭିତ୍ତି କରି ଥାନା କେସ ନଂ ୨୨୫/୨୫ ରେ ଏକ ମାମଲା ରୁଜୁ କରାଯାଇଛି । ଆସନ୍ତାକାଲି ବୁଧବାର ଦିନ ଶବ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି ।

■ ଚାଲିଛି ତେଲୁଗୁ ଫିଲ୍ମ ସୁଟିଂ

## କାଳିଆମାଳି ପାହାଡ଼ରେ ଆନ୍ଧ୍ର ସିନେ ତାରକା

ନାରାୟଣପାଟଣା, ୪।୧୧(ସମିସ): ନାରାୟଣପାଟଣା ବ୍ଲକ ବିଜାଘାଟୀ ପଞ୍ଚାୟତ ଅନ୍ତର୍ଗତ କାଳିଆ ମାଳି ପାହାଡକୁ ଫିଲ୍ମ ନିର୍ମାତାଙ୍କ ପାଇଁ ଆକର୍ଷଣ ପାଲଟିଛି । ଏଠାକାର



ପରିବେଶ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପରେ ନିତିଦିନ ଶହ ଶହ ପର୍ଯ୍ୟଟକ ଆସୁଥିବା ଦେଖିବାକୁ ମିଳିଛି। ଏହି ସୁଉଚ ସବୁଜିମା ପାହାଡ କାଶ୍ମୀର ଠାରୁ କମ୍ ନୁହେଁ। ଏଥିପାଇଁ ଗତକାଲି ଠାରୁ ଆନ୍ଧ୍ର ପ୍ରଦେଶର ଜଣାଶୁଣା ଫିଲ୍ମ ନିର୍ମାତା ଜାନେକିରାମ ମାରେଲାଙ୍କ ନିର୍ଦ୍ଦେଶିତ କମରେଡ୍ କଲ୍ୟାଣ ତେଲୁଗୁ ଫିଲ୍ମ ନିର୍ମାଣ କରୁଛନ୍ତି। ଏହି ଚଳଚିତ୍ରର କିଛି ସୁଟିଂଙ୍ଗ ନାରାୟଣପାଟଣା ବ୍ଲକ ବିଜାଘାଟି ପଞ୍ଚାୟତର କାଲିଆ ମାଳି ପାହାଡରେ ଚାଲିଛି। ଚଳଚିତ୍ରରେ ହିରୋ ଭାବେ ଶ୍ରୀ ବିଷ୍ଣୁ ରହିଛନ୍ତି। ୧୫ରୁ ଅଧିକ ଗାଡ଼ି ସହ ପୁରା ନିର୍ମାତାର ସେଟ୍ ଅପ୍ ସାଙ୍ଗରେ ଅପରାହ୍ନରୁ ରାତି ଯାଏଁ ଚାଲିଛି ସୁଟିଂ। ମାଓବାଦୀଙ୍କ ଆମ୍ କାହାଣୀକୁ ନେଇ ଏଇ ଚଳଚ୍ଚିତ୍ର ସୁଟିଂ ଜୋରସୋରରେ ଚାଲିଛି। ଖାଲି କାଲିଆ ମାଳି ପାହାଡ ନୁହେଁ, କୋରାପୁଟର ବିଭିନ୍ନ ସ୍ଥାନରେ ଏହି ଚଳଚ୍ଚିତ୍ରର ବିଭିନ୍ନ ସିନ୍ ସୁଟିଂ କରାଯିବ ବୋଲି ନିର୍ମାତା ଅଧିକାରୀ କହିଛନ୍ତି। ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଏଠାକୁ ଗ୍ରସ୍ତ କରି ଏହି ପହାଡକୁ ପର୍ଯ୍ୟଟନ ସ୍ଥଳୀ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଏକ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିବାକୁ ଯୋଜନା କରିଥିବା ଜଣାପଡ଼ିଛି।

## ସାଇବର ଅପରାଧ ସୁରକ୍ଷା ସଚେତନତା

କାକିରିଗୁମା,୪।୧୧(ସମିସ): କୋରାପୁଟ ଜିଲ୍ଲା କାକିରିଗୁମା ଥାନା ପକ୍ଷରୁ ମଙ୍ଗଳବାର ସାଇବର ଅପରାଧ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଥାନା ଅଧକାରୀ ସୁନୀଲ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ପୁଲିସ ମୁଖ୍ୟାଳୟର ଡିଏସପି ପୁଷ୍ପାଞ୍ଜଳି ନିଙ୍ଗି, ଲକ୍ଷ୍ମୀପୁର ଏସଡିପିଓ ମନୋଜ କୁମାର ବେହେରା ,ବନ୍ଧୁଗାଁ ଥାନା ଅଧିକାରୀ ପ୍ରସନ୍ନ ମିଶ୍ର ଉପସ୍ଥିତ ରହି ଥାନାଠାରୁ ଏଟିଏମ ଦେଇ ଛାତ୍ରଛାତ୍ରୀ ମାନେ ସଚେତନତା ଶୋଭା ଯାତ୍ରାରେ ଆସି କାକିରିଗୁମା ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ଥିଲେ। ସାଇବର ଅପରାଧ ସୁରକ୍ଷା ସଚେତନତା କରିଥିଲେ। ଆଜିର ଡିଜିଟାଲ ଯୁଗରେ ସାଇବର ସୁରକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ ସୋଇଛି। ଏହା କେବଳ ସରକାର କିମ୍ବା ପୁଲିସ୍ ର ଦାୟୀତ୍ୱ ନୁହେ ପ୍ରତ୍ୟେକ ନାଗରିକ ମଧ ସଚେତନ ରହିବା ଓ ଅନଲାଇନ ତଥ୍ୟ ସୁରକ୍ଷିତ ଉପରେ ଗୁରୁତ୍ୱାରୋପ କରିଥିଲେ ସାଇବର ଅପରାଧୀ ମାନେ ବିଭନ୍ନ ଉପାୟରେ ଅବଲମ୍ବନ କରି ସାଧାରଣ ଲୋକଙ୍କୁ ମାନେ ଠକାମୀର ଶୀକାର ହେଉଛନ୍ତି। ଏଏସ ଆଇ ଜିତେନ୍ଦ୍ର କୁମାର, ସୁରେନ୍ଦ୍ର ବାଡ୍ରିଆ ଏବଂ ଅନ୍ୟାନ୍ୟ କର୍ମଚାରୀ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

## ଜଙ୍ଗଲ ଜାତ ଦ୍ରବ୍ୟ ବ୍ୟବସାୟ ଓ ପ୍ରକ୍ରିୟାକରଣ ବୈଠକ



କୁନ୍ଦୁରା, ୪।୧୧(ସମିସ): ସ୍ଥାନୀୟ ଆସନା ପଞ୍ଚାୟତ ସଦର ମହିଳା ମହାସଂଘ ସଭାଗୃହ ଠାରେ ଆସନା ବନଧନ ବିକାଶ କେନ୍ଦ୍ରର ଏକ ବୈଠକ ହୋଇଥିଲା । ସଭାନେତ୍ରୀ ପଦ୍ମା ସାନ୍ତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପିଏଆଇଟିଡିଏ ଜୟପୁରର ତୃପ୍ତି ବରାଇ, ଏଡିଡବ୍ଲ୍ୟୁ ଓ ଯୋଜନା ବେହେରା, ସବ୍‌ଜେଟ ମ୍ୟାଟେରିଆଲ ସ୍ପେସିଆଲ ଧନୁର୍ଜୟ ସାହୁ, ବିକାଶ କେନ୍ଦ୍ର ଗଠନ ଓ ପରିଚାଳନାରେ ସହାୟତାକାରୀ ଅନୁଷ୍ଠାନ ସିୱାଇଏସ୍‌ଡି ପ୍ରୟାସ ପ୍ରକଳ୍ପର କାର୍ଯକ୍ରମ ସଂଯୋଜକ ଅଜିତ ବିଶୋୟୀ, ଏଣ୍ଟରପ୍ରାଇସ ଏକ୍ସପୋର୍ଟ ରାକେଶ କୁମାର ସାହୁ, ବ୍ଲକ ଜିବିକା ବିଶାରଦ ପ୍ରକାଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଜଙ୍ଗଲ ଜାତ ଦ୍ରବ୍ୟ ଟୋଲ, ତେନ୍ତୁଳିର ଗୋଷ୍ଠୀଗତ ବ୍ୟବସାୟ ଏବଂ ଶାଳ ଓ ଶିଆଳି ପତ୍ରରେ ଖଲି ପ୍ରସ୍ତୁତ କରି ବ୍ୟବସାୟ କରିବା ଆଦି ବିଷୟରେ ଆଲୋଚନା ହୋଇଥିଲା । ତେନ୍ତୁଳି ପ୍ରକ୍ରିୟା କରଣ, ଟୋଲରେ ତେଲ ପ୍ରସ୍ତୁତ କରିବା ଓ ଖଲି ପ୍ରସ୍ତୁତ ନିମନ୍ତେ ସରକାରଙ୍କ ପକ୍ଷରୁ କଳ ଯୋଗାଇ ଦିଆଗଲେ ଏ ସବୁ ଦ୍ରବ୍ୟ ସରକାରୀ ଦରରେ କିଣି ପ୍ରକ୍ରିୟାକରଣ କରାଯାଇପାରିବ। ଏହା ଦ୍ୱାରା ଅଞ୍ଚଳର ଲୋକେ ଲାଭବାନ ହୋଇ ପାରିବେ। ଏହାକୁ ନେଇ ପିଏଆଇଟିଡିଏ ଶ୍ରୀମତୀ ବୋରାଇ କଳ ସୁରକ୍ଷିତ ରଖି ସୁପରିଚାଳନା ପାଇଁ ଗୃହ ଏବଂ ବିଦ୍ୟୁତ ସୁବିଧା କରାଗଲେ ସରକାରଙ୍କ ପକ୍ଷରୁ ଏ ସବୁ କଳ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବିକାଶ କେନ୍ଦ୍ରରେ ୧୨ଟି ଗାଁର ୨୭ଟି ଏସ୍‌ଏଚ୍‌ଜି ରୁ ୨୭୦ ମହିଳା ସଦସ୍ୟ ରହିଛନ୍ତି। ମହିଳା ମାନଙ୍କ ଜୀବନଜୀବିକାରେ ଦୀର୍ଘସ୍ଥାୟୀ ହୋଇପାରିବେ ସେ ନେଇ ଗଠିତ ହୋଇଥିବା ଏହି କେନ୍ଦ୍ରର ସମସ୍ତ କମିଟି ସଦସ୍ୟ ଆଜିର ବୈଠକରେ ଉପସ୍ଥିତ ଥିଲେ। ୟୁଥ ପ୍ରଫେସନାଲ ଶୁଭଶ୍ରୀ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସି ୱାଇ ଏସ୍ ଡି ଗୋଷ୍ଠୀ ସମ୍ବଳ କର୍ମୀ ପୁଷ୍ପଲତା ବିଶୋୟୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମୁଦ୍ରିକ ବିଜ୍ଞାନ ବିଭାଗ ପକ୍ଷରୁ ଦୁଇଟି ନୂଆ ଆମ୍ଫିପଡ୍ ଆବିଷ୍କାର

ବ୍ରହ୍ମପୁର,୪।୧୧(ସମିସ):

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସାମୁଦ୍ରିକ ବିଜ୍ଞାନ ବିଭାଗ ଏବଂ ଗୁଜୁରାଟ ବିଶ୍ୱବିଦ୍ୟାଳୟର ଗବେଷକଙ୍କ ମିଳିତରେ ଦୁଇଟି ନୂଆ ପ୍ରଜାତିର ଆମ୍ଫିପଡ୍ ଆବିଷ୍କାର କରିଛନ୍ତି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସାମୁଦ୍ରିକ ବିଜ୍ଞାନ ବିଭାଗର ଗବେଷକ ମାନଙ୍କଦ୍ୱାରା ଚିଲିକା ନିକଟସ୍ଥ ରମ୍ଭା ଅଂଚଳରୁ ଗତବର୍ଷ ୨୦୨୪ ଜାନୁଆରୀରେ ଏହି ପ୍ରଜାତିର ଆମ୍ଫିପଡ୍ ସଂଗ୍ରହ କରିଥିଲେ। ସେହିପରି ଏହି ପ୍ରଜାତିର ଆମ୍ଫିପଡ୍‌ର ଗୁଜୁରାଟର ଖମ୍ଭାଟ ଉପସାଗରରୁ ୨୦୨୪ ମାର୍ଚ୍ଚ ମାସରେ ସଂଗ୍ରହ ହୋଇଥିଲା। ଏହାକୁ ଉଭୟ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ପରୀକ୍ଷା ନିରୀକ୍ଷା କରାଯାଇଥିଲା। ପରେ ଉଭୟ ପ୍ରତିଷ୍ଠାନ ତଥ୍ୟକୁ ଆଦାନ ପ୍ରଦାନ କରିବା ସହ ପରୀକ୍ଷା ନିରୀକ୍ଷା କରିଥିଲେ। ଉଭୟଙ୍କ ପରୀକ୍ଷା ନିରୀକ୍ଷା ତଥ୍ୟକୁ ଅଧିକ ତଥ୍ୟ ଜାଣିବା ପାଇଁ ଆୟରଲାଣ୍ଡ ୟୁନିଭରସିଟି କଲେଜ କର୍କ'ର ପ୍ରସିଦ୍ଧ ବୈଜ୍ଞାନିକ ପ୍ରଫେସର ଆଲ୍ଲାନ ମାୟର୍ସଙ୍କୁ ପ୍ରଦାନ କରିଥିଲେ। ବୈଜ୍ଞାନିକ ଆଲ୍ଲାନ ଏହାରି ଉପରେ ଅଧିକ ଗବେଷଣା କରି ତଥ୍ୟ ସଂଗ୍ରହ କରିବା ପରେ ଏହି ପ୍ରଜାତିର ଭିନ୍ନ ଦୁଇଟି ପ୍ରଜାତିର ବୋଲି ଦର୍ଶାଇଥିଲେ। ପରେ ଏହି ଦୁଇଟି ନୂତନ ପ୍ରଜାତିର ହୋଇଥିବାରୁ ଅନ୍ତର୍ଜାତୀୟ ଜୁଟାକ୍ସା ପତ୍ରିକାରେ ଚଳିତମାସ ୩ତାରିଖରେ ସ୍ଥାନିତ ପାଇଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମୁଦ୍ରିକ ବିଜ୍ଞାନ ବିଭାଗର ପରୀକ୍ଷା ଗାରରେ ଡ଼.ଶେଷଦେବ ପାତ୍ର,ଡ଼. ଗୀତାଞ୍ଜଳି ଭୋଇ ଓ ଆର୍. କିରଣ କୁମାର ରହି ପରୀକ୍ଷା ନିରୀକ୍ଷା କରିଥିଲେ ଯେ ଏହାର ଲମ୍ବ ୫.୫ ରୁ ୬ ମିମି ରହିଥାଏ। ଏମାନେ ପ୍ରାକୃତିକ ପରିଷ୍କାର ପ୍ରକ୍ରିୟାରେ ଅଂଶଗ୍ରହଣ କରି ପରିସ୍ଥିତି ନିୟନ୍ତ୍ରଣ କରି ସ୍ୱାସ୍ଥ୍ୟରକ୍ଷାରେ ଭୂମିକା ନିଭାଇଥାନ୍ତି। ଏମାନଙ୍କୁ ଛୋଟ ଛୋଟ ମାଛ ଓ ପକ୍ଷୀ ଖାଦ୍ୟ ଭାବେ ଖାଆନ୍ତି। ଏମାନଙ୍କ ରଙ୍ଗ ମାଟିଆ ଓ ଧଳା ହୋଇଥିବା ବେଳେ ୧୪ହଳ ଗୋଡ଼ ରହିଥାଏ। ଏମାନେ ଲୁଣି ପାଣି କୁଳିଆ ଅଞ୍ଚଳରେ ରହିବା ସହ ସମୁଦ୍ରର ଗଭୀର ସ୍ଥାନରେ ରୁହନ୍ତି। ଅଧିକରୁ ଅଧିକ ଗବେଷଣା ଓ ପରୀକ୍ଷା ନିରୀକ୍ଷା କରାଯିବା ସହ ଏହାର ନାମ କରଣ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ସିଡ଼ଫଣ୍ଡ ଗ୍ରାଣ୍ଟ ପକ୍ଷରୁ ଅନୁଦାନ ଦେଇଥିବାରୁ ପ୍ରଥମ ଗବେଷଣା ଆରମ୍ଭ କରିଥିବାରୁ ଏହାର ନାମକରଣ ଗ୍ରାଣ୍ଡିଡ଼ିଏଲ୍ଲା ଗୀତାଞ୍ଜଲାଇ ନାମକରଣ ରଖାଯାଇଥିବା ବିଭାଗର ଡ଼.ଶେଷଦେବ ପାତ୍ର ସୂଚନା ଦେଇଛନ୍ତି। ଏହି ପ୍ରଜାତିକୁ ଗୁଜୁରାଟର ହେମଚନ୍ଦ୍ରାଚାର୍ଯ୍ୟ ଉତ୍ତର ଗୁଜରାଟ ବିଶ୍ୱବିଦ୍ୟାଳୟର ଡ. ଜିଗ୍ନେଶ କୁମାର, ଏନ୍. ତ୍ରିବେଦୀ ଓ ଡ଼.ଡିମ୍ପଲ୍ ଠାକର ପରୀକ୍ଷା ନିରୀକ୍ଷା କରିଥିଲେ। ଗୁଜୁରାଟର ଖମ୍ଭାଟ ଉପକୂଳରୁ ମିଳିଥିବାରୁ ଏହାର ନାମ କରଣ ଗ୍ରାଣ୍ଡିଡ଼ିଏଲ୍ଲା ଖାମ୍ଭୋଟେନସିସ ନାମ କରଣ ରଖାଯାଇଛି। ବିଶ୍ୱବିଦ୍ୟାଳୟ ସାମୁଦ୍ରିକ ବିଜ୍ଞାନ ବିଭାଗ ପୂର୍ବରୁ ୫ଟି ଆମ୍ଫିପଡ୍ ଆବିଷ୍କାର କରିଥିବା ବେଳେ ଏହି ଦୁଇଟି ମିଶାଇ ୭ଟି ଆମ୍ଫିପଡ୍ ଆବିଷ୍କାର କରିଥିବା ଡ଼.ପାତ୍ର କହିଛନ୍ତି।

## ସରକାରୀ ମତ୍ସ୍ୟ ପ୍ରଜନନ ଓ ଯାଆଁଳ ଉତ୍ପାଦନ କେନ୍ଦ୍ର

# ମାଛ ଯାଆଁଳ ବଦଳରେ ପୋଖରୀରେ ଖେଳୁଛନ୍ତି ସରୀସୃପ

**ଡେରାବିଶ, ୪।୧୧(ସମିସ)**

ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅନ୍ତର୍ଗତ ବଳଭଦ୍ରପୁରଠାରେ ପ୍ରତିଷ୍ଠା ହୋଇଛି ସରକାରୀ ମତ୍ସ୍ୟ ପ୍ରଜନନ ଓ ଯାଆଁଳ ଉତ୍ପାଦନ କେନ୍ଦ୍ର। ଦୀର୍ଘବର୍ଷ ପୂର୍ବରୁ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି କେନ୍ଦ୍ରର ମରାମତି, ପୁନରୁଦ୍ଧାର ଓ ଭିତ୍ତିଭୂମି ଉନ୍ନତୀକରଣ ପାଇଁ ୨୦୨୩-୨୪ରେ ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ୬୫ ଲକ୍ଷ ୫୮ ହଜାର ଟଙ୍କା ବ୍ୟୟବରାଦ କରାଯାଇଥିଲା। ଏହି ଅର୍ଥରେ କେନ୍ଦ୍ର ମଧ୍ୟରେ ଏକ କାର୍ଯ୍ୟାଳୟ, ଜଗୁଆଳୀ ଗୃହ, ଏହା ପରିସରକୁ କଣ୍ଟାବାଡ଼ ଦ୍ୱାରା ଆଚ୍ଛାଦିନ କରିବା, ପ୍ରତ୍ୟେକ ପୋଖରୀ ମୁଣ୍ଡକୁ ସୋଲାର ଲାଇଟ୍ ଦ୍ୱାରା ଆଲୋକୀକରଣ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପୂର୍ବରୁ ରହିଥିବା ପୋଖରୀକୁ ସଫା କରି ସେଥିରେ ଡେରାବିଶ ବ୍ଲକ ମତ୍ସ୍ୟଚାଷୀଙ୍କ ନିମନ୍ତେ ମତ୍ସ୍ୟ ପ୍ରଜଜନ କରବା ଓ ଯାଆଁଳ ଉତ୍ପାଦନ କରିବାକୁ ସ୍ଥିର ହୋଇଥିଲା। ଅନ୍ୟ ସବୁ କାର୍ଯ୍ୟ ସଠିକ୍ ଭାବେ ହୋଇଥିଲେ ମଧ ଏହା ପରିସରରେ ରହିଥିବା ୯ଟି ଗଡ଼ିଆ ମଧ୍ୟରୁ ୫ଟି ସଠିକ୍ ଭାବେ ସଫେଇ ହୋଇଥିବାବେଳେ ଗୋଟିଏ ପୋଖରୀ ଅଧା ସଫେଇ ହୋଇଥିଲା। ଅନ୍ୟ ତିନୋଟି ପୋଖରୀ ଏବେ ସଫେଇ ନ ହୋଇ ଅଳିଆ ଆବର୍ଜନା ହୋଇ ପଡ଼ିରହିଥିବା ଦେଖିବାକୁ ମିଳିଛି। ଏପରିକି ଏହି ପୋଖରୀରେ ଏବେ ମାଛ ଯାଆଁଳ ବଦଳରେ ସରୀସୃପଙ୍କ ଛୁଆ ଖେଳୁଥିବା ଦେଖିବାକୁ ମିଳିଛି।



ଅନ୍ୟପକ୍ଷରେ ଏବେ ଡେରାବିଶ ବ୍ଲକ ଅଞ୍ଚଳର ବହୁ ମତ୍ସ୍ୟ ଚାଷୀ ଭଲ ମାଛ ଯାଆଁଳ ପାଉ ନ ଥିବାବେଳେ ବହୁ ଅସାଧୁ ବ୍ୟବସାୟୀ ସେମାନଙ୍କୁ ଭଲ ମାଛ ଯାଆଁଳ ଯୋଗାଇ ଦେବା ବାହାନାରେ ଠକୁଛନ୍ତି। ଏପରିକି ମତ୍ସ୍ୟଚାଷୀ ବାହାରୁ କିଣୁଥିବା ମାଛ ଯାଆଁଳ ଦ୍ୱାରା ଆଶାନୁରୂପ ଲାଭ ପାଇପାରୁ ନ ଥିବା ପ୍ରକାଶ କରିଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ସରକାରଙ୍କ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଇ ପୁନରୁଦ୍ଧାର ହୋଇଥିବା ଏହି ମତ୍ସ୍ୟ ଯାଆଁଳ କେନ୍ଦ୍ର କେବେ କାର୍ଯ୍ୟକ୍ଷମ ହେବ? ତୁରନ୍ତ ଏହି ମତ୍ସ୍ୟ ଯାଆଁଳ କେନ୍ଦ୍ରକୁ କାର୍ଯ୍ୟକ୍ଷମ କରାଯାଇ ଡେରାବିଶ ବ୍ଲକ ଅଞ୍ଚଳର ମତ୍ସ୍ୟଚାଷୀଙ୍କ ଯାଆଁଳ ଆବଶ୍ୟକତା ପୂରଣ କରିବା ପାଇଁ ଅଞ୍ଚଳର ମତ୍ସ୍ୟଚାଷୀ ଦାବି କରିଛନ୍ତି।

## ଜୁଆଣିଆରେ ମାର୍କେଟ କମ୍ପ୍ଲେକ୍ସ ଭାଙ୍ଗିଲା ତହସିଲ ପ୍ରଶାସନ



**ଆଳି/ଗୋବିନ୍ଦପୁର, ୪।୧୧(ସମିସ):** ଆଳି ତହସିଲ ଅନ୍ତର୍ଗତ ଜୁଆଣିଆ ପଞ୍ଚାୟତର ମହିଳୁଆଣିଆ ନାୟକ ସାହି ମାର୍କେଟ କମ୍ପ୍ଲେକ୍ସକୁ ଆଜି ତହସିଲ ପ୍ରଶାସନ ଭାଙ୍ଗିଦେଇଛି। ଏ ଘଟଣାକୁ ନେଇ ପଞ୍ଚାୟତରେ ଚାପା ଉତ୍ତେଜନା ଦେଖାଦେଇଛି। ପ୍ରଶାସନର ଏଭଳି ପଦକ୍ଷେପକୁ ପଞ୍ଚାୟତର ଜନସାଧାରଣ ନିନ୍ଦା କରିଛନ୍ତି। ୨୦୨୨ରେ ଜୁଆଣିଆ ପଞ୍ଚାୟତର ପଞ୍ଚାୟତ ଅର୍ଥରେ ମହିଳୁଆଣିଆ ମାର୍କେଟ କମ୍ପ୍ଲେକ୍ସ ନିର୍ମିତ ହୋଇଥିଲା। ଏହି ମାର୍କେଟ କମ୍ପ୍ଲେକ୍ସକୁ ନେଇ ବିବାଦ ଚାଲିଥିଲା। ପଞ୍ଚାୟତର ଅଧିକାଂଶ ଜନସାଧାରଣ ଭାଙ୍ଗିବାକୁ ପୂର୍ବରୁ ବିରୋଧ କରୁଥିଲେ ମଧ ତହସିଲ ପ୍ରଶାସନ ଏହାକୁ ଭାଙ୍ଗିବାକୁ ଉଦ୍ୟମ ଜାରି ରଖିଥିଲା। ଆଜି ଭୋରୁ ପୁଲିସ ଉପସ୍ଥିତିରେ ତହସିଲ ପ୍ରଶାସନ ଏହାକୁ ଭାଙ୍ଗିଛି। ଜୁଆଣିଆ ସରପଞ୍ଚ ସୁବ୍ରତ ନାୟକ କହିଛନ୍ତି, ଆଜି ତହସିଲ ପ୍ରଶାସନ ଏହାକୁ ଅଚାନକ ଭାବେ ବଡିଭୋରୁ ଭାଙ୍ଗିବା ସମ୍ପୂର୍ଣ୍ଣ ବେଆଇନ। ପ୍ରଶାସନ ତାଙ୍କର କୌଣସି କଥା ନ ଶୁଣି ହାଇକୋର୍ଟଙ୍କ ଅର୍ଡର ନ ଦେଖି ଜୋର୍ ଜବରଦସ୍ତ ଭାଙ୍ଗି ଦେଇଥିବା କହିଛନ୍ତି। ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ଦିନଠାରୁ ଆରୋପ ପ୍ରତ୍ୟାରୋପ ଲାଗିବା ସହ ଅଭିଯୋଗକାରୀ ଉକ୍ତ ଘର ଖାତା ଫର୍ଦ୍ଦ୍ୱା ୯୬୫ ପ୍ଲଟ ଫର୍ଦ୍ଦ୍ୱା ୨୩୮ କୁ ସରପଞ୍ଚ ନିଜସ୍ୱ ବ୍ୟବହାର ପାଇଁ ଗାଡ଼ି ଖ୍ୟାଲେଜ କରିଥିବା ନେଇ ଅଭିଯୋଗ ଆଣିଥିଲେ। ପୂର୍ବରୁ କେନ୍ଦ୍ରାପଡ଼ାର ପ୍ରାକ୍ତନ ଜିଲ୍ଲାପାଳଙ୍କ ଦ୍ୱାରା ୪ଥର ଏହାକୁ ଭାଙ୍ଗିବାକୁ ନିର୍ଦ୍ଦେଶ ଦିଆଯିବା ସହ ପ୍ରଶାସନ ଉକ୍ତ ସ୍ଥାନକୁ ଯାଇ ବିଭିନ୍ନ କାରଣ ଦର୍ଶାଇ ସେଠାରୁ ଫେରିଥିଲେ। ଏ ନେଇ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ମାନସ ସ୍ୱାଇଁଙ୍କୁ ପଚାରିବାରୁ ସେ କହିଛନ୍ତି, ପଞ୍ଚାୟତ ପକ୍ଷରୁ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହୋଇଥିଲା। ଯାହାକୁ ଭାଙ୍ଗିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଜବରଦଖଲ ଉଚ୍ଛେଦ ସମୟରେ ଆଳି ବିଡିଓ ତଥା ତହସିଲଦାରଙ୍କ ଅତିରିକ୍ତ ଦାୟିତ୍ୱରେ ଥିବା ଅବିନାଶ ବିଶ୍ୱଜିତ ସେଠୀ, ଏସଡିପିଓ କ୍ଷମାସାଗର ପଣ୍ଡା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ, ଆଳି ଥାନା ଭାରପ୍ରାପ୍ତ ଅଧିକାରୀ ଧୀରାଜ ଲେଙ୍କା, ରାଜକନିକା ଥାନା ଭାରପ୍ରାପ୍ତ ଅଧିକାରୀ ସଞ୍ଜୀୟ ମଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ସାମ୍ବାଦିକଙ୍କ ସ୍ମୃତିଚାରଣ ସଭା

**ଡେରାବିଶ, ୪।୧୧(ସମିସ):** ଗୋଲରାହାଟ ପଞ୍ଚାୟତ କାର୍ଯ୍ୟାଳୟରେ ଯୁବ ସାମ୍ବାଦିକ ପ୍ରସନ୍ନ ଧଳଙ୍କ ସଂଯୋଜନାରେ ବରିଷ୍ଠ ସାମ୍ବାଦିକ କରୁଣାକର କରଙ୍କ ବିୟୋଗରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ଦୈତାରୀ ଜେନା, ସତ୍ୟଜିତ ଲେଙ୍କା, ପ୍ରତାପ ସ୍ୱାଇଁ, ମାନସ ମଲ୍ଲ, ପ୍ରଫୁଲ୍ଲ ମଲ୍ଲ, ବିପିନ ଭଦ୍ର, ତ୍ରିଲୋଚନ ବେହେରା, ଗୋଲରାହାଟ ସରପଞ୍ଚ କାଶୀନାଥ କାଣ୍ଡି, ବଜାର କମିଟି ସଭାପତି ସଞ୍ଜୀୟ ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ କରଙ୍କ ସ୍ମୃତିଚାରଣ କରିଥିଲେ। ପରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦଧିବାମନଜୀଉଙ୍କ ମନ୍ଦିରରେ ଦୀପଦାନ କରାଯାଇଥିଲା।



## ଶାସନପେଟାରେ କଇଁଛ ସୁରକ୍ଷା ସଚେତନତା ଶିବିର

# 'ଅଲିଭ୍ରିଡ୍‌ଲେଙ୍କ ସୁରକ୍ଷା ପରବର୍ତ୍ତୀ ପିଢ଼ି ପାଇଁ ବରଦାନ ହେବ'



**ରାଜନଗର, ୪।୧୧(ସମିସ):** ବିରଳ ଅଲିଭ୍ରିଡ୍‌ଲେ ସାମୁଦ୍ରିକ କଇଁଛଙ୍କୁ ଆମକୁ ସୁରକ୍ଷା ଯୋଗାଇ ଦେବାକୁ ହେବ। ଅନ୍ୟ ବନ୍ୟଜନ୍ତୁଙ୍କ ଭଳି କଇଁଛ ବଂଶ ବିଲୁପ୍ତ ନ ହେଉ। ଆମର ଅତିଥି କଇଁଛଙ୍କୁ ସୁରକ୍ଷା ଯୋଗାଇ ଦେଲେ ଆମ ପରବର୍ତ୍ତୀ ପିଢ଼ି ପାଇଁ ଏହା ବରଦାନ ହେବ। କଇଁଛ ବଂଶ ଲୋପ ହେଲେ ମାଛ ନଷ୍ଟ ହେବ ଓ ପରେ ମଣିଷ ସମାଜ ବିପନ୍ନ ହୋଇପଡ଼ିବ। ଆମେ କଇଁଛଙ୍କୁ ବଞ୍ଚାଇଲେ ସେ ଆମକୁ ବଞ୍ଚାଇବ ଓ ଇକୋ ସିଷ୍ଟମ ସମତୁଲ ରହିବ ବୋଲି ଆଜି ଶାସନପେଟାଠାରେ ଅନୁଷ୍ଠିତ କଇଁଛ ସୁରକ୍ଷା ସଚେତନତା ଶିବିରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଡିଏଫଓ ଉଦରରାଜ ଗାଁଓଁକର କହିଛନ୍ତି। ଲୁଣା ଜଙ୍ଗଲ ବନଖଣ୍ଡ (ବନ୍ୟପ୍ରାଣୀ) ରାଜନଗର ପକ୍ଷରୁ ଶାସନପେଟାଠାରେ ସାମୁଦ୍ରିକ କଇଁଛ ସୁରକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏସିଏଫ ମାନସ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସହକାରୀ ମତ୍ସ୍ୟ ଅଧିକାରିଣୀ ଶତାବ୍ଦୀ ସୁଭଦ୍ରା ପ୍ରିୟଦର୍ଶିନୀ, ମହାକାଳପଡ଼ା ସାମୁଦ୍ରିକ ଥାନା ଆଇଆଇସି କିଶୋର ତରାଇ, ପରିବେଶବିତ ଭାସ୍କର ରାଉତରାୟ, ହେମନ୍ତ ରାଉତ, ସାମ୍ବାଦିକ ଦୋଳଗୋବିନ୍ଦ ଜେନା, କଜ୍ଜଳ ସାମଲ ଅତିଥି ଭାବେ ଯୋଗଦେଇ ପରିବେଶ ସନ୍ତୁଳନ ରକ୍ଷା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଅଲିଭରିଡଲେଙ୍କ ସୁରକ୍ଷା କେବଳ ବନବିଭାଗ ଯୋଗାଇବା ସମ୍ଭବ ନୁହେଁ। ଏଥିପାଇଁ ଆମ ସମସ୍ତଙ୍କର ଦାୟିତ୍ୱ ରହିଛି। ମତ୍ସ୍ୟଜୀବୀ ସହଯୋଗ କରୁଥିବାରୁ ଅତିଥି କଇଁଛଙ୍କୁ ସୁରକ୍ଷା ଯୋଗାଇ ଦିଆଯାଇପାରିଛି ବୋଲି ମତବ୍ୟକ୍ତ କରିଥିଲେ। ଶିବିରରେ ଖରନାସୀ ବୋଟ୍ ଆସୋସିଏସନର ସଭାପତି ଭକ୍ତରଞ୍ଜନ ମହଲିକ, ମା'ରାମଚଣ୍ଡୀ ଡଙ୍ଗା ମାଲିକ ସଂଘ ସମ୍ପାଦକ ତୁଷାରକାନ୍ତ ସର୍ଦ୍ଦାର ପ୍ରମୁଖ ଯୋଗଦେଇ ପାରମ୍ପରିକ ମତ୍ସ୍ୟଜୀବୀ କଇଁଛ ସୁରକ୍ଷା କରୁଥିବାବେଳେ ବଡ଼ ଟ୍ରଲର କଇଁଛ ମାରୁଛନ୍ତି। ତେଣୁ ବନବିଭାଗ ପକ୍ଷରୁ ଟୋଲ ଫ୍ରି ନମ୍ବର ଦିଆଯାଉ। ମତ୍ସ୍ୟଜୀବୀ କୌଣସି ଅସୁବିଧାର ସମ୍ମୁଖୀନ ହେଲେ କିମ୍ବା ଟ୍ରଲର ପଶି ମାଛ ମାରିଲେ ବନ ବିଭାଗକୁ ଖବର ଦେବେ ବୋଲି କହିଥିଲେ। ଡେପୁଟି ରେଞ୍ଜର କପିଳେନ୍ଦ୍ର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଏସିଏଫ ଗଗନ ମଲ୍ଲିକ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଫରେଷ୍ଟର ମହେନ୍ଦ୍ର ମଲ୍ଲିକ, ସଞ୍ଜୀବ ଦାସ, ନିରଞ୍ଜନ ମଣ୍ଡଳ, ସୁଧୀର କୁମାର ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

# ତୁଳସୀକ୍ଷେତ୍ରରେ ହବିଷ୍ୟାଳିଙ୍କୁ ନାମାବଳି ପ୍ରଦାନ



**କେନ୍ଦ୍ରାପଡ଼ା, ୪।୧୧(ସମିସ):** ଗରାପୁରସ୍ଥ ଦିବ୍ୟଜୀବନ ସଙ୍ଘ ଶିବାନନ୍ଦ ଆଶ୍ରମ ପକ୍ଷରୁ ୭ ବର୍ଷ ଧରି ତୁଳସୀକ୍ଷେତ୍ରରେ ହବିଷ୍ୟାଳିଙ୍କ ପଞ୍ଚୁକବ୍ରତ ପାଳନ ବ୍ୟବସ୍ଥା କରାଯାଇଆସୁଛି। ଆଶ୍ରମର ଅଧକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟ ସ୍ୱରୂପାନନ୍ଦ ସରସ୍ୱତୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ କରାଯାଉଛି। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ବିଭିନ୍ନ ସାଧୁସନ୍ଥଙ୍କ ଦ୍ୱାରା ଆଧାତ୍ମିକ ପ୍ରବଚନ, ଭଜନ ଓ ଜଣାଣ ଅନୁଷ୍ଠିତ ହେଉଛି। ଚତୁର୍ଥ ଦିବସରେ ହବିଷ୍ୟାଳିଙ୍କୁ ନାମାବଳି ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଶ୍ରୀବଳଦେବଜୀଉ ଦେବୋତ୍ତର ଟ୍ରଷ୍ଟର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ଯୋଗଦେଇ କହିଛନ୍ତି, ତୁଳସୀକ୍ଷେତ୍ରରେ ହବିଷ୍ୟାଳିଙ୍କ ପାଇଁ କୌଣସି ବ୍ୟବସ୍ଥା ନ ଥିବାବେଳେ ଶ୍ରୀମା ୭ ବର୍ଷ ତଳେ ସେମାନଙ୍କ ପାଇଁ ତୁଳସୀକ୍ଷେତ୍ରରେ ରହିବା, ଖାଇବା, ହବିଷ୍ୟବ୍ରତ ପାଳନ ବ୍ୟବସ୍ଥା କରି ତୁଳସୀକ୍ଷେତ୍ରର ଗାରିମା ବୃଦ୍ଧି କରିଛନ୍ତି। ହବିଷ୍ୟାଳି ମା'ମାନଙ୍କ ରହିବା ପାଇଁ ଗୃହଟି ଅର୍ଦ୍ଧନିର୍ମିତ ହୋଇ ରହିଛି। କେନ୍ଦ୍ରାପଡ଼ା ବିଧାୟକଙ୍କ ସହଯୋଗରେ ଆସନ୍ତା ବର୍ଷ ଏହାର ପୂର୍ଣ୍ଣାଙ୍ଗ କାର୍ଯ୍ୟ ସମାପନ ହେବ ବୋଲି ସେ କହିଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ହବିଷ୍ୟାଳିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଆବଶ୍ୟକ ପରାମର୍ଶ ପ୍ରଦାନ କରାଯାଇଥିବାରୁ ଆଶ୍ରମ ପକ୍ଷରୁ କୃତଜ୍ଞତା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟବୋର୍ଡ ସେବାୟତ ସଦସ୍ୟ ନୃସିଂହ ଚନ୍ଦ୍ର ପତ୍ରୀ ଯୋଗଦେଇ ଶ୍ରୀମା'ଙ୍କ ଏଭଳି କାର୍ଯ୍ୟକୁ ପ୍ରଶଂସା କରିଛନ୍ତି। ବଳଦେବ ସେନା ସର୍ବଦା ହବିଷ୍ୟାଳୀଙ୍କୁ ସେବା ପ୍ରଦାନ କରୁଥିବାରୁ ସେନା ସଭାପତି ପୁପୁନ ସ୍ୱାଇଁ ଓ ତାଙ୍କ ସାଥୀ, ଧର୍ମଜାଗରଣ ସମନ୍ୱୟ କର୍ମକର୍ତ୍ତାଙ୍କୁ ଆଶ୍ରମ ପକ୍ଷରୁ ସାଧୁବାଦ ଜ୍ଞାପନ କରାଯାଇଛି। ବ୍ରହ୍ମଚାରୀ ନୃସିହ ନାଥ ଓ ଶିବାନୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସରକାରୀ ସ୍କୁଲରେ ଶିକ୍ଷାର ମାନ ହ୍ରାସ ଅଭିଯୋଗ

# ବେସରକାରୀ ସ୍କୁଲ ମୁହାଁ ଛାତ୍ରଛାତ୍ରୀ

**ପଟ୍ଟାମୁଣ୍ଡାଇ, ୪।୧୧(ସମିସ)**

ପଟ୍ଟାମୁଣ୍ଡାଇ ଶିକ୍ଷାମଣ୍ଡଳ ଅଧୀନରେ ଥିବା ବିଦ୍ୟାଳୟରେ ଦିନକୁ ଦିନ ଶିକ୍ଷାର ମାନ ହ୍ରାସ ପାଉଥିବା ଅଭିଯୋଗ ହୋଇଛି। ଛାତ୍ରଛାତ୍ରୀ ପଣକିଆ ଜାଣି ନ ଥିବାବେଳେ ଅଧିକାଂଶ ଶିକ୍ଷକଶିକ୍ଷୟିତ୍ରୀ ନିର୍ଭୁଲ ଭାବେ ଓଡ଼ିଆ ଓ ଇଂରାଜୀ ବାକ୍ୟ ଲେଖିପାରୁ ନ ଥିବା ଅଭିଯୋଗ ହେଉଛି। ଅନେକ ବିଦ୍ୟାଳୟରେ ଶିକ୍ଷା ଭିତ୍ତିଭୂମି ମଧ ଦୁର୍ବଳ ଅବସ୍ଥାରେ ରହିଛି। କେଉଁ ବିଦ୍ୟାଳୟରେ ଶିକ୍ଷକ ନାହାନ୍ତି ତ କେଉଁ ବିଦ୍ୟାଳୟରେ ଆବଶ୍ୟକ ଶ୍ରେଣୀଗୃହ ନାହିଁ। ଏଥିପାଇଁ ସରକାରୀ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। ଫଳରେ ଛାତ୍ରଛାତ୍ରୀ ବେସରକାରୀ ସ୍କୁଲ ମୁହାଁ ହେଉଛନ୍ତି। ଏହାର ଫାଇଦା ଉଠାଉଛନ୍ତି ଘରୋଇ ବିଦ୍ୟାଳୟ। ମୋଟା ଅଙ୍କର ଫିଠାରୁ ଆରମ୍ଭ କରି ଦରମା ଓ ପାଠ୍ୟପୁସ୍ତକ ପାଇଁ ବହୁ ଅର୍ଥ ଦାବି କରାଯାଉଛି। ବାରମ୍ବାର ବସ୍ତାନି ବୋଝ ହାଲୁକା କରିବାକୁ ସରକାରୀ ଭାବେ ନିର୍ଦ୍ଦେଶ ଦିଆଯାଉଥିଲେ ମଧ ତାହାକୁ ପାଳନ କରାଯାଉନାହିଁ। ଅନେକ ସ୍କୁଲ ପକ୍ଷରୁ ରଖାଯାଇଥିବା ପରିବହନ ବ୍ୟବସ୍ଥା ମଧ ସଠିକ୍ ନାହିଁ। ବହୁ ସମୟରେ ପିଲା ବିପଦସଙ୍କୁଳ ଅବସ୍ଥାରେ ସ୍କୁଲକୁ ଯାଉଛନ୍ତି। ପଟ୍ଟାମୁଣ୍ଡାଇରେ ଶିକ୍ଷା ବ୍ୟବସ୍ଥା ଏପରି ଅବ୍ୟବସ୍ଥା ମଧ୍ୟରେ ଚାଲୁଥିବାବେଳେ ସରକାରୀ ସ୍ତରରେ ଏହାର ସମାଧାନ ବାଟ ବାହାରିପାରୁନାହିଁ।

ସରକାରୀ ବିଦ୍ୟାଳୟରେ ମୌଳିକ ସାକ୍ଷରତା ସ୍ତର ମଧ ସ୍ଥିର ହୋଇପାରୁନାହିଁ। ବର୍ଷକ ସାରା ବିଦାୟକାଳୀନ ସମ୍ବର୍ଦ୍ଧନା, ପୁସ୍ତକ ବିତରଣ, ଡ୍ରେସ ବିତରଣ, କ୍ଲଷ୍ଟର, ବ୍ଲକ, ଜିଲ୍ଲା ଓ ରାଜ୍ୟସ୍ତରୀୟ କ୍ରୀଡ଼ା, ସୁରଭି ଭଳି ବିଭିନ୍ନ କାର୍ଯ୍ୟକ୍ରମ ହେଉଥିବାବେଳେ ବେସରକାରୀ ସ୍କୁଲରେ ଏସବୁରେ ଦୂରରେ ରହି ଆବଶ୍ୟକ କାର୍ଯ୍ୟକ୍ରମ ଉପରେ ଧ୍ୟାନ ଦିଆଯାଉଛି। ସରକାରୀ ସ୍କୁଲରେ ଶିକ୍ଷା ବ୍ୟବସ୍ଥା ନିମ୍ନଗାମୀ ହୋଇପଡ଼ିଲାଣି ବୋଲି ଶିକ୍ଷାବିତ୍ ମତ ଦେଇଛନ୍ତି। ଡ୍ରପଆଉଟ ସଂଖ୍ୟା ବୃଦ୍ଧି ପାଉଛି। ସରକାରୀ ସ୍କୁଲରେ ଶିକ୍ଷଣୀୟ ସ୍ତର କମିଛି। ପଞ୍ଚମ ଶ୍ରେଣୀର ଏକାଧିକ ଛାତ୍ରଛାତ୍ରୀ ଦ୍ୱିତୀୟ ଶ୍ରେଣୀର ପାଠ ପଢ଼ିପାରୁନାହାନ୍ତି। ଛାତ୍ରଛାତ୍ରୀଙ୍କୁ ମାଗଣା ବହି, ପୋଷାକ, ମଧ୍ୟାହ୍ନଭୋଜନ, ଜୋତା ବଣ୍ଟନ ଦିନରୁ ଗୁଣାତ୍ମକ ଶିକ୍ଷାର ଅବକ୍ଷୟ ହୋଇଥିବା କେହି ବି ଅସ୍ୱୀକାର କରିପାରିବେନି ବୋଲି ଶିକ୍ଷାବିତ୍ ମତ ପ୍ରକାଶ କରିଛନ୍ତି।

> **ଛାତ୍ରଛାତ୍ରୀ ଜାଣିନାହାନ୍ତି ପଣକିଆ**
>
> **ଅଧିକାଂଶ ଶିକ୍ଷକଶିକ୍ଷୟିତ୍ରୀ ଲେଖି ପାରୁନାହାନ୍ତି ନିର୍ଭୁଲ ଓଡ଼ିଆ ଓ ଇଂରାଜୀ ବାକ୍ୟ**

ସମ୍ପ୍ରତି ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଅନେକ ସ୍କୁଲରେ କୋଟି କୋଟି ଟଙ୍କା ବ୍ୟୟରେ ନବକଳେବର କରାଯାଇଛି। ମାତ୍ର ସଠିକ୍ ଶିକ୍ଷାଦାନ ନ ହେବାରୁ ସରକାରଙ୍କ ଶିକ୍ଷାନୀତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ସରକାରୀ ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୮୦ ପ୍ରତିଶତ ୭ମ ଶ୍ରେଣୀ ପାଠ ଜାଣି ନ ଥିବାବେଳେ ତୃତୀୟ ଶ୍ରେଣୀ ଛାତ୍ରଛାତ୍ରୀ ତିନିକ ପଣିକିଆ ଜାଣିନାହାନ୍ତି ବୋଲି ଶିକ୍ଷାବିତ୍ ମତ ପ୍ରକାଶ କରିଛନ୍ତି। ସେମାନଙ୍କୁ ପଢ଼ାଉଥିବା ଶିକ୍ଷକଶିକ୍ଷୟିତ୍ରୀଙ୍କ ମଧ୍ୟରୁ ଅଧିକାଂଶ ଗୋଟିଏ ଲହରରେ ୨୫କ ପର୍ଯ୍ୟନ୍ତ ପଣିକିଆ କହିବା, ନିର୍ଭୁଲ ଓଡ଼ିଆ, ଇଂରାଜୀ ବାକ୍ୟ ଲେଖିବାରେ ଅସମର୍ଥ, ତାହା ଉପରିସ୍ଥ ଅଧିକାରୀ କ୍ଷେତ୍ର ପରିଦର୍ଶନ କଲେ ନିଶ୍ଚିତ ଜାଣିପାରିବେ। ସରକାରୀ ବିଦ୍ୟାଳୟରେ ଛାତ୍ରଛାତ୍ରୀ ଅଭାବ ପରିଲକ୍ଷିତ ହେଉଛି। ଫଳରେ କେତେକ ସରକାରୀ ସ୍କୁଲ ବନ୍ଦ ହେବା ସମ୍ଭାବନା ସୃଷ୍ଟି କରୁଛି। ସରକାରୀ ସ୍କୁଲ ଶିକ୍ଷକଶିକ୍ଷୟିତ୍ରୀ ନିଜ ସ୍କୁଲର ଶିକ୍ଷାଦାନ ଉପରେ ଭରସା କରି ନ ପାରି ସେମାନଙ୍କ ପୁଅଝିଅଙ୍କୁ ଘରୋଇ ସ୍କୁଲରେ ପଢ଼ାଉଛନ୍ତି। ପଟ୍ଟାମୁଣ୍ଡାଇ ଅଞ୍ଚଳର ଶିକ୍ଷା ବ୍ୟବସ୍ଥାକୁ ଅନୁଧ୍ୟାନ କଲେ ଜଣାଯାଏ ଗୁଣାତ୍ମକ ଶିକ୍ଷା ଅପହଞ୍ଚ ହୋଇପଡ଼ିଛି। ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ହେଲେ ସରକାରୀ ନିୟନ୍ତ୍ରଣାଧୀନ କର୍ମଚାରୀ ଓ ସରକାରଙ୍କଠାରୁ ସହାୟତା, ଲାଭ ପାଉଥିବା ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କ ପିଲା ସରକାରୀ ସ୍କୁଲରେ ପଢ଼ିବାକୁ ବାଧ୍ୟତାମୂଳକ କରାଯିବା ଉଚିତ୍। ସେମାନେ ନିଜ ପୁଅଝିଅଙ୍କ ପାଠ୍ୟୋନ୍ନତି ଓ ଶୈକ୍ଷିକ ବାତାବରଣ ଅନୁଧ୍ୟାନ କରିବାକୁ ନିଶ୍ଚୟ ସ୍କୁଲ ପରିଦର୍ଶନ କରିବେ। ଏହାଦ୍ୱାରା ଶିକ୍ଷା, ଶିକ୍ଷକ, ଶିକ୍ଷାୟତନ ଉପରେ ଅଭିଭାବକଙ୍କ ପରୋକ୍ଷ କର୍ତ୍ତୃତ୍ୱ ରହିବ। ସେମାନେ ପ୍ରତ୍ୟେକ ସ୍କୁଲର ବାସ୍ତବ ସ୍ଥିତି ସହ ତତ୍କାଳ ଓ ଭବିଷ୍ୟତ ଆବଶ୍ୟକତା ଅନୁଭବ କରିପାରିବେ। ସେମାନଙ୍କ ମଧ ପ୍ରତି ମାସରେ ପ୍ରତ୍ୟେକ ସ୍କୁଲର ଶୈକ୍ଷିକ ପରିବେଶ ଓ ପାରିପାର୍ଶିକ ବାତାବରଣର ତର୍ଜମା କଲେ ଶିକ୍ଷା ବ୍ୟବସ୍ଥାରେ ନିଶ୍ଚିତ ପରିବର୍ତ୍ତନ ହୋଇପାରିବ।

## ବକାସୁର ବଧ ବେଶରେ ମହାପ୍ରଭୁ

**କେନ୍ଦ୍ରାପଡ଼ା, ୪।୧୧(ସମିସ):** ପବିତ୍ର କାର୍ତ୍ତିକ ଶୁକ୍ଲ ଚତୁର୍ଦ୍ଦଶୀ ତିଥିରେ ଆଜି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦୁର୍ଲଭ 'ବକାସୁର ବଧ ବେଶ' ଅନୁଷ୍ଠିତ ହୋଇଛି। ଏହି ବିଶେଷ ବେଶ ଦର୍ଶନ ପାଇଁ ବଳଦେବଜୀଉଙ୍କ ମନ୍ଦିରରେ ହଜାର ଭକ୍ତଙ୍କ ଭିଡ଼ ଲାଗିଥିଲା। ଏହି ବେଶରେ ଶ୍ରୀବଳଭଦ୍ରଜୀଉଙ୍କ ହସ୍ତରେ ହଳ ଓ ମୁଷଳ ଶୋଭା ପାଉଥିଲା, ଯେତେବେଳେ ଶ୍ରୀଜଗନ୍ନାଥ ନିଜ ହସ୍ତରେ ବକାସୁରଙ୍କ ଥଣ୍ଟ ଫାଡ଼ି ବଧ କରୁଥିବା ରୂପରେ ଦର୍ଶିତ ହୋଇଥିଲେ। ମହାପ୍ରଭୁଙ୍କ ଏହି ବିଭୂତିମୟ ବେଶ ଦେଖି ଭକ୍ତ ଭାବବିହ୍ୱଳ ହୋଇଥିଲେ। ପୁରାଣ ଅନୁସାରେ, ଦ୍ୱାପର ଯୁଗରେ ଦୈତ୍ୟ ବକାସୁର ଶ୍ରୀକୃଷ୍ଣଙ୍କୁ ଗିଳିବାକୁ ଚେଷ୍ଟା କରିଥିଲା। ସେତେବେଳେ ଭଗବାନ ଥଣ୍ଟ ଫାଡ଼ି ତାକୁ ନିଧନ କରିଥିଲେ। ଏହି ଦିବ୍ୟ ଲୀଳାକୁ ଅଭିନୟ ଓ ବେଶ ମାଧ୍ୟମରେ ମନ୍ଦିରରେ ପ୍ରତିବର୍ଷ ପୁନର୍ଜୀବିତ କରାଯାଏ। ଏ ଅବସରରେ ଭକ୍ତ ହରିନାମ ସଂକୀର୍ତ୍ତନ, ଭଜନ ଓ ଦୀପ ଜଳାଇ ଉତ୍ସବମୟ ପରିବେଶ ସୃଷ୍ଟି କରିଥିଲେ।



## ସାତଘରିଆ ଗାଁରେ ରାସ୍ତା ଓ ପାନୀୟଜଳ ସମସ୍ୟା



**ରାଜକନିକା, ୪।୧୧(ସମିସ):** ଗାଁକୁ ଥିବା ରାସ୍ତା ଶୋଚନୀୟ ହୋଇପଡ଼ିଲାଣି। ୧୧ ବର୍ଷ ପୂର୍ବେ ପଞ୍ଚାୟତ ସମିତି ପକ୍ଷରୁ ନିର୍ମିତ ହୋଇଥିବା ରାସ୍ତା ଏବେ ବେହାଲ। ଏଥିସହ ଏହି ସାହିରେ ଥିବା ନଳକୂପରୁ ଲୁହାଗୁଣ୍ଡ ମିଶା, ଗୋଳିଆ ଓ ପଙ୍କୁଆ ପାଣି ବାହାରୁଛି। ରାସ୍ତାରେ ଚାଲି ହେଉଛି ନାଁ ପାଣି ମୁହାଏ ପିଇ ହେଉଛି। ଏମିତି ନାହିଁ ନାହିଁରେ ବଞ୍ଚିଆସୁଛନ୍ତି ସାତଘରିଆ ସାହି ଲୋକେ। ଭାରିଗଦା ପଞ୍ଚାୟତର ସଦରରେ ଥିବା ଏହି ସାହିକୁ ଯିବା ଆସିବା ରାସ୍ତା ବେହାଲ। ପିଇବା ପାଣି ପାଇଁ ଲୋକେ ହୀନସ୍ତା ହେଉଥିବା ସମ୍ପର୍କରେ ବିଡିଓଙ୍କୁ ପଚାରିବାରୁ ସେଇ ଚିରାଚରିତ ଢଙ୍ଗରେ କ'ଣ ହୋଇଛି ଦେଖିବି କହି ଚୁପ୍ ରହୁଛନ୍ତି। ଏହି ସାହିକୁ ଥିବା ରାସ୍ତା ମରାମତି ଓ ପାନୀୟଜଳ ସମସ୍ୟାର ସମାଧାନ ନ ହେଲେ ଗ୍ରାମବାସୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ସାଇବର ସୁରକ୍ଷା ସଚେତନତା

**ପଞ୍ଚୁପାଣ୍ଡବ, ୪।୧୧(ସମିସ):** ନିକିରାଇ ଥାନା ଅଧୀନରେ ଥିବା ଛୋଟି ଓ ମଙ୍ଗଳପୁର ପଞ୍ଚାୟତକୁ ନେଇ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିକିରାଇ ଥାନା ଅଧିକାରିଣୀ ପଦ୍ମାଳୟା ପ୍ରଧାନଙ୍କ ଉଦ୍ୟମରେ ମଙ୍ଗଳପୁର ଓ ଛୋଟୀ ଦୁଇ ପଞ୍ଚାୟତ ଆନୁକୂଲ୍ୟରେ ମଙ୍ଗଳପୁର ଲକ୍ଷ୍ମୀ ମଣ୍ଡପ ଠାରେ ଶତାଧିକ ଲୋକେ ଯୋଗ ଦେଇଥିଲେ। ଏହି ଅଞ୍ଚଳ ର ଜଣାଶୁଣା ସମାଜ ସେବୀ ସୁଧୀର ଭୂୟାଁଙ୍କ ଆବାହକ ତ୍ ? ରେ ସ୍ଥାନୀୟ ଲୋକମାନଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। କୁନିକୁନ ପିଲାମାନଙ୍କ ଦ୍ୱାରା ପରିବେଶିତ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସାଇବର ଅପରାଧ ଶୂନ୍ୟ କୁ କିପରି ରୋକାଯାଇ ପାରିବ ସେ ବିଷୟରେ ଏଲଇଡି ଏବଂ ବିଭିନ୍ନ ଲୋକ କଳାର କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଗ୍ରାମର ଗୌରହରି ରାଉତ, ବିଶ୍ୱଜିତ ରାଉତ, ଅଶୋକ ରାଉତ, ଲକ୍ଷ୍ମଣ ରାଉତ, ପ୍ରଫୁଲ୍ଲ ମାଲିକ, ବିଜୟ ମଲିକ, ନିର୍ମଳ ମଲିକ, ପ୍ରଗନ୍ନ ସାହୁ, ସାରଦା ବାରିକ, ଦୀନବନ୍ଧୁ ମଲିକ, କୁଶ ମଲିକ ଏବଂ ବୁଦ୍ଧିଜୀବୀମାନେ ସାମିଲ ହୋଇଥିଲେ।

## ଶିକ୍ଷକ ଜ୍ଞାନେନ୍ଦ୍ର ଜେନାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଡେରାବିଶ, ୪।୧୧(ସମିସ):** କେନ୍ଦ୍ରାପଡ଼ା ବ୍ଲକ ଜମଧର ପଞ୍ଚାୟତ ଅନ୍ତର୍ଗତ ବଡ଼ଗାଁସ୍ଥ ରାଧାମୋହନଜୀଉ ବୈଷୟିକ ହାଇସ୍କୁଲରୁ ଅବସର ଗ୍ରହଣ କରିଥିବା ଶିକ୍ଷକ ଜ୍ଞାନେନ୍ଦ୍ର ଜେନାଙ୍କୁ ତାଙ୍କ ଭାଗବତପୁରସ୍ଥ ବାସଭବନରେ ଜିଲ୍ଲା ଶିକ୍ଷକଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଅବସରପ୍ରାପ୍ତ ଲିପିକ ରାଜକିଶୋର ଲେଙ୍କାଙ୍କ ନେତୃତ୍ୱରେ ଗଙ୍ଗାରାମପୁର ହାଇସ୍କୁଲର ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ କବି, ପୁରୁଷୋତ୍ତମପୁର ହାଇସ୍କୁଲ ପ୍ରଧାନଶିକ୍ଷକ ତୁଷାରକାନ୍ତ ନାୟକ, ଲକ୍ଷ୍ମୀନାରାୟଣପୁର ହାଇସ୍କୁଲର ପ୍ରଧାନଶିକ୍ଷକ ସନ୍ତୋଷ ବରାଳ ପ୍ରମୁଖ ଶ୍ରୀ ଜେନାଙ୍କ ବାସଭବନରେ ପହଞ୍ଚି ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିବା ସହ ତାଙ୍କ ଅବସରକାଳୀନ ଜୀବନ ସୁସ୍ଥ ଓ ନିରାମୟ କାମନା କରିଥିଲେ। ଶ୍ରୀ ଜେନା ଜଣେ ଆଦର୍ଶ ଓ ଛାତ୍ରବତ୍ସଳ ଶିକ୍ଷକ ଭାବେ ସମସ୍ତଙ୍କର ପ୍ରିୟପାତ୍ର ଥିଲେ। ତାଙ୍କୁ ନିଜ ବିଦ୍ୟାଳୟର ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ମଧ ସମ୍ବର୍ଦ୍ଧିତ କରିଥିଲେ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

# ୪୮୮ ଜଣଙ୍କ ପଞ୍ଜୀକରଣ, ୪୮୬ ଜଣ ଚିହ୍ନଟ

**ରାଜନଗର, ୪।୧୧(ସମିସ):** ରାଜନଗର ବ୍ଲକ ସଦର ମହକୁମା ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଚିହ୍ନଟ ଓ ସହାୟକ ଉପକରଣ ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମନୋଜ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ବିଡିଓ ଅନିରୁଦ୍ଧ ବେହେରା, ଉପାଧ୍ୟକ୍ଷ ଗଣେଶ ଗୁଡିଆ, ଜିଲ୍ଲା ପରିଷଦ ସଭ୍ୟ ସୁରେନ୍ଦ୍ର ରାଉତ, ମହିଷାସୁରଳ ପଞ୍ଚାୟତ ସରପଞ୍ଚ ଅଶୋକ ମହାନ୍ତି, କୋଇଲିପୁର ସରପଞ୍ଚ ଦିଲ୍ଲୀପ ରାଉତ, ଡିଏସଏସଓ ସଂଗ୍ରାମ ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାକାରୀ ଡା ରଶ୍ମିରଞ୍ଜନ ମିଶ୍ର, ଡା. ଟିଟି ମିଶ୍ର ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ଶିବିରରେ ଅସ୍ଥିଶଲ୍ୟ ବିଭାଗରେ ୧୭୦ ଜଣ, ଶ୍ରବଣବାଧିତରେ ୬୩ ଜଣ, ମାନସିକ ଅନଗ୍ରସର ବିଭାଗରେ ୮୯ ଜଣ, ଚକ୍ଷୁ ବିଭାଗରେ ୫୨ ଜଣ, ଶିଶୁ ବିଭାଗରେ ୩୮ ଜଣ, ମେଡିସିନ ବିଭାଗରେ ୭୪ ଜଣ ମୋଟ ୪୮୮ ଜଣ ନାମ ପଞ୍ଜୀକରଣ କରିଥିବାବେଳେ ପରୀକ୍ଷା କରାଯାଇ ୪୮୬ ଜଣଙ୍କୁ ଚିହ୍ନଟ କରାଯାଇଛି। ଏହି ଶିବିରରେ ରାଜନଗର, କେନ୍ଦ୍ରାପଡ଼ା ଓ କଟକର ଡାକ୍ତର ଭିନ୍ନକ୍ଷମଙ୍କୁ ପରୀକ୍ଷା କରିଥିଲେ। ଭିନ୍ନକ୍ଷମ ଉପକରଣ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବ୍ଲକର ଶୀତଳ ଜେନା, ପଞ୍ଚାୟତ ନିର୍ବାହୀ ଅଧିକାରୀ ଅନିତ୍ୟ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

## ଅସୁସ୍ଥ ଶିଶୁକୁ ସହାୟତା

**ଆଳି, ୪।୧୧(ସମିସ):** ଆଳି ବ୍ଲକ ବଡ଼ାମ୍ବିଳା ପଞ୍ଚାୟତ ଗମହାରିଆ ଗ୍ରାମର ସୁରେଶ ପାଇଟାଳଙ୍କ ୬ ବର୍ଷର ପୁଅ ସ୍ୱାଧୀନ ଅସୁସ୍ଥ ରହିଛି। ସ୍ୱାଧୀନର ଦୁଇ ଗୋଡ଼ରେ ଅକ୍ଷମତା ଥିବାବେଳେ ଡାହାଣ ଗୋଡ଼ ସମ୍ପୂର୍ଣ୍ଣ ଅଚଳ। ଯାହାକୁ ନେଇ ଚିନ୍ତାରେ ସମୟ କାଟୁଛନ୍ତି ସୁରେଶ ଓ ତାଙ୍କ ପତ୍ନୀ ସଂଯୁକ୍ତା। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଆଜି ଆଳି ଓ ନମୌଜା ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହଦେବ ଦାସ ସେବା ସଂସ୍ଥା ସଦସ୍ୟ ମଧୁସୂଦନ ଦାସ, ବିନୋଦ ଦାଶ ଓ କୃପାସିନ୍ଧୁ ସାହୁ ପ୍ରମୁଖ ସ୍ୱାଧୀନଙ୍କ ଘରେ ପହଞ୍ଚି ତାଙ୍କ ଚିକିତ୍ସା ପାଇଁ ୫ ହଜାର ଟଙ୍କା ଯୋଗାଇ ଦେଇଛନ୍ତି। ସେହିପରି ଅବସରପ୍ରାପ୍ତ ରିଜର୍ଭ ବ୍ୟାଙ୍କ ଅଧିକାରୀ ତଥା ବରିଷ୍ଠ ସମାଜସେବୀ ଚକ୍ରଧର ଦାଶ ପର୍ଯ୍ୟାୟ କ୍ରମେ ୧୦ ହଜାର ଟଙ୍କା ଅର୍ଥରାଶି ସହଯୋଗ କରିଛନ୍ତି। ସୁରେଶ ବୃତ୍ତିରେ ଜଣେ ଚାଷୀ ଓ ଦିନମଜୁରିଆ। ପୁଅ ଓ ଝିଅ ସହ ପତ୍ନୀଙ୍କୁ ନେଇ ୪ ପ୍ରାଣୀ କୁଟୁମ୍ବ। ଯାହା ମିଳେ ଭଲମନ୍ଦରେ ଗୁଜୁରାଣ ମେଣ୍ଟାନ୍ତି। ପୁଅର ଏଭଳି ଅବସ୍ଥାରେ ପୂରା ପରିବାର ଭାଙ୍ଗିପଡ଼ିଛନ୍ତି। ପୂର୍ବରୁ ନିଜ ସ୍ୱାସ୍ଥ୍ୟ କାର୍ଡରେ ଘରୋଇ ମେଡିକାଲ ଯାଇ ପୁଅର ଗୋଡ଼ ଅସ୍ତ୍ରୋପଚାର କରିଥିବାବେଳେ ପୁଅର ନାମ ରାସନ କାର୍ଡ ରେ ନ ଥିବାରୁ ସ୍ୱାଧୀନର ନୂତନ ସ୍ୱାସ୍ଥ୍ୟ କାର୍ଡ ହୋଇପାରୁନାହିଁ। ପୁଅର ଆଉଥରେ ଅସ୍ତ୍ରୋପଚାର କରା ନ ଗଲେ ତା'ର ଗୋଡ଼ ଅକାମି ହୋଇଯିବ। ସ୍ୱାଧୀନର ଚିକିତ୍ସା ପାଇଁ ପାଇଁ ସରକାର, ପ୍ରଶାସନ ଓ ଅନ୍ୟ ସ୍ୱେଚ୍ଛାସେବୀ ଅନୁଷ୍ଠାନଙ୍କୁ ସହଯୋଗ କରିବାକୁ ନିବେଦନ କରିଛନ୍ତି।



ପଡ଼ିଆ ପ୍ରସ୍ତୁତ

# ସମୃଦ୍ଧି ଓ ସଂସ୍କୃତିର ମହାପର୍ବ କଟକ ବାଲିଯାତ୍ରା

**କଟକ, ୪।୧୧(ସମିସ):** ପବିତ୍ର କାର୍ତ୍ତିକର ଅନ୍ତରାଳେ ମାର୍ଗଶୀରର ପହିଲି ଚିଟାଉ ଧରି ମହାନଦୀ କୂଳକୁ ଆସିଛି ବାଲିଯାତ୍ରା। ପୂର୍ଣ୍ଣମୀ ସକାଳର କୋହଲା ପବନରେ କାକରର ଆସ୍ତରଣକୁ ଭେଦି ଗଡ଼ଗଡ଼ିଆରୁ ଯେତେବେଳେ ଶୁଭୁଥିବ ଆକାମାବୈ..ର ପଙ୍କି, ମୋରମ ମିଶା ବାଲି ଉପରେ ଦାନା ବାନ୍ଧିବ ସମୃଦ୍ଧି ଓ ସଂସ୍କୃତିର ଏହି ମହାପର୍ବ। ଆଠଟି ଦିନ ଆଠଟି ରାତି ବିତିବ ମେଳାର ମାହୋଲ୍‌ରେ। କେହି ମେଳା ଦେଖି ହଜିବେ ଆଉ କେହି ମେଳାକୁ ଆସି ହଜିବେ। ହଜିବା ଆଉ ଖୋଜିବାର ଛକାପଞ୍ଝା ଅଗଣିତ ଓଡ଼ିଆଙ୍କୁ ପୁଣି କିଛି ସତେଜ ମେଳା ବୁଲିବାର ସ୍ମୃତି ଭେଟି ଦେଇ ଫେରିଯିବ। ୧୬୫୪ ଖଣ୍ଡ ଷ୍ଟଲକୁ ବାନ୍ଧି ମୁଣ୍ଡ ଟେକିଥିବା ଐତିହାସିକ ବାଲିଯାତ୍ରା କଟକ-୨୦୨୫, ଏଥର ବି କିଛି ଆକର୍ଷଣ ଧରି ମହାନଦୀ ତଟରେ ଅପେକ୍ଷା କରିଛି....









## ଦୋଳି ଖଞ୍ଜା ଶେଷ

ବାଲିଯାତ୍ରା ପାଇଁ ତଳପଡ଼ିଆରେ ଦୋଳି ବ୍ୟବସାୟୀ ମାନେ ଜୋରଦାର ପ୍ରସ୍ତୁତି ଜାରି ରଖିଛନ୍ତି। ତଳ ପଡ଼ିଆରେ ସୁନାମୀ ଦୋଳି, ସିଙ୍ଗଲ ଟାୱାର, ରାମ ଦୋଳି ସମେତ ବିଭିନ୍ନ ଭେରାଇଟିର ଦୋଳି ଆସିଛି। ପଡ଼ିଆରେ ଦୋଳି ଖଞ୍ଜା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସୁନାମୀ ଦୋଳିରେ ଏକାଥରକେ ୨୦ ଜଣ ବସିବାର ସୁବିଧାର ଥିବାବେଳେ ଏହାର ଟିକଟ୍ ଦର ୧୫୦ ଟଙ୍କା ଲେଖାଏଁ ରହିଛି। ସେହିପରି ସ୍କିନ୍ ଟାୱାର ଦୋଳିରେ ଏକା ଥରକେ ୧୫ରୁ ଅଧିକ ଜଣ ବସିବାର ସୁବିଧା ରହିଛି ଏବଂ ଏହାର ଟିକେଟ୍ ଦର ୧୫୦ ଟଙ୍କା ଲେଖାଏଁ ରହିଛି।

## ସିଏମ୍‌ସି କମିସନରଙ୍କୁ ନିମନ୍ତ୍ରଣ ନାହିଁ?

କଟକରେ ଐତିହାସିକ ବାଲିଯାତ୍ରା ବୁଧବାରଠାରୁ ଆରମ୍ଭ ହେବ। ଜିଲ୍ଲା ପ୍ରଶାସନ ପକ୍ଷରୁ ନିମନ୍ତ୍ରଣପତ୍ର ଛପାଯାଇଛି। ନେତା, ମନ୍ତ୍ରୀ, ଶିଳ୍ପପତିଙ୍କଠାରୁ ଆରମ୍ଭ କରି ବଛାବଛା ଲୋକଙ୍କୁ ଡକାଯାଉଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମର ନିମନ୍ତ୍ରଣପତ୍ରରେ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ସାଂସଦ, ବିଧାୟକ, ସଚିବଙ୍କ ନାମ ସ୍ଥାନ ପାଇଛି। ମାତ୍ର କଟକ ମହାନଗର ନିଗମ(ସିଏମସି) କମିଶନର କିରଣଦୀପ କୌର ସହୋତାଙ୍କ ନାମ ନିମନ୍ତ୍ରଣ ପତ୍ରରେ ଦେଖିବାକୁ ମିଳିନି। ଏହି ଘଟଣାକୁ ନେଇ ଆଜି କଟକରେ ଚର୍ଚ୍ଚା ଜୋର୍ ଧରିଛି।

## ଓଡ଼ିଆ ନାମଫଳକ ନ ଲେଖିଲେ ଜରିମାନା ଗଣିବେ ବ୍ୟବସାୟ ପ୍ରତିଷ୍ଠାନ

ଓଡ଼ିଶା ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ଆଇନ୍ ୧୯୫୬ର ଧାରା ୪(୨) ଅନୁଯାୟୀ ରାଜ୍ୟର ସମସ୍ତ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନଗୁଡ଼ିକ ସମ୍ମୁଖରେ ସ୍ପଷ୍ଟ ଭାବରେ ଓଡ଼ିଆ ଭାଷାରେ ନାମଫଳକ ପ୍ରଦର୍ଶନ କରିବା ବାଧ୍ୟତାମୂଳକ କରାଯାଇଛି। ହେଲେ ଏହାକୁ ଅନେକ ଖିଲାପ କରିଚାଲିଥିବା ଦେଖିବାକୁ ମିଳୁଛି। କଟକ ବାଲିଯାତ୍ରାରେ ଖୋଲିବାକୁ ଥିବା ଷ୍ଟଲଗୁଡ଼ିକ ଏହି ଆଇନର ଖିଲାପ କଲେ ଜରିମାନା ଆଦାୟ କରାଯିବ ବୋଲି କୁହାଯାଇଛି। ଓଡ଼ିଆ ଭାଷାର ପ୍ରଚାର ପ୍ରସାର ଓ ବ୍ୟବହାର ନିମନ୍ତେ ଜିଲ୍ଲାର ସମସ୍ତ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନଗୁଡ଼ିକରେ ଓଡ଼ିଆ ଭାଷାରେ ସ୍ପଷ୍ଟ ଭାବରେ ନାମଫଳକ ପ୍ରଦର୍ଶନ କରିବା ପାଇଁ ଅନୁରୋଧ କରାଯାଉଛି।

## ପଲ୍ଲିଶ୍ରୀ ମେଳାରେ ୫୦୦ ଷ୍ଟଲ୍, ୪୫ କୋଟିର ବ୍ୟବସାୟ ଲକ୍ଷ୍ୟ

ଐତିହାସିକ କଟକ ବାଲିଯାତ୍ରାକୁ ଏଥର ବିଗତ ବର୍ଷ ମାନଙ୍କ ଅପେକ୍ଷା ବେଶ ଆକର୍ଷଣୀୟ କରିବାକୁ ଜୋରଦାର ପ୍ରୟାସ ଚାଲିଛି। ବାଲିଯାତ୍ରାରେ ଓରମାସ ପକ୍ଷରୁ ଅନୁଷ୍ଠିତ ହେଉଥିବା ଜାତୀୟ ପଲିଶ୍ରୀ ମେଳା ଦର୍ଶକଙ୍କ ଆକର୍ଷଣର କେନ୍ଦ୍ର ହୋଇଥାଏ। ଓରମାସ ପକ୍ଷରୁ ଏଥର ଜାତୀୟ ପଲିଶ୍ରୀ ମେଳାରେ ରେକର୍ଡ ବେପାର ହେବ ବୋଲି କୁହାଯାଉଛି। ଗତବର୍ଷ ବାଲିଯାତ୍ରାର ଜାତୀୟ ପଲିଶ୍ରୀ ମେଳାରେ ୩୮ କୋଟି ଟପିଥିଲା ବ୍ୟବସାୟ। ଯାହା ଚଳିତ ବର୍ଷ ୪୫ କୋଟି ହେବ ବୋଲି ଲକ୍ଷ୍ୟ ରଖିଛି ଓରମାସ। ଗତ ବର୍ଷ ୪୨୦ଟି ଷ୍ଟଲ ହୋଇଥିବା ବେଳେ ଏଥର ପ୍ରାୟ ୫୦୦ ଷ୍ଟଲ ହେଉଛି। ୮ ଦିନ ଧରି କଟକ ବାଲିଯାତ୍ରାରେ ପ୍ରାୟ ୩୦ଲକ୍ଷରୁ ଅଧିକ ଲୋକଙ୍କ ସମାଗମ ହୋଇଥାଏ। ବ୍ୟବସାୟୀଙ୍କ କହିବା ଅନୁଯାୟୀ ଏଥର ଅନୁକୂଳ ପାଗ ଲାଗି ଲୋକଙ୍କ ଆଗମନ ବଢ଼ିପାରେ। ଦେଶର ବିଭିନ୍ନ ରାଜ୍ୟ ତଥା ଗୁଜୁରାଟ, ରାଜସ୍ଥାନ, ଜାମ୍ମୁକାଶ୍ମିର, ଦିଲ୍ଲୀ, ନାଗାଲାଣ୍ଡ, ବିହାର, ଆସାମ, ଛତିଶଗଡ଼, ହରିଆନା, ପଞ୍ଜାବ, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, ଝାଡଖଣ୍ଡ, କର୍ଣ୍ଣାଟକ, ତାମିଲନାଡୁ, କେରଳ, ମଣିପୁର, ମହାରାଷ୍ଟ୍ର ଆଦି ମୋଟ ୨୮ଟି ରାଜ୍ୟରୁ ପଲିଶ୍ରୀ ମେଳାକୁ ଆସିବେ ବ୍ୟବସାୟୀ। ୧୩୦୦ରୁ ଅଧିକ କାରିଗର ସେମାନଙ୍କ କଳାକୃତି ନେଇ ଏହି ମେଳାରେ ପସରା ଖୋଲିବେ। ଏହା ବ୍ୟତୀତ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ମିଶନ ଶକ୍ତି ଅନ୍ତର୍ଗତ ମହିଳା ଏସଏଚଜି ମାନେ ସେମାନଙ୍କ ହସ୍ତଶିଳ୍ପ ଓ ଘରକରଣା ସାମଗ୍ରୀ ମାନ ଆଣିବେ। ରାଜ୍ୟ ସମେତ ବାହାରର ୩୦ରୁ ଅଧିକ ପ୍ରସିଦ୍ଧ ଫୁଡ ଷ୍ଟଲ ମଧ୍ୟ ଫୁଡ ଜୋନରେ କରାଯାଉଛି। ପଲିଶ୍ରୀ ମେଳା ପଡ଼ିଆରେ ୨୪ ଘଣ୍ଟିଆ ଆମ୍ବୁଲାନ୍ସ ସେବା ପ୍ରଦାନ କରାଯିବ।





ସିଏମସିରେ ଜନଗଣନା ତାଲିମ ବୈଠକ

## ନୂତନ ୱାଇଜ୍‌ମ୍ୟାନ୍ କ୍ଲବ୍ ଗଠିତ

**କଟକ, ୪।୧୧(ସମିସ):** ଜାତିସଂଘ ସହବନ୍ଧିତ ଅନ୍ତର୍ଜାତୀୟ ୱାଇଜମ୍ୟାନ ଇଣ୍ଟରନ୍ୟାସନାଲ ଅଧୀନରେ 'ୱାଇଜମ୍ୟାନ କ୍ଲବ ଜଟଣୀ' ନାମରେ ଏକ ନୂତନ କ୍ଲବ ଗଠନ କରାଯାଇଛି। କଟକ-ଚୌଦ୍ୱାର କ୍ଲବ ସଭାପତି ରାଜେଶ ପାଣିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ଉତ୍ତର ପୂର୍ବ ଓ ଉତ୍ତରପୂର୍ବ ଭାରତର ଆଞ୍ଚଳିକ ନିର୍ଦ୍ଦେଶକ ଆଇନଜୀବି ପ୍ରସନ୍ନ କୁମାର ନନ୍ଦ ଯୋଗଦେଇ ନୂତନ କ୍ଲବକୁ ଚାର୍ଟର ପ୍ରଦାନ କରିଥିବାବେଳେ ଆରଡିଇ ଡ. ସୁରଜିତ ସାହୁ କର୍ମକର୍ତ୍ତାଙ୍କୁ ଶପଥପାଠ କରାଇଥିଲେ। ଏହି ଅବସରରେ ୱାଇଜମ୍ୟାନ ଜିଲ୍ଲା ଗଭର୍ଣ୍ଣର ସତ୍ୟ ଗୋପାଳ ପରିଜାଙ୍କ ତ୍ରୟମାସିକ ସ୍ୱତନ୍ତ୍ର ପତ୍ରିକାକୁ ମୁଖ୍ୟଅତିଥି ଉନ୍ମୋଚନ କରିଥିଲେ। ଏହି ସଭାରେ ସମ୍ମାନିତ ଅତିଥି ଭାବରେ ଏଲଆରଡ଼ି ଦୀପକ କୁମାର ମହାନ୍ତି, ଡ ପ୍ରଭାତ ମିଶ୍ର, ସୁଜିତ୍ ପାଣି ଯୋଗଦେଇ ଏହି ଅଭିଯାନର ସେବାମୂଳକ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ସଭାପତି ଶାମୁଏଲ୍ ଗେନ୍ ଓ ସମ୍ପାଦକ ଆର ଶାନ୍ତି ସ୍ୱରୂପଙ୍କ ନେତୃତ୍ୱରେ ଏହା ପ୍ରତିଷ୍ଠା ହୋଇଛି। ଡ ଶୁଭସୁଧା ପ୍ରିୟଦର୍ଶିନୀ, ପୀୟୁଷ ମହାନ୍ତି, ଜ୍ୟୋତି ରଞ୍ଜନ ସିଂ, ସୌମେନ୍ଦ୍ର ଦାସ, ଆମୋଷ ଗେନ, ଜନ ସୂଚିତ ପ୍ରଧାନ, ସୁଦ୍ଧା ନନ୍ଦ ବିହାରୀ ପରିଚାଳନା କରିଥିଲେ।



## ଅମଳ ପୂର୍ବରୁ ଧାନ ଫସଲ କ୍ଷତିର ଆକଳନ ସମ୍ପର୍କିତ ୩ଦିନିଆ କର୍ମଶାଳା



**କଟକ, ୪।୧୧(ସମିସ):** ପ୍ରତିବର୍ଷ, ସାରା ବିଶ୍ୱରେ ୪୦ପ୍ରତିଶତ ପର୍ଯ୍ୟନ୍ତ ଫସଲ ଅମଳ ପୂର୍ବରୁ ନଷ୍ଟ ହୋଇଯାଏ, ଯାହା ଲକ୍ଷ ଲକ୍ଷ ଚାଷୀଙ୍କ ଖାଦ୍ୟ ସୁରକ୍ଷା, ଜୀବିକା ଏବଂ ଆର୍ଥିକ ସ୍ଥିରତା ପାଇଁ ଏକ ଗମ୍ଭୀର ବିପଦ ସୃଷ୍ଟି କରେ। ସିଏବିଆଇ ଦ୍ୱାରା ପରିଚାଳିତ ଏକ କାର୍ଯ୍ୟକ୍ରମ, ଗ୍ଲୋବାଲ୍ ବର୍ଡେନ ଅଫ୍ କ୍ରପ୍ ଲସ୍ (ଜିବିସିଏଲ) ପଦକ୍ଷେପ ଏହି ଗୁରୁତ୍ୱପୂର୍ଣ୍ଣ ବିଶ୍ୱ ସମସ୍ୟାର ସମାଧାନ ପାଇଁ ସିଏବିଆଇ ଏବଂ ସିଆରଆରଆଇ ପକ୍ଷରୁ ୩ ଦିନିଆ କର୍ମଶାଳା ଆରମ୍ଭ ହୋଇଛି। କର୍ମଶାଳାର ପ୍ରଥମ ଦିନରେ ସରକାରୀ ବିଭାଗ, ଗବେଷଣା ପ୍ରତିଷ୍ଠାନ, ଶିକ୍ଷାନୁଷ୍ଠାନ, ତୃଣମୂଳସ୍ତରର ସଂଗଠନ ଏବଂ ଗଣମାଧ୍ୟମର ପ୍ରତିନିଧିତ୍ୱ କରୁଥିବା ୮୦ରୁ ଅଧିକ ଅଂଶୀଦାର ଅଂଶଗ୍ରହଣ କରିଛନ୍ତି। ଏଥିରେ ଓଡ଼ିଶା ସରକାରଙ୍କ କୃଷି ଏବଂ ଖାଦ୍ୟ ଉତ୍ପାଦନ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡ. କୃଷ୍ଣ ପତି କହିଛନ୍ତି ଯେ ରାଜ୍ୟରେ ୩୦ ପ୍ରତିଶତ ଫସଲ ବୀମା ପାରମ୍ପରିକ ଫସଲ କଟା ପରୀକ୍ଷଣ ପରିବର୍ତ୍ତେ ବୈଜ୍ଞାନିକ ଭାବରେ ସମର୍ଥିତ ଫସଲ ବୀମା ବଣ୍ଟନ ସହିତ ଜଡିତ। ଅଧିକ ନିର୍ଭରଯୋଗ୍ୟ ଫସଲ କ୍ଷତି ତଥ୍ୟ ସହିତ, ଫସଲ ବୀମା ଚାଷୀଙ୍କ ପାଇଁ ସକାରାତ୍ମକ ଫଳାଫଳ ପ୍ରଦାନ କରିବାର ଏକ ଦୃଢ଼ ସମ୍ଭାବନା ରଖିଛି। ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ୱାଟର ମ୍ୟାନେଜମେଣ୍ଟର ନିର୍ଦ୍ଦେଶକ ଡ. ଏ. ଷଡଙ୍ଗୀ ନିର୍ଭରଯୋଗ୍ୟ ଆକଳନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, କଟକର ନିର୍ଦ୍ଦେଶକ ଡ. ପ୍ରତାପ ଭଟ୍ଟାଚାର୍ଯ୍ୟ, ସିଏବିଆଇ ଗ୍ଲୋବାଲ୍ ନିର୍ଦ୍ଦେଶକ କାମ୍ବ୍ରିଆ ଫାଇନଗୋଲ୍ଡ ପ୍ରମୁଖ ଆଲୋଚନା କରିଥିଲେ।

## ବାଲିଯାତ୍ରା ପାଇଁ ଟ୍ରାଫିକ୍ କଟକଣା ଜାରି

**କଟକ, ୪।୧୧(ସମିସ)**

ବାଲିଯାତ୍ରାକୁ ଦୃଷ୍ଟିରେ ରଖି କଟକ କମିଶନରେଟ୍ ପୁଲିସ ପକ୍ଷରୁ ଟ୍ରାଫିକ ପରିଚାଳନା ପାଇଁ ବ୍ୟାପକ ପ୍ରସ୍ତୁତି ଗ୍ରହଣ କରାଯାଇଛି। ୮ଦିନ ଧରି ଯାନବାହନ ଚଳାଚଳକୁ ବ୍ୟବସ୍ଥିତ କରିବା ଉଦ୍ଦେଶ୍ୟରେ କଟକଣା ଲଗାଯାଇଛି। ଓଡ଼ିଶା ସହରାଞ୍ଚଳ ପୁଲିସ ଆଇନ ୨୦୦୩ ଧାରା ୨୮ (ଓଡ଼ିଶା ଆଇନ ୨୦୦୭ ର ଧାରା ୨୮) ଏବଂ ଭୁବନେଶ୍ୱର କଟକ, ପୁଲିସ କମିସନରେଟ, ଟ୍ରାଫିକ ଓ ପବ୍ଲିକ ଅର୍ଡର ୨୦୦୮ ଧାରା ୩୬ ଅନୁସାରେ ନିମ୍ନଲିଖିତ କଟକଣା ଗୁଡ଼ିକ ଉପରୋକ୍ତ ଦିନ ମାନଙ୍କରେ ଅପରାହ୍ଣ ୨ଟାରୁ ଭିଡ଼ ଭାଙ୍ଗିବା ପର୍ଯ୍ୟନ୍ତ କଟକଣା ଲାଗୁ ହେବ। କିନ୍ତୁ ଏହି କଟକଣାରୁ ଆମ୍ବୁଲାନ୍ସ, ଅଗ୍ନିଶମ ବାହିନୀ, ପୁଲିସ ଏବଂ ଉପଯୋଗୀ ସେବାରେ ନିୟୋଜିତ ଯାନଗୁଡ଼ିକ ବାଦ୍ ପଡ଼ିବେ।

ଭୁବନେଶ୍ୱରରୁ ନନ୍ଦନକାନନ, ବାରଙ୍ଗ, ତ୍ରିଶୁଳିଆ ଦେଇ ଆସୁଥିବା ହାଲୁକା ଯାନଗୁଡ଼ିକ ନେତାଜୀ ସେତୁ ଦେଇ ବେଲଭ୍ୟୁ ଛକ ଠାରୁ ବାମ ମୋଡ଼ ନେଇ ସିଡିଏ -୧୧ ଦେଇ ବିଜୁ ପଟ୍ଟନାୟକ ପାର୍କରେ ପହଞ୍ଚିବେ। ଭୁଆଶୁଣୀ ଗ୍ରାଉଣ୍ଡ କିମ୍ବା କୃଷକ ବଜାର ଗ୍ରାଉଣ୍ଡରେ ସେମାନଙ୍କର ଗାଡି ପାର୍କ କରିବେ। ଆଠଗଡ଼ ଏବଂ ବାଙ୍କୀ ପାର୍ଶ୍ୱରୁ ନରାଜ ସେତୁ ଏବଂ ମଧୁସୂଦନ ସେତୁ ଦେଇ ଆସୁଥିବା ହାଲୁକା ଯାନଗୁଡ଼ିକ ଭୁଆଶୁଣୀ ଗ୍ରାଉଣ୍ଡ, ଗୋରାକବର ଗ୍ରାଉଣ୍ଡ କିମ୍ବା ଖ୍ରୀଷ୍ଟିଆନ୍ ଗ୍ରାଉଣ୍ଡରେ ସେମାନଙ୍କର ଗାଡି ପାର୍କ କରିପାରିବେ। ସତୀଚୌରା ଛକରୁ ସେଲଟର ଛକ ଏବଂ କନିକା ଛକ ଦେଇ ବାଲିଯାତ୍ରା ପଡ଼ିଆ ଆଡ଼କୁ ଆସୁଥିବା ଦୁଇ ଚକିଆ ଯାନଗୁଡ଼ିକ ଦୟାଶ୍ରମ ପାର୍କିଂ ଗ୍ରାଉଣ୍ଡ କିମ୍ବା ଉପର ବାଲିଯାତ୍ରା ପଡ଼ିଆ (ଜୋନ୍- ୧ ଏବଂ ୨) ରେ ନିର୍ଦ୍ଧାରିତ ପାର୍କିଂ ସ୍ଥାନରେ ସେମାନଙ୍କର ଯାନଗୁଡ଼ିକୁ ପାର୍କିଂ କରିପାରିବେ। ଚହଟା ଛକରୁ, ତିନି ଚକିଆ ଏବଂ ଚାରି ଚକିଆ ଯାନଗୁଡ଼ିକ ନିର୍ଦ୍ଧାରିତ ପାର୍କିଂ ସ୍ଥଳ ଯଥା ଭୁଆଶୁଣୀ ପଡ଼ିଆ, ଗୋରକବର ପଡ଼ିଆ କିମ୍ବା ଖ୍ରୀଷ୍ଟିଆନ୍ ପଡ଼ିଆ ଆଡ଼କୁ ଯାଇପାରିବେ। ସେହି ଯାନଗୁଡ଼ିକୁ ହରିଣ ପାର୍କରୁ ବାଲିଯାତ୍ରା ଆଡ଼କୁ ଯିବାକୁ ଅନୁମତି ଦିଆଯିବ ନାହିଁ। ହରିଣ ପାର୍କ ଛକ ଏବଂ ମଧୁକୁଞ୍ଜ ପାର୍କ ଛକରୁ, ବାଲିଯାତ୍ରା ପଡ଼ିଆ ଆଡ଼କୁ କୌଣସି ଯାନକୁ ଅନୁମତି ଦିଆଯିବ ନାହିଁ। ଚଣ୍ଡି ଛକରୁ କେମ୍ବ୍ରିଜ୍ ସ୍କୁଲ ଦେଇ ବାଲିଯାତ୍ରା ପଡ଼ିଆ ଆଡ଼କୁ କୌଣସି ଚାରି ଚକିଆ କିମ୍ବା ତିନି ଚକିଆ ଯାନକୁ ଯିବାକୁ ଦିଆଯିବ ନାହିଁ। ଏହି ଯାନଗୁଡ଼ିକ କନିକା ଛକ ଏବଂ ବିଜୁ ପଟ୍ଟନାୟକ ଛକ ଦେଇ ଖ୍ରୀଷ୍ଟିଆନ ପଡ଼ିଆ କିମ୍ବା ଗୋରାକବର ପାର୍କିଂ ଗ୍ରାଉଣ୍ଡରେ ପାର୍କିଂ କରିବେ। କେବଳ ଦୁଇଚକିଆ ଯାନଗୁଡ଼ିକୁ ଚଣ୍ଡି ଛକରୁ କେମ୍ବ୍ରିଜ ସ୍କୁଲ ଦେଇ ବାଲିଯାତ୍ରା ପଡ଼ିଆକୁ ଯିବା ପାଇଁ ଅନୁମତି ଦିଆଯିବ। ଗ୍ରିନାର୍ ହୋଟେଲ ଛକରୁ, ମଧୁସୂଦନ ପ୍ରତିମୂର୍ତ୍ତି ଆଡକୁ କୌଣସି ଯାନବାହନ ଯିବାକୁ ଅନୁମତି ଦିଆଯିବ ନାହିଁ। ଯାନବାହନଗୁଡ଼ିକ ରିଙ୍ଗ ରୋଡ୍ ଆଡକୁ ଡାହାଣ ମୋଡ଼ ନେଇ ସିଲଭର ସିଟି ବୋଟିଂ କ୍ଲବ୍ ପାର୍କିଂ ନମ୍ବର ୧, ୨, ୩, ଏବଂ ୪ ରେ ପାର୍କିଂ କରିପାରିବେ।

## ଧ୍ରୁବତାରା ପକ୍ଷରୁ କବିତା ଆବୃତ୍ତି ପ୍ରତିଯୋଗିତା



**କଟକ, ୪।୧୧(ସମିସ):** ଓଡ଼ିଶାର ସୁନାମଧନ୍ୟ ଶିଶୁ ସାହିତ୍ୟ ଅନୁଷ୍ଠାନ ଧ୍ରୁବତାରା ପକ୍ଷରୁ ତୁଳସୀପୁରସ୍ଥିତ ଓଡ଼ିଶା ପୁଲିସ ହାଇସ୍କୁଲଠାରେ ଓଡ଼ିଶାର ସୁପରିଚିତ ଶିଶୁ ସାହିତ୍ୟିକ ଓ ସଂଗଠକ ନଦୀୟା ବିହାରୀ ମହାନ୍ତିଙ୍କ ରଚିତ କବିତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଜୟନ୍ତୀ ମଞ୍ଜରୀ ରଥଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ ପରିଚାଳନା କରିଥିଲେ। ସ୍ୱର୍ଗତ ନଦିଆ ବିହାରୀ ମହାନ୍ତିଙ୍କ ସ୍ୱରଚିତ କବିତା ଆବୃତ୍ତି ପ୍ରତିଯୋଗିତାରେ ବିଶିଷ୍ଟ ସାମ୍ବାଦିକ ଡ. ସତ୍ୟ ରାୟ ଓ ଡାକ୍ତର ଶୁଭସୁଧା ପ୍ରିୟଦର୍ଶିନୀ ବିଚାରକ ଭାବେ ଯୋଗଦେଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାହିତ୍ୟ ପ୍ରତି ଆଦର ବଢ଼ାଇବା ଉଦ୍ଦେଶ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ବରିଷ୍ଠ ବିଭାଗରେ ପ୍ରୀତିମୟୀ ବେହେରା, ମୁକ୍ତାଜ୍ୟୋତି ରାଜଗୁରୁ, ସୁଚରିତା ସାହୁ ଓ କନିଷ୍ଠ ବିଭାଗରେ ସେୟଂଶି ଦାସ, ଆଦ୍ୟାଶା ପ୍ରିୟଦର୍ଶିନୀ ଓ ସୁମନ୍ ସେଠୀ ଯଥାକ୍ରମେ ପ୍ରଥମ ଦ୍ୱିତୀୟ ଓ ତୃତୟ ସ୍ଥାନ ଅଧିକାର କରିଥିଲେ। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ବେହେରା, ଧୀରେନ୍ଦ୍ର ସିଂସାମନ୍ତ, ସତ୍ୟ ଗୋପାଳ ପରିଜା, ଜ୍ୟୋତିର୍ମୟୀ ଆଚାର୍ଯ୍ୟ, ମମତା ସ୍ୱାଇଁ, ସୋଭାସ୍ୱିନି ବେହେରା, ମୌସୁମୀ ସିହ୍ନା, ସୀମା ପଟ୍ଟନାୟକ, ବିଜୟ ମୁଦୁଲି, ସାଗରିକ ପତି, ମମତା ଭୋଳ ଓ ବଳାଦିତ୍ୟ ପରିଡ଼ା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରକାଶଥାଉକି ବିଜେତାଙ୍କୁ ଆସନ୍ତା ନଭେମ୍ବର ୧୫ତାରିଖ ସନ୍ଧ୍ୟାରେ ବାଣୀପୀଠ ଶ୍ରୀ ରାମଚନ୍ଦ୍ର ଭବନ ଠାରେ ଶିଶୁ ସାରସ୍ୱତ ସାଧକ ଓ ସଂଗଠକ ନଦୀଆ ବିହାରୀ ମହାନ୍ତିଙ୍କ ୯୫ତମ ଜୟନ୍ତୀରେ ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ରହିଛି।

# ରାସ୍ତା ପ୍ରଶସ୍ତୀକରଣ ପାଇଁ ଭାଙ୍ଗିଲା ୧୨ ଷ୍ଟଲ୍ ଗୃହ

## ପାଣିରେ ପଡ଼ିଲା ସାଢେ ୭ ଲକ୍ଷ



ଜୟପୁର, ୪।୧୧(ସମିସ): କୋରାପୁଟ ଜିଲ୍ଲା ଜୟପୁର ପୌରସଂସ୍ଥା ପକ୍ଷରୁ ଆଜି ଜୟନଗର ଛକ ଠାରେ ଜଗନ୍ନାଥ ସାଗର ପାଶ୍ୱର୍ରେ ରହିଥିବା ୧୨ଟି ଷ୍ଟଲକୁ ଆଜି ଭଙ୍ଗା ଯାଇଛି। ପଞ୍ଚାନନ ମନ୍ଦିର ଛକ ଠାରୁ ଜୟନଗର ଦେଇ ଇନ୍ଦିରା ପଣ୍ଡା ଛକ ପର୍ଯ୍ୟନ୍ତ ୪ ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ ନେଇ ପ୍ରଶସ୍ତିକରଣ କାର୍ଯ୍ୟ ଏବଂ ନୂତନ ପୁରାତନ ରାସ୍ତା ଉପରେ ନୂତନ ରାସ୍ତା ନିର୍ମାଣ ନେଇ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଜୟନଗର ଛକ ଠାରେ ଜଗନ୍ନାଥ ସାଗର ପାଶ୍ୱର୍ରେ ରହିଥିବା ଗତ ୨୦୧୫-୧୬ ମସିହାରେ ନିର୍ମିତ ୧୨ଟି ଷ୍ଟଲକୁ ଆଜି ଭଙ୍ଗା ଯାଇଛି। ପୌରସଂସ୍ଥା ପକ୍ଷରୁ ଉକ୍ତ ସମୟରେ ପ୍ରାୟ ସାଢେ ୭ ଲକ୍ଷଟଙ୍କା ବ୍ୟୟ କରିଥିଲେ। ଏହିପରି ଟେଣ୍ଡର ମାଧ୍ୟମରେ ୧୨ଟି ମଧ୍ୟରୁ ୮ଟି ଷ୍ଟଲ ପାଇଁ ଟେଣ୍ଡରରେ ପାଇଥିବା ୮ଜଣ ବ୍ୟକ୍ତି ଟଙ୍କା ପୈଠ କରିଥିଲେ। କିନ୍ତୁ ପୌରସଂସ୍ଥାର ଅବହେଳା ଏବଂ ଅନ୍ୟାନ୍ୟ କୌଣସି କାରଣ ଯୋଗୁଁ ଉକ୍ତ ଟେଣ୍ଡର ପ୍ରକ୍ରିୟାରେ ଅଂଶ ଗ୍ରହଣ କରିଥିବା ବ୍ୟକ୍ତିମାନଙ୍କୁ ଷ୍ଟଲ ପ୍ରଦାନ କରାଯାଇନଥିଲା। ପରବର୍ତ୍ତୀ ସମୟରେ ପୌରସଂସ୍ଥା ପକ୍ଷରୁ ଏହାକୁ କାର୍ଯ୍ୟକାରୀ କରିବା ନେଇ ବିଫଳ ହୋଇଥିଲା। ବିନା କାର୍ଯ୍ୟକାରୀରେ ଷ୍ଟଲ ଗୁଡିକ ଭଙ୍ଗା ଯାଇ ପୌରସଂସ୍ଥା ପକ୍ଷରୁ ଲକ୍ଷାଧିକ ଟଙ୍କା ନଷ୍ଟକୁ ନେଇ ସାଧାରଣରଣରେ ଅସନ୍ତୋଷ ଦେଖାଦେଇଛି। ଅନ୍ୟପକ୍ଷରେ ଉକ୍ତ ରାସ୍ତାର ଜଗନ୍ନାଥ ସାଗର ପାଶ୍ୱର୍ବର୍ତ୍ତୀରେ ଅନ୍ୟାନ୍ୟ ବିଭାଗ ଦ୍ୱାରା ଜମିକୁ ନିଜ ଅକ୍ତିଆରରେ ରଖାଯିବା ସହ ଲିଜ୍ ସୂତ୍ରରେ ଏବଂ ବସ୍ତି ନିର୍ମାଣକୁ ତୁରନ୍ତ ଭାଙ୍ଗିବାକୁ ସାଧାରଣରେ ଦାବି ହୋଇଛି। ଆଜି ପୌରସଂସ୍ଥା ପକ୍ଷରୁ ୨ଟି ଜେସିବି ମେସିନ ଦ୍ୱାରା ସ୍ଥାନୀୟ ତହସିଲଦାର ସବ୍ୟସାଚୀ ଜେନା, ଅତିରିକ୍ତ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ପୂଜା ରାଉତ, ଅମିନ ଶୁଭସ୍ମିତା ଜେନା, ଅବିନାଶ ସାନ୍ତ୍ରାପାତ୍ର, ସ୍ୱାସ୍ଥ୍ୟ ନିରୀକ୍ଷକ ଭୁବନୀ ହାଲବା, ପରିମଳ ନିରୀକ୍ଷକ ସତ୍ୟ ନାରାୟଣ ପାତ୍ର, ପୌର କର୍ମଚାରୀ ଉପସ୍ଥିତ ଥିଲେ।

# ନାରାୟଣୀ ଇଂଲିଶ ମିଡିୟମ ବିଦ୍ୟାଳୟର ବିଜ୍ଞାନ ପ୍ରଦର୍ଶନୀ



ଜୟପୁର, ୪।୧୧(ସମିସ): ଜୟପୁର ସ୍ଥିତ ନାରାୟଣୀ ଇଂଲିଶ ମିଡିୟମ୍ ବିଦ୍ୟାଳୟର ବାର୍ଷିକ ବିଜ୍ଞାନ ପ୍ରଦର୍ଶନୀ "ଭିବଗୟର' ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଥିଲା। ଏହି ପ୍ରଦର୍ଶନୀରେ ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ରଥମରୁ ୫ମ ଶ୍ରେଣୀ , ଷଷ୍ଠରୁ ୮ମ ଏବଂ ନବମରୁ ୧୧ ଶ୍ରେଣୀ ପର୍ଯ୍ୟନ୍ତ ୪ଟି ବର୍ଗରେ ବିଭକ୍ତ ହୋଇଥିଲେ। ଏଥିରେ ସମୁଦାୟ ୪୦ଟି ବିଭିନ୍ନ ପ୍ରକାରର ବିଜ୍ଞାନ ପ୍ରକଳ୍ପ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ପ୍ରଦର୍ଶିତ ହୋଇଥିଲା। ଏଥିରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବିଜ୍ଞାନ ଶିକ୍ଷକ ସୁଭ୍ରାଂଶୁ ରଞ୍ଜନ ମାନିଆ ଓ ଦିଲୀପ କୁମାର ଶତପଥୀ ବିଚାରକ ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଶ୍ରେଷ୍ଠ ପ୍ରକଳ୍ପ ପ୍ରସ୍ତୁତ କରିଥିବା ଛାତ୍ରାଛାତ୍ରୀଙ୍କୁ ବିଦ୍ୟାଳୟର ପରିଚାଳନା କମିଟିର ନିର୍ଦ୍ଦେଶକ ଅନିକେତ ପଟ୍ଟନାୟକ ଓ ଅଧ୍ୟକ୍ଷ ସୁଚିସ୍ମିତା ପଟ୍ଟନାୟକ ଦ୍ୱାରା ପୁରସ୍କାର ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟିର ଅଧ୍ୟକ୍ଷା ନାରାୟଣୀ ପଟ୍ଟନାୟକ, ଅନିତା ପଟ୍ଟନାୟକ ଓ ଉପାଧ୍ୟକ୍ଷ ପିୟୁଷ ପଟ୍ଟନାୟକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଉପାଧ୍ୟକ୍ଷା ପ୍ରିୟଙ୍କା ମହାରଣାଙ୍କ ନେତୃତ୍ୱରେ ସମସ୍ତ ଶିକ୍ଷକ, କର୍ମଚାରୀ, ଅଭିଭାବକ ଓ ଶିକ୍ଷାର୍ଥୀମାନେ ସହଯୋଗ କରିଥିଲେ। ସାଇବର ଅପରାଧକୁ ନେଇ ଆୟୋଜିତ ସଚେତନତା ଅବସରରେ ଟାଉନଥାନା ପୁଲିସ ପକ୍ଷରୁ ଜେୟପୁର ସହରର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି ଅବସରରେ ଆୟୋଜିତଚ ପ୍ରତିଯୋଗିତାରେ ବିଦ୍ୟାଳୟର ଛାତ୍ରୀ ସଞ୍ଜନା ପାଢ଼ୀ ପ୍ରଥମ , ଟି. ଜାଗୃତି ଦ୍ୱିତୀୟ ସ୍ଥାନ ଏବଂ ତନ୍ମୟୀ ତ୍ରିପାଠୀ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଙ୍କ କୋରାପୁଟ ଜିଲ୍ଲା ଏସ.ପି ରୋହିତ ବର୍ମା, ଏସଡିପିଓ ପାର୍ଥ କଶ୍ୟପ, ଟାଉନଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ଏବଂ ସଦରଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।

# ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ



ସେମିଳିଗୁଡ଼ା, ୪।୧୧ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ବ୍ଲକ କଲୋନୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମୁଖ୍ୟଅତିଥି ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ଚାମେଲୀ ମଜୁମଦାର, ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭବାନୀ ନନ୍ଦ ପଟ୍ଟନାୟକ, ସମ୍ମାନିତ ଅତିଥି ପ୍ରିୟମ୍ବଦା ପାତ୍ର, ସେମିଳିଗୁଡା ବ୍ଲକର ୧୪ଟି କ୍ଲଷ୍ଟରର ସିଆରସିସି ଉପସ୍ଥିତ ରହି ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭିରେ କୁନିକୁନି ଛାତ୍ରଛାତ୍ରୀ ମାନଙ୍କ ଲୁକ୍କାୟିତ ପ୍ରତିଭା ପରିପ୍ରକାଶ କରିଥିଲେ। ପ୍ରାଥମିକ ବିଦ୍ୟାଳୟ ଠାରୁ ଆରମ୍ଭ କରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ୧୧ଟି ବିଭାଗର ପ୍ରତିଯୋଗିତାରେ ଭାଗ ନେଇଥିଲେ। ବିଭିନ୍ନ ବିଭାଗ ମଧ୍ୟରେ ବିତର୍କ, ଗୀତ, ପିଏମ ପୋଷଣ, କୁଇଜ, ଚିତ୍ରାଙ୍କନ, ହସ୍ତାକ୍ଷର ଲିଖନ, ବକ୍ତୃତା, ଗଣିତ ଦୌଡ଼, ସୃଜନଶୀଳ ଲିଖନ, ସଂଗୀତ, ଓଡ଼ିଆ ଲିଖନ ପ୍ରତିଯୋଗିତା ହୋଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବିଡିଓଙ୍କ ଘରେ କଳାକନା ବୁଲାଇଲେ ଚୋର

ନବରଙ୍ଗପୁର,୪।୧୧(ସମିସ): ନବରଙ୍ଗପୁର ସଦର ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଘରେ କଳା କନା ବୁଲେଇଲେ ଚୋର। ନବରଙ୍ଗପୁର ବ୍ଲକ ବିଡିଓ ସୁନୀଲ ଖରା ଶନିବାର ଦିନ ଛୁଟିରେ ରାୟଗଡାରେ ଥିବା ନିଜ ପରିବାରକୁ ଭେଟିବା ପାଇଁ ଯାଇଥିଲେ। ତେବେ ଆଜି ସକାଳୁ ଆସି ବ୍ଲକ ପରିସରରେ ଥିବା ତାଙ୍କ ସରକାରୀ ବାସଭବନ ଖୋଲି ଦେଖିବା ବେଳେ ଦୁଇଟି ଭେଣ୍ଟିଲେଟର ଭାଙ୍ଗି ଚୋର ପଶି ଚୋରି ହୋଇଥିବା ଦେଖିଥିଲେ। ତାଙ୍କ ଘରୁ ୨୦ ହଜାର ଟଙ୍କା ଚୋରି ହୋଇଥିବା ନେଇ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଟାଉନ୍ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି ଏବଂ ସାଇଣ୍ଟିଫିକ ଟିମ୍‌ର ସହାୟତା ନେଇଛି । ଏହାର ଅଧିକ ତଦନ୍ତ ଚାଲିଥିବା ନବରଙ୍ଗପୁର ପୁଲିସ ପକ୍ଷରୁ ସୂଚନା ମିଳିଛି।

# ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ନବରଙ୍ଗପୁର,୪।୧୧(ସମିସ): ନବରଙ୍ଗପୁର ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅନୁଷ୍ଠାନର ଚତୁର୍ଥ ଶ୍ରେଣୀ କର୍ମଚାରୀ ବୈଦ୍ୟନାଥ ହରିଜନଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠାନର ଅଧ୍ୟକ୍ଷ ଡ. ଓଁକାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବିଦାୟୀ କର୍ମଚାରୀଙ୍କ ବିଷୟରେ ଅନୁଷ୍ଠାନର ଅନ୍ୟାନ୍ୟ କର୍ମଚାରୀ ତଥା ବିଜ୍ଲୀ ଏକ୍କା, ମୂର୍ତ୍ତି କୁମାର, ବି କରିସ୍ମା , ପଲ୍ଲବୀ ସିଂହ ନିଜ ନିଜର ମତ ପ୍ରକାଶ କରିଥିଲେ। ଅନୁଷ୍ଠାନର ପୂର୍ବତନ ଅଧ୍ୟକ୍ଷ ଅରବିନ୍ଦ ମଧେଇ, ଦେଶବନ୍ଧୁ ସାହୁ, ପ୍ରଦୀପ ମିଶ୍ର, ସଂଯୁକ୍ତା ପଣ୍ଡା ଓ ନୀଳାଚଳ ମେହେର ସୁଦୂରରେ ଥାଇ ମଧ୍ୟ ଅନ୍‌ଲାଇନରେ ଯୋଡ଼ି ହୋଇ ନିଜର ମତ ରଖିଥିଲେ। ଶେଷରେ ବିଦାୟୀ କର୍ମଚାରୀ ବୈଦ୍ୟନାଥ ହରିଜନ ଅବସର ପରେ ସୁସ୍ଥ ଏବଂ ନିରାମୟ ଜୀବନଯାପନ କାମନା କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଗୁରୁ ଛାତ୍ରଛାତ୍ରୀ, ଈଶ୍ୱର ନାୟକ, ସୁବାସ ମିରିଗନ ଏବଂ ଦିପ୍ତିଲାତା ପତ୍ର ପରିଚାଳନା କରିଥିଲେ।

# ୧୫ରୁ ପୁଟସିଲ୍ ଇକୋ-ରିଟ୍ରିଟ୍ ଶୁଭାରମ୍ଭ



ସେମିଳିଗୁଡା, ୪।୧୧ (ସମିସ): କୋରାପୁଟ ଜିଲ୍ଲାକୁ ଶୀତଦିନରେ ଅଧିକ ସଂଖ୍ୟାରେ ପର୍ଯ୍ୟଟକ ଆସୁଛନ୍ତି। ଏହି ଋତୁ ରେ ପର୍ଯଟନ ବିଭାଗ ପକ୍ଷରୁ ପୁଟସିଲ୍ ଇକୋ-ରିଟ୍ରିଟ୍ ଆୟୋଜନ କରାଯାଉଛି। ପଞ୍ଚମ ଥର ପାଇଁ ଇକୋ-ରିଟ୍ରିଟ୍ ଆରମ୍ଭ ହେବାକୁ ଯାଉଛି। ନଭେମ୍ବର ୧୫ରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିବ ଇକୋ-ରିଟ୍ରିଟ୍। ଉଦ୍‌ଘାଟନ ପ୍ରସ୍ତୁତି ଜୋରଦାର କରାଯାଇଛି। ପୂର୍ବଘାଟ ପର୍ବତମାଳାର ପୁଟସିଲ ପାହାଡ଼ ଉପରେ ପର୍ଯ୍ୟଟକଙ୍କ ଲାଗି କରାଯାଇଥିଲା ଅସ୍ଥାୟୀ କ୍ୟାମ୍ପ। ଇକୋ-ରିଟ୍ରିଟ୍ ପରିସରରେ ରହିଛି ୭ ପ୍ରିମିୟମ୍, ୨୧ ଡିଲକ୍ସ କୋଠରୀ ସହ ସ୍ୱତନ୍ତ୍ର ବିୟର ବି ବାର୍। ପର୍ଯ୍ୟଟକଙ୍କ ଲାଗି କରାଯାଇଛି ୨ ଭ୍ୟୁ ପଏଣ୍ଟ। ଟେଣ୍ଟ ନିର୍ମାଣ କାମ ଚାଲିଛି। ପ୍ରତିବର୍ଷ ପର୍ଯ୍ୟଟକଙ୍କ ସଂଖ୍ୟା ବଢୁଥିବାରୁ ଚଳିତ ବର୍ଷ ଆଗୁଆ ବୁକିଂ ସରିଯାଉଛି। ଲିଜ୍ ସୂତ୍ରରେ ପରିଚାଳନା ଦାୟିତ୍ୱ ନେଇଛି ବାହାର ରାଜ୍ୟର ସଂସ୍ଥା। ୧୫ ତାରିଖରେ ଆରମ୍ଭ ହେବାକୁ ଥିବା ବେଳେ ଇକୋ ରିଟ୍ରିଟ୍‌ରୁ ସ୍ଥାନୀୟ ବାସିନ୍ଦାଙ୍କୁ କୌଣସି ଲାଭ ମିଳୁନାହିଁ। ତେଣୁ ଏହାର ସ୍ଥାନ ପରିବର୍ତ୍ତନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏହାକୁ ଇତିମଧ୍ୟରେ ୫ବର୍ଷ ବିତିଥିଲେ ବି ଏହି ଯୋଜନାରୁ ସ୍ଥାନୀୟ ବାସିନ୍ଦା କୌଣସି ଲାଭ ପାଇପାରୁନାହାନ୍ତି। ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଲୋକେ। ଲୋକଙ୍କ ଅଭିଯୋଗ ଅନୁଯାୟୀ, କେବଳ ଏହାକୁ ଲିଜ୍ ନେଇଥିବା ସଂସ୍ଥା ହିଁ ମାଲାମାଲ ହେଉଛନ୍ତି। ଯଦି ପ୍ରତିବର୍ଷ ଏହି ଅସ୍ଥାୟୀ ରିସୋର୍ଟର ସ୍ଥାନ ପରିବର୍ତ୍ତନ କରାଯାଇ ଭିନ୍ନ ଭିନ୍ନ ପର୍ଯ୍ୟଟନ ସ୍ଥଳ ନିକଟରେ ସ୍ଥାପନ କରଯାଏ, ସ୍ଥାନୀୟ ଲୋକଙ୍କ ରୋଜଗାର ବଢ଼ିବା ସହ ଅଧିକ ପର୍ଯ୍ୟଟକ ଆକର୍ଷିତ ହୋଇପାରିବେ। ଏ ନେଇ ଅଞ୍ଚଳର ଲୋକ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା



**ଲକ୍ଷ୍ମୀପୁର,୪।୧୧(ସମିସ):** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁରରେ ବ୍ଲକ ସ୍ଥାୟୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ବ୍ଲକ ପଡିଆ ଠାରେ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ମନୋଜ ବେହେରାଙ୍କ ସଭାପତିତ୍ୱରେ ଶୁଭାରମ୍ଭ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ହେଲେକା ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଲକ୍ଷ୍ମୀଧର ବେହେରା ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବିଡିଓ ସବ୍ୟସାଚୀ ବେହେରା, ସାଂସଦ ପ୍ରତିନିଧି କୈଳାସ ଖୋସ୍ଲା, ବ୍ଲକ ଅଧ୍ୟକ୍ଷା ସୁଓ୍ୱାଇ କୁଲେସିକା, ଉପାଦକ୍ଷା ଆରତୀ କୁଲଦୀପ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କୁମୁଦ ସାଉଁନ୍ତା , ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ା ସୂର୍ଯ୍ୟନ ସାହୁ, ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରକାଶ ମହାନ୍ତି, ପରୀକ୍ଷିତ କୁଣ୍ଡୁ, ଜିଲ୍ଲାପରିଷଦ ସଭ୍ୟା ପିଙ୍କି ହିମେରିକା ଯୋଗ ଦେଇଥିଲେ। ମଞ୍ଚ ପରିଚାଳନା ଓ ସ୍ୱାଗତ ସମ୍ବର୍ଧନା ଅଙ୍କିତ୍ କୁମାର ପାଣଗ୍ରାହୀ ଓ ସତ୍ୟବ୍ରତ ସାମନ୍ତରାୟ କରିଥିଲେ। ସଫଳ ଚାଷୀ ମାନଙ୍କୁ ପ୍ରାଣୀ ସମ୍ପଦ ବିକାଶର ୫ ଜଣ ଓ ମତ୍ସ୍ୟ ବିଭାଗରେ ୩ ଜଣଙ୍କୁ ଅର୍ଥ ରାଶି ଦେଇ ପୁରସ୍କୃତ କରା ଯାଇଥିଲା। ୧୯ ଜଣ ଚାଷୀଙ୍କୁ ଗାଇ ଚାଷ ପାଇଁ ଚେକ୍ ପ୍ରଦାନ କରାଯାଇ ଥିଲା। ଲକ୍ଷ୍ମୀପୁର ବିଡିଓ ସବ୍ୟସାଚୀ ବେହେରା ଉଦାହରଣ ଦେଇ ଚାଷୀ ଭାଇ ମାନଙ୍କୁ ବୁଝାଇ ଥିଲେ। ଜିଲ୍ଲା ପ୍ରାଣୀ ଅଧିକାରୀ ୧୯ ଜଣ ଗାଇ ଚାଷୀ ପଞ୍ଜୀକୃତ କରି ଥିବା ବେଳେ ସେମାନଙ୍କୁ ଆମେ ସରକାରୀ ସୁବିଧା ଯୋଗାଇ ଦେବା ସହ ସେ କିପରି ଏଥିରେ ଲାଭବାନ ହେବେ ସେ ଦିଗରେ ଚେଷ୍ଟା କରାଯିବା ପାଇଁ କହିଛନ୍ତି।

# ଜିଲ୍ଲାପାଳ ଓ ଏସ୍‌ପିଙ୍କ ଜନଶୁଣାଣି ଶିବିର




ନବରଙ୍ଗପୁର,୪।୧୧(ସମିସ): ନବରଙ୍ଗପୁର ପୌରପାଳିକା ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପତଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରଓ୍ୱାନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର ପ୍ରମୁଖ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଜନ ଶୁଣାଣି ଶିବିରରେ ମୋଟ ୪୦ ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିବା ବେଳେ ସେଥିମଧ୍ୟରୁ ୩୨ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୮ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ୩ ଟି ସମସ୍ୟାର ସମାଧାନ ତତ୍‌କ୍ଷଣାତ କରାଯାଇଥିଲା।

# ବିଜେଡି ଯୁବନେତାଙ୍କ ପିତୃ ବିୟୋଗ



ନନ୍ଦପୁର, ୪।୧୧ (ସମିସ): ନନ୍ଦପୁର ଅଞ୍ଚଳର ବିଜେଡି ଯୁବନେତା ମୁନା ଦଳପତିଙ୍କ ପିତା ସମାଜସେବୀ କିଶୋର କୁମାର ଦଳପତ (୮୫)ଙ୍କର ମଙ୍ଗଳବାର ଦିନ ପରଲୋକ ଘଟିଛି। ମୃତ୍ୟୁ ଶଯ୍ୟା ନିକଟରେ ପତ୍ନୀ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷା ଲକ୍ଷ୍ମୀ ହନ୍ତାଳ, ପୁତ୍ର ମୁନା ଦଳପତି, ଦୁଇ ଝିଅ ପିଙ୍କି ଓ ରୀନା ଉପସ୍ଥିତ ଥିଲେ। ଏହି ଖବର ପାଇ କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ପଟାଙ୍ଗି ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ପାଙ୍ଗି, ବରିଷ୍ଠ ନେତା ଜୟରାମ ଭୋଇ, ଗୋପାଳକୃଷ୍ଣ ବେବର୍ତ୍ତା, ଜଗନ୍ନାଥ ପାଙ୍ଗି, ସେକ୍ ଗଫୁର, ସେକ ନୂର୍, ସେକ୍ ମହମ୍ମଦ, ମୁନା ପଣ୍ଡା, କାମେଶ କାର୍ତ୍ତୁଲ, ସତୀଶ ଚୌଧୁରୀ, ବୁଟି ଶୁକ୍ରି, ବିପିନ ମହାନ୍ତି, ସମାଜସେବୀ ଆକାଶ ଖିଲ, ବିଧାୟକ ପ୍ରତିନିଧି କାମେସ କାମୁଡି, ବ୍ଲକ୍ ଉପାଧ୍ୟକ୍ଷ ଗୋପାଳ ହନ୍ତାଳ, ସମିତି ସଭ୍ୟ ଜଗନ୍ନାଥ ହନ୍ତାଲ୍, ବନମାଳୀପୁଟ ସରପଞ୍ଚ ଗୋରା ଯାନି, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ କାର୍ତ୍ତିକ ଖେମୁଣ୍ଡୁ ସମେତ ଲମତାପୁଟ ବ୍ଲକ୍, କୋରାପୁଟ ଓ ନନ୍ଦପୁର ବ୍ଲକର ବହୁ ଲୋକ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ଶୋକାକୁଳ ପରିବେଶରେ ସ୍ଥାନୀୟ ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ପ୍ରଶାସନ ଉପରେ ସରପଞ୍ଚ ସଂଘ ସଭାପତିଙ୍କ ଚାପ!

## 'ପରବ'ରେ କରିବେ ନାହିଁ ସହଯୋଗ

ନନ୍ଦପୁର,୪।୧୧(ସମିସ): ଚଳିତ ବର୍ଷ କଳା ମହୋତ୍ସବ 'ପରବ' ପ୍ରସ୍ତୁତି ବୈଠକ ଆରମ୍ଭରୁ ସରପଞ୍ଚ ସଂଘ ପକ୍ଷରୁ ପ୍ରଶାସନ ଉପରେ ଚାପ ସୃଷ୍ଟି କରାଯାଇଛି। ଏଥର 'ପରବ'ରେ ସରପଞ୍ଚମାନେ ସହଯୋଗ କରିବେ ନାହି ସଂଘର ସଭାପତ ମତ ରଖିଛନ୍ତି। ସରପଞ୍ଚ ସଂଘର ଏହି ମତ ସାଧାରଣରେ ଆଲୋଚନାର ବିଷୟ ହୋଇଛି। ବ୍ଲକ୍ ପ୍ରଶାସନ ସରପଞ୍ଚମାନଙ୍କୁ ସହଯୋଗ କରୁ ନଥିବାରୁ ସରପଞ୍ଚ ମାନେ ମଧ 'ପରବ'କୁ ସହଯୋଗ କରିବେ ନାହି ବୋଲି ଚେତାବନୀ ଦେଇଛନ୍ତି । ଏ ନେଇ ବରିଷ୍ଠ ନେତା ସେକ ଗୋଫୁର୍ କହିଛନ୍ତି ସରପଞ୍ଚ ସଭାପତିଙ୍କ ମତ ଅନୁସାରେ 'ପରବ'କୁ ସହଯୋଗ କରିବୁନି ଅର୍ଥ ପ୍ରଶାସନ ଉପରେ ଚାପ ସୃଷ୍ଟି କରାଯାଉଥିବା ହିଁ ବୁଝାଯିବ। ବିଧାୟକ ପ୍ରତିନିଧି କାମେଶ କାମୁଡି କହିଛନ୍ତି, 'ପରବ' ପ୍ରତି ସରପଞ୍ଚମାନଙ୍କ ଆନ୍ତରିକତାର ଅଭାବ ପରିଲକ୍ଷିତ ହୋଇଛି । 'ପରବ' ମାଧ୍ୟମରେ ଆଦିବାସୀ କଳା ପରମ୍ପରାକୁ ବଞ୍ଚିତ ରଖିବାକୁ ଗତ ୩୦ବର୍ଷ ହେବ 'ପରବ' ଅନୁଷ୍ଠିତ ହୋଇ ଆସୁଛି। ସରପଞ୍ଚ ଭାବେ ଅଞ୍ଚଳର ଉନ୍ନୟନ କାର୍ଯ୍ୟ କରିବାର ଯେତିକି ଦାୟିତ୍ୱ, ସେହି ଅଞ୍ଚଳର ଆଦିବାସୀ ମାନଙ୍କ କଳା ସଂସ୍କୃତି ପରମ୍ପରାକୁ ଉଦ୍‌ଜୀବିତ ରଖିବା ପାଇଁ ମଧ୍ୟ ସେତିକି ଦାୟିତ୍ୱ ବୋଲି କହି ସରପଞ୍ଚ ସଂଘ ସଭାପତି ଜଗବନ୍ଧୁ ଚେଟିଙ୍କ ଯେଉଁ ମତ ରଖିଛନ୍ତି, ଅଯଥା ବ୍ଲକ୍ ପ୍ରଶାସନ ଉପରେ ଚାପ ସୃଷ୍ଟି କରିବାକୁ ପ୍ରୟାସ କରାନଯାଉ ବୋଲି ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଜୟରାମ ଭୋଇ କହିଛନ୍ତି।

# ଆୟାପ୍ପା ସ୍ୱାମୀଙ୍କ ଅଗ୍ନି ପୂଜା ଉତ୍ସବ



ଉମରକୋଟ,୪।୧୧(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ଗୁଲିପାଟଣା ବାବା ବୈଦନାଥ ମନ୍ଦିର ପ୍ରାଙ୍ଗଣରେ ଆୟାପ୍ପ ସ୍ୱାମୀଙ୍କ ଅଗ୍ନି ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅଗ୍ନିପୂଜାରେ ସନ୍ଧ୍ୟା ୬ଟା ସମୟରେ ସ୍ୱାମୀମାନେ ଉମରକୋଟର ଗୁଲିପାଟଣା ସ୍ଥିତ ମାଁ ପେଣ୍ଠ୍ରାଣୀ ମନ୍ଦିର ଗୁଡି ମନ୍ଦିର ଠାରୁ ବାହାରି ନଗର ପରିକ୍ରମା କରିଥିଲେ। ପରେ ସନ୍ଧ୍ୟା ୮ ଘଣ୍ଟା ସମୟରେ ଆମ୍ବଲମ୍ ପୂଜା ହୋଇଥିଲା। ଏହି ଆମ୍ବଲମ୍ ପୂଜାରେ ଜିଲ୍ଲାରୁ ପ୍ରାୟ ୨୦୦ ସ୍ୱାମୀ ଯୋଗ ଦେଇଥିଲେ। ଏହି ଅଗ୍ନିପୂଜାରେ ଆସିଥିବା ସ୍ୱାମୀ ମାନେ ଆୟାପ୍ପାଙ୍କ ଭଜନ ପରିବେଷଣ କରିଥିଲେ। ଏହି ଯାତ୍ରାରେ ସମସ୍ତ ଆୟାପ୍ପା ଦୀକ୍ଷା ଧାରୀ ସ୍ୱାମୀ ମାନେ ଯୋଗ ଦେବା ସହ ସାଧାରଣ ଭକ୍ତ ମଧ୍ୟ ଯୋଗ ଦେଇଥିଲେ। ସମସ୍ତ ପୂଜା ସରିବା ପରେ ସମସ୍ତ ଆୟାପ୍ପା ଦୀକ୍ଷା ଧାରି ସ୍ୱାମୀ ମାନେ ଜ୍ୱଳନ୍ତ ନିଆଁକୁ ପୂଜା କରି 'ସ୍ୱାମୀୟେ ସରଣମ୍ ଆୟାପ୍ପା' ଉଚ୍ଚାରଣ କରି ଦୀକ୍ଷାଧାରୀ ସ୍ୱାମୀ ମାନେ ନିଆଁରେ ଚାଲିଥିଲେ। ପରେ ସମସ୍ତ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆସିଥିବା ଗୁରୁ ସ୍ୱାମୀ ଆଶିଷ ପ୍ରଦାନ କରିଥିଲେ। ଉମରକୋଟ ଆଖପାଖ ଅଞ୍ଚଳରୁ ବହୁ ଭକ୍ତ ଏହି କାର୍ଯ୍ୟକ୍ରମ ଦେଖିବାକୁ ଆସିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଗୁଲିପାଟଣ ବାବା ବୈଦ୍ୟନାଥ ମନ୍ଦିର କମିଟି, କଳିଙ୍ଗ କଳା ଓ ସଂସ୍କୃତିକ ଯୁବ ପରିଷଦର ସଦସ୍ୟମାନେ ପରିଚାଳନା କରିଥିଲେ।

# ନନ୍ଦାହାଣ୍ଡି ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

## ମୁଖ୍ୟ ଅତିଥି ହେଲେ ୫ମ ଶ୍ରେଣୀ ଛାତ୍ରୀ



ନବରଙ୍ଗପୁର,୪।୧୧(ସମିସ): ନନ୍ଦାହାଣ୍ଡି ମଣ୍ଡଳସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ ନନ୍ଦାହାଣ୍ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଆଜିର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାଗରମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପଞ୍ଚମ ଶ୍ରେଣୀ ଛାତ୍ରୀ କୁମାରୀ ସାଲୋମି ସେରନ ଟାକରି ଯୋଗ ଦେଇଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସହକାରୀ ମଣ୍ଡଳ ଶିକ୍ଷା ଅଧିକାରୀ ଧନୁର୍ଜୟ ମାଝୀ, ନନ୍ଦାହାଣ୍ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ବଳଭଦ୍ର ସୁନାନୀ ଯୋଗ ଦେଇଥିବା ବେଳେ ନନ୍ଦାହାଣ୍ଡି ବରିଷ୍ଠ ମଣ୍ଡଳ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ଜାନି ସଭାପତିତ୍ୱ କରିଥିଲେ। ଆଜିର ସୁରଭି କାର୍ଯ୍ୟକ୍ରମରେ ନନ୍ଦହାଣ୍ଡି ବ୍ଲକର ସମସ୍ତ କ୍ଲଷ୍ଟରରୁ ୨୧୦ ଜଣ କୃତି ଛାତ୍ରଛାତ୍ରୀ ଯୋଗଦାନ କରି ବକ୍ତୃତା, ବିତର୍କ, ରଚନା, ସଂଗୀତ, ନୃତ୍ୟ, ଶ୍ରୁତଲିଖନ, କୁଇଜ୍, ପିଏମ ପୋଷଣ, ଚିତ୍ରକଳା ଏବଂ ଶିଳ୍ପକଳା ପ୍ରତିଯୋଗିତାରେ ଭାଗ ନେଇଥିଲେ। ଆଜିର କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ନବରଙ୍ଗପୁର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ କେଶବ ମେହେର, ନନ୍ଦାହାଣ୍ଡି ସହକାରୀ ମଣ୍ଡଳ ଶିକ୍ଷା ଅଧିକାରୀ ଧନୁର୍ଯ୍ୟୟ ମାଝୀ, ଶ୍ରୀମତୀ ଉତ୍ତମା ହରିଜନ,ଦହଣ। ସଦାଶିବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅମିୟ ପ୍ରସାଦ ସ୍ୱାଇଁ, ଉଙ୍ଗରଭେଜା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ ସାହୁ, ନନ୍ଦାହାଣ୍ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ବିଜୟ କୁମାର ସାହୁ, କାର୍ଯ୍ୟକାରୀ ସମ୍ପାଦକ ଭାବରେ ନନ୍ଦାହାଣ୍ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ବଳଭଦ୍ର ସୁନାନୀ, ମୁଖ୍ୟବକ୍ତା ଭାବରେ ରାଜ୍ୟପାଳ ସମ୍ମାନିତ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାସିନୀ ମହାନ୍ତି ଯୋଗଦାନ କରିଥିବା ବେଳେ ନନ୍ଦାହାଣ୍ଡି ବରିଷ୍ଠ ମଣ୍ଡଳ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ଜାନି ସଭାପତିତ୍ୱ କରିଥିଲେ। ଶେଷରେ ସମସ୍ତ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ଆଜିର ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସରୁଗୁଡାର ଛାତ୍ରୀମାନେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ମଣ୍ଡଳ ସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ମାନେ ଜିଲ୍ଲା ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଆଜିର କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା ଦାୟିତ୍ୱ ଶ୍ରୀମତୀ ନାଗେଶ୍ୱରୀ ପଟ୍ଟନାୟକ ଏବଂ ବିକ୍ରମ ଦାସ ନିର୍ବାହ କରିଥିଲେ। କାର୍ଯ୍ୟକ୍ରମରେ ବିଚାରକ ଭାବେ ଏବଂ କାର୍ଯ୍ୟକ୍ରମ ପରିଚାଳନା ଦାୟିତ୍ୱରେ ନନ୍ଦାହାଣ୍ଡି ବ୍ଲକର ସମସ୍ତ ସିଆରସିସି ଓ ବିଭିନ୍ନ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଯୋଗଦେଇ ସମ୍ପୂର୍ଣ୍ଣ ସଫଳ କରିଥିଲେ।

## ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଭଞ୍ଜପୁର ଜଗଦ୍ଧାତ୍ରୀ ମେଳା ଉଦ୍‌ଘାଟିତ

# କୁନି କଳାକାରଙ୍କ ନୃତ୍ୟରେ ଦର୍ଶକ ବିମୋହିତ








**ବାରିପଦା, ୪।୧୧(ସମିସ)**

ସ୍ଥାନୀୟ ଭଞ୍ଜପୁରଠାରେ ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଜଗଦ୍ଧାତ୍ରୀ ମେଳା ଅନୁଷ୍ଠାନିକ ଭାବେ ସୋମବାର ରାତିରେ ଉଦଘାଟିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ବିଶିଷ୍ଟ ଅତିଥି ଭାବେ ଜିଲ୍ଲାପାଳ ହେମକାନ୍ତ ସଏ ଓ ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ ଯୋଗ ଦେଇ ମେଳାକୁ ଉଦଘାଟନ କରିବା ସହ ମେଳାର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ମୁଖ୍ୟ ସାଧାରଣ ସମ୍ପାଦକ ଦର୍ପନାରାୟଣ ପାଲ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଂସ୍କୃତିକ ସମ୍ପାଦକ କିଶୋର ପଲେଇ, ପୂଜା ସମ୍ପାଦକ ରସିକାନନ୍ଦ ମିଶ୍ର, ମେଳା ସମ୍ପାଦକ ପ୍ରସନ୍ନଜିତ ମହାନ୍ତି ଓ ବରିଷ୍ଠ ସଦସ୍ୟ ପ୍ରିତମ ପଣ୍ଡା ଉପସ୍ଥିତ ଥିଲେ। ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ମଞ୍ଚ ପରିଚାଳନା କରିଥିଲେ। ରାଜଗାଙ୍ଗପୁରର ରେନବୋ କଳାକେନ୍ଦ୍ର ଏବଂ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ। କୁନିକୁନି କଳାକାରଙ୍କ ଓଡ଼ିଶୀ, ସମ୍ବଲପୁରୀ, ଝୁମର ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ଅଭିଷେକ ସିଂହ ଓ ଆଲୋକ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ମେଳା ଆସନ୍ତା ୧୪ ତାରିଖ ଯାଏ ଚାଲିବ। ମେଳାରେ ଜିଲ୍ଲା ତଥା ଜିଲ୍ଲା ଏବଂ ରାଜ୍ୟ ପ୍ରାୟ ୩ ଶହରୁ ଊର୍ଦ୍ଧ୍ୱ ଷ୍ଟଲ ପ୍ରଦର୍ଶିତ ହେଉଛି ବୋଲି ଷ୍ଟଲ ସମ୍ପାଦକ ସପନ ପଣ୍ଡା କହିଛନ୍ତି।

## ମୁଖିସାହିରୁ ବିପୁଳ ଶାଳଗଣ୍ଡି ଜବତ



**ବାରିପଦା, ୪।୧୧( ସମିସ):** ବେତନଟୀ ରେଞ୍ଜ ତ୍ରା ଥାନା ଅଧୀନ ଦାନ୍ତିଆମୁହାଁ ନିକଟ ମୁଖିସାହିରୁ ବିପୁଳ ପରିମାଣର ମୂଲ୍ୟବାନ ଶାଳଗଣ୍ଡି ଜବତ କରି ବନବିଭାଗ। ସୂଚନା ମୁତାବକ ଦାନ୍ତିଆମୁହାଁ ଉପକଣ୍ଠ ମୁଖି ସାହି ସ୍ଥିତ ରାସ୍ତାପାର୍ଶ୍ୱରେ ଗଣ୍ଡିଗଧା ସଂରକ୍ଷିତ ଜଙ୍ଗଲରୁ କଟାଯାଇଥିବା ବିଶାଳ ଶାଳଗଛଗୁଡିକୁ ଖଣ୍ଡଖଣ୍ଡ କରି ଚୋରାଚାଲାଣ ନିମନ୍ତେ ଗଚ୍ଛିତକରି ରଖାଯାଇଥିଲା। ଖବରପାଇ ବେତନଟୀ ରେଞ୍ଜ ଦାୟୀତ୍ୱରେ ରହିଥିବା ଡେପୁଟି ରେଞ୍ଜର ଧ୍ରୁବଚରଣ ନାୟକଙ୍କ ନେତୃତ୍ୱରେ ବନପାଳ ଏବଂ ବନରକ୍ଷୀ ସୁଶାନ୍ତ ନାଏକ, ଗଜସାଥୀ ବୁଲୁ ମହାନ୍ତ ପ୍ରମୁଖ ସଦଳବଳ ମୁଖ୍ୟସାହିରେ ପହଞ୍ଚି ସୋମବାର ବିଳମ୍ବିତ ରାତିରେ ଅତର୍କିତ ଚଢଉ କରିଥିଲେ। ଚଢଉରେ କାଠମାଫିଆମାନେ ଅନ୍ଧାରରାତିରେ ଜଙ୍ଗଲ ଭିତରେ ଚମ୍ପଟ ମାରି ପଳାଇଛନ୍ତି। ପରେ ବନ ବିଭାଗ ଘଟଣାସ୍ଥଳରୁ ବିଭିନ୍ନ ମୋଟେଇର ୧୨ଖଣ୍ଡ ମୂଲ୍ୟବାନ ଶାଳଗଣ୍ଡି ଜବତକରି କୃଷ୍ଣଚନ୍ଦ୍ରପୁର ସେକ୍ସନ କାର୍ଯ୍ୟାଳୟସ୍ଥିତ ସିଜରୟାର୍ଡରେ ରଖାଯାଇଛି। ଜବତ ମୂଲ୍ୟବାନ ଶାଳଗଣ୍ଡିର ପରିମାଣ ୫୩ସିଫ୍ଟ ହୋଇଥିବା ବେଳେ ଏହାର ଆନୁମାନିକ ବଜାରମୂଲ୍ୟ ପାଖାପାଖି ୮୦ହଜାରରୁ ଊର୍ଦ୍ଧ୍ୱ ହେବ।

## ଋଣ ଦେବା ନାଁରେ ବ୍ୟାଙ୍କ କର୍ମଚାରୀଙ୍କ ଠକେଇ

**ବାରିପଦା, ୪।୧୧(ସମିସ):** ବ୍ୟାଙ୍କ ଉପଭୋକ୍ତାଙ୍କୁ ଋଣ ଦେବା ନାମରେ ୩ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ହୋଇଛି। ଏନେଇ ବାଘରା ରୋଡ ସ୍ଥିତ ଉତ୍କର୍ଷ ବ୍ୟାଙ୍କ ପକ୍ଷରୁ ବ୍ୟାଙ୍କର ୧୧ ଜଣ କର୍ମଚାରୀଙ୍କ ନାମରେ ବାରିପଦା ଟାଉନ ଥାନାରେ ଅଭିଯୋଗ ହୋଇଛି। ଉକ୍ତ କର୍ମଚାରୀମାନେ ଠକେଇ କରି ବ୍ୟାଙ୍କ ଟଙ୍କା ଆତ୍ମସାତ କରିଛନ୍ତି। ହିତାଧିକାରୀଙ୍କ ମିଛ ନଥିପତ୍ର ଦେଖାଇ ଫେବୃଆରୀ ୨୦୨୪ରୁ ମାର୍ଚ୍ଚ ୨୦୨୫ ମଧ୍ୟରେ ୩, ୪୦, ୩୦୧ଟଙ୍କା ଠକେଇ କରିଛନ୍ତି। ଏନେଇ ନଥିପତ୍ର ଯାଞ୍ଚ ସମୟରେ ବ୍ୟାଙ୍କ ମ୍ୟାନେଜର ଜାଣିବା ପରେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇ ଯୁବକ ମୃତ

**ରାଇରଙ୍ଗପୁର, ୪।୧୧(ସମିସ):** ଏକ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେବାରୁ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ରରୁଆଁ ଥାନା ଅନ୍ତର୍ଗତ ଭ୍ରମରପୋଷି ଗ୍ରାମର ସ୍ଥିତିପ୍ରଜ୍ଞା ମହାନ୍ତି (୨୨)। ସେ ତାଙ୍କ ସାଙ୍ଗଙ୍କ ସହିତ ଖିଚିଂ ସ୍ଥିତ ମା' କୀଚକେଶ୍ୱରୀ ମନ୍ଦିର ଦର୍ଶନ କରିବା ପାଇଁ ଯାଇଥିଲେ। ସେଠାରୁ ବାଇକ ଯୋଗେ ଘରକୁ ଫେରୁଥିବାବେଳେ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ବିଦ୍ୟୁତ ଖୁଣ୍ଟକୁ ଧକ୍କା ଦେଇଥିଲେ। ଫଳରେ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସ୍ଥିତିପ୍ରଜ୍ଞାଙ୍କୁ ମୃତ ଘୋଷଣା କରିଥିଲେ।

## ବିଦ୍ୟାଭାରତୀ ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା



**ବାରିପଦା, ୪।୧୧(ସମିସ):** ତକତପୁର ସ୍ଥିତ ବିଦ୍ୟାଭରତୀ ଶିଶୁ ବିଦ୍ୟାମନ୍ଦିରରେ ୩ୟ ବାର୍ଷିକୀ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ କୁନିକୁନି ବୈଜ୍ଞାନିକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବାରିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର ଦିଲ୍ଲୀପ କୁମାର ଦାସ ଯୋଗଦେଇ କୁନିକିନି ବୈଜ୍ଞାନିକଙ୍କୁ ପୁରସ୍କୃତ କରିବା ସହ ସମାଜର ବିକାଶ ଦିଗରେ ବିଜ୍ଞାନର ଉପଯୋଗିତା ଉପରେ ଆଲୋକପାତ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ରୀତା ଶତପଥୀ ଓ ଗୁରୁଜୀ କୃଷ୍ଣଚନ୍ଦ୍ର ପଲେଇଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସୁଦାମ ମହାନ୍ତ ଓ ପ୍ରୀତିପ୍ରତିମା ପତି ସଭା ପରିଚାଳନା କରିଥିଲେ। ଶେଷରେ ଗୁରୁମା କଲ୍ୟାଣୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉପଲକ୍ଷେ ଶ୍ରେଷ୍ଠ କୁନି ବୈଜ୍ଞାନିକ ଭାବେ ଲୋମିସ୍ମିତା ସୋରେନ, ଆଦିତ୍ୟନାରାୟଣ ଶତପଥୀ, ଆଦ୍ୟାଶା ମହାନ୍ତ, ମନିଷା ମହାନ୍ତ, ଜିତ ଜୟପ୍ରକାଶ ବାରିକ, ଯଶୋବନ୍ତ ବାରିକ ଓ ରୁଇହ୍ୟା ବେଶ୍ରାଙ୍କୁ ପୁରସ୍କୃତ କରାଯାଇଥିଲା।

## ଜିଲ୍ଲାସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର କାର୍ଯ୍ୟସୂଚୀ

**ବାରିପଦା, ୪।୧୧(ସମିସ):** ମୟୂରଭଞ୍ଜ ଜିଲ୍ଲାରେ ଆସନ୍ତା ୧୨ରୁ ୩୦ ତାରିଖ ଯାଏ ପ୍ରଥମ ପର୍ଯ୍ୟାୟରେ ୧୪ଟି ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଆୟୋଜିତ ହେବ। ଏହି ଶିବିର ଭିନ୍ନକ୍ଷମଙ୍କୁ ସଶକ୍ତିକରଣ କରିବା ସହିତ ସେବା ପ୍ରଦାନ କରିବା। ଶିବିରରେ ପ୍ରମାଣପତ୍ର ପାଇଁ ଭିନ୍ନକ୍ଷମ ମାନଙ୍କ ମୂଲ୍ୟାଙ୍କନ, ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଏବଂ ବସ୍ ପାସ୍ ଭଳି ସୁବିଧା ସହିତ ଅନ୍ୟାନ୍ୟ ସହାୟତା ପ୍ରଦାନ କରାଯାଇଥାଏ। ଏହାର ଲକ୍ଷ୍ୟ ହେଉଛି ଭିନ୍ନକ୍ଷମଙ୍କୁ ଆବଶ୍ୟକୀୟ ଦସ୍ତାବିଜ ଏବଂ ସୂଚନା ପ୍ରଦାନ କରି ସଶକ୍ତ କରିବା। ଡାକ୍ତରଙ୍କ ଦ୍ୱାରା ଅକ୍ଷମତାର ପ୍ରତିଶତ ମୂଲ୍ୟାଙ୍କନ କରାଯାଇଥାଏ। ତଦନୁସାରେ ହିତାଧିକାରୀଙ୍କୁ ସେମାନଙ୍କ ପ୍ରମାଣପତ୍ର ଦିଆଯାଏ। ଏହା ବ୍ୟତୀତ ଭିନ୍ନକ୍ଷମଙ୍କ ପାଇଁ ଜାତୀୟ କ୍ୟାରିୟର ସେବା କେନ୍ଦ୍ର ଦ୍ୱାରା ପ୍ରଦାନ କରାଯାଇଥିବା ଦକ୍ଷତା ବିକାଶ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦିଆଯାଇଥାଏ। ଜିଲ୍ଲାରେ ଆୟୋଜିତ ହେବାକୁ ଥିବା ଶିବିର କାର୍ଯ୍ୟସୂଚୀ ଅନୁଯାୟୀ ୧୨ରେ ବିଶୋଇ ବ୍ଲକ, ୧୮ ତାରିଖରେ କରଞ୍ଜିଆ ସରକାରୀ ଉଚ୍ଚ ବିଦ୍ୟାଳୟ, ୨୧ ତାରିଖରେ ଉଦଳା ସରକାରୀ ଉଚ୍ଚ ବିଦ୍ୟାଳୟ, ୨୫ରେ ମୋରଡା ବ୍ଲକ, ୨୮ରେ ଖୁଣ୍ଟା ବ୍ଲକ କାର୍ଯ୍ୟାଳୟ, ୨୯ରେ ଠିକିଂ ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ସେହିପରି ଡିସେମ୍ବର ୪ ତାରିଖ କୁଳିଅଣା ବ୍ଲକ କାର୍ଯ୍ୟାଳୟ, ୬ ତାରିଖରେ ରାସଗୋବିନ୍ଦପୁର ବିନୋଦ ରାୟ ବିଦ୍ୟାପୀଠ, ୯ ତାରିଖରେ ବହଳଦା ସରକାରୀ ଉଚ୍ଚ ବିଦ୍ୟାଳୟ, ୧୬ ତାରିଖରେ ବେତନଟୀ ଏମପିସି ଉଚ୍ଚ ବିଦ୍ୟାଳୟ, ୧୭ ତାରିଖ ରରୁଆଁ ବ୍ଲକ କାର୍ଯ୍ୟାଳୟ, ୧୯ ତାରିଖରେ ଗୋପବନ୍ଧୁନଗର ବ୍ଲକ, ୨୩ରେ ଜାମଦା ବ୍ଲକ ଏବଂ ୩୦ ତାରିଖରେ ବିଜାତଳା ନୋଡାଲ ୟୁପି ସ୍କୁଲରେ ଅନୁଷ୍ଠିତ ହେବ।

## ଡାକ୍ତରଙ୍କ ସ୍କୁଟି ନେଇଗଲେ ଦୁର୍ବୃତ୍ତ

**ବାରିପଦା, ୪।୧୧(ସମିସ):** ଲାଲବଜାର ଅଞ୍ଚଳରୁ ଏକ ମେଡ଼ିସିନ ଦୋକାନ ସମ୍ମୁଖରୁ ଡା. ସୁଜାତା ଦାସଙ୍କ ସ୍କୁଟି ଚୋରି ହୋଇଯାଇଛି। ଏ ନେଇ ସେ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସେ ଦୋକାନ ସମ୍ମୁଖରେ ରାସ୍ତା କଡରେ ସ୍କୁଟି ପାର୍କିଂ କରିଥିଲେ। ସେ ଫେରି ଦେଖିଲା ବେଳକୁ ଉକ୍ତ ସ୍ଥାନରେ ସ୍କୁଟି ନ ଥିଲା। ବହୁ ଖୋଜା ଖୋଜି କରିବା ପରେ ମଧ୍ୟ ନ ପାଇ ଥାନାରେ ଅଭିଯୋଗ କରିଛନ୍ତି।

## ଜାତୀୟ ଆଦିବାସୀ କଂଗ୍ରେସ ଅଧ୍ୟକ୍ଷଙ୍କୁ ଭେଟିଲେ ହୋ' ଭାଷା ପ୍ରତିନିଧି



**ରାଇରଙ୍ଗପୁର, ୪।୧୧(ସମିସ):** ହୋ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ପାଇଁ ଏକ ପ୍ରତିନିଧି ଦଳ ଜାତୀୟ ଆଦିବାସୀ କଂଗ୍ରେସ ଅଧ୍ୟକ୍ଷଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛି। ନୂଆଦିଲ୍ଲୀରେ ପୁରୁଣା କଂଗ୍ରେସ ମୁଖ୍ୟାଳୟରେ ଅଧ୍ୟକ୍ଷ ଡା ବିକ୍ରାନ୍ତ ଭୁରିଆଙ୍କୁ ଆଦିବାସୀ ହୋ ଭାଷା କ୍ରିୟାନୁଷ୍ଠାନ କମିଟି ସଦସ୍ୟ ଭେଟିଛନ୍ତି। ଏ ବାବଦରେ ଆଗାମୀ ଲୋକସଭା ଅଧିବେଶନରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଉପସ୍ଥାପନ କରିବାକୁ ନିବେଦନ କରିଛନ୍ତି। ଏନେଇ ଡା ଭୁରିଆ ରାହୁଲ ଗାନ୍ଧୀଙ୍କୁ ଅବଗତ କରାଇବାକୁ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପ୍ରତିନିଧି ଦଳରେ ଓଡ଼ିଶା ଆଦିବାସୀ କଂଗ୍ରେସର ରାଜ୍ୟ ମୁଖପାତ୍ର ତଥା ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ରାଜ୍ୟ ସମ୍ପାଦକ ଲକ୍ଷ୍ମୀଧର ସିଂ ତିୟୁ ନରାନ ପୂର୍ତ୍ତି, ରାଜ୍ୟ ସମ୍ପାଦକ ହୋ ଭାଷା କ୍ରିୟାନୁଷ୍ଠାନ କମିଟି, ଲେବେନ୍ଦ୍ର ହେମ୍ବ୍ରମ, ଗୋପାଳ ଚନ୍ଦ୍ର ଗାଗରାଇ, ଉମେଶ ଚନ୍ଦ୍ର ବୁଢୁଲି ସଦସ୍ୟ ତଥା ଈପିଲ ସାମଡ, ହୋ ସାହିତ୍ୟିକାର ଜବାହରଲାଲ ବାଙ୍କିରା ଓ ଆଦିବାସୀ ହୋ ଭାଷା ଲେଖକ ସଂଘ ଅଧ୍ୟକ୍ଷ ପ୍ରମୁଖ ଉପସ୍ଥିତ ଥିଲେ।

## ୮ରୁ ଗୀତା ଜ୍ଞାନଯଜ୍ଞ; ପ୍ରବଚନ ଦେବେ ସ୍ୱାମୀ ସଦାନନ୍ଦ ସରସ୍ୱତୀ

**ବାରିପଦା, ୪।୧୧(ସମିସ):** ଚିନ୍ମୟ ମିଶନ ଆନୁକୂଲ୍ୟରେ ଆସନ୍ତା ୮ରୁ ୧୪ତାରିଖ ଯାଏ ଶ୍ରୀରାମଚନ୍ଦ୍ର ପାଠାଗାର, ଜୁବୁଲି ଲାଇବ୍ରେରୀ ପଡ଼ିଆରେ ଗୀତା ଜ୍ଞାନଯଜ୍ଞ (ପ୍ରବଚନ)କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶା ଚିନ୍ମୟ ମିଶନର ମୁଖ୍ୟ ପୂଜ୍ୟ ସ୍ୱାମୀ ସଦାନନ୍ଦ ସରସ୍ୱତୀ ସନ୍ଧ୍ୟା ୬ଟା ୩୦ରୁ ୮ଟା ପର୍ଯ୍ୟନ୍ତ ଶ୍ରୀମଦ ଭଗବତ ଗୀତାର ଚତୁର୍ଦ୍ଦଶ ଅଧ୍ୟାୟ ଗୁଣତ୍ରୟ ବିଭାଗ ଯୋଗ ଓ ସକାଳ ୭ଟାରୁ ୮ଟା କଠୋପନିଷଦ ବିଷୟରେ ଓଡ଼ିଆରେ ପ୍ରବଚନ ଦେବେ। ସ୍ୱାମୀ ସଦାନନ୍ଦ ସରସ୍ୱତୀ ଜଣେ ମେଧାବୀ ଛାତ୍ର ଭାବରେ ସ୍ନାତକ ଡିଗ୍ରୀ ଶିକ୍ଷା ଶେଷ କରି ପୂଜ୍ୟ ସ୍ୱାମୀ ଚିନ୍ମୟାନନ୍ଦ ସରସ୍ୱତୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ୧୯୮୬ ମସିହାରେ ସନ୍ଦୀପନୀ ହିମାଳୟରେ ବେଦାନ୍ତ ପ୍ରଶିକ୍ଷଣ ଶେଷ କରିଛନ୍ତି। ସେ ଚିନ୍ମୟ ମିଶନ ମୁମ୍ବାଇରେ ଆଚାର୍ଯ୍ୟ ଭାବେ ଦାୟିତ୍ୱ ତୁଲାଇଛନ୍ତି। ଏବେ ସେ ଓଡ଼ିଶାର ଚିନ୍ମୟ ମିଶନର ମୁଖ୍ୟ ଭବେ ଦାୟିତ୍ୱ ନେଇ ପ୍ରାୟ ୨୦ଟିରୁ ଅଧିକ ସ୍ଥାନରେ ଚିନ୍ମୟ ମିଶନ ଆଶ୍ରମ ଖୋଲିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ସାବଲୀଳ ଭାଷାରେ ଗୀତା ଓ ବେଦାନ୍ତର ଗୁଢ ତଥ୍ୟକୁ ବ୍ୟାଖ୍ୟା କରିବା ଏବଂ ଭାବର ସହିତ ଭାଗବତ ଓ ରାମାୟଣ ବ୍ୟାଖ୍ୟାନ ସ୍ୱାମୀଜୀଙ୍କ ବିଶେଷତ୍ୱ। ଏହି କାର୍ଯ୍ୟକ୍ରମକୁ ସଫଳ କରିବାପାଇଁ ଆଜି ବାରିପଦା ଚିନ୍ମୟ ମିଶନର ଆଚାର୍ଯ୍ୟ ସ୍ୱାମୀ ଗୋବିନ୍ଦାନନ୍ଦ ସରସ୍ୱତୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଜୁବୁଲି ଲାଇବ୍ରେରୀ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ବିଜୟ ଲେଙ୍କା ସ୍ୱାଗତ ଭାଷଣ ଓ କୋଷାଧ୍ୟକ୍ଷ ପ୍ରଦୀପ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ବରିଷ୍ଠ ଆଇନଜୀବି ସତ୍ୟବ୍ରତ ମହାନ୍ତି, ଡା ପ୍ରାଣକୃଷ୍ଣ ବେହେରା, ଡା ସୁନନ୍ଦନ ମିଶ୍ର, ତପନ ପଟ୍ଟନାୟକ, ଗିରିଜା ଶଙ୍କର ମହାନ୍ତି, ହିମାଂଶୁ ପାଣି, ପ୍ରଫେସର ଫକୀର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



## ଅଜୟ ଦାଶ ସ୍ମୃତି ସମ୍ମାନ ଓ ମେଧାବୃତ୍ତି ପ୍ରଦାନ ଉତ୍ସବ



**ବାରିପଦା, ୪।୧୧(ସମିସ):** ସହିଦ ସ୍ମୃତି ଭବନରେ ସ୍ମୃତି ସମିତିର ସଭାପତି ପୂର୍ବତନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୟୂରଭଞ୍ଜ ଜିଲ୍ଲା ପରିଷଦର ପ୍ରଥମ ସଭାପତି ତଥା ବାରିପଦା ପୌର ପରିଷଦର ପୂର୍ବତନ ନଗରପାଳ ଦିବଂଗତ ଅଜୟ ଦାସଙ୍କ ସ୍ମୃତିରେ ପ୍ରତିଭାବାନ ବ୍ୟକ୍ତିବିଶେଷଙ୍କୁ ସ୍ମୃତି ସମ୍ମାନ ତଥା ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ତିନି ବର୍ଗର ବିଦ୍ୟାର୍ଥୀଙ୍କୁ ମେଧାବୃତ୍ତି ପ୍ରଦାନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଓଡ଼ିଶା ଉଚ୍ଚ ନ୍ୟାୟଳୟର ପୂର୍ବତନ ବିଚାରପତି ଦେବବ୍ରତ ଦାଶ, ମୁଖ୍ୟବକ୍ତା ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜୀବନ କୁମାର ସାହୁ, ସମ୍ମାନିତ ଅତିଥି ଜିଲ୍ଲା ପରିଷଦର ଅଧ୍ୟକ୍ଷା ଭାରତୀ ହାଁସଦା ତଥା ସମ୍ମାନିତ ବକ୍ତା ଓଡ଼ିଶା ଷ୍ଟେଟ ଟ୍ୟାକ୍ସ ବାର୍ ଆସୋସିଏସନ୍‌ର ସଭାପତି ପ୍ରଦୀପ କୁମାର ପଟ୍ଟନାୟକଙ୍କ କର କମଳରେ ସାରସ୍ୱତ ସ୍ରଷ୍ଟା ଗବେଷକ, କବି, ପ୍ରାବନ୍ଧିକ ଡ. ଜଗତ୍ ବନ୍ଧୁ ଆଚାର୍ଯ୍ୟଙ୍କୁ ଅଜୟ ଦାଶ ସ୍ମୃତି ସାରସ୍ୱତ ସମ୍ମାନ ଏବଂ ବ୍ୟାଡମିଣ୍ଟନ ଖେଳାଳି ଆୟୁଷ ପଟ୍ଟନାୟକଙ୍କୁ ଅଜୟ ଦାଶ ସ୍ମୃତି କ୍ରୀଡା ସମ୍ମାନ ତଥା ସାଧାରଣ ବର୍ଗରେ ବାରିପଦା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଭୂମିକା ପ୍ରିୟଦର୍ଶିନୀ, ତଫସିଲ ଭୁକ୍ତ ଜନଜାତି ବର୍ଗର ଟିକରପଡ଼ା ଉଚ୍ଚ ବିଦ୍ୟାଳୟର ଶୁଭସ୍ମିତା ସେଠୀ, ଜନଜାତି ବର୍ଗରେ ଟିକରପଡ଼ା ଉଚ୍ଚ ବିଦ୍ୟାଳୟର ସତ୍ୟ ଶୁଭମ୍ ମୁଣ୍ଡାଙ୍କୁ ମଧ୍ୟ ଅଜୟ ଦାଶ ମେଧାବୃତ୍ତି ପାଞ୍ଚ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ସମିତି ସଂଯୋଜକ ସମାଜସେବୀ ତଥା ସାହିତ୍ୟିକ ଆଶିଷ କୁମାର ବଶା କାର୍ଯ୍ୟକ୍ରମର ସଞ୍ଚାଳନ ଓ ମଞ୍ଚ ପରିଚାଳନା କରିଥିଲେ। ସମିତି ସଭ୍ୟ ଜ୍ଞାନରଞ୍ଜନ ଦାଶ, କୃଷ୍ଣଚନ୍ଦ୍ର ଦାସ, ଜୟନ୍ତ ପଣ୍ଡା, ଅଜୟ ମିଶ୍ର, ସନତ କୁମାର ଦାଶ, ଅଂଶୁମାନ ଦାଶ, ଦେବିଦତ୍ତ ଦାଶ ପ୍ରମୁଖ ସହଯୋଗ କରିଥିଲେ। ସରକାରୀ ଓକିଲ ମନୋରଞ୍ଜନ ପଟ୍ଟନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଜିଲ୍ଲାସ୍ତରୀୟ ଜଳ, ପରିମଳ ମିଶନର କାର୍ଯ୍ୟନିର୍ବାହୀ କମିଟି ବୈଠକ

# ମେଗା ପାଇପ୍ ଜଳଯୋଗାଣ କାର୍ଯ୍ୟ ତ୍ୱରାନ୍ୱିତକୁ ଗୁରୁତ୍ୱ




**ବାରିପଦା, ୪।୧୧(ସମିସ)**

ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ଜଳ ଓ ପରିମଳ ମିଶନ ଆନୁକୂଲ୍ୟରେ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପରିଷଦ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଜିଲ୍ଲା ଜଳ ଓ ପରିମଳ ମିଶନର କାର୍ଯ୍ୟନିର୍ବାହୀ କମିଟି ଓ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବାରିପଦା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଜନ ଅଧିକ୍ଷଣ ଯନ୍ତ୍ରୀ ଜ୍ଞାନେନ୍ଦ୍ର କୁମାର ନାୟକ ସ୍ୱାଗତ ଅଭିଭାଷଣ ଦେଇଥିଲେ। ମେଗା, ଏକକ ଓ ବହୁ ଗ୍ରାମ ଜଳ ଯୋଗାଣ ଯୋଜନାର ସୁଗମ କାର୍ଯ୍ୟକାରିତା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ପ୍ରତ୍ୟେକ ପରିବାର, ଜନ ସମାଗମ ହେଉଥିବା ବିଭିନ୍ନ ସାଧାରଣ ସ୍ଥାନ ତଥା ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର ଗୁଡ଼ିକୁ ପାଇପ ଯୋଗେ ସ୍ୱଚ୍ଛ ଓ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାନେଇ ତୃଣମୂଳ ସ୍ତରରେ କି କି ପଦକ୍ଷେପ ନିଆଯାଇଛି ସେ ନେଇ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ କିଭଳି ସ୍ୱଚ୍ଛ ପାନୀୟ ଜଳ ପାଇପ ଯୋଗେ ଉପଲବ୍ଧ ହେବା ସେ ନେଇ ପଦକ୍ଷେପ ନେବାପାଇଁ ସମ୍ପୃକ୍ତ ଯନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ସରକାରଙ୍କ ହର ଘର ଜଳ ଯୋଜନା ଅନୁସାରେ ପ୍ରତ୍ୟେକ ଘରକୁ ଏବଂ ସମସ୍ତ ଆବଶ୍ୟକୀୟ ସ୍ଥାନକୁ ପର୍ଯ୍ୟାପ୍ତ ପରିମାଣରେ ଜଳ ଯୋଗାଣ କିଭଳି ହୋଇପାରିବ ସେ ବିଷୟରେ ଧ୍ୟାନ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ସମ୍ବେଦନଶୀଳ ଜନଜାତି ବର୍ଗ ବାସ କରୁଥିବା ସମସ୍ତ ଅଞ୍ଚଳକୁ ପିଏମ ଜନମନ ଯୋଜନାରେ ମୌଳିକ ଆବଶ୍ୟକତା ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଗତ ୩ ବର୍ଷରୁ ଅଧିକ ଦିନ ଧରି ଚାଲିଆସୁଥିବା ମେଗା ବହୁଗ୍ରାମ ଜଳ ଯୋଗାଣ ପ୍ରକଳ୍ପ ଓ ୨ ବର୍ଷରୁ ଅଧିକ ଦିନ ଧରି ଚାଲି ଆସୁଥିବା ଏକକ ଗ୍ରାମ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ କରୁଥିବା ବିଭିନ୍ନ ଠିକା ସଂସ୍ଥାକୁ ଅଧିକ ମାନବ ଶକ୍ତି ନିୟୋଜିତ କରି ତ୍ୱରାନ୍ୱିତ କରି କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଜିଓ ଟ୍ୟାଗ ଫଟୋ ମାଧ୍ୟମରେ ନିୟମିତ ବ୍ୟବଧାନରେ ଅବଗତ କରାଇବା ପାଇଁ କୁହାଯାଇଛି। ଏହାବ୍ୟତୀତ ପାନୀୟ ଜଳ ଯୋଗାଣ ଆବଶ୍ୟକତାକୁ ନେଇ ଯଦି ଅଞ୍ଚଳର ଲୋକଙ୍କ ପାଖରୁ ଆବେଦନ ଆସୁଛି ତେବେ ଉକ୍ତ ପ୍ରସ୍ତାବ ଗୁଡିକ ସରକାରଙ୍କ ଅନୁମୋଦନ ନିମନ୍ତେ ପଠାଇବା ପାଇଁ ଜିଲ୍ଲାପାଳ ବାରିପଦା ଜଳ ଯୋଗାଣ ଓ ପରିମଳ ବିଭାଜନର ଅଧିକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ବାରିପଦା ଉପଜିଲ୍ଲାପାଳ ଡ଼ ଦୟାସିନ୍ଧୁ ପରିଡ଼ା, ବାରିପଦା ଏସିଏଫ ଶେଖ ମେହେରବାନ ଅଲ୍ଲୀ, ରାଇରଙ୍ଗପୁର ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଜନର ଅଧିକ୍ଷଣ ଯନ୍ତ୍ରୀ ଶ୍ରୀକାନ୍ତ ରାଉତ, ଉଦଳା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଜନର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁଜିତ କୁମାର ଲୁଗୁନ ପ୍ରମୁଖ ବହୁ ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲାରେ ମେଗା ପାଇପ ଜଳ ଯୋଗାଣକୁ କିପରି ତ୍ୱରାନ୍ୱିତ କରିବାକୁ ହେବ ଏବଂ ସମସ୍ତ ଜଳ ଯୋଗାଣ ସ୍ଥାନରେ ଭୂମି ସୀମାଙ୍କନ ଆଦି କାର୍ଯ୍ୟ କିପରି ସଠିକ ଭାବରେ କାର୍ଯ୍ୟକାରୀ ହେବ ସେ ନେଇ ଆଲୋଚନା କରିଥିଲେ।

## ଆଜି ବୋଇତ ବନ୍ଦାଣ

# କମୁଛି କଦଳୀ ପଟୁଆର ଆଦର; ବଢୁଛି ସୋଲ ଡଙ୍ଗାର ଚାହିଦା

ରାଉରକେଲା, ୪।୧୧(ସମିସ)



ବୁଧବାର ଓଡ଼ିଶାର ସଂସ୍କୃତି, ପରମ୍ପରା, ଐତିହ୍ୟର ପ୍ରତୀକ ବୋଇତ ବନ୍ଦାଣ ଉତ୍ସବ। ଏହି ଦିବସକୁ ଉତ୍କଳୀୟଙ୍କ ସ୍ମୃତି ପଟରେ ଉଜ୍ଜିବିତ କରି ରଖିବା ପାଇଁ ଏହି ଦିନ ବିଭିନ୍ନ ଜଳାଶୟ, ପୋଖରୀ, ନଦୀ କୂଳରେ ଲକ୍ଷ ଲକ୍ଷ ସଂଖ୍ୟାରେ ଓଡ଼ିଆ କଦଳୀ ପଟୁଆରେ ବୋଇତ କରି ଅତୀତ ସ୍ମୃତିକୁ ରୋମନ୍ଥନ କରିଥାନ୍ତି। ହେଲେ ଏବେ କଦଳୀ ପଟୁଆ ମିଳୁନି। ସେଥିପାଇଁ ସମୟ ସହ ବୋଇତର ରୂପ ଓ ରଙ୍ଗ ବି ପରିବର୍ତ୍ତନ ହୋଇଛି। ଏବେ ବଜାରରେ ମିଳୁଛି ରଙ୍ଗ ବେରଙ୍ଗର ବୋଇତ। ସମୟର ତାଳରେ ପୂର୍ବରୁ ଏତେ ଚାହିଦା ନଥିବା ସୋଲ ତିଆରି ବୋଇତର ବର୍ତ୍ତମାନ ଧୀରେ ଧୀରେ ଲୋକପ୍ରିୟତା ବୃଦ୍ଧି ପାଉଥିବା ପରିଲକ୍ଷିତ ହେଉଛି। ପୂର୍ବରୁ କଦଳୀ ପଟୁଆରେ ବୋଇତ ତିଆରି ହେଉଥିଲା। ହେଲେ ସହରାଞ୍ଚଳ ଲୋକଙ୍କ ରୁଚିରେ ପରିବର୍ତ୍ତନ ଏବଂ ପର୍ଯ୍ୟାପ୍ତ କଦଳୀ ପଟୁଆ ନମିଳିବା ଯୋଗୁଁ ବୋଇତର ରୂପରେଖ ବଦଳିଛି। ରଙ୍ଗିନ୍ ଚିତ୍ର, ଆକର୍ଷଣୀୟ ଡିଜାଇନ୍ ସାଙ୍ଗକୁ ଅଧିକ ସମୟ ପାଣିରେ ଭାସୁଥିବାରୁ ସୋଲ ତଥା ଥର୍ମୋକୁଲ୍ ବୋଇତ ସମସ୍ତଙ୍କ ଗ୍ରହଣୀୟ ହୋଇଛି। ସହରର ଡେଲି ମାର୍କେଟ, ଟ୍ରାଫିକ୍ ମାର୍କେଟ, ବାସନ୍ତୀ ମାର୍କେଟ, ଛେଣ୍ଡ ଭିଏସ୍ଏସ୍ ମାର୍କେଟ, ପାନପୋଷ ମାର୍କେଟ, ତରକେରା ଦେଓଗାଁ ମାର୍କେଟ, ସାରନଗରୀ, ଇସ୍ପାତ ମାର୍କେଟ, ବନ୍ଧମୁଣ୍ଡା ଏବଂ ବେଦବ୍ୟାସ ମାର୍କେଟ ସମେତ ରାଉରକେଲା ସହରର ବିଭିନ୍ନ ସ୍ଥାନରେ ଏହି ରଙ୍ଗିନ ଡଙ୍ଗା ବିକ୍ରି ଜୋରଧରିଛି। କାର୍ତ୍ତିକ ପୂର୍ଣ୍ଣିମା ପାଇଁ ପୂଜା ସାମଗ୍ରୀ ଦୋକାନଗୁଡ଼ିକରେ ମଧ୍ୟ ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳୁଛି। ଏହି କ୍ରମରେ ୨ ଫୁଟରୁ ଆରମ୍ଭ କରି ୫ରୁ ଅଧିକ ଫୁଟ୍ ପର୍ଯ୍ୟନ୍ତ ଲମ୍ବର ସୋଲ ତିଆରି ବୋଇତ ବଜାରରେ ବିକ୍ରି ହେଉଥିବା ପରିଲକ୍ଷିତ ହୋଇଛି। ଏହାକୁ ତିଆରି କରିବା ପାଇଁ କଲର୍, ଗମ୍, ଜିଙ୍କ୍, ଲେସ୍ ଆଦି ବ୍ୟବହାର କରାଯାଇ ଥିବା ଜଣାପଡ଼ିଛି। ସେହିପରି ଫଳ ଦୋକାନ ଏବଂ ସାଜସଜ୍ଜା ଦୋକାନ ସମେତ ଅନ୍ୟାନ୍ୟ ପୂଜା ସାମଗ୍ରୀ ଦୋକାନଗୁଡ଼ିକରେ ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳୁଛି। ବୁଧବାର କାର୍ତ୍ତିକ ପୂର୍ଣ୍ଣିମା ଥିବା ବେଳେ ପ୍ରତ୍ୟୁଷରୁ ଉଠି ଉତ୍କଳୀୟ ପରମ୍ପରା ବୋଇତ ବନ୍ଦାଣ ଉତ୍ସବ ପାଇଁ ସମସ୍ତେ ଉତ୍କଣ୍ଠିତ। ରାତି ପାହିଲେ କାର୍ତ୍ତିକ ପୂର୍ଣ୍ଣିମା ଥିବାରୁ ବେଦବ୍ୟାସ ବ୍ରାହ୍ମଣୀ ନଦୀ ଘାଟ, ରୂପଟୋଲା ଘାଟ, ବାଲୁଘାଟ, ଆଦର୍ଶ ଘାଟ, ଝିରପାଣି ଘାଟ, ରେଳୱେ କଲୋନୀ ପୋଖରୀ, ସେକ୍ଟର-୧୬ ଡୁମକେଲା ଘାଟ ଏବଂ ଅନ୍ୟାନ୍ୟ ଘାଟରେ କାର୍ତ୍ତିକ ପୂର୍ଣ୍ଣିମାରେ ଡଙ୍ଗା ଭସାଣ ପାଇଁ ସଫାସୁତୁରା କରାଯାଇ ବିଦ୍ୟୁତ ଆଲୋକର ବ୍ୟବସ୍ଥା କରାଯାଇଛି। ବିଶେଷକରି ବେଦବ୍ୟାସ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଏହି ପର୍ବ ପାଇଁ ଭକ୍ତମାନଙ୍କ ପାଇଁ ବିଦ୍ୟୁତ୍, ଆଲୋକ, ପାନୀୟ ଜଳ ଏବଂ ପରିଷ୍କାର ପରିଚ୍ଛନ୍ନତା ଉପରେ ବିଶେଷ ଧ୍ୟାନ ଦିଆଯାଇଛି। ହଜାର ହଜାର ଭକ୍ତ ପୂଜା ପାଇଁ ବେଦବ୍ୟାସ ନଦୀ ଘାଟକୁ ଯିବା ସହ ସୁନ୍ଦରଗଡ଼ ଜିଲ୍ଲାରୁ ଲୋକମାନେ ସେମାନଙ୍କ ପରିବାର ସହିତ ପୂଜା କରିବା ପାଇଁ ଆସିଥାନ୍ତି।

## ଉତ୍କଳ ସାଂସ୍କୃତିକ ପରିଷଦର ବୋଇତ ବନ୍ଦାଣ ଉତ୍ସବ ଉଦ୍‌ଘାଟିତ

# ପ୍ରଥମ ସନ୍ଧ୍ୟାରେ ଝୁମାଇଲେ ନାବ୍ୟା





**ରାଉରକେଲା, ୪।୧୧(ସମିସ):** ସ୍ଥାନୀୟ ସେକ୍ଟର-୨ ଉତ୍କଳ ସାଂସ୍କୃତିକ ପରିଷଦର ୩୫ତମ ବୋଇତ ବନ୍ଦାଣ ଉତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିନରୁ ହିଁ ଉତ୍ସବରେ ଓଡ଼ିଶାର ସଂସ୍କୃତି ଓ ପରମ୍ପରାର ଝଲକ ଦେଖିବାକୁ ମିଳିଥିଲା। ଯାହା ଦର୍ଶକଙ୍କ ମଧ୍ୟରେ ଉତ୍ସାହ ଭରିଦେଇଥିଲା। ଦିବସରେ ଉଦ୍‌ଘାଟକ ଭାବେ ବିଶିଷ୍ଟ ଶିଳ୍ପପତି ଙ୍କ ଦିପ୍ତୀରଞ୍ଜନ ପଟ୍ଟନାୟକ, ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ପ୍ରାକ୍ତନ ମନ୍ତ୍ରୀ ସୁର ରାଉତରାୟ, ମୁଖ୍ୟଅତିଥି ଭାବେ ସୁନ୍ଦରଗଡ଼ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ଯୋଗଦେଇଥିଲେ। ଅତିଥିମାନେ ବୋଇତ ବନ୍ଦାଣ ଉତ୍ସବର ଆଭିମୁଖ୍ୟ ଓ ଉତ୍କଳୀୟ ପରମ୍ପରା ସମ୍ପର୍କରେ ଆଲୋଚନା କରି ଓଡ଼ିଶାର ଅସ୍ମିତା କଥା କହିବା ସହ ଅନୁଷ୍ଠାନ ୩୫ ବର୍ଷ ଧରି ଏହି କାର୍ଯ୍ୟକ୍ରମ ପାଳନକୁ ପ୍ରଶଂସା କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ସୁନିଲ କାୟଲ, ସଭାପତି ରଶ୍ମିତ ସାହାଣୀ, ସମ୍ପାଦକ ଶଙ୍କର ଜେନା, ଉପଦେଷ୍ଟା କପିଳେଶ୍ୱର ମହାରଣା, ଦେବେନ୍ଦ୍ରନାଥ ସାମନ୍ତରାୟ, ନିଳାମ୍ବର ପୁହାଣ, ପୃଷ୍ଠପୋଷକ ବିଶ୍ୱରଞ୍ଜନ ବେହୁରା, ଦିଲ୍ଲିପ କୁମାର କର, କୋଷାଧ୍ୟକ୍ଷ ସନ୍ତୋଷ ସ୍ୱାଇଁ, ମିନତୀ ଦେବତା, ବିଜୟ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ମୋନାଲିସା ସାହୁ, ଜ୍ୟୋସ୍ନାରାଣୀ ସାହୁ ଓ ମୋନାଲିସା ଗୌଡଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୃପାଂଶୀ କର, ଶ୍ରୀଡ୍ୟାନ୍ସ ଗ୍ରୁପର ସୁଜାତା ରାଉତ, ବିଜୟ ବାରିକଙ୍କ ନିର୍ଦ୍ଦେଶନାରେ ନୃତ୍ୟ, ନର୍ମଦା ଡ୍ୟାନ୍ସ ଗ୍ରୁପ, ସାଗର ରିଦ୍ଦିମ ଗ୍ରୁପ ନୃତ୍ୟ ପରିବେଷଣ କରିଥିଲେ। ବିଶେଷ କରି ଓଡ଼ିଶୀ ନୃତ୍ୟଶିଳ୍ପୀ ବର୍ଷା ପ୍ରିୟଦର୍ଶିନୀ କରଙ୍କ ନୃତ୍ୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଶେଷରେ ଆଟ୍ରାକ୍ସନ ଲାଇଭ୍ ବ୍ୟାଣ୍ଡର ତାଳରେ ସୁନାମଧନ୍ୟ କଣ୍ଠଶିଳ୍ପୀ ନାବ୍ୟାଙ୍କ ସଙ୍ଗୀତ ଉତ୍ସବରେ ଉଦ୍‌ଘାଟନୀ ଦିବସରେ ରୋମାଞ୍ଚ ଭରିଦେଇଥିଲେ। ନାବ୍ୟାଙ୍କ ଗୀତରେ ଦର୍ଶକ ଝୁମି ଉଠିଥିଲେ। ଏହି ଅବସରରେ ବୟସ୍କା ଦୌଡରାଣୀ ଉର୍ମିଳା ଦାସ, ସମାଜସେବୀ ଭରତ ଚନ୍ଦ୍ର ବାଇ, ସାମ୍ବାଦିକ ଚିନ୍ମୟ ମିଶ୍ର, ମାଷ୍ଟର ଶ୍ରେୟସ ରାୟ, ବାସନ୍ତୀ କଲୋନୀର ହେଲ୍ଲେଜ କ୍ଲବ୍ ଗଣେଶ ପୂଜା କମିଟି, ସିଭିଲ ଟାଉନସିପ ଗଣେଶ ପୂଜା କମିଟି ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଗଣେଶ ରାଉତ, ସଞ୍ଜୟ ପ୍ରଧାନ, ଗୋପାଳ ଦାସ, କାର୍ତ୍ତିକ ଖଣ୍ଡୁଆଳ, ଅରବିନ୍ଦ ମହାପାତ୍ର, ପବିତ୍ର ସାହୁ, ଅନ୍ତର୍ଯ୍ୟାମୀ ରାଉତ, ବଣ୍ଟି ସିଂ, ଚନ୍ଦନ ମହାନ୍ତି, ଦୁର୍ଗା ଜେନା ପ୍ରମୁଖ ସହଯୋଗ କରିଥିଲେ।

# ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ମାଟ୍ରିକ ପରୀକ୍ଷାର୍ଥୀଙ୍କୁ ଟେଷ୍ଟପେପର ବଣ୍ଟନ



**ରାଉରକେଲା, ୪।୧୧(ସମିସ):** ଜିନ୍ଦଲ ଷ୍ଟିଲର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ କାଶିଆ ମାଇନ୍ସର ପାରିପାର୍ଶ୍ୱିକ ଅଞ୍ଚଳରେ ଅବସ୍ଥିତ ବିଭିନ୍ନ ସ୍କୁଲର ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଟେଷ୍ଟପେପର ବଣ୍ଟନ କରାଯାଇଛି। ଏହି କ୍ରମରେ ସରେଣ୍ଡା ଓ ଭଦ୍ରାସାହି ପଞ୍ଚାୟତର କେବି ହାଇସ୍କୁଲ, ଝାଡ଼ଗାଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ପଦ୍ମଶ୍ରୀ ଡ. ତୁଳସୀ ମୁଣ୍ଡା ଟ୍ରାଇବାଲ ଆଣ୍ଡ ଏଜୁକେସନ ଡେଭଲପମେଣ୍ଟ ସୋସାଇଟିର ୨୧୦ ମାଟ୍ରିକ ପରୀକ୍ଷାର୍ଥୀଙ୍କୁ ଟେଷ୍ଟପେପର ଦିଆଯାଇଛି। ଝାଡ଼ଗାଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପୁସ୍ତକ ବଣ୍ଟନ କାର୍ଯ୍ୟକ୍ରମରେ ଭଦ୍ରାସାହି ସରପଞ୍ଚ ପ୍ରମିଳା ନାଏକ, ପ୍ରଧାନ ଆଚାର୍ଯ୍ୟ କୃଷ୍ଣଚନ୍ଦ୍ର ମହାକୁଡ଼, କେବି ହାଇସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାତ ନଳିନୀ ମୁଦୁଲି ଓ ପଦ୍ମଶ୍ରୀ ଡ. ତୁଳସୀ ମୁଣ୍ଡା ଟ୍ରାଇବାଲ ଆଣ୍ଡ ଏଜୁକେସନ ଡେଭଲପମେଣ୍ଟ ସୋସାଇଟିରେ ପ୍ରଧାନ ଶିକ୍ଷୟିତ୍ରୀ ଦମୟନ୍ତୀ ସାମଲଙ୍କ ଉପସ୍ଥିତିରେ ଏହି ପୁସ୍ତକ ବଣ୍ଟନ କରାଯାଇଥିଲା। ସେହିପରି ବଡ଼ବିଲ ପେଲେଟ ପ୍ଲାଣ୍ଟର ପାରିପାର୍ଶ୍ୱିକ ଅଞ୍ଚଳରେ ଅବସ୍ଥିତ ଦେଓଝରର ଧବଳେଶ୍ୱର ହାଇସ୍କୁଲର ୧୨୧ ଜଣ, ବିଲେଇପଦା ହାଇସ୍କୁଲର ୭୫ ଜଣ ଓ କଣ୍ଡରା ବିଡି ହାଇସ୍କୁଲର ୩୮ ଜଣ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଟେଷ୍ଟପେପର୍ ବଣ୍ଟନ କରାଯାଇଛି। ଧବଳେଶ୍ୱର ହାଇସ୍କୁଲରେ ସମିତି ସଭ୍ୟା ଲକ୍ଷ୍ମୀ ମୁଣ୍ଡା, ନାଏବ ସରପଞ୍ଚ କାଦମ୍ବିନୀ ନାଏକ, ଜିନ୍ଦଲ ଷ୍ଟିଲ ସିଏସଆର ମୁଖ୍ୟ ଉର୍ଜିଲ ଲାକ୍ରା ଓ ବରିଷ୍ଠ ଶିକ୍ଷୟିତ୍ରୀ ସ୍ମିତା ଭଟ୍ଟାଚାର୍ଯ୍ୟ, ବିଲେଇପଦା ହାଇସ୍କୁଲରେ ପ୍ରଧାନ ଶିକ୍ଷକ ପରେଶ ଚନ୍ଦ୍ର ପ୍ରଧାନ ଓ କଣ୍ଡରା ବିଡି ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଦିଲୀପ କୁମାର ପରିହାଲଙ୍କ ଉପସ୍ଥିତିରେ ଟେଷ୍ଟପେପର ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ, ଜିନ୍ଦଲ ଷ୍ଟିଲର କାର୍ଯ୍ୟକ୍ଷେତ୍ରର ପାରିପାର୍ଶ୍ୱିକ ଅଞ୍ଚଳରେ ନିରନ୍ତର ବିକାଶକୁ ଜିନ୍ଦଲ ଫାଉଣ୍ଡେସନ ପ୍ରାଧାନ୍ୟ ଦେଇ ଆସୁଛି। ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା ଉନ୍ନୟନ ଏବଂ ନିରନ୍ତର ପରିବେଶ ସ୍ଥିରତା, ମହିଳା ସଶକ୍ତୀକରଣ ଓ ସାଂସ୍କୃତିକ ସଂରକ୍ଷଣ କ୍ଷେତ୍ରରେ ଏହା କାର୍ଯ୍ୟ କରିଆସୁଛି। ଚିରନ୍ତନ ବିକାଶ, ନୂତନତା ଓ ସାମଗ୍ରିକ ଅଭିବୃଦ୍ଧି ଉପରେ ନିରନ୍ତର ଗୁରୁତ୍ୱ ପ୍ରଦାନ ସହ ସମୁଦାୟକୁ ସଶକ୍ତ କରିବା, ସ୍ୱାସ୍ଥ୍ୟକର ଓ ଚିରନ୍ତନ ଭବିଷ୍ୟତ ନିର୍ମାଣ କରିବାରେ ଜିନ୍ଦଲ ଫାଉଣ୍ଡେସନ ଅବିରତ କାର୍ଯ୍ୟ କରୁଛି।

# ରୁକୁଡ଼ା ଡ୍ୟାମ୍‌ରେ ହେବ ବୋଟିଂ ବ୍ୟବସ୍ଥା

**ସ୍ଥିତି ପରଖିଲେ ବନ ଅଧିକାରୀ**

**ବଣାଇଁ, ୪।୧୧(ସମିସ):** ପର୍ଯ୍ୟଟନ ସ୍ଥଳ ର ବିକାଶ ଓ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ସରକାର ଇକୋ ଟୁରିଜିମ ଉପରେ ଗୁରୁତ୍ୱ ଦେବା ସହ ସୁନ୍ଦରଗଡ଼ ଜିଲ୍ଲାରେ ମଧ୍ୟ ବିଭିନ୍ନ ପଦକ୍ଷେପ ହାତକୁ ନେଇଛନ୍ତି। ବିଗତ ବର୍ଷ ଗୁଡ଼ିକରେ ଖଣ୍ଡାଧାର ଜଳପ୍ରପାତ ସହ ଟେନସା ନେଚର କ୍ୟାମ୍ପରେ ପରିଦର୍ଶକଙ୍କ ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ବଣାଇଁ ଅଞ୍ଚଳରେ ପର୍ଯ୍ୟଟନ ସ୍ଥଳର ବିକାଶକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଶେଷ ସୁଦ୍ଧା ରୁକୁଡା ଡ୍ୟାମରେ ବୋଟିଂ ବ୍ୟବସ୍ଥା କରାଯିବା ପାଇଁ ବନ ବିଭାଗ ପକ୍ଷରୁ ସମସ୍ତ ଯୋଜନା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ରଙ୍କ ନିର୍ଦ୍ଦେଶନାରେ ସହକାରୀ ବନ ସଂରକ୍ଷକ ରବିକାନ୍ତ ମୀନା, ରେଞ୍ଜ ଅଧିକାରୀ ଦେବାଶିଷ ନାୟକ, ନରେନ୍ଦ୍ର ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଗତକାଲି ରୁକୁଡା ଡ୍ୟାମ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ପାହାଡ଼ ଜଙ୍ଗଲ ଘେରା ମଧ୍ୟରେ ଥିବା ଏହି ଡ୍ୟାମଟି ତାର ସୌନ୍ଦର୍ଯ୍ୟ ପାଇଁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ବିଭିନ୍ନ ସମୟରେ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଏଠାରେ ବଣ ଭୋଜିର ମଜା ନେଇଥାନ୍ତି। ତେଣୁ ଆଗକୁ ଏଠାରେ କଟେଜର ବ୍ୟବସ୍ଥା ସହ ବଣ ଭୋଜି ପାଇଁ ସ୍ଥାନ ନିରୂପଣ କରି ପିଣ୍ଡିର ବ୍ୟବସ୍ଥା ମଧ୍ୟ କରାଯିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ପ୍ରଥମଥର ବୋଟିଂର ବ୍ୟବସ୍ଥାକୁ ନେଇ ପର୍ଯ୍ୟଟକଙ୍କ ମଧ୍ୟରେ ଦେଖା ଦେଇଛି ଉତ୍ସାହ। ତେଣୁ ନୂତନ ବର୍ଷ ଆଗମନ ପୂର୍ବରୁ ଏସମସ୍ତ ବ୍ୟବସ୍ଥା ସମ୍ପୂର୍ଣ୍ଣ କରାଯାଇ ବଣାଇଁରେ ପର୍ଯ୍ୟଟନସ୍ଥଳୀ ଗୁଡିକୁ ନୂଆ ଦିଗ ଦିଆଯିବ ବୋଲି ବନଖଣ୍ଡ ଅଧିକାରୀ ପ୍ରକାଶ କରିଛନ୍ତି।

# ତାଲା ଭାଙ୍ଗି ଘରୁ ସୁନା ଗହଣା ଚୋରି

**ରାଉରକେଲା, ୪।୧୧(ସମିସ):** ବ୍ରାହ୍ମଣୀ ତରଙ୍ଗ ଥାନା ଅନ୍ତର୍ଗତ ନଦୀଟୋଲା ଅଞ୍ଚଳରେ ଏକ ଘର କବାଟ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ସୁନା ଗହଣା ଚୋରି କରିଥିବା ନେଇ ଅଭିଯୋଗ ହୋଇଛି। ସୂଚନା ମୁତାବକ, ଉକ୍ତ ଅଞ୍ଚଳରେ ରହୁଥିବା ଦିଗମ୍ବର ଶର୍ମା ପରିବାର ଗତ ଏକ ସପ୍ତାହ ହେବ ସହର ବାହାରକୁ କୌଣସି କାମରେ ଯାଇଥିଲେ। ମଙ୍ଗଳବାର ପହଞ୍ଚିବା ପରେ କବାଟ ତାଲା ସହ ଆଲମାରୀ ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ଦୁର୍ବୃତ୍ତମାନେ ପ୍ରାୟ ୨୦ ହଜାର ଟଙ୍କା ନଗଦ ସମେତ ୨ ଲକ୍ଷ ଟଙ୍କାର ସୁନା ଗହଣା ଚୋରି କରି ନେଇଥିବା ସୂଚନା ମିଳିଛି। ଖବର ଲେଖା ହେବା ଯାଏଁ ଥାନାରେ ଘଟଣା ବାବଦରେ କୌଣସି ଲିଖିତ ଅଭିଯୋଗ ହୋଇନଥିବା ଜଣାପଡ଼ିଛି।

# ଝିଅର କାଠ ଫାଳିଆ ମାଡ଼ରେ ବାପାମୃତ; ମା’ ଗୁରୁତର

**କୁତ୍ରା, ୪।୧୧(ସମିସ):** ଝିଅର କାଠ ଫାଳିଆ ମାଡ଼ରେ ବାପାର ମୃତ୍ୟୁ ହୋଇଥିବା ବେଳେ ମା’ ଗୁରୁତର ଆହତ ହୋଇଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି କୁତ୍ରା ବ୍ଲକ ଅନ୍ତର୍ଗତ କିରିଙ୍ଗସେରା ପଞ୍ଚାୟତ ଭୋଗରା ଗ୍ରାମରେ। ଗ୍ରାମର ମିଶ୍ର ଲାକଡାଙ୍କ ସାନ ଝିଅ ତୁଲସା ଲାକଡା (୩୫) ମାନସିକ ଅନଗ୍ରସର। ସୋମବାର ରାତି ପ୍ରାୟ ସାଢେ ଗୋଟାଏରେ ତୁଲସା କୌଣସି କାରଣ ବସତଃ ଘରେ ଥିବା ଏକ କାଠ ଫାଳିଆରେ ତାଙ୍କ ବାପା ମିଶ୍ର ଲାକଡା (୬୦) ଓ ମା’ ଫୁଲ ଲାକଡା (୫୨)ଙ୍କୁ ମାଡ଼ ମାରି ରକ୍ତାକ୍ତ କରିଦେଇଥିଲା। ଉଭୟଙ୍କୁ କୁତ୍ରା ଡାକ୍ତରଖାନାକୁ ଅଣାଯାଇଥିଲା। ଡାକ୍ତର ମିଶ୍ର ଲାକଡାଙ୍କୁ ମୃତ ଘୋଷଣା କରିଥିବାବେଳେ ମା’ ଫୁଲ ଲାକଡାଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ରାଉରକେଲା ସ୍ଥିତ ଜୟପ୍ରକାଶ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ଆଜି ତାଙ୍କ ବଡ ଝିଅ ସବିତା ଲାକଡା କୁତ୍ରା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ରାଜଗାଙ୍ଗପୁର ପଠାଇଛି। ବୁଧବାର ଶବ ବ୍ୟବଚ୍ଛେଦ କରାଯିବା ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି। ତେବେ ଅଭିଯୁକ୍ତ ଝିଅ ଫେରାର ଥିବା ବେଳେ ପୁଲିସ ଝିଅକୁ ଖୋଜୁଛି।

# ନାବାଳିକାଙ୍କୁ ଦୁଷ୍କର୍ମ ଉଦ୍ୟମ

**ରାଉରକେଲା, ୪।୧୧(ସମିସ):** ତଳସରା ଥାନା ଅଞ୍ଚଳରେ ଜଣେ ଜେଲ ଫେରନ୍ତା ପେଶାଦାର ଦୁର୍ବୃତ୍ତ ଜଣେ ନାବାଳିକାକୁ ଘରେ ପଶି ଦୁଷ୍କର୍ମ କରିବାକୁ ଉଦ୍ୟମ କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ନାବାଳିକା ଜଣଙ୍କ ଠେଙ୍ଗା ଧରି ଗୋଡାଇବାରୁ ଦୁର୍ବୃତ୍ତ ଦୌଡି ଫେରାର ହୋଇଯାଇଥିବା ଜଣାପଡ଼ିଛି। ଏନେଇ ନାବାଳିକା ପରିବାର ପକ୍ଷରୁ ତଳସରା ଥାନାରେ ଏତଲା ଦିଆଯାଇଛି। ଦୁଷ୍କର୍ମ ଉଦ୍ୟମ କରିଥିବା ଦୁର୍ବୃତ୍ତ ଜଣକ ମୁକେଶ ସିଂହ ବୋଲି ଜଣାପଡ଼ିଥିବା ବେଳେ ସେ ପାହାଡିଚିତା ଗ୍ୟାଙ୍ଗର ସଦସ୍ୟ ଥିବା ଓ ୫୦ ହଜାର ଟଙ୍କା ଦାଦାବଟି ଆଦାୟ ଅଭିଯୋଗରେ ପୂର୍ବରୁ ଜେଲ ଯାଇଥିବା ଜଣାପଡ଼ିଛି।

# ଜସପାଲ ସ୍ମୃତି ଚିତ୍ରାଳୟର ଚିତ୍ରକଳା ପ୍ରଦର୍ଶନୀ



**ରାଉରକେଲା, ୪।୧୧(ସମିସ):** ଜସପାଲ ଚିତ୍ରକଳା ପକ୍ଷରୁ ଆମ୍ବାଗାନ ସ୍ଥିତ ଏଫଇ ଆର୍କିଡ଼ଠାରେ ଶିଳ୍ପୀ ଶିବିର ଓ ଚିତ୍ରକଳା ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି। ଜସପାଲ ସ୍ମୃତି ଚିତ୍ରାଳୟର ଅଧ୍ୟକ୍ଷ ରମେଶ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରଦର୍ଶନୀକୁ ବରିଷ୍ଠ ସାମ୍ବାଦିକ ତଥା ସାହିତ୍ୟିକ ଲକ୍ଷ୍ମୀ ନାରାୟଣ ହୋତା ଉଦ୍‌ଘାଟନ କରିଥିଲେ। ରାଉରକେଲାରେ ଚିତ୍ରକଳାକୃତିରେ ରୁଚି ରଖୁଥିବା କଳାକାରମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ସେ କହିଥିଲେ। ଇସ୍ପାତ ନଗରୀରେ କଳାର ପ୍ରଚାର ପ୍ରସାର ନିମନ୍ତେ ସ୍ୱର୍ଗତ ଚିତ୍ରଶିଳ୍ପୀ ଜସପାଲଙ୍କ ଉଦ୍ଦେଶ୍ୟରେ ଚଳିତ ବର୍ଷ ଆୟୋଜିତ ଏହି ପ୍ରଦର୍ଶନୀରେ ସୋନପୁର, ସମ୍ବଲପୁର, ବଡ଼ବିଲ, ଅନୁଗୁଳ, ରାୟପୁର ଆଦି ଓଡ଼ିଶାର ବିଭିନ୍ନ ସ୍ଥାନରୁ ୨୫ ଜଣ ଚିତ୍ରଶିଳ୍ପୀ ଅଂଶ ଗ୍ରହଣ କରିଛନ୍ତି। ଏହି ଅବସରରେ ଦେବୀଦତ୍ତ ମହାନ୍ତ, ସୌମ୍ୟଜିତ ଟି ଗଡ଼ ନାୟକ, ପୂର୍ବୀତା ପଟ୍ଟନାୟକ, ଅଙ୍କିତା ମିଶ୍ର, ପ୍ରିୟଦର୍ଶିନୀ ମହାରଣା, ପବିତ୍ର ପାତ୍ର, ସୁକନ୍ୟା ମହାନ୍ତି, ରୁବି କୁମାରୀ, ସସ୍ମିତା ସାହୁ, ଚୈତାଳି ଦାସ, ଜୟଶ୍ରୀ ଦେ, କେୱାଲ ତୀର୍କୀ, ସିଦ୍ଧାର୍ଥ ଶଙ୍କାର ଜେନା, ଚିତ୍ତରଞ୍ଜନ ମହାନ୍ତ, ପୁର୍ଣ୍ଣଚନ୍ଦ୍ର ମେହେର, ବନୀତା ପୁରହିତ, ଭରତ କୁମାର ପ୍ରଧାନ, ଦେବପ୍ରସାଦ ମୁଦୁଲି, ଦିଲିପ କୁମାର ଦାସ, ଦୁର୍ଯ୍ୟୋଧନ ମେହେର, ରମେଶ ଚନ୍ଦ୍ର ପାତ୍ର, ରଶ୍ମିବାଳା ସାହୁ, ମଳିନା ପାତ୍ର ଓ ସସ୍ମିତା ପଟ୍ଟନାୟକ ଆଦି ଶିଳ୍ପୀମାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସସ୍ମିତା ପଟ୍ଟନାୟକ ପରିଚାଳନା କରିଥିବାବେଳେ ବନିତା ପୁରୋହିତ ଧନ୍ୟବାଦ ଦେଇଥିଲେ।

# ଆର୍‌ଏସ୍‌ପି ନୂତନ ୟୁନିଟ୍ ଗୁଡ଼ିକର ରେକର୍ଡ଼ ସଂଖ୍ୟକ ଉତ୍ପାଦନ



**ରାଉରକେଲା, ୪।୧୧(ସମିସ):** ସେଲ ରାଉରକେଲା ଇସ୍ପାତ କାରଖାନାର ନୂତନ ୟୁନିଟ୍ ଗୁଡିକ ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ୭ ମାସରେ ଚମତ୍କାର ଉତ୍ପାଦନ ପ୍ରଦର୍ଶନ କରି ରେକର୍ଡ ସୃଷ୍ଟି କରିଛନ୍ତି। ଅତ୍ୟାଧୁନିକ ହଟ୍ ଷ୍ଟ୍ରିପ୍ ମିଲ୍-୨ ବିଭାଗ ୧୫, ୪୩, ୮୨୦ ଟନ୍ ଏଚଆର କଏଲ୍ ଉତ୍ପାଦନ କରି ସର୍ବକାଳୀନ ଶ୍ରେଷ୍ଠ ଅପ୍ରେଲ -ଅକ୍ଟୋବରର ପ୍ରଦର୍ଶନ ହାସଲ କରିବା ସହ ଅନୁରୂପ ପୂର୍ବ ବର୍ଷ ଅବଧିରେ ହାସଲ କରିଥିବା ପୂର୍ବ ଶ୍ରେଷ୍ଠ ୧୪, ୯୭, ୭୨୬ ଟନ୍ ଉତ୍ପାଦନର ରୋକର୍ଡକୁ ଅତିକ୍ରମ କରିଛି। ହଟ ଷ୍ଟ୍ରିପ ମିଲ-୨ର ସିଟ ସିୟରିଙ୍ଗ ଲାଇନ ମଧ୍ୟ ଏହାର ସର୍ବଶ୍ରେଷ୍ଠ ଅପ୍ରେଲ-ଅକ୍ଟୋବର କାର୍ଯ୍ୟଦକ୍ଷତା ପ୍ରଦର୍ଶନ ପୂର୍ବକ ୧, ୮୦, ୦୭୫ ଟନ୍ ଏଚଆର ପ୍ଲେଟ ଉତ୍ପାଦନ କରିଛି। ସେହିଭଳି ନୂତନ ପ୍ଲେଟ୍ ମିଲ୍ ପ୍ରଥମ ସାତ ମାସରେ ୫, ୯୧, ୭୨୬ ଟନ ପ୍ଲେଟ ଉତ୍ପାଦନ କରିବା ସହକାରେ ଅନୁରୂପ ପୂର୍ବ ବର୍ଷ ଅବଧିରେ ହୋଇଥିବା ପୂର୍ବ ଶ୍ରେଷ୍ଠ ୫, ୪୩, ୧୭୪ ଟନ୍‌ର ପ୍ରଦର୍ଶନରେ ଉନ୍ନତି ଆଣିଛି। ବ୍ଲାଷ୍ଟ ଫର୍ଣ୍ଣେସ-୫ ‘ଦୂର୍ଗା’ ୨୦୨୫ ଅପ୍ରେଲରୁ ଅକ୍ଟୋବର ମଧ୍ୟରେ ୧୮, ୭୪, ୯୧୨ ଟନ୍ ଉତ୍ତପ୍ତ ଧାତୁ ଉତ୍ପାଦନ ପୂର୍ବକ ଅନୁରୂପ ପୂର୍ବ ବର୍ଷ ଅବଧି ତୁଳନାରେ ୫.୨ ପ୍ରତିଶତ ବୃଦ୍ଧି କରି ରୋକର୍ଡ କରିଛି। ବ୍ଲାଷ୍ଟ ଫର୍ଣ୍ଣେସ-୧ ଆଲୋଚ୍ୟ ଅବଧିରେ ୬, ୪୯, ୯୧୩ ଟନ୍ ଉତ୍ତପ୍ତଧାତୁ ଉତ୍ପାଦନ କରି ଅନୁରୂପ ଭାବେ ପୂର୍ବ ବର୍ଷ ଅବଧିର ୫, ୭୬, ୪୦୫ ଟନ୍ ଉତ୍ପାଦନର ରେକର୍ଡକୁ ଅତିକ୍ରମ କରିଥିଲା। ପ୍ରଥମ ସାତ ମାସରେ ମଧ୍ୟ ଆରଏସପି ଅନେକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅତିକ୍ରମ କରି ବିଭିନ୍ନ କ୍ଷେତ୍ରରେ ରେକର୍ଡ ପଞ୍ଜିକରଣ କରିଛି। ଏସଏମଏସ-୨ ବିଭାଗରେ ଅତ୍ୟାଧୁନିକ କାଷ୍ଟର-୪ରେ ପ୍ରଥମ ସ୍ଲାବ କାଷ୍ଟିଙ୍ଗ ସଫଳତା ସହକାରେ ଅକ୍ଟୋବର ୧୩ ତାରିଖରେ ସମ୍ପନ୍ନ ହୋଇଛି। ଏଥିସହ ଚୁକ୍ତିନାମା ସ୍ୱାକ୍ଷର ଠାରୁ ରେକର୍ଡ ୪୪ ମାସ ମଧ୍ୟରେ ପ୍ରକଳ୍ପ ହୋଇଛି। ଏଚଏସଏମ-୨ ଅକ୍ଟୋବର ୧୦ ତାରିଖରେ ୯୭୩୪ ଟନ୍ ସ୍ଲାବ୍ ରୋଲିଙ୍ଗ ପୂର୍ବକ ୯୫୨୭ ଟନ୍ ଏଚଆର କଏଲ ଉତ୍ପାଦନ କରି ନୂତନ ଏକ ଦିବସୀୟ ଉତ୍ପାଦନ ରେକର୍ଡ ପଞ୍ଜିକରଣ କରିଛି। ଅଭିବୃଦ୍ଧିର ଧାରାକୁ ବଜାୟ ରଖି ଆର୍‌ଏସ୍‌ପି ଅକ୍ଟୋବର ମାସରେ ୩, ୬୧, ୭୯୫ ଟନ୍ ବିକ୍ରିଯୋଗ୍ୟ ଇସ୍ପାତ ଉତ୍ପାଦନ କରି ସର୍ବକାଳୀନ ଶ୍ରେଷ୍ଠ ଅକ୍ଟୋବର ପ୍ରଦର୍ଶନ ହାସଲ କରିଛି। ଏହି ସଫଳତା ସ୍ଥାୟୀ ଉତ୍କର୍ଷତା ଓ ଉତ୍ପାଦକତା ଅଭିବୃଦ୍ଧି ପାଇଁ ଆରଏସପି ସାମୁଦାୟିକଙ୍କ ସାମୁହିକ ପ୍ରତିବଦ୍ଧତା, କାର୍ଯ୍ୟନିପୁଣତା ଓ ଦଳଗତ କାର୍ଯ୍ୟ ସଂସ୍କୃତିକୁ ଦର୍ଶାଉଛି।

## ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବର ଚତୁର୍ଥ ସନ୍ଧ୍ୟା

# ମନମୋହିଲା ଓଡ଼ିଶୀ ଓ ଲୋକନୃତ୍ୟ





ରାଉରକେଲା, ୪।୧୧(ସମିସ)

ଓଡ଼ିଶାର ଅଗ୍ରଣୀ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ଭଞ୍ଜ କଳା କେନ୍ଦ୍ର ଆନୁକୂଲ୍ୟରେ ଭଞ୍ଜଭବନ ମୁକ୍ତାକାଶ ମଞ୍ଚଠାରେ ଚାଲିଥିବା ୨୮ତମ ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବର ମଙ୍ଗଳବାର ଥିଲା ଚତୁର୍ଥ ସନ୍ଧ୍ୟାରେ। ଚତୁର୍ଥ ସନ୍ଧ୍ୟାରେ ମନଛୁଆଁ ଓଡ଼ିଶୀ ନୃତ୍ୟ ଏବଂ ଲୋକନୃତ୍ୟର ଦର୍ଶକ ଭରପୁର ମଜା ନେଇଥିଲେ। ରାଉରକେଲା ଇସ୍ପାତ କାରଖାନା ଓ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଉତ୍ସବରେ ମୁଖ୍ୟଅତିଥି ରୂପେ ଯୋଗଦେଇ ସନ୍ଧ୍ୟା ସମାରୋହକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଦୀପିକା ମହିଳା ସଂଘଟିର ଅଧ୍ୟକ୍ଷା ନମ୍ରତା ବର୍ମା, ଆରଏସ୍‌ପି ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍‌ପି ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ, ଦୀପିକା ମହିଳା ସଂଘଟିର ଉପାଧ୍ୟକ୍ଷା ଡ. ପ୍ରତିଜ୍ଞା ପଲାଇ, ରୀତା ରାଣୀ, ନବନୀତା ପାଲଚୌଧୁରୀ, ଆର୍‌ଏସ୍‌ପିର ବହୁ ବରିଷ୍ଠ ଅଧିକାରୀ ତଥା ଭଞ୍ଜ ସାଂସ୍କୃତିକ ନ୍ୟାସର ଟ୍ରଷ୍ଟିମାନେ ଉପସ୍ଥିତ ଥିଲେ। ନିଜର ବକ୍ତବ୍ୟରେ ଶ୍ରୀ ବର୍ମା ଇସ୍ପାତ ସହରରେ ଏଭଳି ଏକ ଜାତୀୟସ୍ତରୀୟ ଉତ୍ସବର ଆୟୋଜନ ପାଇଁ ଭଞ୍ଜ କଳା କେନ୍ଦ୍ରର ଉଚ୍ଚ ପ୍ରଶଂସା କରିଥିଲେ। ଓଡ଼ିଶାର କଳା, ସାହିତ୍ୟ ଓ ସଂସ୍କୃତିକୁ ସମୃଦ୍ଧ କରିବା ଦିଗରେ ଓଡ଼ିଶାର ଶିଳ୍ପକୋଣାର୍କ ରାଉରକେଲା ଇସ୍ପାତ କାରଖାନା ସଦାସର୍ବଦା ଯତ୍ନଶୀଳ ରହିବ ବୋଲି ସେ କହିଥିଲେ। ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବର ଆୟୋଜନ ଦ୍ୱାରା ସମଗ୍ର ଦେଶରୁ ଖ୍ୟାତି ସମ୍ପନ୍ନ କଳାକାରଙ୍କ ଆଗମନ ଏହି ସମଗ୍ର ଅଞ୍ଚଳ ପାଇଁ ଏକ ଗୌରବର ବିଷୟ ଏବଂ ଏହା ପର୍ଯ୍ୟଟନର ବିକାଶରେ ସହାୟକ ହେବ ବୋଲି କହିଥିଲେ। ଭଞ୍ଜ ଭବନକୁ ଓଡ଼ିଶାର ଏକ ଗୌରବମୟ ଉତ୍କର୍ଷ ସଂସ୍କୃତିର କେନ୍ଦ୍ର ରୂପେ ରୂପାନ୍ତରିତ କରାଯିବ ବୋଲି ସେ କହିଥିଲେ। ଚତୁର୍ଥ ସନ୍ଧ୍ୟାର କାର୍ଯ୍ୟକ୍ରମ ଭଞ୍ଜ କଳା କେନ୍ଦ୍ରର କଳାକାରଙ୍କ ସୁମଧୁର ବେହେଲା ବାଦନରୁ ପ୍ରାରମ୍ଭ ହୋଇଥିଲା। ଏହି ସନ୍ଧ୍ୟାରେ ଓଡ଼ିଶୀ ନୃତ୍ୟର ପ୍ରଚାର ପ୍ରସାର ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଓଡ଼ିଶାର ସୁନାମଧନ୍ୟ ଓଡିଶୀ ନୃତ୍ୟଗୁରୁ ମୀଡ଼ା ଦାସଙ୍କ ସୁପ୍ରତିଷ୍ଠିତ ନୃତ୍ୟ ଅନୁଷ୍ଠାନ, ‘ଗୁଞ୍ଜନ ଡେନ୍ସ ଏକାଡେମୀ’ର କଳାକାରମାନେ ଓଡ଼ିଶୀ ନୃତ୍ୟ ପ୍ରସ୍ତୁତ କରିଥିଲେ ଯାହା ଦର୍ଶକଙ୍କୁ ଅଭିଭୂତ କରିଥିଲା। ଫକିର ମୋହନ ସେନାପତିଙ୍କ ରଚିତ ‘ବିଧାତା ବିଚିତ୍ର ଚିତ୍ର ରମଣୀ ଶରୀର, ତହୁଁ ବଳି କିବା ଅଛି ଜଗତେ ରୁଚିର’ ଉପରେ ଆଧାରିତ ନାରୀ ସଶକ୍ତିକରଣର କାହାଣୀକୁ ନୃତ୍ୟ ସ୍ତବକ ରୂପେ ଉପସ୍ଥାପିତ କରିଥିଲେ ନୃତ୍ୟଶିଳ୍ପୀ, ଯାହା ଅତ୍ୟନ୍ତ ମନଛୁଆଁ ଥିଲା। ଏହା ପରେ ମଧ୍ୟପ୍ରଦେଶର ବିପୁଳ କଳା କେନ୍ଦ୍ର କଳାକାର ଲୋକନୃତ୍ୟ ପରିବେଷିତ କରିଥିଲେ। ଶେଷରେ ଭଞ୍ଜ କଳାକେନ୍ଦ୍ରର ଛାତ୍ରୀଙ୍କ ଦ୍ୱାରା ପରିବେଷିତ ସମ୍ବଲପୁରୀ ନୃତ୍ୟର ଦର୍ଶକ ଭରପୁର ଉପଭୋଗ କରିଥିଲେ। ଅନୁଷ୍ଠାନର ସଭାପତି ଶୁଭ ଶଙ୍କର ରାୟଚୌଧୁରୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ରାଧାକୃଷ୍ଣ ମହାପାତ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଭଞ୍ଜ ସାଂସ୍କୃତିକ ନ୍ୟାସର ସମ୍ପାଦକ ଆଲୋକ କୁମାର ବେହେରା ଧନ୍ୟବାଦ ଦେଇଥିଲେ। ଆର୍‌ଏସ୍‌ପି ଲୋକସମ୍ପର୍କ ବିଭାଗର ଉପ ପ୍ରବନ୍ଧକ ଶଶାଙ୍କ ଶେଖର ପଟ୍ଟନାୟକ ଏବଂ ସୁଶ୍ରୀ କୋଏନା ଦସ୍ତିଦାର ସାଂସ୍କୃତିକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ଜିଲ୍ଲାସ୍ତରୀୟ ତର୍କ ପ୍ରତିଯୋଗିତା

**ରାଉରକେଲା, ୪।୧୧(ସମିସ):** ସୁନ୍ଦରଗଡ଼ ବିକାଶ ଭବନଠାରେ ସୁନ୍ଦରଗଡ଼ ଜିଲ୍ଲା ପୁଲିସ ପକ୍ଷରୁ ସାଇବର ସୁରକ୍ଷା ସଚେତନତା ଉପରେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଜିଲ୍ଲାସ୍ତରୀୟ ତର୍କ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସୁନ୍ଦରଗଡ଼ ଏସ୍‌ପି ଅମ୍ରିତପାଲ କୌରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାରେ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ୧୧ଟି ବ୍ଲକରୁ ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ମୋଟ ୪୫ ଜଣ କୃତି ପ୍ରତିଯୋଗୀ କୃତକାର୍ଯ୍ୟ ହୋଇ ରେଞ୍ଜସ୍ତରୀୟ ତର୍କ ପ୍ରତିଯୋଗିତା ପାଇଁ ଉନ୍ନିତ ହୋଇଛନ୍ତି। ବିକାଶ ଭବନଠାରେ ଆୟୋଜିତ ଉତ୍ସବରେ ସମସ୍ତ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅତିରିକ୍ତ ଏସପି ଶାନ୍ତା ନୂତନ ସାମଦ, ସଦର ଏସଡିପିଓ ନିର୍ମଳ କୁମାର ମହାପାତ୍ର, ଡିଏସପି ମହେନ୍ଦ୍ର ମୁର୍ମୁ, ସୁନ୍ଦରଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ମୂରଲୀଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ସକାଳ THE SAKALA



## ପ୍ରାକ୍ତନ ପ୍ରଧାନଶିକ୍ଷକଙ୍କ ପରଲୋକ



**ବଡମ୍ବା,୪।୧୧(ସମିସ):** ବଡମ୍ବା ବ୍ଲକ ଶଙ୍ଖାମେରୀ ଗ୍ରାମର ପ୍ରାକ୍ତନ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ୯୧ବର୍ଷ ବୟସରେ ତାଙ୍କର କନିଷ୍ଠ ପୁତ୍ର ଦେବୀପ୍ରସାଦ ବାହିନୀପତିଙ୍କ ବାସଭବନରେ ପରଲୋକ ହୋଇଯାଇଛି। ଜଣେ ଛାତ୍ର ବତ୍ସଳ, କଳାନୁରାଗୀ ଏବଂ ସୁଦକ୍ଷ ପ୍ରଧାନଶିକ୍ଷକ ଥିଲେ। ରାମଲୀଳା ନାଟ୍ୟ ସଂସଦ, ଶଙ୍ଖାମେରୀ ଗ୍ରାମର ସମ୍ପାଦକ ଭାବରେ ଅନେକ ବର୍ଷ ଧରି କାମ କରିଥିଲେ। ଜଣେ କଳାକାର ଓ ସାହିତ୍ୟାନୁରାଗୀ ଭାବରେ ଲୋକପ୍ରିୟତା ହାସଲ କରିଥିଲେ। ତାଙ୍କର ଆବର୍ତ୍ତମାନରେ ଅଞ୍ଚଳର ବୁଦ୍ଧିଜୀବୀ, ଶିକ୍ଷକବୃନ୍ଦ ଏବଂ ସମସାମୟିକ କଳାକାରମାନେ ଦୁଃଖ ପ୍ରକାଶ ସହ ସମବେଦନା ଜଣାଇଛନ୍ତି। ଅନ୍ତିମ ଯାତ୍ରା ପୁରୀ ସ୍ୱର୍ଗଦ୍ୱାରରେ ସମ୍ପନ୍ନ ହୋଇଥିବା ଜ୍ୟେଷ୍ଠପୁତ୍ର ଶ୍ରୀ ବ୍ରହ୍ମା ସୂଚନା ପ୍ରଦାନ କରିଛନ୍ତି।

**ବହୁଚର୍ଚ୍ଚିତ ଥୋରିଆପଡ଼ା ହତ୍ୟାକାଣ୍ଡର ପର୍ଦ୍ଦାଫାସ**

# ପରକୀୟା ପ୍ରୀତିକୁ ବିରୋଧ କରିବାରୁ ହତ୍ୟା

**କିଶନନଗର, ୪।୧୧(ସମିସ):** କିଶନନଗର ଥାନା ଅନ୍ତର୍ଗତ ସୋମପୁର କେନାଲ ବନ୍ଧ ରାସ୍ତାରେ ଗତ ୩୧ ତାରିଖ ଶୁକ୍ରବାର ରାତିରେ ହୋଇଥିବା ବହୁଚର୍ଚ୍ଚିତ ଥୋରିଆପଡା ଗ୍ରାମର ଦିପୁ ଓରଫ୍ ଦିଲ୍ଲୀପ ଭୋଇ ହତ୍ୟାକାଣ୍ଡର ଆଜି ମଙ୍ଗଳବାର ପର୍ଦ୍ଦାଫାସ ହୋଇଛି। ଏଥିରେ ସମ୍ପୃକ୍ତ ହତ୍ୟାକାରୀ ସେହି ଗ୍ରାମର ମୁରଲୀଧର ଭୋଇଙ୍କ ପୁଅ ତଥା ସମ୍ପର୍କୀୟ ଦାଦା ବାବୁ ଓରଫ ପ୍ରମୋଦ ଭୋଇକୁ ମଙ୍ଗଳବାର ଗିରଫ କରି ପୁଲିସ ହତ୍ୟାକାଣ୍ଡସ୍ଥଳକୁ ଆଣି ସିନ୍ ରିକ୍ରିଏସନ୍ କରାଇ କୋର୍ଟ ଚାଲାଣ କରିଛି। ସିନ୍ ରିକ୍ରିଏସନ୍ ସମୟରେ ବାବୁ ହତ୍ୟା ପାଇଁ ବ୍ୟବହାର କରିଥିବା ଛୁରିକୁ ଉଦ୍ଧାର କରି ଜବତ କରିଛି। ସୂଚନାରୁ ପ୍ରକାଶ ଯେ ମୃତକ ଓ ହତ୍ୟାକାରୀ ଉଭୟ ଗୋଟିଏ ଗ୍ରାମର ଏବଂ ସମ୍ପର୍କରେ ପୁତୁରା ଓ



ତାରିଖରେ ବାବୁ କଟକ ଖପୁରିଆରୁ ଏକ ଛୁରି କିଣି ଆଣିଥିଲା। ଘଟଣାଦିନ ରାତିରେ ଚଞ୍ଚକତା କରି ବାବୁ ଦୀପୁକୁ ଘରୁ ଫୋନ ଯୋଗେ ମଦ ପିଇବାକୁ ଡାକି ଆଣି ସୋମପୁର ବଜାରକୁ ଯାଇ

### ହତ୍ୟାକାରୀ ସମ୍ପର୍କୀୟ ଦାଦା ଗିରଫ

### ଘଟଣାସ୍ଥଳରୁ ଛୁରି ଉଦ୍ଧାର; ସିନ୍ ରିକ୍ରିଏସନ କଲା ହତ୍ୟାକାରୀ

୩୯୦ ଟଙ୍କାର ମଦ କିଣିବା ସହିତ ୧୦୦ ଟଙ୍କାର ବିରିୟାନି କିଣି ଘଟଣାସ୍ଥଳକୁ ଯାଇ ମଦ ପିଇବା ସହିତ ବିରିୟାନି ଖାଇଥିଲେ। ଦୀପୁକୁ ଅଧିକ ନିଶା ହୋଇଯିବାରୁ ଏହି ସୁଯୋଗରେ ବାବୁ ତାର ତଣ୍ଟିକୁ ଛୁରିରେ କାଟି ହତ୍ୟା କରିବା ପରେ ତାକୁ ଓ ତା ମଟରସାଇକଲକୁ ତାଳଦଣ୍ଡା କେନାଲରେ ପକାଇ ଦେଇଥିଲା। ଏହାପରେ ହତ୍ୟାକାରୀ ବାବୁ ଘରକୁ ଯାଇ ରକ୍ତଭିଜା ସାର୍ଟ ପ୍ୟାଣ୍ଟ ସଫା କରି ନିକଟସ୍ଥ ରାମକୁମାରପୁରରେ ଥିବା ଏକ ନର୍ସିଂହୋମକୁ ଜଣେ ରୋଗୀକୁ ଦେଖାକରି ଘରକୁ ଆସି ଶନିବାର ଭୋରରୁ ଫୁଲନଖରା ଚାକିରିସ୍ଥଳକୁ ପଳାଇଥିଲା। ଶନିବାର ସକାଳେ କେନାଲରେ ଦୀପୁର ଅଧା ବୁଡି ରହିଥିବା ମଟରସାଇକଲ ଏବଂ କେନାଲ ବନ୍ଧରେ ରକ୍ତର ଛିଟାକୁ ଦେଖି ଦୀପୁକୁ ହତ୍ୟା ହୋଇଥିବା ଅନୁମାନ କରାଯାଉଥିଲା। ଗତ ରବିବାର ସକାଳେ ମୃତକ ଦିଲ୍ଲୀପ ଭୋଇର ତଣ୍ଟି କଟା ଶବ ଗଡମା ନିକଟରେ ମିଳିବା ପରେ ଘଟଣାର ତଦନ୍ତକୁ ତ୍ୱରାନ୍ୱିତ କରିବା ସହିତ ଶନିବାର ଦିନ ତଦନ୍ତକାରୀ ଅଧିକାରିଣୀ ତଥା ଥାନା ଅଧିକାରିଣୀ ଦୁର୍ଗେଶ ନନ୍ଦିନୀ ମହାନ୍ତି ସନ୍ଦେହରେ ଉଠାଇ ଆଣିଥିବା ହତ୍ୟାକାରୀ ବାବୁ ଓରଫ ପ୍ରମୋଦ ଭୋଇ ଠାରୁ ସବୁ ସତ ଓଗାଳିଥିଲେ। ହତ୍ୟାକାଣ୍ଡ ସମ୍ପର୍କରେ ଆଜି ମଙ୍ଗଳବାର ଘଟଣାସ୍ଥଳରେ ଅଭିଯୁକ୍ତକୁ ଆଣି ସିନ୍ ରିକ୍ରିଏସନ୍ ପରେ ସାଲେପୁର ଉପଖଣ୍ଡ ପୁଲିସ ଅଧିକାରୀ ବିରଞ୍ଚି ନାରାୟଣ ପତି ଗଣମାଧ୍ୟମରେ ଖୁଲାସା କରିଛନ୍ତି। ଏଥିପାଇଁ କିଶନନଗର ଥାନାରେ ୨୯୭/୨୦୨୫ ଓ ୩୦୧(୧) ଦଫାରେ ମାମଲା ରୁଜୁ ହୋଇଛି।

**ଧବଳେଶ୍ୱରଙ୍କ ପୀଠରେ ବଡ଼ଓଷା ପାଳନ**

# ହଜାର ହଜାର ଶ୍ରଦ୍ଧାଳୁ ଦେଖିଲେ ବଡ଼ସିଂହାର ବେଶ



**ଆଠଗଡ଼,୪।୧୧(ସମିସ):** ପବିତ୍ର ବଡଓଷାରେ ବଡ଼ସିଂହାର ବେଶରେ ଦର୍ଶନ ଦେଉଛନ୍ତି ବାବା ଧବଳେଶ୍ୱର। କଟକ ଜିଲ୍ଲାର ଅନ୍ୟତମ ଶୈବପୀଠ ବାବା ଧବଳେଶ୍ୱରଙ୍କ ପୀଠରେ ପାଳନ ହୋଇଛି ପବିତ୍ର ବଡଓଷା ପର୍ବ। ସୋମବାର ରାତ୍ର ସମୟରେ ହଜାର ହଜାର ଶ୍ରଦ୍ଧାଳୁ ପୀଠରେ ରାତ୍ରିଯାପନ କରି ବାବାଙ୍କ ପ୍ରସିଦ୍ଧ ଗଜ ଭୋଗ ପାଇଁ ଅପେକ୍ଷା କରିଥିଲେ। ଭୋର ୪ ଘଟିକାରୁ ପହଡ ଖୋଲାଯାଇ ୧୦୮ ଗରା ଜଳରେ ସ୍ନାନ କରାଯାଇ ମଙ୍ଗଳଆଳତୀ କରାଯିବା ପରେ ବାବା ଧବଳେଶ୍ୱର ପହୁଡ ଫିଟିଥିଲା। ଠାକୁରଙ୍କ ନୀତି ପୂଜା ସହ ଗଜ ଭୋଗ ଓ ବଲ୍ଲଭ ଭୋଗ ଠାକୁରଙ୍କୁ ସମର୍ପଣ କରାଯାଇଥିଲା। ଶ୍ରଦ୍ଧାଳୁମାନେ ବଡସିଂହାର ବେଶରେ ଦର୍ଶନ ସହ ଗଜଭୋଗ ପ୍ରାପ୍ତି ହୋଇଥିଲେ। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମାଙ୍କ ତତ୍ତ୍ୱାବଧାନରେ ପୀଠରେ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ସ୍ୱାସ୍ଥ୍ୟସେବା, ବ୍ୟାରିକେଡ ବ୍ୟବସ୍ଥା ହୋଇଥିଲେ ହେଁ ଶ୍ରଦ୍ଧାଳୁମାନେ ଅସୁବିଧାର ସମ୍ମୁଖୀନ ହୋଇଥିବା ଲକ୍ଷ୍ୟ କରାଯାଇଛି। ଖରାରୁ ରକ୍ଷା ପାଇବା ପାଇଁ ପର୍ଯ୍ୟାପ୍ତ ପରିମାଣରେ ପାନୀୟ ଜଳ ଓ ଓଆରଏସ ବଣ୍ଟନ କରାଯାଉଥିବା ବେଳେ ଭକ୍ତମାନଙ୍କ ଉପରେ ପାଣି ସିଞ୍ଚନ କ୍ଷେତ୍ରରେ ସାମାନ୍ୟ ତ୍ରୁଟି ରହିଥିଲା। ମାତ୍ର ପରେ ବ୍ୟବସ୍ଥିତ ହୋଇଥିଲା। ଦିବ୍ୟାଙ୍ଗଙ୍କ ଦର୍ଶନ ପାଇଁ ୪୪ଟି ଅଟୋ ସହିତ ମନ୍ଦିର ମଧ୍ୟରେ ହ୍ୱିଲ ଚେୟାରର ବ୍ୟବସ୍ଥା ମଧ୍ୟ କରାଯାଇଛି। ଭକ୍ତମାନଙ୍କ ସୁରକ୍ଷା ପାଇଁ ଦୁଇ ଜଣ ଅତିରିକ୍ତ ଏସପିଙ୍କ ସମେତ ଦୁଇ ଜଣ ମାଜିଷ୍ଟ୍ରେଟ, ୧୦୦ ପୁଲିସ ଅଧିକାରୀ, ୧୫ ପ୍ଲାଟୁନ ପୁଲିସ ଫୋର୍ସ, ଅଗ୍ନିଶମ ବାହିନୀ ଏବଂ ଓଡ୍ରାଫ ଟିମ ମୁତୟନ କରାଯାଇଥିଲା। ପଞ୍ଚୁକ ଯାତ୍ରାର ଅବ୍ୟବହିତ ପୂର୍ବରୁ ସଂଖ୍ୟାଧିକ ଶ୍ରଦ୍ଧାଳୁଙ୍କ ସମାଗମକୁ ପ୍ରଶାସନ ଜାଣିଥିଲେ ମଧ୍ୟ ଶ୍ରଦ୍ଧାଳୁଙ୍କ ସମାଗମ ନେଇ ଆକଳନ କରାଯାଇ ନ ଥିବା ଅନୁମାନ କରାଯାଏ। କଟକ ଆଡୁ ନୂଆପାଟଣା ସେତୁ ଦେଇ ଆସୁଥିବା ଶ୍ରଦ୍ଧାଳୁମାନେ ପ୍ରାୟ ୪ କିଲୋମିଟର ଚାଲି ଚାଲି ଆସି କଂକ୍ରିଟ ପୋଲ ଦେଇ ମନ୍ଦିର ଆସିବା କଷ୍ଟକର ହେଉଥିବା ଅନେକ ଶ୍ରଦ୍ଧାଳୁ ଅଭିଯୋଗ କରିଥିଲେ। ସେହି ବ୍ୟବସ୍ଥାର ତ୍ରୁଟି ନେଇ ପ୍ରଶାସନ ସମୀକ୍ଷା କରି ଆଗାମୀ ଦିନରେ ତ୍ରୁଟି ସଂଶୋଧନ କରିବା ପାଇଁ ଦାବି ହେଉଛି।

**କଟକ ନାଟ୍ୟ ଉତ୍ସବ**

# ମୋହନ ସୁବୁଦ୍ଧି ମହାବିଦ୍ୟାଳୟ ପ୍ରଥମ



**ବଡମ୍ବା,୪।୧୧(ସମିସ):** କଟକ ନାଟ୍ୟ ଉତ୍ସବ-୨୦୨୫ ପ୍ରଥମ ସଂସ୍କରଣରେ ବଡମ୍ବା ମୋହନ ସୁବୁଦ୍ଧି ମହାବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିଛି ଓ ୧୯ଟି ମହାବିଦ୍ୟାଳୟ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବଡମ୍ବା ମୋହନ ସୁବୁଦ୍ଧି ମହାବିଦ୍ୟାଳୟ ଶ୍ରେଷ୍ଠ ନାଟକ, ଶ୍ରେଷ୍ଠ ଅଭିନେତ୍ରୀ ଓ ଶ୍ରେଷ୍ଠ କାହାଣୀ ପାଇଁ ସମ୍ମାନିତ ହେବା ସହ ଏକ ଲକ୍ଷ ନଗଦ ଅର୍ଥ ଓ ଟ୍ରଫି ହାସଲ କରିଛି। ମାଣିଆବନ୍ଧ ଖଣ୍ଡୁଆ ପାଟ ଓ ଜଗନ୍ନାଥଙ୍କ ସଂସ୍କୃତି ଆଧାରିତ ଏହି ନିଜସ୍ୱ ରଚିତ ନାଟକଟି ସମସ୍ତ ବିଚାରକ ଓ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଓଡ଼ିଆ ନାଟକର ସ୍ରଷ୍ଟା କାଳିଚରଣ ପଟ୍ଟନାୟକଙ୍କ ମାଟି ପ୍ରମାଣ କରିଛି ଏଠିକାର ଛାତ୍ରଛାତ୍ରୀଙ୍କ ପାଖେ ନିଖୁଣ ଅଭିନୟ ତଥା କଳା ଲୁଚି ରହିଛି। ଆଗାମୀ ବାଲିଯାତ୍ରା ଉଦଘାଟନ ଉତ୍ସବରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କଠାରୁ ଛାତ୍ରଛାତ୍ରୀମାନେ ଟ୍ରଫି ହାସଲ କରିବେ ଏବଂ ବାଲିଯାତ୍ରା ବୈଷ୍ଣବ ପାଣିଙ୍କ ମଞ୍ଚରେ ୭ ନଭେମ୍ବର ସନ୍ଧ୍ୟା ୬ ଘଟିକାରେ ନାଟକ ପରିବେଷଣ କରିବେ। ଆଜି ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସାଂସଦ ଭର୍ତ୍ତୃହରି ମହତାବ, ସମ୍ମାନିତ ଅତିଥି ଭାବେ ବିଧାୟକ ସୌଭିକ ବିଶ୍ୱାଳ, ବିଧାୟିକା ସୋଫିଆ ଫିର୍ଦୋସ, ଜିଲ୍ଲାପାଳ କଟକ, ସିଏମସି କମିଶନର, ଅଭିନେତା ଶ୍ରୀତମ ଦାସ ପ୍ରମୁଖ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ରାମନଗର ନୂତନ ଗ୍ରାମ୍ୟ କମିଟି କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ



**ଫୁଲନଖରା,୪।୧୧(ସମିସ):** କଟକ ମହାନଗର ନିଗମ ୫୯ନଂ ୱାର୍ଡ ଅନ୍ତର୍ଗତ ରାମନଗର ଗ୍ରାମରେ ନୂତନ ଭାବରେ ମନୋନୀତ ଗ୍ରାମ୍ୟ କମିଟି ସଦସ୍ୟମାନଙ୍କର ଶପଥ ଗ୍ରହଣ ଉତ୍ସବ ଗ୍ରାମଦେବତୀଙ୍କ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଗ୍ରାମ୍ୟ କମିଟିର ମନୋନୀତ ଉପଦେଷ୍ଟା ଭାବରେ ଶ୍ରୀସନ୍ନ୍ୟାସୀ ଜୀ, ଧରଣୀଧର ବେହେରା, ଆଇନଜୀବୀ ଛବି ବେହେରା, ତ୍ରିନାଥ ମହାନ୍ତି, ସୁବାସ ପଣ୍ଡା, ବ୍ରଜମୋହନ ବେହେରା, ପଠାଣି ବେହେରା, ଉପେନ୍ଦ୍ର ଦାସ, ପୂର୍ଣ୍ଣାନନ୍ଦ ବେହେରା, କାଳନ୍ଦୀ ଦାସ, ଶିବ ଚରଣ ବେହେରା, ସଭାପତି ପ୍ରକାଶ ଚନ୍ଦ୍ର ନାୟକ, ଉପସଭାପତି ଚିତ୍ତରଂଜନ ବେହେରା, ଲକ୍ଷ୍ମଣ ବେହେରା, ସଂପାଦକ ଲକ୍ଷ୍ମୀଧର ସେଠୀ, ହୃଦାନନ୍ଦ ବେହେରା, କୋଷାଧ୍ୟକ୍ଷ ଆଶିଷ ରଞ୍ଜନ ସ୍ୱାଇଁ, ଅନାଥ ବେହେରାଙ୍କ ସମେତ ୨୫ଜଣ ସଦସ୍ୟ ମା'ଙ୍କ ନିକଟରେ ଗ୍ରାମକୁ ଏକ ଆଦର୍ଶ ଗ୍ରାମ ରୂପେ ଗଢ଼ି ତୋଳିବା ପାଇଁ ବଜ୍ର ଶପଥ ନେଇଥିଲେ। ଏହି କାର୍ଯ୍ୟକ୍ରମକୁ ଉପଦେଷ୍ଟାମଣ୍ଡଳୀର ଶ୍ରୀସନ୍ନ୍ୟାସୀଜୀ ପରିଚାଳନା କରିବା ସହିତ ସମସ୍ତ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ। ଶପଥ ଗ୍ରହଣ ଉତ୍ସବ ପରେ ସମସ୍ତ କର୍ମକର୍ତ୍ତାଙ୍କୁ ଗ୍ରାମର ମୁରବୀମାନେ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମସ୍ତଙ୍କୁ ସ୍ୱାଗତ କରିଥିଲେ।

## ପାଞ୍ଚସାହି ତୈଳିକ ବୈଶ୍ୟ ସମାଜ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ



**ତିଗିରିଆ,୪।୧୧(ସମିସ):** ତିଗିରିଆ ବ୍ଲକ ଅଧୀନ ଗୋଡିଝରିଆ ଗ୍ରାମରେ ପାଞ୍ଚସାହି ତୈଳିକ ବୈଶ୍ୟ ସମାଜ ପକ୍ଷରୁ ମଙ୍ଗଳବାର ୨୭ତମ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ତୈଳିକ ଅନୁଷ୍ଠାନ ତରଫରୁ ଏକ ବଡ ବୋଇତ ତିଆରି କରାଯାଇ ପୁଷ୍ପ ଓ ଆଲୋକରେ ସୁସଜ୍ଜିତ କରାଯିବା ସହ ୭ ଜଣ ଯୁବକଙ୍କୁ ସାଧବ ବେଶ କରାଯାଇ ଗୋଡିଝରିଆର ସମସ୍ତ ସାହିକୁ ଶୋଭାଯାତ୍ରାରେ ପରିକ୍ରମା କରାଯାଇଥିଲା। ରାତି ୪ଟାରୁ ଗ୍ରାମର ସମସ୍ତ ମହିଳା ଓ ପୁରୁଷ ସମବେତ ହୋଇ ଅ କା ମା ବୈ ଇ ଗୀତ ଗାଇ ସାପୁଆ ନଦୀରେ ବୋଇତକୁ ଭସାଇଥିଲେ। ପାଞ୍ଚ ସାହି ତୈଳିକ ସମାଜର ୫ ବେହେରା ଭଗବାନ ସାହୁ, ରବିନ୍ଦ୍ର ସାହୁ, ପ୍ରତାପ ସାହୁ, ବିଦ୍ୟାଧର ସାହୁ, ଉପେନ୍ଦ୍ର ସାହୁ ଓ ଉଦୟନାଥ ସାହୁ ଏହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ତୁଲାଇଥିଲେ। ଗ୍ରାମର ଜିତେନ୍ଦ୍ର ସାହୁ, କୈଳାସ ସାହୁ, ସନ୍ତୋଷ ସାହୁ, ଅମୀନ ସାହୁ, ତପନ ସାହୁ, ବିକ୍ରମ ସାହୁ, ଧୂଳି ସାହୁ, ରବିନ୍ଦ୍ର ସାହୁ, କୂଳମଣି ସାହୁ, ଗୋକୁଳା ନନ୍ଦ ସାହୁ, ନିଲୁଆ ସାହୁ, ଧନେଶ୍ୱର ସାହୁ, ଅଖିଳ ମୋହନ ସାହୁ, ବୁବୁ ସାହୁ, ଭାବଗ୍ରାହୀ ସାହୁ, ବିଚିତ୍ର ସାହୁ, ବାପିନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## କାର୍ତ୍ତିକେୟଙ୍କ ପୂଜା ମଣ୍ଡପ ପରିଦର୍ଶନ କଲେ ସମାଜସେବୀ

**କନ୍ଦରପୁର,୪।୧୧(ସମିସ):** କଟକ ସଦରର ଅଗ୍ରଣୀ ସାମାଜିକ ସଂଗଠନ "ୟୁନିୟନ ଫର୍ କଟକ ସଦର ଡେଭଲପମେଣ୍ଟ'ର ସଭାପତି ସମାଜସେବୀ, ଶିକ୍ଷାବିତ, ପ୍ରଫେସର ମନୋଜ ନାୟକ କିଶନନଗର ଅଞ୍ଚଳର ବିଭିନ୍ନ କାର୍ତ୍ତିକେୟ ପୂଜା ମଣ୍ଡପ ପରିଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିବା ସହିତ ସଦରବାସୀଙ୍କ ସୁଖ ସମୃଦ୍ଧି କାମନା କରିଛନ୍ତି। ଏହି ପରିପ୍ରେକ୍ଷୀରେ କିଶନନଗର, ସାମନ୍ତରାପୁରଠାରେ ପ୍ରଫେସର ନାୟକଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଥିଲା। ବୋଧପୁରଠାରେ ଏକ ବଡ ଧରଣର ମଟରସାଇକଲ ଶୋଭାଯାତ୍ରାରେ ତାଙ୍କୁ ପାଛୋଟି ନିଆଯାଇ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିବା ଜଣାପଡିଛି।



## ରାୟପୁରରେ କାର୍ତ୍ତିକେଶ୍ୱର ପୂଜା ଓ ସମ୍ବର୍ଦ୍ଧନା



**ଫୁଲନଖରା, ୪।୧୧ (ସମିସ):** କଟକ ସଦର ଥାନା ଅନ୍ତର୍ଗତ ରାୟପୁର ବଣିଆସାହିରେ କାର୍ତ୍ତିକେଶ୍ୱରଙ୍କ ପୂଜା ଅବସରରେ ପୂଜ୍ୟପୂଜା ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଆ ଇ ନ ଜୀ ବୀ କବିନାରାୟଣ ଜେନାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଗ୍ରାମର ମୁରବୀମାନେ ଉପସ୍ଥିତ ଥିଲେ। ଦୀର୍ଘ ୬ ଦଶନ୍ଧି ଧରି ଅନୁଷ୍ଠିତ ହୋଇ ଆସୁଥିବା ପାରମ୍ପରିକ କାର୍ତ୍ତିକେଶ୍ୱର ପୂଜାକୁ ଗ୍ରାମର ଉତ୍ସାହୀ ଯୁବକମାନେ ବଳବତ୍ତର ରଖିବାରେ ସମର୍ଥ ହୋଇଥିବାରୁ ବରିଷ୍ଠ ମୁରବୀମାନେ ସେମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଚଳିତ ବର୍ଷ ପୂଜ୍ୟପୂଜା କାର୍ଯ୍ୟକ୍ରମ ସହ ପ୍ରତ୍ୟେକ ଦିନ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅଞ୍ଚଳରେ ଆଧାତ୍ମିକ ପରିବେଶ ସୃଷ୍ଟି କରିପାରିଛି। କଟକ ସଦର ପ୍ରେସ୍ କ୍ଲବର ସଭାପତି ସୁରେନ୍ଦ୍ର ମହାପାତ୍ର, ସଂପାଦକ ପ୍ରତାପ କେଶରୀ ପାତ୍ରଙ୍କ ସମେତ ସାମ୍ବାଦିକ ସଂଘର ସମସ୍ତ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯିବା ସଙ୍ଗେ ସଙ୍ଗେ ଇନ୍ଦ୍ରମଣି ବିଶ୍ୱାଳ, ବଟକୃଷ୍ଣ ସାହୁ, ରାଜକୁମାର ସ୍ୱାଇଁ ଓ ଗ୍ରାମ୍ୟ ମୁରବୀଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ପୂଜା କମିଟିର ସଦସ୍ୟ ବିଶ୍ୱଜିତ୍ ସାହୁ, ପ୍ରତାପ ସାହୁ, ଜିତୁ ବାରିକ, ଜ୍ଞାନ ରଞ୍ଜନ ପୃଷ୍ଟି, ସଞ୍ଜୟ ସାହୁ, ବିଶ୍ୱଜିତ୍ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବାଲିଯାତ୍ରା ଅବସରରେ ବଡମ୍ବାରେ ପୁସ୍ତକ ସଂଗ୍ରହ ଅଭିଯାନ



**ବଡମ୍ବା,୪।୧୧(ସମିସ):** ଐତିହାସିକ କଟକ ବାଲିଯାତ୍ରାର ଅବସରରେ ଜନସାଧାରଣଙ୍କୁ ପୁସ୍ତକ ବଣ୍ଟନର ଆଗ୍ରହ ନେଇ କଟକର ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେଙ୍କ ଆହ୍ୱାନରେ ବଡମ୍ବା ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବଦାନ୍ୟ ବ୍ୟକ୍ତି ବିଶେଷଙ୍କ ଠାରୁ ବହୁ ଉପାଦେୟ ପୁସ୍ତକ ସଂଗ୍ରହ କରାଯାଉଛି। ଏହି ପରିପ୍ରେକ୍ଷୀରେ ବଡମ୍ବା ସଦର ମହକୁମା ଅନ୍ତର୍ଗତ ଶତାୟୁ ବିଦ୍ୟାଳୟ ମୋହନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟ, ବଡମ୍ବାର ପ୍ରାକ୍ତନ ପ୍ରଧାନଶିକ୍ଷକ, ବିଶିଷ୍ଟ ଶିକ୍ଷାବିତ ତଥା ରାଜ୍ୟପାଳ ଏବଂ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ କୃତୀ ଶିକ୍ଷକ ଚନ୍ଦ୍ରଶେଖର ମହାନ୍ତି ଯିଏ ଏକାଧାରାରେ ଜଣେ କବି, ସାହିତ୍ୟିକ, ମଞ୍ଚ ପରିଚାଳକଙ୍କ ଦ୍ୱାରା ୪୦ଖଣ୍ଡ ସ୍ୱ-ରଚିତ ପୁସ୍ତକ ବଡମ୍ବା ମଣ୍ଡଳ ଶିକ୍ଷାଧିକାରୀ ତ୍ରିଲୋଚନ ଜେନାଙ୍କୁ ପ୍ରଦାନ କରିଛନ୍ତି। ଏଥିସହ ୧୬ଟି ସାଧନ କେନ୍ଦ୍ର ଅନ୍ତର୍ଗତ ପ୍ରାୟ ୧୩୦ରୁ ଉର୍ଦ୍ଧ୍ୱ ବିଦ୍ୟାଳୟରୁ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସହ ବହୁ ବଦାନ୍ୟ ବ୍ୟକ୍ତି ମଧ୍ୟ କିଛି କିଛି ପୁସ୍ତକ ପ୍ରଦାନ କରିଛନ୍ତି। ଉକ୍ତ ପୁସ୍ତକ ସଂଗ୍ରହ କାର୍ଯ୍ୟକ୍ରମରେ ମଣ୍ଡଳ ଶିକ୍ଷାଧିକାରୀଙ୍କ ସହ କଟକ ଜିଲ୍ଲା ଓସ୍ତା ସଂଘ ସଭାପତି କଳିଙ୍ଗ କେଶରୀ ପ୍ରଧାନ, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ରାଜ୍ୟ ଉପସଭାପତି ରମେଶ ଚନ୍ଦ୍ର ବେହେରା, ସାନବାରସିଂହ ନୋଡାଲ ଉ.ପ୍ରା ବିଦ୍ୟାଳୟ ସାଧନ କେନ୍ଦ୍ର ସଂଯୋଜକ ସନ୍ତୋଷ ପ୍ରତାପ ସିଂହ ଉପସ୍ଥିତ ଥିଲେ।

## ଜିଲ୍ଲା ବିଦ୍ୟାଳୟସ୍ତରୀୟ ଖୋ-ଖୋ ପ୍ରତିଯୋଗିତା ଉଦ୍ଯାପିତ

**ନରସିଂହପୁର,୪।୧୧(ସମିସ):** ନରସିଂହପୁର ବ୍ଲକ ଅନ୍ତର୍ଗତ ଅନନ୍ତ ନାରାୟଣ ଉଚ୍ଚ ବିଦ୍ୟାଳୟସ୍ଥିତ ଖେଳ ପଡ଼ିଆରେ ଆୟୋଜିତ ୬୯ତମ କଟକ ଜିଲ୍ଲା ବିଦ୍ୟାଳୟସ୍ତରୀୟ ଖୋ-ଖୋ କ୍ରୀଡା ପ୍ରତିଯୋଗିତା ଦୁଇ ଦିନଧରି ଅନୁଷ୍ଠିତ ହୋଇ ମଙ୍ଗଳବାର ଉଦଯାପିତ ହୋଇଛି। କ୍ରୀଡା ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ବିଜୟ କୁମାର ଦଳବେହେରା ଯୋଗ ଦେଇଥିଲେ। କ୍ରୀଡା ଉତ୍ସବରେ ମଣ୍ଡଳ ଶିକ୍ଷା ଅଧିକାରୀ ଲୋପାମୁଦ୍ରା ରାଉତରାୟ ପୌରାହିତ୍ୟ କରିଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଳୟାନନ୍ଦ ଶତପଥୀ, କ୍ରୀଡା ସମ୍ପାଦକ ଶିକ୍ଷକ ଅରୁଣ କୁମାର ବେହେରା, ପ୍ରଧାନ ଶିକ୍ଷକ ଶେଷଦେବ ବେହେରା, ଆବାହକ ସୂର୍ଯ୍ୟମଣି ଜେନା, ଡିଆଇଇଟି ଅଧ୍ୟକ୍ଷ ନିରଞ୍ଜନ ସାହୁ, ସହକାରୀ ଶିକ୍ଷା ଅଧିକାରୀ ଲକ୍ଷ୍ମୀଧର ବେହେରା, ନିରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ। ଉଦଯାପନୀ ଦିବସରେ ୧୭ ବର୍ଷୀୟ ବାଳକସ୍ତରରେ ଚାମ୍ପିଅନ ନରସିଂହପୁର, ରନର୍ସ ଅପ କଟକ ସଦର, ବାଳିକାସ୍ତରରେ ଚାମ୍ପିଅନ ଆଠଗଡ, ରନର୍ସଅପ ସାଲେପୁର ସେହିପରି ୧୪ ବର୍ଷୀୟସ୍ତରରେ ବାଳକ ସ୍ତରରେ ଆଠଗଡ ଚାମ୍ପିଅନ, ରନର୍ସଅପ ନରସିଂହପୁର, ବାଳିକାସ୍ତରରେ ଆଠଗଡ ଚାମ୍ପିଅନ ଓ ରନର୍ସଅପ ନରସିଂହପୁର ହୋଇଛନ୍ତି। କୃତୀ ଖେଳାଳିଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ପ୍ରତିଯୋଗିତାରେ କଟକ ଜିଲ୍ଲାର ୧୪ଟି ବ୍ଲକର ୮୨୦ ପ୍ରତିଯୋଗୀଙ୍କ ସହିତ ଶତାଧିକ କ୍ରୀଡା ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ରହି ପରିଚାଳନା କରିଥିଲେ।



## କାର୍ତ୍ତିକ ଚତୁର୍ଦ୍ଦଶୀ

# ଗନ୍ଧରାଡ଼ି ପୀଠରେ ଶ୍ରଦ୍ଧାଳୁଙ୍କ ସମାଗମ

ବୌଦ୍ଧ, ୪।୧୧(ସମିସ)



ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତର ଜଗତୀ ନିକଟସ୍ଥ ପ୍ରାଚୀନ ଗନ୍ଧରାଡ଼ି ପୀଠରେ କାର୍ତ୍ତିକ ମାସ ଚତୁର୍ଦ୍ଦଶୀ ଅବସରରେ ଆଜି ଶ୍ରଦ୍ଧାଳୁଙ୍କ ପ୍ରବଳ ସମାଗମ ଦେଖିବାକୁ ମିଳିଥିଲା। ଭୋରରୁ ସେବାୟତ ମାନେ ନୀତିକାନ୍ତି ଭାବେ ପୂଜାର୍ଚ୍ଚନା କରି ଭୋର ୪ ଟାରୁ ମନ୍ଦିରଦ୍ୱାର ଖୋଲିଥିଲେ। ଏହାପରେ ଭକ୍ତ ଧାଡ଼ିରେ ରହି ହରହରିଙ୍କୁ ଦର୍ଶନ କରିଥିଲେ। ମନ୍ଦିର ପରିସରରେ ଭକ୍ତଙ୍କ ପାଇଁ କମିଟି ପକ୍ଷରୁ ଭୋଗବିକ୍ରି ହେଉଥିଲା। ଏହି ଅବସରରେ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆୟୋଜିତ ହେଉଥିବା ବେଳେ ଶିବ ସିଦ୍ଧେଶ୍ୱର ଓ ବିଷ୍ଣୁ ନୀଳ ମାଧବଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁମାନଙ୍କ ସମାଗମ ମନ୍ଦିର ପରିସରରେ ଦେଖିବାକୁ ମିଳିଥିଲା। ଶାନ୍ତି ଶୃଙ୍ଖଳାର ସହିତ ଦର୍ଶନ ପାଇଁ ଜହ୍ନାପଙ୍କ ଫାଣ୍ଡି ଅଧିକାରୀ ପ୍ରାଣବନ୍ଧୁ ସାହୁଙ୍କ ତତ୍ତ୍ୱାବଧାନରେ ପୁଲିସ କର୍ମଚାରୀ ଓ ସେବାୟତ ତଥା କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ତେବେ ଦୀର୍ଘ ଦିନ ହେଲା ପାନୀୟ ଜଳ ପ୍ରକଳ୍ପ ଅଚଳ ଯୋଗୁଁ ଭକ୍ତମାନେ ପାଣି ପାଇଁ ହଇରାଣ ହୋଇଥିଲେ।

## ଦୀପରୁ ନିଆଁ ଲାଗି ମହିଳା ଗୁରୁତର

ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତର ଜଗତୀ ଗନ୍ଧରାଡି ମନ୍ଦିରକୁ ଦର୍ଶନ ପାଇଁ ଆସିଥିବା ଆଜି ଜଣେ ମହିଳାଙ୍କ ପିନ୍ଧା ଶାଢ଼ୀରେ ଦୀପରୁ ନିଆଁ ଲାଗି ପୋଡ଼ିଯାଇ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ ସୋନପୁର ସହର ଘୋଡ଼ାଘାଟପଡ଼ା ନିବାସୀ ସତ୍ୟ ସରାଫ ଓ ତାଙ୍କ ପରିବାର ଆଜି ଦର୍ଶନ ପାଇଁ ଗନ୍ଧରାଡି ମନ୍ଦିରକୁ ଆସିଥିଲେ। ଠାକୁରଙ୍କ ଆଗରେ ଥିବା ଦୀପଷ୍ଟାଣ୍ଡରେ ଦୀପ ଜାଳି ସତ୍ୟଙ୍କ ପତ୍ନୀ ଦୀପ୍ତି ସରାଫ ଦର୍ଶନ କରୁଥିବାବେଳେ କୌଣସି ଶ୍ରଦ୍ଧାଳୁ ପୂର୍ବରୁ ଦୀପ ଷ୍ଟାଣ୍ଡ ତଳେ ଜାଳି ରଖିଥିବା ଦୀପରୁ ଶାଢୀରେ ନିଆଁ ଲାଗି ପୋଡି ଯାଇଥିଲେ। ନିଆଁ ଲିଭାଇବାକୁ ଉଦ୍ୟମ କରି ସ୍ୱାମୀ ସତ୍ୟ ଓ ଅନ୍ୟ ଜଣେ ସମ୍ପର୍କୀୟଙ୍କ ପାପୁଲି ମଧ୍ୟ ପୋଡ଼ି ଆହତ ହୋଇଛନ୍ତି। ତୁରନ୍ତ ଗୁରୁତର ମହିଳା ଓ ଅନ୍ୟ ଦୁଇ ଆହତଙ୍କୁ ବୌଦ୍ଧ ଡାକ୍ତରଖାନାରେ ଭର୍ତ୍ତି କାରାଯାଇଛି। ପୁଲିସ ଏହାର ତଦନ୍ତ କରୁଛି।

## ଡଙ୍ଗା କିଣିବାକୁ ବଜାରରେ ଭିଡ଼



ବୌଦ୍ଧ, ୪।୧୧(ସମିସ): ବୁଧବାର ହେଉଛି ପବିତ୍ର କାର୍ତ୍ତିକମାସର ଶେଷଦିନ। ଏହି କାର୍ତ୍ତିକ ପୂର୍ଣ୍ଣମୀରେ ଚାରିଆଡ଼େ ବୋଇତ ଭସାଣ ପାଇଁ ବଜାରରେ ବିଭିନ୍ନ ପ୍ରକାର ତଥା ଭଳିକିଭଳି ରଙ୍ଗବେରଙ୍ଗର କାଗଜ ଡଙ୍ଗା ବିକ୍ରି ହେଉଥିବା ଦେଖିବାକୁ ମିଳିଛି। ଛୋଟରୁ ବଡ଼ ସମସ୍ତେ ଏହି ଡଙ୍ଗା ଭସାଇଥାନ୍ତି। ଏହି ପରିପ୍ରେକ୍ଷାରେ ବୌଦ୍ଧ ସହର ତଥା ଆଖପାଖ ଅଞ୍ଚଳରୁ ମଧ୍ୟ ବୋଇତ ଭସାଣ ପାଇଁ ଡଙ୍ଗାସବୁ କିଣୁଥିବା ଦେଖିବାକୁ ମିଳୁଛି। ବୁଧବାର ଭୋର୍ ସମୟରୁ ଏହି ବୋଇତ ଭସାଣ କାର୍ଯ୍ୟ ଅନୁଷ୍ଠିତ ହେବ। ଆ-କା-ମା-ବୈ ପାନଗୁଆ ଥୋଇ, ମାସିକ ଧରମ ମୋର, ପାନଗୁଆ ତୋର କହି ସମସ୍ତେ ଡଙ୍ଗା ଭସାଇବେ।

## ମହୁଲ ପୋଚ ସହ ଦେଶୀ ମଦ ଜବତ

ବୌଦ୍ଧ, ୪।୧୧(ସମିସ): ବୌଦ୍ଧ ଅବକାରୀ ମୋବାଇଲ ସ୍କ୍ୱାର୍ଡ ଚଢ଼ଉ କରି ବିପୁଳ ମହୁଲ ପୋଚ ସହ ମଦ ଜବତ କରିଛି। ଅବକାରୀ ଅଧିକାରୀ ସତ୍ୟନାରାୟଣ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ ଘଣ୍ଟାପଡ଼ା ଥାନା ଉମା ଗ୍ରାମ ନିକଟରେ ଚଢ଼ଉ କରି ୬୫୦ କେଜି ମହୁଲ ପୋଚ ସହ ୩୦ ଲିଟର ଦେଶୀ ମଦ ନଷ୍ଟ କରିଛି। ଏ ସମ୍ପର୍କରେ ଅବକାରୀ ଥାନାରେ ଏକ ମାମଲା ରୁଜୁ କରିଥିବା ବେଳେ ମାଫିଆମାନେ ଅବକାରୀ ଟିମକୁ ଦେଖି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି।

## ଜାନୁଆରୀ ୨ରୁ ବୀରମହାରାଜପୁର ଧନୁଯାତ୍ରା ମହୋତ୍ସବ

ବୀରମହାରାଜପୁର, ୪।୧୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁରଠାରେ ମୁକ୍ତାକାଶ ରଙ୍ଗମଞ୍ଚରେ ଚତୁର୍ଥ ବୀରମହାରାଜପୁର ଧନୁଯାତ୍ରା ମହୋତ୍ସବ ଆସନ୍ତା ଜାନୁୟାରୀ ୨ ଠାରୁ ୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ବିଗତ ବର୍ଷ ପରି ଚଳିତ ବର୍ଷ ମଧ୍ୟ ବୀରମହାରାଜପୁର ସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମଠାରେ ପ୍ରତ୍ୟେକ ଦିନ ସନ୍ଧ୍ୟା ୬ଟା ଠାରୁ ରାତି ୧୧ଟା ପର୍ଯ୍ୟନ୍ତ କଂସ ଦରବାର ଅନୁଷ୍ଠିତ ହେବ। ମହାରାଜ କଂସ ଭୂମିକାରେ ଚିଚିଣ୍ଡାର ଝସକେତନ ପଧାନ ଚତୁର୍ଥ ଥର ପାଇଁ ଅଭିନୟ କରିବା ପାଇଁ ଯାଉଥିବା ବେଳେ ଜନସାଧାରଣଙ୍କ ମନୋରଞ୍ଜନ ପାଇଁ ପ୍ରତ୍ୟେକ ସନ୍ଧ୍ୟାରେ ମିନା ବଜାର, ସଙ୍ଗୀତ ବିଚିତ୍ରା, ନୃତ୍ୟ ପରିବେଷଣ ସାଙ୍ଗକୁ ଭଳିକି ଭଳି ଦୋକାନ ବଜାର ଅଧିକ ଆକର୍ଷଣ ହେବ ବୋଲି ବୀରମହାରାଜପୁର ଧନୁଯାତ୍ରା ମହୋତ୍ସବ କମିଟି ସଭାପତି କିଶୋର ହୋତା ସୂଚନା ଦେଇଛନ୍ତି। ଅନ୍ୟ ବର୍ଷମାନଙ୍କ ଭଳି ଦିନବେଳା କବିତା ଆସର, ଆଲୋଚନା ଚକ୍ର ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି।

## ଭାଗବତ ଟୁଙ୍ଗିର ପୁନରୁଦ୍ଧାର ପାଇଁ ଦାବିପତ୍ର

ବୀରମହାରାଜପୁର, ୪।୧୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଜଟେସିଂହା ଗ୍ରାମପଞ୍ଚାୟତ ନାରାୟଣପୁର (ମାଳିସାହି) ଭଗବତ ଟୁଙ୍ଗି (ମନ୍ଦିର)ର ପୁନରୁଦ୍ଧାର ପାଇଁ ଗ୍ରାମର ୫୦ରୁ ଉର୍ଦ୍ଧ୍ୱ ଭଗବତ ପ୍ରେମୀ ବୀରମହାରାଜପୁର ବ୍ଲକ ଏବିଡିଓ ପୁରୁଷୋତ୍ତମ ଧରୁଆଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ମାଳି ସାହି ଗ୍ରାମରେ ଥିବା ବହୁ ପୁରାତନ ଭାଗବତ ଟୁଙ୍ଗି



(ମନ୍ଦିର) ରକ୍ଷଣା ବେକ୍ଷଣ ଅଭାବରୁ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ତଥାପି ପ୍ରତିଦିନ ଅନେକ ଭଗବତ ପ୍ରେମୀ ଭକ୍ତମାନେ ମିଶି ଜଗନ୍ନାଥ ଦାସଙ୍କ ଭାଗବତ ପଠନ ସହ ଖଞ୍ଜିନୀ, କାଠି, ଢୋଲ, ଗିନିରେ କୀର୍ତ୍ତନ କରିଥାନ୍ତି। ହେଲେ ସେମାନଙ୍କର ପାଇଁ ପ୍ରତିଦିନ ସନ୍ଧ୍ୟାରେ ଭାଗବତ ପଠନ ଓ କୀର୍ତ୍ତନ ପାଇଁ ଏକ ପକ୍କା ଭଗବତ ଟୁଙ୍ଗୀ (ମନ୍ଦିର) ଓ ଏକ ଡ଼ାକବାଜି ଯନ୍ତ୍ରର ଆବଶ୍ୟକତା ରହିଛି ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

## ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟନ କଲେ ବିଧାୟକ

ବୌଦ୍ଧ, ୪।୧୧(ସମିସ): ବୌଦ୍ଧ ବ୍ଲକ ବହିରା ପଞ୍ଚାୟତ ତେନ୍ତୁଳିପାଲି ଗ୍ରାମରେ କୈଳାସି ଯାତ୍ରା ଉପଲକ୍ଷେ ମା ଶାରଦା ନାଟ୍ୟ ସଂସଦ ଆନୁକୂଲ୍ୟରେ ସାମାଜିକ ନାଟକ 'ଭାଙ୍ଗିଲା ସଂସାର ଯୋଡିବ କିଏ' ରବିବାର ମଞ୍ଚସ୍ଥ ହୋଇଥିଲା। ନାଟକକୁ ସୂର୍ଯ୍ୟମଣି ଦାଶ ନିର୍ଦ୍ଦେଶନା ଦେଇଥିବାବେଳେ ସାନ ବେହେରା ସହ ନିର୍ଦ୍ଦେଶକ ଥିଲେ। ସଞ୍ଜିତ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ କଣ୍ଟାମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଂସ୍କୃତିକ ମଞ୍ଚକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ସୁଶାନ୍ତ ବାଘ, ବହିରା ମଣ୍ଡଳ ସଭାପତି ଯୀଶୁ ପଧାନ, ରମେଶ ପ୍ରସାଦ ସାହୁ, ଶିବପ୍ରସାଦ ସାହୁ, ବିପିନ ବିହାରୀ ଦାଶ, ବହିରା ସମିତି ସଭ୍ୟା ପ୍ରତିନିଧି କହେଁଇ ବାଦୀ, ଶ୍ରୀତମ ଡାଙ୍ଗ ଶିକ୍ଷକ ଗଣ୍ଡାରାମ ସାହୁ, ସାନ୍ତନୁ ମିର୍ଦ୍ଧା, ବିଶ୍ୱମୋହନ ନାୟକ, ଶିରିଷ ଗାଇଗୌରିଆ, ଆନନ୍ଦ ଚନ୍ଦ୍ର ରଥ, ଗ୍ରାମ୍ୟ କମିଟୀ ସଭାପତି ଜଗଦୀଶ ବେହେରା, ବିଭୀଷଣ ସେଠୀ, ଇନ୍ଦ୍ରଜିତ ବେହେରା, ଶାନ୍ତନୁ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

## ବିନିକା ଗୋକୁଳାଷ୍ଟମୀ ଯାତ୍ରା ପାଇଁ ଶୁଭଖୁଣ୍ଟି ସ୍ଥାପନ

ବିନିକା, ୪।୧୧(ସମିସ): ୨୪୨ ବର୍ଷରେ ପଦାର୍ପଣ କରିଥିବା ଗୋକୁଳାଷ୍ଟମୀ ମହୋତ୍ସବ ଆୟୋଜନ ନେଇ ଆଜି ଶୁଭାରମ୍ଭ ସ୍ଥାପନ କରାଯାଇଛି। ସୂଚନାଯୋଗ୍ୟ, ବିନିକା କଣସାରିପଡ଼ା ବ୍ରଜ ବିହାରୀ ନୃତ୍ୟ କଳା ପରିଷଦ ତରଫରୁ ଚଳିତ ମାର୍ଗଶିର ମାସ ୯ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ଗୋକୁଳାଷ୍ଟମୀ ଯାତ୍ରା ମହୋତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ଆଜି ସକାଳେ ଯାତ୍ରା କମିଟିର ସଦସ୍ୟ ଓ ପଡ଼ାବାସୀ ଶ୍ରୀଶ୍ରୀ ବ୍ରଜବିହାରୀ ପୂର୍ଣ୍ଣମାସି ମନ୍ଦିରରୁ



ଆଜ୍ଞାମାଳ ଆଣି ଦଧିବାମନ ମନ୍ଦିର ସମ୍ମୁଖରେ ଘଣ୍ଟ ଶଙ୍ଖ ହୁଳହୁଳି ଧ୍ୱନିରେ ଶୁଭଖୁଣ୍ଟିକୁ ସ୍ଥାପନ କରିଥିଲେ। ଏଥିରେ ପୂଜକ ଭାବେ ମାନଭଞ୍ଜନ ପୂଜାରୀ, କର୍ତ୍ତା ଭାବେ ଯାତ୍ରା କମିଟି ସଭାପତି ମନୋଜ ଦାସ ଦାୟିତ୍ୱ ତୁଲାଇଥିବାବେଳେ କମିଟି ସମ୍ପାଦକ ରଞ୍ଜନ ଦାସ, ଗୁରୁ ମନୋଜ, ରଘୁନାଥ ମାହାରଣା, ବିଶିଷ୍ଟ କଳାକାର ରାମଚନ୍ଦ୍ର ଦାସ, କୃଷ୍ଣଚନ୍ଦ୍ର ଦାସ, ବ୍ରଜବିହାରୀ ମାହାରଣା, ଅନ୍ତରାମ ଦାସ, ପୂର୍ବତନ ସଭାପତି ସୀତାରାମ ଦାସ, ସଞ୍ଜୟ ଦାସ, ନିତ୍ୟ ଗୋବିନ୍ଦ ସାହୁ, ରମାକାନ୍ତ ଦାସ, ସୀତାରାମ ମାହାରଣା, ଘଡିଗୋପାଳ ଦାସ, ଜୟନାରାୟଣ ସାହୁ, ସଞ୍ଜୟ ସାହୁ, ହିମାଂଶୁ ସାହୁ, ଦେବାନଶୁ ସାହୁ, ବବୁଲ ସାହୁ, ବିଶ୍ୱଜିତ ମାହାରଣା ପ୍ରମୁଖଙ୍କ ସମେତ ପରିଷଦର ସମସ୍ତ କଳାକାର ଉପସ୍ଥିତ ଥିଲେ। ପ୍ରକାଶ ଥାଉକି, ଏହି ମହୋତ୍ସବର ଦଧିବାମନ ମନ୍ଦିର ସମ୍ମୁଖ ପରିସରକୁ ଗୋପପୁର ଆଖ୍ୟା ଦିଆଯାଇଥିବା ବେଳେ ଯୋଗେଶ୍ୱର ମନ୍ଦିର ବନଦୁର୍ଗା ପ୍ରାଙ୍ଗଣକୁ ମଥୁରା ନଗରୀ ଆଖ୍ୟା ଦିଆଯାଇଛି।

## ଜିଲ୍ଲାପାଳଙ୍କ ବୀରମହାରାଜପୁର ପରିଦର୍ଶନ



ବୀରମହାରାଜପୁର, ୪।୧୧(ସମିସ): ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼.ନୃପରାଜ ସାହୁ ଆଜି ବୀରମହାରାଜପୁର ଉପଖଣ୍ଡର ବିଭିନ୍ନ ଅଞ୍ଚଳ ଗସ୍ତ କରିଛନ୍ତି। ସେ ପ୍ରଥମେ ଉପଖଣ୍ଡ ଚିକିତ୍ସାଳୟ ପରିଦର୍ଶନ କରିଥିଲେ। ସେ ସ୍ୱାସ୍ଥ୍ୟକେନ୍ଦ୍ର ବୁଲିବା ସହ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା. ସୁବାଷ ଚନ୍ଦ୍ରପଣ୍ଡା, ଅନ୍ୟାନ୍ୟ କର୍ମଚାରୀ ଓ ରୋଗୀମାନଙ୍କ ସହ ଆଲୋଚନା କରିଥିଲେ। ଡାକ୍ତରଖାନା ପରିସର ଭିତରେ ଓ ବାହାରେ ସଦା ସର୍ବଦା ସଫା ସୁତୁରା ରଖିବା ସହ ରୋଗୀମାନଙ୍କୁ ଉଚିତ୍ ସେବା ଯୋଗାଇ ଦେବାକୁ ପରାମର୍ଶ ଦେଇଥିଲେ। ସେହିପରି ଉଫୁଲା ଗ୍ରାମପଞ୍ଚାୟତକୁ ମଧ୍ୟ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ପଞ୍ଚାୟତରେ କାର୍ଯ୍ୟରତ ସେଲ୍ସ ମେନ୍ ରାସନ୍‌କାର୍ଡ ବାବଦରେ ୨ଟଙ୍କା ଲେଖାଏଁ ହିତାଧିକାରୀଙ୍କ ଠାରୁ ନେଉଥିବା ଅଭିଯୋଗ ହୋଇଥଲା। ପଞ୍ଚାୟତ ଅଫିସ୍ ସବୁଦିନ ଖୋଲା ହେଉନଥିବା, ବିଭିନ୍ନ ଉନ୍ନୟନ କାମ ଶେଷ ହୋଇଥିଲେ ହେଁ ବିଲ୍ ହେଉନଥିବା, ପମ୍ପ ଡ୍ରାଇଭର ଓ ନଳକୂପ ଏସଇଏମ୍‌ଙ୍କୁ ଠିକ୍ ସମୟରେ ତାଙ୍କର ପ୍ରାପ୍ୟ ଟଙ୍କା ନ ମିଳିବା ପ୍ରଭୃତି ଅନେକ ଅଭିଯୋଗ ଜିଲ୍ଲାପାଳଙ୍କୁ କରାଯାଇଥିବା ଜଣାପଡ଼ିଛି। ଏସବୁ ଅଭିଯୋଗ ଶୁଣିଲା ପରେ ଜିଲ୍ଲାପାଳ ସରପଞ୍ଚଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ କମଚାରୀଙ୍କୁ ତାଗିଦ୍ କରିଥିବା ଜଣାପଡ଼ିଛି। ଏଥିରେ ବୀରମହାରାଜପୁର ବିଡିଓ ଉଫୁଲା ପଞ୍ଚାୟତର ସରପଞ୍ଚ, ଇଓ ଏବଂ ସମସ୍ତ ୱାର୍ଡ ସଭ୍ୟସଭ୍ୟା ଉପସ୍ଥିତ ଥିଲେ।

## ଦହ୍ୟା ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ କୃତିତ୍ୱ




ମନମୁଣ୍ଡା, ୪।୧୧(ସମିସ): ବୌଦ୍ଧ ଜିଲ୍ଲା ଦହ୍ୟା ପିଏମ୍ ଶ୍ରୀ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଜିଲ୍ଲାସ୍ତରୀୟ ଆଥଲେଟ ତଥା ଯୋଗ ଓ ଖୋଖୋ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଛନ୍ତି। ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ ଶ୍ରୀୟାରାଣୀ ସିଂହ ଅଣ୍ଡର-୧୪ ଆଥଲେଟର ୪୦୦ ମିଟର, ୬୦୦ ମିଟର ଦୌଡ ଓ ଉଚ୍ଚ ଡ଼ିଆଁରେ ପ୍ରଥମ ହେବା ସହ ଚାମ୍ପିଅନ ହୋଇଛନ୍ତି। ବିଦ୍ୟାଳୟର ଅନ୍ୟତମ ଅଷ୍ଟମ ଶ୍ରେଣୀ ଛାତ୍ରୀ ସିରିଶା ସିଂହ ୧୦୦ ମିଟର, ୨୦୦ ମିଟର ଦୌଡ ଓ ଲମ୍ବ ଡ଼ିଆଁରେ ପ୍ରଥମ ସ୍ଥାନ ଅଧିକାର କରି ଉଭୟେ ରାଜ୍ୟସ୍ତରୀୟ ଆଥଲେଟକୁ ମନୋନୀତ ହୋଇଛନ୍ତି। ଏହାବ୍ୟତିତ ବିଦ୍ୟାଳୟର ସର୍ବମୋଟ ଆଠଜଣ ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ ଆଥଲେଟ, ଯୋଗ ଓ ଖୋଖୋ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି। ଏହି ସଫଳତାରେ ପ୍ରଧାନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ସ୍ୱାଇଁ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ରମେଶ ରଞ୍ଜନ ସେଠୀଙ୍କୁ ପ୍ରଶଂସା କରିବା ସହ କୃତି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଛନ୍ତି। ସେହିପରି କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡ଼ାଙ୍ଗ କୃତି ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ରାଜ୍ୟ ଟାଏକ୍ୱୋଣ୍ଡୋ ଚାମ୍ପିଅନସିପ୍

# ବୌଦ୍ଧ ପାଇଲା ୪୬ଟି ସ୍ୱର୍ଣ୍ଣପଦକ

ବୌଦ୍ଧ, ୪।୧୧(ସମିସ): ରାଜ୍ୟ ଟାଏକ୍ୱୋଣ୍ଡୋ ଆସୋସିଏସନ ଆନୁକୂଲ୍ୟରେ କଟକସ୍ଥିତ ଜବାହରଲାଲ ନେହରୁ ଇନଡୋର ଷ୍ଟାଡିୟମ୍‌ରେ ଅକ୍ଟୋବର ୩୧ରୁ ନଭେମ୍ବର ୨ତାରିଖ ଯାଏ ୨୦ ଟି ଜିଲ୍ଲାର ୭୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀଙ୍କୁ ନେଇ ୧୪୦୦ରୁ ଅଧିକ




ଇଭେଣ୍ଟରେ ସୁପର ସବ୍ ଜୁନିଅର୍, ସବ୍ ଜୁନିଅର୍, କ୍ୟାଡେଟ୍, ଜୁନିଅର୍ ଓ ସିନିୟର୍ ଗ୍ରୁପ୍ ରେ ଉଭୟ ବାଳକ ଓ ବାଳିକା ପ୍ରତିଦ୍ୱନ୍ଦିତା କରିଥିଲେ। ରାଜ୍ୟସ୍ତରୀୟ ଚାମ୍ପିଅନସିପରେ ବୌଦ୍ଧ ଟାଏକ୍ୱୋଣ୍ଡୋ ଏକାଡେମୀ ର୧୪ ଜଣ ବାଳକ ଓ ୧୧ ଜଣ ବାଳିକା ମୋଟ ୨୫ ଜଣ ଖେଳାଳି କ୍ୟୁରୋଗି ଓ ପୁମ୍‌ସେର ବିଭିନ୍ନ ଇଭେଣ୍ଟରେ ଭାଗନେଇ ୪୬ ଟି ସ୍ୱର୍ଣ୍ଣ ପଦକ, ୧୭ଟି ସିଲଭର୍ ଓ ୧୩ ଟି ବ୍ରୋଞ୍ଜ ପଦକ ମୋଟ୍ ୭୬ଟି ପଦକ ହାସଲ କରି ଦ୍ୱିତୀୟ ରନର୍ ସ୍ ଟ୍ରଫି ପାଇବାର ଗୌରବ ହାସଲ କରିଛନ୍ତି। ସେଥିମଧ୍ୟରୁ ସିନିୟର୍ କ୍ୟାଟୋଗୋରିରେ ଜଗନ୍ନାୟ ସାହୁ, ତନ୍ମୟ ବର୍ଦ୍ଧନ ସାହୁ, ଅମନ୍ କୁମାର ସାହୁ, ତନ୍ମୟ କର୍ମୀ ଓ ଅଶୋକ ରଣବିଡ଼ା ଏବଂ କ୍ୟାଡେଟ କ୍ୟାଟେଗୋରିରୁ ତୁଳସୀ ଶତପଥୀ, ପ୍ରୀୟନ୍ସି ପ୍ରିୟଦର୍ଶିନୀ ସାହୁ, ସ୍ୱୋନାଶ୍ରୀ ନାଏକ, ଅଭିପସା ପ୍ରିୟଦର୍ଶୀ ପ୍ରମୁଖ ଉତ୍ତର ପ୍ରଦେଶର ବରେଲିଠାରେ ହେବାକୁ ଥିବା ଜାତୀୟ ଚାମ୍ପିଅନସିପରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି। ଜୁନିଅର୍ କ୍ୟଟେଗୋରୀରୁ ଅନ୍ୱେଷା ସାହୁ, ଅଞ୍ଜେଲିନା ଲୁଗୁନ୍, ଅବିନାଶ ମେଣ୍ଡିଲି, ଅସ୍ମିତ୍ କୁମାର ସାହୁ, ଶୁଭାଶିଷ ମହିଶାଳ, ସ୍ୱାଗତ ମିର୍ଦ୍ଧାଙ୍କୁ ମିଶାଇ ୬ଜଣ ମଧ୍ୟ ଜାତୀୟ ଚାମ୍ପିଅନସିପରେ ଭାଗନେବେ। ବୌଦ୍ଧ ଟାଏକ୍ୱୋଣ୍ଡୋ ଏକାଡେମୀ ପକ୍ଷରୁ ଜଗନ୍ନାୟ ସାହୁ, ତନ୍ମୟ ବର୍ଦ୍ଧନ ସାହୁ, ତନ୍ମୟ କର୍ମୀ ଓ ଅମନ୍ କୁମାର ସାହୁ ଜାତୀୟ ରେଫରି ଭାବେ କାଯ୍ୟକରି ନିଜର କାର୍ଯ୍ୟଦକ୍ଷତା ପ୍ରତିପାଦନ କରିପାରିଥିବାରୁ ଓଡ଼ିଶା ସମ୍ପାଦକ ମନମୋହନ ଭଞ୍ଜ ସମସ୍ତ ଖେଳାଳି ଓ କୋଚ୍ ଅଞ୍ଜିତ କୁମାର ସାହୁଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଉପସଭାପତି ବିଶ୍ୱରଞ୍ଜନ ସାହୁ ଟିମ୍ ମ୍ୟାନେଜର ଦାୟିତ୍ୱ ତୁଲାଇଥିବା ବେଳେ କ୍ଷୀରୋଦ୍ର ନନ୍ଦ, ପ୍ରଦୀପ କୁମାର ନାୟକ, ରେବତୀ ହାଁସଦା ସହଯୋଗ କରିଥିଲେ।

## ମା' ଭୈରବୀଙ୍କ ମନ୍ଦିର ରତ୍ନମୁଦ ଉତ୍ସବ



ପୁରୁଣାକଟକ, ୪।୧୧(ସମିସ): ମା' ଭୈରବୀଙ୍କ ମନ୍ଦିରର ରତ୍ନମୁଦ ଅବସରରେ ବୌଦ୍ଧ ଜିଲ୍ଲା ତିଳେଶ୍ୱର ପଞ୍ଚାୟତ ତାକୁଡ଼ ଗାଁରେ କଳସ ଶୋଭାଯାତ୍ରା ସହ ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସକାଳୁ ଗାଁର ଶତାଧିକ ମହିଳାମାନେ ନୂଆ ଶୋଭାଯାତ୍ରାରେ ସାମିଲ ହୋଇଥଲେ। ମନ୍ଦିର କମିଟି ଓ ବିଭିନ୍ନ ମୌଜାର ଗ୍ରାମବାସୀଙ୍କ ଉଦ୍ୟମରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅଞ୍ଚଳର ହଜାରହଜାର ଲୋକଙ୍କ ଜନସମାଗମ ଦେଖିବାକୁ ମିଳିଥିଲା।

## କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ଅଷ୍ଟପ୍ରହରୀ ନାମଯଜ୍ଞ

କଣ୍ଟାମାଳ, ୪।୧୧(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଡ଼ିପଦରଠାରେ କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଛି। ବରଡ଼ିପଦର ଠାରେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ନାମ କିର୍ତ୍ତନ ଦର୍ଶନ ପାଇଁ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ସମାଜସେବୀ ଅନୀଲ ପ୍ରଧାନ, ବରିଷ୍ଠ ସାମ୍ବାଦିକ ପ୍ରଭାତ ସାହୁ



ଆଶୀର୍ବାଦ କାମନା କରିଥିଲେ। ସେହିପରି ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ମନୁମକ୍ରେ କର୍ତ୍ତକ ବ୍ରତୀ ଓ ଗ୍ରାମବାସୀଙ୍କ ମିଳିତରେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା।

## ଚନ୍ଦ୍ରଚୁଡ଼ ମନ୍ଦିରରେ ବାସୁକୀ ପ୍ରାଣ ପ୍ରତିଷ୍ଠା

ବୌଦ୍ଧ, ୪।୧୧(ସମିସ): ବୌଦ୍ଧସ୍ଥିତ ମହାନଦୀ ଆଳତୀ ଘାଟ କୂଳରେ ଅବସ୍ଥିତ ଚନ୍ଦ୍ରଚୁଡ଼ ମନ୍ଦିରରେ ଆଧ୍ୟାତ୍ମିକ ବାତାବରଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଘଞ୍ଚ ଜଙ୍ଗଲ ମଧ୍ୟରେ ଚନ୍ଦ୍ରଚୁଡ ମନ୍ଦିର ଦୀର୍ଘ ଦୁଇଶହ ବର୍ଷ ପୁରାତନ ବୋଲି କିମ୍ବଦନ୍ତୀ ରହିଛି। ବୈଷ୍ଣବ ଓ ଶୈବଧର୍ମର ମିଳିତ ଅବତାର ହେଉଛନ୍ତି ବାବା ଚନ୍ଦ୍ରଚୁଡ।



ବଗିଚାସାହିର ଜଣେ ଭକ୍ତ ରାମକୃଷ୍ଣ ମହାନ୍ତି ପୂଜକଙ୍କୁ ରୌପ୍ୟ ବାସୁକୀ ନାଗ ଦେବାପାଇଁ ଆଗ୍ରହ ପ୍ରକାଶ କରିଥିଲେ। ପୂଜକଙ୍କ ଅନୁମତିକ୍ରମେ କଲିକତାରେ ନିର୍ମାଣ କାମ ହୋଇଥିବା ମୂର୍ତ୍ତିକୁ ବ୍ରାହ୍ମଣମାନେ ମିଳିତ ଭାବେ ନିତିକାନ୍ତି ଅନୁଯାୟୀ ପ୍ରତିଷ୍ଠା କରିଥିଲେ। ବ୍ରାହ୍ମଣ ଶଶାଙ୍କ ଶେଖର ମିଶ୍ର, ରଣଜିତ ହୋତା, ସଞ୍ଜୀବ କୁମାର ପଣ୍ଡା, ମାନସ କୁମାର ମିଶ୍ର, ଶିବ ପ୍ରସାଦ ପାଣିଗ୍ରାହି ଦାୟିତ୍ୱ ଗ୍ରହଣ କରିଥିଲେ। ସନ୍ଧ୍ୟାରେ ପ୍ରତିମା ଗର୍ଭ ଗୃହକୁ ପ୍ରବେଶ କରିଥିଲେ। ଶେଷରେ ଏକଶହ ଆଠ ବ୍ରାହ୍ମଣ ଭୋଜନ ସହିତ ସମସ୍ତଙ୍କୁ ପ୍ରସାଦ ବିତରଣ କରାଯାଇଥିଲା।

## ତରଭା ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

# ଲୁକ୍କାୟିତ ପ୍ରତିଭାକୁ ପ୍ରସ୍ଫୁଟିତ କରିବାରେ 'ସୁରଭି' ଏକ ଉତ୍କୃଷ୍ଟ ମଞ୍ଚ

ତରଭା, ୪।୧୧(ସମିସ)




ତରଭା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଭାରପ୍ରାପ୍ତ ତରଭା ଗୋଷ୍ଠୀ ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପଧାନ, ସମ୍ମାନିତ ଅତିଥି ଭାବରେ ତରଭା ବ୍ଲକ ଚେୟାରମ୍ୟାନ ସରୋଜ କୁମାର କଙ୍ଗ, ତରଭା ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୁରଲୀଧର ବିଶ୍ୱାଳ, ତରଭା ବ୍ଲକ ସହ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସତ୍ୟନାରାୟଣ ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସଞ୍ଜୀବ ସେଠୀ ମଞ୍ଚ ପରିଚାଳନା କରିଥିବାବେଳେ ନିଳକଣ୍ଠ ବର୍ଗର୍ତ୍ତି ଅତିଥି ପରିଚୟ ପ୍ରଦାନ କରିଥଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାକୁ ପ୍ରସ୍ଫୁଟିତ କରିବା ପାଇଁ ସୁରଭି ଏକ ଉତ୍କୃଷ୍ଟ ମଞ୍ଚ ବୋଲି ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପଧାନ କହିଥିଲେ। ତରଭା ବ୍ଲକର ୧୬ ଟି କ୍ଲଷ୍ଟରରୁ ପ୍ରାୟ ୨୦୦ ପ୍ରତିଯୋଗୀ ଏଥିରେ ଯୋଗଦେଇଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ ଲିଖନ, ବକ୍ତୃତା, ଚିତ୍ରାଙ୍କନ, ସଙ୍ଗୀତ, ସାଂସ୍କୃତିକ କାର୍ଯ୍ୟକମ, ସୃଜନାତକ ଲିଖନ, ପିଏମ୍ ପୋଷଣ ଚିତ୍ରକଳା, ପିଏମ୍ ପୋଷଣ ଶିଳ୍ପକଳା, ଓଡିଆ ହସ୍ତାକ୍ଷର ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦଘାଟନୀ ସଭାରେ କୁମ୍ଭାରମୁଣ୍ଡା ସିଆରସିସି ସାରଙ୍ଗ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଘନଶ୍ୟାମ ମେହେରଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ତରଭା ତହସିଲଦାର ସୁଶ୍ରୀ ଶ୍ୱେତାଲିନା ମାହାରଣା, ସମ୍ମାନିତ ଅତିଥିଭାବେ ତରଭା ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମୁରଲୀଧର ବିଶ୍ୱାଳ, ସାଂସଦ ପ୍ରତିନିଧି ବିମଳ ମିଶ୍ର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସତ୍ୟନାରାୟଣ ମହାପାତ୍ର ଉପସ୍ଥିତ ଥିଲେ। ତରଭା ବାଳିକା ଉଚ୍ଚ ବିଦ୍ୟାଳୟର ବାଳିକାମାନେ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ବିଚାରକ ଭାବେ କୁଶଳେଶ୍ୱର ଉଚ୍ଚ ବିଦ୍ୟାଳୟ ଡୁଙ୍ଗୁରିପାଲିର ଶିକ୍ଷକ ଚୌଧୁରୀ ବିଭାର, ଶଙ୍କରା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ରାକେଶ କୁମାର ବେହେରା ଓ ସୋନପୁରର ସଙ୍ଗୀତଜ୍ଞ ତଥା ଶିକ୍ଷକ ପୁଷ୍ପକ ରାୟ ଯୋଗଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ସିଣ୍ଡୋଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଥମ, ବଡଭଇଁରୋ ଆଶ୍ରମ ବିଦ୍ୟାଳୟ ଦ୍ୱିତୀୟ ଓ ତୁଲୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ। ଶିକ୍ଷକ ରାଧେଶ୍ୟାମ କୁଅଁର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଶାନ୍ତ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଆଶିଷ ସେଠ ଧନ୍ୟବାଦ ଦେଇଥିଲେ। ଶିକ୍ଷକ ସୁଶାନ୍ତ କୁମାର ମେହେର ଇଭେଣ୍ଟ ମ୍ୟାନେଜର ରୂପେ କାର୍ଯ୍ୟ କରୁଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନାରେ ରୋହିତ କୁଅଁର, ତରଣିସେନ ନାଗ ଯୋଗଦେଇଥିଲେ। ଶିକ୍ଷକ ସୁଶାନ୍ତ ଭୋଇ ସଙ୍ଗୀତ ପରିବେଷଣ କରିଥିଲେ। ଆକାଉଣ୍ଟାଣ୍ଟ ସଞ୍ଜୀବ ସା, ସୁଧୀର ମିଶ୍ର, ପ୍ରମିତା ସେଠ, ଶିକ୍ଷକ ସୁରେଶ ପାଣ୍ଡେ, ରବି ମନହିରା, ଭରତ ମଲ୍ଲିକ, ନିଳାଞ୍ଚଳ ଭୋଇ, ଜୟନ୍ତ କୁମାର ମେହେରଙ୍କ ସମେତ ବ୍ଲକର ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ସରସ୍ୱତୀ ଶିଶୁ ମନ୍ଦିରରେ ବୋଇତ ବନ୍ଦାଣ ଉତ୍ସବ





ଝାରସୁଗୁଡ଼ା, ୪।୧୧(ସମିସ)

ସରସ୍ୱତୀ ଶିଶୁ ମନ୍ଦିରରେ କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରଶାନ୍ତ ମହାନ୍ତି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବସନ୍ତ ଜେନା, ଭୁବନ କିଶୋର ତିୱାରୀ, ରାକେଶ ସାଥୁଆ, ରମେଶ ଗାନ୍ଧୀ, ଉଜ୍ଜ୍ୱଳ ଚାଟାର୍ଜୀ ଉପସ୍ଥିତ ଥିଲେ। ଅରୁଣ ଶ୍ରେଣୀରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ କଦଳୀ ପଟୁଆ, ସୋଲ୍ଲ, କାଗଜ ପେଟି ଇତ୍ୟାଦିର ୩୮ ୯ଟି ଡଙ୍ଗା ପ୍ରଦର୍ଶନ କରିଥିଲେ। ଚତୁର୍ଥ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ବିଦ୍ୟାଳୟ ପରିସରରେ ନିଜ ହାତରେ ଡଙ୍ଗା ପ୍ରସ୍ତୁତି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ୨୯୫ଟି ଡଙ୍ଗା ପ୍ରସ୍ତୁତ ହୋଇଥିଲା। ବିନୋଦିନୀ ସାଥୁଆ, ମିତାଲି ମହାନ୍ତି, ପ୍ରିୟା ପ୍ରତିଶ୍ରୁତି ଜେନା, ଚିନ୍ମୟୀ ତ୍ରିପାଠୀ ବିଚାରକ ଭାବେ ଯୋଗ ଦେଇଥିଲେ। ପରିଚାଳନା ସମିତିର ସଭାପତି ଡ.ସରୋଜ କୁଅଁର, ସମ୍ପାଦକ ସୁବ୍ରତ ତ୍ରିପାଠୀ, ଉପସଭାପତି କୃଷ୍ଣଚନ୍ଦ୍ର ସାହୁ, ପ୍ରଶାନ୍ତ ଦାଶ, ଅଶୋକ ସାକୁନିଆ ପ୍ରମୁଖ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ଛାତ୍ରଛାତ୍ରୀ ଲକ୍ଷ୍ମୀପ୍ରିୟା ରୋହିଦାସ, ଜ୍ୟୋତି ରୋହିଦାସ, ଚନ୍ଦନ ମେହେର, ସ୍ମୃତିରଞ୍ଜନ ବାରିକ, ଫାଲ୍ଗୁନି ପାଣ୍ଡେ, ଅଂଶିତ ପଟେଲ ପୁରସ୍କାର ପ୍ରାପ୍ତ କରିଥିଲେ। ବିଦ୍ୟାଳୟ ପ୍ରାଙ୍ଗଣରେ ଏକ କୃତ୍ରିମ ଜଳାଶୟର ଆୟୋଜନ କରାଯାଇଥିଲା। ସେଥିରେ ଅତିଥି ଅଧିକାରୀ, ଛାତ୍ରଛାତ୍ରୀ, ଅଭିଭାବକ ଡଙ୍ଗା ଭସାଇଥିଲେ। ଛାତ୍ରଛାତ୍ରୀ ସାଧବପୁଅ ବୋହୂ, ତଅପୋଇ ବେଶ ହୋଇଥିଲେ। ଗୀତିନାଟ୍ୟ ମାଧ୍ୟମରେ ବୋଇତ ବନ୍ଦାପନା କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ବିଜୟ ପଟେଲ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଆଚାର୍ଯ୍ୟା ସଂଯୁକ୍ତା ମେହେର ମଞ୍ଚ ସଞ୍ଚାଳନ କରିଥିବା ବେଳେ ଉର୍ମିଳା ସେନାପତି ସଂଯୋଜନା ଓ ଧନ୍ୟବାଦ ଅର୍ପଣ କରିଥିଲେ। ମିନାକ୍ଷୀ ପଣ୍ଡା, ସରିତା ପଣ୍ଡା, କବିତା ପଟେଲ, ମମତା ରାଉଳ, ଜ୍ୟୋତି ନାଏକ, ପିଙ୍କି ବରାଳ ସମେତ ଗୁରୁଜୀ ଗୁରୁମାମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ନାବାଳିକାକୁ ଦୁଷ୍କର୍ମ, ଯୁବକ ଗିରଫ

ଝାରସୁଗୁଡ଼ା, ୪।୧୧(ସମିସ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ହୋଇଥିବା ବେଲପାହାଡ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଭିତ୍ତିରେ ବେଲପାହାଡ ପୁଲିସ ମାମଲା ରୁଜୁ କରିଛି। ତଦନ୍ତ ପରେ ଅଭିଯୁକ୍ତ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ମଙ୍ଗଳବାର ସନ୍ଧ୍ୟା ୭ ଟାରେ ସୂଚନା ଦେଇଛି। ସୂଚନା ଅନୁଯାୟୀ, ନାବାଳିକାଙ୍କୁ ପ୍ରଲୋଭନ ଦେଖାଇ ଯୁବକ ଜଣକ ତାଙ୍କ ସହ ଦୁଷ୍କର୍ମ କରିଥିଲେ। ଏନେଇ ନାବାଳିକା ଜଣକ ପରିବାର ଲୋକଙ୍କୁ ଜଣାଇବା ପରେ ସେମାନେ ବେଲପାହାଡ ଥାନାରେ ଅଭିଯୋଗ କରିଥିଲେ। ଏଥିପରେ ପୁଲିସ ତଦନ୍ତ କରିବା ସହ ସମ୍ପୃକ୍ତ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଶିଶୁର ଚିକିତ୍ସା ପାଇଁ ଗଣ୍ଡା ସମାଜ ପକ୍ଷରୁ ଆର୍ଥିକ ସହାୟତା



ଝାରସୁଗୁଡ଼ା, ୪।୧୧(ସମିସ): ଝାରସୁଗୁଡ଼ା ସଦର ବ୍ଲକ ଅଧୀନ ପରମାନପୁର ଛକ ଅଁଳାମାଲ ଗାଁର ଯୁଧିଷ୍ଠିର କୁମ୍ଭାରଙ୍କ ଶିଶୁପୁତ୍ରର ଅନ୍ତ୍ରନଳୀରେ କିଛିଦିନ ହେବ ସମସ୍ୟା ଲାଗି ରହିଛି। ଯୁଧିଷ୍ଠିର ତାଙ୍କ ଶିଶୁପୁତ୍ରଙ୍କୁ ପ୍ରଥମେ ଝାରସୁଗୁଡ଼ା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସା କରାଇଥିଲେ। ପରେ ବୁର୍ଲା ମେଡିକାଲରେ ଅସ୍ତ୍ରୋପଚାର କରାଇଥିଲେ ମଧ୍ୟ ତାହା ସଫଳ ହୋଇ ନଥିଲା। ବର୍ତ୍ତମାନ ବୁର୍ଲାର ବିଶେଷଜ୍ଞ ଡାକ୍ତର ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ନେବାକୁ ପରାମର୍ଶ ଦେଇଛନ୍ତି। ଯୁଧିଷ୍ଠିରଙ୍କ ଆର୍ଥିକ ପରିସ୍ଥିତି ଭଲ ନ ଥିବାରୁ ଶିଶୁପୁତ୍ରର ଚିକିତ୍ସା ପାଇଁ ସେ ଅସମର୍ଥ ହୋଇ ପଡ଼ିଥିଲେ। ଏହା ଜାଣିବା ପରେ ମଙ୍ଗଳବାର ଝାରସୁଗୁଡ଼ା ଜିଲ୍ଲା ଲକ୍ଷେଘର ଗଣ୍ଡା ସମାଜର ସଭାପତି ପ୍ରେମ ସାଗର, ଗୌରାଙ୍ଗ ଜଗତ, ଗଙ୍ଗାଧର କଣ୍ଟା, ଉତ୍ତମ ଶୁନାନୀ, ମୁରଲୀ ଛଛାନ ପ୍ରମୁଖ ଯୁଧିଷ୍ଠିରଙ୍କ ଘରକୁ ଯାଇ ତାଙ୍କ ଶିଶୁପୁତ୍ରର ଚିକିତ୍ସା ପାଇଁ ଆର୍ଥିକ ସହଯୋଗ ପ୍ରଦାନ କରିଛନ୍ତି। ସହାୟତା ପାଇଁ ଯୁଧିଷ୍ଠିର ଗଣ୍ଡା ସମାଜକୁ କୃତଜ୍ଞତା ଜଣାଇଛନ୍ତି।

# ସାଗରପାଲିରେ ରାଇ ଦାମୋଦର ପୂଜା

ଝାରସୁଗୁଡ଼ା, ୪।୧୧(ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ସାଗରପାଲି ଗାଁରେ ଅଁଳା ଚତୁର୍ଦ୍ଦଶୀ ପାଳନ କରାଯାଇଛି। ଏହି ଅବସରରେ ଗାଁ ଶିବ ମନ୍ଦିରରେ ରାଇ ଦାମୋଦର ବ୍ରତ ପୂଜା ଅନୁଷ୍ଠିତ ହୋଇଛି। ପଠନ କରିଥିଲେ। ପୂଜା ସାପମାନ ପରେ ସାମୂହିକ ପ୍ରସାଦ ସେବନ କରାଯାଇଥିଲା। ଏହି ପୂଜାରେ ମହିଳା ମାନଙ୍କ ମଧ୍ୟରେ ସୁଷମା ପ୍ରଧାନ, ଜ୍ୟୋସ୍ନା ପ୍ରଧାନ, ମମତା ପ୍ରଧାନ, ଇତି ପ୍ରଧାନ, ମାମି ପ୍ରଧାନ, ଅନିତା



ଆଜି ଭୋରରେ ହବିଷ୍ୟାଳିମାନେ ଶିବ ମନ୍ଦିର ପୋଖରୀରେ କାର୍ତ୍ତିକ ବୁଡ ପକାଇବା ପରେ ଜଳ ଆଣି ଅଁଳା ଗଛ ପୂଜା କରିଥିଲେ। ଏହାପରେ ପୂଜା ସମ୍ପୂର୍ଣ୍ଣ ରୀତିନୀତିରେ କରାଯାଇଥିଲା। ହବିଷ୍ୟାଳି ମାନେ ଧାତ୍ରୀ ତୁଳସୀ ମାଳିତ ଜନ୍ମ ଗୀତ ନାଏକ, ଶିଖା ପ୍ରଧାନ, ବିଜିଳି ମେହେର, ବିଜୟା ନାଏକ, ସୋନୁମା ନାୟକ, ଯଶୋଦା ସେଟ, ଜୟନ୍ତୀ ପ୍ରଧାନ, ଗୀତା ପାତ୍ର, ସଞ୍ଜୁ ପାତ୍ର, ଉର୍ବୁଳି ବଣିଆ, ଦୀପା ବଣିଆ, ଶାନ୍ତି ପାତ୍ର, ଭଗବତୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟରେ ମକ୍ ପାର୍ଲିଆମେଣ୍ଟ



ପାଇକମାଳ, ୪।୧୧(ସମିସ): ପାଇକମାଳ ବ୍ଲକ ମାଣ୍ଡୋସିଲ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ପୋର୍ଟା ମିନତୀ ଟେଟେଙ୍କ ଅଧ୍ୟକ୍ଷତାରେ ମକ୍ ପାର୍ଲିଆମେଣ୍ଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋକୁଳାନନ୍ଦ ଡନସନା ଓ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ରାଧେଶ୍ୟାମ ପଟେଲ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କୁ ପାର୍ଲିଆମେଣ୍ଟରେ ହେଉଥିବା ବିଭିନ୍ନ କାର୍ଯ୍ୟ ଉପରେ ଅତିଥିମାନେ ଅବଗତ କରିଥିଲେ। ଏଥିରେ ଜୟକୃଷ୍ଣ ବାଗ, କ୍ରିଷ୍ଣା ବାଗ, ନରହରି ସିଂ, ପଦ୍ମଲୋଚନ ମାଝୀ, ଶଙ୍କର ଲାଲ ମହାନନ୍ଦ, କଲ୍ୟାଣୀ ଦନ୍ତା, ସଙ୍ଘମିତ୍ରା ବେହେରା, ଶ୍ରୀନିବାସ ରାଓ, ସଦାନନ୍ଦ ଭୋଇ, ନୀଳମଣି ପୁଟା, ସବିତା ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ନୀଳମଣି ବରିହା ଧନ୍ୟବାଦ ଦେଇଥିଲେ।

# ଜିଲ୍ଲା ମୁଖ୍ୟାଳୟରେ ମହାସମାଧାନ ଶିବିର



ଝାରସୁଗୁଡ଼ା, ୪।୧୧(ସମିସ): ଜିଲ୍ଲା କାର୍ଯ୍ୟାଳୟ ସ୍ଥିତ ଜନ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମହାସମାଧାନ ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଆରକ୍ଷୀ ଅଧିକ୍ଷକ ଗୁଣ୍ଡାଲା ରାଘବେନ୍ଦ୍ର ରେଡ୍ଡି, ଅତିରିକ୍ତ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ, ଉପ ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡାଙ୍କ ସମେତ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଶିବିରରେ ଉପସ୍ଥିତ ଥିଲେ। ଶିବିରରେ ମୋଟ ୮୩ଟି ଅଭିଯୋଗ ଆଗତ ହୋଇଥିବା ବେଳେ ତନ୍ମଧ୍ୟରୁ ୨୧ଟି ସାମୂହିକ ଓ ୬୨ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ତରେଇଖେଲା, କୁମ୍ଭାରୀ ଗାଁବାସୀଙ୍କୁ ପୁନର୍ବାସ ଓ ଥଇଥାନ, ପଣ୍ଡରିପଥର ଓ ମରାକୁଟାରେ ବାହାଲ ଜମି ଜଳମଗ୍ନ, ଭାଗୀପାଲି ଗାଁକୁ ସରକାରୀ ସ୍ତରରେ ବିସ୍ଥାପନ, ରାଜପୁର, କଣ୍ଟାପାଲିରେ ବେଆଇନ୍ ଭାବେ ମଦ ବିକ୍ରି, ୱାର୍ଡ ନଂ ୧୪ରେ କଲ୍ୟାଣ ମଣ୍ଡପ ନିର୍ମାଣ, ୱାର୍ଡ ନଂ ୧୩ ବାଲିଯୋରୀରେ ରାସ୍ତା ନିର୍ମାଣ, ଶ୍ମଶାନ ଜମି ପ୍ରଦାନ, ଷ୍ଟ୍ରିଟ୍ ଲାଇଟ୍, ଡ୍ରେନଗୁଡିକୁ ଢଙ୍କାଯିବା, ଲୋଇସିଂରେ ଭାରୀଯାନ ଚଳାଚଳ ସମସ୍ୟା, କୁରେବଗାରେ ଖେଳ ପଡ଼ିଆ ନିର୍ମାଣ ପ୍ରାପ୍ୟ ନ ମିଳିବା, ରଘୁନାଥପାଲିରେ କଲ୍ୟାଣ ମଣ୍ଡପ ସମ୍ପୂର୍ଣ୍ଣ କରାଯିବା, ମଲଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶ୍ରେଣୀଗୃହ ନିର୍ମାଣ ଓ ମରାମତି, ସୁନାରିମୁଣ୍ଡାରେ ଆମିଷ ଗୃହ ନିର୍ମାଣ, ଭୁର୍କାମୁଣ୍ଡା ଗାଁକୁ ବିସ୍ଥାପିତ କରିବା ଏବଂ ଏମ୍‌ସିଏଲ୍ ଅଧୀନରେ ଥିବା ଗଣପଥ ମାଇନିଂ କମ୍ପାନୀରେ ନିଯୁକ୍ତି ସମ୍ପର୍କିତ ସାମୂହିକ ଅଭିଯୋଗଗୁଡ଼ିକ ସମେତ ବିଭିନ୍ନ ବ୍ୟକ୍ତିଗତ ଅଭିଯୋଗ ସମ୍ପର୍କରେ ଶିବିରରେ ଶୁଣାଣି ହୋଇଥିଲା। ଶିବିରରେ ଚିକିତ୍ସା ବାବଦକୁ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ୩ ଜଣଙ୍କୁ ୧୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଅଭିଯୋଗ ସମୂହର ତର୍ଜମା ପୂର୍ବକ ସମସ୍ୟା ସମାଧାନ ପାଇଁ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

# କାର୍ତ୍ତିକେଶ୍ୱର ପୂଜା ଉପଲକ୍ଷେ 'ଧର୍ମ ସଂରକ୍ଷକ ସମ୍ମାନ' ପ୍ରଦାନ



ବରଗଡ଼, ୪।୧୧(ସମିସ): ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ ୧ରେ କାର୍ତ୍ତିକେଶ୍ୱର ପୂଜା ଅବସରରେ ପଡ଼ାରେ ଧାର୍ମିକ ପରମ୍ପରାର ସୁରକ୍ଷା ପାଇଁ 'ଧର୍ମ ସଂରକ୍ଷକ ସମ୍ମାନ ୨୦୨୫' ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉନ୍ନୟନ କମିଟିର ଅଧକ୍ଷ୍ୟ ସଦାଶିବ ସାହୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଡ଼ାରେ ଧର୍ମ ସଂସ୍କୃତି ପରମ୍ପରାର ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରୁଥିବା ବରିଷ୍ଠ ନାଗରିକ ସନ୍ତୋଷ ପଣ୍ଡାଙ୍କୁ ଧର୍ମ ସଂରକ୍ଷକ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ସୁରେଶ ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୀର୍ତ୍ତନ ପରିଷଦର ସଭାପତି ବାଙ୍କା ବିହାରି ସାହୁଙ୍କ ସମେତ ଉନ୍ନୟନ କମିଟିର ସମ୍ପାଦକ ଟିଖେଲାଲ ନାଏକ, ଉପ ସଭାପତି ଅର୍ଜୁନ ସେଟ୍ ପଣ୍ଡିତ ଉତ୍ତମ ଆଚାର୍ଯ୍ୟ, ହେମନ୍ତ ପ୍ରଧାନ, ବିଦ୍ୟାଧର କର, ଗଗନ ବିହାରୀ ଦାଶ, ଆକା ସେଠି, ଜଗବନ୍ଧୁ ନାଏକ ପ୍ରକାଶ ଭୋଇ ପ୍ରମୁଖ ଉପସ୍ଥିତ ରହି ଶ୍ରୀ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ଜ୍ୟୋତି ନଗରରେ ରୁଦ୍ର ଯଜ୍ଞ ଉଦ୍‌ଯାପିତ



ପଦ୍ମପୁର, ୪।୧୧(ସମିସ): ଜ୍ୟୋତି ନଗର ପଦ୍ମପୁରରେ ଦ୍ୱିଦିବସୀୟ ରୁଦ୍ର ଯଜ୍ଞ ମହସମାରୋହରେ ଉଦ୍‌ଯାପିତ ହୋଇଯାଇଛି। ପୂଜା କମିଟିର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଯଜ୍ଞ ସମାପନ ପରେ ଆଜି ବୈକୁଣ୍ଠ ଚତୁର୍ଦ୍ଦଶୀ ଅବସରରେ ବ୍ୟାସ ଉଦ୍ଧବ ତ୍ରିପାଠୀଙ୍କ ଦ୍ୱାରା ସୁନ୍ଦରକାଣ୍ଡ ପାରାୟଣ କାର୍ଯ୍ୟକ୍ରମ ଭାବ ଓ ଭକ୍ତିର ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଶେଷରେ ସମସ୍ତଙ୍କ ପାଇଁ ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା।

# ରକ୍ତଦାନ ଶିବିର, ୩୫ ୟୁନିଟ୍ ରକ୍ତ ସଂଗ୍ରହ

ବରଗଡ଼, ୪।୧୧(ସମିସ): ବରଗଡ଼ ବ୍ଲକ ବାଞ୍ଜିବାହାଲୀ ଗାଁରେ ମାଁ ମାହେଶ୍ୱରୀ ସେନା ଓ ଗ୍ରାମବାସୀ ତରଫରୁ ମଙ୍ଗଳବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଡୁମାଲ ପରିଷଦ ଓଡ଼ିଶାର ରାଜ୍ୟ ସଭାପତି ଦୟାସାଗର ମେଣ୍ଡଲୀ, ବରଗଡ଼ ଜିଲ୍ଲା ସଭାପତି ଗଣେଶ ପ୍ରଧାନ ଓ ସରଳା କେନ୍ଦ୍ର ସଭାପତି କରମଚାନ୍ଦ ପ୍ରଧାନ ଓ ଡାକ୍ତର ମହାକୁରଙ୍କ ଦ୍ୱାରା ଶିବିରର ଶୁଭାରମ୍ଭ କରାଯାଇଥିଲା। ବୁର୍ଲା ରକ୍ତଭଣ୍ଡାରର କାଉନସିଲର ଦେବାଶିଷ ମିଶ୍ର, ଟେକନିସିଆନ ଓ କର୍ମଚାରୀଙ୍କ ଦ୍ୱାରା ରକ୍ତ ସଂଗୃହିତ ହୋଇଥିଲା। ଶିବିରରେ ମୋଟ ୩୫ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ମାଁ ମାହେଶ୍ୱରୀ ସେନାର ସଦସ୍ୟ, ବାଞ୍ଜିବାହାଲୀ ଗାଁ ଯୁବ ସଦସ୍ୟ ଓ ଗ୍ରାମବାସୀ ଏଥିରେ ସାହାଯ୍ୟ ସହଯୋଗ କରିଥିଲେ।

# ଶୁଣ୍ଢୀ ସମାଜ ପକ୍ଷରୁ ରକ୍ତଦାନ ଶିବିର

ବରଗଡ଼, ୪।୧୧(ସମିସ): ବରଗଡ଼ ଶୁଣ୍ଢୀ ସମାଜ ଦ୍ୱାରା ରକ୍ତଦାନ ଶିବିର ସ୍ଥାନୀୟ ବିଜୁପଟ୍ଟନାୟକ ଟାଉନ ହଲରେ ଆୟୋଜିତ ହୋଇଯାଇଛି। ଶୁଣ୍ଢୀ ସମାଜର ସଭାପତି ଉଦ୍ଧବ ଚରଣ ବେହେରା ଶିବିରକୁ ଉଦ୍‌ଘାଟନ କରି ସପରିବାର ରକ୍ତଦାନ କରିଥିଲେ। ମହିଳା ମାନେ ବେଶୀ ସଂଖ୍ୟାରେ ରକ୍ତଦାନ କରି ରେକର୍ଡ କରିଥିଲେ। ସୁନୀତା ବେହେରା, ଅଧ୍ୟାପିକା ଅନୁପମା ବେହେରା, ଅଧ୍ୟାପିକା ବବିତା ବେହେରା, ଗୀତାଞ୍ଜଳି ସାହୁ, ମିଲିପମା ବେହେରା, ଗୀତା ସାହୁ, ସୁନିତା ବେହେରା, ରୋଜିସ୍ମିତ ବେହେରା, ସୁସ୍ମିତା ବେହେରା, ରୀନା ବେହେରା, ନୀଳମାଧବ ସାହୁ, ରାଜୁ ଚୌଧୁରୀ, ଅଙ୍କୁଶ ବେହେରା, ନିରଞ୍ଜନ ବେହେରା, ଶ୍ରିବନ୍ତ ସାହୁ, ଶାହିଲ ବେହେରା, ଶାଶ୍ୱତ ମହାନ୍ତି, ଗଣେଶ ମିର୍ଦ୍ଧା ପ୍ରମୁଖ ରକ୍ତଦାନ କରିଥିଲେ। ଅଶୋକ ପରିଡ଼ା, ନରେନ୍ଦ୍ର ସାହୁ, ଅଶୋକ ବେହେରା, ଗଣେଶ ବେହେରା ଓ ମୀନାକ୍ଷୀ ପରିଡ଼ା ଶିବିରକୁ ପରିଚାଳନାରେ ସହାୟତା କରିଥିଲେ।

# ଝାରସୁଗୁଡ଼ା ଜିଲ୍ଲା ହକି ଆସୋସିଏସନର ସାଧାରଣ ବୈଠକ

## ● ହକିକୁ ଲୋକପ୍ରିୟ କରିବାକୁ ଜିଲ୍ଲାପାଳଙ୍କ ପ୍ରଚେଷ୍ଟା



ଝାରସୁଗୁଡ଼ା, ୪।୧୧(ସମିସ): ଝାରସୁଗୁଡ଼ା ଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହରେ ଜିଲ୍ଲାପାଳ କୁଣାଲ ମୋତିରାମ ଚୌହାଣ ତଥା ହକି ଆସୋସିଏସନର ସଭାପତିଙ୍କ ଅଧ୍ୟକ୍ଷତାରେ ଝାରସୁଗୁଡ଼ା ଜିଲ୍ଲା ହକି ଆସୋସିଏସନର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କ୍ରୀଡା ଅଧିକାରୀ ତୁଷାର କାନ୍ତି ମିଶ୍ର ବୈଠକରେ ସ୍ୱାଗତ ଭାଷଣ ଦେଇଥିଲେ। ହକି ଆସୋସିଏସନର ସଭାପତିଙ୍କ ପ୍ରଥମ ବୈଠକ ଥିବାରୁ ସଭାପତିଙ୍କୁ ପୂର୍ବତନ ଭାରତୀୟ ଦଳର ମହିଳା କ୍ୟାପଟେନ ଓ ବର୍ତ୍ତମାନ ଭାରତୀୟ ମହିଳା ଦଳର ଚୟନ ସଭ୍ୟ ସୁଭଦ୍ରା ପ୍ରଧାନ ଓ ଜ୍ୟୋତି ଲାଟଙ୍କ ଦ୍ୱାରା ପୁଷ୍ପଗୁଛ ପ୍ରଦାନ କରି ସ୍ୱାଗତ କରାଯାଇଥିଲା। ହକି ଆସୋସିଏସନର ସଭ୍ୟ ତଥା ଓଡ଼ିଶା ହକି ଆସୋସିଏସନର ଉପସଭାପତି ଜୀବନ ମହାନ୍ତି ବିଗତ ୪ବର୍ଷର ବିବରଣୀ ପ୍ରଦାନ କରିବା ସହ ନୂତନ ୨୦୨୬ ବର୍ଷର ଖେଳସୂଚୀକୁ ଉପସ୍ଥାପନ କରିଥିଲେ। ଆସୋସିଏସନର ସମ୍ପାଦକ ତଥା ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ଜିଲ୍ଲାରେ ଥିବା ସରକାରୀ ଓ ବେସରକାରୀ ସ୍କୁଲ ମାନଙ୍କରେ ହକି ଖେଳ ପାଇଁ ଯୋଜନା ଉପରେ ଆଲୋଚନା କରିଥିଲେ। ବୈଠକରେ ଆସୋସିଏସନର ସଭାପତି ତଥା ଜିଲ୍ଲାପାଳ ଶ୍ରୀ ଚହ୍ୱାନ ଝାରସୁଗୁଡ଼ା ଜିଲ୍ଲାରେ ବାଳକ, ବାଳିକା ହକି ଦଳ ଏକ ବିଶେଷ ପରିଚୟ ସୃଷ୍ଟି କରଛି ବୋଲି କହିଥିଲେ। ତୁରନ୍ତ ହକି ପଡ଼ିଆର ଟର୍ଫ କାର୍ଯ୍ୟ ଶେଷ ହେବା ପାଇଁ ଜିଲ୍ଲାପାଳ ଗୁରୁତ୍ୱ ପ୍ରଦାନ କରିଥିଲେ। ବୈଠକରେ ସ୍କୁଲ ଶିକ୍ଷା କ୍ରୀଡା ଅଧିକାରୀ ବିମଳ ତାଣ୍ଡି, ବିଜୟ ବେହେରା, ପ୍ରଜ୍ୱଳ ପଟେଲ, ଗଣେଶ ନାୟକ, ମାନସ ଆଚାର୍ଯ୍ୟ, ଅଶ୍ୱନୀ ପାଣ୍ଡେ, ସିମନ ବରୁଆ, ଅଭିଷେକ ଲାଟ, ଶାନ୍ତି ନାୟକ, ଏସକେ ମିଞ୍ଜ, କ୍ଲେମେଣ୍ଟ ରୋନାଲ୍ଡ, ହମିଦ ମହାପାତ୍ର, ଶକୁନ ନାୟକ, ପ୍ରଫୁଲ କୁଲୁ, ଡିଫର ଟେଟେ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପ୍ରଫେସର ଟହଲୁ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ବେଦାନ୍ତ ଆଲୁମିନିୟମ୍‌ରେ ସାଇବର୍ ସୁରକ୍ଷା ସଚେତନତା

ଝାରସୁଗୁଡ଼ା, ୪।୧୧(ସମିସ)



ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଏବଂ ଓଡ଼ିଶା ପୁଲିସର ମିଳିତ ଆନୁକୂଲ୍ୟରେ ରାଜ୍ୟ ସରକାରଙ୍କ 'ସାଇବର ସୁରକ୍ଷା ସଚେତନତା ଅଭିଯାନ-ଓଡ଼ିଶା ୨୦୨୫'ର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। 'ବନ୍ଦ କରନ୍ତୁ, ଯାଞ୍ଚ କରନ୍ତୁ ଓ ସୁରକ୍ଷିତ ରୁହନ୍ତୁ' କାର୍ଯ୍ୟକ୍ରମରେ ଆଲୋଚନାର ଶୀର୍ଷକ ଥିଲା। ସୁରକ୍ଷିତ ଡିଜିଟାଲ୍ ଅଭ୍ୟାସ ବିଷୟରେ ବ୍ୟାପକ ସଚେତନତାକୁ ପ୍ରୋତ୍ସାହନ କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଥିଲା। ଏଥିରେ ଝାରସୁଗୁଡ଼ା ଆରକ୍ଷୀ ଅଧିକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର, ଅତିରିକ୍ତ ଏସ୍‌ପି ମଧୁସ୍ମିତା ମିଶ୍ର, ଜେମ୍ସ ସାମଦ, ଏସ୍‌ଡିପିଓ ଜ୍ୟୋସ୍ନାମୟୀ ପ୍ରଧାନ, ଉମା ଶଙ୍କର ସିଂହ, ଡିଏସ୍‌ପି ରାଜେନ୍ଦ୍ର ସିଆଲ ଏବଂ ବେଦାନ୍ତ ଓ ଏହାର ବ୍ୟବସାୟିକ ଅଂଶୀଦାର ତଥା ଟାଉନସିପ୍ ବାସିନ୍ଦା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାପ୍ରଦ ଭିଡିଓ ଏବଂ ଇଣ୍ଟରଆକ୍ଟିଭ୍ ଅଧିବେଶନ ମାଧ୍ୟମରେ ଓଡ଼ିଶା ପୁଲିସର ବିଶେଷଜ୍ଞମାନେ ବିଭିନ୍ନ ଉପାୟରେ ଠକେଇର ମାଧ୍ୟମ ବିଷୟରେ ସଚେତନ କରିଥିଲେ। ଲୋକମାନେ କିପରି ଫିସିଂ, ଓଟିପି/କ୍ୟୁଆର ସ୍କାମ୍, ରିମୋଟ୍ ଆକ୍ସେସ୍ ଆପ୍ସ, ଡିପ୍‌ଫେକ୍ ହେରଫେର, ପରିଚୟ ଚୋରି ଏବଂ ଆର୍ଥିକ ମାଲୱେର୍ ଭଳି ସାଧାରଣ ଅନଲାଇନ୍ ବିପଦକୁ ଚିହ୍ନଟ କରିପାରିବେ ଏବଂ ଏହାକୁ ଏଡାଇ ପାରିବେ ସେ ବିଷୟରେ ବୁଝାଇଥିଲେ। ଉପସ୍ଥିତ ଲୋକଙ୍କୁ ଅନଲାଇନ୍ କାରବାର, ସୁରକ୍ଷିତ ପାସୱାର୍ଡ ପରିଚାଳନା ଏବଂ ଦାୟିତ୍ୱପୂର୍ଣ୍ଣ ସାମାଜିକ ଗଣମାଧ୍ୟମ ଆଚରଣ ପାଇଁ ପରିଚିତ କରାଯାଇଥିଲା। ଏହା ସହିତ 'ସାଇବର ରଥ' ସହିତ ପରିଚିତ କରାଯାଇଥିଲା। ସାଇବର ରଥ ହେଉଛି ସରକାରଙ୍କ ମାସିକ ସଚେତନତା ଅଭିଯାନର ଏକ ଅନ୍ ହ୍ୱିଲ୍ ଆଉଟରିଚ୍ ୟୁନିଟ୍, ଯାହା ଜିଲ୍ଲାରୁ ଜିଲ୍ଲା ଭ୍ରମଣ କରିବ। ପଥପ୍ରାନ୍ତ ନାଟକ, ଚଳଚ୍ଚିତ୍ର ପ୍ରଦର୍ଶନ ଏବଂ ଇଣ୍ଟରଆକ୍ଟିଭ୍ କିଓସ୍କ ମାଧ୍ୟମରେ ନାଗରିକମାନଙ୍କୁ ସାମିଲ କରିବ। କାର୍ଯ୍ୟକ୍ରମରେ ବେଦାନ୍ତ ଝାରସୁଗୁଡ଼ାର ସିଇଓ ସି ଚନ୍ଦ୍ରୁ ଯୋଗ ଦେଇଥିଲେ। ଝାରସୁଗୁଡ଼ାର ପୁଲିସ ଅଧିକ୍ଷକ ଜିଆର ରାଘବେନ୍ଦ୍ର ତାଙ୍କ ଅଭିଭାଷଣରେ ସାଇବର ଅପରାଧ ବିରୁଦ୍ଧରେ ଅନେକ ସରଳ ପଦକ୍ଷେପ ବୁଝାଇ କହିଥିଲେ। ଘଟଣାଗୁଡିକୁ ରିପୋର୍ଟ କରିବା ଏବଂ ସମାଧାନ କରିବା ପାଇଁ ଉପଲବ୍ଧ ବିଭିନ୍ନ ପ୍ଲାଟଫର୍ମ ଉପରେ ମଧ୍ୟ ଝାରସୁଗୁଡ଼ା ଏସ୍‌ପି ଆଲୋକପାତ କରିଥିଲେ। ଏହି ପଦକ୍ଷେପକୁ ଆଗକୁ ନେବାରେ ବେଦାନ୍ତର ସହଯୋଗକୁ ସେ ପ୍ରଶଂସା କରିଥିଲେ।

## ଚାଷୀଙ୍କ ଚିନ୍ତା ବଢ଼ାଇଲାଣି ମାଟିଆ ଗୁଣ୍ଡି ପୋକ

# ମହିଁଷା ରୋଗରେ ନଷ୍ଟ ହେଲା ଧାନ ଫସଲ

ବନ୍ତ/ଆଗରପଡ଼ା, ୪।୧୧(ସମିସ)



ମହିଁଷା ପରେ ଏବେ ମାଟିଆଗୁଣ୍ଡି ଚାଷୀର ଚିନ୍ତାକୁ ଦ୍ୱିଗୁଣିତ କରିଛି। ଏବେ ଚାଷୀଙ୍କୁ ଘାରିଛି ରୋଗ ପୋକ ଚିନ୍ତା। ବାରମ୍ବାର ସାର, କୀଟନାଶକ ପକାଇ ନୟାନ୍ତ ହୋଇ ଗଲେଣି ଚାଷୀ; ହେଲେ ମାଟିଆ ଗୁଣ୍ଡି ପୋକ ଦମନ ହେବା ବଦଳରେ ଦିନକୁ ଦିନ ଗୋଟିଏ କ୍ଷେତରୁ ଆଉ ଗୋଟିଏ କ୍ଷେତକୁ ମାଡି ଯାଉଛନ୍ତି। ସମ୍ପୂର୍ଣ୍ଣ ଧାନ ଚାଷକୁ ରୋଗପୋକ ନଷ୍ଟ କରିବାକୁ ଲାଗିଥିବା ବେଳେ କୃଷି ବିଭାଗ ସଚେତନତା ବାର୍ତ୍ତା ଦେବାରେ ଲାଗିଛି। ହେଲେ ବିଭାଗର ଉଦ୍ୟମ କେତେ ସଫଳ ହେବ ତାହା ସମୟ କହିବ। କିଛି ଦିନ ପୂର୍ବରୁ ଖରିଫ ଫସଲ ଭାବେ ଧାନ ଚାଷ ହୋଇ ଗଛରୁ ଆସ୍ତେ ଆସ୍ତେ ବାହାରୁଥିଲା ଧାନ କେଣ୍ଡା। ସବୁଜିମା ପରିବେଶ ସୃଷ୍ଟି ହୋଇ ଧାନ କ୍ଷେତରେ ଗଛ ସବୁ ବାହାରିବାକୁ ଆରମ୍ଭ କରୁଥିବା ବେଳେ ଚାଷୀଙ୍କ ଅଣ୍ଟାଭାଙ୍ଗି ଦେଇଛି ରୋଗ ପୋକ। ପ୍ରଥମେ ଗୋଟିଏ ଦୁଇଟି ସ୍ଥାନରୁ ଆରମ୍ଭ ହୋଇ ଏବେ ଭଦ୍ରକ ଜିଲ୍ଲା ବନ୍ତ ବ୍ଲକର ବିଭିନ୍ନ ପଞ୍ଚାୟତରେ ହେକ୍ଟର ହେକ୍ଟର ଚାଷ ଜମିକୁ ବ୍ୟାପିବାରେ ଲାଗିଛି। ଧାର କରଜ କରି ଧାନ ଚାଷ କରିଥିବା ଚାଷୀ ଏବେ ପରିବାର ଚଳାଇବା ଚିନ୍ତାରେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ରୋଗ ଦାଉରୁ ଫସଲକୁ ବଞ୍ଚାଇବାକୁ ଚାଷୀମାନେ ଅନେକ ଉପାୟ ଆପଣାଇଥିବା କହିଛନ୍ତି। କୃଷି ବିଭାଗ ଖବର ପାଇ ବିଭିନ୍ନ ପ୍ରଭାବିତ ସ୍ଥାନକୁ ଯାଇ ଚାଷୀଙ୍କୁ ପରାମର୍ଶ ଦେଉଥିବା ଦେଖିବାକୁ ମିଳୁଛି। କିନ୍ତୁ ବିଭାଗ ପକ୍ଷରୁ ସଚେତନତା ବାର୍ତ୍ତା ଓ ପରାମର୍ଶ ଛଡ଼ା ଅନ୍ୟ କିଛି ସୁବିଧା ଯେପରିକି ସାର ଏବଂ କୀଟନାଶକ କିଛି ପ୍ରଦାନ କରାଯାଉ ନ ଥିବାରୁ ନିଜେ ନିଜେ ସାର ଏବଂ କୀଟନାଶକକୁ ଫସଲରେ ପକାଇ ଅନେକ ଖର୍ଚ୍ଚାନ୍ତ ମଧ୍ୟ ହେଲେଣି ଚାଷୀ ହେଲେ ରୋଗ ଦମନ ହେବାର ନା ଧରୁନାହିଁ। ମଙ୍ଗଳବାର ପୁରୁଷଣ୍ଡ ପଞ୍ଚାୟତର ପୁରୁଷଣ୍ଡ ଗ୍ରାମରେ ପ୍ରଭାତ ପୁହାଣଙ୍କ ପାଖାପାଖି ୧୦ଗୁଣ୍ଠ ଜମି ମହିଁଷା ରୋଗରେ ଆକ୍ରାନ୍ତ ହୋଇ ନଷ୍ଟ ହୋଇଯାଇଛି। ଖବର ପାଇ ବ୍ଲକ କୃଷି ଅଧିକାରୀ ତୁଷାରକାନ୍ତ ପତି, ଭିଏଲ୍‌ଡବ୍ଲୁ ଶିବରାମ ମୁର୍ମୁ ଓ କୃଷକ ସାଥି ଗଣେଶ ରାଉତଙ୍କ ଘଟଣାସ୍ଥଳରେ ପହଞ୍ଚି ସମସ୍ୟାର ତଦାରଖ କରିବା ସହ ମାଟିଆ ଗୁଣ୍ଡି ଆକ୍ରାନ୍ତରୁ ରକ୍ଷା କିପରି ପାଇବେ ତାହା ଉପରେ ଉପସ୍ଥିତ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। କୃଷି ଓ କୃଷକଙ୍କ ଉନ୍ନତି ପାଇଁ ସରକାରୀ ସ୍ତରରେ ଅନେକ ଯୋଜନା ରହିଛି ହେଲେ ଚାଷୀଙ୍କ ଆବଶ୍ୟକତା ସମୟରେ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁ ନ ଥିବାରୁ ତାହା କେବଳ ପ୍ରହସନରେ ପରିଣତ ହେଉଛି।

## ମହତାବ ଛକରେ ନର୍ସିଂ କଲେଜ ଉଦ୍‌ଘାଟିତ



**ଭଦ୍ରକ, ୪।୧୧(ସମିସ):** ଭଦ୍ରକ ସହର ମହତାବ ଛକ ନିକଟରେ ଶ୍ରୀରାମ ସ୍କୁଲ ଆଣ୍ଡ କଲେଜ ଅଫ ନର୍ସିଂ ଉଦଘାଟିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଦିଲୀପ ରାଉତରାଏ ଯୋଗଦେଇ କଲେଜକୁ ଉଦଘାଟନ କରିଥିଲେ। ଏବେ ବୈଷୟିକ କ୍ଷେତ୍ରରେ ଦକ୍ଷ ମାନବ ସମ୍ବଳ ସୃଷ୍ଟି କରିବାକୁ ଉଦ୍ୟୋଗର ଆବଶ୍ୟକତା ରହିଛି। ସେ ଦୃଷ୍ଟିରୁ ଶ୍ରୀରାମ ନର୍ସିଂ କଲେଜ ନିଜର ଅଭିଜ୍ଞତାକୁ ନେଇ ଦକ୍ଷତା ସମ୍ପନ୍ନ ଛାତ୍ରଛାତ୍ରୀ ତିଆରି କରିବାକୁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ। ନୂତନ ଭାବେ ପାଠ ପଢୁଥିବା ଛାତ୍ରଛାତ୍ରୀ ନିଷ୍ଠା ଓ ଏକାଗ୍ରତା ରଖି ପଢ଼ିଲେ ନିଶ୍ଚୟ ନିଜର ଉନ୍ନତି ସହ ଅନୁଷ୍ଠାନର ବିକାଶ ହୋଇପାରିବ ବୋଲି ସେ ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ଭଦ୍ରକ ଏସପି ମନୋଜ ରାଉତ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧୀରଞ୍ଜନ ନାୟକ, ଡାକ୍ତର ନୀଳମାଧବ ପୁଷ୍ଟି, ନିର୍ଦ୍ଦେଶକ ସୀତାଲତା ଜେନା ମଞ୍ଚାସୀନ ଥିଲେ। ଶଙ୍କର୍ଷଣ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଇଂ.ଚକ୍ରଧର ଜେନା ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ଯୁବ ନେତୃତ୍ୱ ତାଲିମ ଶିବିର ଉଦ୍‌ଯାପିତ



**ବାରିକପୁର, ୪।୧୧(ସମିସ):** ଭଣ୍ଡାରିପୋଖରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଜିଲ୍ଲା ସ୍ତରୀୟ ଯୁବ ନେତୃତ୍ୱ ତାଲିମ ଶିବିର ଉଦଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଭରତଚନ୍ଦ୍ର କରଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ସମ୍ମାନୀତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଲକ୍ଷ୍ମୀଧର ସାହୁ, ସମାଜସେବୀ ଦେବେନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ଶିବିର ଆୟୋଜନ ସମ୍ପର୍କରେ ମତ ଦେଇଥିଲେ। ଏହି ଅବସରରେ ଯୁବ ପ୍ରଶିକ୍ଷାର୍ଥୀଙ୍କୁ ଅଧ୍ୟାପକ ଲକ୍ଷ୍ମୀଧର ଘୋଷ ଯୋଗ ଶିକ୍ଷା ବାବଦରେ ପ୍ରଶିକ୍ଷଣ ଦେଇଥିବା ବେଳେ ଅଗ୍ନିଶମ ଅଧିକାରୀ ସୌରଭ ରାଉତ ବିପର୍ଯ୍ୟୟ ପରିଚାଳନା ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଅଧ୍ୟାପିକା ରିତାଞ୍ଜଳୀ ଦାସ ସ୍ୱାଗତଭାଷଣ ଓ ମମିତାରାଣୀ ନାୟକ ମାନପତ୍ର ପାଠ କରିଥିବା ବେଳେ ଅଧ୍ୟାପକ ଅନନ୍ତ କିଶୋର ମହାପାତ୍ର ଅତିଥି ପରିଚୟ ପ୍ରଦାନ ଏବଂ ହରିହର ସାହୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ମଦନ ମୋହନ ପଣ୍ଡା, ଦିଲ୍ଲୀପ ନାୟକ, ନୃସିଂହ ସ୍ୱାଇଁ, ସୁଧୀର ଷେଣ୍ଡ, ରଞ୍ଜନ ନାୟକ, ଭୀମ ଚରଣ ସ୍ୱାଇଁ, ବାସନ୍ତୀ ବେହେରା, ରିତାଞ୍ଜଳୀ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

## ଧକ୍କା ପରେ ନୟନଯୋରିକୁ ଖସିପଡ଼ିଲା ୨ ଗାଡ଼ି; ୪ ଆହତ

**ବାରିକପୁର, ୪।୧୧(ସମିସ):** ଭଣ୍ଡାରିପୋଖରୀ ତହସିଲ କାର୍ଯ୍ୟାଳୟର ଅନତିଦୂରରେ ଏକ ଟାଟା ଏସିକୁ ଗୋଟିଏ କାର ଧକ୍କା ଦେଇଥିବା ଜଣାପଡ଼ିଛି। ଆଜି ସକାଳ ପ୍ରାୟ ୭ଟା ସମୟରେ ୧୬ନଂ ଜାତୀୟ ରାଜପଥ ଉପରେ ଗୋଟିଏ ଟାଟା ଏସି ଠିଆ ହୋଇଥିବା ବେଳେ ଭଦ୍ରକ ପଟୁ କଟକ ଅଭିମୁଖେ ଯାଉଥିବା କାର ଧକ୍କା ଦେଇଥିଲା। ଫଳରେ ଦୁଇଟିଯାକ ଗାଡି ରାସ୍ତା ପାର୍ଶ୍ୱ ନୟନଯୋରୀକୁ ଚାଲି ଯାଇଥିଲା। ଦୁର୍ଘଟଣା ଯୋଗୁଁ ତିନି/ଚାରିଜଣ ବ୍ୟକ୍ତି ଆହତ ହୋଇଥିବା ଜଣାଯାଇଛି। ସ୍ଥାନୀୟ ଲୋକ ସମସ୍ତ ଆହତଙ୍କୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ଖବର ଲେଖାହେବା ଯାଏଁ ଦୁର୍ଘଟଣା ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାଯାଇଛି।



## ବୃକ୍ଷରୋପଣ ଓ ଆର୍ଥିକ ସାକ୍ଷରତା ଶିବିର



**ଭଦ୍ରକ, ୪।୧୧(ସମିସ):** ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ସଞ୍ଚୟ ପକ୍ଷ ପାଳନ ଅବସରରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଗାନ୍ଧୀ ଓଡ଼ିଶା ବାଳାଶ୍ରମଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଜିଲ୍ଲା ଆର୍ଥିକ ସେବା ସଞ୍ଚୟ କାର୍ଯ୍ୟାଳୟ ଅଧିକାରୀ, ବରିଷ୍ଠ ନାଗରିକ ତଥା ସ୍ୱଳ୍ପ ସଞ୍ଚୟ ଅଭିକର୍ତ୍ତା ଯୋଗଦେଇଥିଲେ। ବୃକ୍ଷରୋପଣ ପରେ ଗାନ୍ଧୀ ଓଡ଼ିଶା ବଲାଶ୍ରମ ଅନ୍ତେବାସୀଙ୍କୁ ନେଇ ଏକ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକାରଣ ଶିବିର ଅନୁଷ୍ଠିତ ହୋଇଥିଲା। ସଭାରେ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ପିଲାମାନଙ୍କୁ ସଞ୍ଚୟର ମହତ୍ୱ ବୁଝାଇଥିଲେ। ପିଲାମାନଙ୍କୁ ସଞ୍ଚୟ ଅଭ୍ୟାସ ବୃଦ୍ଧି କରିବା ପାଇଁ ପ୍ରେରଣା ଦେଇଥିଲେ। ପୂର୍ବତନ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ପଦ୍ମନ୍ କୁମାର ରାୟ ପିଲାଙ୍କୁ ସଞ୍ଚୟ କରିବା ଉତ୍ସାହିତ କରିଥିଲେ। ଶେଷରେ ପିଲାମାନଙ୍କୁ କୁମ୍ଭି ବା କଏନ ବକ୍ସ ପ୍ରଦାନ କରାଯାଇଥିଲା। ଏହି ସଭାରେ ପ୍ରାୟ ୮୦ ଜଣ ପିଲା, ଅଭିଭାବକ, ଡାକ ଅଭିକର୍ତ୍ତା ଉପସ୍ଥିତ ଥିଲେ।

## ବରପଦା ଇଂଜନିୟରିଂ କଲେଜ ଜମି ପ୍ରସଙ୍ଗ

# ସରକାରଙ୍କୁ ହସ୍ତାନ୍ତର ପାଇଁ କଲେଜ ପକ୍ଷରୁ ପ୍ରସ୍ତାବ



**ଭଦ୍ରକ, ୪।୧୧(ସମିସ):** ଦୀର୍ଘ ବର୍ଷ ଧରି ଅବ୍ୟବହୃତ ଅବସ୍ଥାରେ ପଡ଼ି ରହିଥିବା ବିସ୍ତୃତ ଜମିକୁ ସରକାର ଭଦ୍ରକବାସୀଙ୍କ ହିତସାଧନରେ ଲଗାଇବା ପାଇଁ ବିଏସଇଟି (ସୋସାଇଟି) ପକ୍ଷରୁ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଜରିଆରେ ସରକାରଙ୍କୁ ଏକ ପ୍ରସ୍ତାବ ଦିଆଯାଇଛି। ଏହି ପ୍ରସ୍ତାବରେ ବିଏସଇଟି ପକ୍ଷରୁ ଦର୍ଶାଯାଇଛି ଯେ, ୪୦ ବର୍ଷ ପୂର୍ବରୁ ବରପଦା ସ୍କୁଲ ଅଫ୍ ଇଞ୍ଜିନିୟରିଂ ଏଣ୍ଡ ଟେକ୍ନୋଲୋଜି ବୈଷୟିକ ଶିକ୍ଷାନୁଷ୍ଠାନର ଅବ୍ୟବହୃତ ହୋଇ ପଡ଼ିରହିଥିବା ୨୦.୩୨୦ ଏକର ଜମି ଏହି ଶିକ୍ଷାନୁଷ୍ଠାନକୁ ଦେବାକୁ ସରକାର ନିଷ୍ପତ୍ତି ନେଇଥିଲେ। ପରବର୍ତ୍ତୀ ସମୟରେ କୌଣସି କାରଣରୁ ଏହା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ସେହିଦିନଠାରୁ ଏହି ବିସ୍ତୃତ ଜମିଗୁଡିକ ଏବେ ପରିତ୍ୟକ୍ତ ଓ ଜବର ଦଖଲରେ ରହିଛି। ତେବେ ବିଏସଇଟି ପକ୍ଷରୁ ଏକ ପ୍ରସ୍ତାବ ଗ୍ରହଣ କରାଯାଇ ଏହି ୨୫ ଏକର ଜମି (୨୦.୩୨୦ଏକର ଶିଳ୍ପ ବିଭାଗର ଓ ଏହି ବୈଷୟିକ ଶିକ୍ଷାନୁଷ୍ଠାନ ନାମରେ ଥିବା ୪.୭୪୦ ଏକର ନିଜସ୍ୱ ଜମି)କୁ ଅଧିଗ୍ରହଣ କରି ଏକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା କିମ୍ବା ଅନ୍ୟ କିଛି ଜନହିତକର କାର୍ଯ୍ୟରେ ଲଗାଇବା ପାଇଁ ବିଏସଇଟି ସୋସାଇଟି ସଭାପତି ଇଂ. ପ୍ରୟାସକାନ୍ତି ସାମଲ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ମର୍ମରେ ସୋସାଇଟି ପକ୍ଷରୁ ଏକ ପତ୍ର ଓ ସମ୍ପୃକ୍ତ ଜମିର ସ୍କେଚମ୍ୟାପ ସହ ପ୍ଲଟ ଆଦି ବିବରଣୀ ପ୍ରଦାନ କରାଯାଇଛି।

## ଡା. ହରେକୃଷ୍ଣ ନାୟକ ଆଇଏମ୍‌ର ରାଜ୍ୟ ସଭାପତି ନିର୍ବାଚିତ



**ଭଦ୍ରକ, ୪।୧୧(ସମିସ):** ଆସନ୍ତା ବର୍ଷ ନିମନ୍ତେ ଭାରତୀୟ ଚିକିତ୍ସକ ସଂଘ (ଆଇଏମ)ର ରାଜ୍ୟ ସଭାପତି ଭାବେ ବରିଷ୍ଠ ଡାକ୍ତର ହରେକୃଷ୍ଣ ନାୟକ ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେ ଏକମାତ୍ର ପ୍ରାର୍ଥୀ ହୋଇଥିବାରୁ ସେ ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଘୋଷଣା କରାଯାଇଛି। ସୂଚନାଯୋଗ୍ୟ, ୪ ଦଶନ୍ଧି ପୂର୍ବେ ଡାକ୍ତର ହରେକୃଷ୍ଣ ନାୟକ ଭଦ୍ରକରେ ପ୍ରଥମ ନର୍ସିଂହୋମ ଏବଂ ପ୍ରଥମ ଅଲଟ୍ରା ସାଉଣ୍ଡ କ୍ଲିନିକ ପ୍ରତିଷ୍ଠା କରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନୂତନ ମାଇଲଖୁଣ୍ଟ ପ୍ରତିଷ୍ଠା କରିଥିଲେ। ସେହି ସମୟରେ ସେ ଭାରତୀୟ ଚିକିତ୍ସକ ସଂଘର ଶାଖା ଭଦ୍ରକରେ ପ୍ରତିଷ୍ଠା କରି ଖ୍ୟାତି ଅର୍ଜନ କରିଥିଲେ। ତାଙ୍କ ପ୍ରେରଣାରେ ଆଜି ଭଦ୍ରକ ଶାଖାର ୧୫୦ରୁ ଅଧିକ ଡାକ୍ତର ଆଜୀବନ ସଦସ୍ୟ ହୋଇ ପାରିଛନ୍ତି। ସେ ଦୀର୍ଘ ୧୫ ବର୍ଷରୁ ଊର୍ଦ୍ଧ୍ୱ ଧରି ଭଦ୍ରକ ଶାଖାର ସମ୍ପାଦକ ଏବଂ ରାଜ୍ୟ ଉପସଭାପତି ଏବଂ ଯୁଗ୍ମ ସମ୍ପାଦକ ଦାୟିତ୍ୱ ସୂଚାରୁ ରୂପେ ନିର୍ବାହ କରିଛନ୍ତି। ତାଙ୍କର ନିରବଚ୍ଛିନ୍ନ ସେବା ଓ ସାଧନା ନିମନ୍ତେ ଭାରତୀୟ ଚିକିତ୍ସକ ସଂଘର ରାଜ୍ୟ ଏବଂ ଜାତୀୟସ୍ତରରେ ଜୀବନବ୍ୟାପୀ ସେବା ସମ୍ମାନ ପାଇଛନ୍ତି। ତାଙ୍କ ନେତୃତ୍ୱରେ କରୋନା ମହାମାରୀ ସମୟରେ ଭାରତୀୟ ଚିକିତ୍ସକ ସଂଘ ଭଦ୍ରକ ଶାଖା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୫୦ ହଜାର ଟଙ୍କା, ପିଏମ୍ କେୟାର ପାଣ୍ଠିକୁ ୧ଲକ୍ଷ ପଚାଶ ହଜାର ଟଙ୍କା ଓ ଭଦ୍ରକର ବିଭିନ୍ନ ଅଞ୍ଚଳରେ ୧୨ଟି ଶିବିର ଆୟୋଜନ କରି ବହୁ ଅସହାୟଙ୍କୁ ସହାୟତା ପ୍ରଦାନ କରାଯାଇଥିଲା। ଜଣେ ସମାଜସେବୀ ଭାବେ ଡାକ୍ତର ନାୟକ ଭଦ୍ରକରେ ଏକ ଜରାନିବାସ ମଧ୍ୟ ପ୍ରତିଷ୍ଠା କରିଛନ୍ତି। ସେଠାରେ ୨୫ ଜଣ ଅସହାୟ ବୃଦ୍ଧବୃଦ୍ଧା ରହୁଛନ୍ତି। ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ଆନ୍ଦୋଳନ ସହ ବହୁ ସାମାଜିକ, ସାଂସ୍କୃତିକ ଅନୁଷ୍ଠାନ ସହିତ ସେ ଅନ୍ତରଙ୍ଗ ଭାବେ ଜଡିତ ଅଛନ୍ତି। ଆସନ୍ତା ୨୦୨୬ ଫେବୃୟାରୀ ୧୪ ତାରିଖରେ ଭାରତୀୟ ଚିକିତ୍ସକ ସଂଘର ଅଧୁନା ସଭାପତି ଡାକ୍ତର ଜୟନ୍ତ କୁମାର ପଣ୍ଡାଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିବେ। ଏହି ଉପଲକ୍ଷେ ତାଙ୍କୁ ଡାକ୍ତର ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଡାକ୍ତର ଜୟନ୍ତ କୁମାର ପଣ୍ଡା, ଡାକ୍ତର ରବୀନ୍ଦ୍ର କୁମାର ନାୟକ, ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସୁଧୀରଞ୍ଜନ ନାୟକ, ଭଦ୍ରାଣୀର ପ୍ରତିଷ୍ଠାତା ସଭାପତି ବିଶିଷ୍ଟ ସ୍ତମ୍ଭକାର ଅଭୟ ଦ୍ୱିବେଦୀ, ଗାନ୍ଧୀ ବିଚାର ମଞ୍ଚର ସଭାପତି ଶାନ୍ତନୁ କୁମାର ରାଉତ, ସମ୍ପାଦନ ସୁଧାକର ରାଉତ ପ୍ରମୁଖ ଡାକ୍ତର ନାୟକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



**ଭଦ୍ରକ, ୪।୧୧(ସମିସ):** ରାଜ୍ୟ ସାମାଜିକ ସୁରକ୍ଷା ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ପକ୍ଷରୁ ଭଦ୍ରକ ପଞ୍ଚାୟତ ସମିତି, ପୌର ପରିଷଦ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଇଚ୍ଛାପୁର ପଞ୍ଚାୟତ ଅନ୍ତର୍ଗତ ବ୍ରହ୍ମପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଭଦ୍ରକ ବ୍ଲକର ୩୬ଟି ପଞ୍ଚାୟତ ସମେତ ପୌରାଞ୍ଚଳର ୩୦ଟି ୱାର୍ଡର ପ୍ରାୟ ୪ ଶହ ଭିନ୍ନକ୍ଷମ ପଞ୍ଜୀକରଣ କରିଥିଲେ। ମସ୍ତିଷ୍କ ପକ୍ଷାଘାତ, ଶ୍ରବଣ ବାଧିତ, ମୂକବଧିର, ଚକ୍ଷୁ, ଅସ୍ଥିଶଲ୍ୟ ଆଦି ରୋଗର ବିଶେଷଜ୍ଞ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀ ପରୀକ୍ଷା କରି ରୋଗ ନିରୂପଣ କରିଥିଲେ। ଏଥିରେ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ, ବିଡ଼ିଓ ରଶ୍ମି ରଞ୍ଜନ ମଲ୍ଲିକ, ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ନାୟକ, ସରପଞ୍ଚ ନରହରି ସାହୁ ସମେତ ବିଭାଗୀୟ ଅଧିକାରୀ ସ୍ମିତା ମାଝି ପ୍ରମୁଖ ଯୋଗଦେଇ ଶିବିର ଅନୁଧ୍ୟାନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦତ୍ତ କହିଥିଲେ ଯେ, ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ପକ୍ଷରୁ ଦିବ୍ୟାଙ୍ଗଙ୍କ ପାଇଁ ସାହାଯ୍ୟ ସହଯୋଗ ସହ ବିଭିନ୍ନ ଯୋଜନାରେ ସେମାନଙ୍କୁ ସାମିଲ କରାଯାଉଛି।

## ମହାଶିବ ପୁରାଣ ପାଠ ଉତ୍ସବ ଉଦ୍‌ଯାପିତ



**ବାରିକପୁର, ୪।୧୧(ସମିସ):** ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ଶୈବ ପୀଠରେ ମହାଶିବ ପୁରାଣ ପାଠ ଉତ୍ସବ ଆୟୋଜିତ ହୋଇଥିଲା। ତନ୍ମଧ୍ୟରୁ ରାଢୋ ବିଶେଶ୍ୱର ମହାଦେବ ପୀଠ ଠାରେ ନବଦିନ ବ୍ୟାପୀ ଅନୁଷ୍ଠିତ ହୋଇଥିବା ଶୈବ ପୁରାଣ ପାଠ ଉତ୍ସବ ମଙ୍ଗଳବାର ଗୋଧୂଳି ବେଳାରେ ଉଦଯାପିତ ହୋଇଛି। ପୀଠରେ ଶିବ ପୁରାଣ ପାଠ ସମାପ୍ତ ପରେ ପ୍ରତ୍ୟୁଷରୁ ସୂର୍ଯ୍ୟ ପୂଜା, ଗଣପତି ପୂଜା, କାର୍ତିକେଶ୍ୱର ପୂଜା, ଶିବ ପାର୍ବତୀ ପୂଜା, ବୃଷଭ ପୂଜା ଓ ରୁଦ୍ରାଭିଷେକ ସହିତ ୧୦୮ ବେଲପତ୍ର ଶୟନ ପୂଜା ଅନୁଷ୍ଠିତ ହୋଇଥିଲା। ଅପରାହ୍ନ ପରେ ହୋମ ଯଜ୍ଞ ଆୟୋଜନ ହୋଇଥିବା ବେଳେ ସୂର୍ଯ୍ୟାସ୍ତ ସମୟରେ ପୂର୍ଣ୍ଣାହୁତି ଦିଆଯାଇଥିଲା। ଏଥିରେ ପୂଜକ ଭାବେ ବିଜୟ ତ୍ରିପାଠୀ ଓ ମହେନ୍ଦ୍ର ଦାସ ବୈଦିକ ରୀତିନୀତି ଅନୁଯାୟୀ ହୋମ ଯଜ୍ଞ ସକାଶେ ପୂଜାର୍ଚ୍ଚନା କରିଥିଲେ। ସେହିଭଳି ସଂକଳ୍ପ କର୍ତା ଭାବେ ବିଶ୍ୱନାଥ ନାୟକ ଓ ନୀଳିମା ନାୟକ ଦାୟିତ୍ୱ ନିର୍ବାହ କରିଥିଲେ। ଆୟୋଜିତ ଉତ୍ସବରେ ଅନେକ ଶ୍ରଦ୍ଧାଳୁ ଯୋଗଦେଇଥିବା ବେଳେ ଏହାକୁ ପୂଜା କମିଟି ସଦସ୍ୟ ମାନେ ପରିଚାଳନା କରିଥିଲେ। ଦୀର୍ଘ ୧୨ବର୍ଷ ହେବ ବାବା ବିଶ୍ୱେଶ୍ୱରଙ୍କ ପୀଠରେ ଶୈବ ପୁରାଣ ଆୟୋଜନ ହେଉଛି। ଅନୁରୂପ ଭାବେ ରହଣିଆ, ମାଳଦା, ତିଆଡ଼ିସାହି ପ୍ରମୁଖ ସ୍ଥାନରେ ଥିବା ଶୈବ ପୀଠଗୁଡ଼ିକରେ ବାର୍ଷିକ ଶିବ ପୁରାଣ ଉତ୍ସବ ଭାବ ଭକ୍ତିର ସହିତ ଉଦଯାପିତ ହୋଇଯାଇଛି।

## ଫେକରର ପାଇଲଟ୍ ପରୀକ୍ଷଣ ସଫଳ

# ହ୍ରାସ ପାଇବ ଅଙ୍ଗାରକାମ୍ଳ ନିର୍ଗମନ

ଭଦ୍ରକ, ୪।୧୧ (ସମିସ)



ଭଦ୍ରକ ସହର ଉପକଣ୍ଠ ରାନ୍ଦିଆଠାରେ ଥିବା ବେଦାନ୍ତ ଗ୍ରୁପ୍ କମ୍ପାନୀ ଫେରୋ ଆଲୟଜ୍ କର୍ପୋରେସନ୍ ଲିମିଟେଡ (ଫେକର) ଫେରୋକ୍ରୋମ୍ ଉତ୍ପାଦନରେ କୋକ୍ ପାଇଁ ଏକ ସ୍ଥାୟୀ ଏବଂ କମ୍ କାର୍ବନ ବିକଳ୍ପ ଭାବରେ ବାୟୋଚାର ବ୍ୟବହାର କରି ଏକ ପାଇଲଟ୍ ପରୀକ୍ଷଣ ସଫଳତାର ସହ ଶେଷ କରିଛି। ଫେକର ପାଇଲଟ୍ ପରୀକ୍ଷଣ ଫେରୋକ୍ରୋମ୍ ଉତ୍ପାଦନରୁ ମୋଟ ନିର୍ଗମନର ପ୍ରାୟ ୫ ପ୍ରତିଶତ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିବାର ସମ୍ଭାବନା ପ୍ରଦର୍ଶନ କରିଛି। ଫଳରେ ୨୦୫୦ ସୁଦ୍ଧା ଶୂନ୍ୟ କାର୍ବନ ହାସଲ କରିବା ଦିଗରେ ସମ୍ଭାବନା ଉଜ୍ଜୀବିତ ହୋଇଛି। ଅମ୍ଳଜାନର ଅନୁପସ୍ଥିତିରେ ବାଉଁଶ ପରି ଜୈବ ପଦାର୍ଥର ତାପଜ ବିଘଟନ, ପାଇରୋଲିସିସ୍ ମାଧ୍ୟମରେ ବାୟୋଚାର ଉତ୍ପାଦନ କରାଯାଏ। ଏହାକୁ ଏକ କାର୍ବନ ନିରପେକ୍ଷ ସାମଗ୍ରୀ ଭାବରେ ବର୍ଗୀକୃତ କରାଯାଇଛି; ଯାହା ନିମ୍ନ ପାଉଁଶ ପରିମାଣ ଓ କାର୍ବନ ସିକ୍ୱେଷ୍ଟ୍ରେସନ୍ ଲାଭ ପ୍ରଦାନ କରେ। ବାୟୋମାସ ବୃଦ୍ଧି ସମୟରେ ଶୋଷିତ କାର୍ବନ ଏବଂ ଏହାର ବ୍ୟବହାର ସମୟରେ ମୁକ୍ତ କାର୍ବନ ମଧ୍ୟରେ ସନ୍ତୁଳନ ଉତ୍ପାଦନ ପାଇଁ ଏକ ସ୍ଥାୟୀ, ବୃତ୍ତାକାର ପଦ୍ଧତି ସୁନିଶ୍ଚିତ କରିବା ଫେକର ଏହାର ଉତ୍ପାଦନ ପ୍ରକ୍ରିୟାରେ ବାୟୋଚାରକୁ ଏକ ସଫା କରିବାକୁ ଯୋଜନା କରୁଥିବା ବେଳେ କମ୍ପାନୀ ଅତିରିକ୍ତ ଅଧ୍ୟୟନ ମାଧ୍ୟମରେ ଫେରୋକ୍ରୋମ୍ ଉତ୍ପାଦନରେ ବାୟୋଚାରର ମାପକାଠି ଏବଂ ବାଣିଜ୍ୟିକ କାର୍ଯ୍ୟକ୍ଷମତାକୁ ଆହୁରି ଅନୁସନ୍ଧାନ କରିବା ଏହି ଦାୟିତ୍ୱପୂର୍ଣ୍ଣ ଖଣି ଏବଂ ସବୁଜ ଧାତୁ ବିଜ୍ଞାନ ପ୍ରତି ଫେକରର ଉତ୍ସର୍ଗକୁ ସୁଦୃଢ଼ କରିବ। ଏହା ଏକ ସ୍ଥାୟୀ ଶିଳ୍ପ ଭବିଷ୍ୟତ ଆଡ଼କୁ ଭାରତର ସାମୂହିକ ପରିବର୍ତ୍ତନକୁ ଆଗକୁ ବଢ଼ାଇବ।

ସକାଳ THE SAKALA



www.sakalaepaper.com

# ପୁନରୁଦ୍ଧାର ହେବ ଅନ୍ନପୂର୍ଣ୍ଣା ମନ୍ଦିର

## ଜିଲ୍ଲାପାଳଙ୍କ ପରିଦର୍ଶନ



କୋରାପୁଟ,୪।୧୧(ସମିସ): କୋରାପୁଟ ସହରରେ ଥିବା ଶହସ୍ର ବର୍ଷ ପୁରୁଣା ଅନ୍ନପୂର୍ଣ୍ଣା ମନ୍ଦିରର ପୁନରୁଦ୍ଧାର ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ଦେଖା ଦେଇଛି। ମନ୍ଦିର ପରିଚାଳନା କମିଟି ପକ୍ଷରୁ ବିଗତ ଦିନରେ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ, ବିଧାୟକ ଓ ଜିଲ୍ଲାପାଳଙ୍କୁ ଅନୁରୋଧ କରା ଯାଇଥିଲା। ମଙ୍ଗଳବାର ସକାଳେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଜିଲ୍ଲା ଯୋଜନା ଉପନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା, କୋରାପୁଟ ତହସିଲଦାର ସୟଦ୍ ସବିର ଶାହା, ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ପ୍ରମୁଖ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରି କମିଟି ସହ ଆଲୋଚନା କରିଥିଲେ। ଜିଲ୍ଲାପାଳଙ୍କ ପରିଦର୍ଶନ ବେଳେ ମନ୍ଦିର ପରିଚାଳନା କମିଟି ସଭାପତି ପ୍ରଭାତ ମହାପାତ୍ର, ସମ୍ପାଦକ ତ୍ରିନାଥ ପଣ୍ଡା, ପୂଜକ ଜଗତ ଜୀବନ ପଣ୍ଡା, ଆଇନଜୀବୀ ନରସିଂହ ପଟ୍ଟନାୟକ ଏବଂ ସାହି ବାସିନ୍ଦା ଉପସ୍ଥିତ ରହି ଜିଲ୍ଲାପାଳଙ୍କ ସହ ମନ୍ଦିରର ବିକାଶ ପାଇଁ ଆଲୋଚନା କରିଥିଲେ।

# ପ୍ରଧାନ ଶିକ୍ଷକଙ୍କ ମନମୁଖୀ କାର୍ଯ୍ୟ ନେଇ ଜିଲ୍ଲାପାଳଙ୍କୁ ଗୁହାରି

## କାର୍ଯ୍ୟାନୁଷ୍ଠାନ ନ ହେଲେ ରାଜରାସ୍ତା ଅବରୋଧ ଚେତାବନୀ

ରାୟଗଡା/ମୁନିଗୁଡା,୪।୧୧(ସମିସ): ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ ଅନ୍ତର୍ଗତ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଅମ୍ବାଦଲା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୋଲା ବାମନ ମୂର୍ତ୍ତିଙ୍କ ମନମୁଖୀ କାର୍ଯ୍ୟକଳାପ, ଦୁର୍ବ୍ୟବହାର ବିରୋଧରେ ବିଦ୍ୟାଳୟର କିଛି ଛାତ୍ର, ଅଭିଭାବକ ଏବଂ କର୍ମଚାରୀ ପୂର୍ବରୁ ଅଭିଯୋଗ କରିଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବାରୁ ଆଜି ଅଭିଭାବକମାନେ ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଏକାଧିକ ଅଭିଯୋଗ ସତ୍ତ୍ୱେ ଘଟଣାର ଏକ ମାସ ବିତିଯାଇଥିଲେ ମଧ୍ୟ ଜିଲ୍ଲା କଲ୍ୟାଣ ବିଭାଗ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏହାକୁ ନେଇ ଅମ୍ବାଦଲା ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଇବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଗ୍ରାମବାସୀ ମାନେ ଧାରଣାରେ ବସିବେ ବୋଲି ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ଲିଖିତ ଭାବରେ ଜଣାଇଛନ୍ତି। ଗ୍ରାମବାସୀ ମାନେ ଜିଲ୍ଲାପାଳଙ୍କୁ ଦେଇଥିବା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ଯେ ଚଳିତ ଶିକ୍ଷା ବର୍ଷରେ ବିଦ୍ୟାଳୟର ୨୫ ଜଣ ଛାତ୍ରଙ୍କୁ ପ୍ରଧାନ ଶିକ୍ଷକ ଜୋର ଜବରଦସ୍ତି ଟିସି ଦେଇ ସେମାନଙ୍କୁ ଶିକ୍ଷା ଅଧିକାରରୁ ବଞ୍ଚିତ କରିଛନ୍ତି। ଟିସି ଦେଇଥିବା ଛାତ୍ର ଏବଂ ସେମାନଙ୍କ ଅଭିଭାବକଙ୍କୁ ଜାତିଆଣ ଆକ୍ଷେପ କରି ବିଦ୍ୟାଳୟରୁ ତଡିଦେବା ସହ ବିଦ୍ୟାଳୟ ପରିସରରେ କାର୍ଯ୍ୟରତ କିଛି କର୍ମଚାରୀଙ୍କୁ ଜାଣିଶୁଣି ହଇରାଣ କରିବା, କିଛି କର୍ମଚାରୀଙ୍କୁ ଆୟକର ଦାଖଲ କରିବାରୁ ବଞ୍ଚିତ କରିବା, ପ୍ରଧାନ ଶିକ୍ଷକ ନିଜେ ମେସ ପରିଚାଳନା କରୁଥିବା ବେଳେ କିଛି ମହିଳା କର୍ମଚାରୀଙ୍କୁ ଏନେଇ ଦସ୍ତଖତ ପାଇଁ ବାଧ କରୁଥିବା ଅଭିଯୋଗ କରିଛନ୍ତି । ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଧାନ ଶିକ୍ଷକଙ୍କୁ ସୁରକ୍ଷା ଦେଉଥିବା ନେଇ ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ଘଟଣାର ତଦନ୍ତ କରିବେ ବୋଲି ଗ୍ରାମବାସୀଙ୍କୁ କହିଥିଲେ। ପ୍ରକାଶ ଥାଉ କି, ବିଦ୍ୟାଳୟର ପ୍ରଧାନଶିକ୍ଷକ କୋଲା ବୋମନା ମୂର୍ତ୍ତୀ ବିଦ୍ୟାଳୟର ତିନି ଜଣ ୯ମ ଶ୍ରେଣୀର ଛାତ୍ର ବିବୁଲ୍ ହିଆଲ୍,ନିତେଶ ବାଗ୍ ଓ ଗୌରବ ସୁନାଙ୍କୁ କୌଣସି କାରଣବଶତଃ ବିଦ୍ୟାଳୟରୁ ଟିସି ନେବାକୁ ବାଧ୍ୟ କରିଥିଲେ। ଉକ୍ତ ଛାତ୍ର ମାନେ ନିୟମିତ ବିଦ୍ୟାଳୟକୁ ଯାଉଥିଲେ ସୁଦ୍ଧା ସେମାନଙ୍କ ଉପସ୍ଥାନ ପକାଉନଥିଲେ। ଏପରିକି ତିନି ଜଣ ଛାତ୍ରଙ୍କୁ ପ୍ରଧାନଶିକ୍ଷକ କୁଆଡେ ପରୀକ୍ଷାରେ ବସିବାକୁ ସୁଯୋଗ ଦେଇନଥିବା ଅଭିଯୋଗ ହୋଇଛି। ପିଲା ମାନଙ୍କୁ ବାରମ୍ବାର ଦୁର୍ବ୍ୟବହାର ସହ ଜାତିଆଣ ଆକ୍ଷେପ କରିବାରୁ ବିବୁଲ ହିଆଲ୍ ନାମକ ଜଣେ ଛାତ୍ର ସ୍କୁଲ ଛାଡି ଦାଦନ ଖଟିବାକୁ କେରଳ ଚାଲିଗଲେ। ତେବେ ଏନେଇ ଅମ୍ବାଦୋଳା ଥାନାରେ ପ୍ରଧାନଶିକ୍ଷକ ଙ୍କ ବିରୋଧରେ ଗତ ସେପ୍ଟେମ୍ବର ମାସ ୨୮ ତାରିଖ ଦିନ ଲିଖିତ ଅଭିଯୋଗ ହେବା ଓ ପରେ ବିଭାଗୀୟ ତଦନ୍ତ ହୋଇଥିଲେ ସୁଦ୍ଧା ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନି। ସେହିପରି ବିଦ୍ୟାଳୟରେ ପିଲାମାନଙ୍କ ଶିକ୍ଷା ଅଧିକାର ଆଇନ ଉଲ୍ଲଙ୍ଘନ କରାଯାଇଥିବା ନେଇ ମାନବାଧିକାର କମିଶନଙ୍କ ନିକଟରେ ମଧ୍ୟ ଅଭିଯୋଗ ହୋଇଛି। ଆସନ୍ତା ଦୁଇ ଦିନ ମଧ୍ୟରେ ସଂପୃକ୍ତ ପ୍ରଧାନଶିକ୍ଷକଙ୍କ ବିରୋଧରେ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଆସନ୍ତା ୭ ତାରିଖ ଦିନ ଅବିଭାବକ ମାନେ ବିଦ୍ୟାଳୟ ଆଗରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।



# କମ୍ବଳ ବାଣ୍ଟିଲେ ପୌର ଅଧ୍ୟକ୍ଷ

କୋରାପୁଟ,୪।୧୧(ସମିସ): କୋରାପୁଟ ସହରରେ ଅସହାୟଙ୍କୁ ଶୀତବସ୍ତ୍ର କମ୍ବଳ ବାଣ୍ଟିଛନ୍ତି ପୌର ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ। କୋରାପୁଟ ଜଗନ୍ନାଥ ମନ୍ଦିର ପରିସରରେ ବସିଥିବା ଅସହାୟ ପୁରୁଷ ଓ ମହିଳା ମାନଙ୍କୁ ସେ କମ୍ବଳ ପ୍ରଦାନ କରିଛନ୍ତି। କୋରାପୁଟ ସହରରେ ଶୀତର ପ୍ରଭାବ ଅନୁଭୂତ ହେବାରୁ ଅସହାୟଙ୍କୁ ଶୀତରୁ ସୁରକ୍ଷା ଦେବା ପାଇଁ ଶ୍ରୀ ସେଠୀ ଶୀତବସ୍ତ୍ର କମ୍ବଳ ବାଣ୍ଟିଛନ୍ତି। ସାମାଜିକ କଲ୍ୟାଣମୂଳକ କାର୍ଯ୍ୟକ୍ରମରେ ପ୍ରତ୍ୟେକ୍ଷ ଭାବେ ଶ୍ରୀ ସେଠୀ ଯୋଡି ହୋଇଛନ୍ତି। ଏଥିପାଇଁ ସାଧାରଣରେ ବିଶେଷ କରି ଅସହାୟ ପୁରୁଷ ଓ ମହିଳା ମାନେ ଅଧ୍ୟକ୍ଷ ଶ୍ରୀ ସେଠୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। କୋରାପୁଟ ସହରର ଭି ରାମ ବ୍ରହ୍ମା, ଟୁବୁଲି ବେହେରା, ଦୁର୍ଗା ପଟ୍ଟନାୟକ ଓ ଅନ୍ୟ ବ୍ୟକ୍ତିମାନେ ଯୋଗଦେଇ ସହାୟତା କରିଥିଲେ।



## ଦିବ୍ୟାଙ୍ଗ ଦମ୍ପତିଙ୍କୁ ଅଣଦେଖା ଅଭିଯୋଗ

# ପ୍ରତିଶ୍ରୁତି ଭୁଲିଗଲା ପ୍ରଶାସନ, ଜିଲ୍ଲାପାଳଙ୍କୁ ଭେଟିବାକୁ ଦେଉନାହାନ୍ତି

ରାୟଗଡ଼ା, ୩।୧୧(ସମିସ): ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକରେ ଗତ ମେ ମାସରେ ପ୍ରେମ ବିବାହ କରିଥିବା ଗୋଟିଏ ଝିଅର ସମ୍ପର୍କୀୟମାନେ ସାମୂହିକ ଭାବରେ ମୁଣ୍ଡନ ହେବା ଘଟଣା ଓ ତାପରେ ପ୍ରଶାସନ ଦେଇଥିବା ପ୍ରତିଶୃତି ପାଳନ ନ କରିବା ଘଟଣାରେ ଆଜି ଦିବ୍ୟାଙ୍ଗ ଦମ୍ପତି ରାୟଗଡା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀଙ୍କ ଅଧକ୍ଷତାରେ ହେଉଥିବା ଯୁଗ୍ମ ଅଭିଯୋଗ ପ୍ରକୋଷ୍ଠକୁ ଆସିଥିଲେ। କିନ୍ତୁ ପ୍ରଶାସନିକ ଅଧିକାରୀମାନେ ଜିଲ୍ଲାପାଳଙ୍କୁ ଭେଟିବାକୁ ଦେଇନଥିବା ଭଳି ସାଂଘାତିକ ଅଭିଯୋଗ ଆଣିଛନ୍ତି ଖୋଦ ଦିବ୍ୟାଙ୍ଗ ଦମ୍ପତି। ଦିବ୍ୟାଙ୍ଗ ରମେଶ ନାୟକ ଅଭିଯୋଗ କରିଛନ୍ତି ଯେ, ପ୍ରଶାସନିକ ଅଧିକାରୀମାନେ ଗ୍ରାମକୁ ଆସି ଉଭୟ ଦିବ୍ୟାଙ୍ଗ ଥିବାରୁ ଗୋଟିଏ ଇ-ରିକ୍ସା, ସରକାରୀ ଯୋଜନାରେ ଦୋକାନ, ତାଙ୍କ ଗ୍ରାମକୁ ସିସି ରୋଡ ଏବଂ ସେମାନଙ୍କୁ ରାସନ କାର୍ଡ କରାଇ ଦେବା ପାଇଁ ପ୍ରତିଶୃତି ଦେଇଥିଲେ। କିନ୍ତୁ ସେମାନେ ବାହା ହେବାର ପାଖାପାଖି ୭ମାସ ବିତିଯାଇଥିଲେ ସୁଦ୍ଧା କୌଣସି ପ୍ରତିଶୃତି ପାଳନ କରାଯାଇନାହିଁ ବୋଲି ଆଜି ଗଣମାଧ୍ୟମ ଆଗରେ କ୍ଷୋଭର ସହ ପ୍ରକାଶ କରିଛନ୍ତି ଦିବ୍ୟାଙ୍ଗ ଦମ୍ପତି । ଗତ ଜୁନ ମାସରେ ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକରେ ଘଟିଥିବା ଏକ ଅଭାବନୀୟ ଘଟଣାରେ ପ୍ରେମ ବିବାହ କରିଥିବା ଗୋଟିଏ ଝିଅର ସମ୍ପର୍କୀୟ ମାନେ ସାମୁହିକ ଭାବରେ ମୁଣ୍ଡନ ହେବା ସହ ପ୍ରେମୀଯୁଗଳଙ୍କୁ ସାମାଜିକ ବାସନ୍ଦ କରିଥିଲେ। ଏହି ଘଟଣା ଯେତେବେଳେ ସ୍ଥାନୀୟ ଗଣମାଧ୍ୟମରେ ପ୍ରକାଶିତ ହେଲା ତା ପରଦିନ ରାୟଗଡା ଜିଲ୍ଲାରେ ଅନ୍ଧବିଶ୍ୱାସ ଏବଂ କୁସଂସ୍କାରକୁ ଜାତୀୟ ଓ ଅନ୍ତର୍ଜାତୀୟ ଗଣମାଧ୍ୟମକୁ ଚର୍ଚ୍ଚାର ଖୋରାକ ଯୋଗାଇଥିଲା। ଏହି ଘଟଣାକୁ ନେଇ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ରାୟଗଡା ଉପଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା ଓ ଅନ୍ୟାନ୍ୟ ବିଭାଗିୟ ଅଧିକାରୀଙ୍କୁ ନେଇ ଉକ୍ତ ଗ୍ରାମରେ ପହଞ୍ଚି ପ୍ରେମୀଯୁଗଳଙ୍କୁ ଗ୍ରାମରେ ରହିବା ପାଇଁ କହିବା ସହ ସେମାନଙ୍କୁ ସମସ୍ତ ସରକାରୀ ସହାୟତା ଯୋଗାଇଦେବା ପାଇଁ ପ୍ରତିଶୃତି ଦେଇ ଆସିଥିଲେ।



# ପଞ୍ଚାଲି ଗାଁରେ ଇଣ୍ଟରନେଟ୍ ସେବା ଯୋଗାଇବାକୁ ଦାବି

ରାୟଗଡ଼ା,୪।୧୧(ସମିସ): ଡିଜିଟାଲ ଦୁନିଆରେ ସମସ୍ତଙ୍କ ହାତରେ ମୋବାଇଲ ଫୋନ୍ ରହିଛି। ଯେଉଁ ଗାଁରେ ନେଟୱାର୍କ ସୁବିଧା ରହିଛି, ଉକ୍ତ ଗାଁଗୁଡିକରେ ସମସ୍ତ ସରକାରୀ ସେବା ସହ ଜରୁରୀକାଳନୀ ସେବା କ୍ଷେତ୍ରରେ ଯଥା ସମ୍ଭବ ସହାୟତା ମଧ୍ୟ ମିଳି ପାରୁଛି। ଫଳରେ ଗାଁଗୁଡିକର ବିକାଶ ହୋଇପାରୁଛି। କିନ୍ତୁ ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ୍ ଶଙ୍କରଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ପଞ୍ଚାଳୀ ଗ୍ରାମରେ ଆଜି ବି ନେଟୱାର୍କ ସେବା ଉପଲବ୍ଧ ହୋଇ ନ ଥିବାରୁ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଁରେ ଏକ ମୋବାଇଲ ଟାୱାର ସ୍ଥାପନା ନିମନ୍ତେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ଗ୍ରାମବାସୀ। ନେଟୱାର୍କ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ପ୍ରତିଶୃତି ଦେଇଥିବା ଗ୍ରାମବାସୀ କହିଛନ୍ତି। ଫଚାଲି ଗ୍ରାମରେ ଦୁଇ ହଜାରରୁ ଅଧିକ ଲୋକସଂଖ୍ୟା ରହିଛି। ଗାଁରେ ପ୍ରାଥମିକ ଓ ଉଚ୍ଚ ପ୍ରାଥିମକ ବିଦ୍ୟାଳୟ ରହିଥିବା ବେଳେ ଗାଁର ଅନେକ ଛାତ୍ରଛାତ୍ରୀ ତଥା ଶିକ୍ଷିତ ଯୁବକଯୁବତୀ ଓ ଅନ୍ୟ ଲୋକେ ନେଟୱାର୍କ ପହଞ୍ଚି ପାରୁ ନ ଥିବାରୁ ଡିଜିଟାଲ ପ୍ଲାଟଫର୍ମର ବ୍ୟବହାର କରି ପାରୁନାହାନ୍ତି ଏବଂ ଜରୁରୀକାଳନୀ କ୍ଷେତ୍ରରେ ଅତି ଆବଶ୍ୟକୀୟ ୧୦୮ ଆମ୍ବୁଲାନ୍ସ କିମ୍ବା ପୁଲିସ ସେବା ପାଇପାରୁ ନାହାନ୍ତି। ଫଳରେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଇଣ୍ଟରନେଟ ସେବା ଉପଲବ୍ଧ ନିମନ୍ତେ ଏକ ମୋବାଇଲ ଟାୱାର ସ୍ଥାପନା କରିବାକୁ ଗ୍ରାମର ଚନ୍ଦ୍ରଶେଖର ଖୁରା, ଦିବାକର ଗରଡା, ଜତିନ୍ଦ୍ର ଖରା, ବୁଦ୍ଧଦେବ ଗରଡା, ଲୋକନାଥ ଗରଡାଙ୍କ ସମେତ ଅନ୍ୟମାନେ ଦାବି କରିଛନ୍ତି।

# ସୁପରଭାଇଜରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



କୁନ୍ଦୁରା,୪।୧୧(ସମିସ): ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ କାର୍ଯ୍ୟରତ ଫିଲ୍ଡ ସୁପରଭାଇଜର ରଞ୍ଜିତ କୁମାର ମାଲାକାରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଚୌଧୁରୀ ଚନ୍ଦ୍ରଶେଖର ଯାଦବଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଗଣେଶ ପ୍ରସାଦ ଦାସ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆୟୁଷ ଡାକ୍ତର ସୁଧାଂଶୁ ମହାପାତ୍ର, ଫାର୍ମାସିଷ୍ଟ ଜିତେନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀ ମାଲାକାର ୨୦୧୨ ମସିହା ଠାରୁ ଦିଗାପୁର ସେକ୍ଟରରେ କାର୍ଯ୍ୟରତ ଥିଲେ । ୧୯୮୭ ରେ ଚାକିରି ଜୀବନ ଆରମ୍ଭ କରିଥିଲେ। ଅକ୍ଟୋବର ୩୧ ରେ ସେ ଅବସର ଗ୍ରହଣ କରିଛନ୍ତି । ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ଓ ସେକ୍ଟର ପକ୍ଷରୁ ଉପହାର, ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ସେ ନିଜ ସହକର୍ମୀଙ୍କ ଗହଣରେ ଦିଗାପୁର ସେକ୍ଟର ଅଞ୍ଚଳରେ କାର୍ଯ୍ୟକାଳ ସମୟର ଅନୁଭୂତି ଗୁଡିକୁ କହିଥିଲେ। ଅୟୋଜିତ ଏହି ସଭାରେ ସମସ୍ତ ଏଏନ୍ଏମ୍, ସ୍ୱାସ୍ଥ୍ୟକର୍ମୀ ଓ ଆଶା କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

# ରାଧାକୃଷ୍ଣ ମନ୍ଦିରରେ ୨୪ ପ୍ରହର ନାମଯଜ୍ଞ

ରାୟଗଡ଼ା, ୪।୧୧(ସମିସ): ରାୟଗଡ଼ା ସହରର ଖେତାନୀଂଜି ଡୋଟା ସ୍ଥିତ ରାଧାକୃଷ୍ଣ ମନ୍ଦିରରେ ଶ୍ୱେତସଂଘ ପ୍ରାଙ୍ଗଣରେ ୪୪ତମ ଉତ୍ସବ ପାଳିତ ହେଉଛି। କାର୍ତିକ ପୂର୍ଣ୍ଣିମା ଅବସରରେ ଅଖଣ୍ଡ ନାମ ସଂକୀର୍ତ୍ତନ, ୨୪ପ୍ରହର ନାମଯଜ୍ଞ ହେଉଛି। ଗତ ୨ତାରିଖରେ ଅଧିବାସ,୩ରେ ସଂକୀର୍ତନ ଆରମ୍ଭ ହୋଇଥିବା ବେଳେ ଏହା ଆସନ୍ତା ୬ତାରିଖ ସକାଳେ ନାମ ସମାପ୍ତି କରାଯାଇ ନଗର ପରିକ୍ରମା ମଧ୍ୟରେ ନଦୀରେ ବିସର୍ଜନ କରାଯିବାର କାର୍ଯ୍ୟକ୍ରମ ରହିଥିବା ଆୟୋଜକ ମଣ୍ଡଳି ତଥା ପୂଜା କମିଟିର ବରିଷ୍ଠ କାର୍ଯ୍ୟକର୍ତା ବସନ୍ତ କୁମାର ଜେନା ପ୍ରକାଶ କରିଛନ୍ତି। ନାମ ସଂକୀତନ ଦେଖିବା ପାଇଁ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ପ୍ରବଳ ଭିଡ ଦେଖିବାକୁ ମିଳିଛି। ପୂଜା କମିଟି ପକ୍ଷରୁ ତିନି ଦିନ ଧରି ଅନ୍ନପ୍ରସାଦ ଭୋଗ ବଣ୍ଟନ ହେଉଥିବାରୁ ଏଠାରେ ଅଧିକ ଜନସମାଗମ ହେଉଥିବା ପରିଲକ୍ଷିତ ହୋଇଛି।

# ରାସ୍ତା ଅବସ୍ଥା ଶୋଚନୀୟ; ଗୁହାରି କଲେ ବି ମିଳୁନି ସୁଫଳ

ମାଥିଲି,୪।୧୧(ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ମେକ୍କା ଗ୍ରାମପଞ୍ଚାୟତକୁ ଯିବାକୁ ହେଲେ ଦାମାପାଡା, କୁପୁଲିଗୁଡା, ମାଡ଼ିଗୁଡ଼ା ଦେଇ ମେକ୍କା ଯାଇହୁଏ। କିନ୍ତୁ ଏହି ରାସ୍ତାରେ ପ୍ରାୟ ବଡ଼ ବଡ଼ ଗାଡ଼ି ବାଲି ପରିବହନ କରୁଥିବାରୁ ଏହି ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି। ଯେଉଁଥି ପାଇ ଅତି ଆବଶ୍ୟକସ୍ଥଳେ ଆମ୍ବୁଲାନ୍ସ ମଧ୍ୟ ଯାଇ ପାରୁନାହି। କିଛି ଦିନ ଆଗରୁ ଏ ରାସ୍ତାରେ ଏ ଅଞ୍ଚଳର ଜନସାଧାରଣଙ୍କ ଗମନା ଗମନ ନିମନ୍ତେ ଏକ ଲକ୍ଷ୍ମୀ ବସ ଚଳାଚଳ କରୁଥିଲା। କିନ୍ତୁ ରାସ୍ତା ଦୟନୀୟ ହେବାରୁ ସେହି ବସ ମଧ୍ୟ ବର୍ତ୍ତମାନ ଆଉ ମେକ୍କାକୁ ଆସୁନାହିଁ। ଯଦ୍ୱାରା ଏହି ଅଞ୍ଚଳର ବାସିନ୍ଦା ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏ ସଂକ୍ରାନ୍ତରେ କିଛି ଯୁବକ ଏକତ୍ରିତ ହୋଇ ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ କୁ ବାରମ୍ବାର ଦାବି ଜଣାଇଲେ ମଧ୍ୟ କର୍ଣ୍ଣପାତ ଦେଉ ନାହାନ୍ତି। ଏନେଇ ଆଜି କିଛି ସ୍ଥାନୀୟ ଯୁବକ ଓ କିଛି ଗ୍ରାମବାସୀଙ୍କୁ ନେଇ ବିଜୁ ଜନତା ଦଳ ବ୍ଲକ ସଭାପତି ସଦାଶିବ ପୂଜାରୀ, ଭଗବାନ ଅନୁଗୁଳିଆ, ସୁଦେସ ପୂଜାରୀ, ରାମ ଚନ୍ଦ୍ର ଚାଲାଣ, ରାମ ଦୋରା ଓ ବୁଦ୍ରା ଦାସା ପ୍ରମୁଖ ରାସ୍ତା ମରାମତି କରିଛନ୍ତି। ଏହିପରି ଅସୁବିଧା ପାଇଁ ସଦାଶିବ ପୂଜାରୀ ବ୍ଲକ ପ୍ରଶାସନକୁ ଦାୟୀ କରିବା ସହିତ,ତୁରନ୍ତ ଏ ରାସ୍ତା ମରାମତି ପାଇଁ ବ୍ଲକ ପ୍ରଶାସନ ନିକଟରେ ଦାବି ରଖିବେ ବୋଲି ମତ ପ୍ରକାଶ କରିଛନ୍ତି।

# ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ସମବାୟ ବର୍ଷ ପାଳିତ

ରାୟଗଡ଼ା,୪।୧୧(ସମିସ ): ରାୟଗଡ଼ା ଉପନିବନ୍ଧକ ସମବାୟ ସମିତି ସମୂହ କାର୍ଯ୍ୟାଳୟର ସଭାଗୃହରେ ଆଜି ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ସମବାୟ ବର୍ଷ ପାଳିତ ହୋଇଯାଇଛି। ସମବାୟ ସମୂହ ଉପନିବନ୍ଧକ ଜନ୍ମେଜୟ ମହାପାତ୍ରଙ୍କ ଅଧ୍ୟକ୍ଷତା କରି ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏଥିରେ ସମବାୟ ବିଭାଗର ଯୁଗ୍ମ ନିବନ୍ଧକ ବିଶ୍ୱ ରଞ୍ଜନ ଦାସ, ସମବାୟ ସମିତି ଗୁଣପୁରର ସହକାରୀ ଅଧିକାରୀ ନିବନ୍ଧକ ମିତ୍ରଭାନୁ ବିଶ୍ୱାଳ, ସହକାରୀ ମହାପ୍ରବନ୍ଧକ କୌଳାସ ଜାନି ପ୍ରମୁଖ ଯୋଗ ଦେଇଥିଲେ। ଆଲୋଚନା ଚକ୍ରରେ ସମବାୟ ସମୀକ୍ଷା, ଆଦର୍ଶ ମଣ୍ଡି ସ୍ଥାପନା, ସିଏସସି କାର୍ଯ୍ୟକ୍ଷମତା ଏବଂ ପରିଚାଳନା କମିଟି କର୍ତ୍ତବ୍ୟ ଓ ଦାୟିତ୍ୱ ବିଷୟରେ ଆଲୋଚନା ହୋଇଥିଲା। ଏହି ଆଲୋଚନା ଚକ୍ରରେ ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ, ସମିତି ସଭାପତି ଓ ସଦସ୍ୟମାନେ ଅଂଶ ଗ୍ରହଣ କରିଥିଲେ। ଉପସହକାରୀ ନିବନ୍ଧକ ଭବାନୀ ଶଙ୍କର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର

ଖଇରପୁଟ, ୪।୧୧ (ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ ସଦର ଆଶ୍ରମ ବିଦ୍ୟାଳୟଠାରେ ବ୍ଲକ୍ ପ୍ରଶାସନ ଦ୍ୱାରା ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ୨୦୨୫-୨୬ କାର୍ଯ୍ୟକ୍ରମ ମଙ୍ଗଳବାର ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ୍‌ର ବିଭିନ୍ନ କୋଣ ଅନୁକୋଣରେ ଥିବା ବିଭିନ୍ନ ପ୍ରକାର ଦିବ୍ୟଙ୍ଗ ମାନଙ୍କୁ ଚିହ୍ନଟ କରାଯିବ, ସେମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ କରାଯିବ। ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଉମାଶଙ୍କର କୋୟା, ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଘ୍ନ କିର୍ଶନୀ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସମ୍ବିତ କୁମାର ଦାସ,ସ୍ଥାନୀୟ ବିଧାୟକ ପ୍ରତିନିଧି ନିର କୁମାର ରାଜୁ, ସାଂସଦ ପ୍ରତିନିଧି ସିଦ୍ଧାର୍ଥ ଶଙ୍କର ରଥ (ସାନୁ ), ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିଲୀପ କୁମାର ଗଣ୍ଡ , ସମାଜସେବୀ ଆନନ୍ଦ ଚାର୍କି ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଜ୍ୟୋତି ରଞ୍ଜନ ସେଠୀ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ରେ ମଧ୍ୟାହ୍ନରେ ଲୋକଙ୍କ ପାଇଁ ଖାଇବାର ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ଏଥିରେ ୨୦୬ ଜଣ ଚଳନରେ ଅସମର୍ଥ , ଚିକିତ୍ସା ବାଧକ ୪୮, ଦୃଷ୍ଟି ବାଧକ ୫୯ ଜଣ, ଶ୍ରବଣ ଓ କଥନ ବାଧକ ୧୧୧ ଜଣ, ମାନସିକ ଅନଗ୍ରସର୨୮ ଜଣଙ୍କ ସମେତ ମୋଟ ୪୫୨ ଜଣ ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇଁ ନାମ ପଞ୍ଜିକରଣ କରିଥିଲେ।

## ଜଣେ ଶିକ୍ଷକରେ ଚାଲିଛି ମୁର୍ଯ୍ୟାଛୁଆଁ ବିଦ୍ୟାଳୟ

# ସରକାରଙ୍କ ବଦଳି ନିୟମକୁ ମାନୁନାହାନ୍ତି ଶିକ୍ଷକ

ବୈପାରୀଗୁଡା,୪।୧୧(ସମିସ): ଶିକ୍ଷା ବିଭାଗର ବିକଳ ଚିତ୍ର। ସରକାରୀଙ୍କ ବଦଳି ନିୟମକୁ ମାନୁନାହାନ୍ତି ଶିକ୍ଷକ। ଜଣେ ଶିକ୍ଷକ ଭରସାରେ ଚାଲିଛି ବିଦ୍ୟାଳୟ। ଗ୍ରାମାଞ୍ଚଳର ଶିକ୍ଷର ବିକାଶ ପାଇଁ ୬ ରୁ ୧୪ ବର୍ଷର ସବୁ ବର୍ଗର ପିଲା ସରକାରୀ ବିଦ୍ୟାଳୟ ଗୁଡିକରେ ମାଗଣାରେ ଶିକ୍ଷା ଗ୍ରହଣ କରିବାର ବ୍ୟବସ୍ଥା ସରକାର କରିଛନ୍ତି। ସରକାରୀ ସ୍କୁଲ ଗୁଡିକରେ ଶିକ୍ଷାର ବିକାଶ ନିମନ୍ତେ ରାଜ୍ୟ ସରକାର ସରକାରୀ ସ୍କୁଲ ଗୁଡିକର ଭିତ୍ତିଭୂମି ସଜାଡିବା ସହିତ ପ୍ରତି ପିଲାଙ୍କ ସାମହିକ ବିକାଶ ଚିନ୍ତା କରୁଛନ୍ତି । କିନ୍ତୁ ଏପଟେ ସରକାରୀ ବିଦ୍ୟାଳୟ ଗୁଡିକରେ ଶିକ୍ଷକ ଅଭାବ ଯୋଗୁଁ ଶିକ୍ଷାର ମାନ ଦିନକୁ ଦିନ ବିପର୍ଯ୍ୟସ୍ତ ହୋଇ ପଡୁଥିବା ଦେଖିବାକୁ ମିଳିଛି। କେବଳ ଜଣେ ଶିକ୍ଷକରେ ବିଦ୍ୟାଳୟ ଚାଲିଛି । ଏଭଳି ଚିତ୍ର ବୈପାରୀଗୁଡା ବ୍ଲକ ହଳଦୀକୁଣ୍ଡ କଷ୍ଟର ଅଧିନସ୍ଥ ମୁର୍ଯ୍ୟଛୁଆଁ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ମୁର୍ଯ୍ୟଛୁଆଁ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁଁ ଆଜି ଏହି ବିଦ୍ୟାଳୟରେ ବର୍ତ୍ତମାନ ପାଠ ପଢୁଥିବା ପ୍ରଥମରୁ ପଞ୍ଚମ ଶ୍ରେଣୀ ପିଲାଙ୍କ ଭବିଷ୍ୟତ ଅନ୍ଧାର ଆଡକୁ ଯାଉଛି ବୋଲି ଅଭିଭାବକ ମାନେ ଆଲୋଚନା କରୁଛନ୍ତି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋଦାଧର ସାହଙ୍କ କହିବା ଅନୁଯାୟୀ, ମୋଟ ୪୨ଟି ପିଲାଙ୍କ ପାଇଁ ଜଣେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଓ ଜଣେ ଶିକ୍ଷୟିତ୍ରୀ ଥିଲେ। ଗତମାସ ୧୩ ତାରିଖ ଦିନ ଶିକ୍ଷୟିତ୍ରୀ ଆରତି ସେଠୀଙ୍କ ପବ୍ଲିଗୁଡା ବିଦ୍ୟାଳୟକୁ ବଦଳି ହୋଇଯାଇଛି। କିନ୍ତୁ ତାଙ୍କ ବଦଳରେ କୁରପଦର ବିଦ୍ୟାଳୟ ଶିକ୍ଷକ ସନୁ ନାୟକଙ୍କୁ ମୁର୍ଯ୍ୟଛୁଆଁ ପ୍ରାଥମିକ ବିଦ୍ୟାଳୟକୁ ବଦଳି ହୋଇଥିଲେ ସୁଦ୍ଧା ସେ ବିଦ୍ୟାଳୟରେ ଯୋଗ ଦେଇନାହାନ୍ତି। ଫଳରେ ମୁର୍ଯ୍ୟଛୁଆଁ ପ୍ରାଥମିକ ବିଦ୍ୟାଳୟରେ ଜଣେ ଶିକ୍ଷକଙ୍କ ପଦବୀ ଖାଲି ପଡିଛି । ଶିକ୍ଷା ଦାନରେ ଅସୁବିଧା ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଏନେଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁକାନ୍ତି କର୍ତ୍ତାମୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଶିକ୍ଷା ବିଭାଗର ବଦଳି ନିର୍ଦ୍ଦେଶ ପରେ ମଧ୍ୟ ନିଜ କାର୍ଯ୍ୟରେ ଅବହେଳା କରିଥିବା ଯୋଗୁଁ ସମ୍ପୃକ୍ତ ଶିକ୍ଷକଙ୍କ ଦରମା ବନ୍ଦ କରାଯାଇଛି । ଅପରପକ୍ଷେ ଶିକ୍ଷକ ସନୁ ନାୟକଙ୍କୁ ପଚାରିବାରେ କୁରୁପଦାର ଅଞ୍ଚଳରେ ବିଏଲଓ ଡ୍ୟୁଟିରେ ଥିବା ଯୋଗୁଁ ମୁର୍ଯ୍ୟାଛୁଆଁ ବିଦ୍ୟାଳୟରେ ଯୋଗ ଦେଇନାହିଁ ବୋଲି କହିଛନ୍ତି।



# ଜେଜେବାପା ଓ ଜେଜେମାଆ ଦିବସ ପାଳିତ

ରାୟଗଡ଼ା,୪।୧୧(ସମିସ): ରାୟଗଡା ସହରର ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ ଠାରେ ବଚପନ୍ ଓ ଏକାଡେମୀକ୍ ହାଇଟ୍ସ ବିଦ୍ୟାଳୟରେ ଜେଜେବାପା ଓ ଜେଜେମାଆ ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମଟି ବିଦ୍ୟାଳୟର ପ୍ଲେ ଶ୍ରେଣୀରୁ ତୃତୀୟ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀଙ୍କ ଜେଜେବାପା ଜେଜେମାଆ ଓ ଅଜାଆଇଙ୍କ ନିମନ୍ତେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମ ମାଧ୍ୟମରେ ଘରର ଗୁରୁଜନଙ୍କୁ ତାଙ୍କ ନାତି ନାତୁଣୀ ମାନଙ୍କୁ ପ୍ରତିପାଳନ କରିବା ସହ ଏକ ସ୍ୱତନ୍ତ୍ର ବାତାବରଣର ଅନୁଭୂତି ଦେବାର ଏକ ପ୍ରୟାସ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ସ୍ଥାନୀୟ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀମତୀ ଅସୀମା ରାଓ ଯୋଗ ଦେଇଥିଲେ। ଶିକ୍ଷାବିତ୍ ଡ. ଦୁଷ୍ମନ୍ତ କୁମାର ମହାନ୍ତି ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ବିଦ୍ୟାଳୟର ସଭାପତି ଅଶ୍ୱିନ କୁମାର ଦାସ , ନିର୍ଦ୍ଦେଶିକା ଶ୍ରୀମତୀ ସୁଶ୍ରିତା ଦାସ ଓ ପ୍ରଧାନଶିକ୍ଷକ ଲାଡ଼ି ନାରାୟଣ ମୂର୍ତ୍ତି ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ମଞ୍ଚାସୀନ ଅତିଥିଙ୍କ ପରିଚୟ ଓ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଉପ ପ୍ରଧାନ ଶିକ୍ଷକ ଶ୍ରୀଧର ମହାପାତ୍ର ପରିଚାଳନା କରିଥିଲେ। ସଭାପତିଙ୍କ ପିତା ଡ଼. ଦୁଃଖିଶ୍ୟାମ ଦାସ ଓ ମାତା ଶ୍ରୀମତୀ ଅଳକା ଦାସଙ୍କୁ ତାଙ୍କ ନାତୁଣୀ ମାନଙ୍କୁ ପ୍ରତିପାଳନ କରିବା, ସ୍ୱତନ୍ତ୍ର ଯତ୍ନ ନିମନ୍ତେ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ନୃତ୍ୟକୁ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିଲ୍ପାରାଣୀ ଜେନା, ସୁଶ୍ରୀ ସୁଶ୍ରୀୟା , ଶ୍ରୀମତୀ ରୁପଲ୍ , ସୁଶ୍ରୀ ମୋନିକା "ଶ୍ରୀମତୀ ଶାନ୍ତି ଶିଖାଇଥିବା ବେଳେ ସମସ୍ତ ବଚପନ୍ ବିଭାଗର ଶିକ୍ଷୟିତ୍ରୀ ନୃତ୍ୟ ଅଭ୍ୟାସ କରାଇଥିଲେ। ଦ୍ୱିତୀୟ ଶ୍ରେଣୀ ଛାତ୍ରୀ ସୋନାକ୍ଷି ପ୍ରଧାନଙ୍କ ଗୀତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ପ୍ରଥମ ଶ୍ରେଣୀରେ ଛାତ୍ର ଆଦ୍ରିକ ମହାନ୍ତି ,ବଚପନ୍ ବିଭାଗ ର ଛାତ୍ର ସମ୍ବିତ ଛୁଆଲସିଂ ଓ ଦେବିକ ମହାପାତ୍ର ଭାଷଣ ଆକର୍ଷଣୀୟ ହୋଇଥିଲା। ପୁରୁଷ ଓ ମହିଳା ମାନଙ୍କ ନିମନ୍ତେ ସ୍ୱତନ୍ତ୍ର ପ୍ରତିଯୋଗୀତାମାନ ଆୟୋଜିତ ହୋଇଥିଲା । ସମସ୍ତ ପୁରସ୍କାର ବିତରଣ ଆୟୋଜନ ଓ ମଞ୍ଚ ସାଜସଜ୍ଜା ଅନିତା ଦାସ , ସୁଜାତା ପଣ୍ଡା ଓ ସୁଶ୍ରୀ ଇତିଶ୍ରୀ ଦିଶାରିଙ୍କ ଦ୍ୱାରା ହୋଇଥିଲା। କେ ଶିଶି ମୋଲ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରିଥିଲେ। ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମର ପରିଚାଳନା ନିତୁ ପାଣ୍ଡେ ଓ ରୂପଲଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା ।



# ତାଲପାଲିରେ ହରିହର ଭେଟ ମହୋତ୍ସବ



ଗାଇସିଲେଟ, ୪।୧୧(ସମିସ): ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ଅଧୀନ ତାଲପାଲି ଗାଁରେ ପବିତ୍ର କାର୍ତ୍ତିକ ଚତୁର୍ଦ୍ଦଶୀ ଦିନ ହରିହର ଭେଟ ମହାସମାରୋହରେ ଉଦ୍‌ଯାପିତ ହୋଇଛି। ଗାଁ ସାରା ଭକ୍ତିମୟ ପରିବେଶ ମଧ୍ୟରେ ହରିହରଙ୍କ ମିଳନ ଉତ୍ସବ ଦେଖିବାକୁ ହଜାର ହଜାର ଭକ୍ତ ଜମା ହୋଇଥିଲେ। ପ୍ରଭାତରୁ ଗାଁରେ ଭଜନକୀର୍ତ୍ତନ, ଢୋଲ ମୃଦଙ୍ଗ ଓ ଶଙ୍ଖ ଧ୍ୱନିରେ ଧାର୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସନ୍ଧ୍ୟାରେ ଗାଁ ଜଗନ୍ନାଥ ମନ୍ଦିରରୁ ପ୍ରଭୁ ରାଇଦାମୋଦରଙ୍କୁ ସୁସଜ୍ଜିତ ରଥରେ ବସାଇ ପରିକ୍ରମା ହୋଇଥିଲା। ସେହିପରି ଶିବାଳୟରୁ ଭଗବାନ ହରଗୌରୀଙ୍କୁ ବାହାର କରାଯାଇଥିଲା। ଗାଁ ମଧ୍ୟରେ ଏକ ବଟବୃକ୍ଷ ତଳେ ହରିହର ଭେଟ ହୋଇଥିଲା ଭେଟ ପରେ ଦୁଇ ଦେବତାଙ୍କୁ ପୁଣି ନିଜ ନିଜ ମନ୍ଦିରକୁ ଅଣାଯାଇ ରୀତିନୀତିରେ ପୂଜାର୍ଚ୍ଚନା କରାଯାଇଥିଲା। ଗାଁର ଗୌନ୍ତିଆ ମନୋରଞ୍ଜନ ସାହୁ ଓ ତାଙ୍କ ଧର୍ମପତ୍ନୀ ବବିତା ସାହୁ ପୂଜାରେ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପୂଜାପାଠ ଓ ବିଧିବିଧାନରେ ପୂଜକ ରୁଦ୍ରମଣି ଦାଶ ଓ ତପିରାଜ ମହାପାତ୍ର ସହଯୋଗ କରିଥିଲେ। ଏହି ହରିହର ଭେଟ ପାଳନ ଗାଁର ପୁରାତନ ପରମ୍ପରା ଅଟେ। ପ୍ରତିବର୍ଷ ଏହି ଅବସରରେ ଭଗବାନ ଜଗନ୍ନାଥ ଓ ଭଗବାନ ଶିବଙ୍କ ମିଳନ ରୀତି ଦେଖିବା ପାଇଁ ଦୂରଦୂରାନ୍ତରୁ ଭକ୍ତମାନେ ଆସନ୍ତି। ଏହି ଦିନ ହରିହର ଭେଟ ଦେଖିଲେ ଜୀବନରେ ଶାନ୍ତି ଓ ସମୃଦ୍ଧି ଆସେ ବୋଲି ଲୋକଙ୍କ ମଧ୍ୟରେ ମାନ୍ୟତା ରହିଛି।

**ବନ୍ଦଲା ଗାଁ ବାଲିଯାତ୍ରା**

# ବାଲିରେ ଦର୍ଶନ ଦିଅନ୍ତି ବାବା ବାଲୁଙ୍କେଶ୍ୱର

ବରଗଡ଼, ୪।୧୧(ସମିସ)

ପ୍ରାକୃତିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ଭାବର ମହାମିଳନର ଜିଲ୍ଲା ହେଉଛି ବରଗଡ଼। ଏହି ଜିଲ୍ଲାର ପ୍ରସିଦ୍ଧ ଧନୁଯାତ୍ରା, ଶ୍ରୀ ଦଧିବାମନ ମହାପ୍ରଭୁଙ୍କ ରଥଯାତ୍ରା, ବରପାଲିର ଶୀତଳଷଷ୍ଠୀ, ନୃସିଂହନାଥର ବୈଶାଖ ମେଳା, ଅଷ୍ଟଶମ୍ଭୁର ଶୈବ ଆରାଧନା ଓ ସୋହେଲାର ଦଶହରା ରାବଣପୋଡି ଅନନ୍ୟ ଅଟେ। ସେହିପରି ଜିଲ୍ଲାର ଅନେକ ଗାଁରେ ଅନୁଷ୍ଠିତ ଯାନିଯାତ୍ରାର ମଧ୍ୟ ସ୍ୱତନ୍ତ୍ର ପରିଚୟ ରହିଛି। ଏହି କ୍ରମରେ ବନ୍ଦଲା ଗାଁର ବାଲିଯାତ୍ରା ଏକ ନିଆରା ଯାତ୍ରା ଅଟେ। ସୋହେଲା ବରପାଲି ଜଗନ୍ନାଥ ରୋଡରେ ସୋହେଲାରୁ ୬ କିମି ତଥା ବରପାଲିରୁ ୧୬ କିମି ଦୂରରେ ଏହି ଗାଁ ଅବସ୍ଥିତ। ଗାଁର ପୂର୍ବ ଦିଗରେ ରାଞ୍ଜି ନଦୀ ରହିଛି। ପ୍ରତିବର୍ଷ ଏହି ନଦୀ କୂଳରେ ବାଲି ତିଆରି ଲିଙ୍ଗରେ ପୂଜା ପାଆନ୍ତି ବାବା ବାଲୁଙ୍କେଶ୍ୱର। କାର୍ତ୍ତିକ ମାସ ଦଶମୀରୁ ପୂର୍ଣ୍ଣିମା ପଞ୍ଚକ ସମୟରେ ଶିବ ଓ ଶକ୍ତି ବାଲୁକା ଲିଙ୍ଗ ପୂଜା ମହା ସମାରୋହରେ ପାଳିତ ହୋଇ ଆସୁଛି। ପାଖାପାଖି ୨୦୦ ବର୍ଷ ହେଲା ଏହି ପୂଜା ହୋଇ ଆସୁଛି।

୧୮୦୦ ମସିହାରେ ଦଶହରା ପୂର୍ଣ୍ଣିମା ଦିନ ଗାଁର ଭୂବନ ଭୋଇଙ୍କୁ ସ୍ୱପ୍ନାଦେଶ ହୋଇଥିଲା। ଏହି ସ୍ୱପ୍ନରେ ସେ ଗ୍ରାମବାସୀଙ୍କ ସହ ରାଞ୍ଜି ନଦୀକୁଳରେ ପୂଜା କର୍ତ୍ତା ଭାବେ ତାଙ୍କ ସ୍ତ୍ରୀ କୋଇଲି ଭୋଇଙ୍କ ସହ ବାଲି ଲିଙ୍ଗ ପୂଜା କରି କୀର୍ତ୍ତନରେ ନାଚି ନାଚି ଗାଁକୁ ଫେରୁଥିଲେ। ସକାଳ ସମୟରେ ସେ ଗାଁର ତତ୍କାଳୀନ ଗୌନ୍ତିଆ ତଥା ଭଦ୍ର ବ୍ୟକ୍ତିଙ୍କୁ ଏକଥା କହିବାପରେ ସମସ୍ତେ ଗାଁ ନଦୀ କୂଳରେ ପୂଜା ଆରମ୍ଭ କରିବା ସହ ମନ୍ଦିର ନିର୍ମାଣର ଯୋଜନା କରିଥିଲେ। କାଳକ୍ରମେ ଏହି ପୂଜା ଅଞ୍ଚଳର ଏକ ଯାତ୍ରାରେ ପରିଣତ ହୋଇଛି।



ଶ୍ରୀ ଚୈତନ୍ୟ ପୁରୀରୁ ବୃନ୍ଦାବନ ଯିବା ସମୟରେ ଏହି ନଦୀ କୂଳରେ ଅବସ୍ଥାନ କରିଥିବା ଅନୁମାନ କରାଯାଏ। କାର୍ତ୍ତିକ ଦଶମୀରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏହି ପୂଜା ପାଇଁ ସାରା ଗାଁ ଓ ଆଖପାଖ ଅଞ୍ଚଳ ଚଳଚଞ୍ଚଳ ହୋଇଉଠେ। ଦୀପାବଳୀର ପୂର୍ବଦିନ ଗାଁର ମଧ୍ୟଭାଗ ଓ ନଦୀ କୂଳରେ ଶୁଭସ୍ତମ୍ଭ ଓ ଧ୍ୱଜା ଲଗା ଯାଇଥାଏ। କାର୍ତ୍ତିକ ନବମୀରୁ ପୂଜାର ପ୍ରସ୍ତୁତି ଗାଁବାସୀ କରିଥାନ୍ତି। ଦଶମୀ ଦିନ ସକାଳେ କର୍ତ୍ତା ଓ ଗାଁବାସୀଙ୍କ ଉପସ୍ଥିତିରେ ବାଲି ଲିଙ୍ଗ ପୂଜାରମ୍ଭ ହୋଇଥାଏ। ଅଁଳା ଚତୁର୍ଦ୍ଦଶୀ ଦିନ ସଂଧ୍ୟାରେ ଆଳତି ସହ ଭୋଗ ଲାଗି ହେବାପରେ ଭକ୍ତ ମାନେ ପ୍ରସାଦ ସେବନ କରିଥାନ୍ତି। ଏହାପରେ ପୂର୍ଣ୍ଣିମା ଦିନ ମହା ମୃତ୍ୟୁଞ୍ଜୟ ମନ୍ତ୍ର ଯଜ୍ଞ ଅନୁଷ୍ଠିତ ହୋଇଥାଏ। ସଂଧ୍ୟା ଆଳତି ପରେ ବାଲୁକା ଲିଙ୍ଗ, କଳସ, ଅଖଣ୍ଡ ଦୀପକୁ ନଦୀରେ ବିସର୍ଜନ କରା ଯାଇ ପୂଜା ସମାପିତ ହୋଇଥାଏ। ଭକ୍ତ ମାନେ କରିଥିବା ମାନସିକ ପୂରଣ ହେଲେ ବାବା ବାଲୁଙ୍କେଶ୍ୱରଙ୍କୁ ବେଲପତ୍ର, ଛିଟ କପଡ଼ା, ନଡିଆ, ଘଣ୍ଟ, ଶଙ୍ଖ, ଛତର ଅର୍ପଣ କରିଥାନ୍ତି। ଅନେକ ଅପୁତ୍ରିକ ଦମ୍ପତି ଏଠାରେ ମାନସିକ କରି ପୁତ୍ର ସନ୍ତାନ ଲାଭ କରିଥିବା ଯୋଗୁଁ ବହୁତ ଭିଡ ପରିଲକ୍ଷିତ ହୁଏ। ଏହି ଉପଲକ୍ଷେ ଗ୍ରାମବାସୀ ଗାଁ ସଫେଇ ସହ ପ୍ରତି ଘର ସମ୍ମୁଖରେ ଝୋଟି, ରଙ୍ଗୋଲୀ, ପୂର୍ଣ୍ଣ କଳସ ସ୍ଥାପନ କରିଥାନ୍ତି। ଦର୍ଶକ ମାନଙ୍କ ମନୋରଞ୍ଜନ ପାଇଁ କୀର୍ତ୍ତନ, ସଞ୍ଚାର, କବି ସମ୍ମିଳନୀ, ନୃତ୍ୟ ଗୀତ ନାଟକ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ପୂଜା କାର୍ଯ୍ୟର କର୍ତ୍ତା ଭାବେ ସ୍ୱର୍ଗତ ଭୂବନ ଭୋଇଙ୍କ ପରେ ପରାଗ ଭୋଇ, କାଶି ଭୋଇ ଏବେ ପଣନାତି ତପୋବନ୍ତ ଭୋଇ ଓ ଦେବୀପ୍ରସାଦ ଭୋଇ ଦାୟିତ୍ୱ ନିର୍ବାହ କରୁଛନ୍ତି। ପାଣିମୋରାର ନିରଞ୍ଜନ ଦେହୁରୀ ପୂଜକ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ସ୍ୱର୍ଗତ ଭୂବନ ଭୋଇ ଓ ତାଙ୍କ ସ୍ତ୍ରୀ ସ୍ୱର୍ଗତା କୋଇଲି ଭୋଇଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ବାଲିଯାତ୍ରା ଆଜି ଅଞ୍ଚଳର ଆଧ୍ୟାତ୍ମିକ ଓ ପର୍ଯ୍ୟଟନ ଦିଗରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବାରେ ସଫଳ ହୋଇଛି।

# ରେନବୋ କିଡ୍ସ ପ୍ଲେ ସ୍କୁଲ୍‌ର ଉଦ୍‌ଘାଟନ




ବରଗଡ଼, ୪।୧୧(ସମିସ): ରେନବୋ ପବ୍ଲିକ ସ୍କୁଲ୍ ପରିସରରେ କବ୍, ବୁଲବୁଲ, ସ୍କାଉଟ୍, ଗାଇଡ୍ ଏବଂ ବନି ୟୁନିଟ୍‌ର ଉଦ୍‌ଘାଟନ ସମାରୋହ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୋଟ ୮୦ କବ୍, ୭୨ ବୁଲବୁଲ, ୭୦ ସ୍କାଉଟ୍ ଏବଂ ୩୦ ବନି ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ତଥା ପ୍ରକୃତି ବନ୍ଧୁ ଡୋଲାମଣି ଶତପଥୀ, ପ୍ରଧାନଶିକ୍ଷକ ହିମାଂଶୁ ମେହେର ଏବଂ ସଚିବ ଚନ୍ଦନାରଥ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମଟି ସୁଦର୍ଶନ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସ୍ୱାଗତ ଭାଷଣ ମିସ୍ ମୋନାଲିସା ମିଶ୍ର ପ୍ରଦାନ କରିଥିଲେ। ଛାତ୍ର ଆୟାଂଶ ପଧାନ, ଅନଭି, ପ୍ରଜ୍ଞା ପରିମିତ ଏବଂ କ୍ଷିତିଜାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମସ୍ତ ଶିକ୍ଷକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଡୁମାଲ ପରିଷଦର ଜିଲ୍ଲାସ୍ତରୀୟ ବୈଠକ




ବରଗଡ଼, ୪।୧୧(ସମିସ): ବରଗଡ଼ ବ୍ଲକ ସରଳା କେନ୍ଦ୍ର ଅଧୀନ ବାଞ୍ଜିବାହାଲୀ ଗାଁରେ ବରଗଡ଼ ଜିଲ୍ଲା ଡୁମାଲ ପରିଷଦର ଜିଲ୍ଲା ସ୍ତରୀୟ ବୈଠକ ମଙ୍ଗଳବାର ଜିଲ୍ଲା ସଭାପତି ଗଣେଶ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଡୁମାଲ ପରିଷଦ ଓଡ଼ିଶାର ରାଜ୍ୟ ସଭାପତି ଦୟାସାଗର ମେଣ୍ଡଲୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ବୈଠକରେ ଡୁମାଲ ସମାଜର ସାମାଜିକ ଓ ସାଙ୍ଗଠନିକ କାର୍ଯ୍ୟକ୍ରମକୁ ସୁଦୃଢ଼ କରିବା ପାଇଁ ଆଲୋଚନା ହୋଇଥିଲା। ଗ୍ରାମ ସ୍ତରରେ କମିଟି ଗଠନ, ପରିବାର ପଞ୍ଜୀକରଣକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରସ୍ତାବ ପାରିତ ହୋଇଥିଲା। ରାଜ୍ୟସ୍ତରୀୟ ଡୁମାଲ ମହାସଭାର ଆୟୋଜନ ବରଗଡ଼ ଜିଲ୍ଲାରେ କରିବା ପାଇଁ ସଭ୍ୟମାନେ ମତାମତ ଦେଇଥିଲେ। ବରଗଡ଼ ସହର କେନ୍ଦ୍ରରେ ରହୁଥିବା ଡୁମାଲ ପରିବାରମାନଙ୍କ ପଞ୍ଜୀକରଣ ପାଇଁ ଗୁଣ ସିଣ୍ଟୁଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସରଳା କେନ୍ଦ୍ର ସଭାପତି କରମଚାନ୍ଦ ପ୍ରଧାନ, କେନ୍ଦ୍ର ସମ୍ପାଦକ ଦିଲୀପ ପ୍ରଧାନ, ଚକମହାକୁର, ବିପିନ ମହାକୁର, ଅବସରପ୍ରାପ୍ତ ଶିକ୍ଷକ ରଙ୍ଗମଣି କ୍ଷେତି, ଡାକ୍ତର ମହାକୁର, ଗମ୍ଭାରୀପାଲି କେନ୍ଦ୍ରରୁ ପ୍ରତୁଲ କର୍ଣ୍ଣ, ସମସ୍ତ କେନ୍ଦ୍ର ସଭାପତି ବୃନ୍ଦ ଓ ବାଞ୍ଜିବାହାଲୀ ଗାଁର ଜାତିଭାଇ ବୃନ୍ଦ ଉପସ୍ଥିତ ଥିଲେ। ସରଳା ଗାଁର ରୀତିଶା ପ୍ରଧାନ ମାଟ୍ରିକ ପରୀକ୍ଷାରେ ବରଗଡ଼ ଜିଲ୍ଲାରେ ସର୍ବୋଚ୍ଚ ନମ୍ବରରଖି ଉତ୍ତୀର୍ଣ୍ଣ ହୋଇଥିବାରୁ ଡୁମାଲ ସମାଜ ତରଫରୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା।

# ୪ ମାସ ଗଲାନି ପିଚୁ ରାସ୍ତା

ବିଜେପୁର, ୪।୧୧(ସମିସ): ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଜାଗିଂ ଗାଁର ପ୍ରସିଦ୍ଧ ବାଲିଯାତ୍ରା ଜମୁଥିବା ବେଳେ ରାସ୍ତା ଦୂରାବସ୍ଥା ଯୋଗୁଁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାତ୍ରା ଆଜି ଚତୁର୍ଥ ଦିନରେ ପହଞ୍ଚି ଥିବା ବେଳେ ଲୋକଙ୍କ ଭିଡ ଲାଗି ରହିଛି। ମନ୍ଦିର ପଡ଼ିଆରେ ଜଳନ୍ଧର ମହାରାଜଙ୍କ ଦରବାର ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। କିନ୍ତୁ ଜାଗିଂ ବଜାର ଠାରୁ ନଦୀ ପଟକୁ ଯାଇଥିବା ପ୍ରାୟ ୪ କୋଟି ଟଙ୍କା ବ୍ୟୟରେ ନିର୍ମିତ କଂକ୍ରିଟ ରାସ୍ତା କଦର୍ଯ୍ୟ ଅବସ୍ଥାରେ ରହିଛି। ରାସ୍ତା କାମ ନିମ୍ନ ମାନର ହୋଇଥିବାର ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଗାଁବାସୀ କହିଛନ୍ତି ଯେ ରାସ୍ତା ତିଆରି ହେବାର ୪ ମାସ ନ ପୂରୁଣୁ ମେଟାଲ ଉଠିଗଲାଣି। ପିଚୁ ରାସ୍ତା ପାର୍ଶ୍ୱରେ ମୋରମ୍ ବଦଳରେ ମାଟି ପକାଯାଇଛି। ତେଣୁ ଲୋକେ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି କହିଛନ୍ତି। ବିଭାଗୀୟ ଠିକାଦାର ତଥା ଦାୟିତ୍ୱରେ ଥିବା ଜୁନିୟର ଇଞ୍ଜିନିୟର ମଧୁସୂଦନ ଚୌଧୁରୀଙ୍କୁ ପଚରା ଯିବାରୁ ରାସ୍ତା କାମ ସମ୍ପୂର୍ଣ୍ଣ ହୋଇନି ଏବଂ ସମସ୍ୟା ଥିବା ସ୍ଥାନରେ ମରାମତି କରିବେ ବୋଲି କହିଛନ୍ତି। ଆରଡି ବିଭାଗର ଏହି ନିମ୍ନ ଧାରଣର କାମ ପାଇଁ ଜନ ଅସନ୍ତୋଷ ସୃଷ୍ଟି ହେଉଛି। ଉପରିସ୍ଥ ଅଧିକାରୀ ଦୃଷ୍ଟି ଦେଇ ଏହାର ସମାଧାନ ପାଇଁ ମତ ପ୍ରକାଶ ପାଇଛି।



# ଜାମସେଠ ଗାଁର ଯୁବକ ନିଖୋଜ



ପାଇକମାଳ, ୪।୧୧(ସମିସ): ବରଗଡ଼ ଜିଲ୍ଲା ପାଇକମାଳ ଥାନା ଜାମସେଠ ଗାଁର ଯଶୋଦା ମନିହାରାଙ୍କ ଏକମାତ୍ର ପୁଅ ଉମାକାନ୍ତ ମନିହାରା (୪୦) ଶୁକ୍ରବାର ଠାରୁ କେଉଁଆଡେ ଚାଲିଯାଇ ନିଖୋଜ ହୋଇଛନ୍ତି। ଉମାକାନ୍ତ ଜାମସେଠ ବସଷ୍ଟାଣ୍ଡ ନିକଟରେ ଏକ ଛୋଟିଆ ହୋଟେଲ ଖୋଲି ପରିବାର ଚଳାଉଥିଲେ। ଗତ ଶୁକ୍ରବାର ସେ ହୋଟେଲ ବନ୍ଦ କରି ଘରକୁ ଯାଇଥିଲେ। ଘରକୁ ଯାଇ ତାଙ୍କ ମା'ଙ୍କୁ ଚେରେଙ୍ଗାଝାଞ୍ଜି ନିକଟସ୍ଥ ମହାବନ୍ଦ ପୋଖରୀକୁ ଗାଧୋଇବାକୁ ଯାଉଥିବା କହି କେଉଁଆଡେ ଚାଲିଯାଇଛନ୍ତି। ଏନେଇ ତାଙ୍କ ଆସିବା ବିଳମ୍ବ ହେବାରୁ ପରିବାର ଯାଇ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନଥିଲେ। ଫଳରେ ପରିବାର ସୋମବାର ପାଇକମାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପାଇକମାଳ ଥାନାରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଥାନାଧିକାରୀ କହିଛନ୍ତି। ପୁଅକୁ ନ ପାଇବାରୁ ପରିବାରବର୍ଗ ଭାଙ୍ଗି ପଡ଼ିଛନ୍ତି। କୌଣସି ସହୃଦୟ ବ୍ୟକ୍ତି ସୂଚନା ପାଇଲେ ଜଣାଇବାକୁ ଅନୁରୋଧ କରିଛନ୍ତି।

# ଦାନ ଜମିକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ହସ୍ତାନ୍ତର

ପାଇକମାଳ, ୪।୧୧(ସମିସ): ପାଇକମାଳ ବ୍ଲକ ଝାରବନ୍ଧ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗାଁର ସ୍ୱର୍ଗତ ଘାସିରାମ ଭୋଇ ଓ ତାଙ୍କ ଭାଇ ମାନେ ନିଜସ୍ୱ ଜମି ଦାନ ଦେଇଥିଲେ। ତାହା ଉପରେ ବିଦ୍ୟାଳୟ ତିଆରି ହୋଇଥିଲା। ସରକାରଙ୍କ ନିୟମ ଅନୁସାରେ ବଦାନ୍ୟ ବ୍ୟକ୍ତିଙ୍କ ଉତ୍ତରାଧିକାରୀ ଅମର ଭୋଇଙ୍କ ନେତୃତ୍ୱରେ ତାଙ୍କର ୨୨ ଜଣ ଉତ୍ତାରାଧିକାରୀଙ୍କ ଉପସ୍ଥିତିରେ ଏହି ଜମି ପଞ୍ଜୀକୃତ ହୋଇଛି। ଏହି ପରିପ୍ରେକ୍ଷିରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ଝାରବନ୍ଧ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନାମରେ ୩୨ ଡିସିମିଲ ଜମି ଦାନପତ୍ର ରେଜିଷ୍ଟ୍ରେସନ ପାଇକମାଳ ତହସିଲଦାର ସିନ୍ଧୁସୂତା ପାତ୍ରଙ୍କ ଶୁଣାଣିରେ ସୋମବାର ସମ୍ପୂର୍ଣ୍ଣ ହୋଇଛି। ଝାରବନ୍ଧ ଗାଁର ବିକ୍ରମ ପୁଝାରୀ, ମକୁନ୍ଦ ଝାଙ୍କର, ୱାର୍ଡ ମେମ୍ବର ପଦ୍ମନ ଭୋଇ ତଥା ଗ୍ରାମବାସୀ ମାନଙ୍କ ସହଯୋଗରେ ପାଇକମାଳ ବିଇଓ ଅଦନ ସୁନା, ପ୍ରଧାନଶିକ୍ଷକ ସହଦେବ ଧରୁଆ, ସିଆରସିସି ସନ୍ତୋଷ ମେହେର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଜମି ଦାନ କରିଥିବା ଉତ୍ତରାଧିକାରୀଙ୍କୁ ବିଇଓ ଅଦନ ସୁନା ଓ ସିଆରସିସି ସନ୍ତୋଷ ମେହେର କୃତଜ୍ଞତା ଜଣାଇଛନ୍ତି।



# ଓସେପା ଡେପୁଟି ଡାଇରେକ୍ଟରଙ୍କ ସଂକ୍ରି ବିଦ୍ୟାଳୟ ପରିଦର୍ଶନ

ବରଗଡ଼, ୪।୧୧(ସମିସ): ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ ବୈତାଳି କ୍ଲଷ୍ଟର ଅଧୀନ ସଂକ୍ରି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଓସେପା ଡେପୁଟି ଡାଇରେକ୍ଟର ଶୈଳଧିରାଜ ଶତପଥୀଙ୍କ ସମେତ ତିନିଜଣିଆ ଦଳ ବିଦ୍ୟାଳୟ ପରିଦର୍ଶନ ତଥା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ସ୍ଥଳ ସତ୍ୟାପନ ପାଇଁ ଆସିଥିଲେ। ଏହି ଦଳରେ ପେଡ଼ାଗୋଜି କୋଓର୍ଡିନେଟର ପୁଷ୍ପାଞ୍ଜଳି ଦାସ ଏବଂ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଶିକ୍ଷକ ପ୍ରଶିକ୍ଷିକା ସସ୍ମିତା ସାହୁ ଉପସ୍ଥିତ ଥିଲେ। ସଂକ୍ରି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶୈକ୍ଷିକ, ସହଶୈକ୍ଷିକ ଏବଂ ଭୌତିକ ପରିବେଶ ସମ୍ବନ୍ଧୀୟ ସମସ୍ତ ତଥ୍ୟକୁ ଦଳ ଦ୍ୱାରା ସତ୍ୟାପନ କରାଯାଇଥିଲା। ବୈତାଳି କ୍ଲଷ୍ଟରର ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଦିବସ ସାହୁ ମଧ୍ୟ ଉପସ୍ଥିତ ଥିଲେ। ଶ୍ରୀ ଶତପଥୀ ବିଦ୍ୟାଳୟର ପରିବେଶ ତଥା ଉପାନ୍ତ ଅଞ୍ଚଳରେ ଶିକ୍ଷା ପାଇଁ ସମର୍ପିତ ହୋଇ କାର୍ଯ୍ୟ କରୁଥିବାରୁ ସିଆରସିସି ଶ୍ରୀ ସାହୁ, ବିଦ୍ୟାଳୟର ପ୍ରଧାନଶିକ୍ଷକ ମହେନ୍ଦ୍ର ବାରିକ ତଥା ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ସାଧୁବାଦ ଜ୍ଞାପନ କରିଥିଲେ। ଉକ୍ତ ବିଦ୍ୟାଳୟରେ ଶୈକ୍ଷିକ ଉନ୍ନତି ସକାଶେ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସିଆରସିସିଙ୍କ ତଥା ପ୍ରଧାନଶିକ୍ଷକଙ୍କ ସହଯୋଗରେ ବିଦ୍ୟାଳୟରେ ମୌଳିକ ସାକ୍ଷରତା ଏବଂ ସଂଖ୍ୟା ଜ୍ଞାନ ପାଇଁ ଉଦ୍ଦିଷ୍ଟ ଶ୍ରେଣୀ କୋଠରୀରେ ଛାପା ଲେଖା ସାମଗ୍ରୀର ବ୍ୟବସ୍ଥା କରାଯାଇଛି। ସିସିଟିଭି ସହ ଇଣ୍ଟରନେଟ ସଂଯୋଗ କରାଯାଇଛି। ଯାହାଦ୍ୱାରା ଅଭିଭାବକ ମାନେ ଘରେ ଥାଇ ମୋବାଇଲ ମାଧ୍ୟମରେ ପିଲାଙ୍କ ସ୍ଥିତି ତଥା ପାଠପଢ଼ା ଦେଖି ପାରୁଛନ୍ତି। ବିଦ୍ୟାଳୟରେ ପିଲାମାନଙ୍କ ସୁରକ୍ଷା ପାଇଁ ବଜ୍ରପାତ ଅବରୋଧକ ଯନ୍ତ୍ର, ପକ୍ସୋ ମତାମତ ବାକ୍ସ ଆଦି ସ୍ଥାପନ କରାଯାଇଛି। ବର୍ଷା ଜଳ ସଂରକ୍ଷଣ ପାଇଁ ବିଦ୍ୟାଳୟରେ ବ୍ୟବସ୍ଥା କରାଯାଇଛି। ସ୍ୱଚ୍ଛତା ଏବଂ ହାତଧୁଆ ସୁନିଶ୍ଚିତ କରିବା ପାଇଁ ବିଦ୍ୟାଳୟରେ ସାବୁନ ବ୍ୟାଙ୍କ ତିଆରି ହୋଇଛି। ବିଦ୍ୟାଳୟର ସହକାରୀ ଶିକ୍ଷକ ସବତ ମହାଲିଙ୍ଗ, ଜୋହନ ବାଗ, ଶିକ୍ଷୟିତ୍ରୀ ଶର୍ମିଷ୍ଠା ସ୍ୱାଇଁ ପ୍ରମୁଖଙ୍କ ଉକ୍ତ ବିଦ୍ୟାଳୟରେ ଶିକ୍ଷକତା କରନ୍ତି। ସମସ୍ତଙ୍କ ସମର୍ପିତ ମନୋଭାବ ଯୋଗୁଁ ଏହା ଏକ ଆଦର୍ଶ ବିଦ୍ୟାଳୟରେ ପରିଣତ ହୋଇପାରିଛି। ସଂକ୍ରି ସେବାଶ୍ରମ ବିଦ୍ୟାଳୟର ମୁଖ୍ୟ ସେବକ ଲଳିତ ମଲ୍ଲିକ ରାଜ୍ୟ ସ୍ତରୀୟ ଦଳକୁ ଧନ୍ୟବାଦ ଅର୍ପଣ କରିଥିଲେ।

# କମଗାଁ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ସାଇନିଂ ଷ୍ଟାର କାର୍ଯ୍ୟକ୍ରମ ଉଦ୍‌ଯାପିତ

ବରଗଡ଼, ୪।୧୧(ସମିସ): ବରଗଡ଼ ଜିଲ୍ଲା ଭଟଲି ବ୍ଲକ ଅଧୀନ କମଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ତ୍ରିଦିବସୀୟ ଆବାସିକ ସାଇନିଂ ଷ୍ଟାର କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ କମଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରେମାନନ୍ଦ ପଟେଲଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ମିତ୍ରଭାନୁ କଚ୍ଛପ ଯୋଗ ଦେଇଥିଲେ। ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଧୀରୋଜ ପଟ୍ଟନାୟକ ଉପସ୍ଥିତ ଥିଲେ। ବରଗଡ଼ ଜିଲ୍ଲାର ସମସ୍ତ ସାଧନକର୍ମୀଙ୍କ ଠାରୁ ଜିଲ୍ଲାର ସମସ୍ତ ବ୍ଲକରୁ ମୋଟ ୧୪୪ ଜଣ ଛାତ୍ରଛାତ୍ରୀ ତାଲିମ ନେଇଥିଲେ। ଶିକ୍ଷକ ବିକାଶ ରଣା, ଶିକ୍ଷକ ଗୋପବନ୍ଧୁ ପୁରୋହିତ, ଡୋଳାମଣୀ ଶତପଥୀ, ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ ଅନୁଭୂତିକୁ ବ୍ୟବହାର କରି ଶିକ୍ଷାର୍ଥୀମାନେ ଆଗକୁ ବଢ଼ିବା ଉଚିତ୍ ବୋଲି ମତ ଦେଇଥିଲେ। ଅଧ୍ୟାପିକା ପାର୍ବତୀ ଭୋଇ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ଜାମପାଲି ହାଇସ୍କୁଲର ପ୍ରଧାନଶିକ୍ଷକ ବୀରେନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଶିବିର ପରିଚାଳନାରେ ଅଧ୍ୟାପିକା ଟୁନି ବେହେରା, ଅନୁପମା ପଣ୍ଡା, ଅଧ୍ୟାପକ ରବିନାରାୟଣ ସାହୁ, ଅରବିନ୍ଦ ଦାଶ, ହରେକୃଷ୍ଣ ଦେବତା, ଶ୍ୟାମ ସୁନ୍ଦର ସାହୁ, ସୁଶାନ୍ତ ସାହୁଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।



# ପିଏମଶ୍ରୀ ସରକାରୀ ବାଳିକା ହାଇସ୍କୁଲରେ ଛାୟା ବିଧାନସଭା

ବରଗଡ଼, ୪।୧୧(ସମିସ): ପିଏମଶ୍ରୀ ସରକାରୀ ବାଳିକା ହାଇସ୍କୁଲ ବରଗଡ଼ରେ ଛାୟା ବିଧାନସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଛାତ୍ରୀମାନେ ବାଚସ୍ପତି, ସିକ୍ୟୁରିଟି ଗାର୍ଡ, ଶାସକ ଦଳ, ବିରୋଧୀ ଦଳର ନେତା ଆଦି ଭୂମିକାରେ ଅଭିନୟ କରି ଅବିକଳ ବିଧାନସଭାର କାର୍ଯ୍ୟଧାରା ପ୍ରଦର୍ଶନ କରିଥିଲେ। କୁନିକୁନି ଛାତ୍ରୀମାନେ ସାମ୍ବାଦିକ ଭୂମିକାରେ ଅବତୀର୍ଣ୍ଣ ହୋଇ ଶାସକ ଦଳ ଓ ବିରୋଧୀ ଦଳର ନେତାଙ୍କଠାରୁ କିପରି ସାକ୍ଷାତକାର ନିଆଯାଇଥାଏ ତାହା ସୁନ୍ଦର ଭାବେ ପରିବେଷଣ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶାନ୍ତି ସୁନାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ପିରାମଲ୍ ଫାଉଣ୍ଡେସନର ସଦସ୍ୟା ପୁନମ୍ ନାୟକ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଭୀମସେନ୍ ରାଉତ, ଉପସଭାପତି ଗୀତାଞ୍ଜଳି ପ୍ରଧାନ ତଥା ଅନ୍ୟାନ୍ୟ ସଦସ୍ୟବୃନ୍ଦ ଯୋଗଦାନ କରିଥିଲେ। ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ସୁକାନ୍ତି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**ରାଜ୍ୟସ୍ତରୀୟ ରଗ୍‌ବି ଫୁଟବଲ ପ୍ରତିଯୋଗିତା**

# ଲେବିଡି ହାଇସ୍କୁଲର ଛାତ୍ରଛାତ୍ରୀଙ୍କ ସଫଳତା



ବରଗଡ଼, ୪।୧୧(ସମିସ)

ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ କ୍ରୀଡା ସଂଗଠନ ପକ୍ଷରୁ ୬୯ ତମ ରାଜ୍ୟ ବିଦ୍ୟାଳୟ ସମୂହ ରଗ୍‌ବି ଫୁଟବଲ୍, ଟେବୁଲ୍ ଟେନିସ ଓ ସ୍କେଟିଂ ପ୍ରତିଯୋଗିତା -୨୦୨୫ ଭୁବନେଶ୍ୱରର ଆଇଆରସି ଭିଲେଜ୍ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଳିକା ଏବଂ ବାଳକ ଦଳରେ ବରଗଡ଼ ଜିଲ୍ଲା ତରଫରୁ ଲେବିଡି ହାଇସ୍କୁଲ, ସୋହେଲାରୁ ଚନ୍ଦନ ବିଶ୍ୱାଳ, ସୋଭିତ୍ ସା, ସ୍ୱାଗତ ଗହୀର, ବବଲୁ ନାଗ, ମୋହିତ ସାହୁ, ସାନନ୍ଦ ଭୁଏ, ସଦାନନ୍ଦ ବର୍ଗେ, ପାଣିମୋରା ହାଇସ୍କୁଲ, ସୋହେଲାର ମାନସ ସେଠ୍ ଆଦି ୮ ଜଣ ଖେଳାଳି ଅଂଶଗ୍ରହଣ କରିଛନ୍ତି। ବରଗଡ଼ ଜିଲ୍ଲା ପୁରୀ, ନୟାଗଡ଼, ଗଜପତିକୁ (୨-୦, ୧-୦, ୧-୦) ଗୋଲରେ ପରାସ୍ତ କରି ତୃତୀୟ ସ୍ଥାନ ଅଧିକାର କରିଛି। ଜିଲ୍ଲା ତରଫରୁ ମ୍ୟାନେଜର ଭାବେ ହୃଷିକେଶ ବରିହା ଯୋଗ ଦେଇଥିଲେ। କୋଚ ଭାବେ ଲେବିଡି ହାଇସ୍କୁଲର କ୍ରୀଡା ଶିକ୍ଷକ ଗିରିଧାରୀ ଡନସନାଙ୍କ ତତ୍ତ୍ୱାବଧାନରେ ଖେଳାଳିମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୁଏ ଏବଂ ବିନୟ ସୋଏ ଖେଳାଳିମାନଙ୍କ କୃତିତ୍ୱ ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

# ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଝାରବନ୍ଧ, ୪।୧୧(ସମିସ): ଝାରବନ୍ଧ ବ୍ଲକ ସଭାଗୃହ ଠାରେ ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଝାରବନ୍ଧ ବିଡିଓ ପର୍ଶୁରାମ ପଣ୍ଡା, ବିଜେପି ନେତା ଗୁର୍ଗାପ୍ରସାଦ ଅଗ୍ରୱାଲ, ବିଏସଏସଓ ଆଶିଷ କାଣ୍ଡୁଲାନା, ଛୋଟଅନକି ସମିତି ସଭ୍ୟ ସତ୍ୟମ ପ୍ରଧାନ, ଯୁବ ସମାଜସେବୀ ମନୋଜ ପ୍ରଧାନ ପ୍ରମୁଖ ଶିବିରକୁ ଉଦ୍‌ଘାଟନ କରିଥିଲେ। ଡ.ସଞ୍ଜୟ ନାୟକ, ଡ.ଯଦୁମଣି ସାହୁ, ତନୁଜା ପାତ୍ର, ଡ.ପ୍ରଭାତ ରାୱଲ, ଡ.ସନାତନ ସାହୁଙ୍କ ସହିତ ନେପାଳ ଦୁଆନ, ସରୋଜ ସାହୁ, ଗୀତା ବାରିକ, ଫକୀର ଚରଣ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ମୋଟ ୧୭୭ ଜଣ ଆବେଦନକାରୀ ଥିବା ବେଳେ ଏଲଡି ୬୯ ଜଣ, ଭିଆଇ ୧୧ ଜଣ, ଏଚଆଇ ୩୦ ଜଣ, ଏମଆର ୭ ଜଣ, ମେଡ଼ିସିନ ୯ ଜଣ, ବସ ପାସ ୮ ଜଣ ଏବଂ ଆରଭିଉଆଇ ୪୩ ଜଣ ସାମିଲ ଥିଲେ।

## ବସିପାରିଲାନି ପୌର ପରିଷଦର ୧୪ତମ ବୈଠକ

# ବିନା ରିଜୋଲ୍ୟୁସନରେ ପାରିତ ହେଉଛି ପ୍ରସ୍ତାବ!

ରାୟଗଡ଼ା,୪।୧୧(ସମିସ): ରାୟଗଡ଼ା ପୌର ପରିଷଦର ଆଜି ୧୪ତମ ପରିଷଦ ବୈଠକ ଆରମ୍ଭ ହୋଇ ଶେଷ ହେବା ପୂର୍ବରୁ ନିର୍ବାଚିତ ୨୦ଜଣ କାଉନସିଲରଙ୍କ ହଟ୍ଟଗୋଳରୁ ଏହା ସ୍ଥଗିତ ହୋଇଗଲା। ପୌରାଧ୍ୟକ୍ଷ ପି.ମହେଶ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ଆଜି ଉପାଧ୍ୟକ୍ଷା ଶ୍ରୀମତି ଶୁଭ୍ରା ପଣ୍ଡାଙ୍କ ସମେତ ଅନ୍ୟ ୨୦ଜଣ କାଉନସିଲର ଏବଂ ପୌର ନିର୍ବାହୀ ଅଧିକାରୀ କୁଲଦୀପ କୁମାର ଓ ଅନ୍ୟ ପୌର କର୍ମଚାରୀ ଉପସ୍ଥିତ ରହିଥିବା ବେଳେ ଉପାଧ୍ୟକ୍ଷାଙ୍କ ବିରୁଦ୍ଧରେ ୧୯ଜଣ କାଉନସିଲର ଆଣିଥିବା ଅଭିଯୋଗ ସହ କାଉନସିଲରମାନଙ୍କ ବିନା ସହମତିରେ କିଭଳି ଭାବେ ବିଭିନ୍ନ ପ୍ରସ୍ତାବର ରିଜୋଲ୍ୟୁସନ (ସଂକଳ୍ପ) ପାରିତ କରାଯାଉଛି ବୋଲି ଅଭିଯୋଗ କରି ୨୦ଜଣ କାଉନସିଲରମାନେ କକ୍ଷତ୍ୟାଗ କରିଥିବା ଜଣାପଡିଛି। ପୌର ପରିଷଦରେ ୧୯ଜଣ କାଉନ୍ସିଲରମାନେ ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡାଙ୍କ ବିରୁଦ୍ଧରେ ଆଣିଥିବା ଅନାସ୍ଥା ପ୍ରସ୍ତାବକୁ ନେଇ ପୌର ପାଳିକାରେ ଏକ ପ୍ରକାର ଅଚଳାବସ୍ଥା ଜାରି ରହିଥିବା ବେଳେ ଏହାକୁ ନେଇ ରାୟଗଡ଼ା ରାଜନୀତି ରାଜ୍ୟରେ ଚହଳ ପକାଇଥିଲା। ଆଜି କାଉନସିଲରମାନେ ପ୍ରବଳ ହଟ୍ଟଗୋଳ କରି କକ୍ଷତ୍ୟାଗ କରିଥିବା ବେଳେ ବୈଠକ ଆରମ୍ଭ ପୂର୍ବରୁ ସ୍ଥଗିତ ହୋଇ

### କାଉନ୍ସିଲର ଆଣିଲେ ଅଭିଯୋଗ

ରହିଗଲା। ଆଜି ବୈଠକରେ ୩୦ଗୋଟି ପ୍ରସ୍ତାବ ପାରିତ ପାଇଁ ପରିଷଦ ବୈଠକ ଡକାଯାଇଥିଲା। ତେବେ କକ୍ଷତ୍ୟାଗ କରିଥିବା କାଉନସିଲରମାନଙ୍କୁ ପୌରାଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ନିଜ ପ୍ରକୋଷ୍ଠକୁ ଡାକି ସେମାନଙ୍କୁ ବୁଝାସୁଝା କରିବାକୁ ଉଦ୍ୟମ କରିଥିଲେ ମଧ୍ୟ କେହି ନ ଶୁଣି ଚାଲି ଯାଇଥିଲେ। ପୌର ପରିଷଦରେ କାଉନସିଲରଙ୍କ ବିନା ସଂକଳ୍ପରେ ତଥା ସହମତିରେ ଅନେକ ପ୍ରକଳ୍ପ ଗୁଡିକ କାର୍ଯ୍ୟକାରୀ ହେଉଥିବା ବେଳେ ସେମାନଙ୍କୁ ଅନ୍ଧାରରେ ରଖି ଅନେକ ଅନିୟମିତତା ହେଉଥିବାରୁ ସମସ୍ତେ ବୈଠକକୁ ବିରୋଧ କରିଥିବା କାଉନସିଲର ସନ୍ତୋଷ ଦଳାଇ,ଗୋପିନାଥ ଗୌଡ,ବି. ଜଗନମୋହନ,ସୁକାନ୍ତ ପରିଡା ଭଳି ଅନ୍ୟମାନେ ଅଭିଯୋଗ କରିଛନ୍ତି। ତେବେ ଏ ନେଇ ପୌର ନିର୍ବାହୀ ଅଧିକାରୀ କୁଲଦୀପ କୁମାରଙ୍କ ପ୍ରତିକ୍ରିୟା ନେବାରୁ ଏହା ସେମାନଙ୍କ ରାଜନୈତିକ ବିଷୟବସ୍ତୁ ହୋଇଥିବାରୁ ସେଥିରେ ଆମର କୌଣସି ଭୂମିକା ନାହିଁ। ତଥାପି ଉକ୍ତ ବୈଠକକୁ ସ୍ଥଗିତ ରଖାଯାଇଥିବା ବେଳେ ଅନ୍ୟ ତାରିଖ ନିର୍ଦ୍ଧାରଣ କରାଯାଇ ବୈଠକ ଡକାଯିବ ବୋଲି କହିଛନ୍ତି।

## ପୁରୀରୁ ଟିକିରି ଆସିଲା ନନ୍ଦିଘୋଷ ରଥ ଚକ



ଟିକିରି,୪।୧୧(ସମିସ): ରାୟଗଡା ଜିଲ୍ଲା କାଶିପୁର ବ୍ଲକ ଟିକିରି ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିରରେ ଶ୍ରୀକ୍ଷେତ୍ର ପୁରୀ ଧାମରୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥର ଚକ ଏବଂ ଅଖ ମଙ୍ଗଳବାର ସକାଳ ୬ଘଣ୍ଟା ସମୟରେ ପହଞ୍ଚିଲା। ଜାମୁଗୁଡା ସ୍ଥିତ ତ୍ରିନାଥ ମନ୍ଦିର ଠାରେ ପହଞ୍ଚିବା ପରେ ଏକ ଭକ୍ତିମୟ ପରିବେଶରେ କିର୍ତ୍ତନ ଦଳ ବାଜା, ଖୋଳ, ତାଳ ସହିତ ଟିକିରି ଅଞ୍ଚଳର ମହିଳା ପୁରୁଷ ମାନେ ଉପସ୍ଥିତ ରହି ଜଗନ୍ନାଥ ପ୍ରେମୀ ଲକ୍ଷ୍ମୀପୁର ଏସ୍‌ଡିପିଓ ମନୋଜ ବେହେରା ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରି ରଥଚକ ଆସିଥିବା ଗାଡିଟିକୁ ପାଛଟି ନେଇ ଟିକିରି ସହର ପରିକ୍ରମା କରିଥିଲେ। ମୋନଜ ବେହେରାଙ୍କ ନେତୃତ୍ୱରେ ଓ ଟିକିରି ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସହଯୋଗରେ ଚଳିତ ବର୍ଷ ଶ୍ରୀକ୍ଷେତ୍ର ପୁରୀ ରଥଯାତ୍ରାର ଶ୍ରୀ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଚକକୁ ଦୁଇ ଲକ୍ଷ ପଚାଶ ହଜାରରେ କିଣାଯାଇ ଏକ ଗାଡି ଯୋଗେ ଟିକିରି ଶ୍ରୀ ଜଗନ୍ନାଥ ମନ୍ଦିରକୁ ଅଣାଯାଇଛି। ରଥଚକକୁ ପରିକ୍ରମା କରି ଆଣିବା ପରେ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ଥିବା ସ୍ନାନ ମଣ୍ଡପରେ ଅସ୍ଥାୟୀ ଭାବେ ରଖାଯାଇଛି। ସ୍ୱତନ୍ତ୍ର ଭାବେ ଏକ ସ୍ଥାନ ତିଆରି କରି ରଖାଯିବ ବୋଲି ମନ୍ଦିର ପରିଚାଳନା କମିଟିର ସଭାପତି ହରପ୍ରସାଦ ନାୟକ କହିଛନ୍ତି।

● ମୁନିଗୁଡ଼ା ଅବକାରୀ ବିଭାଗର ଚଢ଼ଉ

## ଗଞ୍ଜେଇ ସହ ଦୁଇ ଗିରଫ

ମୁନିଗୁଡ଼ା,୪।୧୧(ସମିସ): ମୁନିଗୁଡ଼ା ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ୨୨ କିଲୋ ଗଞ୍ଜେଇ ସହ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ଗିରଫଙ୍କ ମଧ୍ୟରେ ଜଣେ ରାଜସ୍ଥାନ ଯୋଧପୁରର ଛୋଟୁ ଅନ୍ସାରୀ ହୋଇଥିବା ବେଳେ ଅନ୍ୟ ଜଣଙ୍କ ହେଲେ କଳାହାଣ୍ଡି ଜିଲ୍ଲା ରୋପ୍ରା ଅଞ୍ଚଳର। ଛୋଟୁ ଅନ୍ସାରୀ ୧୭ କିଲୋ ଗଞ୍ଜେଇ ନେଇ ରାଜସ୍ଥାନକୁ ଓ ପ୍ରମୋଦ ବିହାରୀ ୫ କିଲୋ ଗଞ୍ଜେଇ ନେଇ ବିଲାସପୁର ନେବା ପାଇଁ ମୁନିଗୁଡ଼ା ଷ୍ଟେସନ ନିକଟ ରାସ୍ତା କଡ଼ରେ ଅପେକ୍ଷା କରିଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ମୁନିଗୁଡ଼ା ଅବକାରୀ ଥାନା ଅଧିକାରୀ ପଙ୍କଜ କୁମାର ନାୟକ ଓ ତାଙ୍କ ଟିମ ଚଢ଼ଉ କରିଥିଲେ। ତାଙ୍କ ନିକଟରୁ ଗଞ୍ଜେଇ ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ମୁନିଗୁଡ଼ା ଅବକାରୀ ବିଭାଗ। ଏହି ଚଢ଼ାଉ ବେଳେ ମୁନିଗୁଡ଼ା ଅବକାରୀ ଥାନା ଅଧିକାରୀ ପଙ୍କଜ କୁମାର ନାୟକଙ୍କ ସମେତ ଛବିରାଜ ତାଣ୍ଡି, ଏଏସଆଇ ରାମଯାନ ଖାନ, ସୁମନ୍ତ ମାଝି, କନେଷ୍ଟବଳ ମିତାଞ୍ଜଳି ପାତ୍ର, ସନ୍ତୋଷ କୁମାର ଗୌଡ, ରାଜୁ କାଡ୍ରାକା ପ୍ରମୁଖ ସାମିଲ ଥିଲେ।

● ହୀରାଖଣ୍ଡ ଟ୍ରେନ୍‌ରୁ ଗଞ୍ଜେଇ ଜବତ ଘଟଣା

## ଗଞ୍ଜେଇ ଯୋଗାଣକାରୀ ଗିରଫ



କୋରାପୁଟ,୪।୧୧(ସମିସ): ଜଗଦଲପୁର-ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ ଟ୍ରେନରୁ କୋରାପୁଟ ଆରପିଏଫ୍ ଏବଂ ଜିଆରପି ପୁଲିସ ୯ କିଲୋଗ୍ରାମ ଗଞ୍ଜେଇ ଜବତ କରିଛି। ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ଜଣକ ବୈପାରିଗୁଡ଼ାର ଆକାଶ ତୁର୍କୀ ବୋଲି ଜିଆରପି ଥାନା ଓଆଇସି ସନ୍ତୋଷୀ ମହନ୍ତ ସୂଚନା ଦେଇଛନ୍ତି। ଦ୍ୱିତୀୟ ଅଭିଯୁକ୍ତ ଆକାଶ ତୁର୍କୀ। ଗତକାଲି ଗିରଫ ହୋଇଥିବା ବିନୋଦ କୁମାର ସାମଲକୁ ଗଞ୍ଜେଇ ଯୋଗାଇଥିବା ଅଭିଯୋଗରେ ସେମାନଙ୍କୁ ଗିରଫ କରାଯାଇଛି। ସୋମବାର ହୀରାଖଣ୍ଡ ଏକ୍ସପ୍ରେସରେ ଜୟପୁର ଠାରୁ ଗଞ୍ଜେଇ ନେଇ ଯାଜପୁର ଅଞ୍ଚଳର ବିନୋଦ କୁମାର ସାମଲ ଭୁବନେଶ୍ୱର ଯାଉଥିବା ବେଳେ କୋରାପୁଟ ଷ୍ଟେସନରେ ଜିଆରପି ଏବଂ ଆରପିଏଫ୍ ଦ୍ୱାରା ଗିରଫ ହୋଇଥିଲେ। ବିନୋଦକୁ ଜେରା କରିବା ପରେ ବୈପାରିଗୁଡ଼ାର ଆକାଶ ଠାରୁ ସେ ଗଞ୍ଜେଇ କିଣିଥିବା କହିଥିଲା। ବିନୋଦର ବୟାନ ଅନୁସାରେ ଆକାଶର ମୋବାଇଲ ଫୋନ ଟ୍ରାକ କରି ତାକୁ ଗିରଫ କରାଯାଇଥିଲା। କୋରାପୁଟ ଜିଆରପି ପୁଲିସ ଆକାଶ ବିରୋଧରେ ଏନ୍‌ଡିପିଏସ ଆକ୍ଟରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ଜିଆରପି ଥାନା ଓଆଇସି ସନ୍ତୋଷୀ ମହନ୍ତ ସୂଚନା ଦେଇଛନ୍ତି।

## ଏଲଏଲପୁର ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସଫଳତା



ଗୁଡାରୀ,୪।୧୧(ସମିସ): ସରକାରୀ ଉଚ୍ଚ ବିଦ୍ୟାଳୟ ଗୁଡାରି ଠାରେ ଅନୁଷ୍ଠିତ ବ୍ଲକସ୍ତରୀୟ ସୁରଭି -୨୦୨୫ କାର୍ଯ୍ୟକ୍ରମରେ ପ୍ରାଥମିକ ସେବାଶ୍ରମ ଏଲଏଲପୁରର ଛାତ୍ରୀ ସୃଜନଶୀଳ ଲିଖନରେ ବବିତା ଶବର, ଓଡ଼ିଆ ହସ୍ତାକ୍ଷର ଲିଖନରେ ବିଶ୍ୱାସିନୀ ଶବର ଓ ପିଏମ ଶିଳ୍ପକଳାରେ ସୁନୀଲ ଶବର ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗ ନେବାର ସୁଯୋଗ ପାଇଛନ୍ତି। ବକ୍ତୃତା ପ୍ରତିଯୋଗିତାରେ ରାହୁଲ ପାଣି ଓ ପିଏମ୍ ଚିତ୍ରକଳାରେ ଆଲୋକ ଗାନ୍ଧାଲାକା ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସାଂସ୍କୃତିକ ଦଳଗତ ନୃତ୍ୟରେ ବିଦ୍ୟାଳୟର ଛାତ୍ରୀମାନେ ତୃତୀୟ ସ୍ଥାନ ଅଧିକାର କରି ବିଦ୍ୟାଳୟରେ ସୁନାମ ଅର୍ଜନ କରିଛନ୍ତ। ପ୍ରଧାନଶିକ୍ଷକ ଦିଲୀପ କୁମାର ଚୌଧୁରୀ ଓ କେନ୍ଦ୍ରୀୟ ସାଧନ କର୍ମୀ ଅବନୀକାନ୍ତ ହରିଚନ୍ଦନ କୃତି ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ପଞ୍ଚାୟତସ୍ତରୀୟ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ

ମାଲକାନଗିରି, ୪।୧୧(ସମିସ): ମାଲକାନଗିରି ଜିଲ୍ଲାରେ ପଞ୍ଚାୟତ ସ୍ତରୀୟ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ପାଙ୍ଗାମ୍ ଶାଖା ପକ୍ଷରୁ ଗୋଟିଏ ଆର୍ଥିକ ସାକ୍ଷରତା ଶିବିର ନାୟକଗୁଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପସ୍ଥିତ ଜନସାଧାରଣଙ୍କୁ ପ୍ରଧାନମନ୍ତ୍ରୀ ଜନଧନ ଯୋଜନାରେ ଖାତା ଖୋଲିବା ଓ ଅଚଳ ହୋଇଥିବା ଖାତା ପୁନଃପ୍ରମାଣୀକରଣ, ଆର୍ଥିକେ ସାକ୍ଷରତା, କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକାରୀ ବୀମା ଯୋଜନା, ଋଣ, ବିଭିନ୍ନ ପ୍ରକାର ଠକେଇ, ବ୍ୟାଙ୍କରେ ଅଭିଯୋଗର ସମାଧାନର ବ୍ୟବସ୍ଥା ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ମାଲକାନଗିରି ଏଲଡିଏମ୍ ଚକ୍ରଧର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ପାଙ୍ଗାମ୍ ଶାଖାର ପ୍ରଧାନମନ୍ତ୍ରୀ ବୀମା ଯୋଜନାର ପାଞ୍ଚଜଣ ହିତାଧିକାରୀଙ୍କ ୨ଲକ୍ଷ ଲେଖାଏଁ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଏଥିସହ ସମସ୍ତଙ୍କୁ ସୁରକ୍ଷା ଯୋଜନାରେ ସାମିଲ ହେବାକୁ ଉପଦେଶ ଦେଇଥିଲେ। ଏଥିରେ ଏଫ୍‌ଏଲ୍‌ସି ହରିନାଥ ପଣ୍ଡା, ଏସ୍‌ବିଆଇ ପାଙ୍ଗାମ୍ ଶାଖା ପ୍ରବନ୍ଧକ ରବି କୁମାର ଓ ମାଲକାନଗିରି ସିଏଫ୍‌ଏଲ୍ ସଂଯୋଜକ ଅଗଷ୍ଟିନ୍ ସାଇମନ୍ ଖରା ପ୍ରମୁଖ ଉପସ୍ଥିତ ଥିଲେ।

## ରାସ୍ତାରେ ଗୋରୁ, ଟ୍ରାଫିକ୍ ସମସ୍ୟା



ପୋଡ଼ାଗଡ଼,୪।୧୧(ସମିସ: କୋରାପୁଟରୁ ରାୟଗଡାକୁ ସଂଯୋଗ କରୁଥିବା ୩୨୬ନଂ ଜାତୀୟ ରାଜପଥ ପୋଡଗଡ ହାଟପଦା ଠାରୁ ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ରାସ୍ତା ଉପରେ ଗାଇଗୋରୁ ରହୁ ଥିବାରୁ ଟ୍ରାଫିକ ସମସ୍ୟା ଦେଖା ଦେଇଛି। ରାୟଗଡ଼ା କୋରାପୁଟ ମୁଖ୍ୟ ରାସ୍ତା ଯାଇଥିବାରୁ ପ୍ରତି ଦିନ ଏହି ରାସ୍ତାରେ ସହ ସହ ଗାଡ଼ି ମଟର ଯାତାୟାତ କରୁଛି। କିନ୍ତୁ ସନ୍ଧ୍ୟା ହେଇଗଲେ ଗାଈ ଗୁହାଳ ପାଲଟି ଯାଏ ଜାତୀୟ ରାଜପଥ। ଗାଇଗୋରୁ କାହାର କିଏ ମଧ୍ୟ କହି ପାରୁ ନାହାଁନ୍ତି। ଦିନଯାକ ବୁଲି ବୁଲି ଖାଇଥାନ୍ତି, ରାତି ହେଲେ ରାସ୍ତାରେ ଆସି ବିଶ୍ରାମ ନିଅନ୍ତି। ଏଣୁ ଅନେକ ସମୟରେ ଟ୍ରାଫିକ ସମସ୍ୟା ଦେଖା ଦେବା ସହ ଦୁର୍ଘଟଣା ମଧ୍ୟ ହେବା ସମ୍ଭାବନା ରହିଛି। ଗାଈ ଗୋରୁ ରାସ୍ତାରେ ରହୁଛନ୍ତି । ଏହା ଉପରେ ପ୍ରଶାସନର ନଜର ପଡୁନାହିଁ। ଗୋରୁ ଗାଈଙ୍କ ପ୍ରକୃତ ମାଲିକଙ୍କୁ ଚିହ୍ନଟ କରି ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ସମ୍ବିଧାନ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ



ରାୟଗଡ଼ା, ୪।୧୧(ସମିସ): ରାୟଗଡ଼ା ଜିଲ୍ଲା ସଦର ମହକୁମାରେ ଆସନ୍ତା ୨୬ ତାରିଖ ଦିନ ଜାତୀୟ ସମ୍ବିଧାନ ଦିବସ ମହା ଆଡ଼ମ୍ବରରେ ପାଳନ କରିବା ନିମନ୍ତେ କାର୍ଯ୍ୟକ୍ରମର ସଭାପତି ଜଳନ୍ଧର ପୁସିକାଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ସଫଳ ରୂପେ ପାଳନ କରିବା ନିମନ୍ତେ ବିଭିନ୍ନ କମିଟି ଗଠନ କରାଯାଇଛି। ବୈଠକରେ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସକାଳ ୯ଟା ସମୟରେ ରେଳଷ୍ଟେସନରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ସହିତ ବସ୍‌ଷ୍ଟାଣ୍ଡ, ନିକଟସ୍ଥ ଡଃ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିବ ଓ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ହେବ ଓ ପରେ ସ୍ଥାନୀୟ ରେଳବାଇ ସଭାଗୃହରେ ସମ୍ବିଧାନ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହେବ ବୋଲି ସଭାପତି ଶ୍ରୀ ପୁଷକା କହିଛନ୍ତି। ବ÷ଠକରେ ଦୁର୍ଗା ଚରଣ ମାଣ୍ଡାଙ୍ଗି, ବେଣୁଧର ଚୈଧୂରୀ,ହାଜାରି ନିମାଲା, ଉପେନ୍ଦ୍ର ନାୟକ, ଡମ୍ବରୁ ବାଗ, ଆଦି କନ୍ଦ ନିମାଲା, ଉପେନ୍ଦ୍ର ହିୟାଲ, ନରେନ୍ଦ୍ର ହିୟାଲ, କୃଷ୍ଣ ହିୟାଲ, ନିଳାମ୍ବର ହିମିରିକା, କେ.ଅଟକା, ନବକିଶୋର ବିଡୋର, ନରେନ୍ଦ୍ର ବିଡୋର,ମଦନ ପାଣି,ରାମ ଚନ୍ଦ୍ର ବାଗ ଅଂଶ ଗ୍ରହଣ କରି ମତାମତ ରଖିଥିଲେ।

## ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'



କୋଷାଗୁମୁଡ଼ା,୪।୧୧(ସମିସ): ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ସଦର ମହକୁମାସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଶନିବାର ଅନୁଷ୍ଠିତ ହୋଇଛି। ବିଇଓ ସୌମେନ୍ଦ୍ର ଭୌମିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କୋଷାଗୁମୁଡା ବ୍ଲକ ଚେୟରମ୍ୟାନ ସର୍ବେଶ୍ୱରୀ ମାଝୀ, ଜନ-୧ର ଜିଲ୍ଲା ପରିଷଦ ସଭ୍ୟା ଦନାଇ ଭତ୍ରା, ସାଂସଦ ପ୍ରତିନିଧି ସୁରେଶ ପାତ୍ର, ସରପଞ୍ଚ ପ୍ରତିନିଧି ହରିବନ୍ଧୁ ମାଝୀ, ସମିତିସଭ୍ୟ ଲକ୍ଷ୍ମଣ ପୂଜାରୀ, ଏବିଓ ଦିଗାମ୍ବର ହରିଜନ, ହେମନ୍ତ ମାଝୀ ପ୍ରମୁଖଙ୍କ ସହ ସ୍ଥାନୀୟ ଶିକ୍ଷାବିତ , ବୁଦ୍ଧିଜୀବୀ ମାନେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦିଲ୍ଲୀପ କୁମାର ଖଟୁଆ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ବିତର୍କ, ପ୍ରବନ୍ଧ, ଚିତ୍ରାଙ୍କନ, କୁଇଜ,ବକ୍ତୃତା, ସଙ୍ଗୀତ, ସୃଜନଶୀଳ ଲିଖନ, ଶ୍ରୁତଲିଖନ ଓ ସୁନ୍ଦର ହସ୍ତାକ୍ଷର, ଆର୍ଟ ଓ ନୃତ୍ୟ ଭଳି ୧୧ଟି ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ମୋଟ ୪୨୦ ଜଣ ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମର ବିଚାରପତି ଭାବେ ବରିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ ଓ ୧୯ କ୍ଲଷ୍ଟରର ସିଆରସିସି ଉପସ୍ଥିତ ଥିଲେ।

### ଅର୍ଥ ଲୋଭ ଦେଖାଇ ଗଞ୍ଜେଇ ଚୋରା ଚାଲାଣ : ନାବଳକ ଅଟକ

## ରାୟପୁରରେ ପହଞ୍ଚାଇଥିଲେ ମିଳିଥାନ୍ତା ୧୦ ହଜାର ଟଙ୍କା

ରାୟଗଡ଼ା, ୪।୧୧(ସମିସ): ଦିନକୁ ଦିନ ରାୟଗଡା ରେଳବାଇ ଷ୍ଟେସନରୁ ଟ୍ରେନ ଯୋଗେ ବାହାର ରାଜ୍ୟକୁ ଗଞ୍ଜେଇ ଚୋରା ଚାଲାଣ ଉଦ୍ୟମ ମାମଲା ବୃଦ୍ଧି ପାଉଥିବା ବେଳେ ୩ ଦିନ ମଧ୍ୟରେ ସ୍ଥାନୀୟ ସରକାରୀ ରେଳବାଇ ପୋଲିସ (ଜିଆରପିଏସ) ଦ୍ୱାରା ୪୧କେଜି ଗଞ୍ଜେଇ ଜବତ କରାଯାଇ ଘଟଣାରେ ସଂପୃକ୍ତ ୫ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ତେବେ ଗତକାଲି ଜଣେ ୧୪ ବର୍ଷର ନାବାଳକ ଠାରୁ ଗଞ୍ଜେଇ ଜବତ କରାଯାଇ ତାକୁ ବାଳସ୍ୱଧାର ଗୃହକୁ ପଠାଯାଇଥିବା ଜିଆରପିଏସ ପକ୍ଷରୁ ସୂଚନା ମିଳିଛି। ଅଭିଯୁକ୍ତ ନାବାଳକଙ୍କ ଘର ଦିଲ୍ଲୀରେ। ସେ ଜଣେ ୧୪ବର୍ଷିୟ ସାଙ୍ଗ ସହ ରାୟଗଡ଼ା ବୁଲିବାକୁ ଆସିଥିଲେ। ଗଞ୍ଜେଇ ସହ ଶିବମକୁ ପୋଲିସ ଧରିଥିବା ବେଳେ ଅନ୍ୟ ଜଣେ ସାଙ୍ଗ ଫେରାର ହୋଇଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ। ଜବତ ଗଂଜେଇର ଆନୁମାନିକ ବଜାର ମୂଲ୍ୟ ୧ଲକ୍ଷ ଟଙ୍କା । ରାୟଗଡ଼ାରୁ ଏହା ରାୟପୁରକୁ ନାବାଳକ ହାତରେ ଚୋରା ଚାଲାଣ ପାଇଁ ଉଦ୍ୟମ କରାଯାଉଥିବା ପୋଲିସ ସୂଚନା ଦେଇଛି। ରାୟଗଡ଼ା ସହରରେ କେହି ଜଣେ ଅଜଣା ମହିଳା ଶିବମ ହାତରେ ଏକ ବ୍ୟାଗ ଦେଇ ଏହା ରାୟପୁର ଠାରେ ପହଞ୍ଚାଇ ଦେଲେ ଦଶ ହଜାର ଟଙ୍କା ଦେବେ ବୋଲି କହିଥିବାରୁ ଶିବମ ନିଜ ସାଥିରେ ଉକ୍ତ ଗଞ୍ଜେଇ ନେଇ ଯାଉଥିବା ପୋଲିସ ଆଗରେ ପ୍ରକାଶ କରିଥିବା ଜଣାପଡିଛି। ବିଶାଖାପାଟମ-କୋରାବା ଏକ୍ସପ୍ରେସ ଟ୍ରେନରେ ଗତକାଲି ମଧ୍ୟ ରାତ୍ର ୧୨ଟା ସମୟରେ ଯିବା ପାଇଁ ଶିବମ ଓ ତା ସାଙ୍ଗ ରାୟଗଡ଼ା ରେଳ ଷ୍ଟେସନରେ ରାତ୍ର ୮ଟା ବେଳେ ରେଳ ଟିକଟ ସହ ଟ୍ରେନକୁ ଅପେକ୍ଷା କରୁଥିବା ବେଳେ ଜିଆରପି ଡିଏସପି ପ୍ରଭାତ କୁମାର ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ପ୍ଲାଟଫର୍ମରେ ନିୟମିତ ଯାଞ୍ଚ ପାଇଁ ପୋଲିସ ଟିମ୍ ବାହାରିଥିବା ବେଳେ ପ୍ଲାଟଫର୍ମ ନଂ-୫ରେ ଶିବମ ପାଖରେ ଥିବା ବ୍ୟାଗକୁ ସନ୍ଦେହ କରି ଯାଞ୍ଚ କରାଯାଇଥିଲା। ଯେଉଁଥିରେ ଗଞ୍ଜେଇ ଥିବା ପୋଲିସ ଜାଣିବାକୁ ପାଇବା ପରେ ତାକୁ ଥାନାକୁ ଆଣି ପଚାରାଉଚୁରା କରିବା ପରେ ଏନଡିପିଏସ ଆକ୍ଟରେ ଏକ ମାମଲା ରୁଜୁ କରିଥିବା ଜଣାପଡିଛି। ମାଫିଆ ତଥା ଅସାଧୁ ବ୍ୟବସାୟୀମାନେ ନାବାଳକଙ୍କ ହାତରେ ଗଞ୍ଜେଇ ଚାଲାଣ କରି ଖସି ଯିବାକୁ ଉଦ୍ୟମ କରୁଛନ୍ତି। ତେବେ ରେଳ ଷ୍ଟେସନରୁ ଟ୍ରେନ ଯୋଗେ ଏହି କାରବାର ସବୁବେଳେ ପଣ୍ଡ ହେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏହି ଯାଞ୍ଚ ବେଳେ ଏସଆଇ ଏ.କେ. ନାୟକ, ଏସ.କେ.ପରିଡା, ଏଏସଆଇ ମାଣିକଚନ୍ଦ୍ର ଗୌଡ. କନଷ୍ଟେବଳ ଏ.ବୈଦନାଥ ପ୍ରମୁଖ ସାମିଲ ଥିଲେ।

■ 'ମୋନ୍ଥା' ପ୍ରଭାବରେ ଫସଲ ହାନି ରିପୋର୍ଟ ଆସିଲା

## ରାୟଗଡ଼ା ଜିଲ୍ଲାରେ ୬୦.୮ ହେକ୍ଟର ଫସଲ ନଷ୍ଟ



ରାୟଗଡ଼ା,୪।୧୧(ସମିସ): ବାତ୍ୟା 'ମୋନ୍ଥା' ଯୋଗୁଁ ରାୟଗଡା ଜିଲ୍ଲାରେ ମାତ୍ର ୬୦.୮ ହେକ୍ଟର ଫସଲ ନଷ୍ଟ ହୋଇଥବା କୃଷି ବିଭାଗର ତଥ୍ୟରୁ ଜଣାପଡିଛି। ବିଭାଗର ସୂଚାନ ଅନୁଯାୟୀ, ରାୟଗଡା ବ୍ଲକରେ ୧୨ ହେକ୍ଟର ଜମିରେ ଫସଲ ନଷ୍ଟ ହୋଇଥିବା ବେଳେ ସର୍ବାଧିକ କଲ୍ୟାଣସିଂହପୁର ବ୍ଲକରେ ୪୫.୮ ହେକ୍ଟର ନଷ୍ଟ ହୋଇଛି। ରାୟଗଡା ଜିଲ୍ଲାରେ ୧୧ଟି ବ୍ଲକ ମଧ୍ୟରୁ ୯ଟି ବ୍ଲକରେ ମୋନ୍ଥା ବାତ୍ୟା ପ୍ରଭାବରେ ୩୩ ପ୍ରତିଶତ ଅଧିକ ଫସଲ ନଷ୍ଟ ହୋଇନଥିବା ବିଭାଗ ରିପୋର୍ଟ ପ୍ରଦାନ କରିଛି। କୃଷି ବିଭାଗର ସୂଚନା ପ୍ରକାରେ ଜିଲ୍ଲାରେ ୬୮୦.୭ ହେକ୍ଟର ଜମି ବାତ୍ୟା ଦ୍ୱାରା ପ୍ରଭାବିତ ହୋଇଥିବା ବେଳେ ୩୩ଧରୁ ଉର୍ଦ୍ଧ୍ୱ କ୍ଷୟକ୍ଷତି ୬୦.୮ ହେକ୍ଟର ଜମିରେ ହୋଇଛି। ଏଠାରେ ସୂଚନାଯୋଗ୍ୟ, ଯେଉଁ ଚାଷୀ ମାନଙ୍କ ୩୩ ପ୍ରତିଶତରୁ ଅଧିକ ଫସଲ ନଷ୍ଟ ହୋଇଛି, ସେହି ଚାଷି ମାନେ ହିଁ ସରକାରଙ୍କ ସହାୟତା ରାଶି ପାଇପାରିବେ। ସରକାରଙ୍କ ନିୟମ ଅନୁଯାୟୀ, ବର୍ଷା ଉପରେ ନିର୍ଭର କରି ଚାଷ କରୁଥିବା ଚାଷୀଙ୍କୁ ହେକ୍ଟର ପିଛା ୮୫୦୦ ଟଙ୍କା କ୍ଷୟକ୍ଷତି ରାଶି ମିଳୁଥିବା ବେଳେ ଜଳସେଚନ କରି ଚାଷ କରୁଥିବା ଚାଷୀଙ୍କୁ ହେକ୍ଟର ପିଛା ୧୭ ହଜାର ଟଙ୍କାର ସହାୟତ ରାଶି ଓ ଉଦ୍ୟାନ ଭିତ୍ତିକ ଚାଷ କରି ବର୍ଷାରେ କ୍ଷତି ହୋଇଥିବା ଚାଷୀଙ୍କୁ ହେକ୍ଟର ପିଛା ୨୨ହଜାର ୫୦୦ ଟଙ୍କା କ୍ଷତି ପୁରଣ ମିଳିବ ଜିଲ୍ଲା କୃଷୀ ଅଧିକାରୀ ଏସ କେ ଏହେସାନ ପ୍ରକାଶ କରିଛନ୍ତି।

### ରାସ୍ତାକଡ଼ରେ ଅଚଳ ହୋଇପଡିଛି

## ରୋଗୀଙ୍କ କାମରେ ଆସୁନି ୧୦୮ ଆମ୍ବୁଲାନ୍ସ



ମାଲକାନଗିରି, ୪।୧୧(ସମିସ): ରୋଗୀଙ୍କ କାମରେ ଲାଗୁନାହିଁ ୧୦୮ ଆମ୍ବୁଲାନ। ରାସ୍ତା କଡ଼ରେ ଦୀର୍ଘ ଦିନ ହେଲା ଅଚଳ ହୋଇପଡିଛି ୮ ଟି ଆମ୍ବୁଲାନ୍ସ। ଗୁରୁତର ରୋଗୀଙ୍କୁ ହସ୍ପିଟାଲକୁ ଚିକିତ୍ସା ନିମନ୍ତେ ନେବା ଆଣିବା ପାଇଁ ସରକାରଙ୍କ ପକ୍ଷରୁ ୧୦୮ ଆମ୍ବୁଲାନ୍ସ ର ବ୍ୟବସ୍ଥା କରା ଯାଇଛି। ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲାରେ ଅନେକ ୧୦୮ ଆମ୍ବୁଲାନ୍ସ ଅଚଳ ହୋଇ ରାସ୍ତା କଡ଼ରେ ପଡିରହିଥିବାରୁ ରୋଗୀ ମାନେ ନାହିଁ ନଥିବା ହଇରାଣ ହେଉଛନ୍ତି। କିଛି ଆମ୍ବୁଲାନ୍ସ ମାଲକାନଗିରି ଜୟପୁର ୩୨୬ ନମ୍ବର ଜାତୀୟ ରାଜପଥ ବିଜାଘାଟି ଓ ଆଉ କିଛି ଆମ୍ବୁଲାନ୍ସ ମାଲକାନଗିରି କାଲିମେଲା ୩୨୬ ନମ୍ବର ଜାତୀୟ ରାଜପଥ ଏମଭି୨୩ ଗ୍ରାମ ନିକଟରେ ଅନେକ ଦିନ ହେଲା ପଡିରହିଥିବାର ଦେଖିବାକୁ ମିଳିଛି। ଏହି ୧୦୮ ଆମ୍ବୁଲାନ୍ସ ଗୁଡିକ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ନରହି ସିଧା ସଳଖ ଭୁବନେଶ୍ୱର ହେର୍ଡ ଅଫିସ ଅଧୀନରେ ରହିଥିବାରୁ ସରକାରଙ୍କ ପକ୍ଷରୁ ଠିକ୍ ସମୟରେ ଆମ୍ବୁଲାନ୍ସ ମରାମତି ପାଇଁ ଅର୍ଥ ଆସୁନଥିବାରୁ ଦୀର୍ଘ ଦିନ ଧରି ଅଚଳ ହୋଇ ରାସ୍ତା କଡ଼ରେ ପଡିରହୁଛି। କିଛି ଆମ୍ବୁଲାନ୍ସ ଉପରେ ଗଛଲତା ମାଡିଗଲାଣି। ରୋଗୀଙ୍କ ନିକଟରେ ଠିକ୍ ସମୟରେ ଆମ୍ବୁଲାନ୍ସ ପହଞ୍ଚି ପାରୁ ନଥିବାରୁ ଗରିବ ରୋଗୀ ଧାର କରଜ କରି ଗାଡ଼ି ଭଡା ନେଇ ଡାକ୍ତରଖାନାକୁ ଆସିଥାନ୍ତି। ଏ ସମ୍ପର୍କରେ ଜିଲ୍ଲା ହସ୍ପିଟାଲ ସୁପରିନ୍‌ଟେଣ୍ଡେଣ୍ଟ ତଥା ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବ୍ରଜ ବନ୍ଧୁ ଦାଶଙ୍କୁ ପଚାରିବାରୁ ସେ କହିଛନ୍ତି, ଜିଲ୍ଲାର ସାତଟି ବ୍ଲକ ପାଇଁ ୨୦ ଟି ୧୦୮ ଟି ଆମ୍ବୁଲାନ୍ସ, ୮ଟି ୧୦୨ ଜନନୀ ଏକ୍ସପ୍ରେସ ଆମ୍ବୁଲାନ୍ସ ଯୋଗାଯାଇଛି। ସେଥି ମଧ୍ୟରୁ ୩ଟି ୧୦୮ ଆମ୍ବୁଲାନ୍ସ ଡ୍ୟାମେଜ ଅବସ୍ଥାରେ ଅଛି। ଗତ କିଛି ଦିନ ହେଲା ଆଉ ୫ଟି ୧୦୮ ଆମ୍ବୁଲାନ୍ସ ଅଚଳ ହୋଇଥିଲା। ହେଲେ ସେ ଅଚଳ ଆମ୍ବୁଲାନ୍ସ ଗୁଡିକର ମରାମତ କାମ ଆରମ୍ଭ ହୋଇଛି। ଗତ ଦୁଇଦିନ ହେଲା ମରାମତ କାମ ସରିଥିବାରୁ ସେ ଗୁଡିକ ଆଜି ଠାରୁ ଚଲାଚଳ ଆରମ୍ଭ କରିଛି। ୩ଟି ଆମ୍ବୁଲାନ୍ସ ଡ୍ୟାମେଜ ହୋଇଥିବାରୁ ତାହା ମରାମତି ହେବା ସମ୍ଭବ ନୁହେଁ। ତେଣୁ ନୂଆ ଆମ୍ବୁଲାନ୍ସ ଯୋଗାଇ ଦେବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ଚିଠି ପଠା ଯାଇଛି ବୋଲି ଶ୍ରୀ ଦାଶ ସୂଚନା ଦେଇଛନ୍ତି।

# ନୂଆପଡ଼ା ପ୍ରତି ଅନ୍ୟାୟ ହେବାକୁ ଦିଆଯିବନି: ସ୍ନେହାଙ୍ଗିନୀ





## ନବୀନଙ୍କ କାମକୁ ସବୁଠି ମିଳୁଛି ସ୍ୱୀକୃତି

**ନୂଆପଡା,୪ ।୧୧(ସମିସ):** ମା'ଙ୍କୁ ସମ୍ମାନ,ଗାଁକୁ କାମ ମିଳିବ।ଅଟକି ଯାଇଥିବା ମହିଳା ସଶକ୍ତିକରଣ ପୁଣି ଆଗକୁ ବଢିବ।ନୂଆପଡ଼ାବାସୀଙ୍କୁ ସେମାନଙ୍କ ଅଧିକାରରୁ କେହି ବଞ୍ଚିତ କରିପାରିବେ ନାହିଁ।ଚାଷୀଙ୍କ ପାଇଁ ଆମେ ସ୍ୱର ଉଠାଇବୁ। ମଙ୍ଗଳବାର ବିଜେଡି



ପ୍ରାର୍ଥୀନୀ ନୂଆପଡା ବ୍ଲକ୍‌ରେ ଜିଲ୍ଲାପରିଷଦ ଜୋନ-୮ର ୫ଟି ପଞ୍ଚାୟତରେ ପ୍ରଚାର ଅବସରରେ ଦମ୍ଭୋକ୍ତି ପ୍ରକାଶ କରିଛନ୍ତି।ମଙ୍ଗଳବାର ସ୍ନେହାଙ୍ଗିନୀ କୁଲିଆବନ୍ଧା, ଭାନପୁର, ବିରୋମୋଲ, ଜାମପାଣି ଓ ଗୋଡ଼ଫୁଲ୍ଲା ପଞ୍ଚାୟତରେ ନିର୍ବାଚନୀ ପ୍ରଚାର କରିବା ଅବସରରେ ଲୋକଙ୍କ ଦ୍ୱାରା ବେଶ ଆଦର ଓ ଆଶୀର୍ବାଦ ଲାଭ କରିଥିଲେ।ଗ୍ରାମବାସୀଙ୍କ ସହ ଆଲୋଚନା କରି ସେମାନଙ୍କର ସମସ୍ୟା ଶୁଣିଥିଲେ। ଅଞ୍ଚଳର ବିକାଶ ପାଇଁ କ'ଣ ଆବଶ୍ୟକ ପଚାରି ବୁଝିଥିଲେ। ନବୀନ ବାବୁଙ୍କ ସମୟରେ ହୋଇଥିବା ବିକାଶମୂଳକ କାମ ପାଇଁ ସେମାନେ ବିଜେଡିକୁ ସମର୍ଥନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ବିଜେଡିର ବରିଷ୍ଠ ନେତା ଡ. ଅରୁଣ ସାହୁଙ୍କ ସହ ଦେବାଶିଷ ପଟ୍ଟନାୟକ,ବେଣୁଧର ପ୍ରଧାନ, ସାନନ୍ଦ ମାରାଣ୍ଡି, ପ୍ରଶାନ୍ତ ବେହେରା ଓ ସାରଦା ଜେନା ବିଜେଡିକୁ ଭୋଟ ଦେଇ ନବୀନ ବାବୁଙ୍କ ପ୍ରତି ଶ୍ରଦ୍ଧା ବ୍ୟକ୍ତ କରିବାକୁ ଆହ୍ୱାନ ଜଣାଇଥିଲେ। ଶ୍ରୀମତୀ ଛୁରିଆଙ୍କୁ ସ୍ଥାନୀୟ ଲୋକେ କୃଷି ଉତ୍ପାଦନ ବୃଦ୍ଧି ଓ ବିପଣନ ବୃଦ୍ଧି ସମ୍ପର୍କରେ ଜଣାଇବା ସହିତ ସହଯୋଗ କାମନା କରିଥିଲେ। ପ୍ରଚାର ଅଭିଯାନରେ ଶ୍ରୀମତୀ ଛୁରିଆ କୁଲିଆବନ୍ଧା, ଭାନପୁର, ବିରମୋଲ, ଜାମପାଣି ଓ ଗୋଦଫୁଲ୍ଲା ପଞ୍ଚାୟତର ଅନେକ ସ୍ଥାନୀୟ ଗ୍ରାମକୁ ଯାତ୍ରା କରି ବିଜେଡି ସରକାରଙ୍କ ସଫଳ ଗାଥା ଦୋହରାଇଥିଲେ। କୁଲିଆବନ୍ଧାରେ ସେ ବୋଥା, ଘେରେଣ୍ଡିହୀ, ସେନଭଟା, ଧନୋରା,କୁଲିଆବନ୍ଧା ଓ ଧୁମାଧତା ଗ୍ରାମକୁ ଯାଇ ପ୍ରଚାର କରିଥିଲେ। ଭାନପୁରରେ ସେ ମାସାଙ୍କୁଣ୍ଡା, ଚୁହୁରା, ଚିଞ୍ଚୁଆନ, ରାଣିଦର୍ହା ଓ ଭାନପୁର, ବିରୋମାଲ ଓ ଦରଲିନୂଆପଡାରେ ପ୍ରଚାର କରିଥିଲେ। ସେହିପରି ଜାମପାଣିରେ ଚିଚିରିପାଣି, ତୋଙ୍ଗୋପାଣି, ଚିନ୍ଧିପାଣି ଓ ଜାମପାଣି ଗ୍ରାମରେ ପ୍ରଚାର କରିଥିଲେ। ଗୋଦଫୁଲ୍ଲାରେ ସେ ପାଗରପାଣି, ଜୁନାନୀ,ଗୋଦଫୁଲ୍ଲା ଓ ଭେରାଗ୍ରାମକୁ ଯାଇ ଲୋକଙ୍କୁ ଭେଟିଥିଲେ।



# ବିଜେଡିରେ ମିଶିଲେ ଶତାଧିକ କଂଗ୍ରେସ ଓ ବିଜେପି କର୍ମୀ



**ନୂଆପଡା,୪ ।୧୧(ସମିସ):** ନୂଆପଡ଼ା ଉପନିର୍ବାଚନ ବଢ଼ିଛି ବିଜେଡିର ବଳ। ଖୁଟବନଭେରା ପଞ୍ଚାୟତରେ ମିଶ୍ରଣ ପର୍ବରେ ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇ ବିଜୟ ସୁନିଶ୍ଚିତ କରିବା ପାଇଁ ଶପଥ ନେଇଛନ୍ତି।ନୂଆପଡ଼ା ବ୍ଲକ୍ ଭରୁଆମୁଣ୍ଡା ପଞ୍ଚାୟତ ଗୋଧାସଗାଁରେ ଆୟୋଜିତ ମହିଳା ସମାବେଶରେ ବିଜେଡିର ବରିଷ୍ଠ ନେତୃବୃନ୍ଦ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ସରକାର କରିଥିବା ବିଭିନ୍ନ ଜନହିତକାରୀ ଯୋଜନା ବିଷୟରେ ଅବଗତ କରିଥିଲେ। ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଦିବାସୀ ମହିଳାଙ୍କୁ ଜଙ୍ଗଲ,ଜମି ଓ ଜୀବିକା ଅଧିକାର ଦେଇ ସଶକ୍ତ କରିଛନ୍ତି।ସେହିପରି କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ଯୋଜନା, ମହିଳାଙ୍କ ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ ଓ ସ୍ୱାବଲମ୍ବନ ନିମନ୍ତେ ଅନେକ ଯୋଜନା ପ୍ରଚଳନ କରିଥିଲେ।କିନ୍ତୁ ବର୍ତ୍ତମାନର ସରକାର ବିଭିନ୍ନ ଯୋଜନାକୁ ବନ୍ଦ କରିବା ଓ ଜନ ମଙ୍ଗଳକାରୀ ଯୋଜନାରୁ ସାଧାରଣ ଜନତାକୁ ବଞ୍ଚିତ କରିବାରେ ବ୍ୟସ୍ତ ବୋଲି କ୍ଷୋଭର ସହ କହିଛନ୍ତି। କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତୁଷାରକାନ୍ତି ବେହେରା, ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇ, ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି, ପୂର୍ବତନ ବିଧାୟକ ମାନସ ମାଡକାମୀ ଓ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତି ଯୋଗଦେଇ ବିଜେଡିକୁ ବିପୁଳ ବିଜୟ ଦେବା ପାଇଁ ନିବେଦନ କରିଥିଲେ। ସମାବେଶରେ ବିଜେଡି କର୍ମୀ, ଯୁବଛାତ୍ର, ସ୍ଥାନୀୟ ଆଦିବାସୀ ଓ ମହିଳାମାନେ ଉପସ୍ଥିତ ଥିଲେ।

● ସେଠ ଯାମପାଣିରେ ବିଶାଳ ଆଦିବାସୀ ସମ୍ମିଳନୀ

# ବିଜେପି ସରକାରଙ୍କ ଏସ୍‌ଟି-ଏସ୍‌ସି ବିରୋଧୀ ନୀତିକୁ ନିନ୍ଦା



**ନୂଆପଡା, ୪ ।୧୧(ସମିସ):** ନୂଆପଡ଼ା ବ୍ଲକ୍‌ସେଠଜାମ୍ପାଣିରେ ବିଶାଳ ଆଦିବାସୀ ସମ୍ମିଳନୀ ଆୟୋଜିତ ହୋଇଯାଇଛି।ହଜାର ହଜାର ଆଦିବାସୀ ଭାଇ ଭଉଣୀ ମହାସଭାରେ ଯୋଗଦେଇ ବିଜେପି ସରକାରଙ୍କ ଆଦିବାସୀ ଓ ଅନୁସୂଚିତ ଜାତି ଦମନ, ଶୋଷଣ, ଅତ୍ୟାଚାର ନୀତି ବିରୋଧରେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଥିଲେ। ସମ୍ମିଳନୀରେ ରାଜ୍ୟସଭା ସାଂସଦ ରାଜ୍ୟସଭା ନିରଞ୍ଜନ ବିଶି , ପୂର୍ବତନ ମନ୍ତ୍ରୀ ଓ ଆଦିବାସୀ ନେତା ସୁଦାମ ମାରାଣ୍ଡି, ପୂର୍ବତନ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି, ମୁଜିବୁଲ୍ଲା ଖାନ (ସାଂସଦ ରାଜ୍ୟସଭା), ମହିଳା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର, ନୂଆପଡା ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ଅଧ୍ୟକ୍ଷ ଭାନୁ ପ୍ରତାପ ସିଂହ ମାଝି, ରାଜ୍ୟ ସାମାନ୍ୟ ସଚିବ ସାବର ସମାଜ ତେଜରାଜ ସାବର, ବିଷ୍ଣୁ ଭୁଞ୍ଜିଆ, ରୂପସିଂ ଭୁଞ୍ଜିଆ, ତେଜରାଜ ଭୁଞ୍ଜିଆ ସହ ବହୁ ନେତା ସାମିଲ ହୋଇଥିଲେ।ଆଦିବାସୀ ନେତାମାନେ ବିଜେପି ସରକାରକୁ କଡା ସମାଲୋଚନା କରି ଆଦିବାସୀ ଓ ଅନୁସୂଚିତ ଜାତିଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଆର୍ଥିକ ସମୃଦ୍ଧି ପାଇଁ ପୂର୍ବରୁ ଚାଲୁ ଥିବା ଯୋଜନାମାନଙ୍କୁ ବିଜେପି ସରକାର ବନ୍ଦ କରିଦେଇଛି। ଆଦିବାସୀ ଉପଯୋଜନା ବନ୍ଦ,ଆଦିମ ଆଦିବାସୀମାନଙ୍କ ପାଇଁ କୌଣସି ନୂଆ ଯୋଜନା ନାହିଁ, କେନ୍ଦ୍ର ଆଦିବାସୀ ମନ୍ତ୍ରଣାଳୟ ଦ୍ୱାରା ଗୋଟିଏ ଏକଲବ୍ୟ ଆଦର୍ଶ ଆବାସିକ ସ୍କୁଲ ମଧ୍ୟ ପ୍ରତିଷ୍ଠା କରାଯାଇ ନାହିଁ।ଆଦିବାସୀ ଭାଷା ଗୋଣ୍ଡି, ହୋ,କୁଇ,ମୁଣ୍ଡାରୀ, ସାଓରା, ଭୁମିଜ, କୋଶଳୀକୁ ସଂବିଧାନର ଅଷ୍ଟମ ଅନୁସୂଚୀରେସ୍ଥାନ ଦେବାକୁ ବିଜେପି ସରକାର ବିଫଳ ହୋଇଛି ଆଦିବାସୀ ଧର୍ମକୁ ସମ୍ବିଧାନିକ ମାନ୍ୟତା ଦିଆଯାଇ ନାହିଁ।ସମ୍ମିଳନୀରେ ଆଦିବାସୀ ନିଜସ୍ୱ ପରିଚୟ, ଭୂମି, ମୂଲ୍ୟ ଓ ସଂସ୍କୃତିର ସୁରକ୍ଷା ପାଇଁ ଆନ୍ଦୋଳନ ଜାରି ରଖିବା ନିଷ୍ପତ୍ତି ଗ୍ରହଣ କରିବା ସହିତ ବିଜେପି ଠାରୁ ଦୁରେଇ ରହିବାକୁ ଆହ୍ୱାନ ଦିଆଯାଇଛି।

# ଜୟ ଢୋଲକିଆ ଓ ତାଙ୍କ ମା'ଙ୍କ ମନ୍ତବ୍ୟ ଭିତ୍ତିହୀନ ଓ ଦୁର୍ଭାଗ୍ୟଜନକ: ବିଜେଡି

### ଫାଇଦା ପାଇଁ ପଟ୍ଟ ପରିବର୍ତ୍ତନ କରି ଜୟ ମିଛ କହୁଛନ୍ତି: ସଞ୍ଜୟ

### ନବୀନ ବାବୁଙ୍କ ଆଶୀର୍ବାଦରେ ରାଜୁ ଭାଇ ମନ୍ତ୍ରୀ ହୋଇଥିଲେ: ଲେଖାଶ୍ରୀ



ବିଜେଡି ବିମାନ ଯୋଗାଡ଼ କରି ପାର୍ଥୀବ ଶରୀର ଚେନ୍ନାଇରୁ ଆଣିଥିଲା

ଚିକିତ୍ସା ଓ ଏକାଦଶାହ ପାଇଁ ଦଳ ବ୍ୟବସ୍ଥା କରିଥିଲା

ବିଜେପି ଚାପରେ ଜୟ ଏପରି ହୀନ ମନ୍ତବ୍ୟ ଦେଉଛନ୍ତି



**ନୂଆପଡା,୪ ।୧୧(ସମିସ):**ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ଏବଂ ତାଙ୍କ ମା' ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ପ୍ରତି ଯେଉଁ ଅରୁଚିକର,ତଥ୍ୟ ବିହୀନ ମନ୍ତବ୍ୟ ଦେଇଛନ୍ତି ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ଭିତ୍ତିହୀନ ବୋଲି ବିଜେଡି କହିଛି। ବିଜେଡି ଓ ନବୀନ ବାବୁ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କୁ ଅଣଦେଖା କରିଥିବା ନେଇ ଜୟ ଢୋଲକିଆ ଏବଂ ତାଙ୍କ ମା'ଯେଉଁ ମନ୍ତବ୍ୟ ଦେଇଛନ୍ତି ତାହାର ତୀବ୍ର ନିନ୍ଦା କରିବା ସହ ଜୟଙ୍କ ଅଭିଯୋଗ ଦୁର୍ଭାଗ୍ୟଜନକ ଓ ନିରାଧାର ବୋଲି ଦଳର ବରିଷ୍ଠ ନେତା ସଞ୍ଜୟ କୁମାର ଦାସବର୍ମା। ରାଜେନ୍ଦ୍ରଙ୍କ ବିଚାରଧାରାକୁ ହତ୍ୟା କରି ଜୟ ଢୋଲକିଆ ବିଜେପିକୁ ଯାଇ ତାହା ମିଛ କହୁଛନ୍ତି। ଜୟ ନିଜ ମନ୍ତବ୍ୟର ଆତ୍ମସମୀକ୍ଷା କରନ୍ତୁ।

ସେହିପରି ଦଳର ବରିଷ୍ଠ ନେତ୍ରୀ ଡ.ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ନିଜ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଦଳ ବଦଳାଇବା ପରେ ବିଜେଡି ବିରୋଧରେ ଅମୂଳକ ମନ୍ତବ୍ୟ ଦେବା ଆଦୌ ଗ୍ରହଣୀୟ ନୁହେଁ। ବୋଲି ଲେଖାଶ୍ରୀ କହିଛନ୍ତି। ଲେଖାଶ୍ରୀ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କଡ଼ା ପ୍ରତିକ୍ରିୟା ରଖି ଜୟ ଢୋଲକିଆ ନିଜ ସ୍ୱାର୍ଥ ପାଇଁ କୌଣସି ଦଳକୁ ବି ଯାଇପାରିବେ। କିନ୍ତୁ ନିଜ ସ୍ୱାର୍ଥ ସାଧନ ପାଇଁ ଯେଉଁ ଦଳ ସହିତ ତାଙ୍କ ବାପାଙ୍କ ପରିଚୟ ଥିଲା, ଯେଉଁ ନେତାଙ୍କ ସହ ସ୍ୱର୍ଗତ ରାଜୁ ଭାଇ ଦୀର୍ଘ ଦିନ ଧରି କାମ କରିଥିଲେ, ନିଜ ଆନୁଗତ୍ୟ ପ୍ରକାଶ କରି ଆସୁଥିଲେ, ସେହି ଦଳକୁ ହଠାତ କୁସ୍ୱାରଟନା କରିବା ହୀନମନ୍ୟତାର ପରିଚୟ। ଏହାକୁ ହୀନ ରାଜନୀତି ବୋଲି କୁହାଯିବ।ରାଜୁ ଭାଇ ତିନି ଥର ବିଧାୟକ ହୋଇଛନ୍ତି,ନବୀନ ବାବୁଙ୍କ ସରକାରରେ ମନ୍ତ୍ରୀ ହୋଇଛନ୍ତି। ଆଜି ଯେଉଁମାନେ ବିଜେଡି ସହ ରାଜୁ ଭାଇଙ୍କ ସମ୍ପର୍କକୁ ନେଇ ପ୍ରଶ୍ନ ଉଠାଉଛନ୍ତି, ସେମାନଙ୍କୁ କହିବାକୁ ଚାହୁଁ, ବିଜେଡିର ଆର୍ଶୀବାଦ ବିନା ସେ ବିଧାୟକ ହୋଇଥିଲେ କି? ନବୀନ ବାବୁଙ୍କ ସହଯୋଗ ବିନା ସେ କିପରି ମନ୍ତ୍ରୀ ହେଲେ। ଶେଷ ପର୍ଯ୍ୟନ୍ତ ନବୀନ ବାବୁଙ୍କ ସହ ରାଜୁ ଭାଇଙ୍କର ଉତ୍ତମ ସମ୍ପର୍କ ଥିଲା। ନିର୍ବାଚନ ପରାଜୟ ଭୟରେ ଜୟଙ୍କୁ ନେଇ ଏକ ହୀନ ରାଜନୀତିର କାର୍ଡ ଖେଳାଯାଇଛି।ରାଜୁ ଭାଇ ଚେନ୍ନାଇରେ ଚିକିତ୍ସିତ ହେଉଥିବା ବେଳେ ପ୍ରତ୍ୟେକ ଦିନ ନବୀନ ନିବାସରୁ ତାଙ୍କ ସ୍ୱାସ୍ଥ୍ୟବସ୍ଥାର ଯାଞ୍ଚ କରାଯାଉଥିଲା।। ସେଠାରେ ତାଙ୍କର ଭଲ ଚିକିତ୍ସା ପାଇଁ ବିଜେଡି ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା।ପରେ ନବୀନ ବାବୁ ନିଜ ଚିକିତ୍ସା ପାଇଁ ମୁମ୍ବାଇ ଗଲେ। ସେ ସମୟରେ ଦୁର୍ଭାଗ୍ୟବଶତଃ ରାଜୁ ଭାଇଙ୍କର ପରଲୋକ ହେଲା। ଏହାପରେ ତାଙ୍କ ମରଶରୀରକୁ ନୂଆପଡ଼ା ଆଣିବା ପାଇଁ ନବୀନ ବାବୁଙ୍କ ନିର୍ଦ୍ଦେଶକ୍ରମେ ଚାଟାର୍ଡ ବିମାନର ବ୍ୟବସ୍ଥା କରାଯାଇଥିଲା। ତାଙ୍କ ମୃତଦେହ ଆସିବା ପରେ ଅନ୍ତ୍ୟେଷ୍ଟିକ୍ରିୟା କେବଳ ବିଜେଡି ସହଯୋଗରେ ହୋଇଥିଲା। ଏକାଦଶାହରେ ଦଳର ବହୁ ତୁଙ୍ଗ ନେତା ଉପସ୍ଥିତ ଥିଲେ ଏବଂ ନବୀନ ବାବୁ ଦିଲ୍ଲୀରୁ ଭିଡିଓ କନଫରେନସିଂ ଜରିଆରେ ଯୋଗ ଦେଇଥିଲେ। ଜୟ ଢୋଲକିଆ କେବଳ କାହା ଦ୍ୱାରା ପ୍ରେରିତ ହୋଇ ବିଜେଡି ବିରୋଧରେ ଅଣଦେଖା ଅଭିଯୋଗ କରୁଛନ୍ତି। ବିଜେପିର ପ୍ରାର୍ଥୀ ହେଲା ପରେ ଜୟ ବିଜେଡି ବିରୋଧରେ ବିଷୋଦଗାର କରୁଛନ୍ତି ବୋଲି ଶ୍ରୀମତୀ ସାମନ୍ତସିଂହାର କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ନୂଆପଡ଼ା ବିଜେଡି ସଭାପତି ଅବନୀ ରଞ୍ଜନ ଯୋଶୀ ଉପସ୍ଥିତ ଥିଲେ।

## କୋମନା ବ୍ଲକ୍‌ରେ କଂଗ୍ରେସର ମାରାଥନ ପ୍ରଚାର



**ନୂଆପଡ଼ା,୪ ।୧୧(ସମିସ):**ନୂଆପଡ଼ା ଜିଲ୍ଲା କୋମନା ବ୍ଲକ୍ ଜୋନ ୩ରେ କଂଗ୍ରେସ ନିର୍ବାଚନୀ ପ୍ରଚାର କରିଛି। ପ୍ରଦେଶ କଂଗ୍ରେସ ପର୍ଯ୍ୟବେକ୍ଷକ ଅଜୟ ଲଲୁଙ୍କ ନେତୃତ୍ୱରେ ଟିକ୍ରାପଡ଼ା, ଜେଠୁପାଲି, ଡୁଙ୍ଗୁରିପାଲି, ଜଳମକଟା, ବୁଦ୍ଧିକୋମନା,କାଳିମାଟି, ଠୁଟିବରରେ ପଦଯାତ୍ରା କରି କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝିଙ୍କ ପାଇଁ ଭୋଟ ଭିକ୍ଷା କରିଛନ୍ତି। ଏଥିରେ ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ପୂର୍ବତନ ବିଧାୟକ ସୁର ରାଉତରାୟ, ରାଜଗାଙ୍ଗପୁର ବିଧାୟକ ଡ଼ରାଜନ ଏକ୍କା,ପୂର୍ବତନ ବିଧାୟକ ଡ଼ାବୁଗାଁ ଭୁଜବଳ ମାଝି,ମାଲକାନଗିରି ପୂର୍ବତନ ବିଧାୟକ ନିମାଇଁ ସରକାର, ଖଡ଼ିଆଳ କଂଗ୍ରେସ ବିଧାୟକ ପ୍ରାର୍ଥୀ କମଳ ଚରଣ ତାଣ୍ଡି, କଳାହାଣ୍ଡି ଯୁବ କଂଗ୍ରେସ ସଭାପତି ସାଉଲ ମଙ୍ଗରାଜ, ନବରଙ୍ଗପୁର ଯୁବକଂଗ୍ରେସ ସଭାପତି ଅଖିଳ ବାତ୍ରା,ଜିଲ୍ଲା ମେଡିଆ ସେଲ ସଂଯୋଜକ ସୁଧୀର ମିଶ୍ର, ବରିଷ୍ଠ ଯୁବନେତା ରବି ମଙ୍ଗରାଜ, ରୂପକ ତୁରୁ, ଅନିଲ ମଲ୍ଲିକ,ଲମ୍ବୁ ଜାଲ,ଜୋନ ଇନଚାର୍ଜ ଭୀଷ୍ମ ସୁନାନୀ, ଅର୍ଜୁନ ସୁନାନୀ, କୈଳାସ ବାଗ, ଦିଲୀପ ହରିଆ, ନିରାକାର ନାଏକ, ରମେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ତୃତୀୟ ଲିଙ୍ଗୀ କରୁଛନ୍ତି ସଚେତନ



**ନୂଆପଡା,୪ ।୧୧(ସମିସ):** ନୂଆପଡା ବିଧାନସଭା ଉପନିର୍ବାଚନରେ ମତଦାନ ସାବ୍ୟସ୍ତ କରିବା ପାଇଁ ତୃତୀୟ ଲିଙ୍ଗୀ, ଟ୍ରାନ୍ସଜେଣ୍ଡର ମଧ୍ୟ ଅତ୍ୟନ୍ତ ଆଗ୍ରହୀ। ସମସ୍ତ ଭୋଟରଙ୍କୁ ମତଦାନ ଦେଇ ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ଅନୁରୋଧ କରୁଛନ୍ତି। ସୂଚନଯୋଗ୍ୟ ଯେ ନୂଆପଡ଼ା ଉପନିର୍ବାଚନରେ ୨୧ ଜଣ ତୃତୀୟ ଲିଙ୍ଗୀ ମତଦାନ କରିବେ।

## ଦଳୀୟ ପ୍ରାର୍ଥୀଙ୍କ ପାଇଁ ମୁକେଶ ମହାଲିଙ୍ଗଙ୍କ ପ୍ରଚାର

**ନୂଆପଡା,୪ ।୧୧(ସମିସ):** ଉପନିର୍ବାଚନ ଦୁନ୍ଦୁଭି ବାଜିଲା ଦିନ ଠାରୁ ନୂଆପଡା ଜିଲ୍ଲା ସଦର ମହାକୁମା ସମେତ ଜିଲ୍ଲାର ପ୍ରମୁଖ ସହର ଛକ ଜାଗାମାନଙ୍କରେ ସକାଳ ହେଲେ ନେତା, ଅଭିନେତାମାନଙ୍କର ଭିଡ଼ ଜମୁଛି। ନେତାମାନେ ତ ଦିନ ତମାମ ବିଭିନ୍ନ ଗାଁ, ୱାର୍ଡକୁ ଗସ୍ତ କରି ପ୍ରଚାର କରିଥାନ୍ତି। ହେଲେ ସକାଳେ ପ୍ରାତଃ ଭ୍ରମଣ ଆଳରେ ମଧ୍ୟ ନିଜ ନିଜର ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରୁଛନ୍ତି।ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ ଆଜି ଦଳୀୟ ପ୍ରାର୍ଥୀ ଜୟ ଢୋଲକିଆଙ୍କ ପାଇଁ ନିର୍ବାଚନ ପ୍ରଚାରରେ ଯାଇ ନୂଆପଡ଼ା ତେଲିପଡାରେ ଏକ ଚା' ଖଟିରେ"ଚାଏପେ ଚର୍ଚ୍ଚା" ମାଧ୍ୟମରେ ଭୋଟରଙ୍କୁ ବିଜେପି କୁ ଭୋଟ ଦେବାକୁ ସଚେତନ କରାଇଛନ୍ତି।



# ପ୍ରିଜାଇଡିଂ ଓ ପୋଲିଂ ଅଫିସରଙ୍କ ଦ୍ୱିତୀୟ ପର୍ଯ୍ୟାୟ ଟ୍ରେନିଂ ଶେଷ

**ନୂଆପଡା,୪ ।୧୧(ସମିସ):**ନୂଆପଡା ବିଧାନସଭା ଉପନିର୍ବାଚନ ପାଇଁ ପ୍ରିଜାଇଡିଂ ଓ ପୋଲିଂ ଅଫିସରମାନଙ୍କ ଦ୍ୱିତୀୟପର୍ଯ୍ୟାୟଟ୍ରେନିଂର ମଙ୍ଗଳବାର ଶେଷ ଦିନଥିଲା। ସ୍ଥାନୀୟ ନ୍ୟାସନାଲ ହାଇସ୍କୁଲ ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର ଓ ୱାଟର ସେଡ୍ ସମ୍ମିଳନୀ କକ୍ଷରେ ତାଲିମ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ ଓ ପ୍ରଫୁଲ୍ଲ କୁଜୁରଙ୍କ ତତ୍ତ୍ୱାବଧାନରେ ଜିଲ୍ଲାସ୍ତରୀୟ ଓ ମାଷ୍ଟର ଟ୍ରେନରମାନେ ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀଙ୍କୁ ଇଭିଏମ୍,କଣ୍ଟ୍ରୋଲ ୟୁନିଟ୍ ଓ ଭିଭିପାର୍ଟ କାର୍ଯ୍ୟକାରିତା ସମ୍ବନ୍ଧରେ ବିଷଦ ଭାବରେ ତାଲିମ ପ୍ରଦାନ କରିଥିଲେ।



ଜିଲ୍ଲାପାଳ ମଧୁସୁଦନ ଦାଶ ତାଲିମ କେନ୍ଦ୍ରରେ ଉପସ୍ଥିତ ରହି ଅଧିକାରୀଙ୍କୁ ବ୍ୟବହାରିକ ପ୍ରଶିକ୍ଷଣ ଦେଇଥିଲେ। ତାଲିମ ସମୟରେ ପ୍ରିଜାଇଡିଂ ଅଫିସରମାନେ ୧୦୦ଟି ମକ୍ ଭୋଟ ଦେଇ ଏବଂ ଏହାକୁ ଭିଭିପାଟ ସ୍ଲିପ୍ ସହିତ ମିଳାଇ ମକ୍‌ଡ୍ରିଲ କରିଥିଲେ। ମକ ପୋଲ ସମୟରେ ଭୋଟିଂ ମେସିନ ଓ ଭିଭିପାଟର ଶତ ପ୍ରତିଶତ ସଠିକତା ସୁନିଶ୍ଚିତ ହୋଇଥିଲା। ଭୋଟ ଗ୍ରହଣ ଦିନ ଭୋଟ ଆରମ୍ଭ ପୂର୍ବରୁ ଟିମ୍ ମକ ପୋଲ କରି ତାହାର ରିପୋର୍ଟ ତିଆରି କରିବେ। ଶେଷରେ ସମସ୍ତ ମେସିନକୁ ଦଳ ଏଜେଣ୍ଟଙ୍କ ଉପସ୍ଥିତିରେ ସିଲ କରିବେ। ଭୋଟିଂ ସମୟରେ ମତଦାତା ଇଭିଏମ୍‌ରେ ବଟନ ଦବାଇଲେ, ଭିଭିପାଟରେ ତାଙ୍କ ଭୋଟର ସ୍ଲିପ ୭ ସେକେଣ୍ଡ ପର୍ଯ୍ୟନ୍ତ ଦେଖି ପାରିବେ, ଯାହା ପରେ ସେହି ସ୍ଲିପ୍ ସ୍ୱୟଂକ୍ରିୟ ଭାବେ ବକ୍ସରେ ପଡ଼ିଯିବ। ନିର୍ବାଚନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ ମତଦାତାଙ୍କୁ ଭିଭିପାଟ ମେସିନ କିମ୍ବା ସ୍ଲିପ୍ ଛୁଇଁବାକୁ ଅନୁମତି ଦିଆଯିବ ନାହିଁ।ଯଦି କୌଣସି ମେସିନରେ ଯାନ୍ତ୍ରିକ ତ୍ରୁଟି ହୁଏ ତାହେଲେ ସେକ୍ଟର ଅଫିସରଙ୍କୁ ଶୀଘ୍ର ଜଣାଇବେ। ଭୋଟିଂ ୟୁନିଟ୍, କଣ୍ଟ୍ରୋଲ ୟୁନିଟ୍ ଓ ଭିଭିପାଟର ଯାନ୍ତ୍ରିକ ତ୍ରୁଟି ସୁଧାରିବା ପାଇଁ ଇଞ୍ଜିନିୟରମାନେ ସଦା ପ୍ରସ୍ତୁତ ରହିବେ।ଉତ୍ସର୍ଗୀକୃତ ଭାବରେ ନିଜର ଦାୟୀତ୍ୱ ନିର୍ବାହ କରିବାପାଇଁ ସେ ସମସ୍ତ ଅଧିକାରୀଙ୍କୁ ଜିଲ୍ଲାପାଳ ଆହ୍ୱାନ ଦେଇଛନ୍ତି।

● ଅବକାରୀ ବିଭାଗର ତଲାସୀ ଅଭିଯାନ

## ୧କୋଟି ୧୨ଲକ୍ଷ ୮୪ ହଜାର ୫୩୬ ଟଙ୍କାର ସାମଗ୍ରୀ ଜବତ

**ନୂଆପଡା,୪ ।୧୧(ସମିସ):**ନୂଆପଡା ଉପନିର୍ବାଚନ ପାଇଁ ଅବକାରୀ ବିଭାଗ ତରଫରୁ ବ୍ୟାପକ ତଲାସୀ ଅଭିଯାନ ଜାରି ରହିଛି।ଗତ ୦୩ ତାରିଖରେ ବିଭାଗୀୟ ଅଧିକାରୀ ଯାଞ୍ଚ କରି ୯୨ ଲିଟର ହାତ ରନ୍ଧା ମଦ, ୪୪ଲିଟର ବାହାର ଭାଟି ମଦ,୩.୬୦୦ ବିଦଶୀ ମଦ ଏବଂ ୨୩୦୦ କେଜି ମହୁଲ ପୋଚ ଜବତ କରିଛନ୍ତି। ଏସବୁର ଆନୁମାନିକ ମୂଲ୍ୟ ୧ଲକ୍ଷ ୪୮ ହଜାର ଟଙ୍କା ହେବ। ଅଦ୍ୟାବଧି ଅବକାରୀ ବିଭାଗ ୭୭ ଲିଟର ବିଅର, ୪୨ ଲିଟର ବିଦେଶୀ ମଦ,୬୬୧୫ ଲିଟର ହାତ ରନ୍ଧା ମଦ, ୧୩୧୨ଲିଟର ବାହାର ଭାଟି ମଦ ,୬୦କେଜି ଗଞ୍ଜେଇ ଏବଂ୧,୬୨,୩୫୦ କେଜି ମହୁଲ ପୋଚ ଜବତ କରିଛନ୍ତି। ଏସବୁର ଆନୁମାନିକ ମୂଲ୍ୟ ୧କୋଟି ୧୨ଲକ୍ଷ ୮୪ହଜାର ୫୩୬ଟଙ୍କା ହେବ।ଏହା ସହିତ ପାଞ୍ଚଟି ବାଇକ୍ ଏବଂ ଏକ ଚାରିଚକିଆ ଯାନ ମଧ୍ୟ ଅବକାରୀ ବିଭାଗ ଜବତ କରିଛି।ବର୍ତ୍ତମାନ ସୁଦ୍ଧା ୨୧୬ଟି ଅବକାରୀ କେଶ୍ ରୁଜୁ ହୋଇଛି ଓ ୧୧୫ଜଣଙ୍କୁ ଗିରଫ କରାଯାଇଥିବା ଅବକାରୀ ଅଧିକ୍ଷକ ଜଣାଇଛନ୍ତି। ନିର୍ବାଚନ ସମୟରେ ବେଆଇନ ଅବକାରୀ ସାମଗ୍ରୀ ଚାଲାଣ ଓ କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଜିଲ୍ଲାପାଳ ନିୟୋଜିତ ସମସ୍ତ ଟିମ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।







# ଦେଢ଼ବର୍ଷରେ ନାରଖାର ବରମୁଣ୍ଡା ବସ୍ ଟର୍ମିନାଲ

**ଭୁବନେଶ୍ୱର, ୪ ।୧୧(ସମିସ): ଭୁବନେଶ୍ୱର ବରମୁଣ୍ଡାଠାରେ ପ୍ରତିଷ୍ଠିତ ବିଶ୍ୱସ୍ତରୀୟ ବସ୍ ଟର୍ମିନାଲ ନବୀକରଣକୁ ଇତି ମଧ୍ୟରେ ଦେଢ଼ବର୍ଷ ନ ପୂରୁଣୁ ସରକାର ବଦଳିବା ପରେ ରକ୍ଷଣାବେକ୍ଷଣ ଅଭାବରୁ ଏହା ଜରାଜୀର୍ଣ୍ଣ ଅବସ୍ଥାକୁ ଚାଲି ଆସିଛି । ଏଠାରେ ଥିବା ଏସିଠାରୁ ଆରମ୍ଭ କରି ପାଣିଟ୍ୟାପ ତଥା ଅନ୍ୟାନ୍ୟ ସାମଗ୍ରୀଗୁଡ଼ିକ ଭାଙ୍ଗିରୁଜି ଗଲାଣି ।**



ଭେଲିକି ଡର୍ମିଟୋରୀ

ଘର ଅଛି ଦୋକାନ ଖୋଲୁନି

ଭଙ୍ଗା ଚେୟାରରେ ଆହାର ଖାଉଛନ୍ତି ଯାତ୍ରୀ

## କାଚ ନାହିଁ; ଝୁଲୁଛି ଜରି

ଗ୍ରାଉଣ୍ଡଫ୍ଲୋରରେ ଲାଗିଥିବା କିଛି କାଚ ଡ଼ୋର ସହ ଦାଢ଼ରେ ଲାଗିଥିବା କାଚ ଭାଙ୍ଗି ଯାଇଛି । ଏହି ଭଙ୍ଗା କାଚ ଡ଼ୋର ସ୍ଥାନରେ ଜରି ଝୁଲୁଛି । ଏଥିସହିତ ଯାତ୍ରୀମାନଙ୍କ ସମୟ ଅତିବାହିତ କରିବା ପାଇଁ ବୁକ୍ ଷ୍ଟାଣ୍ଡରେ ବହି ରହିଥିଲା ହେଲେ ଏବେ ଏହି ସୁବିଧା ବି ପାଇ ପାରୁନାହାନ୍ତି ଯାତ୍ରୀ ।

## ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ଯାତ୍ରୀ

ଯାତ୍ରୀମାନଙ୍କର ମୁଣ୍ଡ ବୁଲେଇବା ହେଉ କି ରକ୍ତଚାପ, ବାନ୍ତି, ପେଟମୋଡ଼ି. ଥଣ୍ଡା ପରି ସାଧାରଣ ରୋଗ ହେଲେ କିମ୍ବା ଖଣ୍ଡିଆ ଖାବରା ହେଲେ ଟର୍ମିନାଲ ଭିତରେ ଥିବା ଘରୋଇ ଚିକିତ୍ସାଳୟରେ ଦେଖାଉଥିଲେ । ଏହି ଚିକିତ୍ସାଳୟରେ ଡାକ୍ତର ମାଗଣା ଚିକିତ୍ସା କରିବା ସହିତ ପ୍ରାଥମିକ ଚିକିତ୍ସା ସୁବିଧା ମିଳୁଥିଲା ।ହେଲେ ଏହି ଚିକିତ୍ସାରୁ ମାସେ ହେଲାଣି ବଞ୍ଚିତ ହେଉଛନ୍ତି ଯାତ୍ରୀ ।

## ଭଙ୍ଗା ଚେୟାରରେ ଆହାର ଖାଉଛନ୍ତି ଯାତ୍ରୀ

-ପ୍ରତିଦିନ ଶହ ଶହ ଲୋକଙ୍କ ସମେତ ଯାତ୍ରୀମାନେ ୫ ଟଙ୍କା ଦେଇ ଆହାର ଖାଉଛନ୍ତି । ହେଲେ ଏହି ଯାତ୍ରୀ ଏବଂ ଲୋକମାନେ ଭଙ୍ଗା ଚେୟାର ଉପରେ ବସି ଖାଦ୍ୟ ଖାଉଥିବାର ଅଭିଯୋଗ ହେଉଛି । ବିଶେଷ କରି ଭଙ୍ଗା ଚେୟାର ସବୁ ପଛକୁ ପଡ଼ିଛି । ଅନେକ ଲୋକ ଜାଣି ନ ପାରି ସେଥିରେ ବସିବା ଦ୍ୱାରା ସେମାନେ ପଡ଼ି ଯିବାର ନଜିର ରହିଛି । ସେହିଭଳି ଭଙ୍ଗା ଚେୟାରରେ ପୋଷାକ ଲାଗି ବିଭିନ୍ନ ଚିରି ଯାଉଥିବା ଯାତ୍ରୀ ଅଭିଯୋଗ କରୁଛନ୍ତି ।

## ଆଉ ନାହିଁ ଲଗେଜ୍ ସ୍କାନର

-ଯେଉଁ ଯାତ୍ରୀମାନେ ଲଗେଜ୍ କିମ୍ବା ବଡ଼ ବ୍ୟାଗ ନେଇ ଆସୁଥିଲେ ବସ୍ ଟର୍ମିନାଲ ଭିତରକୁ ପ୍ରବେଶ କରିବା ବେଳେ ଲଗେଜ୍ ଓ ବ୍ୟାଗ୍ ସ୍କାନ କରାଯାଉଥିଲା । ହେଲେ ଏବେ ଦୁଇମାସରୁ ଅଧିକ ଦିନ ହେଲାଣି ଲଗେଜ୍ ସ୍କାନର ଆଉ ନାହିଁ । ଫଳରେ ବ୍ୟାଗ୍ କିମ୍ବା ଲଗେଜ୍ ମଧ୍ୟ ସ୍କାନ ହେଉନାହିଁ । ବସଟର୍ମିନାଲକୁ ଲଗେଜ୍‌ରେ କିଏ କଣ ନେଇକି ଆସିବା ସହ କିଛି ଅଘଟଣ ନଘଟିବ ଏହା ପାଇଁ ଦାୟୀ କିଏ ରହିବ ବୋଲି ଯାତ୍ରୀମାନେ କହିଛନ୍ତି ।

## ନାମକୁ ମାତ୍ର ଝୁଲୁଛି ଏସି

ଦୁଇଘଣ୍ଟାରୁ ଅଧିକ ସମୟ ହେଲାଣି ବସିଲିଣି ଥଣ୍ଡା ଲାଗୁନାହିଁ ଓଲଟା ଗୁଳୁଗୁଳି ଲାଗୁଛି । ଗ୍ରାଉଣ୍ଡ ଫ୍ଲୋରର ୧୦ ରୁ ୧୫ ନମ୍ବର ବସ୍ ବେ ସାମ୍ନାରେ ବସ୍‌କୁ ଅପେକ୍ଷା କରି ରହିଥିବା ଯାତ୍ରୀ ସୋନାଲି ଦାସ ଏହା କହିଛନ୍ତି । କେବଳ ସୋନାଲି ନୁହଁନ୍ତି ତାଙ୍କ ପରି ମଧ୍ୟ ପ୍ରଥମ ମହଲାରେ ବସ୍‌କୁ ଅପେକ୍ଷା କରି ରହିଥିବା ଯାତ୍ରୀ ଶ୍ରୀମା ରାଉତ କୁହନ୍ତି ଏସି ଲାଗଇ ବନ୍ଦ କରିବା ପରେ ଯେମିତି ଥଣ୍ଡା ଲାଗେ ସେମିତି ଲାଗୁଛି । ଏତେ ବି ଥଣ୍ଡା ଲାଗୁନାହିଁ ବୋଲି ସେ କହିଛନ୍ତି । ଦିନରାତି ଶହଶହ ଯାତ୍ରୀ ବସ୍‌କୁ ଅପେକ୍ଷା କରିବା ସହ ଘଣ୍ଟା ଘଣ୍ଟା ଅପେକ୍ଷା କରୁଛନ୍ତି । କିନ୍ତୁ ବସ୍ ଟର୍ମିନାଲ୍‌ରେ ଅଧିକାଂଶ ଏସି ଅଚଳ ଥିବାରୁ ଭିତର ଗୁଳୁଗୁଳି ଲାଗୁଛି ବୋଲି ଯାତ୍ରୀ ଅଭିଯୋଗ କରିଛନ୍ତି ।

ବିଡ଼ିଏ ପକ୍ଷରୁ ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନୀକୁ ୫ ବର୍ଷ ପାଇଁ କଣ୍ଟ୍ରାକ୍ଟ ଦିଆଯାଇଥିଲା । ହେଲେ ଏହି କମ୍ପାନୀ ଅନ୍ୟ ଏକ ଡ଼ାଇକିନ୍ କମ୍ପାନୀକୁ ଏସି ଲଗାଇବା ପାଇଁ ସୁପାରିଶ କରିଥିଲେ । କିନ୍ତୁ ବାହାଘର ପରେ ବେଦି ମୁହଁ ପୋଡ଼ା ଭଳି ଏସିର ୱାରେଣ୍ଟି ସରିବା ପରେ ପ୍ରାୟ ବର୍ଷେ ହୋଇଯିବ ଠିକ୍‌ଭାବେ ପରିଚାଳନା କରା ନ ଯିବାରୁ ବାରମ୍ବାର ଏସି ସମସ୍ୟା ଦେଖାଦେଉଛି । ଏଥିସହିତ ଏସିର ଆନୁଆଲ୍ ଏମ୍‌ସି ରିପୋର୍ଟ ହୋଇନାହିଁ ବୋଲି ଏସିରେ କିଛି ଅସୁବିଧା ହେଲେ କମ୍ପାନୀ କର୍ତ୍ତୃପକ୍ଷ ମୀରମତି କରୁନାହାନ୍ତି । ବିଡ଼ିଏ ପକ୍ଷରୁ କମ୍ପାନୀକୁ ଏସିର ମେଣ୍ଟେନ୍ କରିବାକୁ କୁହାଯାଉଛି । ବ୍ରିଜ୍ ଆଣ୍ଡ ରୁଫ୍ ବିଡ଼ିଏକୁ ଡ଼ାଇଟିନ୍ କମ୍ପାନୀକୁ ଏସି ମେଣ୍ଟେନ୍ କରିବା ପାଇଁ କହୁଛି । ଏମିତି ଟଣାଓଟରା ଭିତରେ ଲୋକମାନେ ଏସି ଥଣ୍ଡା ପାଇବାରୁ ବଞ୍ଚିତ ହେଉଛନ୍ତି । ଯେଉଁଥିପାଇଁ ଗରମ ଓ ଗୁଳୁଗୁଳି ସହୁଛନ୍ତି ଯାତ୍ରୀ ।

## ଭାଙ୍ଗିପଡ଼ିଛି ଶିଶୁଖେଳ ଉପକରଣ

ସକାଳୁ ରାତି ୧୦ଟା ପର୍ଯ୍ୟନ୍ତ ଏହି ପ୍ଲେ ଜୋନ୍ ଖୋଲା ରହୁଛି । ଟର୍ମିନାଲ୍ ପରିସରରେ ଶିଶୁଙ୍କ ପାଇଁ ଥିବା ପ୍ଲେ ଜୋନ୍‌ରେ ପାଞ୍ଚ ବର୍ଷରୁ କମ୍ ବୟସର ପିଲାମାନେ ଖେଳିବା ପାଇଁ ସୁବିଧା ରହିଛି । ପ୍ଲେ ଜୋନ୍ ଭିତରେ ବାସ୍କେଟ୍ ବଲ୍, ଜମ୍ପିଙ୍ଗ୍ ପଏଣ୍ଟ, ରେଳ ଗାଡ଼ି, ବଲ୍ କୁଣ୍ଡ ଆଦି ରହିଛି । ପ୍ରତ୍ୟେକ ଦିନ ୫୦ରୁ ଅଧିକ ପିଲା ଏହି ଜୋନ୍‌କୁ ଆସୁଛନ୍ତି । ହେଲେ ରକ୍ଷଣାବେକ୍ଷଣ ଅଭାବରୁ ଏହି ଉପକରଣଗୁଡ଼ିକ ଭାଙ୍ଗିରୁଜି ଯାଇଥିବା ବେଳେ ସେଥିରେ ଧୂଳି ଜମିଗଲାଣି । ଏଥିସହିତ ଏହି ପ୍ଲେ ଜୋନ୍ ଭିତରେ ପଡ଼ିଥିବା ରଙ୍ଗବେରଙ୍ଗର ମ୍ୟାଟ୍ ମଧ୍ୟ ବହୁତ ମଇଳା ହୋଇଗଲାଣି । ଅପରିଷ୍କାର ଏବଂ ବିପଦପୂର୍ଣ୍ଣ ଭାବେ ଏସବୁ ଉପକରଣରେ ପିଲାମାନେ ଖେଳୁଛନ୍ତି ବୋଲି କହିଛନ୍ତି ବସ୍ ପାଇଁ ଅପେକ୍ଷା କରିଥିବା ଯାତ୍ରୀ ମନ୍ଦାକିନୀ ଜେନା । ଉପରେ ଅଧିକ ଆକର୍ଷଣ ଲାଗିବା ପାଇଁ ବାଦଲ ଆକାରର ଚାରିଟା ଲାଇଟ୍ ଲଗାଯାଇଥିଲା ଏଥିମଧ୍ୟରୁ ତିନିଟା ଖରାପ ହୋଇଥିବା ବେଳେ ଅଉ କିଛି ଅଧା ଜଳୁଛି ତ ଅଧା ଜଳୁନାହିଁ ।

ସେହିଭଳି ଅଟୋ ଷ୍ଟାଣ୍ଡ ଉଦ୍‌ଘାଟନ ବେଳେ ଏଠାରେ ପ୍ରିପେଡ୍ ଅଟୋ ବ୍ୟବସ୍ଥା କରାଯାଇଥିବା ଘୋଷଣା ହୋଇଥିଲା । ଏହି ପ୍ରିପେଡ୍ ମାଧ୍ୟମରେ ଯାତ୍ରୀ ସ୍ୱତନ୍ତ୍ର କାଉଣ୍ଟରରୁ ଅଗ୍ରୀମ ବୁକିଂ କରି ଧାର୍ଯ୍ୟସ୍ଥଳକୁ ଯାଇପାରିବେ । ଆପ୍ ମାଧ୍ୟରେ ଯାତ୍ରୀ ଅଟୋଚାଳକଙ୍କ ପରିଚୟ ସହିତ ଗନ୍ତବ୍ୟସ୍ଥଳକୁ ଟ୍ରାକ୍ କରିବାର ବ୍ୟବସ୍ଥା ଥିଲା । ବର୍ଷେ ଏହି ବ୍ୟବସ୍ଥା ବନ୍ଦ ରହିବା ପରେ ଏବେ ଲୋକଙ୍କ ପାଇଁ ଉପଲବ୍ଧ ହୋଇଛି । ହେଲେ କୌଣସି ସୁବିଧା ନାହିଁ । ଏହି ପ୍ରିପେଡ୍ ବ୍ୟବସ୍ଥା କେତେବେଳେ ଖୋଲୁଛି ତ କେତେବେଳେ ବନ୍ଦ ରହୁଛି । ଅଧିକାଂଶ ଅଟୋବାଲା ମନଇଛା । ସେମାନଙ୍କ ଦରରେ ଯାତ୍ରୀଙ୍କୁ ନେଉଛନ୍ତି ।

## ଭେଲିକି ଡର୍ମିଟୋରୀ

ଦ୍ୱିତୀୟ ମହଲାରେ ଲୋକମାନଙ୍କ ପାଇଁ ରେଷ୍ଟ ପାଇଁ ଡର୍ମିଟୋରୀ କାମ ଆରମ୍ଭ ହୋଇଥିଲା । ଦୂରଦୂରାନ୍ତରୁ ଆସୁଥିବା ଲୋକମାନେ କିମ୍ବା ବସ୍‌ପାଇଁ ଅପେକ୍ଷା କରୁଥିବା ଯାତ୍ରୀମାନେ ଏହି ଏଠାରେ ବିଶ୍ରାମ ନେଇପାରିବେ । ହେଲେ ଏପର୍ଯ୍ୟନ୍ତ ଏହାର କାମ ସରୁନାହିଁ । ଏହି ରୁମ୍ ଭିତରେ ବେଡ୍ ନ ଥିବାର କେତେକ ଯାତ୍ରୀମାନେ ଚେୟାର ଉପରେ ଶୋଉଛନ୍ତି ତ ଆଉ କିଏ ବାହାରେ ତଳେ ଶୋଉଛନ୍ତି । ଲୋକମାନେ ତଳେ ଶୋଇବା ଦ୍ୱାରା ପକେଟ୍‌ରୁ ଟଙ୍କା, ମୋବାଇଲ ଆଦି ସାମଗ୍ରୀ ଚୋରି ହେଉଥିବାର ଅଭିଯୋଗ ହେଉଛି । ପ୍ରତିମାସରେ ୧୫ରୁ ଅଧିକ ମୋବାଇଲ୍ ଚୋରି ହେଉଥିବାର ଜଣେ କର୍ମଚାରୀ କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ରାତିରେ ଆମେ ଲୋକଙ୍କୁ ସଚେତନ କାରଉଛୁ । ହେଲେ ଲୋକଙ୍କୁ ନିଦ ହେବା ପରେ ମୋବାଇଲକୁ ଧ୍ୟାନ ଦେଉନାହାନ୍ତି । ଫଳରେ ଉଠିଲା ବେଳକୁ ମୋବାଇଲ ଚୋରି ହୋଇଯାଇଥିବ । ସିସିଟିଭିରୁ ଯଦି କିଛି ଜଣାପଡ଼େ ତେବେ ଚୋରକୁ ଧରିପାରୁ ନ ହେଲେ ମୋବାଇଲ ମିଳେନାହିଁ ବୋଲି ସେ କହିଛନ୍ତି ।

## ଘର ଅଛି ଦୋକାନ ଖୋଲୁନି

ଆମେ ଗୋଟେ ପାଣି ବୋତଲ ଆଣିବାକୁ ହେଲେ ବାହାରକୁ ଯିବାକୁ ପଡୁଛି । କିନ୍ତୁ ୧୩୦ଟା ଦୋକାନରେ ତାଲା ଝୁଲୁଛି । ଗତ ମାସରେ ବିଡ଼ିଏ ପକ୍ଷରୁ ଦୋକାନ ଖୋଲିବା ପାଇଁ ଲଟେରୀ ଦିଆଯାଇଥିଲା ହେଲେ ଏପର୍ଯ୍ୟନ୍ତ ଦୋକାନ ଖୋଲିଲା ନାହିଁ । ଯେଉଁଥିପାଇଁ କିଛି ଖାଦ୍ୟ ହେଉକି ଅନ୍ୟ କିଛି ସାମଗ୍ରୀ ପାଇଁ ଲୋକମାନେ ବାହାର ଦୋକାନୀଙ୍କ ଉପରେ ନିର୍ଭର କରୁଛନ୍ତି । ଏଥିପାଇଁ ଅନେକ ସମୟରେ ଯାତ୍ରୀମାନେ ସେମାନଙ୍କ ବସ୍‌କୁ ମଧ୍ୟ ହାତଛଡ଼ା କରିଦେଉଛନ୍ତି ଏବଂ ପୁଣି ଥରେ ବସ୍ ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା କରୁଛନ୍ତି ।

## ଅଧା ଟ୍ୟାପ୍ ଗାଏବ

ମହିଳାଙ୍କ ଶୌଚାଳୟ ଭିତରେ ଟ୍ୟାବ୍ ରହିଛି ହେଲେ ପୁରୁଷଙ୍କ ଶୌଚାଳୟ ଭିତରେ ଅନେକ ଟ୍ୟାପ୍ ନାହିଁ । ଏହିପରି ମଧ୍ୟ ଶୌଚାଳୟକୁ ଲାଗି ରହିଥିବା ବିଶୁଦ୍ଧ ପାନୀୟ ଜଳ ସ୍ଥାନରେ ମଧ୍ୟ ସ୍ଥିତି ସମାନ । ଅଧା ଟ୍ୟାପ୍ ଥିଲା ବେଳେ ଆଉ କିଛି ଟ୍ୟାବ୍‌ର କେବଳ ଚିହ୍ନ ରହିଛି । କେତେକ କର୍ମଚାରୀଙ୍କ କହିବା ଅନୁଯାୟୀ ଲୋକମାନେ ଚୋରି କରି ନେଇଯାଉଛନ୍ତି । ବଡ଼ ଟର୍ମିନାଲ ଭିତରେ ସିସିଟିଭି ଲାଗିକି ଯଦି ଲୋକେ ଟ୍ୟାପ୍‌କୁ ଖୋଲି ନେଇଉଛନ୍ତି ତେବେ ଯାତ୍ରୀ ଏବଂ ତାଙ୍କ ସାମଗ୍ରୀ କେତେ ସୁରକ୍ଷିତ ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

---

### କନିଷ୍ଠ ଯନ୍ତ୍ରୀଙ୍କୁ ଠିକାଦାରଙ୍କ ଧମକ

# କାମ ନ ଦେଲେ ଦୁଇ ଦିନରେ ବଦଳି

ଭୁବନେଶ୍ୱର, ୪।୧୧ (ସମିସ): ମୁଁ ସରକାରୀ ଦଳର ଠିକାଦାର, କାମ ନଦେଲେ ଦୁଇ ଦିନରେ ବଦଳି କରିଦେବି । ଏଭଳି ଢଙ୍ଗରେ ଜଣେ ଯନ୍ତ୍ରୀଙ୍କୁ ଧମକାଇଛନ୍ତି ଠିକାଦାର ଟୁଟୁ ହାତୀ । କନିଷ୍ଠ ଯନ୍ତ୍ରୀ ବିନୟ କୁମାର ସାହୁ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିବା ପରେ ତନାଘନା ଆରମ୍ଭ କରିଛି ପୁଲିସ ।

**ଚନ୍ଦ୍ରଶେଖରପୁର ଥାନାରେ ଏତଲା**

ଅଭିଯୋଗ ଅନୁଯାୟୀ, ଯନ୍ତ୍ରୀ ବିନୟ କୁମାର ସାହୁ ଡମଣା ଶୈଳଶ୍ରୀ ବିହାର ରାସ୍ତା କାମ ତଦାରଖ କରୁଥିଲେ । ସେହି ସମୟରେ ଟୁଟୁ ହାତୀ ତାଙ୍କୁ ଫୋନ୍ କରି ରାସ୍ତା ମରାମତି କାମ ଦେବାକୁ କହିବା ସହ ତାଙ୍କ ପାଖରେ ପହଞ୍ଚିଥିଲା । ଟୁଟୁ ସେଠାରେ ପହଞ୍ଚି ବିନୟଙ୍କୁ ଗାଳିଗୁଲଜ କରିବା ସହ ରାସ୍ତା ମରାମତି କାମ ଦେବାକୁ ଧମକ ଦେଇଥିଲେ । କାମ ଦେବା ଦାୟିତ୍ୱ ତାଙ୍କ ହାତରେ ନଥିବାରୁ ସେ ଉପରିସ୍ଥ ଅଧିକାରୀଙ୍କୁ ଭେଟିବାକୁ କହିଥିଲେ । ହେଲେ ଟୁଟୁ ବୁଝିବା ପରିବର୍ତ୍ତେ ତାଙ୍କୁ ଧମକାଇ ଥିଲା । ନିଜକୁ ସରକାରୀ ଦଳର ସକ୍ରିୟ ସଦସ୍ୟ କହିବା ସହ ଦୁଇ ଦିନରେ ବଦଳି କରିଦେବ ବୋଲି ବିନୟଙ୍କୁ ଧମକ ଦେଇଥିଲା । ସରକାରୀ କାମରେ ବାଧା ସୃଷ୍ଟି କରିବା ସହ ଜୀବନରେ ମାରିଦେବ ବୋଲି ଧମକ ଦେଇଥିଲା । ଏନେଇ ଯନ୍ତ୍ରୀ ବିନୟ କୁମାର ସାହୁ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିଛନ୍ତି ।

# ନୃତ୍ୟ ସଙ୍ଗୀତରେ 'ଶରତ' ଉତ୍ସବ

ଭୁବନେଶ୍ୱର, ୪।୧୧(ସମିସ): ପ୍ରତ୍ୟେକଙ୍କ ମନରେ ଶରତର ଅନୁଭୂତିକୁ ମନେ ପକାଇ ଦେବା ପାଇଁ ନୃତ୍ୟ ସଙ୍ଗୀତରେ ଶତର ଋତୁକୁ ବିଦାୟ ଦେଇଛନ୍ତି ଶିଳ୍ପୀଗଣ । ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ପକ୍ଷରୁ ଅନୁଷ୍ଠିତ ଶରତ ଉତ୍ସବ-୨୦୨୫ ଅବସରରେ ଏଭଳି ଏକ ମନୋରମ ମନୋରଞ୍ଜନ କାର୍ଯ୍ୟକ୍ରମ ଦେଖିବାକୁ ମିଳିଥିଲା । କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବକୁ ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ । ଶରତ ଋତୁ ପ୍ରକୃତିର ଏକ ଅନନ୍ୟ ଋତୁ ଏବଂ ଆଜିର କୃତ୍ରିମ ବୁଦ୍ଧିମତା ଯୁଗରେ ଆମେମାନେ ପ୍ରକୃତିଠାରୁ ଦୂରେଇ ଯାଉଥିବାରୁ ଏହିଭଳି ଋତୁର ଅନନ୍ୟତାକୁ ଉପଲବ୍ଧି କରିପାରୁନାହୁଁ । ବିଶେଷକରି ଯୁବପିଢ଼ି ସମ୍ପ୍ରତି ପ୍ରକୃତି ମନସ୍କ ହେବା ଉଚିତ୍ ବୋଲି ପ୍ରଫେସର ବିଶ୍ୱାଳ କହିଥିଲେ । ବିଶିଷ୍ଟ ସାହିତ୍ୟିକ ଡ. ଅରବିନ୍ଦ ରାୟ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଆମେ ପୂର୍ବଭଳି ପ୍ରକୃତିର ବିଭିନ୍ନ ଋତୁଗୁଡ଼ିକୁ ଆଉ ଅନୁଭବ କରିବାରେ ସମର୍ଥ ହେଉନାହୁଁ ବୋଲି ମତ ଦେଇ ପ୍ରକୃତିର ସଂରକ୍ଷଣ ପାଇଁ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ପରାମର୍ଶ ଦେଇଥିଲେ । ବିଶିଷ୍ଟ ବାଗ୍ମୀ ଡ. କୃଷ୍ଣ କେଶବ ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଆ ସାହିତ୍ୟରେ ଶରତ ଋତୁର ବର୍ଣ୍ଣନା ସମ୍ପର୍କରେ ଆଲୋଚନା କରିଥିବା ବେଳେ କୁଳସଚିବ ଅନାମିକା ଅଧିକାରୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ । ପ୍ରାରମ୍ଭରେ ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ




ଛାତ୍ରଛାତ୍ରୀଙ୍କ ପକ୍ଷରୁ କବିତା ପାଠୋତ୍ସବ, ଚିତ୍ରକଳା ପ୍ରଦର୍ଶନୀ, ଯନ୍ତ୍ର ସଙ୍ଗୀତ, ଓଡ଼ିଶୀ କଣ୍ଠ ସଙ୍ଗୀତ, ବୃନ୍ଦ ତବଲା ବାଦନ, ଓଡ଼ିଶୀ ନୃତ୍ୟ ଏବଂ ନାଟକ 'ସକିବ ସକିନା' ପରିବେଷିତ ହୋଇଥିଲା । କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଡ. ଜ୍ଞାନରଞ୍ଜନ ପଣ୍ଡା ।

---

### ପଞ୍ଚକ ବାହାନା

# ହାଟରେ କମ୍; ବାଟରେ ଚଢ଼ା

ଭୁବନେଶ୍ୱର, ୪।୧୧(ସମିସ): ଚାଲିଛି କାର୍ତ୍ତିକର ଶେଷ ୪ ଦିନିଆ ପଞ୍ଚକ । ହିନ୍ଦୁ ପରମ୍ପରା ଅନୁଯାୟୀ ଲୋକେ ପଞ୍ଚକରେ ଅରୁଆ ଭୋଜନ କରିଥାନ୍ତି । ଏଥିପାଇଁ ରାଜଧାନୀର ବିଭିନ୍ନ ହାଟରେ ଭିଡ଼ ପରିଲକ୍ଷିତ ହୋଇଥିଲା । କିନ୍ତୁ ଗତକାଲି ସୋମବାର ଥିବାରୁ ଭୁବନେଶ୍ୱରର ଏକନମ୍ବର ହାଟ ବନ୍ଦ ଥିଲା । ତେଣୁ ମଙ୍ଗଳବାର ସକାଳୁ ସକାଳୁ ଏକନମ୍ବର ହାଟ ସମେତ ବିଭିନ୍ନ ହାଟରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା । ସବୁଠାରୁ ବଡ଼କଥା ହେଉଛି ରାଜଧାନୀ ପରିବା ହାଟରେ ପରିବା ଦର ଯେତିକି ଥିଲା ରାଜଧାନୀର ବାଟଘାଟରେ ଏବଂ କଲୋନୀରେ ଖୋଲିଥିବା ବ୍ୟବସାୟୀମାନେ ଚଢ଼ା ଦରରେ ପରିବା ବିକ୍ରି କରୁଥିବା

**ପରିବା ଦରକୁ ନେଇ ଦ୍ୱନ୍ଦ୍ୱରେ ଗ୍ରାହକ**

**ଗ୍ରାହକଙ୍କୁ ଲୁଟୁଛନ୍ତି ଅସାଧୁ ବ୍ୟବସାୟୀ**

ପରିଲକ୍ଷିତ ହୋଇଥିଲା । ମଙ୍ଗଳବାର ହବିଷ ଅନ୍ନର ପ୍ରମୁଖ ଉପାଦାନ ଭାବେ ସାରୁ କିଲୋପ୍ରତି ଦର ଏକନମ୍ବର ହାଟରେ ୩୦ ଟଙ୍କା ରହିଥିବା ବେଳେ ବାହାରେ କିନ୍ତୁ ୪୫ରୁ ୫୦ ଟଙ୍କା ଥିଲା । ସେହିଭଳି ଏକନମ୍ବର ହାଟରେ ମାଟିଆଳୁ ଦର ୪୦ ଟଙ୍କା ରହିଥିଲା ବେଳେ ବାହାରେ ୬୫ରୁ ୭୦ ଟଙ୍କା ରହିଥିଲା । ଏକନମ୍ବର ହାଟରେ କନ୍ଦମୂଳ କିଲୋପ୍ରତି ୩୦ରୁ ୪୦ ଟଙ୍କା ଥିବା ବେଳେ ବାହାରେ ୫୦ ଟଙ୍କାରେ ବିକ୍ରି ହେଉଥିଲା । ପାଣିକଖାରୁ ଦର ଏକନମ୍ବର ହାଟରେ ୨୦ ଟଙ୍କା ରହିଥିବା ବେଳେ ବାହାରେ ୩୦ରୁ ୩୫ ଟଙ୍କା ରହିଥିଲା । ସେହିଭଳି ଓଉ ଗୋଟାକୁ ଏକନମ୍ବର ହାଟରେ ୫ ଟଙ୍କା ରହିଥିବା ବେଳେ ବାହାରେ ଦୁଇଟାକୁ ୧୫ ଟଙ୍କା ଏବଂ ଗୋଟା ୧୦ ଟଙ୍କାରେ ବିକ୍ରି ହୋଇଥିଲା । ବାଇଗଣ କିଲୋ ଏକନମ୍ବର ହାଟରେ ୪୦ ଟଙ୍କା ରହିଥିବା ବେଳେ ବାହାରେ ଏହାର ଦର ଥିଲା ୫୦ ଟଙ୍କା ।



ସେହିଭଳି ଏକନମ୍ବର ହାଟରେ କଖାରୁ ୨୫ ଟଙ୍କା ରହିଥିବା ବେଳେ ବାହାରେ ୩୫ ଟଙ୍କା ଓ ଝୁଡ଼ଙ୍ଗ ଦର ଏକ ନମ୍ବର ହାଟରେ ୪୦ ଟଙ୍କା ରହିଥିବା ବେଳେ ବାହାରେ ୬୦ ଟଙ୍କାରେ ବିକ୍ରି ହେଉଥିଲା । ଏକନମ୍ବର ହାଟରେ ଅମୃତଭଣ୍ଡା କିଲୋ ୨୦ ଟଙ୍କା ରହିଥିବା ବେଳେ ବାହାରେ ୨୫ ଟଙ୍କା ରହିଥିଲା । ଟମାଟୋ କିଲୋ ଏକନମ୍ବର ହାଟରେ ୩୦ ଟଙ୍କା ଥିବା ବେଳେ ବାହାରେ ୪୦ରୁ ୪୫ ଟଙ୍କାରେ ବିକ୍ରି ହେଉଥିଲା । ଏକନମ୍ବର ହାଟରେ ବନ୍ଧାକୋବି ଗୋଟାକୁ ୩୦ ଟଙ୍କା ରହିଥିବା ବେଳେ ବାହାରେ ୪୦ରୁ ୪୫ ଟଙ୍କା ରହିଥିଲା ଏବଂ ଫୁଲକୋବି (ଗୋଟା)କୁ ଏକନମ୍ବର ହାଟରେ ୩୫ରୁ ୪୦ ଟଙ୍କା ରହିଥିବା ବେଳେ ବାହାରେ ୫୦ ଟଙ୍କାରେ ବିକ୍ରି ହେଉଥିଲା । ଗୁରୁବାର ଏକନମ୍ବର ହାଟରେ କଞ୍ଚା କଦଳୀ ୩ ଟାକୁ ୨୫ ଟଙ୍କା ରହିଥିବା ବେଳେ ବାହାରେ ଗୋଟାକୁ ୧୦ ଟଙ୍କାରୁ ୧୨ ଟଙ୍କା ରହିଥିଲା ।

ସେହିଭଳି କୋଶଳା ଶାଗ ରହିଛି ଆକାଶ ଛୁଆଁ । କୋଶଳା ଶାଗ ହାଟରେ ୩ ବିଡ଼ା ୨୫ ଟଙ୍କାରେ ବିକ୍ରି ହେଉଥିଲା ବେଳେ ବାହାରେ ଗୋଟା ବିଡ଼ାକୁ ୧୫ ଟଙ୍କା । ମୂଳା ବିଡ଼ା ଏକ ନମ୍ବର ହାଟରେ ୩୦ ଟଙ୍କା ରହିଥିବା ବେଳେ ବାହାରେ ସେହିମୂଳା ୪୦ରୁ ୪୫ ଟଙ୍କାରେ ବିକ୍ରି ହେଉଥିଲା । ଏହିଭଳି ଭାବେ ହାଟଠାରୁ ବାହାରେ ପରିବ ଦର ଅଧିକ ତାରତମ୍ୟ ପରିଲକ୍ଷିତ ହୋଇଥିଲା । ଏ ନେଇ ବ୍ୟବସାୟୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ହାଟରୁ ବୋହିକି ଆଣି ବିକ୍ରି କରିବା ଏବଂ ଅଧିକାଂଶ ସମୟରେ ବାହାରେ ପରିବା ବିକ୍ରି ହେଉ ନ ଥିବାରୁ ସେଗୁଡ଼ିକ ନଷ୍ଟ ହୋଇଯାଇଥାଏ । ଯେଉଁଥିପାଇଁ ଦାମ୍ ଟିକେ ଅଧିକ ରହିଥାଏ ।

## ଡଙ୍ଗାପାଣି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା କ୍ଷେତ୍ରରେ ବିକଳ ଚିତ୍ର

# ଗୋଟିଏ କୋଠରୀରେ ୫ଟି ଶ୍ରେଣୀର ଶିକ୍ଷାଦାନ

- ଦୁଇ ଶିକ୍ଷକରେ ଚାଲିଛି ବିଦ୍ୟାଳୟ
- ରକ୍ଷଣାବେକ୍ଷଣ ଅଭାବରୁ କୋଠା ଜରାଜୀର୍ଣ୍ଣ

ରାଇରଙ୍ଗପୁର, ୪।୧୧(ସମିସ): କୋମଳମତି ଶିଶୁଙ୍କ ଶିକ୍ଷା କ୍ଷେତ୍ରରେ ବିକଳ ଚିତ୍ର ଦେଖିବାକୁ ମିଳିଛି। ରାଜ୍ୟ ସରକାରଙ୍କ ବିଫଳତା ପାଇଁ ଶିକ୍ଷା ପରି ମୌଳିକ ଅଧିକାର ପାଇବାରେ ବାଧକ ସାଜିଛି। ଶ୍ରେଣୀ ଗୃହ ଅଭାବ ଯୋଗୁଁ ଗୋଟିଏ କୋଠରୀରେ ୫ଟି ଶ୍ରେଣୀର ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଏହିଭଳି ଏକ ଚିତ୍ର ରାଇରଙ୍ଗପୁର ବ୍ଲକ ଅନ୍ତର୍ଗତ ଡଙ୍ଗାପାଣି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ପୁରୁଣା ଶ୍ରେଣୀ ଗୃହ କୋଠା ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ହୋଇଗଲାଣି। ଏନେଇ ଅଭିଭାବକମାନେ ବାରମ୍ବାର ଅଭିଯୋଗ କଲେ ସୁଦ୍ଧା କୌଣସି ସମାଧାନ ହୋଇପାରୁନାହିଁ। ବିଦ୍ୟାଳୟଟି ୧୯୬୭ ମସିହାରେ ସ୍ଥାପିତ ହୋଇଥିଲା। ଏହି ବିଦ୍ୟାଳୟରୁ ଶିକ୍ଷା ଗ୍ରହଣ କରି ଅନେକ ଛାତ୍ରଛାତ୍ରୀ ଆଜି ବଡ଼ ବଡ଼ ପଦବୀରେ ରହିଛନ୍ତି। ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏ ୫୦ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଏଥିପାଇଁ ୩ଟି ଶ୍ରେଣୀ ଗୃହ ରହିଛି; କିନ୍ତୁ ରକ୍ଷଣାବେକ୍ଷଣ ଅଭାବରୁ ୨ଟି ଶ୍ରେଣୀ ଗୃହ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଗଲାଣି। ଏପରିକି ଶ୍ରେଣୀଗୃହଗୁଡିକର କାନ୍ଥ ଫାଟି ଆଁ କଲାଣି ତ ଛାତରୁ ପ୍ଲାଷ୍ଟର ଖସି ପଡ଼ିଲାଣି। ବର୍ଷାଦିନ କଥା ନକହିଲେ ଭଲ। ଅସରାଏ ବର୍ଷା ହେଲେ ଛାତରୁ ପାଣି ଗଳୁଛି। ଫଳରେ ଛାତ୍ରଛାତ୍ରୀ ଅତି ବିପଦସଂକୁଳ ଅବସ୍ଥାରେ ପାଠ ପଢୁଛନ୍ତି। ତେଣୁକରି ଗୋଟିଏ ଶ୍ରେଣୀ ଗୃହରେ ୫ଟିଯାକ ଶ୍ରେଣୀର ପିଲାଙ୍କୁ ପାଠ ପଢ଼ାଯାଉଛି। ସେହିପରି ପିଲାଙ୍କ ମଧ୍ୟାହ୍ନ ଭୋଜନ ପାଇଁ ପ୍ରସ୍ତୁତି ପାଇଁ ଥିବା ରୋଷେଇ ଘରର ଅବସ୍ଥା ବିପର୍ଯ୍ୟସ୍ତ ହୋଇଛି। ତେଣୁ ବାଧ ହୋଇ ଭଙ୍ଗା ଦଦରା ଘରେ ରୋଷେଇ କରାଯାଉଛି। ନୂତନ ଶ୍ରେଣୀଗୃହ ଓ ରୋଷେଇ ଗୃହର ମରାମତି ପାଇଁ ଅଭିଭାବକ ମହଲରୁ ବାରମ୍ବାର ଦାବି ହେଉଥିଲେ ମଧ୍ୟ ପ୍ରଶାସନ ଶୁଣୁନାହାନ୍ତି ବୋଲି ଅଭିଯୋଗ ହେଉଛି। ସେହିପରି ସ୍କୁଲେର ଶିକ୍ଷକଙ୍କ ଅଭାବ ରହିଥିବାରୁ ପାଠପଢ଼ା ବ୍ୟାଘାତ ଘଟୁଛି। ୫୦ଜଣ ଛାତ୍ରଛାତ୍ରୀଙ୍କ ପାଇଁ ୨ଜଣ ଶିକ୍ଷକ ଅଛନ୍ତି। ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ବେହେରାଙ୍କ କୌଣସି ସରକାରୀ କାମରେ ଗଲେ ଜଣେ ମାତ୍ର ଶିକ୍ଷକ ପଢ଼ାଉଛନ୍ତି। ଏନେଇ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ପଚାରିବାରୁ ସମସ୍ୟା ବାବଦରେ ଅଗୋଚର ଥିବା କହିବା ସହିତ ସମାଧାନ ପାଇଁ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।





## ● ବ୍ୟବସାୟୀଙ୍କ ଅପହରଣ ଘଟଣା

# ୬ ଅଭିଯୁକ୍ତଙ୍କ ବ୍ୟାଙ୍କ ଆକାଉଣ୍ଟ ବନ୍ଦ କଲା ପୁଲିସ

ବୈଶିଙ୍ଗା, ୪।୧୧(ସମିସ): ବୈଶିଙ୍ଗା ଥାନା ଅଞ୍ଚଳରେ ଅପହରଣ କରିବାପରେ ବ୍ୟବସାୟୀ ସୁନୀଲ ଅଗ୍ରୱାଲଙ୍କୁ ମୁକ୍ତ ଜାମିନ ରଖି ୮ଲକ୍ଷ ଟଙ୍କା ଦାବି ଘଟଣାରେ ସମସ୍ତ ୬ ଅଭିଯୁକ୍ତଙ୍କ ବ୍ୟାଙ୍କ ଆକାଉଣ୍ଟ ବନ୍ଦ କରିବା ସହିତ ୩ଜଣଙ୍କୁ ରିମାଣ୍ଡରେ ଆଣିବା ପାଇଁ ଆବେଦନ କରିଛନ୍ତି ପୁଲିସ। ଅପହରଣକାରୀମାନେ ଗୋଟିଏ ବ୍ୟାଗରେ ଥିବା ମୁକ୍ତଜାମିନ ଟଙ୍କା ନେଇ ସୁନୀଲଙ୍କୁ ଛାଡି ଦେଇଥିଲେ। ଏହି ଘଟଣାକୁ ନେଇ ତାଙ୍କ ପରିବାର ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କ ସହଯୋଗ ଲୋଡିଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ପୁଲିସ ଟିମ୍ ବାଲେଶ୍ୱର ଏବଂ ମୟୂରଭଞ୍ଜର ବିଭିନ୍ନ ସ୍ଥାନରେ ଚଢ଼ଉ କରି ଶନିବାର ୪ ଓ ରବିବାର ଜିଙ୍ଗପିନ ଏବଂ ଅନ୍ୟ ଜଣେ ଅଭିଯୁକ୍ତ ସମେତ ଛଅଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସମସ୍ତ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର କାରଣରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ଟଙ୍କା ନେଣଦେଣ ହୋଇଥିବା ନେଇ ସୋମବାର ସମସ୍ତ ଅଭିଯୁକ୍ତଙ୍କ ବ୍ୟାଙ୍କ ଆକାଉଣ୍ଟ ବନ୍ଦ କରିଛି ପୁଲିସ। ଅଧିକ ତଦନ୍ତ ପାଇଁ ୩ଜଣ ଅଭିଯୁକ୍ତ ଜିଙ୍ଗପିନ ବାରିପଦା ଭଞ୍ଜପୁର ଅଞ୍ଚଳର ସୈଫୁଲ୍ଲା ଅନ୍‌ସାର ନେଇଥିବା ପୁଲିସ କର୍ମଚାରୀ ଦାମୋଦର ରାଉତ, ବ୍ରହ୍ମା ଅଞ୍ଚଳର ଅରମାନ ଖାନ ଓରଫ ଜାଫର ଅହମଦ ଖାନ, ରାଜା ଓରଫ ରାଜେଶ ବାରିକଙ୍କୁ ରିମାଣ୍ଡରେ ଆଣିବା ପାଇଁ ଆବେଦନ କରିଛି ପୁଲିସ।

# 'ଓସେପା' ଯୁଗ୍ମ ନିର୍ଦ୍ଦେଶକଙ୍କ ଆଶ୍ରମ ସ୍କୁଲ ପରିଦର୍ଶନ



ବୈଶିଙ୍ଗା, ୪।୧୧(ସମିସ): ବୈଶିଙ୍ଗା ଥାନା ଅଧୀନ ଖଇରିବଣି ଆଶ୍ରମ ବିଦ୍ୟାଳୟକୁ ସୋମବାର ଓସେପାର ଯୁଗ୍ମ ନିର୍ଦ୍ଦେଶକ ଜିତେନ୍ଦ୍ର ନାୟକ ପରିଦର୍ଶନ କରିଛନ୍ତି। ଏହି ବିଦ୍ୟାଳୟ ବିଭିନ୍ନ ସମୟରେ ଜିଲ୍ଲାସ୍ତରୀୟ, ରାଜ୍ୟସ୍ତରୀୟ ତଥା ଜାତୀୟ ସ୍ତରରେ ବିଭିନ୍ନ ପୁରସ୍କାର ଜିତି ଅଞ୍ଚଳ ପାଇଁ ଗର୍ବ ସାଉଁଟି ଚାଲିଛି। ପ୍ରଧାନ ଶିକ୍ଷୟିତ୍ରୀ ବିନିତା ଦାସ ଶ୍ରୀ ନାୟକଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଆଶ୍ରମ ବିଦ୍ୟାଳୟକୁ ସ୍ୱାଗତ କରିଥିଲେ। ଶ୍ରୀ ନାୟକ ଚଳିତ ଶିକ୍ଷା ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ରାଜ୍ୟ ସ୍ତରୀୟ ଚୟନ ପାଇଁ ସ୍ଥିତି ଅନୁଧ୍ୟାନ କରିବା ସହ ଯାଞ୍ଚ କରିଥିଲେ। ଏହି ଅବସରରେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ନଡପୁର ସାଧନ କେନ୍ଦ୍ର ସଂଯୋଜକ ଗଙ୍ଗାଧର ମହାନ୍ତି ସହଯୋଗ କରିଥିଲେ। ସେ ବିଦ୍ୟାଳୟର ଶୈକ୍ଷିକ ବାତାବରଣ, ଶ୍ରେଣୀଗୃହ ଶିକ୍ଷାଦାନ, ପରିବେଶ, ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶୃଙ୍ଖଳାର ବାତାବରଣ, ଜଳ ପରିଚାଳନା ପ୍ରଣାଳୀ, ସ୍ୱଚ୍ଛତା ଆଦି ଦିଗକୁ ଦେଖି ସନ୍ତୋଷ ବ୍ୟକ୍ତ କରିଥିଲେ। ପିଲାଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ଦିଗରେ ସୃଜନାତ୍ମକ କାର୍ଯ୍ୟ କରିବା ପାଇଁ ଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ।

# ଠାକୁରମୁଣ୍ଡାରେ ଖୋଲିଲା ଉପନିବନ୍ଧକ କାର୍ଯ୍ୟାଳୟ

ମହୁଲଡିହା, ୪।୧୧(ସମିସ): ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଅବସରରେ ତହସିଲରେ ଉପନିବନ୍ଧକ କାର୍ଯ୍ୟାଳୟ ଉଦଘାଟିତ ହୋଇଛି। ଏହି କ୍ରମରେ ଠାକୁରମୁଣ୍ଡା ତହସିଲରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପନିବନ୍ଧକ ଓ ବିବାହ ଅଧିକାରୀଙ୍କ କାର୍ଯ୍ୟାଳୟ ଉଦଘାଟନ କରିଥିଲେ। ତହସିଲଦାର ସମ୍ବିତ କୁମାର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଜମି ପଞ୍ଜିକରଣ ପାଇଁ ଦୂରଦୂରାନ୍ତକୁ ଯାଇ କିପରି ଖର୍ଚ୍ଚାନ୍ତ ହେଉଥିଲେ ତାହାର ଉଦାହରଣ ଦେଇଥିଲେ। ଠାକୁରମୁଣ୍ଡାବାସୀଙ୍କ ପାଇଁ ଜମି ଦଲିଲ କରଣ ଓ ବିବାହ ପଞ୍ଜିକରଣ ଭଳି କାର୍ଯ୍ୟ ବରଦାନ ସଦୃଶ ହେଲା ବୋଲି ବିଧାୟକ କହିଥିଲେ। ଉଦଘାଟନ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସରୋଜିନୀ ହେମ୍ବ୍ରମ ମଧ୍ୟ ଉପସ୍ଥିତ ଥିଲେ।

# ମଝିଗଡିଆ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ 'ସୁରଭି'



କପ୍ତିପଦା, ୪।୧୧(ସମିସ): କପ୍ତିପଦା ବ୍ଲକ ମଝିଗଡିଆ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୨୩ଟି କ୍ଲଷ୍ଟରରୁ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ବିଆରସିସି ଘନଶ୍ୟାମ ସିଂଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଉଦଳା ଏନଏସି ଚେୟାରମ୍ୟାନ ପ୍ରମିଳା ପଣ୍ଡା ଯୋଗଦେଇ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ସହକାରୀ ଶିକ୍ଷାଧିକାରୀ ଶଶୀଧର ସିଂ ଯୋଗ ଦେଇ ପ୍ରତିଭା ଲୁଚି ରହେନାହିଁ ବରଂ ସମୟାନୁକ୍ରମେ ନିଜର ଅଧ୍ୟବସାୟ ବଳରେ ତାହା ପ୍ରସ୍ଫୁଟିତ ହୁଏ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ମାକୁ ସିଂ, ମଝିଗଡିଆ ସରପଞ୍ଚ ଶାନ୍ତିଲତା ନାଏକ, ପଞ୍ଚାୟତ ସମିତି ସଭ୍ୟ ସନ୍ତୋଷ କୁମାର ଖଟୁଆ ବିଦ୍ୟାଳୟ ପରିଚାଳନା କମିଟି ଚେୟାରମ୍ୟାନ ଶ୍ରୀଧର ପାତ୍ର, ଏବିଇଓ ଲକ୍ଷ୍ମୀଧର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ବସନ୍ତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଜାନୁଆରୀ ୯ରେ ଦାମୋଦର ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ



କୁଆମରା, ୪।୧୧(ସମିସ): ଗୋପବନ୍ଧୁ ନଗର ବ୍ଲକ ସାଇଁକୁଳା ଦାମୋଦର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠାର ୫୦ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା ଜାନୁଆରୀ ୯ ତାରିଖରେ ସୁବର୍ଣ୍ଣ ଜୟନ୍ତୀ ପାଳନ ହେବ। ଏ ନେଇ ପ୍ରଧାନ ଶିକ୍ଷକ ଭାସ୍କର ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୁରାତନ ଛାତ୍ରଛାତ୍ରୀ, ପ୍ରାକ୍ତନ ଶିକ୍ଷକ, କର୍ମଚାରୀ ଓ ଶିକ୍ଷାବିତ ଉପସ୍ଥିତ ଥିଲେ। ତେବେ କାର୍ଯ୍ୟକ୍ରମ ପରିଚାଳନା ପାଇଁ ପୁରାତନ ଛାତ୍ରଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। ପୁରାତନ ଛାତ୍ର ସଂଘର ସଭାପତି ଭାବେ ଗଣେଶ୍ୱର ଲେଙ୍କା, ଉପ ସଭାପତି ମାଳତୀ ରାଉତ, ସୁକାନ୍ତି ବେହେରା, ରଜତ କୁମାର ଦେ, ସାଧାରଣ ସମ୍ପାଦକ ଉଗ୍ରସେନ ଦାସ, ସମ୍ପାଦକ ମନୀଷା ମହାପାତ୍ର, ରାଜକିଶୋର ପ୍ରଧାନ ଓ ସତ୍ୟେନ୍ଦୁ ଜେନା, କୋଷାଧ୍ୟକ୍ଷ ମୁକ୍ତିପ୍ରୀୟ ମିଶ୍ର, ସହ କୋଷାଧ୍ୟକ୍ଷ କୃଷ୍ଣ ଚନ୍ଦ୍ର ମହାପାତ୍ର, ନିର୍ମଳ କୁମାର ଖଟୁଆ, ସଂଯୋଜକ ପ୍ରଦୀପ ଚନ୍ଦ୍ର ମହାପାତ୍ର ପ୍ରମୁଖଙ୍କୁ କମିଟିରେ ଚୟନ କରାଯାଇଛି। ଏଥିସହିତ କାର୍ଯ୍ୟକାରୀ ସଦସ୍ୟ ଓ ଉପଦେଷ୍ଟା ମଣ୍ଡଳୀ ଗଠନ କରାଯାଇଛି। ଜାନୁୟାରୀ ୯ରେ ଉଦଘାଟନୀ ଓ ୧୧ ତାରିଖରେ ଉତ୍ସବ ଉଦଯାପିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ଏନୱାଇପି ପକ୍ଷରୁ ବାର୍ଷିକ କାର୍ଯ୍ୟକ୍ରମ ପାଇଁ ଯୋଜନା ପ୍ରସ୍ତୁତ

ସାରସକଣା, ୪।୧୧(ସମିସ): ଜାତୀୟ ଯୁବ ପ୍ରକଳ୍ପ (ଏନୱାଇପି) ମୟୂରଭଞ୍ଜ ୟୁନିଟ ତରଫରୁ ସାରସକଣା ବ୍ଲକ ଝାରପୋଖରିଆଠାରେ ଏକ ଯୋଜନା ପ୍ରସ୍ତୁତ କରାଯାଇଛି। ମୟୂରଭଞ୍ଜ କମିଟିର କାର୍ଯ୍ୟକାରୀ ସଭାପତି ସମରେନ୍ଦ୍ର ବସାଙ୍କ ସଭାପତିତ୍ୱରେ ଆୟୋଜିତ ସ୍ୱତନ୍ତ୍ର ବୈଠକରେ ମୁଖ୍ୟ ଅତିଥିଭାବେ ଏନୱାଇପି ରାଷ୍ଟ୍ରୀୟ କମିଟି ସଦସ୍ୟ ତଥା ଓଡ଼ିଶା ରାଜ୍ୟ ଆବାହକ ବରିଷ୍ଠ ସମାଜସେବୀ ଯୁଥ ଆଇକନ ମଧୁସୂଦନ ଦାସ, ସଂଗଠନର ଉପସଭାପତି ଅଧ୍ୟାପକ ଅଶୋକ ପୃଷ୍ଟି, ଅଧ୍ୟାପକ ଶିଶିର ପଟ୍ଟନାୟକ, ରାଜାଲୋକା ସରପଞ୍ଚ ରବି ସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ଡ଼ ଏସଏନ ସୁବ୍ବାରାଓଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଜାତୀୟ ଯୁବ ପ୍ରକଳ୍ପ ନେପାଳ, ବାଂଲାଦେଶ, ଇଣ୍ଡୋନେସିଆ, ଆମେରିକା ପରି ଅନେକ ଦେଶରେ ମଧ୍ୟ ଯୁବକଙ୍କ ପାଇଁ କାର୍ଯ୍ୟ କରୁଛି। ଏଭଳି କ୍ଷେତ୍ରରେ ରାଜ୍ୟ ଆବାହକ ମଧୁସୂଦନ ଦାସଙ୍କ ସହଯୋଗରେ ମୟୂରଭଞ୍ଜ ଜିଲ୍ଲାରେ ଗତ ୧୦ ବର୍ଷ ଧରି ବହୁ ସଚେତନତା ମୂଳକ କାର୍ଯ୍ୟ ଜାରି ରହିଛି। ମହାତ୍ମା ଗାନ୍ଧୀ ଚକ୍ଷୁ ଚିକିତ୍ସାଳୟ ପ୍ରତିଷ୍ଠାତା ଡ଼ ଆଦିତ୍ୟ ପଟ୍ଟନାୟକଙ୍କ ସହଯୋଗରେ ପ୍ରତିବର୍ଷ ମୋତିଆବିନ୍ଦୁ ପୀଡିତଙ୍କୁ ଚିହ୍ନ କରିବା ସହିତ ମାଗଣା ଅସ୍ତ୍ରପୋଚାର, ଚକ୍ଷୁ ପରୀକ୍ଷା, ସ୍ୱଚ୍ଛ ଭାରତ ଅଭିଯାନ, ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ଯୁବ ଏକତା ଶିବିର, ଛାତ୍ରଛାତ୍ରୀଙ୍କୁ ପାଠ୍ୟ ସାମଗ୍ରୀ ବଣ୍ଟନ, ସମ୍ବର୍ଦ୍ଧନା ସମାରୋହ, ଶୀତଦିନେ କମ୍ବଳ ବଣ୍ଟନ ଆଦି କାର୍ଯ୍ୟକ୍ରମ ଚାଲୁରହିଛି। ସେହିପରି ଆସନ୍ତା ଏକବର୍ଷ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବାପାଇଁ କାର୍ଯ୍ୟ ଖୋସଡା ପ୍ରସ୍ତୁତ କରାଯାଇଛି। ସ୍ୱଚ୍ଛ, ସବୁଜ ଓ ସୁସ୍ଥ ଗାଁ, ସ୍ୱାବଲମ୍ବନ ଗାଁ, ସଦଭାବନା ଗାଁ, ସ୍ୱାଭିମାନୀ ଗାଁ ନିର୍ମାଣ ପାଇଁ ସଚେତନତା ସୃଷ୍ଟି କରିବାକୁ କାର୍ଯ୍ୟ କରାଯିବ ବୋଲି ଶ୍ରୀ ଦାସ କହିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସଙ୍ଗଠନ ସମ୍ପାଦକ ଅଶ୍ୱନୀ ମହାନ୍ତ, ମାନସ ପୃଷ୍ଟି, ସୁମନ ସାହୁ, ସ୍ୱାଧୀନ ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ। ଜିଲ୍ଲା ସଂଯୋଜକ ମଳୟ କୁମାର ନାୟକ ସଭିଙ୍କୁ ଧନ୍ୟବାଦ ଦେଇଥିଲେ।




# ଠାକୁରମୁଣ୍ଡା ବ୍ଲକରେ ୩ଟି ନୂଆ ପଞ୍ଚାୟତ ଗଠନ ନିମନ୍ତେ ପ୍ରସ୍ତାବ

ଠାକୁରମୁଣ୍ଡା, ୪।୧୧(ସମିସ): ଠାକୁରମୁଣ୍ଡା ବ୍ଲକରେ ଆଉ ୩ଟି ନୂତନ ପଞ୍ଚାୟତ ଗଠନ କରିବା ନିମନ୍ତେ ଏକ ପ୍ରସ୍ତାବ ଦିଆଯାଇଛି। ଏହି ତାଲିକାରେ ରଗୁଡିବେଡା, ପତ୍ରପଡ଼ା, ମିଟୁଆଣିର ନାମ ରହିଛି। ବ୍ଲକରେ ପୂର୍ବରୁ ୧୮ ଟି ଗ୍ରାମପଞ୍ଚାୟତ ରହିଥିବାବେଳେ ଏବେ ପ୍ରସ୍ତାବିତ ୩ଟି ନୂତନ ପଞ୍ଚାୟତ କାର୍ଯ୍ୟକାରୀ ହେଲେ ୨୧ଟି ହେବ। ଠାକୁରମୁଣ୍ଡା ଗ୍ରାମପଞ୍ଚାୟତକୁ ବିଭାଜନ କରାଯାଇ ନୂତନ ଭାବରେ ରଗୁଡିବେଡା ଗଠନ ନିମନ୍ତେ ପ୍ରସ୍ତାବ ଯାଇଛି। ରଗୁଡିବେଡା ଗ୍ରାମ ପଞ୍ଚାୟତ ଅଧୀନରେ ରଗୁଡିବେଡା ଗ୍ରାମ ସମେତ ନିପାଣିଆ, ବସନ୍ତପୁର, ଚମକପୁର, ଖଜୁରିଆ, ବେତଝରୀ, ପଣସଡ଼ିହାକୁ ମିଶାଇ ୮ଟି ଗ୍ରାମକୁ ସାମିଲ କରାଯାଇଛି। ସେହିପରି ଚମ୍ପାଝର ଗ୍ରାମପଞ୍ଚାୟତକୁ ବିଭାଜନ କରାଯାଇ ନୂତନ ଭାବରେ ପ୍ରସ୍ତାବିତ ପତ୍ରପଡ଼ା ଗ୍ରାମପଞ୍ଚାୟତ ଅଧୀନରେ ପତ୍ରପଡ଼ା ଗ୍ରାମପଞ୍ଚାୟତ ଅଧୀନରେ ପତ୍ରପଡ଼ା, ଦିଲଗଞ୍ଜା, ଭେଜଡିହା, ଜଡ଼ିପଡ଼ା, କୁକୁନ୍ଦ, ଡଙ୍ଗାଡ଼ିହା ଆଦି ୬ଟି ଗ୍ରାମକୁ ସାମିଲ କରାଯାଇଛି। କେଶଡ଼ିହା ଗ୍ରାମପଞ୍ଚାୟତକୁ ବିଭାଜନ କରାଯାଇ ନୂତନ ଭାବରେ ମିଟୁଆଣି ଗ୍ରାମପଞ୍ଚାୟତ ଗଠନ ପ୍ରସ୍ତାବ ରହିଛି। ଏଥିରେ ମିଟୁଆଣି ଓ ବଡବାଲିପୋଷି ଗ୍ରାମକୁ ନେଇ ମିଟୁଆଣି ଗ୍ରାମପଞ୍ଚାୟତ ନିମନ୍ତେ ପ୍ରସ୍ତାବ ରହିଛି। ପୂର୍ବରୁ ଥିବା ଚମ୍ପାଝର ଗ୍ରାମପଞ୍ଚାୟତ ଅଧୀନକୁ ସୀମାନ୍ତ ଜରକ ଗ୍ରାମପଞ୍ଚାୟତର ମୂଳାପାଳ ଏବଂ କେଶଡ଼ିହା ଗ୍ରାମପଞ୍ଚାୟତ ଅଧୀନରେ ଥିବା ଚାନ୍ଦିଖମଣ ଗ୍ରାମ ଦୁଇଟିକୁ ଚମ୍ପାଝର ଗ୍ରାମପଞ୍ଚାୟତରେ ସାମିଲ କରାଯାଇଛି। ଏନେଇ ଠାକୁରମୁଣ୍ଡା ବିଡ଼ିଓଙ୍କ କାର୍ଯ୍ୟାଳୟରୁ ଜିଲ୍ଲା ପଞ୍ଚାୟତ ଅଫିସରଙ୍କ ନିକଟକୁ ପ୍ରସ୍ତାବ ଦିଆଯାଇଛି।

# ବିଇଡି ଛାତ୍ରଛାତ୍ରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା




ବାରିପଦା, ୪।୧୧(ସମିସ): ବାରିପଦା ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ବଳାଙ୍ଗି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରାୟ ଦୁଇମାସ ଧରି ଇଣ୍ଟର୍ଣ୍ଣସିପ କରୁଥିବା ୬ଜଣ ଛାତ୍ର ଶିକ୍ଷକ ଅଭିଜିତ ଜେନା, ପ୍ରମିଳା ହାତୀ, କସ୍ତୁରୀ ସାହୁ, ଗାୟତ୍ରୀ ରାଉତ, ହେମାନନ୍ଦ ମହାନ୍ତ, ଉଦିତ କୁମାର ମହାନ୍ତଙ୍କୁ ବିଦ୍ୟାଳୟ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅର୍ଚ୍ଚନା ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡକ୍ଟର ସରୋଜ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶ୍ୱବିଦ୍ୟାଳୟ ମହାବିଦ୍ୟାଳୟ ଓ ବିଦ୍ୟାଳୟ ଶିକ୍ଷକଙ୍କ ମଧ୍ୟରେ ସୁସମ୍ପର୍କ ସଦଭାବନା ସହଯୋଗ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶରେ ସହାୟକ ହେବ ବୋଲି ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥିଭାବେ ଶିକ୍ଷକ ମନୋଜ କୁମାର ପରିଡ଼ା, ମୌସୁମୀ ଦୀକ୍ଷିତ, ଅଂଶୁମାନ ପାଣିଗ୍ରାହୀ, ସରୋଜ ମହାନ୍ତ, ନଦିଆ ଦାସ, ହେନାରାଣୀ ଘୋଷ ପ୍ରମୁଖ ଯୋଗଦେଇଥିଲେ। ଛାତ୍ର ଶିକ୍ଷକଙ୍କ ଦ୍ୱାରା ଆୟୋଜିତ 'ସଦଭାବନା ପ୍ରତିଯୋଗିତା'ର କୁଇଜ, ଚିତ୍ରାଙ୍କନ ପ୍ରବନ୍ଧରେ ସଫଳ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ଓ ପୁରସ୍କାର ବିତରଣ କରାଯାଇଥିଲା।

# ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ମେଳା



ରାଇରଙ୍ଗପୁର, ୪।୧୧(ସମିସ): ରାଇରଙ୍ଗପୁର ଆସେକା ପରିସରରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ, ସମ୍ମାନିତ ଅତିଥି ପ୍ରାକ୍ତନ ରାଜ୍ୟ ବିଜେପି ନବୀନ ରାମ, ସମ୍ମାନିତ ଅତିଥି ମନୋଜ ଦାସ, ବିଡିଓ ଭାଗବତ ପ୍ରସାଦ ମହାପାତ୍ର, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡ଼ାଃ ରମଣିରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥି ଜିଲ୍ଲା ମତ୍ସ୍ୟ ସମ୍ପଦ ଅଧିକାରୀ ମାନସ ରଞ୍ଜନ ସାହୁ, ବନଖଣ୍ଡ ଅଧିକାରୀ ସୁବ୍ରତ ପାତ୍ର, ସମ୍ମାନିତ ଅତିଥି ଡ଼ାଃ ସୁଶାନ୍ତ କୁମାର ସିଂହ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ସରକାର କୃଷକ ସଶକ୍ତିକରଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ତେଣୁ ଶିକ୍ଷିତ ଯୁବକ ଚାକିରି ପଛରେ ନ ଗୋଡ଼ାଇ ନିଜ ଘରେ ରହି ନିଜ ଆବଶ୍ୟକତାକୁ ନେଇ ପ୍ରକଳ୍ପ ପ୍ରସ୍ତୁତ କରିବାକୁ ଶ୍ରୀ ମାଝୀ ପରାମର୍ଶ ଦେଇଥିଲେ। ସରକାରଙ୍କ ସବୁ ବିଭାଗ ଆପଣଙ୍କ ଘର ପାଖରେ ପହଞ୍ଚି ବୈଷୟିକ ଜ୍ଞାନ ଦେବେ। କ୍ଷୁଦ୍ର ଚାଷୀଙ୍କଠାରୁ ବଡ଼ ଚାଷୀ ଉପକୃତ ହେବେ। ଯୁବକମାନେ ବାହାର ରାଜ୍ୟକୁ ନ ଯାଇ ନିଜ ଘର ପାଖରେ ଚାଷ କରି ଆତ୍ମନିର୍ଭରଶୀଳ ହେବାକୁ ସେ ପରାମର୍ଶ ଦେଇଥିଲେ। ମେଳାରେ ସ୍ୱୟଂସହାୟିକା ଗୋଷ୍ଠୀ ତରଫରୁ ବିଭିନ୍ନ ଉତ୍ପାଦିତ ସାମଗ୍ରୀ ଷ୍ଟଲ ଯଥା ଧୂପ, ବାଉଁଶ କାରିଗର, ବିଭିନ୍ନ ସରକାରୀ ବିଭାଗ ମତ୍ସ୍ୟ, ଉଦ୍ୟାନ, କୃଷି, ପ୍ରାଣୀ ବିଭାଗ ତରଫରୁ ଷ୍ଟଲ କରାଯାଇଥିଲା। ଏହି ଅବସରରେ ସଫଳ ଚାଷୀ ତମ୍ବରୁଧର ମହାନ୍ତି, ଅନିରୁଦ୍ଧ ଗିରି, ଲକ୍ଷ୍ମଣ ମାଝୀ, ମା' ଗଜଲକ୍ଷ୍ମୀ ସ୍ୱୟଂସହାୟିକା ଗୋଷ୍ଠୀକୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ପୋଖରୀ ଖନନ, ଗୋପାଳନ ପାଇଁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା।

# ଭକ୍ତି ଗୀତିକା ସଂକଳନ ଉନ୍ମୋଚିତ



ରାଇରଙ୍ଗପୁର, ୪।୧୧(ସମିସ): ରାଇରଙ୍ଗପୁର ପିସିଏମ୍ କଲ୍ୟାଣ ମଣ୍ଡପରେ ଅପର୍ଣ୍ଣା କ୍ରିଏସନ ପକ୍ଷରୁ ଗୀତିକବି ହରେନ୍ଦ୍ର ନାରାୟଣ ଦାସଙ୍କ ଭକ୍ତି ଗୀତିକା ସଂକଳନ 'କଳା କାଇଁଚରୁ ଶିରୀ ମନ୍ଦିର' ଲୋକାର୍ପିତ ହୋଇଛି। ବରେଣ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ସହଦେବ ବେହେରା, ବିଶିଷ୍ଟ ଗୀତି କବି ଅଜୟ କୁମାର ମହାନ୍ତି, ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ପ୍ରବୋଧ ମିଶ୍ର, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଗୋକୁଳାନନ୍ଦ ସାହୁ, ବିଶିଷ୍ଟ ଉଦ୍ୟୋଗପତି ଜଗଦୀଶ ମିଶ୍ରା, ପୂର୍ବତନ ପୁଲିସ ଅଧିକାରୀ କାମ୍ୟା ମିଶ୍ରା, ଶକୁନ୍ତଳା ଦାସ, ବରିଷ୍ଠ ସାମ୍ବାଦିକ ମନୋଜ ଦାସ, ଅପର୍ଣ୍ଣା କ୍ରିଏସନ ସ୍ୱତ୍ୱାଧିକାରୀଣି ଅପର୍ଣ୍ଣା ମାଇତି, କବିତା ସଙ୍କଳନର ସ୍ରଷ୍ଟା ହରେନ୍ଦ୍ର ନାରାୟଣ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ସାରସ୍ୱତ ସାଧକ ରଞ୍ଜନ କୁମାର ନନ୍ଦଙ୍କ ସଂଯୋଜନାରେ ଆୟୋଜିତ ସାରସ୍ୱତ ଉତ୍ସବରେ ବରିଷ୍ଠ ସାମ୍ବାଦିକ ମନୋଜ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଶିଷ୍ଟ ସାରସ୍ୱତ ସାଧକ ଅଧ୍ୟାପକ ଡ. ଦିଗମ୍ବର ଗିରି ଗୀତି କବିତା ସଙ୍କଳନର ସୁନ୍ଦର ସମୀକ୍ଷା କରିଥିଲେ। ମଞ୍ଚାସୀନ ଅତିଥିବୃନ୍ଦ ହରେନ୍ଦ୍ର ନାରାୟଣ ଦାସଙ୍କ ସାରସ୍ୱତ ସାଧନା ଓ କୃତୀକୁ ପ୍ରଶଂସା କରିଥିଲେ। ଦଳଗତ ନୃତ୍ୟ ମାନ ବାଦାମ ପାହାଡ଼ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପରିବେଷଣ କରିଥିଲେ। ସେହିପରି ବରିଷ୍ଠ କଣ୍ଠଶିଳ୍ପୀ ପ୍ରବୋଧ କୁମାର ମିଶ୍ର ଏବଂ ଶୁଭଶ୍ରୀ ରାଉତ ଶ୍ରୀ ଦାସଙ୍କ ରଚିତ ଭଜନ ମାନ ପରିବେଷଣ କରିଥିଲେ। ସାରସ୍ୱତ ସାଧକ ତିମିର ରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# କପ୍ତିପଦା-ଟାଟାନଗର ରେଳରୁଟ ଯୋଜନା ମିଛ ପ୍ରତିଶ୍ରୁତି

କପ୍ତିପଦା, ୪।୧୧(ସମିସ): କେନ୍ଦ୍ର ସରକାରଙ୍କଠାରୁ ପ୍ରତିଶ୍ରୁତି ମିଳିଥିଲା। ରେଳମନ୍ତ୍ରୀଙ୍କ ଚିଠି ଅନୁଯାୟୀ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଜଣାଇବା ସହତ ୨୮.୭.୨୦୨୨ ଚିଠିକୁ ଦୃଷ୍ଟିପାତ କରାଇବାକୁ ଜଣାଇଛନ୍ତି। ନୀଳଗିରିରୁ କପ୍ତିପଦା ଦେଇ ଟାଟା ନୂଆ ରେଳରୁଟ ସର୍ଭେ କାର୍ଯ୍ୟ ଖୁବଶୀଘ୍ର ହେବ। ଧର୍ମେନ୍ଦ୍ର ପ୍ରଧାନଙ୍କ ସଚିବ ତ୍ରିଲୋଚନ ସାହୁ ବିଧାୟକ ଭାସ୍କର ମଢ଼େଇଙ୍କୁ ଏ ସମ୍ପର୍କରେ ଅବଗତ କରିଥିଲେ। ନୀଳଗିରିରୁ ରେମୁଣା, ହାତିଆଗଣ୍ଡ, ବାଲିପାଳ, ନରଣଗାଁ, ଶାଳଗାଆଁ, ପାଟଳିପୁରା, ନଡପୁର ଖୁଣ୍ଟା, ତ୍ରିଲୋଚନପୁର, ଆଗୁଆଡ, ଦୁର୍ଗାପୁର, ଅସ୍ତପୁରା, ବାଘମରା, ବେତନଟୀ, କୃଷ୍ଣଚନ୍ଦ୍ରପୁର ଷ୍ଟେସନ ମଧ୍ୟବର୍ତ୍ତୀ ଖଡିଶୋଳ ଠାରେ ରୁପ୍ସା-ବାଙ୍ଗିରିପୋଷି ରେଳ ଲାଇନକୁ ସଂଯୋଗ କରିବା ଖବର ପ୍ରକାଶ ପାଇବା ପରେ କପ୍ତିପଦା, ଉଦଳା ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦ ପାଇଁ ବୁଦ୍ଧିଜୀବୀ ଓ ସମାଜସେବୀଙ୍କ ପକ୍ଷରୁ ପ୍ରତିବାଦର ସ୍ୱର ମଧ୍ୟ ଉଠିଛି। ଏହି ଅବସରରେ କପ୍ତିପଦାରେ ବାରମ୍ବାର ବୈଠକ ମଧ୍ୟ ହୋଇଛି। ଆଗାମୀ ଦିନରେ ମଧ୍ୟ ଉଦଳାରେ ଆଉ ଏକ ବୈଠକ ହେବ। ଏହି ପ୍ରସଙ୍ଗ ନେଇ ବିଧାୟକ ଭାସ୍କର ମଢ଼େଇ, ସଂସଦ ନବ ଚରଣ ମାଝି, ରାଜ୍ୟସଭା ସଂସଦ ମମତା ମହାନ୍ତଙ୍କ ଜରିଆରେ ରେଳମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ। ସେହିଭଳି ରାଜ୍ୟ ସରକାରଙ୍କ ନୂଆ ପ୍ରକଳ୍ପରେ ସର୍ଭେ ସରିଥିବା ଭଦ୍ରାଚଳମ-ଖଡଗପୁର ରେଳରୁଟ ପ୍ରସଙ୍ଗ ଶୀତଳଭଣ୍ଡାରରେ ରହିଛି,। ଭଦ୍ରାଚଳମ-ଖଡଗପୁର ରେଳରୁଟ ପାଇଁ ସର୍ଭେ କାର୍ଯ୍ୟ ସରିଥିବା ଖବର ଗଣମାଧ୍ୟମରେ ପ୍ରଚାର ହେବାପରେ ଜନ ସାଧାରଣଙ୍କ ମନରେ ଆନନ୍ଦର ଲହରୀ ଖେଳିଯାଇଥିଲା। ପଶ୍ଚିମବଙ୍ଗର ଖଡଗପୁରରେ ତେଲେଙ୍ଗାନା ରାଜ୍ୟର ରେଳପଥ ମଧ୍ୟରେ ୮୭୫ କିମି ରେଳପଥ ଲାଗି ପ୍ରାଥମିକ ସର୍ଭେ କାର୍ଯ୍ୟ ସରିଥିଲା। ଏହା ଓଡ଼ିଶାର ମାଲକାନଗିରି, କୋରାପୁଟ, ରାୟଗଡ଼ା, କନ୍ଧମାଳ, ନୟାଗଡ଼, ଅନୁଗୋଳ, କେନ୍ଦୁଝର ଜିଲ୍ଲା ଦେଇ ମୟୂରଭଞ୍ଜ ଛୁଇଁବ। ମୟୂରଭଞ୍ଜର ରରୁଆଁ ବ୍ଲକ ଆଦିପୁର, ସାତକୋଶିଆ, ଶରତ, କପ୍ତିପଦା, ଉଦଳା, ବାରିପଦା ଦେଇ ଖଡ଼ଗପୁର ଯିବା ଏବେ ସ୍ୱପ୍ନ ପାଲଟିଛି। ଚଳିତ ବଜେଟରେ ଏହି ରୁଟ ପାଇଁ ବ୍ୟୟବରାଦ ନ ଥିବାରୁ ଅଞ୍ଚଳବାସୀଙ୍କୁ ନିରାଶ ହେବାକୁ ପଡ଼ିଥିଲା। ସ୍ୱାଧୀନତା ପରେ ବି ରେଳସେବାରୁ ବଞ୍ଚିତ ହୋଇଛନ୍ତି କପ୍ତିପଦା ଉପଖଣ୍ଡବାସୀ। ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ସମୟରେ ନିଜସ୍ୱ ଉଦ୍ୟମରେ ରୁପ୍ସା-ବାରିପଦା ବାଙ୍ଗିରିପୋଷି ରେଳଲାଇନ ନିର୍ମାଣ ହୋଇଥିଲା; ମାତ୍ର ରାଜାଙ୍କ ହାତରୁ ସାଶନ ଡୋରି ଯିବାପରେ ରେଳପଥ ବିକାଶ ସେଇଠି ଅଟକି ଯାଇଛି। ପୂର୍ବ ଭଦ୍ରାଚଳମ-ଖଡଗପୁର ରେଳପଥର ସର୍ଭେ କାର୍ଯ୍ୟ ଫାଇଲ ତଳେ ଚାପିହୋଇ ରହିଥିବା ବେଳେ ନୀଳଗିରି-ଟାଟା ରେଳପଥ କାର୍ଯ୍ୟ ଆରମ୍ଭ ହେବାକୁ ଥିବାବେଳେ ତାହା ଅନ୍ୟତ୍ର ସ୍ଥାନାନ୍ତର ହେବା ଘଟଣା ଆଗାମୀ ଦିନରେ ଏକ ଗଣଆନ୍ଦୋଳନରେ ପରିଣତ ହେବାକୁ ଯାଉଛି।

# କୋଇଲା ବୋଝେଇ ଟ୍ରାକ୍ଟର ଜବତ; ୨ ଗିରଫ

ଛେଣ୍ଡିପଦା,୪।୧୧(ସମିସ):

ଅନୁଗୋଳ ଜିଲ୍ଲା ନିଶା ଶିଳ୍ପାଞ୍ଚଳ ଥାନା ପୁଲିସ ଅଷ୍ଟ୍ରେଲିଆନ କୋଇଲା ଚୋରିକରି ଟ୍ରାକ୍ଟରରେ ନେଇ ଯାଉଥିବା ବେଳେ ପୁଲିସ ଟ୍ରାକ୍ଟରକୁ ଜବତ କରିବା ସହିତ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକମାନେ ହେଲେ ଜରଡ଼ା ଗାଁ ର ପ୍ରତାପ ଧଳ ଓ ପାରିପରା ଗାଁର ତ୍ରିଲୋଚନ ବେହେରା। ସୂଚନା ଯେ ନିଶା ଶିଳ୍ପାଞ୍ଚଳ ଥାନା ପୁଲିସ ରାତି ପେଟ୍ରୋଲିଙ୍ଗ କରିଥିବା ବେଳେ ଚୋରା କୋଇଲା ଆସୁଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପାରିପରା ନିକଟରେ ଛକି ରହିବା





ସହିତ ଏକ କୋଇଲା ବୋଝେଇ ହୋଇ ଆସୁଥିବା ଓଆର ୧୯ଏନ ୩୮୦୯ ଟ୍ରାକ୍ଟରକୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ କୋଇଲା ପରିବହନ ନେଇ କାଗଜପତ୍ର ମାଗିବାରୁ କୋଇଲା ନେଇ ଆସୁଥିବା ପ୍ରତାପ ଧଳ ଓ ତ୍ରିଲୋଚନ ବେହେରା ଦେଖାଇପାରି ନଥିଲେ। ଏ ନେଇ ପୁଲିସ ଅଧିକ ପଚରାଉଚରା କରିବାପରେ ଜିନ୍ଦଲ କମ୍ପାନୀକୁ ଆସୁଥିବା ଅଷ୍ଟ୍ରେଲିଆନ କୋଇଲା ଚୋରି କରି ଗଚ୍ଛିତ ରଖିବା ପରେ ଟ୍ରାକ୍ଟରରେ ନେଇ ଯାଉଥିବା ପ୍ରକାଶ କରିଥିଲେ। ଏ ନେଇ ପୁଲିସ ଟ୍ରାକ୍ଟର ଚାଳକ ତଥା ମାଲିକ ପ୍ରତାପ ଧଳ ଓ ତାଙ୍କର ସହଯୋଗୀ ତ୍ରିଲୋଚନ ବେହେରାଙ୍କୁ ଗିରଫ କରିବା ସହ ଟ୍ରାକ୍ଟରକୁ ଜବତ କରି ଥାନାକୁ ଆଣିଥିଲେ। ଏ ନେଇ ନିଶାଶିଳ୍ପାଞ୍ଚଳ ଥାନା କେସ ନଂ ୩୮୬/୨୫ରେ ଏକ ମାମଲା ରୁଜୁ କରିବା ସହିତ ଗିରଫ ଦ୍ୱୟଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରିଛି।

# ମନ୍ଦରଗିରିକୁ ପ୍ଲାଷ୍ଟିକମୁକ୍ତ କରିବାକୁ ସାଥୀ ପରିବାରର ଆହ୍ୱାନ

ଅନୁଗୋଳ,୪।୧୧(ସମିସ): କାଳିମା ଏବଂ ମନ୍ଦରଗିରି ସଂରକ୍ଷିତ ଜଙ୍ଗଲର ସମ୍ମିଶ୍ରଣ ୬୨୫ ହେକ୍ଟର ଆୟତନ ବିଶିଷ୍ଟ ମନ୍ଦରଗିରି ପର୍ବତ ହେଉଛି ଏକାଧାରରେ ଜୈବବିବିଧତାପୂର୍ଣ୍ଣ ଐତିହ୍ୟସମ୍ପନ୍ନ ପର୍ବତ। ଏଠାକାର ଶହ ଶହ ଔଷଧୀୟ ଉଦ୍ଭିଦ, ବନ୍ୟପ୍ରାଣୀଙ୍କ ବିବିଧତା ଏବଂ ଆଧ୍ୟାତ୍ମିକ ତଥା ସାଂସ୍କୃତିକ ଭାବବେଗ ପର୍ଯ୍ୟଟକ, ଭକ୍ତ ଓ ପରିବେଶପ୍ରେମୀଙ୍କୁ ବର୍ଷସାରା ଆକୃଷ୍ଟ କରିଥାଏ। ନିକଟରେ କିଛି ବର୍ଷ ପୂର୍ବରୁ ଐତିହ୍ୟ ମନ୍ଦରଗିରି ପର୍ବତକୁ ପର୍ଯ୍ୟଟନ କ୍ଷେତ୍ର ରୂପେ ମାନ୍ୟତା ଦେବା ଏବଂ ସେଠାରୁ ଜଡ଼ିବୁଟି ଖୋଜିବା ପାଇଁ ଅନୁସନ୍ଧାନ ଚାଲିବ ବୋଲି ସରକାରୀ ସ୍ତରରେ ଆଲୋଚନା ହୋଇଥିଲା। ଅପରପକ୍ଷରେ କିନ୍ତୁ କିଛି ଦାୟିତ୍ୱହୀନ ପର୍ଯ୍ୟଟକଙ୍କ ଆବର୍ଜନା ବ୍ୟବହାର ଓ ପରିଚାଳନାଗତ ତ୍ରୁଟି ଯୋଗୁଁ ମନ୍ଦରଗିରି ପର୍ବତର ସୌନ୍ଦର୍ଯ୍ୟ ଓ ଗାରିମା ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ପର୍ବତର ଆଭ୍ୟନ୍ତରୀଣ ଅଞ୍ଚଳ ସହ ପାରିପାର୍ଶ୍ୱିକ ଅଞ୍ଚଳରେ କୁଢ଼ କୁଢ଼ ପ୍ଲାଷ୍ଟିକ ବୋତଲ, କାଚ ବୋତଲ, ଭଙ୍ଗାକାଚ, ପଲିଥିନ ସହ ଅନ୍ୟାନ୍ୟ କଠିନ ବର୍ଜ୍ୟବସ୍ତୁରେ ଭର୍ତ୍ତି



ହୋଇଛି। ଏହି ସବୁ ଆବର୍ଜନା କେବଳ ମନ୍ଦରଗିରିର ସୌନ୍ଦର୍ଯ୍ୟହାନି କରୁନି ବରଂ ସେଠକାର ବନ୍ୟପ୍ରାଣୀ, ଉଦ୍ଭିଦରାଜି ଓ ଜୈବବିବିଧତା ଉପରେ ସିଧାସଳଖ କୁପ୍ରଭାବ ପକାଉଛି। ଐତିହ୍ୟସମ୍ପନ୍ନ ମନ୍ଦରଗିରି ପର୍ବତକୁ ପ୍ଲାଷ୍ଟିକ ଆବର୍ଜନାମୁକ୍ତସ୍ଥଳ ରୂପେ ପରିଣତ କରିବା ପାଇଁ ଅନୁଗୋଳର ସାମାଜିକ ଅନୁଷ୍ଠାନ ସାଥୀ ପରିବାର ତରଫରୁ 'ପ୍ଲାଷ୍ଟିକମୁକ୍ତ ମନ୍ଦରଗିରି ପର୍ବତ' କାର୍ଯ୍ୟକ୍ରମ ୨୦୨୨ଠାରୁ ନିୟମିତ ଭାବେ କରାଯାଉଛି। ଚଳିତବର୍ଷ ଦ୍ୱିତୀୟ ଥର ପାଇଁ ଆଜି ଅନୁଷ୍ଠାନର ପ୍ରକାଶ ଚନ୍ଦ୍ର ସାହୁ, ରାଜେଶ ରଞ୍ଜନ ସାହୁ, ସିଦ୍ଧାର୍ଥ ପ୍ରଧାନ, ସୌମ୍ୟରଞ୍ଜନ ଥମ୍ବ, ପିଣ୍ଟୁ ବେହେରା ଓ ସଞ୍ଜୀବ କୁମାର ସାମନ୍ତଙ୍କ ଦ୍ୱାରା ସମୁଦାୟ ୩୮ କିଲୋଗ୍ରାମର ପ୍ଲାଷ୍ଟିକ ଆବର୍ଜନା (କେବଳ ପ୍ଲାଷ୍ଟିକ ବୋତଲ) ସଂଗ୍ରହ କରାଯାଇଅଛି। ଏହାର ପୁନଃଚକ୍ରଣ ପାଇଁ ନିକଟସ୍ଥ ପ୍ଲାଷ୍ଟିକ କବାଡ଼ି ଦୋକାନରେ ଜମା ଦିଆଯାଇଛି। ପ୍ରତି ମାସରେ ଗୋଟିଏ ଦିନ ମନ୍ଦରଗିରିରୁ ପ୍ଲାଷ୍ଟିକ ଆବର୍ଜନା ସଂଗ୍ରହ କାର୍ଯ୍ୟ କରାଯିବ ଏବଂ ଆଗାମୀ ଦିନରେ ମନ୍ଦରଗିରି ପର୍ବତ ନିକଟବର୍ତ୍ତୀ ଗ୍ରାମର ଯୁବଗୋଷ୍ଠୀଙ୍କୁ ଏହି କାର୍ଯ୍ୟକ୍ରମ ସହ ସାମିଲ କରାଯିବା ନେଇ ଯୋଜନା କରାଯାଇଛି। ପର୍ଯ୍ୟଟକ ଓ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଜିଲ୍ଲା ପ୍ରଶାସନ ତଥା ଅନ୍ୟାନ୍ୟ ଅନୁଷ୍ଠାନର ସହଯୋଗ ନିଆଯିବ ବୋଲି ସ୍ଥିର ହୋଇଛି।

# ତାଳଚେରରେ କାର୍ତ୍ତିକେଶ୍ୱରଙ୍କ ପୂଜାର୍ଚ୍ଚନା

ତାଳଚେର,୪।୧୧(ସମିସ): ପ୍ରତିବର୍ଷ ଭଳି ଚଳିତବର୍ଷ ତାଳଚେର ସହର ମଧ୍ୟରେ ପୂଜା ପାଇଛନ୍ତି ବାବା କାର୍ତ୍ତିକେଶ୍ୱର। ପ୍ରାୟ ୨୫ଟି ମଣ୍ଡପରେ କାର୍ତ୍ତିକେଶ୍ୱର, ରାଧାକୃଷ୍ଣ ପୂଜା ପାଇଥିବା ଦେଖିବାକୁ ମିଳିଛି। ପୂଜା ଓ ଭସାଣିକୁ ଶାନ୍ତିଶୃଙ୍ଖଳାର



ସହ ପାଳନ କରିବାକୁ ତାଳଚେର ଥାନାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଚଳିତବର୍ଷ ପୂଜା ନଅଦିନ ଧରି ଚାଲିବା ପରେ ୧୦ ତାରିଖରେ ଭସାଣି ହେବ। ପୂଜା ସମୟରେ ପୂଜାମଣ୍ଡପଗୁଡ଼ିକରେ ଅଗ୍ନିନିର୍ବାହକ ରଖିବା ସହ ସିସି କ୍ୟାମେରା ଖଞ୍ଜା ଯାଇଛି ବୋଲି କମିଟି ପକ୍ଷରୁ କୁହାଯାଇଛି। ଭସାଣିରେ ଡିଜେ ସମ୍ପୂର୍ଣ୍ଣ ନିଷେଧ କରାଯାଇ ଶାନ୍ତିଶୃଙ୍ଖଳାର ସହ ଭସାଣି ଶୋଭାଯାତ୍ରା ପାଳନ ପାଇଁ କୁହାଯାଇଛି। ଭସାଣି ଦିନ ମଧ୍ୟାହ୍ନ ୧୧ଟା ସମୟରେ ପ୍ରଭୁ କାର୍ତ୍ତିକେଶ୍ୱରଙ୍କ ୩୧କେଜି ଲଡ୍ଡୁ ନିଲାମ ପାଇଁ ସ୍ଥିର କରାଯାଇଛି। ଲଡ୍ଡୁ ନିଲାମ ପରେ ଅପରାହ୍ଣ ୧ଘଟିକାରେ ଭସାଣି ଶୋଭାଯାତ୍ରା ଆରମ୍ଭହୋଇ ରାତ୍ର ୭ଟାରେ ଶୋଭାଯାତ୍ରା ଶେଷପାଇଁ ସ୍ଥିର କରାଯାଇଛି। ୨୫ଟିରୁ ଉର୍ଦ୍ଧ୍ୱ ମେଢ଼ ରହିଥିବାସ୍ଥଳେ ସେଥି ମଧ୍ୟରୁ ୧୭ଟି ମେଢ଼ ଏକତ୍ର ଭସାଣିରେ ସାମିଲ ହେବେ ବୋଲି କମିଟି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ତିନି ନୂଆ ଆଇନ ସମ୍ପର୍କରେ ଜିଲ୍ଲାସ୍ତରୀୟ କର୍ମଶାଳା



ଅନୁଗୋଳ,୪।୧୧(ସମିସ): ଦେଶରେ ନୂଆ କରି ଲାଗୁହୋଇଥିବା ତିନି ଆଇନର କାର୍ଯ୍ୟକାରିତା ସମ୍ପର୍କରେ ଜିଲ୍ଲାସ୍ତରୀୟ କର୍ମଶାଳା ଆୟୋଜିତ ହୋଇଯାଇଛି। ପୁଲିସ, ବନ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଏବଂ ଓକିଲମାନଙ୍କୁ ନେଇ ଏହି କର୍ମଶାଳା ଜିଲ୍ଲା ଆରକ୍ଷୀ ଅଡିଟୋରିୟମଠାରେ ଅନୁଷ୍ଠିତ ହୋଇଥିଲା। ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନଙ୍କ ଅଧ୍ୟକ୍ଷତାରେ ଏବଂ ଜିଲ୍ଲା ଅଭିଯୋଜନ ଉପନିର୍ଦ୍ଦେଶକ ଗଣେଶ କୁମାର ବେହେରାଙ୍କ ସଂଯୋଜନାରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ପରିଚାଳନା କରିଥିଲେ ଅତିରିକ୍ତ ଏସ୍‌ପି ରାଜୀବ ଲୋଚନ ପଣ୍ଡା। ଅନ୍ୟ ଅତିଥିଗଣଙ୍କ ମଧ୍ୟରେ ସିଡିଏମ୍‌ଓ ଡକ୍ଟର ମଦନ ମୋହନ ସାହୁ, ପିପି ପ୍ରଶାନ୍ତ କୁମାର ମୁଦୁଲି, ଭିଜିଲାନ୍ସ ପିପି ଅଶ୍ୱିନୀ କୁମାର ସାହୁ, ପୂର୍ବତନ ପିପି ମହେନ୍ଦ୍ର ବସ୍ତିଆ, ଅଭିଯୋଜନ ନିର୍ଦ୍ଦେଶାଳୟର ଦୁଇ ସହ- ନିର୍ଦ୍ଦେଶିକା ହରପ୍ରିୟ ସ ଏବଂ ରୀତା ମିଞ୍ଜି। ସେହିପରି ଜିଲ୍ଲାର ପୁଲିସ, ଅବକାରୀ ଓ ବନବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ଗତବର୍ଷ ଜୁଲାଇ ୧ତାରିଖରୁ ଆରମ୍ଭ ହୋଇଥିବା ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ ଉପରେ କର୍ମଶାଳାରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ଅଭିଯୋଜନ ଉପ ନିର୍ଦ୍ଦେଶକ ଶ୍ରୀ ବେହେରା ପୁଲିସ ତଦନ୍ତ ସମୟରେ ଦୁଷ୍କର୍ମ ପୀଡ଼ିତାର ଡାକ୍ତରୀ ପରୀକ୍ଷା ଏବଂ ରିପୋର୍ଟ ପ୍ରସ୍ତୁତ କରିବା ସମ୍ପର୍କରେ ସିଡିଏମଓ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ବିଷୟରେ କିପରି ନିର୍ଭୁଲ ରିପୋର୍ଟ ହୋଇ ପାରିବ ଏବଂ ଏହାର ଆଇନଗତ ଦିଗ ଉପରେ ନିଜର ମତ ରଖିଥିଲେ। ଆଲୋଚନାଚକ୍ରର ମୁଖ୍ୟ ବକ୍ତା ଅଭିଯୋଜନ ନିର୍ଦ୍ଦେଶାଳୟର ପୂର୍ବତନ ଉପନିର୍ଦ୍ଦେଶକ ପ୍ରଦୀପ କୁମାର ଦାସ ଭାରତୀୟ ନାଗରିକ ସୁରକ୍ଷା ସଂହିତାରେ ଥିବା ଗିରଫ ଏବଂ ରିମାଣ୍ଡ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଉପନିର୍ଦ୍ଦେଶକ ଶ୍ରୀ ବେହେରା ଏହି ତିନି ଆଇନ ପ୍ରଣୟନର ମୂଳ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅତିରିକ୍ତ ଏସ୍‌ପି ଶ୍ରୀ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଫ୍ୟାନ୍‌ରେ ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ବଅଁରପାଳ, ୪।୧୧(ସମିସ): ବଅଁରପାଳ ନିକଟସ୍ଥ ବାଦୁଡ଼ି ସାହିରେ ଏକ ଅଭାବନୀୟ ଘଟଣାରେ ଜଣେ କଲେଜ ପଢୁଆ ଯୁବକ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ବାଦୁଡ଼ି ସାହିର ରାହୁଲ ସେନାପତି ସବୁ ଦିନ ପରି ଆଜି ଖାଇ ପିଇ ନିଜ ଶୋଇବା ଘରକୁ ଯାଇଥିଲେ। ଦିନ ପ୍ରାୟ ୪ଟା ବେଳେ ତାଙ୍କୁ ଉଠାଇବାକୁ ଯେତେ କବାଟ ବାଡ଼େଇ ଥିଲେ ମଧ୍ୟ ସେ କବାଟ ଖୋଲିନଥିଲେ। ତେଣୁ ଝରକା ବାଟ ଦେଇ ଦେଖିବା ପରେ ରାହୁଲ ଫ୍ୟାନରେ ଝୁଲିପଡ଼ିଥିବା ଜଣାପଡ଼ିଥିଲା। କବାଟ ଭାଙ୍ଗି ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଅନୁଗୋଳ ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାହୁଲ ଆତ୍ମହତ୍ୟାର କୌଣସି ସ୍ପଷ୍ଟ କାରଣ ଜଣାପଡ଼ି ନାହିଁ। ସେ ତାଙ୍କ ପିତା ମାତାର ଏକ ମାତ୍ର ପୁତ୍ର ଥିଲେ ବୋଲି ଜଣାପଡ଼ିଛି।

# ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଇଲେ ୫ଶହ ରୋଗୀ



ଅନୁଗୋଳ,୪।୧୧(ସମିସ): ଅନୁଗୋଳ ଶ୍ରୀ ଶିରିଡ଼ି ସାଇ ପରିବାର, ଆନନ୍ଦ ନଗର, ମାଟିଆ ସାହି ପକ୍ଷରୁ ସାଧାରଣ ଲୋକଙ୍କ ପାଇଁ ଏକ ମାଗଣା ସ୍ୱାସ୍ଥ୍ୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱାସ୍ଥ୍ୟ ଶିବିରରେ ପ୍ରତିଷ୍ଠିତ ହୃଦ୍‌ରୋଗ ବିଶେଷଜ୍ଞ ଡାକ୍ତର ମହେନ୍ଦ୍ର ପ୍ରସାଦ ତ୍ରିପାଠୀ, ଚକ୍ଷୁ ବିଶେଷଜ୍ଞ ଡାକ୍ତର ସଂଘମିତ୍ରା ଦାଶ, ଡାକ୍ତର ଦିଲ୍ଲୀପ କୁମାର ମହାନ୍ତି, ଡାକ୍ତର ଶିବାନୀ ସାହୁ, ଡାକ୍ତର ରାଜେଶ ପାଢ଼ୀ, ଡାକ୍ତର ଅବିନାଶ ପଣ୍ଡା, ଡାକ୍ତର ନିବେଶ ପାଢ଼ୀ ପ୍ରମୁଖ ବିଭିନ୍ନ ବିଭାଗର ଡାକ୍ତର ଏହି ସ୍ୱାସ୍ଥ୍ୟ ଶିବିରରେ ଯୋଗଦେଇ ପ୍ରାୟ ୫ଶହ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଆବଶ୍ୟକୀୟ ଚିକିତ୍ସା ଓ ପରାମର୍ଶ ଦେଇଥିଲେ। ଏହି ସ୍ୱାସ୍ଥ୍ୟ ଶିବିର ସକାଳ ୯ ଟାରୁ ସନ୍ଧ୍ୟା ୫ ଟା ପର୍ଯ୍ୟନ୍ତ ଚାଲିଥିଲ। ଶିବିରରେ ଶ୍ରୀ ଶିରିଡ଼ି ସାଇ ପରିବାର ପକ୍ଷରୁ ନିହାର ମିଶ୍ର, ଦେବାଶିଷ ମିଶ୍ର, ସୁଶାନ୍ତ ଶତପଥି, ପ୍ରଶାନ୍ତ ବେହେରା, କୁନାଲ ବସ୍ତିଆ, ସୁଧୀର ମିଶ୍ର, ନମିତା ମିଶ୍ର, ପାର୍ଥ ସାରଥୀ ରାଏ, ବିଦ୍ୟା ନାଏକ, ଅମରେନ୍ଦ୍ର ମହାରଣା, ଯୁଧିଷ୍ଠିର ମାଝୀ, ବିରଞ୍ଚି ମିଶ୍ର, ରେବତୀ ପଟ୍ଟନାୟକ, ପ୍ରତାପ ସାହୁ, ରଞ୍ଜିତ ପ୍ରଧାନ, ଅନନ୍ତ ପ୍ରଧାନ, ଅଭୟ ପ୍ରଧାନ ଏବଂ ଦୁଷ୍ମନ୍ତ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ପ୍ରସିଦ୍ଧ ଲୋଭି ଠାକୁରାଣୀଙ୍କ ଯାତ୍ରା ଆରମ୍ଭ



ବଅଁରପାଳ,୪।୧୧(ସମିସ): ବଅଁରପାଳ ବ୍ଲକ୍ ଗଡ଼ସନ୍ତ୍ରୀ ଠାରେ ଥିବା ମା ଲୋଭି ଠାକୁରାଣୀଙ୍କ ବାର୍ଷିକ ଯାତ୍ରା ଆରମ୍ଭ ହୋଇଛି। ବଅଁରପାଳ ବ୍ଲକ୍‌ର ସର୍ବ ପୁରାତନ ତଥା ଏହି ଅଞ୍ଚଳରେ ପ୍ରସିଦ୍ଧ ମା' ଲୋଭି ଠାକୁରାଣୀଙ୍କ ଯାତ୍ରା ପ୍ରତ୍ୟେକ ବର୍ଷ କାର୍ତ୍ତିକ ପୂର୍ଣ୍ଣିମା ଠାରୁ ଆରମ୍ଭ ହୋଇଥାଏ, ତୁଳସୀ ପାଳ ଗ୍ରାମରୁ ପ୍ରଥମେ ପିଠ ପୂଜା ହୋଇ ଏକ ବିରାଟ ପଟୁଆରରେ ୪ କିଲୋମିଟର ବାଟ ପଟୁଆର କରି ସନ୍ତ୍ରୀ ଯାତ୍ରା ପଡ଼ିଆକୁ ଆସିଥାନ୍ତି, ଏହି ଯାତ୍ରା ଏହି ଅଞ୍ଚଳର ସର୍ବ ବୃହତ ଯାତ୍ରା ଏଥି ପାଇଁ ସମସ୍ତ ପ୍ରକାର ଦୋକାନ ବଜାର, ଦୋଳି ଖାଦ୍ୟ ପଦାର୍ଥ ଓ ପ୍ରତ୍ୟେକ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବହୁ ସାମାଜ ସଚେତନତା ବିଜ୍ଞାପନ ମେଢ଼ ପ୍ରଦର୍ଶିତ ହୋଇଥାଏ, ଶାନ୍ତି ଶୃଙ୍ଖଳା ପାଇଁ ବଅଁରପାଳ ପୁଲିସ ପକ୍ଷ୍ୟରୁ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଥାଏ। ଏହି ଯାତ୍ରା ୫ ଦିନ ଧରି ଚାଲିବ ବୋଲି ଆୟୋଜକ ମାନେ ପ୍ରକାଶ କରିଛନ୍ତି।

# ଜସ୍ମିନ୍ ସେଠଙ୍କ ହତ୍ୟାକରୀଙ୍କୁ ଗିରଫ ନେଇ ଡିଆଇଜିଙ୍କୁ ଦାବିପତ୍ର

ଅନୁଗୋଳ,୪।୧୧(ସମିସ): ଗତ ସେପ୍ଟେମ୍ବର ୬ ତାରିଖରେ ନିଖୋଜ ହୋଇ ତା' ପରଦିନ ଘର ପଛପାଖ ନାଳରୁ ୧୧ବର୍ଷର ଛାତ୍ରୀ ଜସ୍ମିନ୍ ସେଠଙ୍କ ମୃତ ଦେହ ମିଳିଥିଲା। ଏହି ଘଟଣାରେ ହତ୍ୟାକାରୀ ଏ ପର୍ଯ୍ୟନ୍ତ ଗିରଫ ହୋଇନାହାନ୍ତି। ଯାହାକୁ ନେଇ ସମଗ୍ର ଅଞ୍ଚଳରେ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ସ୍ଥାନୀୟ ଅଞ୍ଚଳରେ ଭୟ ଓ ଆତଙ୍କିତ ଅବସ୍ଥାରେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ପାଠପଢ଼ି ଯିବାକୁ ଭୟ କଲେଣି। ଏଭଳି ସ୍ଥିତିରେ




ପୁଲିସ ପ୍ରଶାସନ ଓ ସ୍ଥାନୀୟ ନେତାମାନଙ୍କର ନିଷ୍କ୍ରିୟତା, ଜନସାଧାରଣଙ୍କ ମନରେ ନାହିଁନଥିବା ପ୍ରଶ୍ନ ସୃଷ୍ଟି କରୁଛି। ଅପରପକ୍ଷେ ବାରମ୍ବାର ପରିବାର ତଥା ଗ୍ରାମବାସୀଙ୍କ ପକ୍ଷରୁ ଏଫ୍‌ଆଇଆର୍ ରିପୋର୍ଟ ତଥା ପିଏମ୍ ରିପୋର୍ଟ ପାଇଁ ଗଲାପରେ ମଧ୍ୟ ପିଏମ୍ ରିପୋର୍ଟ ଆସିନାହିଁ କହି ରିପୋର୍ଟ ଏ ପର୍ଯ୍ୟନ୍ତ ଦେଉନାହାନ୍ତି କି ଏଫଆଇଆର୍ ରିପୋର୍ଟ ଦେଉନାହାନ୍ତି। ଏହାସହିତ ୨ବର୍ଷ ପୂର୍ବରୁ ଶାବଳଭଙ୍ଗା ଗ୍ରାମର ଜଣେ ମହିଳାଙ୍କ ସନ୍ଦେହଜନକ ନିଖୋଜ ଏବଂ ତା ପୂର୍ବରୁ ହରିହର ସାହୁଙ୍କ ଗଳାକାଟି ହତ୍ୟା ଘଟଣାରେ ସମ୍ପୃକ୍ତ ଅପରାଧୀମାନଙ୍କୁ ତୁରନ୍ତ ଗିରଫ କରି କଠୋର ଦଣ୍ଡବିଧାନ ପାଇଁ ଆଜି ନାରୀ ନିର୍ଯାତନା ବିରୋଧୀ ଗଣ କମିଟି, ଅନୁଗୋଳ ତରଫରୁ ଏବଂ ଶ୍ୟାମସୁନ୍ଦରପୁର ଗ୍ରାମବାସୀ ଡିଆଇଜି, ତାଳଚେରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ନାରୀ ନିର୍ଯାତନା ବିରୋଧୀ ଗଣ କମିଟି, ଅନୁଗୋଳର ଆବାହିକା ମନ୍ଦୋଦରୀ ରାଉଳ, ସଂଗଠିକା ଜ୍ୟୋତ୍ସ୍ନା ସାମଲଙ୍କ ସମେତ ଶ୍ୟାମସୁନ୍ଦରପୁର ଗ୍ରାମ ସଭାପତି ଗୌତମ ଦେହୁରୀ, ପ୍ରଶାନ୍ତ ଦେହୁରୀ, ଆନନ୍ଦ ଦେହୁରୀ, ପ୍ରାଣବନ୍ଧୁ ଦଳବେହେରା, ବିପିନ ଭୋଇ, ଘନଶ୍ୟାମ ବିଶ୍ୱାଳ, ଗୋବିନ୍ଦ ଦଳବେହେରା, ଅରୁଣ ଦେହୁରୀ, ଗାୟତ୍ରୀ ଦେହୁରୀ, ମିନତୀ ଦେହୁରୀ, ବିନତି ବିଶ୍ୱାଳ, ମାନି ଦଳବେହେରା ପ୍ରମୁଖ ଦାବିପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ। ଡିଆଇଜି ସତ୍ୟବ୍ରତ ଭୋଇ ଖୁବ୍ ଶୀଘ୍ର ପଦକ୍ଷେପ ନେଇ ହତ୍ୟାକାରୀମାନଙ୍କୁ ଗିରଫ କରିବା ନିମନ୍ତେ ପ୍ରତିଶ୍ରୁତି ଦେଇଛନ୍ତି।

# ଜିରାଳରେ କାର୍ତ୍ତିକେଶ୍ୱର ପୂଜା

ଭୁବନ,୪।୧୧(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ୍ ଅନ୍ତର୍ଗତ ଜିରାଳ ଗ୍ରାମରେ କାର୍ତ୍ତିକେଶ୍ୱର ପୂଜା ଆସନ୍ତାକାଲିଠୁ ଆରମ୍ଭ ହେବ। ଦୁଇ ନଦୀ ମଧ୍ୟରେ ଅବସ୍ଥିତ ଏହି ଗ୍ରାମରେ କାର୍ତ୍ତିକେଶ୍ୱର ପୂଜା ୨୫ ବର୍ଷରେ ପଦାର୍ପଣ କରିଛି। ଜିରାଳ ଦେଶକମିଟି ଉଦ୍ୟମରେ ଆୟୋଜିତ ଏହି ପୂଜାରେ ୧୧ଟି ପଞ୍ଚାୟତର ୫୦ରୁ ଅଧିକ ଗ୍ରାମର ଲୋକ ଏକାଠି ହୋଇଥା'ନ୍ତି। ଏ ଅବସରରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ, ଆଲୋକିତ ତୋରଣ, ମୀନାବଜାର, ଚଟପଟି, ମନୋହରୀ ଷ୍ଟଲ୍ ଓ ଘରକରଣା ଜିନିଷର ହାଟ ବସେ। ୨୨ ବର୍ଷ ଧରି ସଭାପତି ଥିବା ପ୍ରକାଶ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଚଳିତ ବର୍ଷ ଡିଜେ ମୁକ୍ତ ଭସାଣି, ପଲିଥିନ ମୁକ୍ତ ମେଳା ହେବାକୁ ନିଷ୍ପତ୍ତି ହୋଇଛି। ଆସନ୍ତାକାଲି ଆରମ୍ଭହେବାକୁ ଥିବା ପୂଜା ୧୧ ତାରିଖ ଭସାଣି ପର୍ଯ୍ୟନ୍ତ ଚାଲିବ ଏହି ମହୋତ୍ସବ। ପୁଲିସ ପକ୍ଷରୁ ଅସ୍ଥାୟୀ ଫାଣ୍ଡି ସ୍ଥାପନ ହୋଇଥିବା ଥାନାଧିକାରୀ ଆଶିଷ କୁମାର ଜେନା କହିଛନ୍ତି। ତାରକେଶ୍ୱର ଦହନ ଜିରାଳର ଲଭର୍ସ କ୍ଲବ ଉଦ୍ୟମରେ ଆୟୋଜିତ ହେବ। ଏ ଅବସରରେ ହାଇସ୍କୁଲ ଖେଳ ପଡିଆରେ ହଜାର ହଜାର ଲୋକଙ୍କ ସମାଗମ, ଆତସବାଜି ପ୍ରତିଯୋଗିତା ହେବ ବୋଲି ଆୟୋଜକ ସୁଜିତ ପରିଡା, ଗ୍ରାମ ସଭାପତି ଅର୍ଜୁନ ପଣ୍ଡର ପ୍ରକାଶ କରିଛନ୍ତି।

# କିଶୋରନଗର ବିଦ୍ୟାଳୟରେ ଛାୟା ସଂସଦ ଅଧିବେଶନ

କିଶୋରନଗର,୪।୧୧(ସମିସ): ପିଏମ୍‌ଶ୍ରୀ କିଶୋରନଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ସୋମବାର ଛାତ୍ରଛାତ୍ରୀଙ୍କୁ ନେଇ ବିଦ୍ୟାଳୟସ୍ତରୀୟ ଛାୟା ସଂସଦର ଶୀତକାଳୀନ ଅଧିବେଶନ ଅନୁଷ୍ଠିତ ହୋଇଛି। ଛାତ୍ରୀ ପ୍ରିୟଦର୍ଶିନୀ ସାହୁ ବାଚସ୍ପତି ଭୂମିକାରେ ଅବତୀର୍ଣ୍ଣ ହୋଇ ଗୃହ ପରିଚାଳନା କରିଥିଲେ। ପ୍ରଶ୍ନକାଳରେ ଶାସକ ଓ ବିରୋଧୀ ଦଳ ପ୍ରଶ୍ନୋତ୍ତର ମାଧ୍ୟମରେ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ପୂର୍ବକ ଗୃହକୁ ଅବଗତ କରାଇ ଏହାର ସମାଧାନ ପାଇଁ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅପରାହ୍ନରେ "ସାମାଜିକ ଗଣମାଧ୍ୟମର ବ୍ୟବହାର ଉପରେ ନିୟନ୍ତ୍ରଣ' ଶୀର୍ଷକ ପ୍ରସଙ୍ଗ ଆଧାରରେ ସଂସଦର ସଦସ୍ୟମାନେ ସପକ୍ଷ ଓ ବିପକ୍ଷରେ ନିଜ ମତ ପ୍ରଦାନ କରିଥିଲେ। ଛାୟା ସଂସଦର ଏହି ଅଧିବେଶନକୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶୋକ କୁମାର ପ୍ରଧାନ ଉଦଘାଟନ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ସୁପ୍ରଭା ସାହୁ ଓ ବିନାୟକ ଦେହୁରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ଭୈରବ କୁମାର ଦେହୁରୀ, ପ୍ରସନ୍ନ କୁମାର ପ୍ରଧାନ ଓ ଶିକ୍ଷୟିତ୍ରୀ ଚିନ୍ମୟୀ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷକ ସଂଗ୍ରାମ କେଶରୀ ପୃଷ୍ଟି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରିୟଦର୍ଶିନୀ ସାହୁ, ହାର୍ଦ୍ଦିକ ପ୍ରଧାନ, ସମ୍ବିତ ବେହେରା, ରତ୍ନମଞ୍ଜରୀ ବାରିକ, ଶୁଭ୍ରଜ୍ୟୋତି ପ୍ରଧାନ, ରୁକସାନା ପ୍ରଧାନ, ନୀଳକଣ୍ଠ ବାରିକ, ଶୁଭଲକ୍ଷ୍ମୀ ପ୍ରଧାନ, ଲଭଲୀ ପ୍ରଧାନ, ନୀତିନ କୁମାର ସାହୁ, ସ୍ନେହାମୟୀ ସାହୁ, ଜିଗରଜିତ୍ ପ୍ରଧାନ, ସୌଜନ୍ୟା ପ୍ରଧାନ, ଅଭିଲିପ୍ସା ଦେହୁରୀ, ସ୍ୱସ୍ତିକା ସାହୁ ଓ ଶୁଭଙ୍କର ସାହୁ ପ୍ରମୁଖ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ।

# ରାଜ୍ୟପାଳଙ୍କ ଦ୍ୱାରା କୋଇଲା ଖଣି ମହାପ୍ରବନ୍ଧକ ସମ୍ମାନିତ

କଣିହାଁ,୪।୧୧(ସମିସ): ତାଳଚେର ଉପଖଣ୍ଡ କଣିହାଁ ବ୍ଲକ୍ ଅନ୍ତର୍ଗତ କଣିହାଁ ଖୋଲା କୋଇଲା ଖଣି ମହାପ୍ରବନ୍ଧକ(ଖନନ) ଦିନେଶ କୁମାର ମାଳିଙ୍କୁ ରାଜ୍ୟପାଳ ଡାକ୍ତର ହରିବାବୁ କମ୍ଭମପାଟି ସମ୍ମାନିତ ହୋଇଛନ୍ତି। ରାଜଭବନରେ ଓଡ଼ିଶା ପ୍ରଖଣ୍ଡର ବିଶ୍ୱ ହିନ୍ଦୁ ପରିଷଦ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ରାଜ୍ୟପାଳ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଜାତୀୟ ଭାଷା ହିନ୍ଦୀକୁ ପ୍ରଖ୍ୟାତ ଅନୁବାଦକ ଶ୍ରୀ ମାଳି ପ୍ରଚାର ପ୍ରସାର କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିବାରୁ ଭାରତ ସରକାରଙ୍କ ଦ୍ୱାରା ପଞ୍ଜିକୃତ ଏହି ସଂସ୍ଥା ପକ୍ଷରୁ ତାଙ୍କୁ ଏହି ସର୍ବୋଚ୍ଚ ସମ୍ମାନ ପ୍ରଦାନ କରାଯାଇଛି।

# ରାଜ୍ୟସ୍ତରୀୟ ଆଥଲେଟିକ ଚୟନ ପାଇଁ ୩ ଛାତ୍ରଛାତ୍ରୀ ମନୋନୀତ

କିଶୋରନଗର,୪।୧୧(ସମିସ): ବାମୁର ଯୁବଜ୍ୟୋତି ଉଚ୍ଚବିଦ୍ୟାଳୟ ଛାତ୍ରଛାତ୍ରୀ ଜିଲ୍ଲାସ୍ତରୀୟ ଆଥଲେଟିକ ଚୟନ ପ୍ରକ୍ରିୟାରେ ଉନ୍ନତମାନର କ୍ରୀଡ଼ା ପ୍ରଦର୍ଶନ କରି ରାଜ୍ୟସ୍ତରୀୟ ଆଥଲେଟିକ ଚୟନ ପ୍ରକ୍ରିୟାକୁ ଉନ୍ନୀତ ହୋଇଛନ୍ତି। ଏଥିରେ ଫ୍ଲୋରେନସ ଭୋଇ ୧୪ ବର୍ଷ ରୁ କମ୍ ବାଳକ ବିଭାଗରେ ୧୦୦ ମିଟର ଦୌଡ଼, ସୁଶ୍ରୀ ପ୍ରଧାନ ୧୪ ବର୍ଷରୁ କମ୍ ବାଳିକା ବିଭାଗରେ ଡିସକସ୍ ଓ ସୋନାଲି ଦେଓ ୧୪ ବର୍ଷରୁ କମ୍ ବାଳିକା ବିଭାଗ ସଟପୁଟ୍‌ରେ ଜିଲ୍ଲା ସ୍ତରରେ ପ୍ରଥମ ସ୍ଥାନ ଗ୍ରହଣ କରି ରାଜ୍ୟ ସ୍ତରକୁ ମନୋନୀତ ହୋଇଛନ୍ତି। କ୍ରୀଡ଼ା ଶିକ୍ଷକ ସରୋଜ ସେନାପତିଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀ ଉନ୍ନତମାନର ଖେଳ ପ୍ରଦର୍ଶନ କରିଥିବାରୁ ଯୁବଜ୍ୟୋତି ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଉତ୍କଳ କିଶୋର ସାହୁ ଓ ବାମୁର ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ବବ୍ରୁବାହାନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଛନ୍ତି।

## ୪୦ ତମ ବୋଇତ ବନ୍ଦାଣ ମହୋତ୍ସବ

# ଲୋକନୃତ୍ୟରେ କମ୍ପିଲା ମଞ୍ଚ



ଅନୁଗୋଳ,୪।୧୧(ସମିସ):

 କଳାକାର ପକ୍ଷରୁ ଆୟୋଜିତ ୪୦ ତମ ବୋଇତ ବନ୍ଦାଣ ମହୋତ୍ସବର ଆଜି ଦ୍ୱିତୀୟ ସନ୍ଧ୍ୟା। ଅନୁଗୋଳର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ ଓ ଅନୁଗୋଳ ଓକିଲ ସଂଘର ସଭାପତି ହିମାଂଶୁ ଭୂଷଣ ସାମଲ ଏଥିରେ ଅତିଥି ରୂପେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶ୍ରୀ ତ୍ରିପାଠୀ ପ୍ରାଚୀନ କଳିଙ୍ଗର ଗୌରବୋଜ୍ଜ୍ୱଳ ନୌବାଣିଜ୍ୟ ପରମ୍ପରାର ସ୍ମୃତି ରୋମନ୍ଥନ କରିଥିବାବେଳେ ଶ୍ରୀ ସାମଲ ଜିଲ୍ଲାରେ କଳା ସଂସ୍କୃତିର ବିକାଶ ଦିଗରେ କଳାକାର ଅନୁଷ୍ଠାନର ଭୂମିକାକୁ ଉଚ୍ଚ

- ଭାଗନେଲେ ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ
- ଆଜି ଆସିବେ କଣ୍ଠଶିଳ୍ପୀ ଶକ୍ତି ମିଶ୍ର

ପ୍ରଶଂସା କରିଥିଲେ। ପ୍ରତିଯୋଗିତାର ତିନି ବିଚାରକ ଗୁରୁ ଶରତ ପାଣି, ସନାତନ ନାୟକ ଓ ଶାନ୍ତନୁ ନାୟକଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ସ୍ମୃତି ଫଳକ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସମାରୋହରେ କଳାକାରର ମୁଖ୍ୟ ଉପଦେଷ୍ଟା ଭୂପେଶ ଚନ୍ଦ୍ର ପ୍ରଧାନ, ଡା କୃଷ୍ଣଚନ୍ଦ୍ର ଦାସ, କ୍ଷୀରୋଦ ପାତ୍ର, ସଭାପତି ବୀରେନ୍ଦ୍ର କୁମାର ପ୍ରଧାନ ଓ ସମ୍ପାଦକ ବିଦେଶୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ବୈରାଗୀ ମଲ୍ଲିକ ମଞ୍ଚ ପରିଚାଳନା କରିଥିଲେ। ପରେ ଦଳଗତ ଲୋକନୃତ୍ୟ ପ୍ରତିଯୋଗିତା କରାଯାଇଥିଲା। ବିଭିନ୍ନ ନୃତ୍ୟାନୁଷ୍ଠାନର କଳାକାରମାନେ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ଅଭିଭୂତ କରିଥିଲେ। ସକାଳବେଳା ବିଭିନ୍ନ ବର୍ଗର ଲଘୁ କଣ୍ଠ ସଙ୍ଗୀତ ପ୍ରତିଯୋଗିତା, ତବଲା, କି' ବୋର୍ଡ ବାଦ୍ୟ ଯନ୍ତ୍ର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ତିନି ଦିନରେ ଏକ ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ବୁଧବାର ଉଦ୍‌ଯାପନୀ ସନ୍ଧ୍ୟାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଓଡ଼ିଶାର ପ୍ରସିଦ୍ଧ ଗାୟକ ଶକ୍ତି ମିଶ୍ର ଅତିଥି ରୂପେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଉପ ସଭାପତି ସଞ୍ଜୀବ କୁମାର ନାଥ ଧନ୍ୟବାଦ ଦେଇଥିଲେ।



## ଧରାପଡ଼ିଲା ଯୁବତୀଙ୍କ ଚାଲାକି

# ବନ୍ଧୁକ ଲାଇସେନ୍ସ ପାଇଁ ନିଜ ଘରକୁ ଗୁଳିମାଡ଼

ଭୁବନେଶ୍ୱର, ୪।୧୧ (ସମିସ): ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି ଗୁଳି ଓ ବୋମାମାଡ଼ ଘଟଣାର ତଦନ୍ତ କରୁଥିବା ପୁଲିସ ବଡ଼ ଧରଣର ଷଡ଼ଯନ୍ତ୍ରର ପର୍ଦ୍ଦାଫାସ କରିଛି। ବନ୍ଧୁକ ଲାଇସେନ୍ସ ହାତେଇବାକୁ ଘୁଙ୍ଗୁର ମିଶ୍ର ନାମ୍ନୀ ଯୁବତୀ ନିଜ ଘର ଉପରକୁ ଗୁଳି ଓ ବୋମାମାଡ଼ କରିଥିବା ତଦନ୍ତ ବେଳେ ଜଣାପଡ଼ିଛି। ଘଟଣାରେ ଘୁଙ୍ଗୁରୁଙ୍କ ଡ୍ରାଇଭର ସମେତ ୩ ଜଣଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ



■ ମହିଳାଙ୍କ ଡ୍ରାଇଭର ସମେତ ୩ ଗିରଫ
■ ବନ୍ଧୁକ, ଗୁଳି ଓ ଗାଡ଼ି ଜବତ
■ ଦିଲ୍ଲୀରେ ଲୁଚିଛି ମାଷ୍ଟରମାଇଣ୍ଡ ଯୁବତୀ
■ ଶିଳ୍ପପତିଙ୍କ ଭଉଣୀ ପରିଚୟ ଦେଇ ପତିଆରା

ହେଲେ ଡ୍ରାଇଭର ଚନ୍ଦନ ନାୟକ ଓରଫ୍ ନନ୍ଦୁ (୨୭), ଭରତପୁର ମୁଣ୍ଡା ସାହିର ଦେବାଶିଷ ମହାପାତ୍ର ଓରଫ୍ ଦେବା (୨୪) ଓ ଷ୍ଟୁଡିଓ ଛକ ଓମକାର ବସ୍ତିର ସନ୍ତୋଷ ମହାକୁଡ଼ ଓରଫ୍ ସନ୍ତୁ(୨୫)।

ପୁଲିସ ସୂଚନା ଅନୁସାରେ, ଭରତପୁର ଥାନା ଅଞ୍ଚଳରେ ରହୁଥିବା ଘୁଙ୍ଗୁର ମିଶ୍ର କିଛି ମାସ ପୂର୍ବେ ସୁରକ୍ଷା ଆଳ ଦେଖାଇ ବନ୍ଧୁକ ଲାଇସେନ୍ସ ପାଇଁ ଆବେଦନ କରିଥିଲେ। ଆବେଦନର ତଦନ୍ତ ପାଇଁ ସ୍ଥାନୀୟ ଥାନାକୁ ନିର୍ଦ୍ଦେଶ ଆସିବା ପରେ ନିଜକୁ ଜଣେ ପ୍ରତିଷ୍ଠିତ ଶିଳ୍ପପତିଙ୍କ ଭଉଣୀ ବୋଲି ପରିଚୟ ଦେଇ ପୁଲିସ ଉପରେ ଚାପ ସୃଷ୍ଟି କରିଥିଲେ। ଯଥାଶୀଘ୍ର ତଦନ୍ତ ସାରି ବନ୍ଧୁକ ଲାଇସେନ୍ସ ପାଇଁ ତାଙ୍କୁ ଯୋଗ୍ୟ ବିବେଚିତ କରିବାକୁ ପୁଲିସକୁ କହିଥିଲେ।

ଏହାପରେ ଅର୍ଥାତ୍ ସେପ୍ଟେମ୍ବର ୧୧ ତାରିଖ ଦିନ ତାଙ୍କ ଘର ଉପରକୁ ବୋମାମାଡ଼ ହୋଇଥିବା ନେଇ ଭରତପୁର ଥାନାରେ ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ତାଙ୍କ ଅଭିଯୋଗକୁ ସନ୍ଦେହ କରିଥିଲେ ମଧ୍ୟ ମାମଲା ରୁଜୁକରି ତଦନ୍ତ କରୁଥିଲା। ଏହି ଘଟଣାର ମାସକ ପରେ ଅର୍ଥାତ୍ ଅକ୍ଟୋବର ୪ ତାରିଖ ଦିନ ପୁଣି ଭରତପୁର ଥାନାକୁ ଯାଇଥିଲେ। ପୂର୍ବ ରାତିରେ ଦୁର୍ବୃତ୍ତମାନେ ତାଙ୍କ ଘର ଉପରକୁ ଗୁଳିମାଡ଼ କରିଥିବା ଅଭିଯୋଗ କରିଥିଲେ। ପୁଲିସ ଆଉଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବନ୍ଧୁକ ଲାଇସେନ୍ସ ଆବେଦନ ପରେ ଦୁଇ ଦୁଇ ଥର ଗୁଳି ଓ ବୋମାମାଡ଼ ଘଟଣାକୁ ପୁଲିସ ସହଜରେ ଗ୍ରହଣ କରିପାରି ନ ଥିଲା। ଘଟଣାସ୍ଥଳରେ ଲାଗିଥିବା ସିସିଟିଭି କ୍ୟାମେରା ଫୁଟେଜ ଯାଞ୍ଚ କରି ତଦନ୍ତ ଆରମ୍ଭ କରିଥିଲା। ଫୁଟେଜରୁ ମିଳିଥିବା ଅଟୋର ଓ ବାଇକ୍ ନମ୍ବର ଆଧାରରେ ତଦନ୍ତ ଆଗକୁ ବଢ଼ିଥିଲା। ପ୍ରଥମେ ଡ୍ରାଇଭର ନନ୍ଦୁ ଓ ପରବର୍ତ୍ତୀ ସମୟରେ ଦେବା ଏବଂ ସନ୍ତୁକୁ ଉଠାଇ ଆଣିଥିଲା।

୩ ଜଣଙ୍କୁ ମୁହାଁମୁହିଁ ଜେରା କରିବା ପରେ ପୂରା ଘଟଣା ପଦାକୁ ଆସିଥିଲା। ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ଘୁଙ୍ଗୁର ବନ୍ଧୁକ ଲାଇସେନ୍ସ ପାଇଁ ଆବେଦନ କରିଥିଲେ। ହେଲେ ଲାଇସେନ୍ସ ମିଳିବାକୁ ବିଳମ୍ବ ହେବାରୁ ଷଡ଼ଯନ୍ତ୍ର ରଚିଥିଲେ। ଡ୍ରାଇଭର ନନ୍ଦୁକୁ ଟଙ୍କା ଦେଇ ଘର ଉପରକୁ ବୋମାମାଡ଼ କରିବାକୁ କହିଥିଲେ। ନନ୍ଦୁ ଟଙ୍କା ପାଇବା ପରେ ଦେବା ଓ ସନ୍ତୁକୁ ସୁପାରି ଦେଇଥିଲା। ସନ୍ତୁ କଞ୍ଚାମାଲ ଯୋଗାଡ଼ କରି ବୋମା ଭିଡ଼ିବା ପରେ ଦେବା ସହ ମିଶି ଘଟଣାସ୍ଥଳକୁ ଯାଇଥିଲା। ନନ୍ଦୁ ଟାର୍ଗେଟ ଦେଖାଇବା ପରେ ଦେବା ଓ ସନ୍ତୁ ମିଶି ବୋମାମାଡ଼ କରିଥିଲେ। ଏହାପରେ ମଧ୍ୟ ଲାଇସେନ୍ସ ପ୍ରକ୍ରିୟା ଆଗକୁ ନ ବଢ଼ିବାରୁ ଘୁଙ୍ଗୁରଙ୍କ ନିର୍ଦ୍ଦେଶ ମୁତାବକ ପୁଣିଥରେ ଗୁଳିମାଡ଼ କରିଥିଲେ।



ପୁରା ଘଟଣାର ପର୍ଦ୍ଦାଫାଶ ପରେ ଅଭିଯୁକ୍ତମାନଙ୍କ ଠାରୁ ଗୋଟିଏ ବନ୍ଧୁକ, ଗୋଟିଏ ଗୁଳି, ଘଟଣାରେ ବ୍ୟବହୃତ ଅଟୋ ଓ ବାଇକ୍ ଜବତ କରିଥିଲା। ୩ ଜଣ ଗିରଫ ହେବାପରେ ଘୁଙ୍ଗୁର ମିଶ୍ର ଫୋନ୍ ସୁଇଚ୍ ଅଫ୍ କରି ଫେରାର ହୋଇ ଯାଇଛନ୍ତି। ଶେଷଥର ତାଙ୍କ ଫୋନ୍ ଦିଲ୍ଲୀରେ ଅନ୍ ଥିବାରୁ ଗୋଟିଏ ସ୍ୱତନ୍ତ୍ର ଟିମ୍ ତାଙ୍କୁ ଧରିବାକୁ ଦିଲ୍ଲୀ ଯାଇଛି।

### ଏମିତି ମିଳିଥିଲା ସୁରାକ୍

ମଳିପଡ଼ା ସାଇପ୍ରତିକ୍ ଆପାର୍ଟମେଣ୍ଟରେ ରହୁଥିବା ମାନସ ରଞ୍ଜନ ଦାଶ ଘୁଙ୍ଗୁରଙ୍କ ଠାରୁ ଫ୍ଲାଟକୁ କିଣିବା ଲାଗି ୨୭ ଲକ୍ଷ ଟଙ୍କା ଦେବା ସହ ବାକି ଟଙ୍କା ଫ୍ଲାଟ୍ ପଞ୍ଜୀକରଣ ସମୟରେ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାନସ ଆଲୋଚନା ପାଇଁ ଗତ ଜୁଲାଇ ୧୦ ତାରିଖ ଦିନ ଘୁଙ୍ଗୁରଙ୍କ ଘରକୁ ଆସିଥିବା ବେଳେ ତାଙ୍କୁ ପ୍ରେମ ନିବେଦନ କରିବା ସହ ଖରାପ୍ ବ୍ୟବହାର କରିଥିଲା। ଏନେଇ ସେ ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଘଟଣା ପରଠାରୁ ମାନସ ଫେରାର ରହିଥିଲା। ତେବେ ଗତ ସେପ୍ଟେମ୍ବର ୧୧ ଓ ଅକ୍ଟୋବର ୫ରେ ମାନସ ହିଁ ତାଙ୍କ ଘର ଉପରକୁ ଗୁଳି ଓ ବୋମାମାଡ଼ କରିଥିବା ଘୁଙ୍ଗୁର ଥାନାରେ ଅଭିଯୋଗ କରିଥିଲେ। ଏପଟେ ଲାଇସେନ୍ସ ଆବେଦନ ପରେ ଗୁଳି ଓ ବୋମାମାଡ଼ ଅଭିଯୋଗ କରିବା ପରେ ପୁଲିସ ଘୁଙ୍ଗୁରଙ୍କୁ ସନ୍ଦେହ ଘେରରେ ଦେଖିଥିଲା। ହେଲେ କୌଣସି ପ୍ରମାଣ ମିଳୁ ନ ଥିବାରୁ କିଛି କହିପାରୁ ନ ଥିଲା। ଗତମାସ ୯ ତାରିଖ ଦିନ ପୁଲିସ ହାଇଦରାବାଦରୁ ମାନସକୁ ଗିରଫ କରି ଜେରା କରିଥିଲା। ଘୁଙ୍ଗୁରଙ୍କ ଘର ଉପରକୁ ଗୁଳି ଓ ବୋମାମାଡ଼ ଘଟଣାରେ ତା'ର ସମ୍ପୃକ୍ତ ନେଇ ପଚରାଉଚରା କରିଥିଲା। ହେଲେ ତା'ର ଭୂମିକା ନ ଥିବା ସେ କହିଥିବା ବେଳେ ଟେକ୍ନିକାଲ ପ୍ରମାଣରୁ ମଧ୍ୟ ମାନସର ଭୂମିକା ନ ଥିବା ପୁଲିସ ସ୍ପଷ୍ଟ ହୋଇଥିଲା। ପୁଲିସ ନନ୍ଦୁ ଉପରେ ସନ୍ଧ୍ୟାରେ କରି ତା'ର ଜଣେ ଘନିଷ୍ଠ ସାଙ୍ଗକୁ ଉଠାଇ ଆଣିଥିଲା। ତାପରେ ଯାଇ ସାଙ୍ଘାତିକ କଥା ପଦାକୁ ଆସିଥିଲା। ଘୁଙ୍ଗୁରଙ୍କ କହିବା ମୁତାବକ ନନ୍ଦୁ ହିଁ ଏସବୁ କାଣ୍ଡ କରିଥିବା ଘନିଷ୍ଠ ବନ୍ଧୁ ପୁଲିସ ଆଗରେ କହିଥିଲା। ତାପରେ ପୁଲିସ ନନ୍ଦୁ, ଦେବା ଓ ସନ୍ତୁକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## ଦୁଇଟି ଜାଗାରୁ ଜବରଦଖଲ ଉଚ୍ଛେଦ



**କପିଳପ୍ରସାଦରୁ ୧୭୩ ଡିସିମିଲ, ଗୋବିନ୍ଦପ୍ରସାଦରୁ ୫ ହଜାର ବର୍ଗଫୁଟ ଜମି ଜବରଦଖଲମୁକ୍ତ**

ଭୁବନେଶ୍ୱର, ୪।୧୧ (ସମିସ): ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଦୁଇଟି ଜାଗାରେ ପୃଥକ ଭାବେ ଜବରଦଖଲ ଉଚ୍ଛେଦ କରିଛି। ପ୍ରଥମଟି ହେଲା କପିଳପ୍ରସାଦ ଓ ଦ୍ୱିତୀୟଟି ଗୋବିନ୍ଦପ୍ରସାଦ। ମଙ୍ଗଳବାର ପ୍ରଥମଟି କପିଳପ୍ରସାଦ ମୌଜା ଅନ୍ତର୍ଗତ ସରକାରୀ ପ୍ଲଟ ନମ୍ବର-୧୧୩୭ରେ ହୋଇଥିବା ବେଆଇନ ନିର୍ମାଣକୁ ଭଙ୍ଗାଯାଇଛି। ଏହି ଉଚ୍ଛେଦ ଅଭିଯାନ ସଫଳତାର ସହ ସରିଛି ଉଚ୍ଛେଦ ସମୟରେ ସାଧାରଣ ପ୍ରଶାସନ ବିଭାଗର କର୍ମଚାରୀଙ୍କ ଦ୍ୱାରା ଚିହ୍ନଟ ହୋଇଥିବା ୭ଟି ହୋଟେଲ, କ୍ୟାବିନ ଓ ଫାଷ୍ଟଫୁଡ୍ ଷ୍ଟଲ ଭାଙ୍ଗି ଦିଆଯାଇଥିଲା। ପ୍ରାୟ ୦.୧୭୩ ଡିସିମିଲ ସରକାରୀ ଜମିକୁ ଜବରଦଖଲମୁକ୍ତ କରାଯାଇଥିଲା। ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ଏକ ପ୍ଲାଟୁନ ରିଜର୍ଭ ପୋଲିସ ଓ ଗୋଟିଏ ସେକ୍ସନ ମହିଳା ପୁଲିସ ମୁତୟନ କରାଯାଇଥିଲା। ସେହିପରି ଦ୍ୱିତୀୟ ଉଚ୍ଛେଦଟି ସହୀଦ ନଗର ଥାନା ଅଧୀନସ୍ଥ ଗୋବିନ୍ଦପ୍ରସାଦ ମୌଜା ପ୍ଲଟ୍ ନମ୍ବର-୫୧୦/୨୧୦୦(ପି), ୪୯୫(ପି), ୪୯୬(ପି)ରେ ଓସିପି ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ ରହିଛି ଏହି ଲିଜ୍ ହୋଲ୍ଡ ଜମି (୧ଏକର ୩୯୫ ଡିସିମିଲ) ଉପରେ ଜବରଦଖଲ ହୋଇଛି। ଏହି ଉଚ୍ଛେଦ ଅଭିଯାନ ଆଂଶିକ ଭାବରେ କରାଯାଇଥିଲା। ଉଚ୍ଛେଦ ସମୟରେ ଗୋଟିଏ ଦୋକାନ, ୧୧ଟି ଆଜବେଷ୍ଟସ୍ ଘର ଓ ୫ଟି ଶୌଚାଳୟ ଭାଙ୍ଗି ଦିଆଯାଇଥିଲା ପ୍ରାୟ ୫୦୦୦ ବର୍ଗଫୁଟ ସରକାରୀ ଜମି ଜବରଦଖଲମୁକ୍ତ କରାଯାଇଥିଲା। ଉଚ୍ଛେଦ ବେଳେ ବିଡିଏ ଏନଫୋର୍ସମେଣ୍ଟ ଅଫିସର ଦେବରାଜ ସେଠୀ, ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି, ସାଧାରଣ ପ୍ରଶାସନ ବିଭାଗର (ସର୍ଭେ ଓ ଏନଫୋର୍ସମେଣ୍ଟ)ର ଉପନିର୍ଦ୍ଦେଶକ ଅମୀୟ କୁମାର ଦାସ ଉପସ୍ଥିତ ଥିବା ବେଳେ ବିଡିଏର ଏନାଫୋର୍ସମେଣ୍ଟ ସ୍କ୍ୱାଡ୍ ୧, ୨, ୩, ୫, ୬, ୭ ଓ ୮ ଉଚ୍ଛେଦ କରିଥିଲେ।

## ବ୍ରାଉନ୍ସୁଗର ଜବତ; ୨ ଗିରଫ

ଭୁବନେଶ୍ୱର, ୪।୧୧(ସମିସ): ବ୍ରାଉନ୍ସୁଗର କାରବାର କରିବା ଅଭିଯୋଗରେ କ୍ୟାପିଟାଲ ଥାନା ପୁଲିସ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଖଗେନ୍ଦ୍ର ଜେନା ଓ ନାରାୟଣ ପ୍ରଧାନ। ଉଭୟ ଅଭିଯୁକ୍ତଙ୍କ ହେପାଜତରୁ ମୋଟ ୧୦ ଗ୍ରାମ ଓଜନର ବ୍ରାଉନସୁଗାର, ୨ଟି ମୋବାଇଲ ଫୋନ ଏବଂ ଏକ ମୋଟର ସାଇକେଲ ଜବତ ହୋଇଥିଲା। ପୁଲିସ ସୂଚପନା ମୁତାବକ, ଏକ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଆଧାରରେ କ୍ୟାପିଟାଲ ଥାନା ପୁଲିସ ୟୁନିଟ-୨ ସ୍ଥିତ କ୍ୟାପିଟାଲ ନର୍ସରୀ ରାସ୍ତାରେ ଅତର୍କିତ ଚଢ଼ଉ କରିଥିଲା। ଏଠାରେ ବ୍ରାଉନ୍ସୁଗର କାରବାର ହେଉଥିଲା। ବ୍ରାଉନ୍ସୁଗର ବିକ୍ରି କରୁଥିଲା ବେଳେ ପୁଲିସ ଦୁଇ ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ। ଛାନବିନ ସମୟରେ ପୁଲିସ ବ୍ରାଉନ୍ସୁଗର ଜବତ କରିଥିଲା। ଉଭୟ ଅଭିଯୁକ୍ତ ଏହି ବ୍ରାଉନସୁଗରକୁ ଜଳେଶ୍ୱର ଅଞ୍ଚଳରୁ ସଂଗ୍ରହ କରି ଆଣି ୟୁନିଟ-୨ ଅଞ୍ଚଳରେ ବେଆଇନ ଭାବରେ ବିକ୍ରି ପାଇଁ ଗ୍ରାହକ ଅପେକ୍ଷାରେ ଥିବା କଥା ସ୍ୱୀକାର କରିଥିଲେ। ଉପରୋକ୍ତ ଘଟଣାକୁ କେନ୍ଦ୍ରକରି କ୍ୟାପିଟାଲ ଥାନା ପୁଲିସ ଏକ ବ୍ରାଉନସୁଗର ବିକ୍ରି ଜନିତ ମାମଲା ରୁଜୁ କରିବା ସହ ଦୁଇ ଅଭିଯୁକ୍ତ ଖଗେନ୍ଦ୍ର, ନାରାୟଣଙ୍କୁ ଗିରଫ କରିଥିଲା।

## ଶିକ୍ଷାନୁଷ୍ଠାନ ଉପରେ ବିଏମସି ଟିକସକୁ ଅଭିଭାବକ ମହାସଂଘର ବିରୋଧ

ଭୁବନେଶ୍ୱର, ୪।୧୧ (ସମିସ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) ପରିସରରେ ଥିବା ଶିକ୍ଷାନୁଷ୍ଠାନ ପାଇଁ ବାଣିଜ୍ୟିକ ହୋଲ୍ଡିଂ ଟିକସ୍ ଲାଗୁ କରିବାକୁ ଓଡ଼ିଶା ଅଭିଭାବକ ମହାସଂଘ ବିରୋଧ କରିଛି। ସୁପ୍ରିମକୋର୍ଟଙ୍କ ରାୟ, ଆର୍‌ଟିଇ ନିୟମ ୨୦୦୯, ଆୟକର ଆଇନ ୧୯୬୧ ଏବଂ ଓଡ଼ିଶା ପୌର ଆଇନ୧୯୫୯ରେ ଏହା ସମ୍ପୂର୍ଣ୍ଣ ଉଲ୍ଲଂଘନ ବୋଲି ସଂଘ ଦର୍ଶାଇଛି। ସୋସାଇଟି ପଞ୍ଜୀକରଣ ଆଇନ ବା ଟ୍ରଷ୍ଟ ଆଇନ ଅଧୀନରେ ପଞ୍ଜିକୃତ ଶିକ୍ଷାନୁଷ୍ଠାନଗୁଡ଼ିକ ବାଣିଜ୍ୟ ପ୍ରତିଷ୍ଠାନ ନୁହେଁ। ଏଣୁ ଶିକ୍ଷାନୁଷ୍ଠାନରୁ ଟିକସ୍ ଆଦାୟ କରିବା ସମ୍ପୂର୍ଣ୍ଣ ବେଆଇନ୍ ବୋଲି କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଟିକସ ଆଦାୟ ହେଲେ ସ୍କୁଲ୍‌ଗୁଡ଼ିକ ଅଭିଭାବକଙ୍କ ଠାରୁ ଅର୍ଥ ଆଦାୟ କରିବେ। ଅଭିଭାବକମାନେ ପରୋକ୍ଷରେ ଆର୍ଥିକ ବୋଝ ବୋହିବେ। ବିଦ୍ୟାଳୟରେ ୨୫ ପ୍ରତିଶତ ଛାତ୍ରଛାତ୍ରୀ ଆଇଟିଇ ନିୟମ ଅନୁଯାୟୀ ମାଗଣାରେ ପଢୁଛନ୍ତି। ଏଣୁ ଅବଶିଷ୍ଟ ୭୫ ପ୍ରତିଶତ ପିଲାଙ୍କ ଉପରେ ଅଧିକ ଆର୍ଥିକ ଚାପ ପଡ଼ିବ। ଏପରିକି ସେମାନଙ୍କ ଫି' ୧୦ରୁ ୧୫ ପ୍ରତିଶତ ପର୍ଯ୍ୟନ୍ତ ବଢ଼ିପାରେ। ବିଏମ୍ସିର ଏହି ନିଷ୍ପତ୍ତିକୁ ପ୍ରତ୍ୟାହାର କରା ନଗଲେ ଉଚ୍ଚ ନ୍ୟାୟାଳୟରେ ପିଆଇଏଲ୍ ଦାଖଲ କରାଯିବ ବୋଲି ସଂଘର ସଭାପତି ବାସୁଦେବ ଭଟ୍ଟ ପ୍ରକାଶ କରିଛନ୍ତି।

# ନିବେଶ ଆଳରେ ୧୭ ଲକ୍ଷ ଠକେଇ








■ ଆକାଉଣ୍ଟ ଦେଇ ଫସିଲା ବିଟେକ୍ ପଢୁଆ
■ ୫ ଏଜେଣ୍ଟ ସମେତ ୬ ଗିରଫ
■ ୬ ମୋବାଇଲ, ୮ ସିମ୍ ଓ କାର୍ ଜବତ
■ କୋଲକାତାରୁ ଚଳାଉଥିଲେ ରାକେଟ୍, ୭ ରାଜ୍ୟରେ ଚେର

ଭୁବନେଶ୍ୱର, ୪।୧୧ (ସମିସ): ନିବେଶ ଆଳରେ ୧୭ ଲକ୍ଷ ଟଙ୍କା ଠକି ନେଇଥିବା ଏକ ଗ୍ୟାଙ୍ଗକୁ ଠାବ କରିବା ସହ ୬ ଜଣଙ୍କୁ ଗିରଫ କରିଛି ସାଇବର ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ଦେବଗଡ଼ ଜିଲ୍ଲା ବାରକୋଟ୍ ଅଞ୍ଚଳର ବିଟେକ୍ (କମ୍ପ୍ୟୁଟର ସାଇନ୍ସ) ପଢୁଆ ଚନ୍ଦନ କୁମାର ସାହୁ (୩୦), ହୀରାକୁଦର ଡିପ୍ଲୋମା ପଢୁଆ ପ୍ରଭୁପାଦ ବେହେରା (୩୯), ଏସବିଆଇରେ ଚାକିରି କରିଥିବା ଚାନ୍ଦବାଲିର ଦେବେନ୍ଦ୍ର ସାହୁ (୩୧), ଏସ୍‌ବିଆଇ ଋଣ ବିଭାଗରେ କାମ କରୁଥିବା ସୁଶାନ୍ତ ଜେନା (୪୨), ହିଣ୍ଡାଲକୋ ସେକ୍ସନ ଅପରେଟର ତଥା ହୀରାକୁଦର ବ୍ରହ୍ମାନନ୍ଦ ପହି (୪୪) ଓ ଡ୍ରାଇଭର ଭକ୍ତରାମ କାଲୁ (୪୩)।

ପୁଲିସ ସୂଚନା ଅନୁସାରେ, ରସୁଲଗଡ଼ ଜଗନ୍ନାଥ ନଗରର ସ୍ୱରୂପ ସମ୍ପତ ରଥ ଏକ ହ୍ୱାଟ୍ସଆପ ଗ୍ରୁପରେ ଯୋଡ଼ି ହୋଇଥିଲେ। ଏକ ନିର୍ଦ୍ଦିଷ୍ଟ ଆପରେ ଟଙ୍କା ନିବେଶ କଲେ କମ୍ ଦିନରେ ଦୁଇ ଗୁଣା ହୋଇଯିବା ସେହି ଗ୍ରୁପରେ କଥାବାର୍ତ୍ତା ହେଉଥିଲେ। ସ୍ୱରୂପ ସେମାନଙ୍କ କଥାକୁ ବିଶ୍ୱାସ କରି ପର୍ଯ୍ୟାୟ କ୍ରମେ ୧୬ ଲକ୍ଷ ୯୦ ହଜାର ଟଙ୍କା ନିବେଶ କରିଥିଲେ। ହେଲେ ପରବର୍ତ୍ତୀ ସମୟରେ ଟଙ୍କାଟିଏ ମଧ୍ୟ ରିଟର୍ଣ୍ଣ ପାଇ ନ ଥିଲେ। ଠକେଇର ଶିକାର ହୋଇଥିବା ଜାଣି ସ୍ୱରୁପ ସାଇବର ଥାନାରେ ଏତଲା ଦେବାପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା।

ସମସ୍ତ ଟଙ୍କା ଚନ୍ଦନର ବ୍ୟାଙ୍କ ଆକାଉଣ୍ଟକୁ ଯାଇଥିବା ତଦନ୍ତରୁ ଜଣାପଡ଼ିଥିଲା। ୩ ଲକ୍ଷ ୫୬ ହଜାର ଟଙ୍କା ଫ୍ରିଜ୍ କରିବା ସହ ଚନ୍ଦନକୁ ଉଠାଇ ଆଣିଥିଲା ପୁଲିସ। ଚନ୍ଦନକୁ ଜେରା କରିବା ବେଳେ ସତ୍ୟ ପଦାକୁ ଆସିଥିଲା। ପୁଲିସ ସୂଚନା ଅନୁଯାୟୀ, ଆର୍ଥିକ ଅନାଟନ ଦେଇ ଗତି କରୁଥିବା ଚନ୍ଦନ ଋଣ ପାଇଁ ବିଭିନ୍ନ ୱେବସାଇଟ ସର୍ଚ୍ଚ କରୁଥିଲା। ସେହି ସମୟରେ ପ୍ରଭୁପାଦ, ଦେବେନ୍ଦ୍ର, ସୁଶାନ୍ତ ଓ ବ୍ରହ୍ମାନନ୍ଦ ସଂସ୍ପର୍ଶରେ ଆସିଥିଲା। ଅଭିଯୁକ୍ତମାନଙ୍କ କହିବା ମୁତାବକ ଚନ୍ଦନ ଏକ କରେଣ୍ଟ ଆକାଉଣ୍ଟ ଖୋଲିଥିଲା। ସେହି ଆକାଉଣ୍ଟରେ ଯେତିକି ଟଙ୍କା କାରବାର ହେବ ତା'ର ୫ ପ୍ରତିଶତ ଟଙ୍କା ଚନ୍ଦନକୁ କମିସନ ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରଭୁପାଦ, ଦେବେନ୍ଦ୍ର, ସୁଶାନ୍ତ, ବ୍ରହ୍ମାନନ୍ଦ ଓ ଡ୍ରାଇଭର ଭକ୍ତରାମ ମିଶି କାର ଯୋଗେ ଚନ୍ଦନକୁ ନେଇ କୋଲକାତା ଯାଇଥିଲେ। ସେଠାରେ ଗୋଟିଏ ସପ୍ତାହ ରହି ଚନ୍ଦନ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ବିଭିନ୍ନ ସୂତ୍ରରୁ ଠକେଇ ଟଙ୍କା ରିସିଭ୍ କରିଥିଲେ। ଚନ୍ଦନକୁ ୫ ପ୍ରତିଶତ ଟଙ୍କା ଦେଇ ବାକିତକ ସେମାନେ ନେଇ ଯାଇଥିଲେ।

ସେପଟେ ପ୍ରଭୁପାଦ, ଦେବେନ୍ଦ୍ର, ସୁଶାନ୍ତ, ବ୍ରହ୍ମାନନ୍ଦ ଏଜେଣ୍ଟ ଭାବେ କାମ କରିବା ସହ ସାଇବର ଠକଙ୍କ ପାଇଁ ମ୍ୟୁଲ୍ ଆକାଉଣ୍ଟ ଯୋଗାଡ଼ କରୁଥିଲେ ବୋଲି ପୁଲିସ ଜାଣିବାକୁ ପାଇଛି। ଏହି ଗ୍ୟାଙ୍ଗର ଚେର ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, ଦିଲ୍ଲୀ, କର୍ଣ୍ଣାଟକ, ପଞ୍ଜାବ ଓ ତେଲେଙ୍ଗାନା ରାଜ୍ୟକୁ ବ୍ୟାପିଥିବା ପ୍ରାଥମିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଛି। ୭ ରାଜ୍ୟର ପୁଲିସ ଚନ୍ଦନର ଆକାଉଣ୍ଟକୁ ଫ୍ରିଜ୍ କରିଥିବାରୁ ଏଭଳି ସାଙ୍ଘାତିକ ତଥ୍ୟ ପୁଲିସ ହାତରେ ଲାଗିଛି। ଏହି ଗ୍ୟାଙ୍ଗରେ ଆଉ କେଉଁମାନେ ସାମିଲ ଅଛନ୍ତି ସେନେଇ ପୁଲିସ ଖୋଳତାଡ଼ ଚଳାଇଛି।

# ଅଦିନିଆ ବ୍ଲକିଂ, ଚେକିଂକୁ ଅପରାଧୀଙ୍କ ଚ୍ୟାଲେଞ୍ଜ

ଭୁବନେଶ୍ୱର, ୪।୧୧(ସମିସ): ରାସ୍ତାରେ ପୁଲିସର ଉପସ୍ଥିତି ଅପରାଧୀଙ୍କ ମନରେ ଭୟର ବାତାବରଣ ସୃଷ୍ଟି କରେ। ସେମାନେ ସହର ଭିତରେ ଆତଙ୍କ ଖେଳାଇବାକୁ ଭୟ କରନ୍ତି। କାରଣ ରାସ୍ତା ଉପରେ ପୁଲିସର ଭୟ ସେମାନଙ୍କୁ ସବୁବେଳେ ଡରାଉ ଥାଏ। ଏହାଦ୍ୱାରା ସହରରେ ବହୁ ସଂଖ୍ୟାରେ ସଂଗଠିତ ଏବଂ ଅଣସଂଗଠିତ ଅପରାଧ ହ୍ରାସ ପାଇ ଥାଏ। କିଛିଦିନ ହେବ ରାଜଧାନୀରେ ଅପରାଧ ଉପର ମୁହାଁ ହୋଇଥିଲେ ମଧ୍ୟ କମିସନରେଟ୍ ପୁଲିସ ବ୍ଲକିଂ ଚେକିଂକୁ ସେତେଟା ଗୁରୁତ୍ୱ ଦେଉ ନ ଥିଲା। ଗଣମାଧ୍ୟମରେ ଏସମ୍ପର୍କିତ ବାରମ୍ବାର ଖବର ପ୍ରକାଶ ପାଇବା ପରେ କମିସନରେଟ୍ ପୁଲିସ ପକ୍ଷରୁ ରାସ୍ତା ଉପରେ ବ୍ଲକିଂ ଚେକିଂ ଆରମ୍ଭ ହୋଇଛି। ହେଲେ ପୁଲିସ ବ୍ଲକିଂ କେବଳ ଫଟୋ ଉଠାରେ ସୀମିତ ଥିବା ବେଳେ କାଁ ଭାଁ ଅଦିନିଆ ଚେକିଂ ଅପରାଧୀଙ୍କୁ ସୁହାଉଛି। ପୁଲିସକୁ ଭୟ କରିବା ବଦଳରେ ଅପରାଧୀମାନେ ପୁଲିସ ବ୍ୟବସ୍ଥାକୁ ଚ୍ୟାଲେଞ୍ଜ କରି ଉତ୍ପାତ ହେଉଛନ୍ତି। ଫଳରେ ରାଜଧାନୀରେ ଦିନକୁ ଦିନ ଉଭୟ ସଂଗଠିତ ଏବଂ ଅଣସଂଗଠିତ ଅପରାଧ ବଢ଼ିବାରେ ଲାଗିଛି।

ଦୁଇଦିନ ତଳେ ବଡ଼ଗଡ଼ ଅଞ୍ଚଳରେ ଦୁଇ ବ୍ୟବସାୟୀଙ୍କୁ ମାତ୍ର ୪୦ଟଙ୍କା ପାଇଁ ଦୁଇଜଣ ଦୁର୍ବୃତ୍ତ ହାଣି ଦେଇ ଚାଲିଗଲେ। ଏହାପରେ ପୁଲିସ ମୁଣ୍ଡରେ ବୁଦ୍ଧି ପସିଲା ଯେ ସହରରେ ବ୍ଲକିଂ ହେବା ଅବଶ୍ୟକ। ଏଣୁ ପୁଲିସ ପୁରୁଣା ଷ୍ଟେସନ ବଜାର ନିକଟରେ ବ୍ଲକିଂ କରାଇବା ଆରମ୍ଭ କଲା। ପୁଲିସର ଏଭଳି ବ୍ଲକିଂ ଦେଖି ଲୋକେ ଟିକେ ଆଶ୍ୱସ୍ତ ଅନୁଭବ କଲେ। ଗୋଟିଏ ଦିନ ବ୍ଲକିଂ ପରେ ପୁଲିସର ଏକ୍ସ ହ୍ୟାଣ୍ଡେଲ୍‌ରେ ମୈତ୍ରୀବିହାର, ଇନ୍‌ଫୋଭ୍ୟାଲି, ନନ୍ଦନକାନନ, ଲିଙ୍ଗରାଜ ଥାନା ଅଞ୍ଚଳରେ ବ୍ଲକିଂ ହେଉଥିବା ଫଟୋ ଭରି ଯାଇଛି। ହେଲେ ପ୍ରକୃତ ରହସ୍ୟ କିନ୍ତୁ ଅଲଗା। ବ୍ଲକିଂ ରାତି ସାରା ହେଉ ନାହିଁ। ବରଂ କିଛି ରାତିର କିଛି ନିର୍ଦ୍ଦିଷ୍ଟ ସମୟ ପାଇଁ କରାଯାଉଛି। ଏହି ବ୍ଲକିଂର ଅବଧୀ ଦୁଇରୁ ତିନି ଘଣ୍ଟା ପର୍ଯ୍ୟନ୍ତ ରହିଥିଲା। ଫଟୋ ଉଠାଇଦେଲା ପରେ ବଡ ପୁଲିସ ଅଧିକାରୀମାନେ ଚାଲିଯାଇଥିଲେ। ଏହାସହିତ ବ୍ଲକିଂ ଚେକିଂ ମଧ୍ୟ ବନ୍ଦ ହୋଇଯାଉଛି। ରାତି ୪ଟା ବେଳକୁ ରାସ୍ତାରେ ଆଉ ପୁଲିସ ଦେଖାଯାଉ ନାହାନ୍ତି। ଯାହା ଅପରାଧୀଙ୍କୁ ବେଶ ସୁହାଉଛି। ପୁଲିସକୁ ଚ୍ୟାଲେଞ୍ଜ ଦେଇ ଅପରାଧୀମାନେ ଅପରାଧ ଭିଆଇ ଚାଲିଛନ୍ତି।

ପୂର୍ବରୁ ମଧ୍ୟ ଏହିଭଳି ରାଜଧାନୀରେ ନିୟମିତ ଭାବେ ବହୁବାର ବ୍ଲକିଂ ହେବ ବୋଲି ପ୍ରଚାର କରାଗଲା। କିଛିଦିନ ତଳେ ତତ୍କାଳୀନ ଡିସିପି ନିଜେ ରାସ୍ତାରେ ଫ୍ଲାଗ୍ ମାର୍ଚ୍ଚ କଲେ। ଏସବୁକୁ ଏକ୍ସ ଏବଂ ସୋସିଆଲ୍ ମିଡ଼ିଆରେ ଅପଲୋଡ କରାଗଲା। ହେଲେ ଏହାପରେ ପୁଣି ରାସ୍ତା ପୁଲିସ ଶୁନ୍ୟ ହୋଇଗଲା। ଅପରାଧୀ ମଧ୍ୟ ପୁଲିସର ଏହି ପଇଁତାରାକୁ ଜାଣିଗଲେଣି। ଜାଣିଛନ୍ତି ଅତି ବେଶିରେ ୧୦ଦିନ ଏଭଳି ପ୍ରହସନ ଚାଲିବ ପୁଣି ଯାହାକୁ ସେଇଆ। ଏଣୁ ୧୦ଦିନ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଗଳି ବାଟରେ ଯିବା ଆସିବା କଲେ କିଛି ଅସୁବିଧା ନାହିଁ। ଏପରିକି ଅଧିକାଂଶ ସମୟରେ ପୁଲିସ ଥାନାକୁ ଅଭିଯୋଗ ନେଇ ଗଲେ ରାତିରେ ଘରୁ ନ ବାହାରିବାକୁ ପୁଲିସ ଉପଦେଶ ଦେଉଛି। ଗଣ୍ଡଗୋଳ ଅଭିଯୋଗ ନେଇ ଥାନାକୁ ଗଲେ ରାତିରେ କ'ଣ ପାଇଁ ତମେ ବାହାରକୁ ଯାଇଥିଲ ବୋଲି ଓଲଟା ପ୍ରଶ୍ନ କରାଯାଉଛି।

ଦିଲ୍ଲୀ, ମୁମ୍ବାଇ ଏବଂ ହାଇଦରାବାଦ୍ ଭଳି ବଡ ସହର ଗୁଡ଼ିକରେ ନିୟମିତ ଭାବେ ବ୍ଲକିଂ ଚେକିଂ କରାଯାଉଛି। ସହର ଏଣ୍ଟ୍ରି କିମ୍ବା ଏକ୍ସିଟ୍ ପଏଣ୍ଟକୁ ସିଲ୍ କରାଯାଉଛି। ନିୟମିତ ଭାବେ ବ୍ଲକିଂ ଚେକିଂ କରାଯାଉଛି। ରାସ୍ତାରେ ସବୁ ସମୟରେ ପୁଲିସ ଉପସ୍ଥିତି ରହୁଛି। ଏହାବ୍ୟତୀତ ସହର ମଧ୍ୟରେ ଏକାଧିକ ସ୍ଥାନରେ ରାତିରେ ପୁଲିସ ଦେଖିବାକୁ ମିଳିବ। ଭୁବନେଶ୍ୱର ଏହି ସହର ଭଳି ହେବାକୁ ଚେଷ୍ଟା କରୁଥିଲେ ମଧ୍ୟ ପୁଲିସିଂକୁ ସେହି ସ୍ତରକୁ ଏପର୍ଯ୍ୟନ୍ତ ଆଣି ପାରୁନାହିଁ।



■ ପୁଲିସକୁ ବାଏଁ ବାଏଁ ଉଡ଼ାଇ ଦେଉଛନ୍ତି ଅପରାଧୀ
■ ଅପରାଧୀ ଉପରମୁହାଁ, ଅସୁରକ୍ଷିତ ସହରବାସୀ

### ରାତି ହେଲେ ରାଜୁତି

ରାତି ହେଲେ ରାଜଧାନୀ ସହରରେ ଅପରାଧୀମାନେ ରାଜୁତି କରୁଛନ୍ତି। ବିଶେଷକରି ରାଜପଥରେ ଅନ୍ଧାର ସାଙ୍ଗକୁ ପୁଲିସର ନିଷ୍କ୍ରିୟତା ପାଇଁ ଅପରାଧୀମାନେ ସହର ଭିତରେ ଉତ୍ପାତ କରୁଛନ୍ତି। ସନ୍ଧ୍ୟାରୁ ରାତି ସାଢ଼େ ୧୨ଟା ପର୍ଯ୍ୟନ୍ତ କାଁ ଭା ଚେକିଂ ଏବଂ ପୁଲିସ ଭ୍ୟାନ୍ ପଇନ୍ତରା ମାରୁଥିବା ବେଳେ ରାତି ଗୋଟାଏ ପରେ ସହର ମଧ୍ୟ ପୁଲିସ ଆଦୌ ଦେଖିବାକୁ ମିଳୁନାହିଁ। ଏହାର ସୁଯୋଗ ଦେଇ ରାଜଧାନୀ ସାରା ରାତି ୨ଟାରୁ ପୂରା ରାତି ଅପରାଧୀମାନେ ଉତ୍ପାତ କରୁଛନ୍ତି। ବାଟରେ କୌଣସି ସାଧାରଣ ଲୋକେ ପଡ଼ିଲେ ତାଙ୍କୁ ହଇରାଣ କରିବା ସହ ରାସ୍ତାରେ ମଦ ବୋତଲ ପକାଉଛନ୍ତି। ଅମାନିଆ ଯୁବଗୋଷ୍ଠୀ ମଦ ପିଇ ଗାଡ଼ି ଚଳାଇବା ଦ୍ୱାରା ଦୁର୍ଘଟଣା ଘଟିବା ସହ କୌଣସି ଜରୁରୀ ସେବା ପାଇଁ ଯାଉଥିବା ସାଧାରଣ ଲୋକେ ଅସାମାଜିକ ତତ୍ତ୍ୱର ଶିକାର ହେଉଛନ୍ତି।

### ବାହାନା କେବଳ କର୍ମଚାରୀ ଅଭାବ

ରାଜ୍ୟରେ ପୁଲିସ ବ୍ଲକିଂ, ଚେକିଂକୁ ନିୟମିତ କରିବାକୁ ହେଲେ ସ୍ୱତନ୍ତ୍ର ପୁଲିସ ବଳ ଏବଂ ନିଯୁକ୍ତିର ଆବଶ୍ୟକତା ରହିଛି। ଥାନାରେ ଭିତରେ କାମ କରିବାକୁ ପୁଲିସ ଅଧିକାରୀ କିମ୍ବା କନେଷ୍ଟେବଳ ନାହାନ୍ତି ନିୟମିତ ବ୍ଲକିଂ ଚେକିଂ କିଭଳି ହେବ ବୋଲି ଜଣେ ପୁଲିସ ଅଧିକାରୀ ତାଙ୍କ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। ଥାନାରେ ମାମଲା ବନ୍ଦ, ଡ୍ୟୁଟି କରିବା ଭଳି ଅନେକ କାମ ରହିଛି। ଯଦି ଆମେ ବ୍ଲକିଂ ଚେକିଂ କରିବାକୁ ଆସିବୁ ଥାନାରେ କେମିତି ସମ୍ଭାଳିବୁ ବୋଲି ସେ କହିଛନ୍ତି। ଏସମ୍ପର୍କରେ ଭୁବନେଶ୍ୱର ଡିସିପି ଜଗମୋହନ ମିନାକୁ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବ ହୋଇ ପାରି ନଥିଲା।

ଗଞ୍ଜାମ ଜିଲ୍ଲାରେ ବାଟବଣା ଡିଜିଟାଲ୍ ସାକ୍ଷରତା

# ଅଚଳ ଆଇସିଟି ଲାବ୍; ନାହାନ୍ତି କମ୍ପ୍ୟୁଟର ପ୍ରଶିକ୍ଷକ



ବ୍ରହ୍ମପୁର,୪।୧୧(ସମିସ): ଛାତ୍ରଛାତ୍ରୀମାନଙ୍କୁ ଅତ୍ୟାବଶ୍ୟକ ଡିଜିଟାଲ୍ ସାକ୍ଷରତା ବା ଡିଜିଟାଲ୍ ଶିକ୍ଷା ପ୍ରଦାନ ନିମନ୍ତେ ଗଞ୍ଜାମ ଜିଲ୍ଲାରେ ସମସ୍ତ ଉଚ୍ଚ ବିଦ୍ୟାଳୟ ଗୁଡ଼ିକରେ କିଛିବର୍ଷ ପୂର୍ବେ ଆଇସିଟି(ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା) ଲାବ୍‌ର ବ୍ୟବସ୍ଥା କରାଯାଇଥିଲା। ବିଦ୍ୟାଳୟରେ ଏକ ଉତ୍ସର୍ଗୀକୃତ ସ୍ଥାନ ଏବଂ ମାନବ ସମ୍ବଳ ଯୋଗାଇବା ସହ ଛାତ୍ରଛାତ୍ରୀଙ୍କୁ ପ୍ରଯୁକ୍ତିବିଦ୍ୟା ଏବଂ ବ୍ୟକ୍ତିଗତ ଶିକ୍ଷା ଯୋଗାଇବା ଏହି ଲାବର ଉଦ୍ଦେଶ୍ୟ ରହିଥିଲା। କିନ୍ତୁ ଆଇସିଟି ଲାବ ଗୁଡ଼ିକରେ କମ୍ପ୍ୟୁଟର ଶିକ୍ଷକ ଅଭାବରୁ ଅଲୋଡ଼ା ହୋଇପଡ଼ିଛି। ଲାବ୍ ଅଚଳ କାରଣରୁ ଏଥିମଧ୍ୟରେ ରହିଥିବା ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ପଡ଼ି ପଡ଼ି ନଷ୍ଟ ହେବାରେ ଲାଗିଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅବହେଳା କାରଣରୁ ଏହି ଲାବ୍ ଛାତ୍ରଛାତ୍ରୀଙ୍କ ପାଇଁ ଅଲୋଡ଼ା ହେବା ସହ ନିର୍ମାଣର ଉଦ୍ଦେଶ୍ୟ ପୂରଣ ହୋଇପାରିନଥିବା ଅଭିଭାବକ ମହଲରେ ଅଭିଯୋଗ ହୋଇଛି।

ଗଞ୍ଜାମ ଜିଲ୍ଲାରେ ଦୀର୍ଘବର୍ଷ ପୂର୍ବେ ଜିଲ୍ଲାର ବିଭିନ୍ନ ବ୍ଲକରେ ଥିବା ଉଚ୍ଚ ବିଦ୍ୟାଳୟ ଗୁଡ଼ିକୁ ଆଇସିଟି ଲାବ୍‌ରେ ପ୍ରତିଷ୍ଠା କରିବା ସହ ବିଭିନ୍ନ ପର୍ଯ୍ୟାୟରେ ପ୍ରାୟ ୧୦ରୁ ଅଧିକ କମ୍ପ୍ୟୁଟର ସାଗମ୍ରୀ ପ୍ରଦାନ କରାଯାଇଥିଲା। ଏହା ସହ ପ୍ରିଣ୍ଟର୍, ପ୍ରୋଜେକ୍ଟର୍ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଉପକରଣ ଅନ୍ତର୍ଭୁକ୍ତ ରହିଥିବା ବେଳେ ପ୍ରାୟତଃ ଆବଶ୍ୟକୀୟ ଯନ୍ତ୍ରାଂଶ ଯୋଗାଇ ଦିଆଯାଇଥିଲା। ଫଳରେ ଛାତ୍ରାଛାତ୍ରୀ ସଫ୍ଟୱେର୍ ସହାଯ୍ୟରେ କୋଡିଂ, ଡିଜାଇନ, ଡାଟା ଆନାଲିସିସ୍, ଇଣ୍ଟରନେଟ୍ ସଂଯୋଗୀକରଣ, ଅନଲାଇନ୍ ଶିକ୍ଷା, ଅନୁସନ୍ଧାନ ଏବଂ ବିଭିନ୍ନ ପ୍ରକାରର ଶିକ୍ଷା ଲାଭ କରୁଥିଲେ। ଫଳରେ ଆଇସିଟ ଲ୍ୟାବ୍‌ରେ ଛାତ୍ରଛାତ୍ରୀମାନଙ୍କୁ ଡିଜିଟାଲ ସାକ୍ଷରତା, ପ୍ରଯୁକ୍ତିବିଦ୍ୟା ଚାଳିତ ବିଭିନ୍ନ କାର୍ଯ୍ୟ ଏବଂ ପାଇଥିଲେ। ଏଭଳି ମଲ୍ଟିମିଡିଆ ବିଷୟବସ୍ତୁ ଏବଂ ଅନଲାଇନ୍ ଶିକ୍ଷା ପାଉଥିଲେ। ଏକ ଘରୋଇ ସଂସ୍ଥା ପକ୍ଷରୁ ଏହି ଲ୍ୟାବକୁ

## ନଷ୍ଟ ହେଉଛି ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ

କର୍ମଶକ୍ତିରେସଫଳହେବାପାଇଁଆବଶ୍ୟକୀୟ ଦକ୍ଷତା ପ୍ରଦାନ କରାଯାଉଥିଲା। ଯାହା ଦ୍ୱାରା ଛାତ୍ରଛାତ୍ରୀମାନେ ଅତ୍ୟାବଶ୍ୟକ ଡିଜିଟାଲ୍ ସାକ୍ଷରତା ଏବଂ ସମାଲୋଚନାମୂଳକ ଚିନ୍ତାଧାରାର ଦକ୍ଷତା ବିକାଶ କରିବାରେ ଏହି ଲାବ ସାହାଯ୍ୟ କରିଥିଲା। ପ୍ରୟୋଗଶାଳାରେ ବ୍ୟକ୍ତିଗତ ଡିଭାଇସ୍ ବିନା ଛାତ୍ରଛାତ୍ରୀମାନଙ୍କୁ ଅନଲାଇନ୍ ଆସାଇନମେଣ୍ଟ ସମାପ୍ତ କରିବା, ଗବେଷଣା କରିବା ଏବଂ ବିଭିନ୍ନ ସଫ୍ଟୱେର୍ ଆପ୍ଲିକେସନ୍ ଶିଖିବାର ସୁଯୋଗ ପରିଚାଳନା କରାଯାଉଥିବା ବେଳେ ସଂସ୍ଥା ପକ୍ଷରୁ କମ୍ପ୍ୟୁଟର ଶିକ୍ଷକ ମଧ୍ୟ ଯୋଗାଇ ଦିଆଯାଇଥିଲା। କିନ୍ତୁ କୌଣସି କରଣରୁ କିଛି ବର୍ଷ ଏହି ଲ୍ୟାଲ କମ୍ପ୍ୟୁଟର ଶିକ୍ଷକ ନଥିବା ସହ ଲ୍ୟାବ୍ ଗୁଡ଼ିକ ଛାତ୍ରଛାତ୍ରୀଙ୍କ ଡିଜିଟାଲ୍ ସାକ୍ଷରତା କାର୍ଯ୍ୟରେ ବ୍ୟବହାର ହୋଇପାରୁ ନାହିଁ। ଶିକ୍ଷା ବିଭାଗ ସମେତ ଜିଲ୍ଲା ପ୍ରଶାସନ ପକ୍ଷରୁ ଏଥି ପ୍ରତି ଦୃଷ୍ଟି ଦେବା ସହ ଏହି ଲ୍ୟାକ କାର୍ଯ୍ୟକ୍ଷମ କରିବାକୁ ଅଭିଭାବକ ମହଲରେ ଦାବି ହୋଇଛି।

# ହାଇକୋର୍ଟ ଟିମ୍‌କୁ ହରାଇ ଗଞ୍ଜାମ ଓକିଲ ସଂଘ ବିଜୟୀ



ବ୍ରହ୍ମପୁର,୪।୧୧(ସମିସ): କୋରାପୁଟରେ ଚାଲିଥିବା ଅଲ୍ ଓଡ଼ିଶା ଲୟର୍ସ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଆଜି ଗଞ୍ଜାମ ଓକିଲ ସଂଘ କ୍ରିକେଟ ଟିମ୍ ଓ କଟକ ହାଇକୋର୍ଟ ଓକିଲ ସଂଘ କ୍ରିକେଟ ଟିମ ମୁହାଁମୁହିଁ ହୋଇଥିଲା। ଏଥିରେ ଗଞ୍ଜାମ ଓକିଲ ସଂଘ ଟିମ ଚମତ୍କାର ବୋଲିଂ କରି ୧୦ଓଭର ୩ ବଲରେ ହାଇକୋର୍ଟ ଟିମ୍‌କୁ ମାତ୍ର ୨୩ ରନ୍‌ରେ ଅଲ୍ ଆଉଟ କରିଥିଲା। ଦୀପଙ୍କର ମହାନ୍ତି ଚମତ୍କାର ବୋଲିଂ କରି ସର୍ବାଧିକ ୫ ୱିକେଟ ନେଇ ଏହି ମ୍ୟାଚର ମ୍ୟାନ୍ ଅଫ ଦି ମ୍ୟାଚ ହୋଇଛନ୍ତି। ଅନ୍ୟପକ୍ଷରେ ମାତ୍ର ୨ ଓଭର ୫ ବଲରେ ଗୋଟିଏ ୱିକେଟ ହରାଇ ୨୪ରନ୍ ହାସଲ କରି ଗଞ୍ଜାମ ଓକିଲ ସଂଘ କ୍ରିକେଟ ଟିମ ବିଜୟ ହୋଇଛି। ସିଦ୍ଧାର୍ଥ ସାହୁ ଓ ନାରାୟଣ ପ୍ରଧାନ ଗଞ୍ଜାମ ଓକିଲ ସଂଘ ପକ୍ଷରୁ ଓପନର ବ୍ୟାଟିଂ କରି ୨୩ ରନ୍ କରିଥିଲେ। ପରେ ନାରାୟଣ କ୍ୟାଚ୍ ଆଉଟ ହୋଇଯାଇଥଲେ। ବିଜୟ ପାଇଁ ଆବଶ୍ୟକ ୧ରନ୍ ଚକ୍ରପାଣି ନାହାକ କରି ଦଳକୁ ବିଜୟ କରାଇଥିଲେ। ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା।

# ଏଲ୍ ଆଣ୍ଡ କେ ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ

ବ୍ରହ୍ମପୁର,୪।୧୧(ସମିସ): ଏମକେସିଜି ମେଡ଼ିକାଲରେ ସୁରକ୍ଷାକର୍ମୀ ଯୋଗାଇଥିବା ଏଲଆଣ୍ଡକେ ସର୍ଭିସେସ୍ ଘରୋଇ ସଂସ୍ଥାକୁ ମଙ୍ଗଳବାର କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଏମକେସିଜି ମେଡ଼ିକାଲ ଓ ହସ୍ପିଟାଲର ଡ଼ିନ ପ୍ରଫେସର ଡ଼ା. ସୂଚିତ୍ରା ଦାଶ ଉକ୍ତ ସଂସ୍ଥାକୁ ଏହି ନୋଟିସ ଜାରି କରିଥିବା ଜଣାପଡ଼ିଛି। ମେଡ଼ିକାଲରେ ସଂସ୍ଥା ପକ୍ଷରୁ କିଛି ବର୍ଷ ଧରି ସୁରକ୍ଷା କର୍ମୀ ଯୋଗାଇ ଦିଆଯାଇଥିବା ବେଳେ କର୍ମଚାରୀଙ୍କ ନିମନ୍ତେ ସଂସ୍ଥା ପକ୍ଷରୁ ଇଏସଆଇ, ଇପିଏଫ ଓ ଜିଏସଟି ପ୍ରଦାନ କରାଯାଉଛି କି ନାହିଁ। ସେ ସମ୍ପର୍କରେ ଜଣେ ବ୍ୟକ୍ତି ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଥିଲେ। ଏହି ତଥ୍ୟ ପ୍ରଦାନ ନିମନ୍ତେ ଏମମେସିଜି ମେଡ଼ିକାଲ ପକ୍ଷରୁ ଉକ୍ତ ସଂସ୍ଥାକୁ ବାରମ୍ବାର ଚିଠି ଜାରି କରାଯାଇଥିଲା। କିନ୍ତୁ ସଂସ୍ଥା କୌଣସି ଚିଠିର ଉତ୍ତର କିମ୍ବା ସୂଚନା ଅଧିକାର ଆଇନ ବଳରେ ମଗାଯାଇଥିବା ତଥ୍ୟ ଦେଉନାହିଁ। ଯଦ୍ୱାରା ମେଡିକାଲ କର୍ତ୍ତୃପକ୍ଷଙ୍କୁ ସୂଚନା କମିଶନରଙ୍କ ନିକଟରେ ବ୍ୟକ୍ତିଗତ ହାଜର ହେବାକୁ ପଡିପାରେ। ଏଭଳି ସ୍ଥିତିରେ କାହିଁକି ସଂସ୍ଥାକୁ କଳା ତାଲିକାଭୂକ୍ତ କରାନଯିବ ତାହାର କାରଣ ଦର୍ଶାଇବାକୁ ନୋଟିସ ଜାରି କରିଛନ୍ତି ମେଡିକାଲ କର୍ତ୍ତୃପକ୍ଷ।

# ବାଲି ବୋଝେଇ ଟ୍ରାକ୍ଟର ଜବତ; ଚାଳକ ଓ ମାଲିକ ଗିରଫ

ବ୍ରହ୍ମପୁର,୪।୧୧(ସମିସ): ହରିଡ଼ାଖଣ୍ଡି ଅଞ୍ଚଳରୁ ବଡ଼ବଜାର ଥାନା ପୁଲିସ ଏକ ବାଲି ବୋଝେଇ ଟ୍ରାକ୍ଟର ଜବତ କରିଛି। ବେଆଇନ ବାଲି ଚୋରାଚାଲାଣ ଅଭିଯୋଗରେ ସମ୍ପୃକ୍ତ ଟ୍ରାକ୍ଟରର ଚାଳକ ଓ ମାଲିକଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ରାଉଳ ସୁକୁଣ୍ଡାର ଶିଶିର ଦାସ ଓ ଟ୍ରାକ୍ଟରର ମାଲିକ ତଥା ପୁରୁଣା ବ୍ରହ୍ମପୁରର ଦୀନବନ୍ଧୁ ଚୌଧୁରୀ। ଏନେଇ ବଡବଜାର ଥାନାରେ ଏକ ମାମଲା ରୁଜୁ ହୋଇଛି। ଗତକାଲି ବଡବଜାର ଥାନା ପୁଲିସ ପକ୍ଷରୁ ପୁରୁଣା ବ୍ରହ୍ମପୁର ଅଞ୍ଚଳରେ ପାଟ୍ରୋଲିଂ ବେଳେ ହରିଡ଼ାଖଣ୍ଡି ଛକରୁ ପୁରୁଣା ବ୍ରହ୍ମପୁର ଆଡକୁ ଆସୁଥିବା ଏକ ବାଲି ବୋଝେଇ ଟ୍ରାକ୍ଟରକୁ ଅଟକାଇ ଯାଞ୍ଚ ପରେ କୌଣସି ପ୍ରକାର କାଗଜପତ୍ର ନଥିବା ଜଣାପଡିଥିଲା। ଟ୍ରାକ୍ଟର ମାଲିକ ଦୀନବନ୍ଧୁଙ୍କ କହିବା ପ୍ରକାରେ ଟ୍ରାକ୍ଟର ଚାଳକ ଶିଶିର ସୁକୁଣ୍ଡାରୁ ବାଲି ଆଣି ମେଣ୍ଟୁଛକ ଠାରେ ଅନଲୋଡ କରିବାକୁ ଯାଉଥିବା ପୁଲିସକୁ ଜଣାଇଥିଲା। ହେଲେ କୌଣସି ଟ୍ରାଞ୍ଜିଟ ପାସ କିମ୍ବା ଫର୍ମ ନଥିବାରୁ ଟ୍ରାକ୍ଟରକୁ ଜବତ କରିବା ସହ ଶିଶିରଙ୍କୁ କାବୁ କରିଥିଲା। ଏହାପରେ ବାଲି ଚୋରାଚାଲାଣ ପାଇଁ ଶିଶିରଙ୍କୁ ନିର୍ଦ୍ଦେଶ ଦେଇଥିବା ଅଭିଯୋଗରେ ଦୀନବନ୍ଧୁଙ୍କ ଗିରଫ କରାଯାଇଥିଲା।

# ଯୁବକକୁ ଆକ୍ରମଣ ମାମଲା; ଆଉ ୨ ଗିରଫ

ବ୍ରହ୍ମପୁର,୪।୧୧(ସମିସ): ଜଣେ ଯୁବକକୁ ଆକ୍ରମଣ ଅଭିଯୋଗରେ ବଡ଼ବଜାର ଥାନା ପୁଲିସ ଆଉ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଆଇନାବନ୍ଧ ସାହିର ଜିତୁ ଗୌଡ଼(୨୨), ଓ ମଙ୍ଗଳବାରପେଟା ରେଡିକା ସାହିର ଟି .ଆକାଶ(୨୨)। ପୂର୍ବରୁ ଏହି ମାମଲାରେ ୩ଜଣ ଗିରଫ ହୋଇଥିଲେ। ବର୍ତ୍ତମାନ ଗିରଫ ସଂଖ୍ୟା ୫ରେ ପହଞ୍ଚିଛି। ସୂଚନାଯୋଗ୍ୟ ଯେ, ପୁରୁଣା ବ୍ରହ୍ମପୁର ଡିମିରା ସାହିର ଆରୀୟାନ୍ ହାତୀ(୧୯) ଗତ ୨୧ତାରିଖ ରାତି ୧୧ଟା ବେଳେ ଉପରୋକ୍ତ ଅଭିଯୁକ୍ତ ଓ ତାଙ୍କର ୪ରୁ ଉର୍ଦ୍ଧ୍ୱ ସହଯୋଗୀମାନେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଉପରୋକ୍ତ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି ପୁଲିସ।

# ମହିଳାଙ୍କ ଘରୁ ସୁନା ଓ ଟଙ୍କା ଚୋରି

ବ୍ରହ୍ମପୁର,୪।୧୧(ସମିସ): ପ୍ରେମନଗର ୭ମ ଲାଇନରେ ଥିବା ଜଣେ ମହିଳାଙ୍କ ଘରୁ ସୁନା ଅଳଙ୍କାର ଓ ଟଙ୍କା ଚୋରି ହୋଇଛି। ଏନେଇ ବଡବଜାର ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରେମନଗର ୭ମ ଲାଇନ ଦ୍ୱିତୀୟ ସଂପ୍ରସାରଣ ଅଞ୍ଚଳରେ ରହୁଥିବା ତୃପ୍ତିରାଣୀ ସାବତ ଗତକାଲି ଦିନବେଳା ଘରେ ଥିଲେ। ଦିନ ସାଢେ ୧୧ଟା ବେଳେ ସେ କୌଣସି କାମରେ ବାହାରକୁ ଯାଇ ୨ଘଣ୍ଟା ପରେ ଫେରି ଆସିଥିଲେ। ହେଲେ ଏହି ୨ଘଣ୍ଟା ଭିତରେ କୌଣସି ଦୁର୍ବୃତ୍ତ ତାଙ୍କ ଘର ଭିତରେ ପଶି ଘରେ ଥିବା ୮ ଭରି ଓଜନର ସୁନା ଅଳଙ୍କାର ଓ ନଗଦ ୧୫ ହଜାର ଟଙ୍କା ନେଇଯାଇଥିଲା। ଦିନ ୨ଟା ବେଳେ ଟଙ୍କା ଓ ସୁନା ଚୋରି ହୋଇଥିବା ତୃପ୍ତିରାଣୀ ଜାଣିବାକୁ ପାଇଥିଲେ। ଘଟଣାକୁ ନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଆଜିଠୁ ଗୋପାଳପୁରରେ ବୋଇତ ବନ୍ଦାଣ ମହୋତ୍ସବ

ବ୍ରହ୍ମପୁର,୪।୧୧(ସମିସ): ଗୋପାଳପୁର ପୁରୁଣା ସର୍କିଟ ହାଉସ୍‌ରେ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ ଅଧକ୍ଷତା କରି ବୋଇତ ବନ୍ଦାଣ ମହୋତ୍ସବ ସମ୍ପର୍କରେ ସୂଚନା ଦେଇଛନ୍ତି। ନଭେମ୍ବର ୫ ତାରିଖ ଅର୍ଥାତ ବୁଧବାରଠାରୁ ଆରମ୍ଭ ହୋଇ ୭ତାରିଖ ପର୍ଯ୍ୟନ୍ତ ଗୋପାଳପୁର ବେଳାଭୂମିରେ ବୋଇତ ବନ୍ଦାଣ ମହୋତ୍ସବ ଅନୁଷ୍ଠିତ ହେବ। ଏହି ମହୋତ୍ସବ ଦିନ ମାନଙ୍କ ପର୍ଯ୍ୟାୟକ୍ରମେ ଭଜନ ସମାରୋହ, ବୋଇତ ବନ୍ଦାଣ, ତଅପୋଇ ନାଟକ ପରିବେଷଣ, ରଙ୍ଗୋଲୀ, ଆଲୋଚନା ଚକ୍ର, ହୁଳହୁଳି, ଓଡିଆଣି ବେଶ, ଓଡିଆ ଘରର ପାରମ୍ପରିକ ପିଠାପଣା, ପୁଚିଖେଳ ପ୍ରତିଯୋଗିତା ମାନ ଅନୁଷ୍ଠିତ ହେବ। ପ୍ରାତଃ ୩ଘଟିକା ସମୟ ଠାରୁ ସୁନାମଧନ୍ୟ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଭଜନ ସମାରୋହ ଅନୁଷ୍ଠିତ ହେବ। ଏଥିରେ ଗଞ୍ଜାମ ଜିଲ୍ଲା ଏବଂ ଓଡିଶାର ପ୍ରତିଷ୍ଠିତ କଳାକାରଗଣ ଭଜନ ସଙ୍ଗୀତ ପରିବେଷଣ କରିବେ। ଗୋପାଳପୁର ବେଳାଭୂମିର ସ୍ଥିର ଜଳରେ ୫ତାରିଖ ଦିନ ସକାଳ ୫ଘଟିକାଠାରୁ ୭ଘଟିକା ମଧ୍ୟରେ ସମବେତ ବୋଇତ ବନ୍ଦାଣ କରି ବୋଇତ ଭସାଣୀ କାର୍ଯ୍ୟକ୍ରମ ପାରମ୍ପରିକ ରୀତିନୀତିରେ ଅନୁଷ୍ଠିତ ହେବ ଏବଂ ତଅପୋଇ ନାଟିକା ପରିବେଷଣ ହେବ। ପ୍ରତିଦିନ ଅପରାହ୍ନରେ ଗଞ୍ଜାମ ଜିଲ୍ଲାର ଲୋକକଳା, ସ୍ଥାନୀୟ ଲୋକକଳା ଓ ନୃତ୍ୟ ପ୍ରଦର୍ଶିତ ହେବା ସହିତ ଓଡିଶାର ସୁନାମଧନ୍ୟ କଳାକାରଙ୍କ ଦ୍ୱାରା




ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଗୋପାଳପୁର ବେଳାଭୂମିରେ ପଲ୍ଲିଶ୍ରୀ ଓ ଖାଦ୍ୟମେଳାର ଆୟୋଜନ କରାଯାଇଛି। ଏହି ଉତ୍ସବକୁ ସରସ ସୁନ୍ଦର କରିବା ପାଇଁ ଜିଲ୍ଲାପାଳ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସାମ୍ବାଦିକ ସମ୍ମିଳନୀରେ ବ୍ରହ୍ମପୁର ମହାନଗର ନିଗମ ଆୟୁକ୍ତ ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଜିଲ୍ଲା ସଂସ୍କୃତି ଅଧିକାରୀ ଅଦିତି ଆଚାର୍ଯ୍ୟ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରଶ୍ମିରାଣୀ ନିମାକା ଓ ସମସ୍ତ ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

# ଜୟ ଜଗନ୍ନାଥ ଯୁବ ସଂଘ ପକ୍ଷରୁ ରକ୍ତଦାନ ଶିବିର



ବ୍ରହ୍ମପୁର,୪।୧୧(ସମିସ): ଗୋଷାଣୀନୂଆଗାଁ କେସି ହାଇସ୍କୁଲ ସ୍ଥିତ ଖେଳ ପଡ଼ିଆରେ ଜୟ ଜଗନ୍ନାଥ ଯୁବ ସଂଘ ପକ୍ଷରୁ ଏକ ରକ୍ତଦାନ ଓ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଏମସି ୨୪ନଂ ୱାର୍ଡର କର୍ପୋରେଟର ତଥା ଯୁବନେତା ଧିରେଶ ସାବତଙ୍କ ଜନ୍ମଦିନ ଅବସରରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ୧୧୧ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ଶିବିରରେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ପୂର୍ବତନ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ, ପୂର୍ବତନ ବିଉଡ଼ିଏ ଅଧ୍ୟକ୍ଷ ସୁବାଶ ମହାରଣା, କର୍ପୋରେଟର ଦୁର୍ଗା ଲାଏକ, ସୂର୍ଯ୍ୟକାନ୍ତ ସୁବୁଦ୍ଧି, ଅଶ୍ୱିନୀ ପଟ୍ଟନାୟକ, ବିଜେଡ଼ି ସେଲ ଅଧକ୍ଷ ଦୁର୍ଗା ପଣ୍ଡା, ବରିଷ୍ଠ ବିଜେଡ଼ି ନେତା ଦୁର୍ଗା ସାବତ, ଜିନେଶ ସାବତ, ଶ୍ରୀନିବାସ ରାଓ ଓ ଜ୍ୟୋତି ରଞ୍ଜନ ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ବିଏମ୍‌ସି ଦ୍ୱାରା ଅସହାୟ ବୃଦ୍ଧା ଉଦ୍ଧାର

● ଚିକିତ୍ସା ପରେ ବୃଦ୍ଧାଶ୍ରମକୁ ଗଲେ



ବ୍ରହ୍ମପୁର,୪।୧୧(ସମିସ): ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଜଣେ ଅସହାୟ ବୃଦ୍ଧାଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପରେ ବୃଦ୍ଧାଶ୍ରମରେ ଛଡ଼ା ଯାଇଛି। ସୂଚନା ପ୍ରକାରେ ଗତକାଲି ରାତିରେ ବିଏମସି ମେୟର ସଂଘମିତ୍ରା ଦଳେଇ ଓ କମିଶନର ପ୍ରଥମେଶ ଅରବିନ୍ଦ ରାଜର୍ଶିକେଙ୍କ ନିର୍ଦ୍ଦେଶକ୍ରମେ ଜଣେ ଅସହାୟ ବୃଦ୍ଧା ଧୋବିନି ମହାରଣାଙ୍କୁ ଉଦ୍ଧାର କରାଯାଇଥିଲା। ନିଜେ କମିଶନର ଉପସ୍ଥିତ ରହି ଆମ୍ବୁଲାନ୍ସରେ ତାଙ୍କୁ ସିଟି ହସ୍ପିଟାଲ ନେଇଥିଲେ। ଏଠାରେ ତାଙ୍କର ଆଶୁ ଚିକିତ୍ସା କରାଯାଇଥିଲା। ବିଏସିର କର୍ମଚାରୀମାନେ ରହି ତଦାରଖ କରିଥିଲେ। ଆଜି ସକାଳେ ସେ ସୁସ୍ଥ ହେବା ପରେ ପାଲୁର ହିଲ୍ସ ସ୍ଥିତ ବୃଦ୍ଧାଶ୍ରମକୁ ସ୍ଥାନାନ୍ତର କରାଯାଇଛି।

ପୀତବାସ ପଣ୍ଡା ହତ୍ୟା ମାମଲାରେ ଉମା ଓ କୁରୁପତିଙ୍କୁ ନେଇ ବଢୁଛି ଦ୍ୱନ୍ଦ୍ୱ

# ଏନ୍‌କାଉଣ୍ଟର ଭୟରେ ଆତ୍ମସମର୍ପଣ ନା ହୋଇଥିଲା ଡିଲ୍

ବ୍ରହ୍ମପୁର,୪।୧୧(ସମିସ): ବହୁ ଚର୍ଚ୍ଚିତ ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ବୈଦ୍ୟନାଥପୁର ଥାନା ପୁଲିସ ଦିଗପହଣ୍ଡି ଥାନା ଅନ୍ତର୍ଗତ ବନ୍ଥପଲ୍ଲୀ ଗ୍ରାମର ସୁଟର୍ କୁରୁପତି ଭୂୟାଁ (୩୫)ଓ ସୁପାରିକିଲର ଉମା ବିଷୋୟୀ(୩୩)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ୨ଦିନ ଧରି ମାରାଥନ ଜେରା ପରେ ସନ୍ଧ୍ୟାରେ ଉଭୟଙ୍କୁ ଏସ୍‌ଡିଜେଏମ କୋର୍ଟରେ ହାଜର କରାଯାଇଥିଲା।

ସୂଚନାଯୋଗ୍ୟ ଯେ, ଅକ୍ଟୋବର ୬ ରାତିରେ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ଏହାର ତଦନ୍ତ ପାଇଁ ବ୍ରହ୍ମପୁର ଏସ୍‌ପି ଡ. ସର୍ବଣା ବିବେକ ଏମ୍‌ଙ୍କ ନେତୃତ୍ୱରେ ୬ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଉକ୍ତ ଟିମ ରାଜ୍ୟ ଓ ରାଜ୍ୟ ବାହାରେ ଚଢ଼ଉ କରି ମୋଟ ୧୪ ଜଣଙ୍କୁ ଗିରଫ କରିଥିବାବେଳେ ଉମା ଓ କୁରୁପତି ଗିରଫ ପରେ ଏହି ସଂଖ୍ୟା ୧୬ରେ ପହଁଚିଛି। ବର୍ତ୍ତମାନ ପୁଲିସ ଘଟଣା ତଦନ୍ତ ଜାରି ରଖିଛି। ସୋମବାର ଏହି ଘଟଣାର ଅନ୍ୟତମ ଅଭିଯୁକ୍ତ ତଥା ସୁଟର କୁରୁପତି ଭୂୟାଁ ଓ ସୁପାରି କିଲର ଯୋଗାଡ଼ କରିଥିବା ଉମା ବିଷୋୟୀ ପୁଲିସ କାର୍ଯ୍ୟାଳୟରେ ନାଟକୀୟ ଢଙ୍ଗରେ ଆତ୍ମସମର୍ପଣ କରିଥିଲେ। ତେବେ ପୁଲିସକୁ ଚକମା ଦେଇ ଆସୁଥିବା ଉମା ଓ କୁରୁପତି କିପରି ପୁଲିସ ନିକଟରେ ଆତ୍ମସମର୍ପଣ କଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୁଲିସର ଏନକାଉଣ୍ଟର ଭୟରେ ଆତ୍ମସମର୍ପଣ କଲେ ନା ଏଥିପାଇଁ କିଛି ଡିଲ୍ ହୋଇଛି ସେ ନେଇ ବିଭିନ୍ନ ଆଲୋଚନା ହେଉଛି।

ଉମା ଓ କୁରୁପତି ପୁଲିସ ମୁଖ୍ୟାଳୟକୁ କିପରି ଆସିଥିଲେ। କିଏ ସେମାନଙ୍କୁ ଛାଡ଼ିବାକୁ ଆସିଥିଲା। ସେମାନେ ଏତେଦିନ ଯାଏ କେଉଁଠି ଆତ୍ମଗୋପନ କରିଥିଲେ। ହଠାତ କଣ ହେଲା ଯେ, ଆତ୍ମସମର୍ପଣ କଲେ। ଆତ୍ମସମର୍ପଣ କରିବା ପଛରେ ରହିଛି କି କାହାର ହାତ। ଏପରି ବିଭିନ୍ନ ପ୍ରଶ୍ନ ଏବେ ଜନସାଧାରଣଙ୍କ ମନକୁ ଆନ୍ଦୋଳିତ କରୁଛି। ପୀତବାସ ହତ୍ୟା ମାମଲାରେ ପୁଲିସ ବି କିଛିଦିନ ହେଲା ଶୀତଳ ପଡିଯାଇଥିଲା। ଗଠିତ ହୋଇଥିବା ଟିମ ସଦସ୍ୟମାନେ ବି ବ୍ରହ୍ମପୁରରେ ହିଁ ରହିଥିଲେ। ତେବେ ଏମାନ ପୁଲିସ ନିକଟରେ ଆତ୍ମସମର୍ପଣ କରିବେ ବୋଲି ପୁଲିସ ଆଗୁଆ ଜାଣିଥିଲା କି। ସେଥିପାଇଁ ପୁଲିସର ତଦନ୍ତ ଟିକିଏ ଥଣ୍ଡା ପଡ଼ିଥିଲା କି। ପୁଲିସ ନିକଟରେ ଉଭୟେ ଆତ୍ମସମର୍ପଣ ପରେ ମଧ୍ୟ କାହିଁକି ପୁଲିସ ମୁହଁ ଖୋଲି ନାହିଁ ତାହା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସେ ଯାହା ବି ହେଉ ପୀତବାସ ହତ୍ୟା ଘଟଣାରେ ଏଯାବତ ୧୬ଜଣ ଗିରଫ ହେଲେଣି ତଥାପି ହତ୍ୟାର ମୁଖ୍ୟ କାରଣ ଲୋକେ ଜାଣିପାରିଲେ ନାହିଁ। ପୂର୍ବରୁ ଏସପିଙ୍କ ସାମ୍ବାଦିକ ସମ୍ମିଳନୀରେ ପୀତବାସଙ୍କୁ ହତ୍ୟା ପଛରେ ଯେଉଁ କାରଣଗୁଡ଼ିକ କହିଥିଲେ ତାହା ପ୍ରକୃତ କାରଣ ନା ଆଉ କିଛି ରହିଛି ତାହା ପୁଲିସ ବର୍ତ୍ତମାନ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଲେ ସ୍ପଷ୍ଟ ହେବ ବୋଲି କୁହାଯାଉଛି। ବ୍ରହ୍ମପୁର ଏସ୍‌ପି ଆମ୍ବପୁଆ ପୁଲିସ ରିଜର୍ଭ ବାରାକ୍‌ରେ ସୋମବାର ଉଭୟ ଉମା ଓ କୁରୁପତିଙ୍କୁ ମାରାଥନ ଜେରା କରିଲେ। କ'ଣ ତଥ୍ୟ ସେମାନଙ୍କ ଠାରୁ ପାଇଛନ୍ତି ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନି। ଉମା ଓ କୁରୁପତି ଏସ୍‌ପିଙ୍କୁ ପୀତବାସ ହତ୍ୟା ଘଟଣା ଉପରେ କଣ କହିଥିଲେ ସେ ଦିଗରେ ସମସ୍ତଙ୍କ ନଜର ରହିଛି।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମୁଦ୍ରିକ ବିଜ୍ଞାନ ବିଭାଗ ପକ୍ଷରୁ ଦୁଇଟି ନୂଆ ଆମ୍ଫିପଡ୍ ଆବିଷ୍କାର

ବ୍ରହ୍ମପୁର,୪।୧୧(ସମିସ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସାମୁଦ୍ରିକ ବିଜ୍ଞାନ ବିଭାଗ ଏବଂ ଗୁଜୁରାଟ ବିଶ୍ୱବିଦ୍ୟାଳୟର ଗବେଷକଙ୍କ ମିଳିତରେ ଦୁଇଟି ନୂଆ ପ୍ରଜାତିର ଆମ୍ଫିପଡ୍ ଆବିଷ୍କାର କରିଛନ୍ତି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସାମୁଦ୍ରିକ ବିଜ୍ଞାନ ବିଭାଗର ଗବେଷକ ମାନଙ୍କଦ୍ୱାରା ଚିଲିକା ନିକଟସ୍ଥ ରମ୍ଭା ଅଂଚଳରୁ ଗତବର୍ଷ ୨୦୨୪ ଜାନୁଆରୀରେ ଏହି ପ୍ରଜାତିର ଆମ୍ଫିପଡ୍ ସଂଗ୍ରହ କରିଥିଲେ। ସେହିପରି ଏହି ପ୍ରଜାତିର ଆମ୍ଫିପଡ୍‌ର ଗୁଜୁରାଟର ଖମ୍ଭାଟ ଉପସାଗରରୁ ୨୦୨୪ ମାର୍ଚ୍ଚ ମାସରେ ସଂଗ୍ରହ ହୋଇଥିଲା। ଏହାକୁ ଉଭୟ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ପରୀକ୍ଷା ନିରୀକ୍ଷା କରାଯାଇଥିଲା। ପରେ ଉଭୟ ପ୍ରତିଷ୍ଠାନ ତଥ୍ୟକୁ ଆଦାନପ୍ରଦାନ କରିବାସହ ପରୀକ୍ଷା ନିରୀକ୍ଷା କରିଥିଲେ। ଉଭୟଙ୍କ ପରୀକ୍ଷା ନିରୀକ୍ଷା ତଥ୍ୟକୁ ଅଧିକ ତଥ୍ୟ ଜାଣିବା ପାଇଁ ଆୟରଲାଣ୍ଡ ୟୁନିଭରସିଟି କଲେଜ କର୍କ'ର ପ୍ରସିଦ୍ଧ ବୈଜ୍ଞାନିକ ପ୍ରଫେସର ଆଲ୍ଲାନ ମାୟର୍ସଙ୍କୁ ପ୍ରଦାନ କରିଥିଲେ। ବୈଜ୍ଞାନିକ ଆଲ୍ଲାନ ଏହାରି ଉପରେ ଅଧିକ ଗବେଷଣା



କରି ତଥ୍ୟ ସଂଗ୍ରହ କରିବା ପରେ ଏହି ପ୍ରଜାତିର ଭିନ୍ନ ଦୁଇଟି ପ୍ରଜାତିର ବୋଲି ଦର୍ଶାଇଥିଲେ। ପରେ ଏହି ଦୁଇଟି ନୂତନ ପ୍ରଜାତିର ହୋଇଥିବାରୁ ଅନ୍ତର୍ଜାତୀୟ ଜୁଟାକ୍ସା ପତ୍ରିକାରେ ଚଳିତମାସ ୩ତାରିଖରେ ସ୍ଥାନିତ ପାଇଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମୁଦ୍ରିକ ବିଜ୍ଞାନ ବିଭାଗର ପରୀକ୍ଷା ଗାରରେ ଡ଼.ଶେଷଦେବ ପାତ୍ର,ଡ଼. ଗୀତାଞ୍ଜଳି ଭୋଇ ଓ ଆର୍. କିରଣ କୁମାର ରହି ପରୀକ୍ଷା ନିରୀକ୍ଷା କରିଥିଲେ ଯେ ଏହାର ଲମ୍ବ ୫.୫ ରୁ ୬ ମିମି ରହିଥାଏ। ଏମାନେ ପ୍ରାକୃତିକ ପରିଷ୍କାର ପ୍ରକ୍ରିୟାରେ ଅଂଶଗ୍ରହଣ କରି ପରିସ୍ଥିତି ନିୟନ୍ତ୍ରଣ କରି ସ୍ୱାସ୍ଥ୍ୟରକ୍ଷାରେ ଭୂମିକା ନିଭାଇଥାନ୍ତି। ଏମାନଙ୍କୁ ଛୋଟ ଛୋଟ ମାଛ ଓ ପକ୍ଷୀ ଖାଦ୍ୟ ଭାବେ ଖାଆନ୍ତି। ଏମାନଙ୍କ ରଙ୍ଗ ମାଟିଆ ଓ ଧଳା ହୋଇଥିବା ବେଳେ ୧୪ହଳ ଗୋଡ଼ ରହିଥାଏ। ଏମାନେ ଲୁଣି ପାଣି କୁଳିଆ ଅଞ୍ଚଳରେ ରହିବା ସହ ସମୁଦ୍ରର ଗଭୀର ସ୍ଥାନରେ ରୁହନ୍ତି। ଅଧିକରୁ ଅଧିକ ଗବେଷଣା ଓ ପରୀକ୍ଷା ନିରୀକ୍ଷା କରାଯିବା ସହ ଏହାର ନାମ କରଣ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ସିଡ୍‌ଫଣ୍ଡ ଗ୍ରାଣ୍ଟ ପକ୍ଷରୁ ଅନୁଦାନ ଦେଇଥିବାରୁ ପ୍ରଥମ ଗବେଷଣା ଆରମ୍ଭ କରିଥିବାରୁ ଏହାର ନାମକରଣ ଗ୍ରାଣ୍ଡିଡ଼ିଏଲ୍ଲା ଗୀତାଞ୍ଜଳାଇ ନାମକରଣ ରଖାଯାଇଥିବା ବିଭାଗର ଡ଼.ଶେଷଦେବ ପାତ୍ର ସୂଚନା ଦେଇଛନ୍ତି। ଏହି ପ୍ରଜାତିକୁ ଗୁଜୁରାଟର ହେମଚନ୍ଦ୍ରାଚାର୍ଯ୍ୟ ଉତ୍ତର ଗୁଜରାଟ ବିଶ୍ୱବିଦ୍ୟାଳୟର ଡ. ଜିଗ୍ନେଶ କୁମାର, ଏନ୍. ତ୍ରିବେଦୀ ଓ ଡ଼.ଡିମ୍ପଲ ଠାକର ପରୀକ୍ଷା ନିରୀକ୍ଷା କରିଥିଲେ। ଗୁଜୁରାଟର ଖମ୍ଭାଟ ଉପକୂଳରୁ ମିଳିଥିବାରୁ ଏହାର ନାମ କରଣ ଗ୍ରାଣ୍ଡିଡ଼ିଏଲ୍ଲା ଖାମ୍ଭୋଟେନସିସ ନାମ କରଣ ରଖାଯାଇଛି। ବିଶ୍ୱବିଦ୍ୟାଳୟ ସାମୁଦ୍ରିକ ବିଜ୍ଞାନ ବିଭାଗ ପୂର୍ବରୁ ୫ଟି ଆମ୍ଫିପଡ୍ ଆବିଷ୍କାର କରିଥିବା ବେଳେ ଏହି ଦୁଇଟି ମିଶାଇ ୭ଟି ଆମ୍ଫିପଡ୍ ଆବିଷ୍କାର କରିଥିବା ଡ଼.ପାତ୍ର କହିଛନ୍ତି।





# ଆଜିଠୁ ଭୁବନେଶ୍ୱର ବାଲିଯାତ୍ରା

## ସକାଳ ୮ରେ ବୋଇତ ବନ୍ଦାଣ, ସନ୍ଧ୍ୟା ୭ରେ ମହୋତ୍ସବ ଉଦ୍‌ଘାଟନ








ନନ୍ଦନକାନନ, ୪/୧୧(ସମିସ): ସପ୍ତମ ଭୁବନେଶ୍ୱର ବାଲିଯାତ୍ରା ମହୋତ୍ସବ ଓ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ୫ତାରିଖ କାର୍ତ୍ତିକ ପୂର୍ଣ୍ଣିମା ବୁଧବାର ଉତ୍ତର ଭୁବନେଶ୍ୱର କୁଆଖାଇ ନଦୀ ପଠାରେ ଅନୁଷ୍ଠିତ ହେବ। ଏନେଇ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ହୋଇଥିବା ଆୟୋଜକ ଭୁବନେଶ୍ୱର ବାଲିଯାତ୍ରା ମହୋତ୍ସବ କମିଟି କାର୍ଯ୍ୟକାରୀ ସଭାପତି ଯଶୋବନ୍ତ ଓଝା ପ୍ରକାଶ କରିଛନ୍ତି। ବୁଧବାର ପୂର୍ବାହ୍ନ ୮ଘଟିକାରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଓ ସନ୍ଧ୍ୟା ୭ଘଟିକାରେ ଭୁବନେଶ୍ୱର ବାଲିଯାତ୍ରା ମହୋତ୍ସବ ୨୦୨୫ ଉଦଘାଟନ ହେବ। ପାଞ୍ଚ ତାରିଖ ଦୀପ୍ତିମୟୀ ଦାସ, ୬ ତାରିଖ ସ୍ୱୟମ ପାଢ଼ୀ, ୭ତାରିଖ କୁମାର ବାପି, ୮ତାରିଖ ଅନ୍ତରା ଚକ୍ରବର୍ତ୍ତୀ, ୯ ତାରିଖ ବର୍ଣ୍ଣାଳୀ ହୋତା, ୧୦ତାରିଖ ଦିପ୍ତୀରେଖା ପାଢ଼ୀ, ୧୧ତାରିଖ ରୁକ୍ ସୁନା, ୧୨ତାରିଖ ଇରା ମହାନ୍ତି, ୧୩ତାରିଖ ଅସୀମା ପଣ୍ଡା ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରିବେ। ଚଳିତ ବର୍ଷ ନଭେମ୍ବର ୫ରୁ ୧୪ ତାରିଖ ପର୍ଯ୍ୟନ୍ତ ୧୦ଦିନ ଧରି ମହୋତ୍ସବ ହେବ। ପ୍ରାୟ ୧୫୦୦ଶହ ଷ୍ଟଲ ପଡ଼ିବାର ବ୍ୟବସ୍ଥା କରାଯାଉଛି। ଏଥି ସହିତ ସଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶୀ, ଓଡ଼ିଶାର ବିଭିନ୍ନ ପାରମ୍ପରିକ ନୃତ୍ୟ, ଲୋକକଳା ଓ ସଙ୍ଗୀତ ପରିବେଷଣ ହେବ। ଶାନ୍ତିଶୃଙ୍ଖଳା ରକ୍ଷା, ଟ୍ରାଫିକ, ୬ଟି ସ୍ଥାନରେ ପାର୍କିଂ, ରାସ୍ତା ଆଲୋକୀକରଣ ଆଦି ବ୍ୟବସ୍ଥା ହୋଇଛି। ଅଘଟଣ, ଦୁର୍ଘଟଣା ନିୟନ୍ତ୍ରଣ ଲାଗି ଅଗ୍ନିଶମ ବାହିନୀ ନିୟୋଜିତ ରହିବେ, ୩ ଶହରୁ ଅଧିକ ସ୍ୱେଚ୍ଛାସେବୀ କର୍ମୀ ନିୟୋଜିତ ହେବେ। ଆଶୁ ଚିକିତ୍ସା ବ୍ୟବସ୍ଥା, ପାନୀୟ ଜଳ ବ୍ୟବସ୍ଥା, ଅସ୍ଥାୟୀ ଶୌଚାଳୟ, ସମ୍ପୂର୍ଣ୍ଣ ପଡ଼ିଆକୁ ସିସିଟିଭ ଦ୍ୱାରା ନିରୀକ୍ଷଣ କରାଯିବ। କୋଷାଧ୍ୟକ୍ଷ ବୀରେନ୍ଦ୍ର ଜେନା, ଅନୁପ ଖୁଣ୍ଟିଆ, ପ୍ରଦୀପ୍ତ ପରିଡ଼ା, ନିରଞ୍ଜନ ସ୍ୱାଇଁ, ଅନ୍ନପୂର୍ଣ୍ଣା ମିଶ୍ର, ସନ୍ତୋଷ କୁମାର ନାଥ, ନବକିଶୋର ବାରିକ, ବିନୋଦ ସାହୁ, ହିରୋ ରାଉତ, ମନୋଜ ଦାସଙ୍କ ସମେତ କମିଟିର କର୍ମକର୍ତ୍ତାଗଣ ଉପସ୍ଥିତ ଥିଲେ।

## 'ଓଡ଼ିଆ ପର୍ବ' ପକ୍ଷରୁ ୧୨ ମାଆଙ୍କୁ ପୂଣ୍ୟଶ୍ଳୋକା ସମ୍ମାନ



ଭୁବନେଶ୍ୱର, ୪।୧୧(ସମିସ): ଓଡ଼ିଶାର ଅଗ୍ରଣୀ ଓ ଲବ୍ଧପ୍ରତିଷ୍ଠ ତ୍ରୟୋମାସିକ ସାହିତ୍ୟ ପତ୍ରିକା 'ଓଡ଼ିଆ ପର୍ବ'ର ୩୧ତମ ବାର୍ଷିକ ଉତ୍ସବ ଓ ସମ୍ମାନ ପ୍ରଦାନ ସମାରୋହ ଭୁବନେଶ୍ୱରସ୍ଥିତ ବୁଦ୍ଧ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜଗତର କଲ୍ୟାଣରେ ନିଜକୁ ଉତ୍ସର୍ଗ କରି ସମାଜସେବାରେ ମଗ୍ନଥିବା ୧୨ଜଣ ମହିୟସୀ 'ମା'ଙ୍କୁ 'ପୂଣ୍ୟଶ୍ଳୋକା' ସମ୍ମାନରେ ସମ୍ମାନିତ କରାଯାଇଥିଲା।

ଅଧ୍ୟାପିକା ବନଜ କୁମାରୀ ପଣ୍ଡା, ରୀତାଞ୍ଜଳି ପଟ୍ଟନାୟକ, ମିନାକ୍ଷୀ ରାଉତରାୟ, ମମତାରାଣୀ ସିଂହ, ଆରତୀ ଜ୍ଞାନେନ୍ଦ୍ର, ବାସନ୍ତୀ ସାହୁ, କ୍ରିୟାଯୋଗୀ ସବିତା ମା', ଅଣାକ୍ଷର କ୍ରିୟାଯୋଗୀ ସୁଚିତ୍ରା ଗୁପ୍ତା, ଭାନୁପ୍ରଭା ରାଉତରାୟ, ସ୍ମିତାରାଣୀ ମହାପାତ୍ର, ଜୟଶ୍ରୀ ପଟ୍ଟନାୟକ ଓ ଅଣାକ୍ଷର କ୍ରିୟାଯୋଗୀ ନିହାରିକା ଦାଶଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପମାଲ୍ୟ ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। 'ଓଡ଼ିଆ ପର୍ବ'ର ବାର୍ଷିକ ବିଶେଷାଙ୍କରେ ଡାକ୍ତର ଇନ୍ଦ୍ରମଣି ଜେନାଙ୍କ ସମଗ୍ର ଜୀବନକୁ ନେଇ ଉପସ୍ଥାପନା କରାଯାଇଥିବା ମୁଖ୍ୟ ପ୍ରସଙ୍ଗ 'ସଞ୍ଜୀବନୀ ଦର୍ଶନ' ଅତିଥିମାନଙ୍କ ଦ୍ୱାରା ଲୋକାର୍ପଣ କରାଯାଇଥିଲା। ଉଦ୍‌ଘାଟକ ଭାବେ ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଉଦୟାନନ୍ଦ ପର୍ବତ, ବିଶିଷ୍ଟ ଅତିଥି ହରିଓଁ ବାବା, ମୁଖ୍ୟ ଅତିଥି ଡାକ୍ତର ଇନ୍ଦ୍ରମଣି ଜେନା, ମୁଖ୍ୟବକ୍ତା ଡକ୍ଟର ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ସ୍ୱାମୀ ଆଦିତ୍ୟାନନ୍ଦଚାର୍ଯ୍ୟ, ଅଶୋକ ମହାରାଜ, ବିଷ୍ଣୁଗିରି ମହାରାଜ, ବ୍ରଜ ବାବା, ସ୍ୱାମୀ ଆନନ୍ଦଶଙ୍କର, ସ୍ୱାମୀ ବିନୟାନନ୍ଦ ପୁରୀ ମହାରାଜ, ବନଦୁର୍ଗା ମା' ଓ ବିଷ୍ଣୁ ବାବା, କ୍ରିୟାଯୋଗୀ ସୁଶାନ୍ତ ବାବା ଯୋଗ ଦେଇଥିଲେ। ସ୍ୱାମୀ ଆନନ୍ଦଶଙ୍କର ଧନ୍ୟବାଦ ଅର୍ପଣ କରିଥିଲେ।

## ଉମାଦେଇ ବ୍ରହ୍ମପୁର ପଞ୍ଚାୟତରେ 'ପଲ୍ଲୀରେ ପ୍ରଶାସନ'

ବାଲିଅନ୍ତା, ୪।୧୧(ସମିସ): ଉମାଦେଇ ବ୍ରହ୍ମପୁର ଗ୍ରାମ ପଞ୍ଚାୟତଠାରେ ଅଭିଯୋଗ ଶୁଣାଣୀ ଜନିତ 'ପଲ୍ଲୀରେ ପ୍ରଶାସନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ ଅଭିଯୋଗ ଶୁଣାଣିରେ ମାନ୍ୟବର ବିଧାୟକ ଜୟଦେବ ନିର୍ବାଚନ ମଣ୍ଡଳୀ ନବ କିଶୋର ମଲ୍ଲିକ ମହୋଦୟ, ବାଲିଅନ୍ତା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିତା ନାଥ, ତହସିଲଦାର ବାଲିଅନ୍ତା ଲିଲନ୍ ପ୍ରସାଦ ସାହୁ, ଭୁବନେଶ୍ୱର ସାଂସଦଙ୍କ ପ୍ରତିନିଧି ବିଜୟ ମହାରଣା, ଉମାଦେଇବ୍ରହ୍ମପୁର ସରପଞ୍ଚ ରମାଲତା ନାୟକ, ଉମାଦେଇବ୍ରହ୍ମପୁର ସମିତି ସଭ୍ୟ ରଞ୍ଜନ କୁମାର ମହାପାତ୍ର ଏବଂ ବାଲିଅନ୍ତା ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଅଭିଯୋଗ ଶୁଣାଣିରେ ସର୍ବମୋଟ ୭୮ଟି ଲିଖିତ ଅଭିଯୋଗ ଗ୍ରହଣ କରାଯାଇଅଛି। ସେଥି ମଧ୍ୟରୁ ଗ୍ରାମୀଣ ଗୃହ ସମ୍ବନ୍ଧୀୟ ୧୫ଟି, ଭତ୍ତା ସମ୍ବନ୍ଧୀୟ ୧୧ଟି, ଯୋଗାଣ ବିଭାଗ ସମ୍ବନ୍ଧୀୟ ୧୨ଟି, ତହସିଲ ସମ୍ବନ୍ଧୀୟ ୧୪ଟି ଓ ଅନ୍ୟାନ୍ୟ ବିଭାଗ ସମ୍ବନ୍ଧୀୟ ୨୬ଟି ଅଭିଯୋଗ ହସ୍ତଗତ ହୋଇଅଛି। କାର୍ଯ୍ୟକ୍ରମରେ ବାଲିଅନ୍ତା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିତା ନାଥଙ୍କ ଦ୍ୱାରା ହିରାପୁର ଗ୍ରାମର ୧୮ ବର୍ଷୀୟ ଦିବ୍ୟାଙ୍ଗ ବ୍ୟକ୍ତି ବିଶ୍ୱରଞ୍ଜନ ଭୋଇଙ୍କୁ ହ୍ୱିଲ୍ ଚେୟାର ପ୍ରଦାନ କରାଯାଇଥିଲା।

## ସାମ୍ବାଦିକ ବିରୋଧୀ ଅପରାଧ ଦଣ୍ଡମୁ    ଅନ୍ତ ଦ୍ଦିବସ



ଭୁବନେଶ୍ୱର, ୪।୧୧(ସମିସ): ଅନ୍ତର୍ଜାତୀୟ ସାମ୍ବାଦିକ ବିରୋଧୀ ଅପରାଧ ଦଣ୍ଡମୁକ୍ତ ଅନ୍ତଦିବସ-୨୦୨୫ ପାଳନ ଅବସରରେ ପାକ୍ଷିକ ସମ୍ବାଦପତ୍ର 'ଅରଭାନୀ ସମୟ' ପକ୍ଷରୁ ସ୍ଥାନୀୟ ଲୋହିଆ ଏକାଡ଼େମୀଠାରେ ଏଆଇ ମାଧ୍ୟମରେ '(କୃତ୍ରିମ ବୁଦ୍ଧିମତ୍ତା) ମହିଳା ସାମ୍ବାଦିକ ବିରୋଧୀ ହିଂସା ପ୍ରତି ସତର୍କତା' ଶୀର୍ଷକ ଆଲୋଚନଚକ୍ର ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

ସାହିତ୍ୟିକା ମଞ୍ଜୁଳା ତ୍ରିପାଠୀଙ୍କ ସଭାପତିତ୍ୱ ଓ ସମାଜସେବୀ ମନୋରଞ୍ଜନ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଶଶଧର ପଣ୍ଡା, ବରିଷ୍ଠ ରାଜନେତା ଗୋଲକ ମହାପାତ୍ର, ଓଡ଼ିଶା ରେଡ଼କ୍ରସର ପ୍ରାକ୍ତନ ସଚିବ କଳ୍ପନା ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମହିଳା ସାମ୍ବାଦିକା ସୁମିତ୍ରା ସାହୁ, ଆଲଫା ରାୟ, ସୁଚିସ୍ମିତା ସାହୁ, କବିତା ବେହେରା, ପ୍ରିୟଙ୍କା ରାୟ, ସାମ୍ବାଦିକ ମଦନ ମୋହନ ପାଢ଼ୀ, ଅନନ୍ତ ଗୋପାଳ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୌଦାମିନୀ ତ୍ରିପାଠୀ ବେଦପାଠ କରିଥିବା ବେଳେ କାର୍ଯ୍ୟକ୍ରମକୁ ସାମ୍ବାଦିକା ରୀନା ମହାନ୍ତି, ପ୍ରଜ୍ଞା ପଟ୍ଟନାୟକ ଏବଂ କଳ୍ପନା ମହାରଣା ପରିଚାଳନାରେ ସହଯୋଗ କରିଥିଲେ। ସମ୍ପାଦକ ରମେଶ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ସୌଦାମିନୀ ତ୍ରିପାଠୀ ବେଦପାଠ କରିଥିଲେ ଏବଂ ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଇଣ୍ଡିଆନ୍ ବ୍ୟାଙ୍କ ପକ୍ଷରୁ ସତର୍କତା ସଚେତନତା ସ    ାହ




ଭୁବନେଶ୍ୱର, ୪।୧୧(ସମିସ): ସ୍ୱଚ୍ଛତା ଏବଂ ନୈତିକ ଆଚରଣ ପ୍ରତି ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରି ଇଣ୍ଡିଆନ୍ ବ୍ୟାଙ୍କ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କ ପକ୍ଷରୁ 'ସତର୍କତା : ଆମର ସାମୂହିକ ଦାୟିତ୍ୱ' ସଂକ୍ରାନ୍ତ ଏକ ୱାକାଥନର ଆୟୋଜନ କରାଯାଇଥିଲା। କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟ ଭୁବନେଶ୍ୱରର ଉପ ମହାପ୍ରବନ୍ଧକ ରଣଞ୍ଜୟ ସିଂ, ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ପ୍ରବନ୍ଧକ ସୁମନ କୁମାର ଏବଂ ଭୁବନେଶ୍ୱର ଅଞ୍ଚଳର ଉପ ଆଞ୍ଚଳିକ ପ୍ରବନ୍ଧକ ବିଶ୍ୱନାଥ ଦାସ ଏହି ୱାକାଥନ୍‌ର ଶୁଭାରମ୍ଭ କରିଥିଲେ। ଅଂଶଗ୍ରହଣକାରୀମାନେ ପ୍ଲାକାର୍ଡ ଏବଂ ବ୍ୟାନର ଧରି ଦୁର୍ନୀତି ବିରୋଧ ବାର୍ତ୍ତା ବାଣ୍ଟିଥିଲେ। ଏକ ସତ୍ୟନିଷ୍ଠ ଓ ପାରଦର୍ଶିତାପୂର୍ଣ୍ଣ ସଂସ୍କୃତି ଗଠନ କରିବା, ଯେଉଁଠାରେ ପ୍ରତ୍ୟେକ ବ୍ୟକ୍ତି ଏକ ଦୁର୍ନୀତି ମୁକ୍ତ ସମାଜ ଗଠନରେ ଯୋଗଦାନ କରିପାରିବେ ସେ ନେଇ ସଚେତନ କରିବା ଆମର ବୋଲି ଆଞ୍ଚଳିକ ପ୍ରବନ୍ଧକ ସୁମନ କୁମାର କହିଥିଲେ। ଏହି କାର୍ଯ୍ୟକ୍ରମରେ ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ କାର୍ଯ୍ୟାଳୟ, କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟ ଓ ଫିଲ୍ଡ ଭିଜିଲାନ୍ସ ୟୁନିଟ୍‌ର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ। ସମସ୍ତ କର୍ମଚାରୀ ଏବଂ ଉପସ୍ଥିତ ଜନସାଧାରଣ ସତ୍ୟନିଷ୍ଠ ଶପଥ ଗ୍ରହଣ କରିଥିଲେ।

## ରାଜଧାନୀ ପଥପ୍ରାନ୍ତେ କାର୍ତ୍ତିକରେ ଚକୁଳିଆ ପଣ୍ଡା



ଭୁବନେଶ୍ୱର, ୪।୧୧(ସମିସ): 'ଧର୍ମରୁ ଜୟ କେବଳ ଅଧର୍ମରୁ କ୍ଷୟ ଧର୍ମ ଥିଲା ପ୍ରାଣୀକୁ ନ ପଡ଼େ ଅପ୍ରମେୟ। ଧର୍ମ ହିଁ କାଳେ କାଳେ ସର୍ବେସିନା ଚଳିଯିବା ରହି କାଳ ବଳେ' ଏହି ଗୀତ ଆଉ ଶୁଭୁନି। ଗୋଟିଏ ହାତରେ ତାଳପତ୍ର ଛତା, ଅନ୍ୟ ହାତରେ ପିତ୍ତଳ କଂସା ପାତ୍ର, କଣ୍ଠରେ ରୁଦ୍ରାକ୍ଷ, ମୁଣ୍ଡରେ ଚିତା କରି ନାଥ ସମ୍ପ୍ରଦାୟର ଲୋକମାନେ ଏହି ପରି ଗୀତ ଗାଇ ଗାଇ ଆସୁଥିଲେ। ଖରା, ବର୍ଷା, ଶୀତ କାହାକୁ ନଡରି ନିଜ ଭିକ୍ଷା କରୁଥିବା ଏହି ଲୋକମାନଙ୍କୁ ଆଉ ଦେଖିବାକୁ ମିଳୁନି।

ବିଶେଷ କରି ଧରମ ମାସ ବା କାର୍ତ୍ତିକ ମାସରେ ଚକୁଳିଆ ପଣ୍ଡାମାନେ ଏବେ ବିଭିନ୍ନ ଗାଁ କି ସହର ଆଉ କେଉଁଠି ଦେଖାଯାଉନାହାନ୍ତି। ଆସ୍ତେ ଆସ୍ତେ ଏହି ସମ୍ପ୍ରଦାୟ ଲୁଚିଆସୁଛି। ବିଶେଷ କରି ଗାଁ ମାନଙ୍କରେ କାଁ ଭାଁ ଦେଖାଯାଉଥିଲେ ମଧ୍ୟ ରାଜଧାନୀରେ ଏକ ପ୍ରକାର ଶୂନ୍ୟ। ପୁରୁଣା ଭୁବନେଶ୍ୱର ଅଞ୍ଚଳକୁ ଭିକ୍ଷାବୃତ୍ତି କରିବା ପାଇଁ ଆସିଥିବା ସାଗର ପୁରୀ ନାମକ ଚକୁଳିଆ ପଣ୍ଡାକୁ ଆମେ ଭେଟିଥିଲୁ। ଏନେଇ ସେ କୁହନ୍ତି ଏହା ଆମ ବୃତ୍ତି, ଆଗରୁ ବାପା ଅଜା କରୁଥିଲେ ଏବେ ଆମେ କରୁଛୁ ହେଲେ ଆମର ଉତ୍ତର ଦାୟଦମାନେ ଏହି କାମରୁ ନିଜକୁ ନିବୃତ ରଖୁଛନ୍ତି। ବୁଲି ବୁଲି ଭିକ୍ଷା ଦାନ କରିବା ତାଙ୍କ ପକ୍ଷେ ସମ୍ଭବ ହେଉନାହିଁ। ଆମ ପିଲାମାନେ ପାଠ ପଢ଼ିବା ପରେ ମନ୍ଦିର କାର୍ଯ୍ୟରେ ନିୟୋଜିତ ହେଉଛନ୍ତି। ଆଉ କେହି ଏହି କାମ ପାଇଁ ମନ ବଳାଉନାହାନ୍ତି। ଆମ ପିଢି ସରିବା ପରେ ପୁରା ଏହି ସମ୍ପ୍ରଦାୟ ହଜିଯିବ ବୋଲି କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ମାତ୍ର ବର୍ଷକରେ ବୈଶାଖମାସ, କାର୍ତ୍ତିକ ମାସ, ମାଘମାସରେ ହିଁ ବିଭିନ୍ନ ଗାଁ ଓ ସହରକୁ ଆସିଥାଉ। ଯାହା ଭିକ୍ଷାରେ ମିଳିଥାଏ ଏହିଥିରେ ଆମ ପରିବାର ଚଳିବା ସହିତ ବିଭିନ୍ନ ପ୍ରକାରର ପୁନେଇ ପର୍ବ ହେଇଥାଏ। ଏହି ଭିକ୍ଷାଦାନରୁ ଆସିବାପରେ ମଧ୍ୟ ଆମେ ଚାଷ କାମ କରିଥାଉ। ଏବେ ବି ବିଭିନ୍ନ ଗାଁ ମାନଙ୍କୁ ଭିକ୍ଷାବୃତ୍ତି ପାଇଁ ଗଲେ ବିଶେଷ କରି ହବିଷ୍ୟ କରୁଥିବା ଲୋକମାନେ ବହୁତ ସମ୍ମାନ ଦେଇଥାନ୍ତି ଓ ଅନ୍ୟ ଦିନ ମାନଙ୍କରେ ଗଲେ ବି ସେଇ ସମାନ କଥା।

ଏନେଇ ପୁରୁଣା ଭୁବନେଶ୍ୱରର ଲବଙ୍ଗ ରାଉତ କୁହନ୍ତି ଆଗରୁ ହବିଷ୍ୟ କରିବା ସମୟରେ ଆମେ ଅନେଇକି ରହିଥାଉ ଚକୁଳିଆ ପଣ୍ଡାଙ୍କୁ। ପୁରୀର ନିମାପଡ଼ା, ସାକ୍ଷୀଗୋପାଳ ଓ ବ୍ରହ୍ମଗିରି, କୃଷ୍ଣ ପ୍ରସାଦ ଆଦି କିଛି ଅଞ୍ଚଳରୁ ଚକୁଳିଆ ପଣ୍ଡାମାନେ ଆସୁଥିଲେ। ହବିଷ ରାନ୍ଧିବା ପାଇଁ ରଖିଥିବା ଅନ୍ନ, ଡାଲି, ପରିବାରୁ ଅଧା ଚକୁଳିଆ ପଣ୍ଡାଙ୍କୁ ଦେଇଥାଉ। ହେଲେ ଏବେ ତ ଆଉ ଆସୁନାହାନ୍ତି। ତଥାପି ଧରମ ମାସ ଧରମ କରିବା କଥା ଏଥିପାଇଁ ମନ୍ଦିରରେ ଥିବା ବ୍ରାହ୍ମଣଙ୍କୁ ଦାନ ଦକ୍ଷିଣା ଦେଇଥାଉ ବୋଲି କହିଛନ୍ତି।

## 'ଅଦ୍ୱୈତ ନୃତ୍ୟ ଉତ୍ସବ' ଉଦ୍‌ଘାଟିତ

ଭୁବନେଶ୍ୱର, ୪।୧୧(ସମିସ): ଦର୍ପଣ ନୃତ୍ୟାନୁଷ୍ଠାନ ଦ୍ୱାରା ଆୟୋଜିତ ଅଦ୍ୱୈତ ନୃତ୍ୟ ଉତ୍ସବ ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟରେ ମଙ୍ଗଳା ଚରଣ, ବସନ୍ତ ପଲ୍ଲବୀ, ନବଦୁର୍ଗା, ସମ୍ବଲପୁରୀ ଓ ପଲ୍ଲୀ ନୃତ୍ୟ ପରିବେଶିତ ହୋଇଥିଲା। ସନ୍ଧ୍ୟାରେ ଆରମ୍ଭରେ ଗୁରୁ ସୁଶ୍ରୀ ମହାନ୍ତିଙ୍କ ଦ୍ୱାରା ଏକକ ଓଡିଶୀ ନୃତ୍ୟ ପରିବେଷଣ ହୋଇଥିଲାବେଳେ କୌଶିକି ଲଲାଟିକା ପଟ୍ଟନାୟକଙ୍କ ଦ୍ୱାରା ଏକକ ନୃତ୍ୟ ଅଷ୍ଟଶମ୍ଭୁ ପରିବେଶିତ କରିଥିଲେ। ନୁପୁର ଅନୁଷ୍ଠାନର କଳକାରଙ୍କ ଦ୍ୱାରା ଚୈତ୍ୟ ନୃତ୍ୟ ପରେ ବିଶ୍ୱନାଥ ସଙ୍ଗୀତ ତାଳୟର ନୃତ୍ୟଶିଳ୍ପୀଙ୍କ ଦ୍ୱାରା ଦଳଗତ ନୃତ୍ୟ ପରିବେଶିତ ହୋଇଥିଲା। ଉଦ୍‌ଘାଟନୀ ସନ୍ଧ୍ୟାରେ ଅତିଥି ଭାବେ ଚାଟାର୍‌ଡ ଆକାଉଣ୍ଟ ରାଜିବ୍ ଶେଖର ସାହୁ, ଟାଇ ଭୁବନେଶ୍ୱର ସଭାପତି ଅୟସକାନ୍ତ ମହାନ୍ତି, ଆଡଭୋକେଟ ସିତାଂଶୁ ମୋହନ ଦ୍ୱିବେଦୀ, ଏଭିପି କେୟାର ହସ୍ପିଟାଲ ଡ. ଲୋକନାଥ ଦାଶ, ହ୍ୟୁମାନ ରାଇଟ ଲୟର ଋତୁପର୍ଣ୍ଣା ମହାନ୍ତି ଏବଂ ଦର୍ପଣ ନୃତ୍ୟାନୁଷ୍ଠାନର ସମ୍ପାଦିକା ଗୁରୁ ସୁଶ୍ରୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଗୁରୁ ନିରଞ୍ଜନ ରାଉତ, ଗୁରୁ ଧନେଶ୍ୱର ସାଇଁ ଏବଂ ବରିଷ୍ଠ ସମ୍ବାଦିକ ପ୍ରଦୋଷ ପପଟ୍ଟନାୟକଙ୍କ ଓ ସମାଜ ସେବୀ କସ୍ତୁରୀ ମହାପାତ୍ରଙ୍କୁ ଅଦ୍ୱୈତ ଜୀବନବ୍ୟାପୀ ସାଧନା ସମ୍ମାନରେ ସମ୍ମାନିତ କରାଯାଇଥିବାବେଳେ ଗୁରୁ ଡ. ଦିପ୍ତି ରାଉତରାୟଙ୍କୁ ଅଦ୍ୱୈତ ଯୁବ ନୃତ୍ୟ ସମ୍ମାନ, ଆକାଂକ୍ଷା ଦାସ ଓ ବିଭୁ ପ୍ରସାଦ ବେହେରାଙ୍କୁ ଅଦ୍ୱୈତ ଯୁବ ପ୍ରତିଭା ସମ୍ମାନରେ ସମ୍ମାନୀତ କରାଯାଇଥିଲା।




## ଡିସେମ୍ବରରେ କିଟ୍ ନନ୍ହିପରୀ ଗ୍ରାଣ୍ଡ ଫିନାଲେ




ଭୁବନେଶ୍ୱର, ୪।୧୧(ସମିସ): କିଟ୍ ନନ୍ହିପରୀ ଲିଟିଲ୍ ମିସ୍ ଇଣ୍ଡିଆର ୨୫ତମ ସଂସ୍କରଣ ପାଇଁ ଆଞ୍ଚଳିକ ଅଡିସନ୍ ଶେଷ ହୋଇଛି। କିଟ୍ ପରିସରରେ ଅନୁଷ୍ଠିତ ହୋଇଥିବା ଏହି ଅଡିସନ୍‌ରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ୧୩ ରୁ ୧୫ ବର୍ଷ ବୟସର ବହୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଡିସେମ୍ବର ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଏହାର ଗ୍ରାଣ୍ଡ ଫିନାଲେ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିବା ବେଳେ ବିଚାରକ ଭାବେ ଅଭିନେତ୍ରୀ ପୁନମ୍ ମିଶ୍ର ଓ ସୂର୍ଯ୍ୟମୟୀ ମହାପାତ୍ର, ଲେଭେଲ୍ ରୋସନର ମୁଖ୍ୟ ରୋଷନ ସାହୁ, ବିଶିଷ୍ଟ ଫଟୋଗ୍ରାଫର ଅଖିଳ ରଞ୍ଜନ, କୋର କମିଟି ସଦସ୍ୟ ମଳୟ ମହାପାତ୍ର ଓ ଡ. ଶ୍ରଦ୍ଧାଞ୍ଜଳି ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଅନୁସାରେ, କିଟ୍ ନନ୍ହିପରୀ ବିଜେତାମାନଙ୍କ ପାଇଁ ମୋଟ ୫୬ ଲକ୍ଷ ଟଙ୍କାର ପୁରସ୍କାର ରଖାଯାଇଛି। ନନ୍ହି ପରୀ ଟାଇଟଲ୍ ବିଜେତାଙ୍କୁ ନଗଦ ୧୦ ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ଆକାରରେ ପ୍ରଦାନ କରାଯିବାକୁ ଥିବା ବେଳେ ସେ କିଟ୍‌ରେ ପାଠ ପଢ଼ିଲେ ତାଙ୍କର ଶହେ ପ୍ରତିଶତ ଫି' ଛାଡ ଅର୍ଥାତ୍ ସର୍ବାଧିକ ୧୮ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫି ଛାଡ ହେବ।

## ଇଂ. କିଶୋର କୁମାର ଦାସଙ୍କ 'ପଜିଟିଭ ଫିଲିଙ୍ଗସ୍' ଉନ୍ମୋଚିତ




ଭୁବନେଶ୍ୱର, ୪।୧୧(ସମିସ): ଇଂରାଜୀ କବି କିଶୋର କୁମାର ଦାସଙ୍କ ଦ୍ୱାରା ରଚିତ 'ପଜିଟିଭ ଫିଲିଙ୍ଗସ୍' କବିତା ପୁସ୍ତକ ସ୍ଥାନୀୟ ଏକ ହୋଟେଲରେ ଉନ୍ମୋଚିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରେଭେନ୍ସା କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି, ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଇଂରାଜୀ ବିଭାଗର ପ୍ରଫେସର ଅସୀମ ରଞ୍ଜନ ପାଢ଼ୀ, ଓଡ଼ିଆ ଭାଷା ଗବେଷଣା କେନ୍ଦ୍ରର ପୂବତନ ନିର୍ଦ୍ଦେଶକ ଡ଼କ୍ଟର ବସନ୍ତ କୁମାର ପଣ୍ଡା ଏବଂ ପିଆଇବି ଭୁବନେଶ୍ୱରର ଅଧିକାରୀ ତଥା ବିଶିଷ୍ଟ ଲେଖକ ଡ. ପ୍ରଦୀପ କୁମାର ଚୌଧୁରୀ, ବିନୋଦ ବିହାରୀ ବିଷୋଇ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁସ୍ତକକୁ ଉନ୍ମୋଚନ କରିଥିଲେ। ପ୍ରଫେସର ଅସୀମ ପାଢ଼ୀ ନିଜ ବକ୍ତବ୍ୟରେ କହିଛନ୍ତି, ସଂକଳନରେ ସ୍ଥାନ ପାଇଥିବା କବିତାଗୁଡ଼ିକରେ କବି ଶ୍ରୀ ଦାସ ନିଜର ଅନୁଭବ ଓ ଉପଲବ୍ଧିକୁ ସୁନ୍ଦର ଭାବରେ ପ୍ରତିଫଳିତ କରିଛନ୍ତି। ଅନ୍ୟତମ ସମୀକ୍ଷକ ଡ. ପ୍ରଦୀପ କୁମାର ଚୌଧୁରୀ କବିତା ଜଣେ ସୃଜନ ସ୍ରଷ୍ଟାର ଅନ୍ତରରୁ ନିଃସୃତ ହେଉଥିବା ବିଶୁଦ୍ଧଭାବନା, ଉଭୟ ସ୍ରଷ୍ଟା ଓ ପାଠକ ତଥା ସମାଜକୁ ଶୁଦ୍ଧ କରିବାରେ ସହାୟକ ହୋଇଥାଏ ବୋଲି ଅଭିହିତ କରିଥିବା ବେଳେ ଡ. ବସନ୍ତ କୁମାର ପଣ୍ଡା ଭାରତୀୟ ଦର୍ଶନର ନ୍ୟାୟ ଓ ମୀମାଂସା ଏବଂ ଭଗବତଗୀତାର ଅବତାରଣା କରିଥିଲେ। ଶେଷରେ ତୁଷାର ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# କାର୍ତ୍ତିକ ପୂର୍ଣ୍ଣମା ପାଇଁ ଚଳଚଞ୍ଚଳ ଏକାମ୍ର କ୍ଷେତ୍ର

## ଲିଙ୍ଗରାଜ ମନ୍ଦିର ଓ ବିନ୍ଦୁସାଗର ପାଇଁ ସାଢ଼େ ୫ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ

ଭୁବନେଶ୍ୱର, ୪।୧୧(ସମିସ): କାର୍ତ୍ତିକ ପୂର୍ଣ୍ଣମା ପାଇଁ ଚଳଚଞ୍ଚଳ ହୋଇପଡ଼ିଛି ପୁରୁଣା ଭୁବନେଶ୍ୱର। ବିନ୍ଦୁ ସାଗର ତୀର୍ଥରେ ଡ଼ଙ୍ଗା ଭସାଇବା ସହିତ ଲିଙ୍ଗରାଜ, ଅନନ୍ତ ବାସୁଦେବ, କେଦାର ଗୌରୀ, କପିଳମନାଥ ଆଦିଙ୍କୁ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁମାନେ ପୁରୁଣା ଭୁବନେଶ୍ୱରରେ ଡେରା ପକାଇଛନ୍ତି।

କାର୍ତ୍ତିକ ପୂର୍ଣ୍ଣିମା ତଥା ବୁଧବାର ଦିନ ଭୋର ୩ ଟାରୁ ମନ୍ଦିର ଖୋଲାଯାଇ ଦିଅଁଙ୍କ ମଙ୍ଗଳ ଆଳତୀ, ଅବକାଶ ନୀତି ହେବା ପରେ ସର୍ବସାଧାରଣଙ୍କ ପାଇଁ ସାହଣ ମେଲା ଦର୍ଶନ ହୋଇ ୧୦ ଟା ବେଳକୁ ସାଧାରଣ ଦର୍ଶନ ବନ୍ଦ ହୋଇ ଅନ୍ୟାନ୍ୟ ନୀତି କରାଯିବ। ବିନ୍ଦୁସାଗର ତୀର୍ଥ ପୁଷ୍କରିଣୀ ଚତୁଃପାର୍ଶ୍ୱକୁ ଆଲୋକୀକରଣ ଓ ବ୍ୟାରିକେଡ଼ ସହ ଚତୁଃପାର୍ଶ୍ୱ ପରିଷ୍କାର, ଲିଙ୍ଗରାଜ ମନ୍ଦିର ଉତ୍ତରଦ୍ୱାର ଓ ବିନ୍ଦୁସାଗର କୂଳରେ ପ୍ରାଥମିକ ଚିକିତ୍ସା ସେବା ଯୋଗାଇବା ପାଇଁ ଦୁଇଟି ଆମ୍ବୁଲାନ୍ସ ମହଜୁଦ ରଖିବାକୁ ବିଏମ୍‌ସି ଓ ଖୋର୍ଦ୍ଧା ସିଡ଼ିଏମ୍‌ଓ ଦାୟିତ୍ୱରେ ରହିଛନ୍ତି। ଏଥିସହିତ ବିଦ୍ୟୁତ୍ ଓ ଅଗ୍ନିଶମ ଓ ଓଡ୍ରାଫ୍ ଟିମ ମହଜୁଦ ରଖାଯାଇଛି। ଲିଙ୍ଗରାଜ ମନ୍ଦିର, ବିନ୍ଦୁସାଗର ଓ ଡ଼ାକରା ବିଭୀଷଣେଶ୍ୱର ମନ୍ଦିରରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଲିଙ୍ଗରାଜ ମନ୍ଦିରରେ ଅଧିକ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦେଖି ପୁଲିସ ପକ୍ଷରୁ ସାଢ଼େ ୫ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯାଇଛି। ଏଥିସହିତ ୯ ଜଣ ଏଏସ୍‌ଆଇ ଓ ଏସ୍‌ଆଇ ରହିଥିବା ବେଳେ ୨ ଜଣ ଇନସ୍ପେକ୍ଟର ଓ ୧ ଏସ୍‌ପି ଦାୟିତ୍ୱରେ ରହିଛନ୍ତି।

କାର୍ତ୍ତିକ ପୂର୍ଣ୍ଣିମା ତଥା ବୋଇତ ବନ୍ଦାଣ ପର୍ବ। ଏଥିପାଇଁ ରାଜଧାନୀର ବିଭିନ୍ନ ସ୍ଥାନରେ ବୋଇତ ବନ୍ଦାଣ ଉତ୍ସବ ପାଳିତ ହେବ। ନଦୀପଠା ଏବଂ ଜଳାଶୟରେ ଡଙ୍ଗା ଭସାର ବ୍ୟବସ୍ଥା କରାଯାଇଛି। ବିନ୍ଦୁ ସାଗରରେ ସୁରକ୍ଷା ଦୃଷ୍ଟିରୁ କୂଳରେ ଡଙ୍ଗା ଭସାଇବାର ବ୍ୟବସ୍ଥା ହୋଇଥିବା ବେଳେ ଏଠାରେ ସ୍ୱେଚ୍ଛାସେବୀ ଓ ସୁରକ୍ଷାକର୍ମୀଙ୍କୁ ନିଯୁକ୍ତି ଦିଆଯାଇଛି।



### ୩୦ ବର୍ଷ ବିତିଲା; ଅଧିଗ୍ରହୀତ ଜମି ପଡ଼ିଆ ପଡ଼ିଛି

# କେନ୍ଦ୍ର ସରକାରଙ୍କ ଟେକ୍ସଟାଇଲ ପାର୍କ ଏବେ ବି ସ୍ୱପ୍ନ



ଭଦ୍ରକ, ୪।୧୧(ସମିସ): ଗତ ୧୯୯୫, ୩୦ ବର୍ଷ ତଳେ ଭଦ୍ରକ ଭଣ୍ଡାରିପୋଖରୀ ତହସିଲ ଅଞ୍ଚଳ (ଧାମନଗର ଛକ) ରେ ଏକ ଚିନି କଳ ପ୍ରତିଷ୍ଠା ପାଇଁ ଜମି ଅଧିଗ୍ରହଣ କରାଯାଇଥିଲା। ଧରଣୀ ସୁଗର ପକ୍ଷରୁ ଚିନି କଳ ପ୍ରତିଷ୍ଠା ପାଇଁ ଇଡକୋ ଜରିଆରେ ଜମି ଅଧିଗ୍ରହଣ କରାଯାଇଥିଲା। ଭଦ୍ରକର ୧୬ ନମ୍ବର ଜାତୀୟ ରାଜପଥର ଧାମନଗର ଛକଠାରେ ୨୫୦ ଏକର ଜମି ଅଧିଗୃହୀତ ହୋଇଥିଲା। ଜମି ଅଧିଗ୍ରହଣ ପରେ ଧରଣୀ ସୁଗର ଏହି ଜମି ଉପରେ ଚିନି କଳ କରିବ ନାହିଁ ବୋଲି ମୁହଁ ମୋଡ଼ି ଦେଲା। ସେହିଦିନଠାରୁ ଅଧିଗୃହୀତ ଚିନି କଳ ଜମି ଉପରେ ଆଉ ଶିଳ୍ପ ପ୍ରତିଷ୍ଠା ହୋଇପାରିନାହିଁ। ଏହି ଜମି ଅଧିଗ୍ରହଣ ଓ ଚିନି କଳ ପ୍ରତିଷ୍ଠାର ସ୍ୱପ୍ନ ଥିଲା କଂଗ୍ରେସ ସରକାର ସମୟର। ରାଜ୍ୟରେ କଂଗ୍ରେସ କ୍ଷମତାରୁ ଯିବା ପରେ ବିଜେଡି ଓଡ଼ିଶାରେ କ୍ଷମତାକୁ ଆସିଲା। ପରେ ସେଠାରେ ଫୁଡ ପାର୍କ କରିବ ବୋଲି ଘୋଷଣା କଲା। ତାହା ହୋଇପାରିଲା ନାହିଁ। ସେତେବେଳେ କେନ୍ଦ୍ର ସରକାର ଭଦ୍ରକରେ ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା ପାଇଁ ଘୋଷଣା କଲେ। ରାଜ୍ୟ ସରକାର ୫୬ ଏକର ଜମି ଯୋଗାଇ ଦେଲେ। ଭଦ୍ରକ ଜିଲ୍ଲାରେ ଆଇଓସିଏଲ ପକ୍ଷରୁ ଟେକ୍ସଟାଇଲ୍ ପାର୍କ ପ୍ରତିଷ୍ଠା କରିବା ପାଇଁ ତତ୍‌କାଳୀନ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଘୋଷଣା କଲେ। ରାଜ୍ୟ ସରକାର ଇଡକୋ ଅଧିଗୃହୀତ ଚିନି କଳ ଜମିରୁ ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା ପାଇଁ ଜମି ଯୋଗାଇ ଦେଲେ। ଜମି ଯୋଗାଇବା ପରେ ଇଡକୋ ପକ୍ଷରୁ ଏହି ଜମି ଚାରି ପାଖରେ ପାଚେରି ନିର୍ମାଣ କଲେ। ଏହି ଜମି ପରିସରରେ ରାସ୍ତା ନିର୍ମାଣ କଲେ। ଏହି କାର୍ଯ୍ୟରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଗଲା; କିନ୍ତୁ କେନ୍ଦ୍ର ସରକାର ଆଜି ପର୍ଯ୍ୟନ୍ତ ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା କରି ପାରିଲେ ନାହିଁ।

ସୂଚନାଯୋଗ୍ୟ, ଧାମନଗର ନିର୍ବାଚନମଣ୍ଡଳୀରେ ହୋଇଥିବା ଉପନିର୍ବାଚନ କେନ୍ଦ୍ରର ବିଜେପି ଟେକ୍ସଟାଇଲ ପାର୍କ ଘୋଷଣାକୁ ନିର୍ବାଚନୀ ଇସ୍ତାହାରରେ ଦୋହରାଇଥିଲା। ପରେ ନୂତନ ସରକାର ଆସିବା ପରେ ବି ଆଇସିଏଲ ପକ୍ଷରୁ ୪୩୮୨ କୋଟି ବ୍ୟୟ ବରାଦରେ ଏହି ପାର୍କ ପ୍ରତିଷ୍ଠା ଲାଗି ଘୋଷଣା ହେଲା। ତେବେ ସରକାର ଗାଦିକୁ ଆସିବାର ୫ଶହ ଦିନରୁ ଅଧିକ ବିତିଲାଣି ହେଲେ ଭଦ୍ରକ ଜିଲ୍ଲାର ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା ସ୍ୱପ୍ନ ସାକାର ହେଲା ନାହିଁ। ଯାହାକୁ ନେଇ ଲୋକଙ୍କ ଭିତରେ ଅସନ୍ତୋଷ ଦାନା ବାନ୍ଧୁଛି। ସ୍ମରଣଯୋଗ୍ୟ, ଗତ ୩୦ ବର୍ଷ ଧରି କେବଳ ଘୋଷଣା, ଯୋଜନା ଏବଂ ଜମି ହସ୍ତାନ୍ତର ପ୍ରକ୍ରିୟାରେ ଅଟକି ରହିଛି ଭଦ୍ରକର ଧାମନଗର ଛକର ପ୍ରସ୍ତାବିତ ଟେକ୍ସଟାଇଲ ପାର୍କ। ୧୯୯୫ ମସିହାରେ ଭଦ୍ରକ ଜିଲ୍ଲାରେ ୧୬ ନମ୍ବର ଜାତୀୟ ରାଜପଥ ସୀମାକୁ ଲାଗି ଧାମନଗର ଛକ ନିକଟରେ ଘରୋଇ ଲୋକଙ୍କ ୨୯୬ .୭୧ ଏକର ପରିମିତ ମୂଲ୍ୟବାନ ଚାଷ ଜମିକୁ ଇଡକୋ ଜରିଆରେ ଅଧିଗ୍ରହଣ କରାଯାଇଥିଲା। ଏହି ଜମି ସହ ୧୭୨୬ ଏକର ସରକାରୀ ଜମି ଯାହା ପଡିଆ, ଗୋଚର ଓ ଜଙ୍ଗଲ କିସମର ଜମିକୁ ମଧ୍ୟ ଅଧିଗ୍ରହଣ କରାଯାଇଥିଲା। ଏହି ଜମିରେ ପାଚେରି ନିର୍ମାଣ ପାଇଁ ପ୍ରାୟ ୨ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଇଛି। ତେବେ, ଜମି ଅଧିଗ୍ରହଣ ହେବା ପରଠାରୁ ଏହି ଜମି ପଡ଼ିଆ ପଡ଼ିଛି।

## ପୋଲିଓ ଟୀକା ନେଇ ୩ ମାସର ଶିଶୁକନ୍ୟା ମୃତ

ଭଦ୍ରକ/ବାସୁଦେବପୁର,୪।୧୧(ସମିସ): ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍ ବାଲିମୁଣ୍ଡା ପଞ୍ଚାୟତ ନନ୍ଦପାଟଣା ଗାଁର ଜଣେ ୩ ମାସର ଶିଶୁକନ୍ୟାର ପୁଲିଓ ଟୀକା ନେବା ପରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ପୂର୍ବାହ୍ନ ୧୧ଟା ବେଳେ ଆଶାକର୍ମୀ ଏବଂ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ସହଯୋଗରେ ନନ୍ଦପାଟଣା ଅଙ୍ଗନବାଡ଼ି କେନ୍ଦ୍ରରେ ନନ୍ଦପାଟଣା ଗାଁର ରାଜାରାମ ଜାନାଙ୍କ ଶିଶୁକନ୍ୟା ରାଜଶ୍ରୀ ଜାନାକୁ ପୋଲିଓ ଟୀକା ଦିଆଯାଇଥିଲା।




ବାପା ରାଜାରାମ ଅଭିଯୋଗ କରିଛନ୍ତି ଯେ ପ୍ରଥମ ଟୀକା ନେବା ପରେ ଶିଶୁକନ୍ୟା ଅସୁସ୍ଥ ହୋଇଥିଲା। ବାଲେଶ୍ୱର ମେଡିକାଲରେ ଚିକିତ୍ସିତ ହେବା ପରେ ସୁସ୍ଥ ହୋଇଥିଲା। ଏଥର ତାଙ୍କ ଅଜାଣତରେ ଓଟିପି ନନେଇ ଭ୍ୟାକ୍ସିନ ଦିଆଯାଇଥିଲା। ଏହି ଟୀକା ଦେବା ଫଳରେ ସେ କନ୍ୟାସନ୍ତାନକୁ ହରାଇଥିବା ଅଭିଯୋଗ କରିଛନ୍ତି। ଟୀକା ଦେବାର ୬ ଘଣ୍ଟା ପରେ ରାତିରେ ଶିଶୁକନ୍ୟାକୁ ଜ୍ୱର ଆସିଥିଲା। ମାଆ କ୍ଷୀର ଦେଇ ଶୁଆଇଥିଲେ। ସକାଳେ ନିଦରୁ ଉଠିବା ବିଳମ୍ବ ହେବାରୁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଡାକ୍ତର ପ୍ରଥମିକ ପରୀକ୍ଷା କରି ମୃତ ଘୋଷଣା କରିଥିଲେ। ଶିଶୁ କନ୍ୟାକୁ ହରାଇ ପରିବାର ଦୁଃଖରେ ଭାଙ୍ଗି ପଡିଛି। ନାୟକାଣୀଡିହି ଥାନାରେ ଶିଶୁ କନ୍ୟାର ବାପାଙ୍କ ଲିଖିତ ଅଭିଯୋଗକ୍ରମେ ପୁଲିସ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଶବକୁ ବ୍ୟବଚ୍ଛେଦ ପାଇଁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ଭାରପ୍ରାପ୍ତ ମେଡିକାଲ ଅଫିସର ଡାକ୍ତର ସୁଶାନ୍ତ କୁମାର ସାମନ୍ତ କହିଛନ୍ତି। ତେବେ, ଏହି ଘଟଣାକୁ ନେଇ ଚାପା ଉତ୍ତେଜନା ସୃଷ୍ଟି ଦେଖାଦେଇଛି।

## ବେଆଇନ ବାଲି ଉଠାଣରେ ମିଳିତ ଚଢ଼ଉ

ଅସୁରାଳି, ୪।୧୧(ସମିସ): ହସନାବାଦ ପଞ୍ଚାୟତର ପଙ୍ଗଟା, ବାଲିପାଟଣା ଘାଟରେ ବୈତରଣୀ ନଦୀରୁ ବେଆଇନ ଭାବେ ବାଲି ଉଠାଯାଉଥିବା ଘଟଣା ଉପରେ ଖଣି ବିଭାଗ



ଓ ଭଦ୍ରକ ପୁଲିସ ମିଳିତ ଭାବେ ଚଢ଼ଉ କରିଛନ୍ତି। ଖଣି ବିଭାଗର କନିଷ୍ଠ ଅଧିକାରୀ ସୌମ୍ୟରଞ୍ଜନ ଦ୍ୱିବେଦୀଙ୍କ ନେତୃତ୍ୱରେ ଏକ ଟିମ୍ ବୈତରଣୀ ଘାଟରେ ବେଆଇନ ବାଲି ଉଠାଣ ଚାଲିଥିବା ଟ୍ରାକଟରକୁ ଜବତ କରିଛନ୍ତି। ଏଥିରେ ଭଦ୍ରକ ପୁଲିସ ଷ୍ଟାଫ୍ ମଧ୍ୟ ସହଯୋଗ କରିଥିଲେ। ପରେ ଧୁଷୁରୀ ଥାନାରେ ଟ୍ରାକଟରକୁ ଜିମା ଦିଆଯାଇଛି। ଅନେକ ଗାଁବାସୀ ଏହି ଅଭିଯାନ ପରେ ନିୟମିତ ନିରୀକ୍ଷଣ ଓ ନିୟନ୍ତ୍ରଣ ଦାବି କରିଛନ୍ତି। ନଦୀ ଘାଟ ଉପରେ ଅନୁଧ୍ୟାନ ଓ ଜିପିଏସ ମାପି ବ୍ୟବସ୍ଥା ମଧ୍ୟ ଆରମ୍ଭ ହେବାକୁ ଯାଉଛି।

## ଧାମନଗର ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା

ଧାମନଗର, ୪।୧୧(ସମିସ): ଧାମନଗର ବିଜେଡି ପକ୍ଷରୁ ଚୁଡାକୁଟି ପଞ୍ଚାୟତଠାରେ ବ୍ଲକସ୍ତରୀୟ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ପ୍ରତାପ ସାମଲଙ୍କ ନେତୃତ୍ୱରେ ଦଇପୁର ପଞ୍ଚାୟତସ୍ଥିତ ନାରାୟଣପୁରଠାରେ ଥିବା ଶ୍ରୀଜଗନ୍ନାଥଙ୍କ ମନ୍ଦିର ନିକଟରୁ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇ ଦଳୀୟ କର୍ମୀ-ନେତାମାନେ ବିଜେଡି ସରକାର ସମୟରେ ବିଭିନ୍ନ ଜନହିତକର ଯୋଜନାର ସ୍ଲୋଗାନ ଦେଇଥିଲେ। ବଜାର ପରିକ୍ରମା କରି ଚୁଡାକୁଟି ପଞ୍ଚାୟତ କାର୍ଯ୍ୟାଳୟ ନିକଟସ୍ଥ ସଭାସ୍ଥଳରେ ରୁଣ୍ଡ ହୋଇଥିଲେ। ସଭାପତି ଶ୍ରୀ ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ସାଧାରଣ ସଭାରେ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ବିଜେଡି ନେତା ଡାକ୍ତର ସଞ୍ଜୟ ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ସାରଦା ପ୍ରସନ୍ନ ସାହୁ, ପୂର୍ବତନ ସରପଞ୍ଚ କବି ଦୟାନିଧି ମିଶ୍ର, ବ୍ଲକ ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ପୂର୍ବତନ ବ୍ଲକ ସଭାପତି ଉମେଶଚନ୍ଦ୍ର ମହାନ୍ତି ଓ ସମିତିସଭ୍ୟ ଭାରତ ବିଜୟ ଦଳାଇ, ସନ୍ଦୀପ ସ୍ୱାଇଁ, ସମିତିସଭ୍ୟ ଜ୍ଞାନରଞ୍ଜନ ମହାକୁଡ଼, ସୁଦୀପ୍ତ ଖଟୁଆ,




ସରପଞ୍ଚ ଆଜୟ ମଲ୍ଲିକ, ସୀତାକାନ୍ତ ମିଶ୍ର, ଶରିତା ମହାନ୍ତି, କସ୍ତୁରୀ ବିଶ୍ୱାଳ, ସମିତିସଭ୍ୟା ବିଣାପାଣୀ ପଣ୍ଡାଙ୍କ ସମେତ ମହିଳା, ଛାତ୍ର ଓ ପଞ୍ଚାୟତ ସଭାପତି ପ୍ରମୁଖ ଯୋଗ ଦେଇଥିଲେ। ବିଜେପି ସରକାର ଗଠନକୁ ୧୬ମାସ ବିତିବାକୁ ବସିଲାଣି ହେଲେ ନିର୍ବାଚନ ସମୟରେ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି ଅଦ୍ୟାବଧି ପୂରଣ ହୋଇପାରିଲା ନାହିଁ। କେବଳ ଫମ୍ପା ପ୍ରତିଶ୍ରୁତି ଦେଇ ଲୋକଙ୍କୁ ଭୁଆଁ ବୁଲାଉଥିବା ନେଇ ନେତାମାନେ ମୋହନ ସରକାରଙ୍କ ଉପରେ ବର୍ଷିଥିଲେ। ବିଜେଡି ନେତାମାନେ ଆଗାମୀ ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ରଖି ସରକାରଙ୍କୁ ରଣହୁଙ୍କାର ଦେବା ସହ ପଞ୍ଚାୟତ ସ୍ତରରେ କର୍ମୀଙ୍କୁ ଧାର୍ଯ୍ୟ ଓ ଏକଜୁଟ ହେବାକୁ ଆହ୍ୱାନ ଦେଇଥିଲେ।

## ୧ କୋଟି ୪୧ ଲକ୍ଷ ଅନୁଦାନ; କାର୍ଯ୍ୟ ନିମ୍ନମାନର ଅଭିଯୋଗ

ଅସୁରାଳି, ୪।୧୧(ସମିସ): ଓଡ଼ିଶା ଜଳସମ୍ପଦ ବିଭାଗ ତରଫରୁ ୪ ନମ୍ବର କେନାଲର ଉନ୍ନତିକରଣ ପାଇଁ ୧କୋଟି ୪୧ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର ହୋଇଛି। ଏହି ପ୍ରକଳ୍ପ ଅନୁସାରେ କଲ୍ୟାଣୀଠାରୁ କୋଠାର ପର୍ଯ୍ୟନ୍ତ ଝାଟିଆ ସାହି-ମଙ୍ଗଳପୁର ଆରଡି ରାସ୍ତା ଅଞ୍ଚଳରେ ୩.୬ କିମି ଦୈର୍ଘ୍ୟର କେନାଲର ଉନ୍ନତି କାର୍ଯ୍ୟ ଚାଲିଛି। ସେପ୍ଟେମ୍ବର ୧ ତାରିଖରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହାର ଭିତ୍ତିପ୍ରସ୍ତର କରିଥିଲେ। ମାତ୍ର ଅନୁଦାନ ମଞ୍ଜୁର ହେବା ପରେ ଠିକାଦାରଙ୍କ ଦ୍ୱାରା ନିମ୍ନମାନର କାମ ହେଉଥିଲା ବେଳେ ଏହାର ତଦାରଖ କରାଯାଉ ନଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ନିମ୍ନମାନର



ସାମଗ୍ରୀ ବ୍ୟବହୃତ ହେଉଛି। ଠିକାଦାର ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ନିର୍ମାଣ କାର୍ଯ୍ୟର ଗୁଣବତ୍ତା ଉପରେ ପ୍ରଶ୍ନ ଉଠିଛି। ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ଏହି ଅନୁଦାନ ରାଶି ଠିକ୍ ଭାବେ ବ୍ୟବହୃତ ହେଉନାହିଁ, ବରଂ ଲୁଟ୍ ଓ ଅନିୟମ ଘଟିଛି। ଅଞ୍ଚଳବାସୀ ଦୃଢ଼ ଭାବରେ ଏହି ଅନୁଦାନ ବିନିଯୋଗ ଉପରେ ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ଅଭିଯୋଗ ଆଧାରରେ, ସ୍ଥାନୀୟ ବାସିନ୍ଦା ଭିଜିଲାନ୍ସ ବିଭାଗ ଦ୍ୱାରା ତଦନ୍ତ ଆରମ୍ଭ କରିବା ପାଇଁ କରିଛନ୍ତି, ଯାହାଦ୍ୱାରା ଅନୁଦାନ ବ୍ୟବହାର ଓ ନିର୍ମାଣ ଗୁଣମାନ ଉପରେ ମୂଲ୍ୟାଙ୍କନ ହେବା ଆଶା ରହିଛି। ଜଳସମ୍ପଦ ବିଭାଗ ଯନ୍ତ୍ରୀ କିରଣ ପରିଡାଙ୍କୁ ପଚାରିବାରୁ ସେ କହିଲେ, ଯେଉଁ କାର୍ଯ୍ୟ ହେଉଛି ତାହାକୁ ତଦାରଖ କରି ଖୁବଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ଘରୁ ୫୦ ଲକ୍ଷର ଗହଣା ଲୁଟ୍

ତିହିଡି, ୪।୧୧(ସମିସ): ତିହିଡ଼ି ଥାନା ଅନ୍ତର୍ଗତ ଅଟକ ପଞ୍ଚାୟତର ଉତ୍ତରବାହା ଗାଁରେ ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ଘରେ ସୋମବାର ରାତିରେ ବଡ଼ଧରଣର ଡକାୟତି ହୋଇଛି। ତାଙ୍କ ଘର ତାଲା ଭାଙ୍ଗି ୫୦ ଲକ୍ଷ ଟଙ୍କାର ସୁନାଗହଣା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଅବସରପ୍ରାପ୍ତ ସେନା କର୍ମଚାରୀ ମନୋଜ ମଲ୍ଲିକଙ୍କ ଘରେ



ଏହି ଲୁଟ୍ ହୋଇଛି। ମନୋଜଙ୍କ ପରିବାର ଲୋକ ବାହାରେ ରହୁଥିବା ସୁଯୋଗ ନେଇ କିଛି ଦୁର୍ବୃତ୍ତ ତାଲା ଭାଙ୍ଗି ଘରେ ପଶିଥିଲେ। ପ୍ରାୟ ୫୦ ଲକ୍ଷ ଟଙ୍କାର ସୁନା ଗହଣା ଲୁଟି ନେଇଥିଲେ। ଏନେଇ ଖବର ପାଇବା ପରେ ଏସଡିପିଓ ତ୍ରିଲୋଚନ ସେଠୀ, ତିହିଡ଼ି ପୁଲିସ ଘଟଣାସ୍ଥଳରେ ତଦନ୍ତ ଆରମ୍ଭ କରିଛନ୍ତି।

## ୨ ବାଇକ୍ ଲୁଟେରା ପୁଲିସ କବ୍‌ଜାରେ

ଭଦ୍ରକ, ୪।୧୧(ସମିସ): ମଧ୍ୟାହ୍ନରେ ଭଦ୍ରକ-ଚାନ୍ଦବାଲି ବାଇପାସ୍ ରୋଡରେ ବାଇକ୍ ଲୁଟ୍ କରୁଥିବା ୨ ଚୋରକୁ ବାଇକ୍ ଚୋରି କରୁଥିବା ବେଳେ ମାଡ଼ି ବସିଲା ପୁଲିସ। ଭଦ୍ରକ ଚାନ୍ଦବାଲି ରୋଡ ବାଇପାସ ନିକଟରେ ଥିବା ଏକ ଦୋକାନ ସମ୍ମୁଖରୁ ବାଇକ୍ ଚୋରି ଉଦ୍ୟମ କରୁଥିବା ବେଳେ ଖବର ପାଇ ପୁଲିସ କାବୁ କରି ସେମାନଙ୍କୁ ଥାନାକୁ ନେଇ ତଦନ୍ତ କରୁଛି।



## ଶିକ୍ଷାବିତ ଏକାଦଶୀ ନାୟକଙ୍କ ପରଲୋକ

ଅସୁରାଳି, ୪।୧୧(ସମିସ): ଧାମନଗର ବ୍ଲକ ଗୋବିନ୍ଦପୁର ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ୍ ଏକାଦଶୀ ନାୟକ (୯୧)ଙ୍କ ପରଲୋକ ହୋଇଛି। ତାଙ୍କ ବିୟେଗାରେ ଗୋବିନ୍ଦପୁର ନୁହଁ ସମଗ୍ର ବ୍ଲକ୍‌ରେ ଶୋକ ପ୍ରକାଶ ପାଇଛି। ଶିକ୍ଷକତା ଥିଲା ତାଙ୍କ ଜୀବନର ବ୍ରତ। ପ୍ରାରମ୍ଭିକ



ସମୟରେ ହାଟଡିହି ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ପରେ ଧାମନଗର ଓ ଶେଷରେ ସହିଦନଗର ଉଚ୍ଚ ବିଦ୍ୟାଳୟଠାରେ ଅବସର ଗ୍ରହଣ କରିଥିଲେ। ସେ ଅସୁରାଳିସ୍ଥିତ ଆଞ୍ଚଳିକ ମହାବିଦ୍ୟାଳୟଠାରେ ଅଧ୍ୟକ୍ଷ ପଦ ଗ୍ରହଣ କରିଥିଲେ। ତାଙ୍କ ବଡ଼ପୁଅ ମନୋଜ, ସାନପୁଅ ମଳୟ, ଝିଅ ମାନସୀ, ମିନାକ୍ଷୀ, ମନୀଷା, ବୋହୂ ଲକ୍ଷ୍ମୀପ୍ରିୟା ଉପସ୍ଥିତ ଥିଲେ। ଶେଷ ଦର୍ଶନ ନିମନ୍ତେ ବରିଷ୍ଠ ସାମ୍ବାଦିକ ଅନିଲ ବାରିକ, ପୁରାତନ ସମିତିସଭ୍ୟ ଶ୍ରୀକାନ୍ତ ନାୟକ, ପ୍ରେସ ୟୁନିଅନ ସଭାପତି ସନ୍ତୋଷ ଦାସ, ସମିତିସଭ୍ୟ ପ୍ରତିନିଧି ରାକେଶ ପତି, ରାଧାକୃଷ୍ଣ ପଣ୍ଡା, ବରିଷ୍ଠ ନାଗରିକ ଦୋଳଗୋବିନ୍ଦ ନାୟକ, ପ୍ରଶାନ୍ତ ନାୟକ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ତାଙ୍କ ମୃତଶରୀରକୁ ସମଗ୍ର ଗ୍ରାମ ପରିକ୍ରମା କରି ରାତି ୧୧ଟାରେ ଶବ ଦାହ କରାଯାଇଥିଲା। ମୁଖାଗ୍ନି ଦେଇଥିଲେ ନାତି ଅନୁଶ୍ୟ ନାୟକ।

## ଶିକ୍ଷକ ଦେବେନ୍ଦ୍ର ପାଣିଙ୍କୁ ବିଦାୟ ସମ୍ବର୍ଦ୍ଧନା

ଭଦ୍ରକ, ୪।୧୧(ସମିସ): ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ବ୍ଲକ ବିଷ୍ଣୁପୁର ପଞ୍ଚାୟତର ଜଗନ୍ନାଥ ଉଚ୍ଚବିଦ୍ୟାପୀଠର ହିନ୍ଦୀ ଶିକ୍ଷକ ଦେବେନ୍ଦ୍ରନାଥ ପାଣିଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସେ ଦୀର୍ଘ ୨୧ ବର୍ଷ ଉକ୍ତ ବିଦ୍ୟାଳୟରେ କାର୍ଯ୍ୟରତ ଥିଲେ। ଜଣେ ବୃକ୍ଷପ୍ରେମୀ ଓ ଛାତ୍ରବତ୍ସଳ ଶିକ୍ଷକ ଭାବେ ସୁନାମ ଅର୍ଜନ କରିଛନ୍ତି। ସେ ବିଦ୍ୟାଳୟ ତାଙ୍କଟ ଗୃହ ସଦୃଶ ଥିଲା ଓ ସେଠାରେ ସମସ୍ତେ ତାଙ୍କ ପରିବାର ସଦୃଶ ଥିଲେ ବୋଲି ସେ କହନ୍ତି। ବାଦ୍ୟଯନ୍ତ୍ର ବଜାଇ ଏକ ସୁସଜ୍ଜିତ ଗାଡ଼ିରେ ତାଙ୍କୁ ଆଖପାଖ ଗ୍ରାମ ବୁଲାଇ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅନୁଷ୍ଠିତ ଏକ ସଭାରେ ମୁଖ୍ୟଅତିଥି ଭାବେ



ଭଦ୍ରକ ଏବିଇଓ ଜଗବନ୍ଧୁ ସାହୁ ଓ ସମ୍ମାନିତ ଅତିଥି ଭାବେ ଭଣ୍ଡାରିପୋଖରୀ ବିଇଓ ଡ ପ୍ରଫୁଲ୍ଲ କୁମାର ସାହୁ ଓ ହିନ୍ଦୀ ଶିକ୍ଷା ସମିତି ଓଡ଼ିଶାର ମହାସଚିବ ଶ୍ରୀବତ୍ସ କରଶର୍ମା, ବିଷ୍ଣୁପୁର ସରପଞ୍ଚ ଅମୂଲ୍ୟ ନାୟକ, ସମିତିସଭ୍ୟା ଶୁଭଲକ୍ଷ୍ମୀ ପାଣିଗ୍ରାହୀ, ଏସଏମସି ସଭାପତି ବାସୁଦେବ ଗୋଛାୟତ, ଶିକ୍ଷାବିତ୍ ତଥା ସମାଜସେବୀ ଅରୁଣୋଦୟ ଖୁଲାର, ବହୁ ଦରଡ଼ା ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ସରୋଜ ପ୍ରଧାନ ଓ ହିନ୍ଦୀ ଶିକ୍ଷକ ସଂଘ ସଭାପତି ଦେବକିଶୋର ଦାସ ଯୋଗ ଦେଇଥିଲେ। ସଭାପତିତ୍ୱ କରିଥିଲେ ପ୍ରଧାନଶିକ୍ଷକ ଅଜୟ ନନ୍ଦ। ପରିଚାଳନା କରିଥିଲେ ଜଗନ୍ନାଥ ଉଚ୍ଚ ବିଦ୍ୟାପୀଠର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ।

## ରୌପ୍ୟ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ




ବାସୁଦେବପୁର, ୪।୧୧(ସମିସ): ବାସୁଦେବପୁର ଶହୀଦ ସ୍ମୃତି ସଂଗୀତ ମହାବିଦ୍ୟାଳୟର ୨ ଦିନ ଧରି ଚାଲିଥିବା ରୌପ୍ୟ ଜୟନ୍ତୀ ଉତ୍ସବ ଉଦଯାପିତ ହୋଇଯାଇଛି। ବ୍ଲକ ରୋଡ ପଲାଇ କଲୋନୀ ପରିସରରେ ଆୟୋଜିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ, ସ୍ୱତନ୍ତ୍ର ଅତିଥି ଭାବେ କୋଦଳାର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ବିଶ୍ୱରଞ୍ଜନ ବେହେରା, ଅନୁଷ୍ଠାନର ପ୍ରତିଷ୍ଠାତା ଲକ୍ଷ୍ମୀଧର ବେହେରା ଉଦବୋଧନ ଦେଇଥିଲେ। ଆୟୋଜିତ ସଭାର ଶହୀଦ ସ୍ମୃତି ମହାବିଦ୍ୟାଳୟର ସଭାପତି ମମତା ଜେନା ସଭାପତିତ୍ୱ କରିଥିଲେ। ଦ୍ୱିତୀୟ ଦିବସରେ ମୁଖ୍ୟଅତିଥି ଭାବେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ସମାଜସେବୀ ଉଦୟନାରାୟଣ ମଲ୍ଲିକ, ଉମାକାନ୍ତ ଖୁଣ୍ଟିଆ, କାଉନସିଲର ଜଗବନ୍ଧୁ ଦାସ ଓ ଅନୁଷ୍ଠାନର ପ୍ରତିଷ୍ଠାତା ଲକ୍ଷ୍ମୀଧର ବେହେରା ଉଦବୋଧନ ଦେଇଥିଲେ। ଶହୀଦ ସ୍ମୃତି ମହାବିଦ୍ୟାଳୟର ଉପସଭାପତି ରାଜେନ୍ଦ୍ର ନାରାୟଣ ମାହୁନ୍ତ ସଭାପତିତ୍ୱ କରିଥିଲେ। ଶହୀଦ ସ୍ମୃତି ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା।

## ଏଟିଏମ୍‌ରେ ବୃଦ୍ଧଙ୍କୁ ଲୁଟ୍ ଉଦ୍ୟମ ବେଳେ ଧରିଲେ ଲୋକେ

ଭଦ୍ରକ, ୪।୧୧(ସମିସ): ପୁଣି ଭଦ୍ରକ ପୁଲିସକୁ ଖୋଲ ଚ୍ୟାଲେଞ୍ଜ। ଏସ୍‌ପିଙ୍କ କାର୍ଯ୍ୟାଳୟ ନିକଟରେ ଲୁଟେରାଙ୍କ ଦୌରାତ୍ମ୍ୟ। ଏଟିଏମରୁ ଟଙ୍କା ଉଠାଇବା ପରେ ଗ୍ରାହକଙ୍କୁ ଲୁଟ ଉଦ୍ୟମ କରି ଜଣେ ଯୁବକ ଲୋକଙ୍କ ଦ୍ୱାରା ଧରାପଡ଼ିଛି। ଭଦ୍ରକ ସହରାଞ୍ଚଳ ଥାନା ଅଧୀନ କଲେଜ ରୋଡରେ ଥିବା ଭଦ୍ରକ ଏସପିଙ୍କ



କାର୍ଯ୍ୟାଳୟ ସମ୍ମୁଖରେ ଘଟିଛି ଘଟଣା। ସୂଚନା ଅନୁଯାୟୀ, ଜଣେ ବୃଦ୍ଧ ବ୍ୟକ୍ତି ଭଦ୍ରକ ଜିଲ୍ଲା ପୁଲିସ କାର୍ଯ୍ୟାଳୟ ନିକଟରେ ଥିବା ଏକ ଏଟିଏମରୁ ଟଙ୍କା ଉଠାଉଥିଲେ। ଏହି ସମୟ ତାଙ୍କ ଏଟିଏମରୁ ଟଙ୍କା ବାହାରିବା ମାତ୍ରକେ ଯୁବକ ଜଣକ ଟଙ୍କା ନେଇ ଦୌଡ଼ିଥିଲା। ଏହି ସମୟରେ ବୃଦ୍ଧ ଜଣକ ପାଟି କରିବାରୁ ରାସ୍ତାରେ ଯାଇଥିବା ଲୋକେ ଲୁଟେରା ଯୁବକୁ ମାଡ଼ି ବସିଥିଲେ। ପରେ ଏସପି କାର୍ଯ୍ୟଳୟରେ ମୁତୟନ ପୁଲିସ ଅଭିଯୁକ୍ତକୁ ଲୋକଙ୍କ କବଳରୁ ଉଦ୍ଧାର କରି ଭଦ୍ରକ ଏସପିଙ୍କ କାର୍ଯ୍ୟଳୟରେ ଅଟକ ରଖି ପଚରାଉଚରା କରି ଥାନାକୁ ପଠାଇଥିବା ଜଣାପଡ଼ିଛି।

## ପରିବେଶ ସୁରକ୍ଷା ପାଇଁ ବୃକ୍ଷ ରୋପଣ

ଭଣ୍ଡାରିପୋଖରୀ, ୪।୧୧(ସମିସ): ଭଣ୍ଡାରିପୋଖରୀ ବ୍ଲକର ସରପଦା ଗ୍ରାମରେ ପ୍ରାୟ ୩୦୦ ଲିମ୍ବ ଓ ଅନ୍ୟାନ୍ୟ ବୃକ୍ଷ ରୋପଣ କରାଯାଇଛି। ଗାଁ, ମା',ମାଟି, ପ୍ରକୃତି ଓ ଧରିତ୍ରୀର ସୁରକ୍ଷା ପାଇଁ 'ଜୟ ପରିବେଶ'ର ନାରା ଦେଉଥିବା ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ପରିବେଶପ୍ରେମୀ ମନୋଜ କୁମାର ରାଉତଙ୍କ ଆହ୍ୱାନ ଓ ସଂଯୋଜନାରେ ମଙ୍ଗଳବାର ବୃକ୍ଷ ରୋପଣ ସହ ବୃକ୍ଷର ସୁରକ୍ଷା ପାଇଁ ମଧ୍ୟ ପଦକ୍ଷେପ ନିଆଯାଇଛି। ଭଣ୍ଡାରିପୋଖରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଭରତଚନ୍ଦ୍ର କରଣ, ଭଣ୍ଡାରିପୋଖରୀ ମହାବିଦ୍ୟାଳୟର ଜାତୀୟ ସେବା ସଂସ୍ଥାର ସଦସ୍ୟ ଛାତ୍ରଛାତ୍ରୀଙ୍କ ସହ ଅନ୍ୟ ସ୍ୱେଚ୍ଛାସେବୀ 'ପପୁ-ଏଲି ଦାତବ୍ୟ ନ୍ୟାସ' ପକ୍ଷରୁ ଆୟୋଜିତ ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।



### ମିଳୁନି ସରକାରୀ ପ୍ରୋତ୍ସାହନ

# କୌଳିକ ବୃତ୍ତିରୁ ଦୂରେଇଛନ୍ତି ବାଉଁଶ କାରିଗର

ବନ୍ତ/ଆଗରପଡ଼ା, ୪।୧୧(ସମିସ): ରାଜ୍ୟରେ ବାଉଁଶ କାରିଗରୀ ଆସ୍ତେ ଆସ୍ତେ ଲୋପ ପାଇବାକୁ ବସିଛି। ଫଳରେ କାରିଗରମାନଙ୍କର ସାମାଜିକ ଓ ଆର୍‌ଥିକ ଦୁରବସ୍ଥା ବଢ଼ିବାରେ ଲାଗିଛି। ସରକାରୀ ପ୍ରୋସାହନର ସୁବିଧା ଥିଲେ ସୁଦ୍ଧା ବିଭାଗୀୟ ଉଦାସୀନତା ଯୋଗୁଁ ବାଉଁଶ କାରିଗରମାନେ ଦୁର୍ଦ୍ଦଶାରେ କାଳାତିପାତ କରୁଛନ୍ତି। ବାଉଁଶ କାରିଗରୀ ଲାଗି ସରକାରଙ୍କ କେତେକ ଯୋଜନା ଥିଲେ ମଧ୍ୟ ତାହା କାରିଗରଙ୍କ ପାଖରେ ଅପହଞ୍ଚ। କିଛି ସ୍ୱେଚ୍ଛାସେବୀ ସଙ୍ଗଠନ ସେହି ସଂପ୍ରଦାୟର କାରିଗରଙ୍କୁ ପ୍ରୋତ୍ସାହନ ଯୋଗାଇବା ଓ ସଚେତନ କରାଇବାର ଗୁରୁଦାୟିତ୍ୱ ନେଇଥିଲେ ସୁଦ୍ଧା ସେମାନଙ୍କ ମାନସିକତା ଅଭାବ ଓ ବିଭାଗୀୟ ଅଧିକାରୀଙ୍କ ଅଣଦେଖା ଯୋଗୁଁ ଏହା ହୋଇପାରୁନାହିଁ। ଯେତେ ନୂତନତ୍ୱକୁ ଆପଣେଇଲେ ମଧ୍ୟ ଏମିତି କିଛି ନିତ୍ୟାବଶ୍ୟକ ସାମଗ୍ରୀ ଅଛି ଯାହାର ପ୍ରତ୍ୟେକ କାର୍ଯ୍ୟରେ ନିତ୍ୟାନ୍ତ ଆବଶ୍ୟକ। ବିଭାଘର, ବ୍ରତଘର, ପୂଜା ଆଦିରେ ସର୍ବପ୍ରଥମେ ବାଉଁଶ ଓ ବେତରେ ତିଆରି ସାମଗ୍ରୀ କୁଲା, ନାଲିଆ, ଡଲା, ସେର, ମାଣ ଆଦିର ନିତାନ୍ତ ଆବଶ୍ୟକତା ରହିଥାଏ। ଏପରିସ୍ଥଳେ ସଂପ୍ରଦାୟ ତଥା ଏହି କାରିଗରୀକୁ ବୃତ୍ତିକରି ଜୀବିକା ନିର୍ବାହ କରୁଥିବା ବୃତ୍ତିଧାରୀ ଆଜି ଅବହେଳିତ। ସେମାନଙ୍କ କୌଳିକ ବୃତ୍ତିକୁ ପ୍ରୋତ୍ସାହନ ଦେବା ପାଇଁ କୌଣସି ସରକାରୀ ଅନୁଷ୍ଠାନର ଆଗ୍ରହ ନାହିଁ କିମ୍ବା କୌଣସି ବେସରକାରୀ ଅନୁଷ୍ଠାନର ସହଯୋଗ ନାହିଁ। ଯଦ୍ୱାରା ସେମାନେ ସେମାନଙ୍କର ବେଉସାରୁ ନିଜକୁ ଦୂରେଇ ଦେଇ ଅନ୍ୟ ପନ୍ଥା ଅବଲମ୍ବନ କରିବାକୁ ସତ ଚେଷ୍ଟିତ ହେବାକୁ ବସିଲେଣି। ଆଗରପଡ଼ା ଓ ଆଖପାଖ ଅଞ୍ଚଳ ଆଡ଼ିଆ, ଚାରିଗାଁ, ଜଳଙ୍ଗା, ଗେଲଟୁଆ, କୁଆପଦା ଆଦି ଗ୍ରାମରେ ୩୦୦ରୁ ୪୦୦ ପରିବାର ଏହି ବୃତ୍ତିକୁ ପ୍ରାଧେୟ କରି ଆଜିର ଆଧୁନିକ ଦୁନିଆରେ ନିଜର ପରିବାର ପ୍ରତିପୋଷଣ କରୁଛନ୍ତି।



ଚାରିଗାଁ ଗ୍ରାମରେ ଅବସ୍ଥିତ ଏହି ସଂପ୍ରଦାୟର କିଛି ପରିବାରକୁ ଯୋଗାଯୋଗ କରିବାରୁ ଜଣାପଡ଼େ ଯେ ସେମାନେ ତାଙ୍କ ପୂର୍ବ ପୁରୁଷ କରି ଆସୁଥିବା ଏହି ବେଉଷାକୁ ନିଜର ଜୀବିକା ରୂପେ ବାଛି ନେଇଛନ୍ତି। ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କୁଲା, ନାଲିଆ, ଡଲା, ଦଣ୍ଡୁରି, ଫୁଲଡଲା, ଶାଗଧୁଆ ପାଛିଆ, କୁକୁଡା ଝମ୍ପି, ଗଛ ମୁଡା, ଚଟେଇ, ବିଣା, ଖଟେଇ, ଚାଲୁଣି ଆଦି ତିଆରି କରିଥାନ୍ତି। ସେମାନେ କଟକର ବାଲି ଯାତ୍ରା, ଢେଙ୍କାନାଳର ଲକ୍ଷ୍ମୀପୂଜା, ଭଦ୍ରକର କାଳୀପୂଜା ଆଦି ସ୍ଥାନରେ ବିକ୍ରି ପାଇଁ ନେଇଥାଆନ୍ତି। ହାଟ ବାରିରେ ଯେପରିକି ଆଗରପଡ଼ାର 'ସୁଭଦ୍ରା ମହତାବ ହାଟ'ରେ ମଧ୍ୟ ଏହିସବୁ ଜିନିଷ ବିକ୍ରି ହୋଇଥାଏ। ଚାରିଗାଁ ଅଞ୍ଚଳର ଏହି ବେଉଷାକୁ ନିଜର ଜୀବିକା ରୂପେ ଗ୍ରହଣ କରିଥିବା କିଛି ପରିବାରର ସଦସ୍ୟଙ୍କ କହିବାନୁସାରେ, ସେମାନେ ପ୍ରତିଦିନ ୧୦ରୁ ୧୨ ଘଣ୍ଟା ପରିଶ୍ରମ କରି ଏକ ସପ୍ତାହ ମଧ୍ୟରେ ତିଆରି କରିଥିବା ସାମଗ୍ରୀକୁ ବିକ୍ରି କଲେ ସମୁଦାୟ ଖର୍ଚ୍ଚପରେ ୧୦୦୦ଟଙ୍କା ପାଇବା ମଧ୍ୟ କଷ୍ଟକର ହୋଇପଡ଼ିଥାଏ। ଆଧୁନିକ ଯୁଗରେ ଏହି ରୋଜଗାରରେ ସେମାନେ ତାଙ୍କ ପରିବାର ପ୍ରତିପୋଷଣ କରିବା ପାଇଁ କେତେ ଯେ କଷ୍ଟ ଅନୁଭବ କରୁଛନ୍ତି ସେମାନେ ହିଁ ଜାଣନ୍ତି। ବୁଣିବା ପାଇଁ ଦରକାର କରୁଥିବା ସାମଗ୍ରୀ କେରଟ, ବାଉଁଶ, ରଙ୍ଗ ଆଦି ସେମାନଙ୍କୁ କିଣିବାକୁ ପଡ଼ିଥାଏ। ଏଥିପାଇଁ ଯଦି ତାଙ୍କୁ ଆର୍ଥିକ ପ୍ରୋତ୍ସାହନ ମିଳିପାରନ୍ତା ତେବେ ସେମାନେ ତାଙ୍କ ବୃତ୍ତିକୁ ସୂଚାରୁ ରୂପେ ପରିଚାଳନା କରିପାରନ୍ତେ ବୋଲି କହନ୍ତି।

ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା କମ୍ ଥିବାରୁ ସରକାରଙ୍କ ଦ୍ୱାରା ପ୍ରଦତ୍ତ ସୁବିଧା ଓ ସୁଯୋଗ ସେମାନଙ୍କ ପାଖରେ ପହଞ୍ଚି ନ ପାରୁଥିବାର ସେମାନେ ଅଭିଯୋଗ କରନ୍ତି। ସରକାର ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ସୁଯୋଗ ସୃଷ୍ଟି କରିଥିବା ସ୍ଥଳେ ତାହା ଏହି ସଂପ୍ରଦାୟ ପାଖରେ ଆଜିବି ଅଜଣା। ସରକାର ଏହି ବାଉଁଶ କାରିଗରୀକୁ ଏକ କୁଟୀର ଶିଳ୍ପ ଭାବେ ଗ୍ରହଣକରି ଆବଶ୍ୟକ ସହାୟତା, ସହଯୋଗ ଓ ପ୍ରଶିକ୍ଷଣର ବ୍ୟବସ୍ଥା କଲେ ବାଉଁଶ ବେଉସା ବଞ୍ଚିବା ସହ ଲୋକଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆସନ୍ତା ବୋଲି ବୁଦ୍ଧିଜୀବୀମାବେ ମତପୋଷଣ କରିଛନ୍ତି।

# କାର୍ତ୍ତିକରେ ଲକ୍ଷ୍ମୀନାରାୟଣ ପୂଜା

ଢେଙ୍କାନାଳ,୪।୧୧(ସମିସ): ସ୍ଥାନୀୟ କୁଞ୍ଜକାନ୍ତ ପୋଖରୀ ନିକଟରେ ଥିବା ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ କାର୍ତ୍ତିକ ମାସର ପ୍ରତ୍ୟେକ ଦିନ ସ୍ଥାନୀୟ ମହିଳାମାନେ ରାଇଦାମୋଦର ପୂଜା ୨୬ଦିନ



ଚାଲିଥିବାବେଳେ ଶେଷ ୪ ଦିନ ଲକ୍ଷ୍ମୀନାରାୟଣ ପୂଜା ଅନୁଷ୍ଠିତ ହୋଇଛି। ପ୍ରାୟ ୫୦ଜଣ ମହିଳା ପ୍ରତ୍ୟେକ ଦିନ ସକାଳୁ ଗଙ୍ଗା ପୂଜା, ବାଲୁଙ୍କା ପୂଜା ଓ ଲକ୍ଷ୍ମୀନାରାୟଣଙ୍କ ପୂଜା କରୁଛନ୍ତି। ମହିଳାମାନଙ୍କ ମଧ୍ୟରେ ରାଧାକୃଷ୍ଣ ବେଶ ହୋଇ ନୃତ୍ୟ କରିଥାନ୍ତି। ମହିଳାଙ୍କ ମଧ୍ୟରେ ସ୍ନିଗ୍ଧାରାଣୀ ନନ୍ଦ, ଜ୍ୟୋତିର୍ମୟୀ ପଣ୍ଡା, ଦମୟନ୍ତୀ ନାଥ, ସସ୍ମିତା ଦାଶ, ପ୍ରଣତି ପଟ୍ଟନାୟକ, ଜ୍ୟୋତିର୍ମୟୀ ତ୍ରିପାଠୀ, ମମତା ତ୍ରିପାଠୀ, ସୌଭାଗିନୀ ରାଉତ, ସସ୍ମିତା ପଟ୍ଟନାୟକ ଓ ସୁଲୋଚନା ନାଥ ପ୍ରମୁଖଙ୍କ ସମେତ ବହୁ ମହିଳା ଯୋଗଦେଇ ପୂଜାକୁ ସଫଳ କରିଥିଲେ।

# ନୂଆଗାଁ ଗ୍ରାମରେ କାର୍ତ୍ତିକେଶ୍ୱର ପୂଜା

ଢେଙ୍କାନାଳ,୪।୧୧(ସମିସ): ଢେଙ୍କାନାଳ ସଦର ବ୍ଲକ୍ ଅନ୍ତର୍ଗତ ନୂଆଗାଁ ଗ୍ରାମରେ ଦୀର୍ଘ ବର୍ଷ ହେଲା କାର୍ତ୍ତିକେଶ୍ୱର ପୂଜା ଅନୁଷ୍ଠିତ ହେଉଛି। ଗ୍ରାମର ଉପର ସାହି ଓ ତଳସାହି ଧର୍ମର ସାହି, ନୂଆସାହି, ଜନୋ ସାହି, ଗୋଡି ସାହି, ବାହାଣିଆ ସାହିରେ କାର୍ତ୍ତିକେଶ୍ୱର ପୂଜା ପୂର୍ବପରି ୧୦୫ବର୍ଷ ଧରି ପଞ୍ଚୁକ ବ୍ରତ ପାଳନ ହୋଇଅଛି। ପ୍ରତ୍ୟେକ ମଣ୍ଡପରେ ପୌରାଣିକ କଥାବସ୍ତୁକୁ ପ୍ରତ୍ୟେକ, ସାଜ ସଜା ରଙ୍ଗୀନ ଆଲୋକମାଳରେ ଗ୍ରାମ ଝଲସି ଉଠୁଛି। ସନ୍ଧ୍ୟାପରଠାରୁ ପୂଜା



ଦେଖିବାପାଇଁ ଅନ୍ୟ ପାଖ ଗ୍ରାମର ଲୋକମାନେ ଭିଡ଼ ଜମୁଛି। ପୂଜା ମଣ୍ଡପରେ ପୂଜାପାଠ କରାଯାଉଛି। ଏଥିସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ନୂଆଗାଁ ଗ୍ରାମର ସଭାପତି, ଆର୍ତ୍ତବନ୍ଧୁ ମଲ୍ଲିକ, ଗ୍ରାମର ସମାଜସେବୀ, ସନ୍ତୋଷ କୁମାର ଭୂୟା, ମାନସ ରଞ୍ଜନ ଭୂୟା, ଟୁଲୁ ଭୂୟା, ନରେଶ ମଲ୍ଲିକ, ସମିତି ସଭ୍ୟ ପ୍ରଶନ ବେହେରା, ସଦର ଥାନା ଓ ତରଭା ଫାଣ୍ଡି ଅଧିକାରୀ ଉପସ୍ଥିତରେ ଆସନ୍ତା ୬ ତାରିଖରେ ଭସାଣି ଅନୁଷ୍ଠିତ ହେବ।

# ବଡ଼ଓଷା ଲାଗି କପିଳାସରେ ଶ୍ରଦ୍ଧାଳୁଙ୍କ ଭିଡ଼

ଗଁଦିଆ,୪।୧୧(ସମିସ): ଢେଙ୍କାନାଳ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ କପିଳାସରେ ବଡ଼ଓଷା ଉପଲକ୍ଷେ ମଙ୍ଗଳବାର ସକାଳୁ ଅପରାହ୍ଣ ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କର ଭିଡ଼ ପରିଲକ୍ଷିତ



ହୋଇଥଲା। ରାଜ୍ୟ ଓ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଲମ୍ବା ଧାଡ଼ି ଲାଗିଥିଲା। ମହାପ୍ରଭୁ ଶ୍ରୀଶ୍ରୀ ଚନ୍ଦ୍ରଶେଖରଜିଉ ଓ ମାତା ପାର୍ବତୀଙ୍କ ଦର୍ଶନ କରିଥିଲେ। ବଡ଼ଓଷା ଭୋଗ ସହ ପ୍ରସାଦ ସେବନ ମଧ୍ୟ କରିଥିଲେ। ସେହିପରି ଢେଙ୍କାନାଳ ଜିଲାର ଜାତୀୟସ୍ତରର ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇଥିବା ଉନ୍ନକୋଟୀଶ୍ୱର, ଅଷ୍ଟଶମ୍ଭୁ, ନାଗନାଥଶ୍ୱର ଆଦି ଶୈବପୀଠରେ ବଡ଼ଓଷା ପର୍ବ ପାଳିତ ହୋଇଯାଇଛି। ଗଁଦିଆ ବ୍ଲକ୍‌ର ବଣିଆପୋଡ଼ାର ସ୍ୱପ୍ନେଶ୍ୱର ମନ୍ଦିର, କରମୂଳର ଅନ୍ନକଟ୍ରେଶ୍ୱର, କାବେରାର କନ୍ଲେଶ୍ୱର ବଟେଶ୍ୱର ମନ୍ଦିର ଦଧିସିଙ୍ଗାର ଚମ୍ପାଶ୍ୱର, ସନ୍ଥପୁରର ବାଲୁଙ୍କେଶ୍ୱର ଆଦି ଅଞ୍ଚଳରେ ଥିବା ଶିବ ମନ୍ଦିରରେ ଥିବା ବଡ଼ ଓଷା ଉପଲକ୍ଷେ ଠାକୁରଙ୍କ ଦର୍ଶନ ପାଇଁ ଭିଡ଼ ହୋଇଥିଲା। ଅଧିକାଂଶ ସ୍ଥାନରେ ମନ୍ଦିରଗୁଡ଼ିକୁ ଆଲୋକ ମାଳାରେ ସଜ୍ଜିତ କରାଯାଇଥିବା ଦେଖିବାକୁ ମିଳିଥିଲା।

## ଖଣି ମାଫିଆଙ୍କ ଭୂସ୍ୱର୍ଗ ପାଲଟିଛି ଓଡ଼ାପଡ଼ା ତହସିଲ ଅଞ୍ଚଳ

# ମିଳିଛି ୩୭ ଖଣିର ଅନୁମୋଦନ; ଖୋଲୁଛନ୍ତି ଶତାଧିକ

ହିନ୍ଦୋଳ,୪।୧୧(ସମିସ):

ଢେଙ୍କାନାଳ ଜିଲ୍ଲାର ଓଡ଼ାପଡ଼ା ତହସିଲ ଅଞ୍ଚଳରେ ବେଆଇନ ଭାବେ ଖଣି ମାଫିଆ ଖଣି ଖନନ କରୁଥିବା ଜଣାପଡ଼ିଛି। ଦିନଦ୍ୱିପ୍ରହରରେ ହଜାର ହଜାର ଟ୍ରିପ୍ କଳା ମୁଗୁନି ପଥର ସହିତ ଖଣିଜ ସମ୍ପଦ ତହସିଲ ପ୍ରଶାସନ ଜ୍ଞାତସାରରେ ଲୁଟ୍ କରାଯାଉଥିବା ଅଭିଯୋଗ ହେଉଛି। ଓଡ଼ାପଡ଼ା ଅଞ୍ଚଳରେ ମାତ୍ର କିଛି ଖଣି ଅନୁମତି ପାଇଥିବାବେଳେ ମୋଟା ଅଙ୍କର ମାସିକିଆ ଚାନ୍ଦାଦେଇ

## ବିଭାଗୀୟ ଅଧିକାରୀ ନିରବଦ୍ରଷ୍ଟା

ତା' ଠାରୁ ଢେର ଅଧିକ ଖଣିରୁ ଦିନରାତି ଏକ କରି ହଜାର ହଜାର ଟ୍ରିପ୍‌ର ଖଣିଜ ସମ୍ପଦ ଲୁଟ୍ କରାଯାଉଛି। ଫଳରେ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ମାଫିଆ ଓ ସରକାରୀ ଅଧିକାରୀ, ରାଜନେତା ମାଲାମାଲ ହେଉଛନ୍ତି। ଦୈନିକ ହଜାର ହଜାର ଟ୍ରିପ୍‌ର ଲଘୁ ଖଣିଜ ଅନ୍ତଃଜିଲ୍ଲା ଚୋରା ଚାଲାଣ ହେଉଛି। ଏମିତି କି ଜିଲ୍ଲା ଖଣିଜ ବିଭାଗ ଓ ସ୍ଥାନୀୟ ତହସିଲ ପ୍ରଶାସନକୁ ହାତ ବାରିସୀ କରି କରିତକର୍ମା ଖଣି ମାଲିକଙ୍କଠାରୁ ଜୋର ଜବରଦସ୍ତ ବେସରକାରୀ ଚାନ୍ଦା ଆଦାୟ କରାଯାଉଥିବା ଅଭିଯୋଗ ହେଉଛି। ଯିଏ ମୋଟା ଅଙ୍କର ଚାନ୍ଦା ନଦେଲା ଜାଣିଶୁଣି ଉକ୍ତ ଖଣିକୁ ଆକ୍ରୋଶମୂଳକ ଭାବରେ ବନ୍ଦ



କରିଦେଉଥିବା ମଧ୍ୟ ଚର୍ଚ୍ଚା ହେଉଛି। ନିଜର ଦୋଷ ଦୁର୍ବଳତା ଓ ଦୁର୍ନୀତିକୁ ଘଣ୍ଟ ଘୋଡ଼ାଇବା ପାଇଁ ସୂଚନା ଅଧିକାର ଆଇନ ବଳରେ ବାରମ୍ବାର ତଥ୍ୟ ମାଗିଲେ ମଧ୍ୟ ଜାଣିଶୁଣି ତଥ୍ୟ ଲୁଚାଉଛି ତହସିଲ ପ୍ରଶାସନ। ଓଡ଼ାପଡ଼ା ତହସିଲ ଅଞ୍ଚଳରେ କେତେ ଖଣି ଚାଲିଛି, କାହାକୁ କେତେ ପରିମାଣର ଖଣିଜ ଦ୍ରବ୍ୟ ଉତ୍ତୋଳନ କରିବାର ସରକାରୀ ଅନୁମତି ଦିଆଯାଇଛି, ତାହାର ସନ୍ତୋଷ ଜନକ ତଥ୍ୟ ନଦେଇ ପ୍ରଶାସନ ଦୁର୍ନୀତିକୁ ଲୁଚାଉଥିବା କଥା ସାମ୍ନାକୁ ଆସିଛି। ସୂଚନା ଅଧିକାର ଆଇନ ଚିଠି ନଂ ୩୨୬୩ ବଳରେ ମଗାଯାଇଥିବା ତଥ୍ୟ ଅନୁସାରେ ସମ୍ପୂର୍ଣ୍ଣ ଓଡ଼ାପଡ଼ା ତହସିଲ ଅଞ୍ଚଳରେ ମାତ୍ର ୩୭ଟି ଖଣି ରହିଥିବା ବେଳେ ବାସ୍ତବରେ କିନ୍ତୁ ସରକାରୀ ନିୟମକୁ ଫୁ' କରି ଶହ ଶହ ବେଆଇନ କଳାମୁଗୁନି ପଥର ଖଣି ଉତ୍ତୋଳନ ହେଉଛି। ମାଙ୍କଡ଼ା ପଥର ଖଣି, ବାଲି ଘାଟ ଏବଂ ମାଟି ଇଟାଭାଟି ମଧ୍ୟ ଗଢ଼ି ଉଠିଛି। ଏଠି ପ୍ରଶ୍ନ ଉଠୁଛି ମାତ୍ର ୩୭ଗୋଟି ଖଣି ଅନୁମତି ପାଇଥିବା ବେଳେ କିଭଳି ଦୈନିକ ଶହ ଶହ ଟ୍ରିପର ଲଘୁ ଖଣିଜ ପଦାର୍ଥ ତହସିଲ କାର୍ଯ୍ୟାଳୟ ସାମ୍ନାରେ ଯାତାୟାତ କରୁଛି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସୂଚନାଅନୁସାରେ ବେଆଇନ ମୂଲ୍ୟବାନ କଳାମୁଗୁନି ପଥର ଖଣି ଗୁଡ଼ିକରେ ଡିନାମାଇଟ୍ ଦ୍ୱାରା ବିସ୍ଫୋରଣ ଯୋଗୁଁ କମ୍ପନ ସୃଷ୍ଟି ହୋଇ ସ୍ଥାନୀୟ ଲୋକଙ୍କ ଘର, ଛାତ ଓ କାନ୍ଥ ଫାଟି ଯାଉଛି। ଅତ୍ୟନ୍ତ ଗଭୀର ଆଉ ଏତେ ପରିମାଣର ପଥର ଉତ୍ତୋଳନ କରାଯାଉଛି ଯେ, ଜଙ୍ଗଲ ଭରା ପାହାଡ଼ର ପ୍ରାକୃତିକ ସୌନ୍ଦର୍ଯ୍ୟ ନଷ୍ଟ ହୋଇ ବିକଳାଙ୍ଗ ଦିଶୁଛି। ଧୂଳି ଧୂଆଁ ଓ ବିସ୍ଫୋରଣର ଶବ୍ଦ ପ୍ରଦୂଷଣ ସ୍ଥାନୀୟ ଅଞ୍ଚଳରେ ପରିବେଶ ଜନିତ ସମସ୍ୟା ସୃଷ୍ଟି କରୁଛି। ଯେଉଁଥିରେ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ବନ୍ୟ ପ୍ରାଣୀ ପ୍ରଭାବିତ ହେଉଛନ୍ତି ଏବଂ ବିରାଟ କାୟ ହ୍ରଦର ସୃଷ୍ଟି କରୁଛି। ଯାହା ଫଳରେ ଜଙ୍ଗଲି ଜନ୍ତୁ, ହାତୀ ଗତିପଥ ବଦଳି ଜନବସତି ମୁହାଁ ହେଉଛି। ସର୍ବସାଧାରଣ ରାସ୍ତାରେ ଭାରିଯାନ ଅହରହ ଯାତାୟାତ କରୁଥିବାରୁ ଛୋଟ ଛୋଟ କୋମଳମତି ସ୍କୁଲ ଛାତ୍ର ଛାତ୍ରୀଙ୍କ ଠାରୁ ଆରମ୍ଭ କରି କଲେଜ ଛାତ୍ରଛାତ୍ରୀ, ଜନସାଧାରଣ ଗୁରୁତର ପ୍ରଭାବିତ ହେବାସହ ସଡକ ଦୁର୍ଘଟଣା ହେବାର ଯଥେଷ୍ଟ ସମ୍ଭାବନା ରହୁଛି। ଏ ସମ୍ପର୍କରେ ଅଧିକ ସୂଚନା ପାଇଁ ଉପଜିଲ୍ଲାପାଳଙ୍କ ସହିତ ଯୋଗାଯୋଗ କରିବାରୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଓଡ଼ାପଡ଼ା ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଓଡ଼ାପଡ଼ା ତହସିଲ ଅଞ୍ଚଳରେ ଥିବା ବେଆଇନ ଖଣିଗୁଡ଼ିକର ତଦନ୍ତ କରାଯାଇ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ କରିବା ପାଇଁ ଦାବି ହୋଇଛି।

# ତୈଳିକ ବୈଶ୍ୟ ସମାଜର ବୋଇତ ବନ୍ଦାଣ ଉତ୍ସବ



ଢେଙ୍କାନାଳ,୪।୧୧(ସମିସ): ସଦର ବ୍ଲକ୍ ମଙ୍ଗଳପୁର ତୈଳିକ ବୈଶ୍ୟ ସମାଜର ୨ୟ ବାର୍ଷିକ ବୋଇତ ବନ୍ଦାଣ ଉତ୍ସବ ପାଳନ ଅବସରରେ ପ୍ରଥମେ ମଜୁରୀ ଛକ ମା' ମଙ୍ଗଳାଙ୍କ ମନ୍ଦିର ପ୍ରାଙ୍ଗଣରେ ବୋଇତ ପୂଜା କରାଯାଇଛି। ବୋଇତ ସାଙ୍ଗରେ ସମାଜର ସମସ୍ତ ଚୂଳିଭାଇମାନେ ଦାଣ୍ଡରେ ବୋଇତକୁ ପୂଜାର୍ଚ୍ଚନା କରିବା ସହିତ ବନ୍ଦାପନା କରାଯାଇଥିଲା। ଏଥିରେ ଉପଦେଷ୍ଟା ପୁରୁଷୋତ୍ତମ ସାହୁ, ସଭାପତି ବିଚିତ୍ରାନନ୍ଦ ସାହୁ, ସମ୍ପାଦକ ଜଳନ୍ଧର ସାହୁ, ଉପସଭାପତି ବଲ୍ଲଭ ଚନ୍ଦ୍ର ଦାସ, ସମସ୍ତ କମିଟି ସଭ୍ୟ ତଥା ବିଚିତ୍ରାନନ୍ଦ ଦାସ, ଦୈତାରୀ ସାହୁ, ନିତ୍ୟାନନ୍ଦ ସାହୁ, ସୁଧାକର ପୃଷ୍ଟି, ବ୍ରଜବନ୍ଧୁ ସାହୁ, ଅଭିମନ୍ୟୁ ଦାସ, ଗଗନ ବିହାରୀ ଦାସ, ବାସୁଦେବ ଦାସ, ଦୀପକ କୁମାର ସେନାପତି, ଜିତେନ୍ଦ୍ର ସାହୁ, ମାଧବ ଚନ୍ଦ୍ର ସାହୁ, ବିଘ୍ନେଶ୍ୱର ସାହୁ, ମଥୁରା ଦାସ ଏବଂ ଆମ ସମାଜ କୀର୍ତ୍ତନ ମଣ୍ଡଳୀମାନଙ୍କ ଦ୍ୱାରା ମିଳିତ ସହଯୋଗରେ ମହାସମାରୋହରେ ବୋଇତ ବନ୍ଦାଣ ଉତ୍ସବ ପାଳନ କରାଯାଇଥିଲା।

# ଆଜି କାର୍ତ୍ତିକ ପୂର୍ଣ୍ଣିମା
# ରୋଜଗାର ଦେଇଛି ଡଙ୍ଗା ବେପାର

ଗଁଦିଆ,୪।୧୧(ସମିସ): ଆସନ୍ତା କାଲି ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା। ଭୋରୁ ବ୍ରତଧାରୀମାନେ ଡଙ୍ଗା ଭସାଇବେ। ଏଥିପାଇଁ ବଜାରରେ ନାନା ରକମର ଡଙ୍ଗା ବିକ୍ରି ହେଉଛି। ଓଡ଼ିଆ ଜାତିର ସଂସ୍କୃତି, ପରମ୍ପରାର ପ୍ରତୀକ ଏହି ଡଙ୍ଗାଭସା ପୂର୍ଣ୍ଣିମା। କିଏ କଦଳୀ ପଟୁଙ୍ଗାରେ ଡଙ୍ଗା ଭସାଇଥାନ୍ତି ତ ପୁଣି କିଏ ସୋଲ, କାଗଜରେ ତିଆରି ଡଙ୍ଗା ଭସାଇଥାନ୍ତି। କାର୍ତ୍ତିକ ଆସିଲେ ଏହି କାଗଜ, ସୋଲ ଆଦି ଡଙ୍ଗା ତିଆରି ତଥା ବ୍ୟବସାୟ କେତେକଙ୍କୁ ରୋଜଗାର ଦେଇଥାଏ। ସେଥିମଧ୍ୟରୁ ସୋଲ କାରିଗର ହେଲେ ଗଁଦିଆ ବ୍ଲକର ମିଲୁ ପାତ୍ର ଓ ଦୀପକ ସାହୁ। ପାଖାପାଖି ଷାଠିଏ ପ୍ରକାର ଡଙ୍ଗା ତିଆରି କରି ବଜାରରେ ବିକ୍ରି କରନ୍ତି। ଏହାର ମୂଲ୍ୟ ୫ ଟଙ୍କାରୁ ଆରମ୍ଭ ହୋଇ ୩୦୦ ଟଙ୍କା ପର୍ଯ୍ୟନ୍ତ। କାର୍ତ୍ତିକ ପୂର୍ଣ୍ଣିମାର ଏକ ମାସ ଆଗରୁ ଡଙ୍ଗା ତିଆରିରେ ଲାଗିପଡ଼ନ୍ତି। ମିଲୁ ପାତ୍ର ଏବଂ ଦୀପକ ସାହୁ ବିଭିନ୍ନ ପ୍ରକାର ଡଙ୍ଗା ପ୍ରସ୍ତୁତ କରିଥାନ୍ତି। ଡଙ୍ଗା



ତିଆରି ପାଇଁ ବିଭିନ୍ନ ପ୍ରକାର ସାମଗ୍ରୀ କଟକରୁ ଆଣିଥାନ୍ତି। କଞ୍ଚାମାଲ ସଂଗ୍ରହ କରି ସେଥିରେ ମନ୍ଦିର, ବତକ ହଂସ ଓ ଯୁଦ୍ଧଜାହାଜ ଆକୃତିର ଡଙ୍ଗା ତିଆରି କରିଥାନ୍ତି। ମିଲୁ ପାତ୍ର, ଦୀପକ ସାହୁଙ୍କ ହାତତିଆରି ଡଙ୍ଗା ପାଇଁ ବିଭିନ୍ନ ଅଞ୍ଚଳର ବ୍ୟବସାୟୀମାନେ ଭିଡ଼ ଜମାଇଥାନ୍ତି। ଏହା ସହ ସ୍ଥାନୀୟ ଗଁଦିଆ ବଜାର ସହ ଆଖପାଖ ଅଞ୍ଚଳରେ ବିକ୍ରି କରିଥାନ୍ତି। ଏଥିରୁ ପରିବାର ପ୍ରତିପୋଷଣ କରିବା କଷ୍ଟକର ହେଉଥିଲେ ହେଁ ପରମ୍ପରା ବଜାୟ ରଖିଛନ୍ତି ବୋଲି କୁହନ୍ତି।

# ଏଫ୍‌ଏଲ୍‌ଏନ୍ ଡିପିଏମ୍‌ୟୁର ଦ୍ୱିତୀୟ ତ୍ରୈମାସିକ ବୈଠକ

ଢେଙ୍କାନାଳ,୪।୧୧(ସମିସ): ଢେଙ୍କାନାଳ ଜିଲ୍ଲା ଶିକ୍ଷା ବିଭାଗର ଏଫ୍‌ଏଲ୍‌ଏନ୍ ଡିପିଏମ୍‌ୟୁର ଦ୍ୱିତୀୟ ତ୍ରୟମାସିକ ବୈଠକ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ



ଅଧ୍ୟକ୍ଷତାରେ ଜିଲ୍ଲା ସଦ୍‌ଭାବନା ଗୃହରେ ଅନୁଷ୍ଠିତ ହୋଇଯାଇଛି। କମିଟିର ଆବାହକ ତଥା ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁ ବୈଠକର ଉଦେଶ୍ୟ ଜ୍ଞାପନ କରିବା ସହ ବିଗତ ୩ ମାସରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କ୍ଷେତ୍ରରେ ଯେଉଁସବୁ ଶୈକ୍ଷିକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା ଓ ସେଗୁଡିକର ପ୍ରଗତି ସମ୍ପର୍କରେ ତଥ୍ୟ ସମ୍ବଳିତ ବ୍ୟାଖ୍ୟା କରିଥିଲେ। ସେହିପରି ଆଗାମୀ ୩ ମାସରେ ଯେଉଁସବୁ କାର୍ଯ୍ୟକ୍ରମ ହାତକୁ ନିଆଯିବ ସେଗୁଡିକର ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଆଗାମୀ ଦିନରେ ଜିଲ୍ଲାରେ ନିପୁଣ ସେଲ ଗଠନ, ନିପୁଣ ବିଦ୍ୟାଳୟ ଓ ସେଗୁଡ଼ିକର ରୂପାନ୍ତରଣ ଏବଂ ସିଆର୍‌ସିସିଙ୍କ ସାମର୍ଥ୍ୟ ବିକାଶ କରାଯିବା ଲାଗି ନିଷ୍ପତ୍ତି ହୋଇଥିଲା। ଏଥିସହିତ ଛାତ୍ରଛାତ୍ରୀଙ୍କୁ ପ୍ରକଳ୍ପ ଭିତ୍ତିକ କାର୍ଯ୍ୟ ମାଧ୍ୟମରେ ପାଠପଢ଼ା ନିମିତ୍ତ ପରାମର୍ଶ ଜିଲ୍ଲାପାଳ ଶ୍ରୀ ପାଟିଲ ପ୍ରଦାନ କରିଥିଲେ। ସେହିପରି ଜିଲ୍ଲାର ୧୫୩ ଟି ନିପୁଣ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ନେଇ ନିପୁଣ ବିଦ୍ୟାଳୟ ର ସୂଚକ ଗୁଡିକ ସମ୍ପର୍କରେ ତାଲିମ ପ୍ରଦାନ କରାଯିବା ନିମନ୍ତେ ଆଲୋଚନା ହୋଇଥିଲା। ବୈଠକରେ ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଦିପ୍ତୀରଞ୍ଜନ ସେଠୀ, ଜିଲ୍ଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବ୍ରହ୍ମତ୍ରୀ ବିଶ୍ୱାଳ, ମନୋଜ ରଞ୍ଜନ ଦଳେଇ, ଜିଲ୍ଲା ମଙ୍ଗଳ ଅଧିକାରୀ ରୁଦ୍ର ପ୍ରସନ୍ନ ପରିଜା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସଂଗୀତା ପାତ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଭିଷେକ ବେହେରା, ଶୋଭାର ନିର୍ଦ୍ଦେଶକ ଉଦୟନ୍ଦୁ ମିଶ୍ର, ଜିଲ୍ଲାର ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଏବଂ ସଦସ୍ୟ ଉପସ୍ଥିତ ଥିଲେ। କମିଟି ସଦସ୍ୟା ତଥା ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ପ୍ରତିଭା ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଭୁବନ ବଡ଼ଓଷାରେ ୨୮୦ ହାଣ୍ଡି ଭୋଗ



ଭୁବନ,୪।୧୧(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନର ବାବା ବୁଦ୍ଧେଶ୍ୱର ପୀଠ ବଡ଼ଓଷା ପାଇଁ ଚଳଚଞ୍ଚଳ ହୋଇ ଉଠିଛି। କାହିଁ କେଉଁ ଅନାଦି କାଳରୁ ବହୁ ପୁରାତନ ବାବା ବୁଦ୍ଧେଶ୍ୱର ଶୈବ ପୀଠରେ କାର୍ତ୍ତିକ ମାସରେ ପ୍ରବଳ ଭିଡ଼ ହୋଇଥାଏ। ବଡ଼ଓଷାରେ ଭଣ୍ଡାର ଭୋଗ ପାଇଁ ସ୍ୱତନ୍ତ୍ର ନୀତିନିୟମ ଅନୁଯାୟୀ ଘରର ସମସ୍ତ ସଦସ୍ୟ ଉପବାସ ରହି ଅରୁଆ ଚାଉଳ, କଦଳୀ, ନଡ଼ିଆ, ଖିର, ଚିନି, ଗୁଆଘିଅ, କାଜୁ, କିସମିସ, ଗୁଜୁରାତି, ଗୋଲମରିଚ, ଧନିଆଁ, ଲବଙ୍ଗ, ତେଜପତ୍ର ଓ ଅଦା ପକାଇ ବାବା ବୁଦ୍ଧେଶ୍ୱରଙ୍କ ନିକଟରେ ସମର୍ପଣ କରିବା ପରେ ଭଣ୍ଡାର ଭୋଗ ହାଣ୍ଡିରେ ଫୁଲ ଧଣ୍ଡା ଦେଇ ଭୋଗ ସମ୍ପୂର୍ଣ୍ଣ ହୋଇଥାଏ। ଏହା ପରେ ଭଣ୍ଡାର ଭୋଗକୁ ମାନସିକଧାରୀ ନେଇ ଶ୍ରଦ୍ଧାଳୁଙ୍କୁ ବାଣ୍ଟିବା ସହିତ ନିଜେ ପାଇଥାନ୍ତି। ଚଳିତବର୍ଷ ୨୮୦ଟି ଭଣ୍ଡାର ଭୋଗ ହୋଇଥିବା ବେଳେ ବଡ଼ଓଷା ଭଣ୍ଡାର ଭୋଗ ପାଇଁ ଭୁବନ ତଥା ଆଖପାଖ ଅଞ୍ଚଳରୁ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥାଏ। ଭଣ୍ଡାର ଭୋଗ କରି ନିଜ ନିଜର ମାନସିକ ପୂରଣ କରିବା ସହିତ ବାବା ବୁଦ୍ଧେଶ୍ୱରଙ୍କ ଆଶିଷ ଲାଭ ମଧ୍ୟ କରିଥାନ୍ତି ଶ୍ରଦ୍ଧାଳୁ। ତେବେ ଆଜିଠାରୁ ଆର୍ଯ୍ୟ ସମାଜ ପକ୍ଷରୁ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିବା ବେଳେ ଭୁବନ ସଙ୍କୀର୍ତ୍ତନ ମଣ୍ଡଳୀ ପକ୍ଷରୁ ୨୪ ପ୍ରହର ନାମ ଜ୍ଞାନ ଯଜ୍ଞ ମଧ୍ୟ ଚାଲୁଅଛି। ଭୁବନବାସୀଙ୍କ ସମେତ ପରିଚାଳନା କମିଟି ସହଯୋଗ କରିଥିଲେ।

# ଶିଶୁ ବିକାଶ ଉତ୍ସବ ଉଦ୍‌ଘାଟିତ



ଢେଙ୍କାନାଳ,୪।୧୧(ସମିସ) ସଦର ବ୍ଲକ୍ ରାଧାଦେଇପୁରଠାରେ ବାଜିରାଉତ ଶିଶୁ ବିକାଶ ପରିଷଦ ଆନୁକୂଲ୍ୟରେ ୩୫ତମ ଶିଶୁ ବିକାଶ ଉତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ସମାଜସେବୀ ଶିଶିର ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ବିରଞ୍ଚି ନାରାୟଣ ହୋତା ଯୋଗଦେଇ ଆଚାର୍ଯ୍ୟ ହରିହରଙ୍କ ଉକ୍ତିକୁ ଉଦ୍ଧାରକରି ଶିଶୁମାନେ ଆଗାମୀ ଦିଗରେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। କେବଳ ଭଲ ପାଠ ପଢ଼ିଲେ ନୁହେଁ, ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ରାଧାଦେଇପୁର ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସୁଧାକର ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ମୁରଲୀଧର ସାହୁ, ଲୋକନାଥ ଷଡ଼ଙ୍ଗୀ, ରାଧାଦେଇପୁର ସମିତିସଭ୍ୟ ଗଙ୍ଗାଧର ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ସମାଜସେବୀ ନିର୍ମଳଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ବିକ୍ରମ ସେଠୀ ସଂଯୋଜନା କରିଥିଲେ। କୈଳାସଚନ୍ଦ୍ର ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ। ଶିଶୁ ବିକାଶ ପରିଷଦର ସମ୍ପାଦକ ସୁରେଶଚନ୍ଦ୍ର ସାହୁ ଓ ବିକାଶ ଜେନା ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ଶିଶୁମାନେ ନୃତ୍ୟ, ସଙ୍ଗୀତ, ଏକକ ଅଭିନୟ ଆଦି ପ୍ରଦର୍ଶନ କରିଥିଲେ। ଏହି ଉତ୍ସବ ୩ଦିନ ଧରି ଅନୁଷ୍ଠିତ ହେବ।

## ଗ୍ରାମ୍ୟ ଉନ୍ନୟନ ବିଭାଗରେ ମହାଦୁର୍ନୀତି!

# ବିନା ଟେଣ୍ଡରରେ ୨୦ କାର୍ଯ୍ୟାଦେଶ ବଣ୍ଟନ

ଢେଙ୍କାନାଳ,୪।୧୧(ସମିସ):

ହିନ୍ଦୋଳ ଉପଖଣ୍ଡର ଗ୍ରାମ୍ୟ ଉନ୍ନୟନ ବିଭାଗରେ ବିନା ଟେଣ୍ଡରରେ ୨୦ଟି କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିବାର ଜଣାପଡ଼ିଛି। ବିଭାଗରେ ବିଗତ ଦିନରେ ବହୁ ରାସ୍ତା କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ବାରମ୍ବାର ଜନସାଧାରଣରେ ଅଭିଯୋଗ ହୋଇଆସୁଥିବା ବେଳେ, ଏ ନେଇ ମଧ୍ୟ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପାଇ ଆସିଛି। ମାତ୍ର ଏ ସମ୍ପର୍କରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଉପଖଣ୍ଡର ପୂର୍ତ୍ତ ବିଭାଗ ରାସ୍ତାଠାରୁ ବସଲା ରାସ୍ତା, ପୂର୍ତ୍ତ ବିଭାଗ ରାସ୍ତାଠାରୁ ବାର୍ଷିଙ୍ଗା ରାସ୍ତା ଓ କାନ୍ତମିଳା, ଭଳି ବହୁ ରାସ୍ତା କାର୍ଯ୍ୟ ସରିବାର ୬ ମାସ ଭିତରେ ରାସ୍ତାରୁ ପିଚୁ ଉଠିଯିବା ଓ କାର୍ଯ୍ୟ ସମୟରେ ଯନ୍ତ୍ରୀଙ୍କର କାର୍ଯ୍ୟ ସ୍ଥଳରେ ଦେଖା ନମିଳିବା ଘଟଣା ପୂର୍ବରୁ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପାଇ ଆସିଛି। ପୂର୍ତ୍ତ ବିଭାଗଠାରୁ ବାର୍ଷିଙ୍ଗା ରାସ୍ତା କାର୍ଯ୍ୟ ସରିବାର ଗୋଟିଏ ମାସ ପରେ ପିଚୁ ଉଠିଯିବା ପରେ ମଧ୍ୟ ଏହାର କୌଣସି ତଦନ୍ତ ନହେବା ଓ ରାସ୍ତାର ମରାମତି ନହେବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏବେ ବିନା ଟେଣ୍ଡରରେ କିଛି ନେତାଙ୍କୁ ସନ୍ତୁଷ୍ଟ କରିବା ପାଇଁ କାର୍ଯ୍ୟାଦେଶ ଦିଆଯାଇଥିବା ଜଣାପଡ଼ିଛି। ବିନା ଟେଣ୍ଡରରେ ଦୀର୍ଘ ୫୦ ବର୍ଷ ହେଲା କୌଣସି କାର୍ଯ୍ୟ ହୋଇନଥିବା ବେଳେ କିପରି ଏବେ ବିନା ଟେଣ୍ଡରରେ ଠିକାଦାରଙ୍କୁ କାର୍ଯ୍ୟାଦେଶ ଦିଆଯାଇଛି, କାହା ଇସାରାରେ ଏହି ସବୁ କାର୍ଯ୍ୟାଦେଶ ଦିଆଯାଇଛି ହିନ୍ଦୋଳ ଉପଖଣ୍ଡ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି। ମୋଟା ଅଙ୍କର ହାତଗୁଞ୍ଜା ନେଇ ବିଭାଗୀୟ ଅଧିକାରୀ ନିମ୍ନମାନର କାର୍ଯ୍ୟ କରିବାପାଇଁ ଠିକାଦାର ଚୟନ କରିଥିବାର ଅଭିଯୋଗ ହୋଇଛି। ଉପଖଣ୍ଡର ପୂର୍ତ୍ତ ବିଭାଗ ରାସ୍ତା ଠାରୁ ପଞ୍ଚପଡ଼ା ରାସ୍ତାର ଉନ୍ନତିକରଣ, କୁନୁଆଁ ଗ୍ରାମ୍ୟ ଉନ୍ନୟନ ରାସ୍ତାର ଉନ୍ନତୀକରଣ, ଗିରିଧର ପ୍ରସାଦଠାରୁ ବଡ଼ବହାଳ ରାସ୍ତାର ଉନ୍ନତିକରଣ, ଖଜୁରିଆ କଟାଠାରୁ ସଂଜପଡ଼ା ରାସ୍ତାର ଉନ୍ନତିକରଣ, ପାଇକପୁରୁଣା କୋଟଠାରୁ ଧଡୁବେରେନି, ଗ୍ରାମ୍ୟ ଉନ୍ନୟନ ରାସ୍ତା ଠାରୁ କାରନ୍ଦା, ପୂର୍ତ୍ତ ବିଭାଗ ରାସ୍ତା ଠାରୁ ରାଣୀବଣିଆ, ପୂର୍ତ୍ତ ବିଭାଗ ରାସ୍ତାଠାରୁ ଗୁଣ୍ଡେଇ, ପୂର୍ତ୍ତ ବିଭାଗ ରାସ୍ତା ଠାରୁ ଧଳପୁର, ବାମ୍ପା ଜଗନ୍ନାଥ ମନ୍ଦିର ଠାରୁ ବ୍ରାହ୍ମପୁର, ଗ୍ରାମ୍ୟ ଉନ୍ନୟନ ରାସ୍ତାଠାରୁ ଖାଲିବରୀ, ପୂର୍ତ୍ତ ବିଭାଗ ରାସ୍ତାଠାରୁ ପଡ଼ା ରାସ୍ତା, ଖଜୁରିଆ କଟାରୁ ସଞ୍ଜପଡ଼ା, ବାହାଲୁଣ୍ଡା ଠାରୁ ଇଲିରିସିଙ୍ଗା ରାସ୍ତା, ପୂର୍ତ୍ତ ବିଭାଗ ରାସ୍ତା ଠାରୁ ଗୁଲେହି ନିମବହାଲି ରାସ୍ତା, କଣ୍ଟାମିଲା ଠାରୁ ଗୋବର୍ଦ୍ଧନପୁର ରାସ୍ତା, ଗଦାଶିଳା ଠାରୁ ବଳରାମ ପୁର, ପୂର୍ତ୍ତ ବିଭାଗ ରାସ୍ତା ଠାରୁ ପାଷାସିଙ୍ଗି ରାସ୍ତାର କାର୍ଯ୍ୟ କରାଯିବ। ଏଥିପାଇଁ ଟେଣ୍ଡର ପକାଯିବା ପାଇଁ ନୋଟିସ ଜାରି କରିବା ନିୟମ ରହିଥିବା ବେଳେ ଏହି ନୋଟିସକୁ ବିଭିନ୍ନ ଖବରକାଗଜରେ ପ୍ରକାଶ କରାଯାଇ ଟେଣ୍ଡର ପ୍ରକ୍ରିୟା ସମ୍ପନ୍ନ ହେବା କଥା। ମାତ୍ର ତାହା ନକରି ବିନା ଟେଣ୍ଡରରେ ବିଭାଗ ଦ୍ୱାରା ରାଜନୈତିକ ଚାପରେ ଠିକାଦାର ଚୟନ କରାଯାଇଛି। ଏଥିପାଇଁ ଟେବୁଲ ଟେଣ୍ଡର ମାଧ୍ୟମରେ କାର୍ଯ୍ୟାଦେଶ ଦେବାକୁ ବିଭାଗୀୟ ଅଧିକାରୀ ମସୁଧା ଚଳାଇଥିବାର ଜଣାପଡ଼ିଛି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ଅଧୀକ୍ଷଣ ଯନ୍ତ୍ରୀ ସୋନାଲି ସୁଚରିତା ରାଉତଙ୍କୁ ଯୋଗାଯୋଗ କରିବାରେ ସେ କୁହନ୍ତି ଉପରୁ ନିର୍ଦ୍ଦେଶ ଆସିଛି। ସେହି ନିର୍ଦ୍ଦେଶ ବଳରେ ଆମେ କୌଣସି ଟେଣ୍ଡର ନଡାକି ହିନ୍ଦୋଳ ଉପଖଣ୍ଡର ୨୦ ଟି କାର୍ଯ୍ୟର କାର୍ଯ୍ୟାଦେଶ ଦେବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛୁ।

## ■ ବନ ବିଭାଗର ଚଢ଼ଉ

# ଶାଳ ଗଣ୍ଡି ସହ ଶିକାର ସାମଗ୍ରୀ ଜବତ; ୨ ଗିରଫ

ପରଜଙ୍ଗ,୪।୧୧(ସମିସ): ଢେଙ୍କାନାଳ ବନଖଣ୍ଡ ମହାବିରୋଡ ବନାଞ୍ଚଳ ଡିହଡୋଳ ସେକ୍ସନ ବନପାଳ ପରଜଙ୍ଗ ଅଞ୍ଚଳରେ ଚଢ଼ଉ କରି ଶାଳ ଗଣ୍ଡି, ବନ୍ୟଜନ୍ତୁ ଶିକାର କରିବା



ପାଇଁ ଲଗାଯାଇଥିବା ସାମଗ୍ରୀ ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରିଛନ୍ତି। ପରଜଙ୍ଗ ଥାନା କଙ୍କଡ଼ାସୋଡ଼ା ଗ୍ରାମରେ ଶାଳ ଗଛ କାଟି ଚାଲାଣ କରିବା ପାଇଁ ଗଚ୍ଛିତ ରଖିଥିବା ଖବର ପାଇ ଡିହଡୋଳ ସେକ୍ସନ ବନପାଳ ଚନ୍ଦ୍ର ସିଂହ ଓ ଅନ୍ୟ ବନ କର୍ମଚାରୀ ଚଢ଼ଉ କରିଥିଲେ। ଚଢ଼ଉବେଳେ ଗ୍ରାମର ଅଜିତ ସାହୁଙ୍କୁ ଗିରଫ କରିବା ସହ ୩୦ ଘନଫୁଟର ଶାଳ ଗଣ୍ଡି ଜବତ କରିଥିଲେ। ସେହିପରି କଟାବାହାଳ ଗ୍ରାମରେ ଜଣେ ବ୍ୟକ୍ତି ନିଜ ବଗିଚାରେ ବନ୍ୟଜନ୍ତୁ ଶିକାର କରିବା ପାଇଁ ଫାଶ ପ୍ରସ୍ତୁତ କରିଥିବା ଖବର ପାଇ ବନ କର୍ମଚାରୀ ଚଢ଼ଉ କରିଥିଲେ। ଫାଶ ପ୍ରସ୍ତୁତ କରିଥିବା ଲୋକକୁ ଗିରଫ କରିବା ସହ ସମସ୍ତ ସାମଗ୍ରୀ ଜବତ କରି କାର୍ଯ୍ୟାଳୟକୁ ଆଣିଥିଲେ। ଉଭୟ ଚୋରା କାଠ ଚାଲାଣକାରୀ ଓ ବନ୍ୟଜନ୍ତୁ ଶିକାରୀକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଡିହଡୋଳ ସେକ୍ସନ ବନପାଳ କହିଛନ୍ତି।

# ସର୍ଟସର୍କିଟରୁ କକା ମୃତ, ଝିଅାରୀ ଗୁରୁତର

କେସିଙ୍ଗା,୪।୧୧(ସମିସ): କଳାହାଣ୍ଡି ଓ ବଲାଙ୍ଗିର ଜିଲ୍ଲା ସୀମାନ୍ତ କେସିଙ୍ଗାକୁ ଲାଗିଥିବା ଲୁଥୁରବନ୍ଧ ଗ୍ରାମର ଜଣେ ୬୭ ବର୍ଷର ବୟସର ବୃଦ୍ଧ ଲକ୍ଷେଶ୍ୱର ସାହା ବିଦ୍ୟୁତ୍ ସର୍ଟସର୍କିଟ ଲାଗି ମୃତ୍ୟୁ ଘଟିଥିବା ବେଳେ ଜଣେ ୨୦ବର୍ଷୀୟା ଝିଅାରୀ ଗୁରୁତର ଆହତ ହୋଇଥିବା ଜଣାପଡିଛି। ଗୁରୁତରକୁ ପ୍ରଥମେ

## କ୍ଷତିପୂରଣ ଦାବିକଲା ପରିବାରବର୍ଗ

କେସିଙ୍ଗା ଓ ପରେ ଭବାନୀପାଟଣାକୁ ସ୍ଥାନାନ୍ତରିତ କରାଯାଇଛି। ପ୍ରାପ୍ତ ସୂଚନା ଅନୁଯାୟୀ ଟିଟଲାଗଡ ବ୍ଲକ୍ ଲିଥୁରବନ୍ଧ ଗ୍ରାମର ଲକ୍ଷେସ୍ୱର ସାହା ନିଜ ଗୁହାଳରେ ଗାଇ ଠାରୁ ଦୁଗ୍ଧ ସଂଗ୍ରହ କରିବାକୁ ଉଦ୍ୟମ କରୁଥିବା ସମୟରେ ପାଖରେ ଥିବା ବିଦ୍ୟୁତ୍ ଖୁଣ୍ଟରୁ ସର୍ଟସାର୍କିଟ ଯୋଗୁଁ ଆଘାତ ହୋଇ ଶ୍ରୀସାହା ମୂର୍ଚ୍ଛା ହୋଇ ତଳେ ପଡି ଯାଇଥିଲେ।ତାଙ୍କ ବଞ୍ଚାଇବା ପାଇଁ ଝିଅାରୀ ସୀତା ସାହା(୨୦)ଉଦ୍ୟମ କରୁଥିବାବେଳେ ତାକୁ ମଧ ବିଦ୍ୟୁତ୍ ଆଘାତ୍ ଲାଗିଥିଲା।ଭାଗ୍ୟବଶତ ସୀତାଙ୍କ ଜୀବନ ବଞ୍ଚି ଯାଇଥିଲା।

ଉଭୟଙ୍କୁ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆ ଯାଇଥିଲା।ଲକ୍ଷେଶ୍ୱର ସାହାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।ଗୁରୁତର ହୋଇଥିବା ସୀତା ସାହାଙ୍କୁ ଭବାନୀପାଟଣାକୁ ସ୍ଥାନାନ୍ତରିତ କରାଯାଇଛି।ମୃତ ଶ୍ରୀ ସାହାଙ୍କ ପୁତୁରା ସୁନ୍ଦର ମନ ସାହା ବିଦ୍ୟୁତ୍ ବିଭାଗର ଅବହେଳାରୁ ସର୍ଟ ସାର୍କିଟ ହୋଇଛି ବୋଲି କହି ମୃତଙ୍କ ପରିବାରଙ୍କୁ କ୍ଷତିପୂରାଣ ପାଇଁ ଦାବି କରିଛନ୍ତି। ଏ ନେଇ ଆଇ ଆଇ ସି ଜିତେନ୍ଦ୍ର ବିଶ୍ୱାଳଙ୍କୁ ପଚାରିବାରୁ ଅଭିଯୋଗ ମିଳିଛି ୟୁଡ଼ି କେଶ ନ ୨୨/୨୫ ଅନୁସାରେ କେଶ ରୁଜୁ କରାଯାଇଛି। ତଦନ୍ତ ପରେ ସତ୍ୟା ସତ୍ୟ ସାମ୍ନା ଆସିବ ବୋଲି ପ୍ରକାଶ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ଶବ ହସ୍ତାନ୍ତର କରିଥିବା ଜଣାପଡ଼ିଛି।

'ମୋନ୍ଥା' ପ୍ରଭାବରେ ଅମଳକ୍ଷମ ଧାନ ଗଜା

# କ୍ଷତିପୂରଣ ପାଇଁ ତହସିଲଦାରଙ୍କ ଦ୍ୱାରସ୍ଥ ଚାଷୀ

ଧର୍ମଗଡ଼,୪।୧୧(ସମିସ)



କଳାହାଣ୍ଡି ଜିଲ୍ଲା ଧର୍ମଗଡ ବ୍ଲକ୍ ଅଞ୍ଚଳରେ ବାତ୍ୟା 'ମୋନ୍ଥା'ର ପ୍ରକୋପ ନ ଥିଲେ ମଧ ବାତ୍ୟାର ପ୍ରଭାବରେ ହୋଇଥିବା ବର୍ଷା ଓ ପବନ ଯୋଗୁଁ ଚାଷୀଙ୍କ ଅମଳ ଯୋଗ୍ୟ ଧାନ ଫସଲ ବ୍ୟାପକ କ୍ଷୟକ୍ଷତି ହୋଇଛି। ବର୍ଷା ଓ ପବନ ହେବା ଯୋଗୁଁ ଧାନ ଜମିରେ ପାଣି ଜମି ରହିବା ଫଳରେ ଅଧିକାଂଶ ଜମିରେ ଧାନ ଗଛ ଚାଷ ଜମିରେ ଶୋଇପଡିଛି। ତେବେ ଆଉ ଅଳ୍ପ ଦିନ ପରେ ଚାଷୀ ଧାନ ଅମଳ କରି ଖଳା ବାରିକୁ ଆଣିବା ପାଇଁ ସଜବାଜ ହେଉଥିବା ବେଳେ ଅଦିନିଆଁ ବର୍ଷା ଯୋଗୁଁ ଚାଷ ଜମିରେ ପାଣି ଜମି ପାଚିଲା ଧାନ ଗଜା ଉଠିଥିବା ନେଇ ଚିନ୍ତାରେ ଚାଷୀ।

ପ୍ରାୟତଃ ଚାଷୀ ଧାନ ଉପରେ ନିର୍ଭରଶିଳ ଥିବା ବେଳେ ଧାର କରଜ କରି ଚାଷ କରିଥାନ୍ତି। ଧାନ ବ୍ୟୟ ବହୁଳ ଚାଷ ହୋଇଥିବାରୁ କ୍ଷୟକ୍ଷତି ଯୋଗୁଁ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। କ୍ଷତିଗ୍ରସ୍ତ ଚାଷୀ ଏବେ ଚିନ୍ତାରେ ପଡ଼ିଥିବା ବେଳେ ଚାଷୀଙ୍କୁ କ୍ଷତିପୂରଣ ଦେବା ପାଇଁ ଧର୍ମଗଡ ବ୍ଲକ୍ ଅନ୍ତର୍ଗତ ଲୁହଗାଁ, ଗଡାଗୁଡା, ସାଗୁନଭାଡିର ପ୍ରମୁଖ ଚାଷୀ ମଙ୍ଗଳବାର ଦିନ ଧର୍ମଗଡ ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଚାଷୀଙ୍କ ଅଭିଯୋଗ ଅନୁଯାଇ ଗତ ଲଘୁଚାପ ବର୍ଷା ଓ ପବନ ପ୍ରଭାବରେ ବହୁଳ ପରିମାଣରେ ଧାନ ଚାଷ କ୍ଷୟକ୍ଷତି ହୋଇଥିବା ଦାବି ପତ୍ରରେ ଉଲ୍ଲେଖ କରାଯାଇଛି।ଉଚିତ ତଦନ୍ତ ଓ କ୍ଷୟକ୍ଷତିର ଆକଳନ କରି ସହାୟତା ଯୋଗେଇଦେବାକୁ ଚାଷୀ ନବ କିଶୋର ନାଏକ,କନ୍ଦର୍ପ ନାଏକ, କୃଷ୍ଣ ତାଣ୍ଡି, ଟିକେରାମ ସାହୁ, ଡିଙ୍ଗର ଗୋପାଳ,ମହିନ୍ଦ୍ର ନାଏକ, ଖଗେଶ୍ୱର ନାଏକ,ପୁରୁଷୋତ୍ତମ ଭୋଇ ପ୍ରମୁଖ ଦାବି କରିଛନ୍ତି।

ଏନେଇ ତହସିଲଦାରଙ୍କୁ ପଚାରିବାରୁ ତୁରନ୍ତ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯିବ ରିପୋର୍ଟ ଆସିଲା ପରେ ସରକାରଙ୍କୁ ଜଣାଇଦିଆଯିବ ବୋଲି କହିଥିଲେ। ଅନ୍ୟପଟେ ବ୍ଲକ୍ କୃଷି ଅଧିକାରୀ ହେମାନନ୍ଦ ମାଝୀଙ୍କୁ ପଚାରିବାରୁ ବର୍ଷା କମ୍ ହୋଇଛି। ପବନ ଯୋଗୁଁ ଧର୍ମଗଡ ବ୍ଲକ୍ ଅଞ୍ଚଳର ଲୁହାଗାଁ, କନାଗାଁ, କାଙ୍କେରୀ, ଟିପିଗୁଡା, ଚିଲିଚିଲା, ବୋଡେନ ତରାପୁର,ଗଡିଆଜୋର ସମେତ ଅନେକ ସ୍ଥାନରେ ଧାନ ଫସଲ ଚାଷ ଜମିରେ ଶୋଇପଡ଼ିଥିବା ସ୍ୱୀକାର କରିଛନ୍ତି।

# ଆସୁନାହିଁ ଆମ୍ବୁଲାନ୍ସ,ରୋଗୀ ହନ୍ତସନ୍ତ

ଜୟପାଟଣା,୪।୧୧(ସମିସ):ସରକାର ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାରେ ଦିନକୁ ଦିନ ବିଫଳ ହେଉଛନ୍ତି।ରୋଗରେ ପୀଡିତ ଥିବା ବେଳେ ଲୋକେ ହସ୍ପିଟାଲକୁ ଯିବାପାଇଁ ମଧ ଠିକ ସମୟରେ ମିଳୁନାହିଁ ଆମ୍ବୁଲାନ୍ସ।ଯେଉଁ ଆମ୍ବୁଲାନ୍ସ ଗୁଡ଼ିକ



ରହିଛି ସେଠି ଆବଶ୍ୟକ ଭିତ୍ତିଭୂମି ମଧ ରହୁନାହିଁ। ଫଳରେ ରୋଗୀ ହନ୍ତସନ୍ତ ହେବା ସହ ସ୍ୱାସ୍ଥ୍ୟସେବା ବ୍ୟାଘାତ ହେଉଛି। ଜୟପାଟଣା ଅଞ୍ଚଳରେ ଫେଲ ମାରିଛି। ୧୦୮ ଆମ୍ବୁଲାନ୍ସ ସେବା,ଜରୁରୀ ସମୟରେ ଲୋକଙ୍କ ପାଖକୁ ପହଁଞ୍ଚି ପାରୁନାହିଁ ଆମ୍ବୁଲାନ୍ସ। କେବେ ରୋଗୀ ନେଲା ବେଳେ ବାଟରେ ଗାଡି ଅଚଳ ହେଉଛି ତୋ କେବେ କେବେ ଗାଡି ନାହିଁ ବୋଲି ମନା କରିଦେଉଛନ୍ତି ୧୦୮ କଲ ସେଣ୍ଟର କର୍ମଚାରୀ।ଦୀର୍ଘ ଚାରି ଦିନ ହେଲେ ମୁଖୀଗୁଡା ଭତରାପଡାର ୪୦ ବର୍ଷୀୟ ଆଦିବାସୀ ଯୁବକ କର୍ଣ୍ଣ ମହୁଲଡ଼ିକି ରୋଗରେ ପୀଡିତ ହୋଇ ମରଣ ସହ ସଂଗ୍ରାମ କରୁଥିଲେ। ଜ୍ୱର ଓ ପ୍ରବଳ ବାନ୍ତି ହେବା ପରେ ତଳେ ଏକ ଜରି ପାଲରେ ପଡି ରହିଥିଲେ।ତାଙ୍କର କେହି ସମ୍ପର୍କୀୟ ମଧ ନାହାନ୍ତି।ସେ ୧୨ ବର୍ଷ ବୟସର ହୋଇଥିବା ବେଳେ ଘରୁ କୁଆଡେ ଚାଲିଯାଇଥିଲେ।ଦୀର୍ଘ ୧୮ ବର୍ଷ ପରେ ଗତ କିଛି ମାସ ତଳେ ନିଜ ଗାଁକୁ ଫେରିଥିବା ବେଳେ ଏକ ଜରିପାଲ ସାହରାରେ ରହୁଥିଲେ।ଲୋକଙ୍କ ଘରେ କାମ କରି ଯିଏ ଯାହା ଦେଲା ଖାଇ ରହୁଥିଲେ। କିନ୍ତୁ ଗତ ଚାରି ଦିନ ହେଲା ତାଙ୍କ ଦେହ ଅସୁସ୍ଥ ହୋଇ ତଳେ ପଡି ରହିଥିଲେ।ଏନେଇ ପଡୋଶୀ ଲୋକେ ତାଙ୍କୁ ଜୟପାଟଣା ହସ୍ପିଟାଲ ନେବା ପାଇଁ ଆମ୍ବୁଲାନ୍ସକୁ ଫୋନ କରିଥିବା ବେଳେ ଦୀର୍ଘ ୫ ଘଣ୍ଟା ପରେ ମଧ ପହଁଞ୍ଚିନଥିଲା ଆମ୍ବୁଲାନ୍ସ। ଏ ସମ୍ପର୍କରେ ଜୟପାଟଣା ମେଡ଼ିକାଲ କର୍ତ୍ତୃପକ୍ଷ,ଜୟପାଟଣା ବିଡ଼ିଓ, ମୁଖୀଗୁଡା ସରପଞ୍ଚଙ୍କୁ ଅବଗତ କରାଯାଇଥିଲା।ଶେଷରେ ଅଗ୍ନିଶମ ଗାଡ଼ିଆସି ନେଇଥିଲା ହସ୍ପିଟାଲ।ଯଦି ଉକ୍ତ ସମୟରେ କର୍ଣ୍ଣଙ୍କ କଣ ହୋଇଯାଇଥାନ୍ତା ତେବେ କିଏ ଦାୟୀ ହେବେ ବୋଲି ଲୋକେ ପ୍ରଶ୍ନ କରିଛନ୍ତି।ଜୟପାଟଣା ବ୍ଲକ୍ ବର୍ତ୍ତମାନ ସ୍ଥାୟୀ ଆମ୍ବୁଲାନ୍ସ ନଥିବା ବେଳେ ଦୀର୍ଘ ଦିନ ହେବ ଏଭଳି ସମସ୍ୟା ଦେଖାଦେଇଛି।ରୋଗୀ ଜରୁରୀ କାଳୀନ ସମୟରେ ଆମ୍ବୁଲାନ୍ସ ଆବଶ୍ୟକ କରୁଥିଲେ ମଧ ତାଙ୍କ ପାଖକୁ ଆମ୍ବୁଲାନ୍ସ ସେବା ପହଞ୍ଚି ପାରୁନାହିଁ।ଯାହାଫଳରେ ଗରିବ ଲୋକମାନେ ହନ୍ତସନ୍ତ ହେଉଛନ୍ତି। ଜିଲ୍ଲା ପ୍ରଶାସନ ତଥା ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ ଗ୍ରହଣ ବୋଲି ସାଧାରଣରେ ଦାବି ହେଉଛି।

# ବୈରାଗ୍ୟାନନ୍ଦ ମହାରାଜଙ୍କ ଜନ୍ମ ଉତ୍ସବ



ମ.ରାମପୁର,୪।୧୧(ସମିସ): ଶ୍ରୀରାମକୃଷ୍ଣ ଆଶ୍ରମ ପରିସରରେ ପ୍ରତିଷ୍ଠାତା ସ୍ୱାମୀ ବୈରାଗ୍ୟାନନ୍ଦ ମହାରାଜଙ୍କ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭାରତର ବିଭିନ୍ନ ପ୍ରାନ୍ତରୁ ଓ ଓଡିଶାରୁ ୫୦ ଜଣ ସାଧୁ ଓ ଭକ୍ତଙ୍କ ସମାଗମ ହୋଇଥିଲା। ପ୍ରାତଃରୁ ପୂଜା,ହୋମ ସମାପନ ପରେ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲା।ପରେ ମଟୋଗଣ୍ଡାସ୍ଥିତ ଆଶ୍ରମରେ ଥିବା ସ୍ୱାମୀ ବୈରାଗ୍ୟାନନ୍ଦ ମହାରାଜଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳିଜ୍ଞାପନ କରାଯାଇଥିଲା। ଏହି ଅବସରରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଆଶ୍ରମର ସଂପାଦକ ସ୍ୱାମୀ ଅଶୋକାନନ୍ଦଜୀ ଅଧ୍ୟକ୍ଷତା କରିଥିବା ବେଳେ ନିମନ୍ତ୍ରିତ ଅତିଥିମାନେ, ସାଧୁବୃନ୍ଦ ସ୍ୱାମୀ ବୈରାଗ୍ୟାନନ୍ଦଜୀଙ୍କ କାର୍ଯ୍ୟଦକ୍ଷତା,ସେବା ମନୋବୃତ୍ତିକୁ ନେଇ ଅନୁଭୂତି ପ୍ରକାଶ କରିଥିଲେ।

# କୁମୁଦିନୀ ତ୍ରିପାଠୀଙ୍କ ବିୟୋଗ



ଭବାନୀପାଟଣା,୪।୧୧(ସମିସ) ବିଶିଷ୍ଟ ଭଜନ ଗାୟକ ଜଗନ୍ନାଥ ତ୍ରିପାଠୀଙ୍କ ମା' କୁମୁଦିନୀ ତ୍ରିପାଠୀ ମଙ୍ଗଳବାର ସକାଳ ୧୦ଘଣ୍ଟା ସମୟରେ ଇହଲୀଳା ତ୍ୟାଗ କଲେ। ଦୀର୍ଘଦିନ ଧରି ସେ ଚିକିତ୍ସିତ ହେଉଥିଲେ।ମୃତ୍ୟୁ ବେଳକୁ ତାଙ୍କ ବୟସ ୮୫ବର୍ଷ ହୋଇଥିଲା। ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିବା ସହ ଆତ୍ମାର ସଦଗତି କାମନା କରିଛନ୍ତି। ତାଙ୍କ ଶେଷ ସମୟରେ ତାଙ୍କପୁତ୍ର ଜଗନ୍ନାଥ ତ୍ରିପାଠୀ, ସୀମାଞ୍ଚଳ ତ୍ରିପାଠୀ, ନୀଳାଚଳ ତ୍ରିପାଠୀ ଏବଂ ଝିଅ ମଣିକିୟ ତ୍ରିପାଠୀ, ମହାଲକ୍ଷ୍ମୀ ତ୍ରିପାଠୀ ଏବଂ ସମସ୍ତ ନାତି ଏବଂ ନାତୁଣୀ ପରିବାର ବର୍ଗ ଉପସ୍ଥିତ ଥିଲେ।ପୁରୀ ସ୍ୱର୍ଗ ଦ୍ୱାରରେ ଆସନ୍ତା କାଲି ସଂସ୍କାର କରାଯିବ।

# ମହାବୀର ସାଂସ୍କୃତିକ ଅନୁଷ୍ଠାନର ବାର୍ଷିକ ଉତ୍ସବ



ଭବାନୀପାଟଣା,୪।୧୧(ସମିସ): ଭବାନୀପାଟଣା ସ୍ଥିତ ଓଡ଼ିଶାର ଅଗ୍ରଣୀ ସାଂସ୍କୃତିକ ସଂଗଠନ ମହାବୀର ସାଂସ୍କୃତିକ ଅନୁଷ୍ଠାନ ଦୀର୍ଘ ୬୧ବର୍ଷ ଧରି କଳା, ସାହିତ୍ୟ, ସଂସ୍କୃତି, ପରମ୍ପରା, ସମାଜସେବା ଆଦି ବିଭିନ୍ନ କ୍ଷେତ୍ରରେ ଏକ ସମର୍ପିତ ଅନୁଷ୍ଠାନ। ଚଳିତ ବର୍ଷ ବାର୍ଷିକ ଉତ୍ସବ (ମହାବୀର ମହୋତ୍ସବ) ୨୦୨୫ ସପ୍ତାହ ବ୍ୟାପି ସାଂସ୍କୃତିକ କାର୍ଯ୍ୟକ୍ରମ ଆସନ୍ତା ୮ ତାରିଖରୁ ଆରମ୍ଭ ହୋଇ ୧୪ରେ ସମାପନ ହେବ ବୋଲି ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

ସାତଦିନ ବ୍ୟାପୀ ପ୍ରତିଯୋଗିତା, ପ୍ରଦର୍ଶନୀ, ଶୋଭାଯାତ୍ରା, ସମ୍ମାନ, ସମ୍ବର୍ଦ୍ଧନା, ଆଲୋଚନାଚକ୍ର, କବିତା ପାଠୋତ୍ସବ,ଭଏସ୍ ଅଫ୍ କଳାହାଣ୍ଡି ଆଦି କାର୍ଯ୍ୟକ୍ରମ ଯୋଡି ହୋଇ ରହିଛି। ଲୋକନୃତ୍ୟ ଘୁମୁରା ଓ ବଜାଶାଲକୁ ବିଶ୍ୱରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବାରେ ମହାବୀର ସାଂସ୍କୃତିକ ଅନୁଷ୍ଠାନର ଅଗ୍ରଣୀ ଭୂମିକା ସହିତ ଚଳିତ ବର୍ଷ କଳାହାଣ୍ଡିର ଲୋକସାହିତ୍ୟକୁ ନେଇ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଆୟୋଜନ କରିବାକୁ ଯାଉଛି।

ପୂଜ୍ୟପୂଜାକ୍ରମରେ ଚଳିତ ବର୍ଷ ବିଶିଷ୍ଟ ଲୋକକବି ସତ୍ୟନାରାୟଣ ନାଏକଙ୍କୁ "ମହାବୀର ସମ୍ମାନ',ବିଶିଷ୍ଟ ପ୍ରାବନ୍ଧିକ ଓ ସ୍ତମ୍ଭକାର ଡକ୍ଟର ଚନ୍ଦ୍ରଶେଖର ହୋତାଙ୍କୁ"ରାଜ୍ୟସ୍ତରୀୟ ଭୁବନେଶ୍ୱର ବେହେରା ସାହିତ୍ୟ ସମ୍ମାନ',ବିଶିଷ୍ଟ ନାଟ୍ୟକାର,ନିର୍ଦ୍ଦେଶିକା ସୁସ୍ମିତା ରଣା, ବାଲେଶ୍ୱରଙ୍କୁ "ରାଜ୍ୟସ୍ତରୀୟ ନାଟ୍ୟରଶ୍ମି ପ୍ରଫୁଲ୍ଲ ରଥ ନାଟ୍ୟ ସମ୍ମାନ',ଅନ୍ତର୍ଜାତୀୟ ପାରାବ୍ୟାଡ୍‌ମିଣ୍ଟନ୍ ଖେଳାଳି ଆକାଶ ମୁଣ୍ଡଙ୍କୁ "କଳାହାଣ୍ଡି ଯୁବ ପ୍ରତିଭା ପୁରସ୍କାର', ନଳିନୀପ୍ରଭା ନାଏକଙ୍କୁ "ପଦ୍ମା ଷଡ଼ଙ୍ଗୀ ସୁଗୃହିଣୀ ସମ୍ମାନ' ପ୍ରଦାନ କରିବା ସହ କଳା, ସାହିତ୍ୟ, କ୍ରୀଡ଼ା, କୃଷି, ସମାଜସେବା, ଲୋକନୃତ୍ୟ, ଅଭିନୟ ଆଦି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନ ଓ ସମ୍ବର୍ଦ୍ଧନା କରାଯିବ। ଭାରତବର୍ଷର ବିଭିନ୍ନ ରାଜ୍ୟର ଶିଶୁ ଚିତ୍ରଶିଳ୍ପୀଙ୍କୁ ନେଇ କଳାହାଣ୍ଡି ଆର୍ଟ ଫାଉଣ୍ଡେସନ୍ ଆନୁକୂଲ୍ୟରେ "ଜାତୀୟ ଶିଶୁ ଚିତ୍ରକଳା ପ୍ରଦର୍ଶନୀ'ଜାରି ରଖୁଛି।

## ମହାବୀର ମହୋତ୍ସବ ୨୦୨୫'

କଳାହାଣ୍ଡି ଜିଲ୍ଲାର ସଂଗୀତ ସାଧକମାନଙ୍କୁ ପ୍ରୋତ୍ସାହନ ଦେବାପାଇଁ ବିଗତ ବର୍ଷମାନଙ୍କ ଭଳି ଏବର୍ଷ ମଧ ରିଏଲିଟି ସୋ "ଭଏସ୍ ଅଫ୍ କଳାହାଣ୍ଡି' କାର୍ଯ୍ୟକ୍ରମ ବିଭିନ୍ନ ସୋପାନର ପ୍ରତିଯୋଗୀଙ୍କୁ ନେଇ ଆୟୋଜନ କରାଯିବ। ସ୍କୁଲ ଓ କଲେଜ ସ୍ତରୀୟ ପ୍ରବନ୍ଧ, ବକ୍ତୃତା, ଚିତ୍ରକଳା, କଣ୍ଠ ସଂଗୀତ, ସାଧାରଣ ଜ୍ଞାନ ଇତ୍ୟାଦି ବହୁ ପ୍ରତିଯୋଗିତା ସହ ମହିଳାମାନଙ୍କ ମଧରେ କବିତା ଏବଂ ଗଳ୍ପ ଲିଖନ ପ୍ରତିଯୋଗୀତ ଅନୁଷ୍ଠିତ ହେବାର ଲକ୍ଷ୍ୟ ରଖାଯାଇଛି। ସାଂସ୍କୃତିକ ଦଳ ଗୁଡିକ ଭିତରେ ଦଳଗତ ନୃତ୍ୟ, ଏକକ ଓ ଦ୍ୱୈତ୍ୟ ନୃତ୍ୟ ପ୍ରତିଯୋଗୀତାକୁ ସ୍ଥାନ ଦିଆଯାଇଛି ବୋଲି ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ସିଂହ ପ୍ରକାଶ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ସଭାପତି ଶାନ୍ତନୁ ବେହେରା, ପୂର୍ବତନ ସଭାପତି ଜୟନ୍ତ ବେହେରା, ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ସିଂହ, ଯୁଗ୍ମ ସମ୍ପାଦକ ସଂଜୀବ ସିଂହ, କୋଷାଧକ୍ଷ ପ୍ରଦୀପ କୁମାର ସିଂ ଏବଂ ଉପସଭାପତି ସଞ୍ଜୟ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

ବ୍ଲକସ୍ତରୀୟ 'ସୁରଭି'

# ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିଲା ମଞ୍ଚ



କେସିଙ୍ଗା,୪।୧୧(ସମିସ): କେସିଙ୍ଗାସ୍ଥିତ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭ ଅନୁଷ୍ଠିତ ହୋଇଯାଇଛି।କେସିଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ଆନନ୍ଦ କୁମାର ବେହେରା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜନ୍ମେଜୟ ସ୍ୱାଇଁ ଯୋଗ ଦେଇଥିଲେ। ଡିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡାକ୍ତର ଶିବ ବେହେରା ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକସମ୍ପତି ଛୁରା ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ଶା ,ପିଏମ୍ଶ୍ରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସମୀର କୁମାର ବେହେରା,ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଡି.ଏସ ପାଢ଼ୀ, ଜିଲ୍ଲା ଶାରୀରିକ ନିରୀକ୍ଷକ ମହେନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ପ୍ରଥମେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଆନନ୍ଦ କୁମାର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।ମୁଖ୍ୟଅତିଥି ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରି ଓ ସମସ୍ତ ଅତିଥି ବୃନ୍ଦ ନିଜ ନିଜ ଅଭିମତ ପ୍ରକାଶ କରିଥିଲେ। ୨୯ ଟି ପ୍ରତିଯୋଗିତାରେ ୩୪୫ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି କୃତକାର୍ଯ୍ୟ ହୋଇଥିଲେ।ସାଂସ୍କୃତିକ ପ୍ରତିଯୋଗିତାରେ କେସିଙ୍ଗା କ୍ଲଷ୍ଟରର ବୋଙ୍ଗିପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଥମ ସ୍ଥାନ ହାସଲ କରି ଜିଲ୍ଲାସ୍ତରକୁ ମନୋନୀତ ହେଇଥିଲା।କାର୍ଯ୍ୟକ୍ରମରେ କେସିଙ୍ଗା ବ୍ଲକ୍ଅନ୍ତର୍ଗତ ୧୩ଟି କ୍ଲଷ୍ଟରରୁ ପ୍ରାୟ ୮୫ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। କେସିଙ୍ଗା ସିଆରସିସି ଚନ୍ଦ୍ରଧ୍ୱଜ ନାଗ,ଉକ୍ରେଲା ସିଆରସିସି ଭିଶ୍ମରଥି ସାହୁ, ଯୁଜୁରାଙ୍ଗ ସିଆରସିସି ପ୍ରମୋଦ ମେହେର, କିକିଆ ସିଆରସିସି ଡୋଳାମଣୀ ମାଝୀ, ଫଟକାମାଲ ସିଆରସିସି ଗିରିଧାରୀ ମାଝୀ,କାଣ୍ଡେଲ୍ ସିଆରସିସି ଆଶୁତୋଷ ଭୋଇ, ବେଲଖଣ୍ଡି ସିଆରସିସି ଦିବ୍ୟସିଂହ ମାଝୀ, ତୁଣ୍ଡଲା ସିଆରସିସି ଗୋପାଳ ପଧାନ,ପାଷ୍ଟିକୁଡ଼ି ସିଆରସିସି ସମୀର ପାଣିଗ୍ରାହୀ, ବୋରିଆ ସିଆରସିସି , ଧୀରେନ୍ଦ୍ର ପଧାନ, ଭମରମାଲ୍ ସି ଆରସିସି ସୁଶିଲ ଦାଶ,ବ୍ଲକ୍ ଏମଆଇ ଏସ ସଂଯୋଜକ ଅକ୍ଷୟ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ଅତିଥି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ମଞ୍ଚ ପରିଚାଳନା ଗୋବିନ୍ଦ ବାଗ, ତପନ ଦାଶ, ହେମନ୍ତ ମାଝୀ,ଜିକ୍ରୀଷ୍ଣା ରେଡ୍ଡୀ କରିଥିବା ବେଳେ ଶିକ୍ଷକ ହେମନ୍ତ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

କୋକସରାରେ ଖୋଲିବ ମକା ମଣ୍ଡି

# କୁଇଣ୍ଟାଲ ପ୍ରତି ୩ ହଜାର ଟଙ୍କାକୁ ବୃଦ୍ଧି ଦାବି

କୋକସରା,୪।୧୧(ସମିସ)



ପ୍ରତିବର୍ଷ କୋକସରା ଅଞ୍ଚଳରେ ବହୁଳ ମାତ୍ରାରେ ମକା ଚାଷ ହେଉଥିବା ଦେଖିବାକୁ ମିଳିଛି। ପୂର୍ବରୁ ପାରମ୍ପରିକ ପଦ୍ଧତିରେ ଲୋକେ ମକା ଚାଷ କରୁଥିବା ବେଳେ ବର୍ତ୍ତମାନର ସମୟରେ ଚାଷୀମାନେ ଏହାକୁ ଅତ୍ୟାଧୁନିକ ଜ୍ଞାନ କୌଶଳରେ ବ୍ୟବସାୟିକ ଭିତ୍ତିରେ ଚାଷ କରୁଛନ୍ତି। ହେଲେ ସରକାରୀସ୍ତରରେ ବ୍ଲକ୍‌ରେ ମକା ବିକ୍ରୀ ଲାଗି କୌଣସି ବ୍ୟବସ୍ଥା ନ ଥିବାରୁ ପ୍ରତିବର୍ଷ ଚାଷୀମାନେ ଦଲାଲ୍ ଶୋଷଣର ଶିକାର ହୋଇଥାନ୍ତି। ଏଥିପାଇଁ ଅଞ୍ଚଳର ଚାଷୀମାନେ ଧାନ ପରି ମକା ମଣ୍ଡି ଖୋଲିବା ନେଇ ଦିର୍ଘ ବର୍ଷରୁ ଦାବି କରିଆସୁଛନ୍ତି। ହେଲେ ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ସରକାରଙ୍କ ପକ୍ଷରୁ ଚଳିତ ବର୍ଷ ବ୍ଲକରେ ମକା ମଣ୍ଡି ଖୋଲିବା ନେଇ ଗୋଷ୍ଠୀ କୃଷି ଅଧିକାରୀଙ୍କ ନିକଟରୁ ସୂଚନା ମିଳିଛି। ଓରମାସ ତରଫରୁ ଏହି ମଣ୍ଡି ଖୋଲିବାକୁ ଥିବାବେଳେ କୁଇଣ୍ଟାଲ ପ୍ରତି ମକାର ମୂଳ ୨୪ ଶହ ଟଙ୍କା ଧାର୍ଯ୍ୟ ହୋଇଛି।ସୂଚନା ଯେ' ବ୍ଲକର ୨୨ଟି ପଞ୍ଚାୟତ ମଧ୍ୟରେ ବିଶେଷ କରି ଗୋତମୁଣ୍ଡା,ସାନପୋଡାଗୁଡା, ଡୁଡୁକାଠେଙ୍ଗା, ମହିମା,ଖୁଣ୍ଟିଆ, ଡହଗାଁ, ବଡ଼ପୋଡ଼ାଗୁଡ଼ା, ଆମପାଣି, ବରାଡଙ୍ଗା, ଟେମରା, କାଉଡୋଳା, ଡାଲଗୁମା ଆଦି ପଞ୍ଚାୟତରେ ମକାଚାଷ ହେଉଛି। ଏହି ସବୁ ସ୍ଥାନରେ ଉତ୍ପାଦିତ ହେଉଛି ହଜାର ହଜାର କୁଇଣ୍ଟାଲ ମକା। ସମସ୍ତ ଖର୍ଚ୍ଚ ଯାଇ ଏକ ଏକର ଜମିରୁ ପ୍ରାୟ ୨୦ ହଜାର ଲାଭ ପାଆନ୍ତି ଜମି ମାଲିକ। ଗୋଷ୍ଠୀ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳୁଥିବା ସୂଚନା ଅନୁସାରେ, ଚଳିତ ବର୍ଷ କୋକସରା ବ୍ଲକ୍‌ରେ ୨୫ ଶହ ୫୦ହେକ୍ଟର ଜମିରେ ମକା ଚାଷ ହୋଇଛି। ତେବେ ବେସରକାରୀ ଭାବେ ୫/୬ ହଜାରରୁ ଉର୍ଦ୍ଧ୍ୱ ଜମିରେ ମକା ଚାଷ ହୋଇଥିବା ଜଣାପଡିଛି। ସରକାରୀ ସ୍ତରରେ ମକା ବିକ୍ରୀ ନିମନ୍ତେ ମଣ୍ଡି ବ୍ୟବସ୍ଥା ନ ଥିବାରୁ ଚାଷୀମାନେ ଶୋଷଣର ଶିକାର ହୋଇ ସ୍ୱଳ୍ପ ଟଙ୍କାରେ ହେଲେ ବି ବେପାରୀଙ୍କ ଠାରେ ଅମଳ ପରେ ଚାଷୀମାନେ କଷ୍ଟ ଉପାର୍ଜିତ ମକାକୁ ସିଧାସଳଖ ଟେକି ଦେଉଛନ୍ତି। ବ୍ୟବସାୟୀମାନେ ମଧ ଚାଷୀଠାରୁ କିଣିନେଇ ବିଭିନ୍ନ ସହରକୁ ମକା ଚାଲାଣ କରୁଥିବା ଜଣାପଡିଛି। ସରକାର ମକାର ଯେଉଁ ମୂଲ୍ୟ ଧାର୍ଯ୍ୟ କରିଛନ୍ତି ତାହା ଚାଷୀଙ୍କ ପାଇଁ କମ୍ ହେଉଛି। ତେଣୁ କୁଇଣ୍ଟାଲ ପ୍ରତି ୩ ହଜାର ଟଙ୍କାକୁ ବୃଦ୍ଧି କରିବା ସହ କୋକସରା ବ୍ଲକ୍‌ର ବିଭିନ୍ନ ସ୍ଥାନରେ ମକା ମଣ୍ଡି ବ୍ୟବସ୍ଥା କରିବା ପାଇଁ ଅଞ୍ଚଳର ଚାଷୀମାନେ ଦାବି କରି ଆସୁଛନ୍ତି। ତେବେ ଚଳିତବର୍ଷ କୋକସରା ବ୍ଲକ୍‌ରେ ସରକାରଙ୍କ ତରଫରୁ ଓରମାସ୍ ତରଫରୁ ମକା ମଣ୍ଡି ଖୋଲିବା ନେଇ ଗୋଷ୍ଠୀ କୃଷି ଅଧିକାରୀ ରାକେଶ ରଞ୍ଜନ ମାଝୀଙ୍କ ନିକଟରୁ ସୂଚନା ମିଳିଛି। ତେବେ ଧାନ ପରି ମକା ମଣ୍ଡି ଖୋଲିବା ଖବର ଜାଣିବା ପରେ ଚାଷୀମାନେ ଖୁସି ବ୍ୟକ୍ତ କରିଛନ୍ତି। ଆଶା ମଣ୍ଡିରେ ଚାଷୀ ମକା ବିକ୍ରୀ କରି ନିଜର ଆର୍ଥିକ ସ୍ଥିତି ସୁଦୃଢ଼ କରିବା ସହ ମକା ଚାଷ ପ୍ରତି ଅଞ୍ଚଳର ଲୋକେଙ୍କ ପ୍ରତି ମନୋବଳ ବଢିବା ନେଇ ବରିଷ୍ଠ ଚାଷୀମାନେ ମତବ୍ୟକ୍ତ କରିଛନ୍ତି।

ରବି ଋତୁରେ ଚାଷ ପାଇଁ ଜଳ ଯୋଗାଣ ଦାବି

# ଦଣ୍ଡପାଟର ଚାଷୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



ଧର୍ମଗଡ,୪।୧୧(ସମିସ):ଚଳିତ ବର୍ଷ ରବି ଋତୁରେ ଇନ୍ଦ୍ରାବତୀ ମେଗା ଲିଫ୍ଟ ଦ୍ୱାରା ଚାଷ ପାଇଁ ଜଳ ଯୋଗାଣ ଦଣ୍ଡପାଟ ଅଞ୍ଚଳର ଚାଷୀ ସମୂହ ଦାବି କରିଛନ୍ତି। ଏହି ପରିପ୍ରେକ୍ଷୀରେ ଦାବିପତ୍ର କଳାହାଣ୍ଡି ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି।ଧର୍ମଗଡ ବ୍ଲକ୍‌ର ଦଣ୍ଡପାଟ ଅଞ୍ଚଳ ଭାବେ ପରିଚିତ ବେହେରା, ତେଣ୍ଡାପାଲ, ଜୟନ୍ତପୁର, ଛଞ୍ଚାଣବାହାଲି ,ପର୍ଲା ,କଦଳିମୁଣ୍ଡା ଓ କୋକସରା ବ୍ଲକ୍‌ର ଖୁଣ୍ଟିଆ ପଞ୍ଚାୟତ ଅଞ୍ଚଳର ହଜାର ହଜାର ଚାଷୀଙ୍କର ଜମି ମେଗା ଲିଫ୍ଟ ଇରିଗେସନ ପ୍ରୋଜେକ୍ଟର ଗେଟ ନମ୍ବର ୧୭ ଅଧୀନରେ ଆସୁଅଛି। ସେହି ଚାଷୀମାନେ ଅନେକ ବର୍ଷ ଧରି ରବି ଋତୁରେ ପାଣି ପାଇବାରୁ ବଞ୍ଚିତ ହୋଇ ଆସୁଛନ୍ତି।

ଖରିଫରେ ପାଣି ମିଳୁଛି, ହେଲେ ରବି ଋତୁରେ କେବଳ ୧୪ ନଂଗେଟ ପର୍ଯ୍ୟନ୍ତ ପାଣି ଦିଆଯାଉଅଛି। ଯେହେତୁ ଚଳିତ ବର୍ଷରେ ଇନ୍ଦ୍ରାବତୀ ରିଜର୍ଭରର ପାଣିସ୍ତର ୬୩୧,୯୯ ମି.କ୍ୟୁନାଲ ଫ୍ଲୋ ପାଣି ରହିଅଛି, ଯାହାକି ରିଜର୍ଭର ପୂର୍ଣ୍ଣ ଜଳସ୍ତରରୁ ମାତ୍ର ଅଳ୍ପ କିଛି କମ୍। ଯାହାଫଳରେ ଗେଟ ନଂ-୧୪ରୁ ଗେଟ ନଂ-୧୭ ପର୍ଯ୍ୟନ୍ତ ପାଣି ଛାଡିଲେ ବି କିଛି ଅସୁବିଧା ହେବନାହିଁ ବୋଲି ଚାଷୀମାନେ ଲିଖିତ ଭାବେ ଜଣାଇଛନ୍ତି। କିନ୍ତୁ ଜାଣି ଶୁଣି ଇନ୍ଦ୍ରାବତି କର୍ତ୍ତୃପକ୍ଷ ଅଞ୍ଚଳର ଚାଷୀଙ୍କୁ ପାଣି ଦେବାରୁ ବଞ୍ଚିତ କରୁଛନ୍ତି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ସୂଚନା ଯୋଗ୍ୟ ଯେ,ପାଣି ଛଡା ନ ଯିବାରୁ ହଜାର ହଜାର ଚାଷୀ ବିଭିନ୍ନ ପ୍ରକାର ଡାଲି ଜାତିୟ ଫସଲ ଚାଷ କରିବାରୁ ବଞ୍ଚିତ ହେବା ସହ ଆର୍ଥିକ କ୍ଷତି ସହିବାକୁ ପଡୁଛି। ତେଣୁ ଓଡ଼ିଶା ଜଳସେଚନ ଆଇନ୧୯୫୯ ଅନୁଯାୟୀ ଚଳିତ ବର୍ଷ ଗେଟ ନଂ-୧୭ ପର୍ଯ୍ୟନ୍ତ ପାଣି ଯୋଗାଇ ଦେବାକୁ ଚାଷୀ ସମୂହ ଦାବି କରିବା ସହ ଆଗାମୀ ୧୫ ଦିନ ଭିତରେ ସମାଧାନ କରି ପ୍ରତିଶ୍ରୁତି ଦେବାକୁ ଅନୁରୋଧ କରିଛନ୍ତି।

# ନାଳରେ ଭାସୁଛି ନବଜାତକର ଶବ

**ଜଗନ୍ନାଥପ୍ରସାଦ,୪।୧୧(ସମିସ):** ଜଗନ୍ନାଥପ୍ରସାଦ ବ୍ଲକ ପଟାଧାର ଗ୍ରାମ ନିକଟ ପମ୍ପ ହାଉସ ଗୃହ ପଛପଟ ଗୁହାଣିଆ ନାଳରେ ଏକ ନବଜାତ ଶିଶୁର ଶବ ଭାସୁଥିବା ଦେଖିବାକୁ ମିଳିଛି। ଶିଶୁଟି ଜନ୍ମ ହେବାର କିଛି ଘଣ୍ଟା ପରେ ତାକୁ କେହି ଏହି ନାଳରେ ଫୋପାଡ଼ିଥିବା ଅନୁମାନ କରାଯାଉଛି। ମୃତ ଶିଶୁକୁ ଦେଖିବାକୁ ଘଟଣାସ୍ଥଳରେ ବହୁ ସଂଖ୍ୟାରେ ଲୋକମାନେ ଏକତ୍ରିତ ହୋଇଥିଲେ। ଏନେଇ ସ୍ୱାସ୍ଥ୍ୟକର୍ମୀ ଓ ଅଙ୍ଗନବାଡ଼ି କର୍ମୀଙ୍କ ପାଖରେ କୌଣସି ସୂଚନା ନାହିଁ। ଘଟଣା ସମ୍ପର୍କରେ ସିଡିପିଓ ଭି.ମଣିମାଳାଙ୍କ ସହିତ ଯୋଗାଯୋଗ କରାଯିବା ପରେ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିବା କହିଛନ୍ତି। ତେବେ ସଦ୍ୟଜାତ ଶିଶୁଟିର କିପରି ମୃତ୍ୟୁ ଘଟିଲା, କିଏ ଓ କାହିଁକି ଶିଶୁଟିର ମୃତଦେହକୁ ପାଣିରେ ପକାଇଲା ତାର କାରଣ ସ୍ପଷ୍ଟ ହୋଇନାହିଁ। କେହି ଅବୈଧ ସନ୍ତାନ ଜନ୍ମ ହେବାପରେ କିମ୍ବା କନ୍ୟା ଭ୍ରୁଣ ହତ୍ୟା କରି ଏଠାରେ ଫୋପାଡ଼ି ଦେଇଥିବା ସନ୍ଦେହ କରାଯାଉଛି।

# ଦୁର୍ଘଟଣାରେ ଜଣେ ମୃତ; ୩ ଆହତ

**ହୁମ୍ମା,୪।୧୧(ସମିସ):** ଗଞ୍ଜାମ ଜିଲ୍ଲା ସୁବଳୟା ଛକ ନିକଟରେ ଛିଡ଼ା ହୋଇଥିବା ଟ୍ରକକୁ ଏକ ଅଟୋ ପଛରୁ ଧକ୍କା ଦେବାରୁ ଘଟଣାସ୍ଥଳରେ ଜଣକର ମୃତ୍ୟୁ ହୋଇଥିବା ବେଳେ ତିନି ଜଣ ଆହତ ହୋଇଛନ୍ତି। ଖଲ୍ଲିକୋଟରୁ କିଛି ଲୋକଙ୍କୁ ନେଇ ଛତ୍ରପୁର ଅଭିମୁଖେ ଯାଉଥିବା ଏକ ଅଟୋ ସୁବଳୟା ନିକଟରେ ପୂର୍ବରୁ ଛିଡ଼ା ହୋଇଥିବା ଏକ ଟ୍ରକକୁ ପଛରୁ ଧକ୍କା ଦେଇଥିଲା।

ଆହତ ତିନି ଜଣଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତାମିଲନାଡୁ ଏକ ଆମ୍ବୁଲାନ୍ସ ସେହି ବାଟ ଦେଇ ଯାଉଥିବା ବେଳେ ସେହି ଗାଡ଼ିରେ ସେମାନଙ୍କୁ ଛତ୍ରପୁର ହସ୍ପିଟାଲକୁ ନିଆଯାଇଥିଲା। ପରେ ଡାକ୍ତର ଅଟୋରେ ବସିଥିବା ରଞ୍ଜୁ ବେହେରାଙ୍କୁ ମୃତ ଘୋଷଣା କରିଥିଲେ ଏବଂ ଅବଶିଷ୍ଟ ତିନି ଜଣଙ୍କୁ ପ୍ରାଥମିକ ଚିକିତ୍ସା ଦେବା ପରେ ବ୍ରହ୍ମପୁର ଏମକେସିଜି ହସ୍ପିଟାଲକୁ ପଠାଯାଇଥିଲା। ପୁଲିସ ଘଟଣାର ତଦନ୍ତ କରୁଛି।

# ଅଜଣା ମୃତଦେହର ପରିଚୟ ମିଳିଲା

**ସାନଖେମୁଣ୍ଡି,୪।୧୧(ସମିସ):** ପାଟପୁର ଥାନା ରାଧାଦେଇପୁର ପଞ୍ଚାୟତ ଦେଇ ଯାଇଥିବା ଋଷିକୁଲ୍ୟା କେନାଲରୁ ସୋମବାର ଜଣେ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର କରିଥିଲା ପୁଲିସ। ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଇଥିଲା। ମଙ୍ଗଳବାର ଉକ୍ତ ଯୁବକଙ୍କ ପରିଚୟ ମିଳିଛି। ଯୁବକ ଜଣଙ୍କ ହେଲେ ଶେରଗଡ଼ ଥାନା ଦଶମୁଣ୍ଡଲି ଗ୍ରାମର ଭାସ୍କର ବିଷୋୟୀ(୫୨)।

ରବିବାର ଭୋରରୁ ଭାସ୍କର ଗାଧୋଇବା ପାଇଁ ଗ୍ରାମ ଦେଇ ଯାଇଥିବା ଋଷିକୁଲ୍ୟା କେନାଲକୁ ଯାଇ ଫେରି ନଥିଲେ। ଫଳରେ ପରିବାର ଲୋକ ଭାସ୍କରକୁ ଖୋଜାଖୋଜି କରିବା ସମୟରେ ସାମାଜିକ ଗଣମାଧ୍ୟମରେ ଫଟୋ ଦେଖି ମୃତକ ଭାସ୍କରଙ୍କ ପୁତୁରା ଜିତେନ୍ଦ୍ର ବିଷୋୟୀ ପାଟପୁର ଥାନାରେ ଜଣାଇବା ପରେ ପୁଲିସ ବ୍ରହ୍ମପୁର ଶବ ବ୍ୟବଚ୍ଛେଦ କେନ୍ଦ୍ରରୁ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।

# ଘର ଆଗରୁ ସ୍କୁଟି ଚୋରି

**ସାନଖେମୁଣ୍ଡି,୪।୧୧(ସମିସ):** ସାନଖେମୁଣ୍ଡି ବ୍ଲକ ସିଙ୍ଗିପୁର ଗ୍ରାମରୁ ଗୋଟାଏ ସ୍କୁଟି ଚୋରି ହୋଇଥିବା ପାଟପୁର ଥାନାରେ ଅଭିଯୋଗ ହୋଇଛି। ଶନିବାର ସାନଖେମୁଣ୍ଡି ବ୍ଲକ ଜିଉରା ପଞ୍ଚାୟତର ଜଗା ସାହୁ ନିଜର ସ୍କୁଟି ଧରି ମାମୁ ଘର ଗାଁ ସିଙ୍ଗିପୁରକୁ ଯାଇଥିଲେ। ସେ ରାତ୍ର ମାମୁ ଘରେ ରହିଥିବା ବେଳେ ନିଜର ସ୍କୁଟିକୁ ମାମୁ ଘର ଦାଣ୍ଡରେ ରଖିଥିଲେ।

ରବିବାର ସକାଳୁ ଉଠି ଦେଖିଲା ବେଳକୁ ସ୍କୁଟି ଗାଡ଼ିଟି ନାହିଁ। କେହି ଦୁର୍ବୃତ୍ତ ଚୋରି କରିକି ନେଇଯାଇଛି। ଏନେଇ ଜଗା ରବିବାର ପାଟପୁର ଥାନାରେ ଅଭିଯୋଗ କରିବା ପରେ ପାଟପୁର ପୁଲିସ ୪୮୭/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

# ବାଇକ୍-ଟ୍ରକ୍ ମୁହାଁମୁହିଁ; ଯୁବକ ମୃତ

**ଭଞ୍ଜନଗର,୪।୧୧(ସମିସ):** ଭଞ୍ଜନଗର ଦଶପଲ୍ଲା ମୁଖ୍ୟ ରାସ୍ତାର କୁଲାଡ ଉପର ବାଗ୍‌ଦେବୀ ମନ୍ଦିର ସମ୍ମୁଖରେ ମଙ୍ଗଳବାର ସନ୍ଧ୍ୟାରେ ଏକ ବାଇକ ଓ ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ କୁଲାଡର ଶଙ୍କର ମହାରଣା (୪୦) ମୃତ୍ୟୁବରଣ କରିଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି। ଏଥିସହ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲକୁ ପଠାଇ ଦିଆଯାଇଛି।

ଶଙ୍କର ମଙ୍ଗଳବାର ସନ୍ଧ୍ୟାରେ ବାଇକରେ ଭଞ୍ଜନଗରରୁ ଗ୍ରାମ ଅଭିମୁଖେ ଫେରୁଥିଲେ। ଘର ଠାରୁ ମାତ୍ର ୫୦୦ ମିଟର ଦୂରରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ ସହ ଧକ୍କା ହୋଇଥିଲା। ଫଳରେ ଗ୍ରାମବାସୀ ଶଙ୍କରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ଭଞ୍ଜନଗର ହସ୍ପିଟାଲ ନେଇଥିଲେ। ମେଡ଼ିକାଲରେ ଶଙ୍କରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

## 'ମୋନ୍ଥା' କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦାବି

# ଜିଲ୍ଲାପାଳଙ୍କୁ କ୍ରିୟାନୁଷ୍ଠାନ କମିଟିର ସ୍ମାରକପତ୍ର

**ସାନଖେମୁଣ୍ଡି,୪।୧୧(ସମିସ)**



ଗତ 'ମୋନ୍ଥା' ବାତ୍ୟା ଓ ଲଗାଣ ବର୍ଷା ପ୍ରଭାବରେ ସାନଖେମୁଣ୍ଡି ତହସିଲ ଅଞ୍ଚଳରେ ଚାଷୀ ମାନଙ୍କ ବ୍ୟାପକ ଫସଲ କ୍ଷତି ହୋଇଛି। ତେଣୁ ଏହାର କ୍ଷତିପୂରଣ ସହ ଧାନ ଫସଲରେ ମାଟିଆଗୁଣ୍ଡି ଚକଡ଼ା ରୋଗପୋକ ସଂକ୍ରମଣର ପ୍ରତିକାର ଦାବିରେ ସାନଖେମୁଣ୍ଡି ଆଞ୍ଚଳିକ ଉନ୍ନୟନ କମିଟି ପକ୍ଷରୁ ଗଞ୍ଜାମ ଜିଲ୍ଲାପାଳଙ୍କ ନିକଟକୁ ତହସିଲଦାରଙ୍କ ଜରିଆରେ ୮ ଦଫା ଦାବୀ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଶତାଧିକ ଛାମୁଆଁ କୃଷକ ନେତା ଓ ଚାଷି ମାନେ ମଙ୍ଗଳବାର ସାନଖେମୁଣ୍ଡି ତହସିଲ, କୃଷି ଅଧିକାରୀ ଓ ପାଟପୁର ବନପାଳ କାର୍ଯ୍ୟାଳୟରେ ବାତ୍ୟା ଲଗାଣ ବର୍ଷା ପରବର୍ତ୍ତୀ ସୃଷ୍ଟ ଚାଷି ସଙ୍କଟ ସମ୍ପର୍କରେ ଆଲୋଚନା କରି ତୁରନ୍ତ ଦାବୀ ପୂରଣ ନେଇ ଆଲୋଚନା କରିଛନ୍ତି। ଦାବି ଗୁଡ଼ିକ ମଧ୍ୟରେ ବାତ୍ୟା ପରେ ଫସଲରେ ବନ୍ୟପ୍ରାଣୀ ହାତୀ, ବାରହା, ହରିଣ, ମାଙ୍କଡ ପ୍ରାଦୁର୍ଭାବରେ କ୍ଷତିଗ୍ରସ୍ତ ଖରିଫ୍ ଧାନ ଓ ପରିବା ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବା। ମୋନ୍ଥା ବାତ୍ୟା ଓ ବର୍ଷା ପ୍ରଭାବରେ ଘର ଭାଙ୍ଗିଯାଇଥିବା ବାସହୀନ ବିପନ୍ନ ପରିବାରଙ୍କୁ କ୍ଷତିପୂରଣ ଅର୍ଥ ସହ ତୁରନ୍ତ ଆବାସ ଗୃହ ସହାୟତା ପ୍ରଦାନ କରିବା। ଆଗାମୀ ରବି ଫସଲ ପାଇଁ ମାଗଣା ବିହନ, ସାର ଓ କୀଟନାଶକ ଔଷଧ ପ୍ରଦାନ କରିବା ସମେତ ବାତ୍ୟା ବର୍ଷା ଭଳି କୃଷି ସଙ୍କଟ ରେ କ୍ଷୟକ୍ଷତି ଆକଳନ ଓ ସମସ୍ୟା ପ୍ରତିକାରରେ କୃଷି ବିଭାଗର ଅବହେଳା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରାଯାଇଛି। ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ସ୍ୱାଇଁଙ୍କ ଆବାହକତ୍ୱରେ ବରିଷ୍ଠ କୃଷକ ନେତା ଶମ୍ଭୁ ପଣ୍ଡା ପୂର୍ବତନ ସରପଞ୍ଚ ସୁବାସ ମହାପାତ୍ର, କୈଳାସ ପାତ୍ର, ଲିଙ୍ଗରାଜ ସ୍ୱାଇଁ, ଭଗବାନ ରାଉତ, କେ ଶ୍ୟାମସୁନ୍ଦର ଦୋରା, ବିନାୟକ ଦାଶ, ଅଶୋକ ବେହେରା, ବୃନ୍ଦାବନ ମହାଙ୍କୁଡ, ଭାସ୍କର ମହାରଣା, ଅଶୋକ କୁମାର ଜେନା, ନିତ୍ୟାନନ୍ଦ ପ୍ରଧାନ ଜଗନ୍ନାଥ ପଣ୍ଡା, ଏ କୈଳାଶ ପାତ୍ର, ଗୋଲା ସ୍ୱାଇଁ, ଗୋପାଳ ରାଉଳ, ଦେବେନ୍ଦ୍ର ସୁଆଁସିଆ, ରବିନ୍ଦ୍ର ପ୍ରଧାନ, କାଳୁଚରଣ ସେଠୀ, କାମରାଜୁ ପାତ୍ର, ସିତାରାମ ସ୍ୱାଇଁଙ୍କ ସମେତ ଶତାଧିକ ଚାଷି ବାତ୍ୟା ଓ ରୋଗ କ୍ଷତିଗ୍ରସ୍ତ ଧାନ ଫସଲ ତହସିଲ ଓ କୃଷି କାର୍ଯ୍ୟାଳୟରେ ଅଧିକାରୀଙ୍କୁ ଦେଖାଇ ସ୍ମାରକପତ୍ରର ଦାବି ପୂରଣ ନେଇ ଆଲୋଚନା କରିଥିଲେ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



**ଛତ୍ରପୁର,୪।୧୧(ସମିସ):** ଛତ୍ରପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଛତ୍ରପୁର ବ୍ଲକ ଅଧ୍ୟକ୍ଷା କିରଣ କୁମାରୀ ଦାସ, ଉପାଧ୍ୟକ୍ଷ ଏସ. ଶାରଦା ରେଡ୍ଡୀ, ଛତ୍ରପୁର ଏନଏସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ବ୍ରହ୍ମପୁର ସାଂସଦ ପ୍ରତିନିଧି ଆର. ସନ୍ତୋଷ ରେଡ୍ଡୀ, ପୂର୍ବତନ ସମିତି ସଭ୍ୟ ଏନ. ଦୁର୍ଯ୍ୟୋଧନ ରେଡ୍ଡୀ, ଛତ୍ରପୁର ବିଡ଼ିଓ ସମ୍ବିତ ସଂଗ୍ରାମଜୀତ ସାହୁ, ବିଏଫଓ ଗିରିଶ ଚନ୍ଦ୍ର ମହାରଣା, ଛତ୍ରପୁର ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀଣି ସସ୍ମିତା ସ୍ୱାଇଁ ଯୋଗଦେଇ ସରକାରଙ୍କ ସମସ୍ତ ଯୋଜନା ଗୁଡିକର କିପରି ସୁବିଧାରେ ହିତାଧିକାରୀ ମାନେ ପାଇବେ ସେଥିପାଇଁ ସମସ୍ତେ କାର୍ଯ୍ୟ କରିବାକୁ ପଡିବ ବୋଲି କହିଥିଲେ। ଶିବରରେ ଛତ୍ରପୁର ବ୍ଲକର ୧୮ଟି ପଞ୍ଚାୟତ ଓ ଏନଏସିର ବିଭିନ୍ନ ୱାର୍ଡରୁ ଆସିଥିବା ୨୬୦ଜଣ ଦିବ୍ୟାଙ୍ଗଙ୍କ ନାମ ପଞ୍ଜିକୃତ ହୋଇଥିଲା। ୩ଜଣଙ୍କୁ ଟ୍ରାଇ ସାଇକେଲ, ୨ଜଣଙ୍କୁ ହୁଇଲ ଚେୟାର, ଜଣଙ୍କୁ ସିପି ଚେୟାର ଏବଂ ଜଣଙ୍କୁ ଏମଏସଆଇଇ ଡି କିଟ ଦିଆଯାଇଛି,। ୫ଜଣଙ୍କୁ ରାସନ କାର୍ଡ ନିମନ୍ତେ ଚିହ୍ନଟ କରାଯାଇଥିବା ବେଳେ ଜଣଙ୍କୁ ଇନକମ ସାର୍ଟିଫିକେଟ ଏବଂ ବହୁ ଜଣଙ୍କୁ ଦିବ୍ୟାଙ୍ଗ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଛତ୍ରପୁର ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଜଗମୋହନ ସେନାପତି, ଓଡିଶା ଜୀବିକା ମିଶନର ପ୍ରକଳ୍ପ ସଂଯୋଜିକା ମାନିନୀ ଜେନାଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ।

# ଆଜି ବିଦାୟ ନେବେ ମା' ଗଜଲକ୍ଷ୍ମୀ

## ● ପୁଣି ଗୋଟିଏ ବର୍ଷ ଅପେକ୍ଷା



**କୋଦଳା,୪।୧୧(ସମିସ):** ଦୀର୍ଘ ଏକମାସ ଧରି କୋଦଳା ଠାରେ ପୂଜା ପାଉଥିବା ମା'ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ ବୁଧବାର ଅନୁଷ୍ଠିତ ହେବ। ପ୍ରତ୍ୟେକ ସନ୍ଧ୍ୟାରେ ଉଭୟ ପୂଜା ମଣ୍ଡପ ଠାରେ ସନ୍ଧ୍ୟା ଆଳତୀ ଦର୍ଶନ ପାଇଁ ମହିଳା ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହୁଥିଲା।

ଏକ ମାସ ଧରି ବିଦ୍ୱାନ ବ୍ରାହ୍ମଣଙ୍କ ମନ୍ତ୍ର ଧ୍ୱନୀରେ ଏହି ପୂଜା ପାଳନ ହେଉଥିବାରୁ ଅଞ୍ଚଳରେ ଅଧ୍ୟାତ୍ମିକ ପରିବେଶ ସୃଷ୍ଟି ହେଉଥିଲା। ମା'ଙ୍କୁ ବିଦାୟ ଦେବାପାଇଁ ଦୁଇ କମିଟି ତତ୍ପର ହୋଇ ଉଠିଛନ୍ତି। ବିଭିନ୍ନ ପ୍ରକାର ତକ୍ତା, ମେଢ଼, ଯନ୍ତ୍ର, ଢୋଲ ବାଜା, ଏମିତି ଅନେକ ସାଜସଜା ମା'ଙ୍କ ମେଲାଣି ଶୋଭାଯାତ୍ରା କରାଯିବ ବୋଲି ଜଣାପଡ଼ିଛି।

# ଜିଲ୍ଲା ବିଦ୍ୟାଳୟ ସମୂହ ପ୍ରତିଯୋଗିତା ଉଦ୍‌ଯାପିତ




**ଛତ୍ରପୁର,୪।୧୧(ସମିସ):** ଗଞ୍ଜାମ ଜିଲ୍ଲା ବିଦ୍ୟାଳୟ କ୍ରୀଡ଼ା ସଂଗଠନ ପକ୍ଷରୁ ଛତ୍ରପୁର ସ୍ଥିତ ଅନସ୍ଲୋ ହାଇସ୍କୁଲ୍ ଖେଳ ପଡ଼ିଆରେ ଚାଲିଥିବା ୬୯ତମ ଜିଲ୍ଲା ବିଦ୍ୟାଳୟ ସମୂହ ଦୌଡ଼ କୁଦ ଓ ଯୋଗାସନ ପ୍ରତିଯୋଗିତା ୨୦୨୫ ପ୍ରତିଯୋଗିତା ମଙ୍ଗଳବାର ଉଦଯାପିତ ହୋଇଯାଇଛି।

ଛତ୍ରପୁର ବିଇଓ ସୁଜିତ କୁମାର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ଃ ପ୍ରଭାତୀ ପରିଡା ଓ ବସନ୍ତ କୁମାର ପଣ୍ଡା, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ସ୍ୱାଇଁ, ଛତ୍ରପୁର ସବଡ଼ିଭିଜନ କ୍ରୀଡା ସଂଘର କାର୍ଯ୍ୟକାରୀ ସଭାପତି ପ୍ରଫୁଲ କୁମାର ପଟ୍ଟନାୟକ, ବିଦ୍ୟାଳୟ ସମୂହ କ୍ରୀଡା ସଂଗଠନ ର ଛତ୍ରପୁର ବ୍ଲକ ସମ୍ପାଦକ ପ୍ରକାଶ ଚନ୍ଦ୍ର ଯୋଗଦେଇ କ୍ରୀଡ଼ାବିତ ମାନଙ୍କୁ ଉତ୍ସାହିତ କରିଥିଲେ। ୨୨ଟି ବ୍ଲକର ୧୭ ଓ ୧୪ ବର୍ଷରୁ କମ୍ ବାଳକ ତଥା ବାଳିକା ବର୍ଗର ପ୍ରତିଯୋଗି ମାନେ ବିଭିନ୍ନ କ୍ରୀଡା ରେ ଅଂଶ ଗ୍ରହଣ କରି ପୁରସ୍କୃତ ହୋଇଛନ୍ତି।

ଏଥିରେ ରଙ୍ଗେଇଲୁଣ୍ଡା ଓ ସାନଖେମୁଣ୍ଡି ବ୍ଲକର ବହୁ କ୍ରୀଡ଼ାବିତ ମାନେ ପୁରସ୍କୃତ ହୋଇଛନ୍ତି, ପ୍ରତିଯୋଗିତାରେ ଭଲ କ୍ରୀଡ଼ା ପ୍ରଦର୍ଶନ କରିଥିବା ୨୫ରୁ ଅଧିକା କ୍ରୀଡ଼ାବିତ ଆସନ୍ତା ୧୦ ବାଲେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଶେଷରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ସାଇବର ଅପରାଧ ସଚେତନତା କାର୍ଯ୍ୟକ୍ରମ




**ପୁରୁଷୋତ୍ତମପୁର,୪।୧୧(ସମିସ):** ପୁରୁଷୋତ୍ତମପୁରଥାନା ପକ୍ଷରୁ ସାଇବର ସଚେତନତା କାର୍ଯ୍ୟକ୍ରମ ତାରାତାରିଣୀ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଚେତନତା ରଥକୁ ଛାତ୍ରୀଛାତ୍ରମାନେ ସମ୍ବର୍ଦ୍ଧନା ଦେଇ ବିରାଟ ଶୋଭାଯାତ୍ରାରେ ସଭାସ୍ଥଳକୁ ପାଛୋଟି ଆଣିଥିଲେ। ଏଥିରେ ପୁରୁଷୋତ୍ତମପୁର ଏସଡିପିଓ ସୁଜିତ କୁମାର ନାୟକ ପୌରହିତ୍ୟ କରି ସମାଜରେ ଘଟୁଥିବା ସାଇବର ଅପରାଧ ବିଷୟରେ ସଚେତନ କରିଥିଲେ। ଆଇଆଇସି ରାଜେଶ କୁମାର ନାୟକ, ବରିଷ୍ଠ ଆଇନଜୀବୀ ସ୍ୱରାଜ୍ୟ ପାଣିଗ୍ରାହୀ, ସୀମାଞ୍ଚଳ ମିଶ୍ର, ଷ୍ଟେଟ୍ ବ୍ୟାଙ୍କର ସହକାରୀ ଶାଖା ପରିଚାଳକ ତାପଶ କୁମାର ବାଗ, ଅବିନାସ ମାରାଣ୍ଡି, ଅଧ୍ୟାପିକା ନମ୍ରତା ମିଶ୍ର, ନାଇଡୁ ମୋହନ, ମିନାକ୍ଷି ଦାଶ, ଯଶବନ୍ତ ପାନ, ପ୍ରଶାଦ ବେହେରା, ଅନିଲ କୁମାର ସାହୁ, ସ୍ୱାଗତିକା ଦାଶ ଯୋଗଦେଇଥିଲେ। ଥାନା ଏସଆଇ ସୁଶାନ୍ତ କୁମାର ମିଶ୍ର ସମେତ ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ।

# ଧୂମୂଛାଇରେ ଅଭିଯୋଗ ଶୁଣାଣି

**ବେଲଗୁଣ୍ଠା,୪।୧୧(ସମିସ):** ବେଲଗୁଣ୍ଠା ବ୍ଲକ ଧୂମୂଛାଇ ପଞ୍ଚାୟତରେ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ବେଲଗୁଣ୍ଠା ତହସିଲଦାର ତଥା ବିଡିଓ କଳାକୃଷ୍ଣ ପ୍ରଧାନ ଯୋଗ ଦେଇଥିବା ବେଳେ ଇନ୍ସପେକ୍ଟର ଅଭୟ ପ୍ରସାଦ ପ୍ରଧାନ, ବ୍ଲକ୍ ସହକାରୀ ନିର୍ବାହି ଯନ୍ତ୍ରୀ ପ୍ରକାଶ ଚନ୍ଦ୍ର ତ୍ରିପାଠି, ସରପଞ୍ଚ ରଶ୍ମିତା ସ୍ୱାଇଁ, ପିଇଓ ସୁଚୀଲଗ୍ନା ସ୍ୱାଇଁ, ଯୋଗାଣ ସହାୟିକା ଶୁଭସ୍ମିତା ସାହୁ, ସୁପରଭାଇଜରଙ୍କ ସମେତ ବିଭିନ୍ନ ପଞ୍ଚାୟତସ୍ତରୀୟ ଅଧିକାରୀ ଏବଂ ୱାଡ୍‌ର୍ ମେମ୍ବର ମାନେ ଉପସ୍ଥିତ ଥିଲେ। ୫୬ ଜଣଙ୍କ ଅଭିଯୋଗ ପଞ୍ଜୀକୃତ ହୋଇଥିବାବେଳେ ୫୩ ଜଣଙ୍କର ଅଭିଯୋଗକୁ ଫଇସଲା କରାଯାଇଛି।

# ରମ୍ଭା ଗାୟତ୍ରୀ ଶକ୍ତିପୀଠର ବାର୍ଷିକ ଉତ୍ସବ



**ରମ୍ଭା,୪।୧୧(ସମିସ):** ରମ୍ଭା ଗାୟତ୍ରୀ ଶକ୍ତିପୀଠର ୪୦ବର୍ଷ ପୂର୍ତ୍ତି ପ୍ରତିଷ୍ଠା ଦିବସ ତଥା ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଥମ ଦିବସରେ ଏକ ରକ୍ତଦାନ ଶିବିର ଓ ବିଦ୍ୟାଳୟ ସ୍ତରରେ ଚିତ୍ରାଙ୍କନ ପ୍ରତିଯୋଗିତା ଗାୟତ୍ରୀ ପରିବାର ବିଶ୍ୱ ମଙ୍ଗଳ ଗୋ କଲ୍ୟାଣ ସମିତି ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ଗୋ କଲ୍ୟାଣ ସମିତିର ମୁଖ୍ୟ ସଂଯୋଜକ ପ୍ରକୃତି ବନ୍ଧୁ ପଞ୍ଚାନନ ଖଟୁଆଙ୍କ ତତ୍ତ୍ୱାବଧାନରେ ଆୟୋଜିତ ରକ୍ତଦାନ ଶିବିରରେ ମୁଖ୍ୟ ଅତିଥିଭାବେ ଶାନ୍ତିକୁଞ୍ଜ ହରିଦ୍ୱାରର ବରିଷ୍ଠ କାର୍ଯ୍ୟକର୍ତ୍ତା ଗୋକୁଳ ଚନ୍ଦ୍ର ନାହାକ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଗଞ୍ଜାମ ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ବାନାମ୍ବର ପଲେଇ, ସହ ସଂଯୋଜକ ରବିନାରାୟଣ ସେନାପତି, ସଂଯୋଜକ ବିଜୟ କୁମାର ମିସ୍ତ୍ରୀ ଯୋଗଦେଇଥିଲେ। ଶିବିରକୁ ଉମାକାନ୍ତ ସାହୁ, ରଥଙ୍ଗ ରମଣ ନାହାକ, ସୁମନ୍ତ ନାହାକ, ନଟବର ରାଉତ, ଶୋଭାକାର ନାୟକ ପ୍ରମୁଖ ପରିଚାଳନା କରିଥିଲେ।

## ଅଚଳ ହୋଇ ପଡ଼ିଛି ମହାପ୍ରୟାଣ ଗାଡ଼ି

# ପ୍ରଶାସନର ଦ୍ୱାରସ୍ଥ ହେଲେ ଅଞ୍ଚଳବାସୀ

**ଭଞ୍ଜନଗର,୪।୧୧(ସମିସ)**



ମେଡିକାଲରେ ଥିବା ଶବବୁହା ଗାଡ଼ିର ଯାନ୍ତ୍ରିକ ତ୍ରୁଟି ରହିଥିବା ବେଳେ ତାହା ସାଧାରଣ ଲୋକଙ୍କୁ ସେବା ଯୋଗାଇ ପାରୁନି। ଏହା ସହ ଗାଡିର ଚାଳକ ମଧ୍ୟ ନାହାନ୍ତି। ଫଳରେ ଘରୋଇ ଶବବୁହା ଗାଡି ଉପରେ ଲୋକ ନିର୍ଭର କରି ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକଶ ପାଇଥିବା ବେଳେ ମେଡିକାଲରେ ତୁରନ୍ତ ମହାପ୍ରୟାଣ ଗାଡ଼ିର ମରାମତି କରି ସେବା ଯୋଗାଇବା ସହ ରୋଗୀଙ୍କୁ ଯଥାଶୀଘ୍ର ଆମ୍ବୁଲାନ୍ସ ସେବା ଯୋଗାଇବାକୁ କଂଗ୍ରେସ ଦାବି କରିଛି। କଂଗ୍ରେସ ନେତା କୁଲୁ ଭୂୟାଁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମଙ୍ଗଳବାର ଭଞ୍ଜନଗର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜନଶୁଣାଣୀର ଦ୍ୱାରସ୍ଥ ହୋଇ ଅତିରିକ୍ତ ଜିଲ୍ଲାପାଳ ପ୍ରମୋଦ କୁମାର ପୃଷ୍ଟିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

ଖୁବ୍ ଶିଘ୍ର ଏହି ସମସ୍ୟାର ସମାଧାନ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପୃଷ୍ଟି କହିଛନ୍ତି। ଗତ କିଛି ମାସ ହେବ ଭଞ୍ଜନଗର ଉପଖଣ୍ଡ ମେଡିକାଲରେ ଥିବା ଏହି ମହାପ୍ରୟାଣ ସେବା ବନ୍ଦ ରହିଛି। ମହାପ୍ରୟାଣ ଗାଡିର ଯାନ୍ତ୍ରିକ ତ୍ରୁଟି ଥିବା ଦର୍ଶାଇ ମେଡିକାଲ କର୍ତ୍ତୃପକ୍ଷ ଏହି ସେବାକୁ ବନ୍ଦ କରିଛନ୍ତି।

ସେହିଭଳି ଭଞ୍ଜନଗର ମେଡିକାଲରେ ଗୁରୁତର ଥିବା ରୋଗୀଙ୍କୁ ଆମ୍ବୁଲାନ୍ସ ସେବା ମଧ୍ୟ ଠିକ୍ ସମୟରେ ମିଳୁନଥିବା ବରିଷ୍ଠ ଆଇନଜୀବୀ ଖରାସୁ ଶେଖର ଦାସ ଅଭିଯୋଗ କରିଛନ୍ତି। ମଡିକାଲରେ ଯଥାଶୀଘ୍ର ଆମ୍ବୁଲାନ୍ସ ଓ ମହାପ୍ରୟାଣ ସେବା ସ୍ୱାଭାବିକ କରିବାକୁ ଜନଶୁଣାଣୀ ଶିବିରରେ କଂଗ୍ରେସ ଦାବି କରିଛି।

## ଗ୍ରାସରୁଟ୍ ହକି ଚାମ୍ପିଅନ୍‌ସିପ

# ରଣପୁରକୁ ହରାଇଲା ଛତ୍ରପୁର



**ଛତ୍ରପୁର,୪।୧୧(ସମିସ):** ରାଉରକେଲା ବିର୍ସା ମୁଣ୍ଡା ଷ୍ଟାଡିଅମରେ ଚାଲିଥିବା ୪ର୍ଥ ଏଡିସନ ଓଡିଶା ନାବାଲ ଟାଟା ୧୪ ବର୍ଷରୁ ବାଳକ ମାନଙ୍କ ହକି ଗ୍ରାସରୁଟ ଚାମ୍ପିଅନସିପରେ ମଙ୍ଗଳବାର ଦ୍ୱିତୀୟ ଲିଗ ମ୍ୟାଚ ଖେଳି ଛତ୍ରପୁର ଟିମ ୪- ୦ ଗୋଲ ରେ ନୟାଗଡ଼ ଜିଲ୍ଲା ରଣପୁରର ହକି ଗ୍ରାସରୁଟ ଟିମକୁ ହରାଇଛନ୍ତି। ବୁଧବାରଦିନ ତୃତୀୟ ଲିଗ ମ୍ୟାଚରେ କଟକ ହକି ପ୍ରଶିକ୍ଷଣ କେନ୍ଦ୍ରର ଟିମ ସହିତ ଛତ୍ରପୁର ଟିମ ମୁକାବିଲା କରିବ ବୋଲି କୋଚ ମନୋଜ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।

ଏହି ଚମ୍ପିୟାନସିପ ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଓଡିଶାର ୩୭ଟିମ ଭାଗ ନେଇଛନ୍ତି। ଏଥିରୁ ଯେଉଁ ଖେଳାଳି ମାନେ ଭଲ ପ୍ରଦର୍ଶନ କରିବେ ସେମାନଙ୍କୁ ନେଇ ଏକ ଟିମ କରାଯିବ। ଉକ୍ତ ଟିମ ଆଗାମୀ ଦିନରେ ଲକ୍ଷ୍ନୌ ଠାରେ ହେବାକୁ ଥିବା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବ।

# ମହାନଦୀ ରିଭର୍‌ଫ୍ରଣ୍ଟ ଡେଭଲପମେଣ୍ଟ ପ୍ରକଳ୍ପ ବିଳମ୍ବିତ

ସମ୍ବଲପୁର, ୪।୧୧ (ସମିସ)






ସମ୍ବଲପୁରଠାରେ ମହାନଦୀରେ ନଦୀ ସମ୍ମୁଖ ବିକାଶ (ରିଭରଫ୍ରଣ୍ଟ ଡେଭଲପମେଣ୍ଟ) ସହ ଅଯୋଧ୍ୟା ସରୋବର ବ୍ୟାରେଜ ଉଚ୍ଚତା ବୃଦ୍ଧି, ନଦୀର ଉଭୟ ପାଶ୍ୱର୍ରେ ସୌନ୍ଦର୍ଯ୍ୟକରଣ ଆଦି ଯୋଜନା ରହିଛି । ତେବେ, ନୂତନ ସରକାର ଆସିବାର ୧୫ ମାସ ପରେ ବି ଏହି ପ୍ରକଳ୍ପକୁ ନେଇ ଆଖିଦୃଶିଆ ଅଗ୍ରଗତି ହୋଇପାରିନାହିଁ। ରିଭର୍‌ଫ୍ରଣ୍ଟ ଡେଭଲପମେଣ୍ଟ ପ୍ରକଳ୍ପ ଅହେତୁକ ଭାବେ ବିଳମ୍ବିତ ହେଉଛି। ଟେଣ୍ଡର ସରିଥିବା କୁହାଯାଉଥିବାବେଳେ ଡିପିଆର୍ ପ୍ରସ୍ତୁତ ହୋଇନାହିଁ। ଉଲ୍ଲେଖଯୋଗ୍ୟ ଯେ, ପୂର୍ବ ସରକାରଙ୍କ 'ସମଲେଇ'ଯୋଜନାରେ ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ପୀଠର ବିକାଶ ଓ ସୌନ୍ଦର୍ଯ୍ୟକରଣ ଯୋଜନାରେ ମହାନଦୀରେ ରିଭର୍‌ଫ୍ରଣ୍ଟ ଡେଭଲପମେଣ୍ଟ ମଧ୍ୟ ସାମିଲ ରହିଥିଲା ।

ଗତବର୍ଷ ଜଳସେଚନ ବିଭାଗର ଏକ ଉଚ୍ଚସ୍ତରୀୟ ଦଳ ବାରାଣାସୀ ଯାଇ ରିଭରଫ୍ରଣ୍ଟ ଡେଭଲପମେଣ୍ଟ ପ୍ରକଳ୍ପ ଅନୁଧ୍ୟାନ କରିଥିଲେ। ବୁର୍ଲା ପାୱାର ଚେନାଲରୁ ଅଯୋଧ୍ୟା ସରୋବର ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟରେ ମହାନଦୀର ଉଭୟ ପାଶ୍ୱର୍ ବିକଶିତ କରାଯିବାକୁ ଯୋଜନା ରହିଛି। ଏଥିପାଇଁ ସରକାରୀ ଓ ବେସରକାରୀ ଜମି ଅଧିଗ୍ରହଣ କରାଯିବ। ଜଳସେଚନ ଓ ରାଜସ୍ୱ ବିଭାଗ ପକ୍ଷରୁ ଏହା କାର୍ଯ୍ୟ ତ୍ୱରାନ୍ୱିତ କରାଯିବାକୁ ନିର୍ଦ୍ଦେଶ ରହିଛି। ତେବେ, ବର୍ଷକ ପରେ ବି ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଦିଗରେ ସେଭଳି ଅଗ୍ରଗତି ହୋଇପାରିନାହିଁ। ଗତବର୍ଷ ସେପ୍ଟେମ୍ବର ୮ ତାରିଖ 'ନୂଆଁଖାଇ'ରେ ଯୋଗଦେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବଲପୁରକୁ ଆସିଥିବାବେଳେ ଏହି ପ୍ରସ୍ତାବ ଅନୁଧ୍ୟାନ କରିବାସହ କଟକ ଓ ସମ୍ବଲପୁରରେ ରିଭର୍‌ଫ୍ରଣ୍ଟ ଡେଭଲପମେଣ୍ଟ ପାଇଁ ବଜେଟ୍‌ରେ ଅର୍ଥ ପ୍ରାବଧାନ ରହିଛି ବୋଲି ସୂଚନା ଦେଇଥିଲେ। ପୁଣି ଗତବର୍ଷ କଟକ ବାଲିଯାତ୍ରା ଉଦ୍‌ଘାଟନୀ ସଭାରେ ଅକ୍ଟୋବର ୧୫ ତାରିଖ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାବରମତୀ ରିଭରଫ୍ରଣ୍ଟ ପ୍ରକଳ୍ପ ଅନୁରୂପ ମହାନଦୀରେ ବିଶ୍ୱସ୍ତରୀୟ ରିଭର୍‌ଫ୍ରଣ୍ଟ ଡେଭଲପମେଣ୍ଟ କରାଯିବ ବୋଲି ଘୋଷଣା କରିଥିଲେ।

ଅନ୍ୟପକ୍ଷରେ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଗତ ଅକ୍ଟୋବରରେ

**• ପ୍ରଥମ ପର୍ଯ୍ୟାୟରେ ଅଯୋଧ୍ୟା ସରୋବର**
**• ମଞ୍ଜୁର ହୋଇଛି ୧୬୦ କୋଟି**
**କାର୍ଯ୍ୟାନ୍ୱୟନ କରିବ ଓପିସିସି**

ପର୍ଯ୍ୟଟନ ସଚିବ ବଲୱନ୍ତ ସିଂହ, ପର୍ଯ୍ୟଟନ ନିର୍ଦ୍ଦେଶକ ସମର୍ଥ ବର୍ମା ଓ ବୈଷୟିକ ଦଳ ବିଭିନ୍ନ ସ୍ଥଳ ପରିଦର୍ଶନ କରିଥିଲେ। ତନ୍ମଧ୍ୟରେ ରିଭର୍‌ଫ୍ରଣ୍ଟ ଡେଭଲପମେଣ୍ଟ, ଅଯୋଧ୍ୟା ସରୋବର ବ୍ୟାରେଜ ଉଚ୍ଚତା ବୃଦ୍ଧି ଓ ଅନ୍ୟାନ୍ୟ ବିଷୟରେ ଆଲୋଚନା କରାଯାଇଥିଲା। ପର୍ଯ୍ୟଟନର ବିକାଶ ପାଇଁ ସମ୍ବଲପୁର ଜିଲ୍ଲା ସହ ବରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାକୁ ନେଇ ଏକ ହୀରାକୁଦ ମାଷ୍ଟର ପ୍ଲାନ କରାଯାଉଥିବା ସୂଚନା ମିଳିଛି। ମହାନଦୀର ରିଭର୍‌ଫ୍ରଣ୍ଟ ଡେଭଲପମେଣ୍ଟ ମଧ୍ୟ ଏହି ଯୋଜନାର ଅଂଶବିଶେଷ ବୋଲି କୁହାଯାଉଛି।

ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି, ଓଡ଼ିଶା କନ୍‌ଷ୍ଟ୍ରକ୍‌ସନ୍ କର୍ପୋରେସନ୍‌କୁ ସେହି କାର୍ଯ୍ୟ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ଏହି ପ୍ରକଳ୍ପ ପାଇଁ ୧୬୦ କୋଟି ଟଙ୍କାର ବ୍ୟୟ ଅଟକଳ ମଞ୍ଜୁର କରିଛନ୍ତି। ଓସିସି ପକ୍ଷରୁ ଆର୍କିଟେକ୍ଟ ଚୟନ ପାଇଁ ଟେଣ୍ଡର ପରେ ସମ୍ପ୍ରତି ଡିପିଆର୍ ପ୍ରସ୍ତୁତ କରାଯାଉଛି ବୋଲି ସେ ସୂଚନା ଦେଇଛନ୍ତି। ସହନିର୍ଦ୍ଦେଶକ (ପର୍ଯ୍ୟଟନ), ସମ୍ବଲପୁର ରବୀନ୍ଦ୍ର କୁମାର ଦଳେଇ କହିଛନ୍ତି, ହୀରାକୁଦ ମାଷ୍ଟର ପ୍ଲାନର ପାଞ୍ଚୋଟି ପର୍ଯ୍ୟାୟ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ମହାନଦୀ ରିଭର୍‌ଫ୍ରଣ୍ଟ ଡେଭଲପମେଣ୍ଟ ରହିଛି। ଓଡ଼ିଶା କନ୍‌ଷ୍ଟ୍ରକ୍‌ସନ୍ କମ୍ପାନୀ ଡିପିଆର ପ୍ରସ୍ତୁତ କରି କାମ ଆରମ୍ଭ କରିବ। ଅଯୋଧ୍ୟା ସରୋବରଠାରେ କାମ ଆରମ୍ଭ ହେଲେ ବ୍ୟାରେଜ ଉଚ୍ଚତା ବୃଦ୍ଧି କରାଯାଇ ଜଳ ଗଚ୍ଛିତ ରହିବ। ସମଲେଶ୍ୱରୀ ପୀଠକୁ ଆସୁଥିବା ପର୍ଯ୍ୟଟକମାନେ ସେଠାରେ ଜଳକ୍ରୀଡ଼ାର ମଜା ନେଇ ପାରିବେ ବୋଲି ସେ କହିଛନ୍ତି।



କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବ୍ରହ୍ମପୁରା ମନ୍ଦିରରେ ଆଲୋକସଜ୍ଜା।

## ୧୧ରୁ ବ୍ଲକ୍‌ସ୍ତରୀୟ ସାଂସଦ ଖେଳ ମହୋତ୍ସବ

ସମ୍ବଲପୁର, ୪।୧୧ (ସମିସ) : ବ୍ଲକ୍‌ସ୍ତରୀୟ ସାଂସଦ ଖେଳ ମହୋତ୍ସବ-୨୦୨୫ର ଆୟୋଜନ ପାଇଁ ଆଜି ଏକ ପ୍ରସ୍ତୁତି ବୈଠକ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ସୂଚନା ଅନୁଯାୟୀ ନଭେମ୍ବର ୧୧ ଓ ୧୨ ତାରିଖ ଧନକଉଡ଼ା ବ୍ଲକ୍‌ର ଭିଏସଏସ ଷ୍ଟାଡିଅମ ଏବଂ ବାମରା ବ୍ଲକ୍‌ର ମିନି ଷ୍ଟାଡିଅମରେ ହେବାକୁ ଥିବାବେଳେ ନଭେମ୍ବର ୧୩ ଓ ୧୪ ତାରିଖ ନାକଟିଦେଉଳ ବ୍ଲକର ନୂଆ ମିନି ଷ୍ଟାଡିଅମ, ରେଢ଼ାଖୋଲ ବ୍ଲକ୍‌ର ମିନି ଷ୍ଟାଡିଅମ ଏବଂ ମାନେଶ୍ୱର ବ୍ଲକ୍‌ର ଭି.ଏସ. ଏସ. ଷ୍ଟାଡିଅମ, ନଭେମ୍ବର ୧୭ ଓ ୧୮ ତାରିଖରେ ଜମନକିରା ବ୍ଲକ୍‌ର ଷଣ୍ଢପଥର ପଡ଼ିଆ, ରେଙ୍ଗାଲି ବ୍ଲକ୍‌ର ରମ୍ଭେଲାସ୍ଥିତ ମିନି ଷ୍ଟାଡିଅମ ଏବଂ ଯୁଯୋମୁରା ବ୍ଲକ୍ ଫୁଲଝରଣସ୍ଥିତ ପାର୍ବତୀ ଗିରି କଲେଜ ପଡ଼ିଆ, ନଭେମ୍ବର ୧୯ ଓ ୨୦ ତାରିଖରେ କୁଚିଣ୍ଡା ବ୍ଲକ୍‌ର କୁଚିଣ୍ଡା କଲେଜ ପଡ଼ିଆଠାରେ ବ୍ଲକ୍‌ସ୍ତରୀୟ ସାଂସଦ ଖେଳ ମହୋତ୍ସବ ଅନୁଷ୍ଠିତ ହେବ। ସମ୍ବଲପୁର ଜିଲ୍ଲାର ସମସ୍ତ ବ୍ଲକ୍‌ର ଯୁବକଯୁବତୀ, ବିଦ୍ୟାର୍ଥୀ ଓ କ୍ରୀଡ଼ାପ୍ରେମୀଙ୍କୁ ଏହି ମହୋତ୍ସବରେ ସକ୍ରିୟ ଅଂଶଗ୍ରହଣ କରିବାକୁ ଅନୁରୋଧ କରାଯାଇଛି। ଅଂଶଗ୍ରହଣ ପାଇଁ ଅନଲାଇନ୍ ରେଜିଷ୍ଟ୍ରେସନ୍ କରିବାକୁ ଅନୁରୋଧ କରାଯାଇଛି। ପ୍ରତ୍ୟେକ ବ୍ଲକର ପଞ୍ଜିକରଣ ସମ୍ପୃକ୍ତ ବ୍ଲକର ପ୍ରତିଯୋଗିତା ପୂର୍ବଦିନ ସମାପ୍ତ ହୋଇଯିବ।

# 'ସମ୍ବଲପୁରୀ' ଭାଷାରେ ପ୍ରାଥମିକ ଶିକ୍ଷାଦାନ ଦାବି



ସମ୍ବଲପୁର, ୪।୧୧ (ସମିସ) : ପଶ୍ଚିମ ଓଡ଼ିଶାର ୧୦ଟି ଜିଲ୍ଲା ସମେତ ପଡ଼ୋଶୀ ରାଜ୍ୟ ସୀମାବର୍ତ୍ତୀ ଅଞ୍ଚଳର ପ୍ରାୟ ୨ କୋଟି ଲୋକ 'ସମ୍ବଲପୁରୀ' ଭାଷାକୁ ମାତୃଭାଷା ଭାବେ ବ୍ୟବହାର କରୁଛନ୍ତି। ୨୦୧୧ ଜନଗଣନାରେ ୨୭ ଲକ୍ଷରୁ ଉର୍ଦ୍ଧ୍ୱସଂଖ୍ୟକ ଲୋକ ସମ୍ବଲପୁରୀକୁ ସରକାରୀ ଭାବେ ମାତୃଭାଷା ଭାବେ ସ୍ୱୀକାର କରିଛନ୍ତି। ଭାରତର ନୂତନ ଶିକ୍ଷା ନୀତି ୨୦୨୦ ଅନୁସାରେ ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନର ମାଧ୍ୟମ ରୂପେ ମାତୃଭାଷାର ବ୍ୟବହାର ହେବା ଉଚିତ। ପଶ୍ଚିମ ଓଡ଼ିଶାରେ ଶିଶୁ ମାନେ ସମ୍ବଲପୁରୀ ଭାଷାରେ କଥାବାର୍ତ୍ତା କରିବା ଆରମ୍ଭ କରୁଥିବାରୁ ହଠାତ୍ ଓଡ଼ିଆରେ ପ୍ରାଥମିକ ଶିକ୍ଷାଗ୍ରହଣ କରିବା ସମୟରେ ପାଠକୁ ବୁଝିବା କଷ୍ଟକର ହୋଇପଡୁଛି। ଏହି ପରିପ୍ରେକ୍ଷୀରେ ସମ୍ବଲପୁର ଜିଲ୍ଲାରେ ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସମ୍ବଲପୁରୀ ଭାଷାରେ ଶିକ୍ଷାଦାନ କରାଯିବାକୁ ସମ୍ବଲପୁରୀ ଭାଷା ସମିତି ପକ୍ଷରୁ ମଙ୍ଗଳବାର ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟ ସରକାରଙ୍କଠାରେ ଦାବି ଉପସ୍ଥାପନ କରାଯାଇଛି। ବିଶିଷ୍ଟ ଗବେଷକ ଶଶାଙ୍କ ପଣ୍ଡାଙ୍କ ନେତୃତ୍ୱରେ ସମ୍ବଲପୁରର ବିଭିନ୍ନ ସଙ୍ଗଠନ ମିଳିତ ଭାବେ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।

ଗତ ସେପ୍ଟେମ୍ବର ୭ ତାରିଖରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଓଡ଼ିଶା ରାଜ୍ୟପାଳଙ୍କ ଉପସ୍ଥିତିରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମାତୃଭାଷାରେ ପ୍ରାଥମିକ ଶିକ୍ଷାଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାସହ ଝାରସୁଗୁଡ଼ା ଜିଲ୍ଲାରେ ଗତ ଏପ୍ରିଲ ୧୮ ତାରିଖରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଉପସ୍ଥିତିରେ ସମ୍ବଲପୁରୀ ଭାଷାରେ ପ୍ରାଇମର୍ ଉନ୍ମୋଚିତ ହୋଇଥିବା ଜିଲ୍ଲାପାଳଙ୍କୁ ଅବଗତ କରାଯାଇଥିଲା। ପୁଣି ସମ୍ବଲପୁରୀ ଭାଷା ସାହିତ୍ୟ କ୍ଷେତ୍ରରେ ଯେ କୌଣସି ମାନକ ଭାଷା ସହ ସମକକ୍ଷ ହୋଇ ପାରିଥିବା ସତ୍ତ୍ୱେ ସ୍ଥାନିୟ ଛାତ୍ରଛାତ୍ରୀ ସମ୍ବଲପୁରୀ ଭାଷା ଶିକ୍ଷାରୁ ବଞ୍ଚିତ ରହି ଆସିଛନ୍ତି। ତେଣୁ ସମ୍ବଲପୁରୀ ଭାଷାରେ ପ୍ରାଥମିକ ଶିକ୍ଷାଦାନ ହେଲେ ପିଲାଙ୍କୁ ପାଠ ବୁଝିବାରେ ସହାୟକ ହେବା ସହ ସମ୍ବଲପୁରୀ ଭାଷାର ମଧ୍ୟ ବିକାଶ ହେବ ବୋଲି ସମିତିର ସଦସ୍ୟମାନେ କହିଛନ୍ତି।

ସମ୍ବଲପୁର ଜିଲ୍ଲାରେ ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନରେ ସମ୍ବଲପୁରୀ ଭାଷାରେ ପ୍ରାଇମର୍‌କୁ ଉପଯୋଗ କରିବାକୁ ଜିଲ୍ଲାପାଳଙ୍କଠାରେ ଦାବି ଉପସ୍ଥାପନ କରାଯାଇଥିଲା। ଜିଲ୍ଲାପାଳ ରାଜ୍ୟ ସରକାରଙ୍କୁ ଜନମତ ବିଷୟରେ ଅବଗତ କରିବାକୁ ସମିତିର ସଦସ୍ୟମାନେ ଅନୁରୋଧ କରିଥିଲେ। ପଶ୍ଚିମାଞ୍ଚଳ ଏକତା ମଞ୍ଚ ଆବାହକ ଭବାନୀ ଭୋଇଙ୍କ ସଂଯୋଜନାରେ ଭାଷାବିତ୍ ମୁକ୍ତକଣ୍ଠ ପ୍ରଧାନ, ଶିବପ୍ରସାଦ ମେହେର, ଲକ୍ଷ୍ମୀନାରାୟଣ ପଣ୍ଡା, ମାନସ ଷଡ଼ଙ୍ଗୀ, କାଳିନ୍ଦୀ ପ୍ରତାପ ସିଂହ, ଲଳିତ ମୋହନ ବେବର୍ତ୍ତା, ବାବଲୁ ବାଗ, ଡ.ସ୍ୱୟଂ ପ୍ରକାଶ ପଣ୍ଡା, ଲଳିତା ଭୋଇ, ପ୍ରଦ୍ୟୁମ୍ନ ବିଶି, ସୁଷମା ପ୍ରଧାନ, ଅନୁପମା ବିଶ୍ୱାଳ, ମନୋଜ ପଣ୍ଡା, ପଙ୍କଜିନୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ହାଇୱା ଧକ୍କାରେ ମୋପେଡ୍ ଚାଳକ ମୃତ

ଜମନକିରା/ କୁଚିଣ୍ଡା,୪।୧୧(ସମିସ) ଜମନକିରା ଥାନା ଫାଶିମାଲ ପଞ୍ଚାୟତ ଗରିଆବାହାଲ ବୁଲାଣିରେ ମଙ୍ଗଳବାର ଏକ ଆଶ ବୋଝେଇ ହାଇୱା ଚକ ତଳେ ଚାପି ହୋଇ ମୋପେଡ ଚାଳକଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି। ଜମନକିରା ଷଣ୍ଢ ପଥର ପଟୁ ଫାଶୀମାଲ ଆସୁଥିବା ଏକ ମୋପେଡ ଟ୍ରକ୍ ତଳେ ପଡ଼ି ଯିବାରୁ ଚାଳକ ପଦ୍ମନାଭ ଦଣ୍ଡପାଟ (୫୯)ର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୋପେଡ ନମ୍ବର ଓଡି ୧୫କେ-୪୦୭୯ ଓ ହାଇୱା ନମ୍ବର ଓଡ଼ି ୩୨ଜେ -୮୦୮୮ ହୋଇ ଥିବା ବେଳେ ହାଇୱାର ପଛ ଚକା ଜଳି ଯାଇଛି। ଘଟଣା ପରେ ହାଇୱା ଚାଳକ ଘଟଣା ସ୍ଥଳରୁ ଫେରାର ମାରିଛି। ଦୁର୍ଘଟଣାରେ ମୋପେଡ ନିଆଁ ଲାଗିଯିବାରୁ ହାଇୱାରେ ମଧ୍ୟ ନିଆଁ ଲାଗି ଯାଇଥିବା ବେଳେ ଜମନକିରା ଅଗ୍ନିଶମ ବାହିନୀ ଆସି ନିଆଁକୁ ଆୟତ୍ତ କରିବା ସହ ଶବକୁ ଉଦ୍ଧାର କରି କୁଚିଣ୍ଡା ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପୁଲିସ ପଠାଇ ଦେଇଛି। ଜମନକିରା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

# ୫୧ ଗ୍ରାମ ବ୍ରାଉନସୁଗର ଜବତ, ୪ଗିରଫ



**ସପ୍ତାହରେ ଶହେ ଗ୍ରାମରୁ ଅଧିକ ଜବତ**

ସମ୍ବଲପୁର,୪।୧୧(ସମିସ):ସମ୍ବଲପୁର ସହର ବର୍ତ୍ତମାନ ନିଶା କାରବାର ମାଫିଆଙ୍କ ପେଣ୍ଠସ୍ଥଳୀ ପାଲଟିଛି। ଦୀର୍ଘ ସମୟ ଧରି ବେଆଇନ କୋରେକ୍ସ କାୟ ମେଲାଇଥିବା ବେଳେ, ଏବେ ଧଳାଜହର ମଧ୍ୟ ପ୍ରବଳ ମାତ୍ରାରେ ବିକ୍ରି ହେଉଛି। ମଙ୍ଗଳବାର ଟାଉନ ଥାନା ପୁଲିସ ୫୧.୫ଗ୍ରାମ ବ୍ରାଉନସୁଗର ଜବତ ୪ ଜଣକୁ ଗିରଫ କରିଛି। ସେମାନେ ହେଲେ ଟାଉନ ଥାନା ସାହୁ କଲୋନୀର ସୋନୁ ସୋନକାର(୩୦) ଓ ସୋନୁ ଓରଫ ଶିବରଞ୍ଜନ ମହାକୁଡ଼(୨୩), କୁଞ୍ଜେଲପଡ଼ା ଛକର ଶିବ ସା(୨୮) ଓ ମହାନ୍ତିପଡ଼ାର ନିରଜ ମହାରଣା(୨୪) ।ସେମାନଙ୍କ ପାଖରୁ ୨ଟି ମୋବାଇଲ ଫୋନ, ୫୨୦୦ ଟଙ୍କା ଜବତ କରିଛି। ଫାଟକ ହନୁମାନ ମନ୍ଦିର ପାଖରେ ବ୍ରାଉନସୁଗର ବିକ୍ରି ନେଇ ଡିଲ ହେଉଥିବା ପୁଲିସ ଖବର ପାଇଥିଲା। ପରେ ଟିମ ଗଠନ କରି ଚଢ଼ଉ କରିଥିଲା। ଏହି ସମୟରେ ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ଆଜିକୁ ମିଶାଇ ପୁଲିସ ଗତ ସପ୍ତହେ ଭିତରେ ଶହେ ଗ୍ରାମରୁ ଅଧିକ ବ୍ରାଉନସୁଗର ଜବତ କରିସାରିଛି। ସପ୍ତାହେ ଭିତରେ ୧୦ ଜଣକୁ ମଧ୍ୟ ଗିରଫ କରିଛି। ହେଲେ ଏଠି ପ୍ରଶ୍ନ ଉଠୁଛି ପୁଲିସ ଓ ଅବକାରୀ ବିଭିନ୍ନ ସମୟରେ ଚଢ଼ଉ କରୁଛି। ତା ପରେ ମଧ୍ୟ ସହରରେ ଧଳାଜହର ନିଜର କାୟା ବିସ୍ତାର କରିଚାଲିଛି। ବରିଷ୍ଠ ପୁଲିସ ଅଧିକାରୀଙ୍କ କହିବା ଅନୁସାରେ ପ୍ରାୟତଃ ବ୍ରାଉନସୁଗର, କଫ ସିରପ୍ କଲିକତାରୁ ଓଡ଼ିଶାକୁ ଆସୁଛି। ଟ୍ରେନ ମାଧ୍ୟମରେ ମାଫିଆ ମାନେ ଏହାକୁ ଚାଲାଣ କରୁଛନ୍ତି। ସମ୍ବଲପୁରକୁ ସବୁ ମାଲ ପହଞ୍ଚିବା ପରେ ଛୋଟ ଛୋଟ ପ୍ୟାକେଟ କରାଯାଉଛି। ପୁଲିସ ଓ ଅବକାରୀକୁ ଚକ୍କମା ଦେବା ପାଇଁ ଅଳ୍ପ ପରିମାଣର ଧଳା ଜହର ବିଭିନ୍ନ ସ୍ଥାନକୁ ଚାଲାଣ ହେଉଛି। ପୁଲିସ କିମ୍ବା ଅବକାରୀ ସବୁବେଳେ ଛୋଟ ଛୋଟ ବେପାରୀଙ୍କୁ ଧରିବାରେ ସଫଳ ହେଉଛି। ହେଲେ ଏହି ର୍‍ୟାକେଟର ପଛରେ ରହି କାମ କରୁଥିବା ମାଷ୍ଟରମାଇଣ୍ଡକୁ ଧରିବାରେ ଅସଫଳ ହେଉଥିବା ଚର୍ଚ୍ଚା ହେଉଛି। ସହରର ନିଶା କାରବାର ବୃଦ୍ଧି ଯୋଗୁଁ ବିଭିନ୍ନ ଅପରାଧୀକ କାର୍ଯ୍ୟକଳାପ ବୃଦ୍ଧି ମଧ୍ୟ ପାଉଛି। ଯୁବପିଢ଼ୀମାନେ ନିଶାଗ୍ରସ୍ତ ଅବସ୍ଥାରେ ଅପରାଧ ଘଟାଇବାକୁ ପଛାଉନହାନ୍ତି।

**ୱାଟ୍‌କୋକୁ ସଲାମ**

# ବିନା ବର୍ଷାରେ ଭାସିଲା ଚର୍ଚ୍ଚ ଛକ



ସମ୍ବଲପୁର, ୪।୧୧ (ସମିସ): ସମ୍ବଲପୁରର ବ୍ୟସ୍ତବହୁଳ ଚର୍ଚ୍ଚ ଛକ ଆଜି ବିନା ବର୍ଷାରେ ଜଳମଗ୍ନ ହୋଇ ଯାଇଥିଲା। ଏହି ଛକଦେଇ ସହରକୁ ବୁଢ଼ାରଜା ପଟୁ ପ୍ରବେଶ କରୁଥିବାବେଳେ ହଜାର ହଜାର ଛାତ୍ରଛାତ୍ରୀ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟକୁ ଯାଇଥାନ୍ତି। ପୁଣି ଏହି ରାସ୍ତା ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ, ପୁଲିସ ଆଇଜି (ଉତ୍ତରାଞ୍ଚଳ), ଜିଲ୍ଲାପାଳ କାର୍ଯ୍ୟାଳୟ, ଆରକ୍ଷୀ ଅଧୀକ୍ଷକ କାର୍ଯ୍ୟାଳୟଠାରୁ ଆରମ୍ଭ କରି ହସପିଟାଲ, ପୁରୁଣା ବସ୍ତି ସବୁଆଡ଼କୁ ସଂଯୋଗ କରିଥାଏ। ବ୍ରିଜ୍ ନସରୁଣୁ ଚର୍ଚ୍ଚ ଛକରେ ସୋମବାର ରାତି - ମଙ୍ଗଳବାର ସକାଳୁ ଦୁଇ ତିନୋଟି ଜାଗାରେ ପାଇପ୍ ଫାଟି ଲିକେଜ୍ ହେଉଛି। କିନ୍ତୁ ୱାଟ୍‌କୋ ଅଧିକାରୀ ଓ କର୍ମଚାରୀଙ୍କ ନଜର ନାହିଁ। ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ୱାଟ୍‌କୋ ପକ୍ଷରୁ ମନଇଚ୍ଛା କାମ କରାଯାଉଥିବା ଅଭିଯୋଗ ହେଉଛି। ଜନସାଧାରଣଙ୍କ ସୁବିଧା ଅସୁବିଧାକୁ ନେଇ କାହାରି ଚିନ୍ତା ନାହିଁ। ଆଜି ଦିନତମାମ ଲୋକେ ହଇରାଣ ହେଇଛନ୍ତି। ସକାଳ ସନ୍ଧ୍ୟା ପାଣି ଆସିବା ସମୟରେ ଏହି ଲିକେଜ୍ ଏତେ ବଢ଼ିଯାଉଛି ଯେ ଚାରିଆଡ଼େ ପାଣି ବହୁଛି। ଅନ୍ୟପକ୍ଷରେ ପୂର୍ତ୍ତ ବିଭାଗର କାମ କହିଲେ ନସରେ। କଂକ୍ରିଟ୍‌ରୁ ଗେଟି, ପଥର ବାହାରି ଲୋକେ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ଗତ ୬ ମାସ ହେବ ଚର୍ଚ୍ଚ ଛକରେ ପୂର୍ତ୍ତ ବିଭାଗ ପକ୍ଷରୁ ଏକ କଲଭର୍ଟ ତିଆରି କରାଯାଉଛି। ସେହି କଲଭର୍ଟକୁ ଏତେ ଉଚ୍ଚ କରିଦେଲେ ଯେ ପୁଣି ରାସ୍ତା ଉପରେ କେଇ ଇଞ୍ଚ ବହଳର କଂକ୍ରିଟ ପକାଯାଉଛି। କଂକ୍ରିଟ୍‌ର ଗେଟି, ପଥର ଗୁଡ଼ିକ ବାହାରି ଯାଇ ଗାଡ଼ି ଗୁଡ଼ିକ ଖସିଯାଇ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ପୁଣି ଚକରେ ଲାଗି ଗେଟି ଗୁଡ଼ିକ ଛିଟ୍‌କି ପଡୁଥିବାରୁ ଲୋକେ ଆହତ ହେବା ଦେଖାଯାଉଛି। ପୂର୍ତ୍ତ ବିଭାଗୀୟ ଅଧିକାରୀ ମନିଟରିଂ କରୁନଥିବାବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି।

## କାର୍ତ୍ତିକ ପୂର୍ଣ୍ଣିମା ପାଇଁ ଚଳଚଞ୍ଚଳ ସମ୍ବଲପୁର



ସମ୍ବଲପୁର, ୪।୧୧ (ସମିସ): ବୁଧବାର କାର୍ତ୍ତିକ ପୂର୍ଣ୍ଣିମା। ସମ୍ବଲପୁରର ରାସ୍ତାଘାଟରେ ପ୍ରବଳ ଭିଡ଼। ବଜାରରେ ଗେଣ୍ଡୁ ଫୁଲ ସମେତ ବିଭିନ୍ନ ପ୍ରକାରର ଫୁଲର ପସରା। ଏହାସହ ମିଳୁଛି ଭେଳିକି ଭେଳି କାଗଜ ଡଙ୍ଗା। ଛୋଟ ଚଉପତି (ଦନା) ଆକାରଠାରୁ ଆରମ୍ଭକରି ଦୁଇରୁ ତିନିଫୁଟ ଲମ୍ବ ଓ ଏକ ଫୁଟ ଓସାରର କାଗଜ ଡଙ୍ଗା ମିଳୁଛି। ସେଥିରେ ପୁଣି ରଙ୍ଗବେରଙ୍ଗ କାଗଜ ଲାଗି ତାହାକୁ ସୁଦୃଶ୍ୟ କରାଯାଇଛି। କିଛି ଲୋକ ଡଙ୍ଗା ତିଆରି କରି ଦି'ପଇସା ରୋଜଗାର କରିଥାନ୍ତି। ଆସନ୍ତାକାଲି ଭୋର ସକାଳୁ ମହାନଦୀର ବିଭିନ୍ନ ଘାଟରେ ଲାଗିବ ଭିଡ଼। ଡଙ୍ଗାରେ ଦୀପ ଜଳାଇ ଲୋକେ ତାହାକୁ ଭସାଇବେ। ପୁଣି ଉଜାଗର ହେବ "ଆ କା ମା ବଇ, ପାନ ଗୁଆ ଥୋଇ, ପାନ ଗୁଆ ତୋର, ମାସକ ଧରମ ମୋର ..."।

ଅଁଳା ନବମୀ ପରଠାରୁ ଘରେ ଘରେ ପଞ୍ଚୁକ ବ୍ରତ ପାଳନ କରୁଛନ୍ତି। ପ୍ରତିଦିନ ସକାଳୁ ଗାଧୋଇ ପାଧୋଇ ଠାକୁର ଦର୍ଶନ କରୁଛନ୍ତି। ପ୍ରତ୍ୟହ ସକାଳବେଳା ମନ୍ଦିର ମାନଙ୍କରେ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଛି। ଚଳଚଞ୍ଚଳ ହୋଇପଡ଼ିଛି ସମ୍ବଲପୁର ସହର। ବଜାରରେ ମିଳୁଛି ରଙ୍ଗବେରଙ୍ଗ ଏବଂ ବିଭିନ୍ନ ଆକାରର କାଗଜ ଡଙ୍ଗା। ଡଙ୍ଗାର ମୂଲ୍ୟ ୨୦ ଟଙ୍କାଠାରୁ ଆରମ୍ଭ କରି ଦେଢ଼ଶ' ଟଙ୍କା ପର୍ଯ୍ୟନ୍ତ ପଡୁଛି। ପୁଣି ଡଙ୍ଗା ଭସାଇବା ସମୟରେ ସେଥିରେ ଦୀପ, ଫୁଲ ଓ ଅନ୍ୟ ପୂଜା ସାମଗ୍ରୀ ଦେଉଥିବାରୁ ସେଗୁଡ଼ିକର ମୂଲ୍ୟ ମଧ୍ୟ ବୃଦ୍ଧି ପାଇଛି। ତେବେ, ବିଶ୍ୱାସ ଓ ଭକ୍ତି ଆଗରେ ସବୁକିଛି ହାର ମାନୁଛି। ସମସ୍ତେ କିଛି ନା' କିଛି କିଣୁଛନ୍ତି। ଅନ୍ୟପକ୍ଷରେ କାର୍ତ୍ତିକ ମାସସାରା ହବିଷ ରଖିଥିବା ହବିଷ୍ୟାଳିମାନେ ମଧ୍ୟ ଆସନ୍ତାକାଲି ପୂର୍ଣ୍ଣିମା ପାଳନ କରିବେ। ଚତୁର୍ଦ୍ଦଶୀ ରାତିଠାରୁ ଆରମ୍ଭ କରି ମନ୍ଦିର ମନ୍ଦିର ବୁଲି ଭକ୍ତମାନେ ଦର୍ଶନ କରିଥାନ୍ତି। ମନ୍ଦିର ଗୁଡ଼ିକରେ ଠାକୁର ମାନଙ୍କୁ ବେଶଭୂଷା କରାଯାଇଥିବାବେଳେ ଅନେକ ସ୍ଥାନରେ ନାମଯଜ୍ଞ ହେଉଛି। ଚଳିତବର୍ଷ ରାସ ପୂର୍ଣ୍ଣିମା ବା କାର୍ତ୍ତିକ ପୂର୍ଣ୍ଣିମା ନସରୁଣୁ ମାର୍ଗଶିର ମାସ ମାଣବସା ଗୁରୁବାର ପଡୁଥିବାରୁ ମହିଳାମାନେ ପୂର୍ଣ୍ଣିମା ସାମଗ୍ରୀ ସହ ମାଣବସା ଗୁରୁବାରର ସାମଗ୍ରୀ ମଧ୍ୟ କ୍ରୟ କରୁଥିବା ଦେଖାଯାଉଛି।

## ବାଲୁଙ୍କେଶ୍ୱର ମନ୍ଦିରରେ ସାମୂହିକ ଭାଗବତ ପାଠ



ସମ୍ବଲପୁର, ୪।୧୧ (ସମିସ) : ନନ୍ଦପଡ଼ାସ୍ଥିତ ବମ୍ବରାଡ଼ ବାଲୁଙ୍କେଶ୍ୱର ମନ୍ଦିରରେ ପବିତ୍ର କାର୍ତ୍ତିକ ମାସ ଓ କାର୍ତ୍ତିକ ପୂର୍ଣ୍ଣମୀ ଉପଲକ୍ଷେ ଚତୁର୍ଦ୍ଦଶୀ ତିଥିରେ ମଙ୍ଗଳବାର ସାମୁହିକ ଭାଗବତ ପାଠ ଆୟୋଜିତ ହୋଇଯାଇଛି। ଏଥିରେ ଭୁବନ ମୋହନ ମିଶ୍ର କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ୬୧ ଜଣ ବ୍ରାହ୍ମଣ ଭାଗବତ ପାଠ କରିଥିଲେ। ଏଥିସହ ବାବା ବାଲୁଙ୍କେଶ୍ୱରଙ୍କ ରୁଦ୍ରାଭିଷେକ, ହୋମଯଜ୍ଞ, ପୂଜାର୍ଚ୍ଚନା, ଚଣ୍ଡୀପାଠ, ଗୀତାପାଠ ପରେ ପୂର୍ଣ୍ଣାହୂତି ହୋଇଥିଲା। ସକାଳ ୧୦ଟାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ଚାଲିଥିଲା। କାର୍ଯ୍ୟକ୍ରମରେ ସହରର ବିଭିନ୍ନ ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ନନ୍ଦପଡ଼ାବାସୀଙ୍କ ସହିତ ଚିତ୍ରୋତ୍ପଳା ଯୁବକ ସଂଘ, ପଣ୍ଡିତ ଲକ୍ଷ୍ମୀ ନାରାୟଣ ସାଂସ୍କୃତିକ ସଂସଦ, ନନ୍ଦପଡ଼ା ଶୀତଳଷଷ୍ଠୀ ଯାତ୍ରା କମିଟି ସଦସ୍ୟମାନେ ସହଯୋଗ କରିଥିଲେ।

**ପ୍ରତିବର୍ଷ ବଢ଼ୁଛି ସାଟେଲାଇଟ୍ ସର୍ଭେରେ ଅଣଚାଷ ଜମି ସଂଖ୍ୟା**

# ସମ୍ବଲପୁର ଜିଲ୍ଲାରେ ୭୯,୩୦୯ ସନ୍ଦିଗ୍ଧ ପ୍ଲଟ୍

ସମ୍ବଲପୁର, ୪।୧୧ (ସମିସ)

ସମ୍ବଲପୁର ଜିଲ୍ଲାର ଅଣଜଳସେଚିତ ଅଞ୍ଚଳରେ ଚାଷୀ ଫସଲ ପାଇଁ ମୁଖ୍ୟତଃ ବର୍ଷା ଉପରେ ନିର୍ଭର କରିଥାଏ। ଅଦିନିଆ ବର୍ଷା ଓ ଖଁଡ (ଅସମାନ) ବର୍ଷା ଯୋଗୁଁ ବହୁସମୟରେ କ୍ଷୟକ୍ଷତିର ଶିକାର ହୋଇଥାଏ। ନିକଟ ଅତୀତରେ ବାତ୍ୟା 'ମୋନ୍‌ଥା' ପ୍ରଭାବରେ ଚାଷୀ କ୍ଷତିଗ୍ରସ୍ତ ହୋଇଛି। ପୁଣି ଧାନବିକ୍ରୟ ସମୟରେ ଟୋକନ୍ ସମସ୍ୟା, ମିଲର୍‌ଙ୍କ ଶୋଷଣନୀତି ଓ ଧାନର ଆର୍ଦ୍ରତାକୁ ନେଇ କଟ୍‌ନିଛଟ୍‌ନି ମଧ୍ୟରେ ଚାଷୀ ପେଶି ହୋଇଯାଏ। ଗତ କିଛିବର୍ଷ ହେଲା ସରକାର ଉପଗ୍ରହ ସର୍ବେକ୍ଷଣ (ସାଟେଲାଇଟ୍ ସର୍ଭେ) କରୁଛନ୍ତି। ଏହାଦ୍ୱାରା ଚାଷୀର ପଞ୍ଜିକୃତ ହଜାର ହଜାର ପ୍ଲଟ୍ ସନ୍ଦେହଘେରରେ ରହୁଛି। ଚଳିତବର୍ଷ ଖରିଫ୍ ଋତୁରେ ସନ୍ଦିଗ୍ଧ ପ୍ଲଟ ସଂଖ୍ୟା ୭୯ ହଜାର ଟପିଛି। ଅନାବାଦି ଜମି ବା ଚାଷ ନ କରି ଚାଷୀ ପ୍ଲଟ ପଞ୍ଜିକରଣ କରୁଥିବା କୁହାଯାଉଥିବାବେଳେ ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ପକ୍ଷରୁ ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ବର୍ତ୍ତମାନର ଶାସକ ଦଳ ବିରୋଧୀ ଦଳରେ ଥିବାବେଳେ ସାଟେଲାଇଟ୍ ସର୍ଭେ ରିପୋର୍ଟକୁ ନେଇ ଜିଲ୍ଲାସ୍ତରୀୟ ଖରିଫ୍ ଧାନକ୍ରୟ ବୈଠକରେ ଦୋଷାରୋପ କରୁଥିଲେ। କିନ୍ତୁ ବର୍ତ୍ତମାନ ଏନେଇ ସେମାନେ କୌଣସି ପ୍ରତିକ୍ରିୟା ପ୍ରକାଶ କରୁନାହାନ୍ତି। ଏସବୁ ମଧ୍ୟରେ କ୍ଷତିଗ୍ରସ୍ତ ହେଉଛି ଚାଷୀ।

ଚଳିତ ଖରିଫ୍ ଧାନଚାଷର ସାଟେଲାଇଟ୍ ସର୍ଭେ ରିପୋର୍ଟ ଅନୁଯାୟୀ ଜିଲ୍ଲାର ୭୯,୩୦୯ଟି ପ୍ଲଟ ସନ୍ଦିଗ୍ଧ ରହିଛି। ପଡ଼ିଆ, ଜଙ୍ଗଲ, ବୁଦା ବା କ୍ଷେତ ସଂଲଗ୍ନ ଅଣଚାଷ ଜମିକୁ ପଞ୍ଜିକୃତ କରାଯାଇଥିବା ସର୍ଭେରେ କୁହାଯାଇଛି। ଏହି ପ୍ଲଟ୍ ଗୁଡ଼ିକର କ୍ଷେତ୍ର ସର୍ବେକ୍ଷକଙ୍କ ଦ୍ୱାରା ସରଜମିନ ତଦନ୍ତ କରାଯିବ। ପୁନଃଯାଞ୍ଚ ପରେ ଚାଷ ହୋଇ ନଥିବା ଜମିଗୁଡ଼ିକୁ ବାଦ୍ ଦିଆଯିବା ସହ ଚାଷୀକୁ ଟୋକନ୍ ଦିଆଯିବନାହିଁ। ଚାଷୀ ଏହି ସନ୍ଦିଗ୍ଧ ଜମିସହ ପଞ୍ଜୀକରଣ କରିଥିବା ଅନ୍ୟ ପ୍ଲଟ୍ ଗୁଡ଼ିକ ପାଇଁ ଧାନବିକ୍ରି କରିପାରିବେ। ଚଳିତମାସ ଦ୍ୱିତୀୟ ବା ତୃତୀୟ ସପ୍ତାହରୁ ସମ୍ଭାବ୍ୟ ଖରିଫ ଧାନକ୍ରୟ ଥିବାରୁ ଶେଷମୁହୂର୍ତ୍ତରେ ରିପୋର୍ଟକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସମ୍ବଲପୁର ଜିଲାର ୩ଟି ଉପଖଣ୍ଡରେ ଚଳିତ ଖରିଫ୍‌ରେ ୪୫ ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଓ ବୃହତ୍ କ୍ଷେତ୍ର ବହୁମୁଖୀ ସମବାୟ ସମିତି (ଲ୍ୟାମ୍ପସ) ଏବଂ ୧୧ଟି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଧାନକ୍ରୟ କରାଯିବ। ଚଳିତ ଖରିଫରେ ଧାନବିକ୍ରି ପାଇଁ ୬୫,୧୪୨ ଚାଷୀ ପଞ୍ଜିକୃତ ହୋଇଛନ୍ତି।

୨୦୨୧ ମସିହା ସର୍ଭେରେ ସମ୍ବଲପୁର ଜିଲାରେ ୨୬,୬୧୭ ପ୍ଲଟ୍ ସନ୍ଦିଗ୍ଧ ଜଣାପଡ଼ିଥିବାବେଳେ ୨୦୨୨ରେ ୨୦,୦୪୩ ପ୍ଲଟ୍, ୨୦୨୩ରେ ୫୦,୫୫୯ ପ୍ଲଟ୍ ଏବଂ ୨୦୨୪ରେ ୬୪,୭୯୮ ପ୍ଲଟ୍ ସନ୍ଦିଗ୍ଧ ବୋଲି ସାଟେଲାଇଟ୍ ସର୍ଭେରୁ ଜଣାପଡ଼ିଥିଲା। ଉପନିବନ୍ଧକ ସମବାୟ ସମିତି ସମୂହ (ଡିଆର୍‌ସିଏସ୍) କାର୍ଯ୍ୟାଳୟରୁ ସୂଚନା ଅନୁଯାୟୀ, ସାଟେଲାଇଟ୍ ସର୍ଭେରେ ୭୯,୩୦୯ ପ୍ଲଟ୍ ସନ୍ଦିଗ୍ଧ ବୋଲି ରିପୋର୍ଟ ଆସିଛି। ୯ଟି ତହସିଲର ୧୨୩୩ଟି ଗ୍ରାମରେ ୩୧୮ ଜଣ କ୍ଷେତ୍ର ସର୍ଭେୟରଙ୍କୁ ନିୟୋଜିତ କରାଯାଇଛି ଏବଂ ୭ ଦିନ ମଧ୍ୟରେ ସେମାନେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଶ୍ରୀରାଧାକୃଷ୍ଣ ହିନ୍ଦୀ ବିଦ୍ୟାଳୟରେ ବିଜ୍ଞାନ ମେଳା



ବାଲେଶ୍ୱର,୪।୧୧(ସମିସ): ମୋତିଗଞ୍ଜ ବଜାର ସ୍ଥିତ ଶ୍ରୀ ରାଧାକୃଷ୍ଣ ହିନ୍ଦୀ ବିଦ୍ୟାଳୟରେ ବାର୍ଷିକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ବିଜ୍ଞାନ ମେଳାକୁ ବରିଷ୍ଠ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଲୋପାମୁଦ୍ରା ପଟ୍ଟନାୟକ ଉଦଘାଟନ କରିଥିଲେ। ସିଆରସି ସରିତା ଦ୍ୱିବେଦୀ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ନାୟକ ନିଜର ବକ୍ତବ୍ୟ ରଖିଥିଲେ। ଏହି ବାର୍ଷିକ ବିଜ୍ଞାନ ମେଳା ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

# ୧୬ରେ ସ୍ନାତକୋତ୍ତର ଶିକ୍ଷାର୍ଥୀ କର୍ମଶାଳା ଓ ଚିକିତ୍ସକ ସମ୍ମିଳନୀ

ବାଲେଶ୍ୱର, ୪।୧୧(ସମିସ): ସିଦ୍ଧ ବୈଦ୍ୟ ସ୍ୱର୍ଗତଃ ଶୀତିକଣ୍ଠ ଦାସଙ୍କ ସ୍ମୃତିରେ ଆୟୁର-ଆବେଗ ସଂଗଠନ ପକ୍ଷରୁ ଆସନ୍ତା ୧୬ ତାରିଖରେ ପଞ୍ଚମ ରାଜ୍ୟସ୍ତରୀୟ ସ୍ନାତକୋତର ଶିକ୍ଷାର୍ଥୀ କର୍ମଶାଳା ଓ ଚିକିତ୍ସକ ସମ୍ମିଳନୀ ଆୟୋଜନ ପାଇଁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏହି ପରିପ୍ରେକ୍ଷୀରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାଧ୍ୟମରେ ସମ୍ମିଳନୀର ଜନସମ୍ପର୍କ ଅଭିଯାନ ଆରମ୍ଭ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ଏହି ରାଜ୍ୟସ୍ତରୀୟ ସମ୍ମିଳନୀର ବିବରଣୀ ପତ୍ରିକା ଉନ୍ମୋଚନ କରିଥିଲେ। ଭାରପ୍ରାପ୍ତ ଜିଲ୍ଲା ଆୟୁର୍ବେଦିକ ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଜୟନ୍ତ ପ୍ରଧାନ ଯୋଗଦେଇ ସମ୍ମିଳନୀର ସଫଳତା କାମନା କରିଥିଲେ। କମିଟି ସଭାପତି କବି ପ୍ରଶାନ୍ତ ଦାସ କାର୍ଯ୍ୟକ୍ରମର ଆବଶ୍ୟକତା ଓ ଉପାଦେୟତା ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ମିଳନୀ ଆୟୋଜନ କମିଟିର ଚେୟାରମ୍ୟାନ ଡାକ୍ତର ଶାନ୍ତନୁ ଦାସ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ। ଚଳିତ ବର୍ଷର ବିଷୟ ପେଟ ରୋଗ ଏବଂ ତତ୍ ସମ୍ବନ୍ଧୀୟ ଆୟୁର୍ବେଦିକ ଚିକିତ୍ସାଗତ ରଣନୀତି ଉପରେ ସ୍ନାତକୋତର ଶିକ୍ଷାର୍ଥୀଙ୍କୁ ଅଧିକ ଗବେଷଣା କରିବା ନିମନ୍ତେ ଏହି ସମ୍ମିଳନୀ ପ୍ରୋତ୍ସାହିତ କରିବ ବୋଲି ସେ କହିଥିଲେ। ଶାସ୍ତ୍ରୀୟ ସମ୍ମତ ଆୟୁର୍ବେଦରେ ନୂତନ ଉଦ୍ଭାବନ ସହ ସାମ୍ପ୍ରତିକ ସ୍ଥିତିରେ ରୋଗ ନିରାକରଣରେ ଆୟୁର୍ବେଦର ଭୂମିକା ସମ୍ପର୍କରେ ଏଥିରେ ଅଖିଳ ଭାରତୀୟ ଆୟୁର୍ବେଦ ସଂସ୍ଥାନ (ଏଆଇଆଇଏ) ସହିତ ବିଭିନ୍ନ ଅନୁଷ୍ଠାନରୁ ବିଶେଷଜ୍ଞମାନେ ସନ୍ଦର୍ଭ ଉପସ୍ଥାପନ କରିବେ। ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ଗତିକୃଷ୍ଣ ପଣ୍ଡା, ଡାକ୍ତର ହିମାଦ୍ରି ଭଞ୍ଜ ଓ ଡାକ୍ତର ସମ୍ବିତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ରସାଲପୁର ସରସ୍ୱତୀ ଶିଶୁ ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା



ବାଲେଶ୍ୱର, ୪।୧୧(ସମିସ): ରସାଲପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଜୟଦେବକସବା ହାଇସ୍କୁଲ ପ୍ରଧାନ ଶିକ୍ଷକ ନବକିଶୋର ବାରିକ୍ ଏହାକୁ ଉଦ†ାଟନ କରିଥିଲେ। ଯଦୁନାଥ ମହାବିଦ୍ୟାଳୟର ବିଜ୍ଞାନ ବିଭାଗ ଅଧ୍ୟାପକ ସଂଜୟ କୁମାର ସାହୁ ମୁଖ୍ୟବକ୍ତା ଭାବେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂପାଦକ ଶିକ୍ଷା ସାରଥୀ ଶମ୍ଭୁନାଥ ଯାଦବ, ବିଦ୍ୱତ୍ ପରିଷଦର ମୁଖ୍ୟ ସମାଜସେବୀ ଶିବାଜୀ ବକ୍ତବ୍ୟ ରଖିଥିଲେ। ପ୍ରଧାନ ଆଚାର୍ଯ୍ୟା ଦେବସ୍ମିତା ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଜୟସ୍ମିତା ଗୁରୁମା', ପ୍ରତିମା ଗୁରୁମା', ବିନୀତା ଗୁରୁମା', ଝୁନୀ ଗୁରୁମା', ମିତା ଗୁରୁମା', ପ୍ରଦୀପ ଗୁରୁଜୀ, ସୁପ୍ରଭାତ ଗୁରୁଜୀ, ଜ୍ୟୋତି ଗୁରୁମା', ମନୀଷା ଗୁରୁମା', ପ୍ରୀତିଲତା ଗୁରୁମା', ସୁକନ୍ୟା ଗୁରୁମା' ଓ ସେବୀକା ରଞ୍ଜିତା ଆଚାର୍ଯ୍ୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ୮୦ ଜଣ କୁନି ବୈଜ୍ଞାନିକ ଅଂଶ ଗ୍ରହଣ କରିଥିଲେ। ବିଚାରକ ଭାବେ ଯଦୁନାଥ ମହାବିଦ୍ୟାଳୟର ବିଜ୍ଞାନ ବିଭାଗର ଅଧ୍ୟାପକ ଚିରଞ୍ଜିବ୍ ବିଶ୍ୱାଳ ଓ ଭାଗ୍ୟଦୀପ୍ ମିଶ୍ର ମୂଲ୍ୟାୟନ କରିଥିଲେ।

# ବାଲେଶ୍ୱର ବନ୍ଦର ଥିଲା ଉତ୍କଳ ନୌବାଣିଜ୍ୟର ପ୍ରଧାନ କେନ୍ଦ୍ରସ୍ଥଳୀ

ବାଲେଶ୍ୱର,୪।୧୧(ସମିସ)



ଜନ ଶ୍ରୁତିରେ ଅଛି 'ଆ କା ମା ବୈ, ପାନ ଗୁଆ ଥୋଇ, ପାନ ଗୁଆ ତକ ତୋର, ମାସକ ଧରମ ମୋର' । କାର୍ତ୍ତିକ ମାସରେ ବୋଇତ ମେଲାଇ ଦରିଆରେ, ସାଧବ ଆମର ଯାଇଥିଲେ ଦୂର ଦେଶ ପାରେ'। କାର୍ତ୍ତିକ ମାସ ଉତ୍କଳୀୟ ଜାତୀୟ ଜୀବନର ଶାସ୍ତ୍ରିକ, ସାମାଜିକ, ସାଂସ୍କୃତିକ, ଅର୍ଥନୀତିକ ଓ ରାଜନୀତିକ ଜୀବନ ଅଭ୍ୟୁଦୟର ସ୍ମରଣୀୟ ଅଧ୍ୟାୟ। ତେବେ ଉତ୍କଳର ବାଣିଜ୍ୟିକ ଐତିହ୍ୟରେ ବାଲେଶ୍ୱରର ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ। କାରଣ ବାଲେଶ୍ୱର ବନ୍ଦରକୁ ବିଭିନ୍ନ ଦେଶରୁ ଜାତିମାନେ ବାଣିଜ୍ୟ କରିବାକୁ ଆସୁଥିଲେ। ଯାହାର ସ୍ମୃତି ବହନ କରି ବାଲେଶ୍ୱରରେ ବୋଇତ ବନ୍ଦାଣ ଉତ୍ସବ ପ୍ରତିବର୍ଷ ପାଳିତ ହେଉଛି।

ଉତ୍କଳର ଅତୀତ ଇତିହାସରୁ ଏକଥା ସ୍ପଷ୍ଟ ହୁଏ ଯେ ନୌବାଣିଜ୍ୟ କ୍ଷେତ୍ରରେ ଉତ୍କଳ ଦିନେ ସୁବର୍ଣ୍ଣ ଯୁଗକୁ ଉତ୍ତୀର୍ଣ୍ଣ ହୋଇଥିଲା। ଉତ୍କଳର ସାଧବ ପୁଅ ଦିନେ ସାଗର ପାରି ବ୍ରହ୍ମ ଦେଶ, ଶ୍ୟାମ ଦ୍ୱୀପ, ସିଂହଳ ଜାଭା, ସୁମାତ୍ରା, ବାଲି, ବୋର୍ଣ୍ଣିଓ, ଚମ୍ପା ପ୍ରଭୃତି ଦେଶମାନଙ୍କ ସହିତ ବାଣିଜ୍ୟ କରି ଉତ୍କଳକୁ ଧନଧାନ୍ୟରେ ପୂର୍ଣ୍ଣ କରିଥିଲେ। ହଣ୍ଟରଙ୍କ ଓଡିଶା ଇତିହାସରୁ ଜଣାଯାଏ, ସେ ସମୟର ଉତ୍କଳରେ କାର୍ଯ୍ୟକ୍ଷମ ହେଉଥିବା ବନ୍ଦର ଗୁଡ଼ିକ ହେଉଛି ସୁବର୍ଣ୍ଣରେଖା, ଛାନୁଆ, ବାଲେଶ୍ୱର, ଛଣପୁର, ଚୂଡ଼ାମଣି, ଧାମରା, ଫଲସ୍ ପଏଣ୍ଟ, ପୁରୀ ଓ ଗୋପାଳପୁର। ଏସବୁ ବନ୍ଦର ମାନଙ୍କ ମଧ୍ୟରୁ ଧାମରା ବନ୍ଦରଟି ଗଭୀରତମ ବନ୍ଦର ହୋଇଥିବାରୁ ଏହା ବର୍ଷସାରା ନୌବାଣିଜ୍ୟ କ୍ଷେତ୍ରରେ କାର୍ଯ୍ୟକ୍ଷମ ଥିଲା। ଉପରୋକ୍ତ ବନ୍ଦର ଗୁଡିକରୁ ରପ୍ତାନି ହେଉଥିବା ଦ୍ରବ୍ୟ ମାନଙ୍କ ମଧ୍ୟରେ ଧାନ, ଚାଉଳ, ଶୁଖୁଆ, ଚମଡା, ଘିଅ, ଲାଖ, ଝୁଣା ଆଦି ଅନ୍ୟତମ। ଏସବୁ ଦ୍ରବ୍ୟ ଓଡ଼ିଶାର ଜଙ୍ଗଲ ଏବଂ ସମତଳ ଭୂମିରୁ ପ୍ରଚୁର ପରିମାଣରେ ସଂଗ୍ରହ ହେଉଥିଲା। ବାହାରୁ ଆମଦାନୀ ହେଉଥିବା ଦ୍ରବ୍ୟ ମାନଙ୍କ ମଧ୍ୟରେ ଲୁଣ, କିରାସିନି, ସୋରିଷ ତେଲ, ଗୁଆ, ନଡିଆ, ବିବିଧ ମସଲା, ଲୁଗା, ସୂତା ଓ ଧୂଆଁ ପତ୍ର ଇତ୍ୟାଦି। ବିଶେଷକରି ଷୋଡଶ ଓ ଶତଦଶ ଶତାବ୍ଦୀରେ ଓଡ଼ିଶାରେ ନୌବାଣିଜ୍ୟର ପ୍ରମୁଖ ବିକାଶ ସାଧିତ ହୋଇଥିଲା। ଏହି ନୌବାଣିଜ୍ୟକୁ ଆଶ୍ରୟ କରି ଓଡ଼ିଶାର ଜନମାନସରେ ଅନେକ କାହାଣୀ ଗଢି ଉଠିଥିଲା। ଏମାନଙ୍କ ମଧ୍ୟରୁ ତଅପୋଇ, ସଦାନନ୍ଦ ସୌଦାଗର, ଅଭିନ୍ନ ମଦନ ପାଲା, କାଠୁରିଆ ପାଲା ଓ ଖୁଦୁରୁକୁଣୀ ଓଷା ଆଦି ପର୍ବପର୍ବାଣୀ ମାଧ୍ୟମରେ ଓଡ଼ିଶାରେ ବହୁଳ ଭାବରେ ଲୋକପ୍ରିୟତା ଅର୍ଜନ କରିଥିଲା। କବି ନରସିଂହ ସେଣ, ଦୀନକୃଷ୍ଣ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସେମାନଙ୍କ କାବ୍ୟରେ ଉତ୍କଳର ନୌବାଣିଜ୍ୟର ମନୋରମ ଚିତ୍ର ବର୍ଣ୍ଣନା କରିଛନ୍ତି। ଏହାଛଡା ମାଦଳା ପାଞ୍ଜିରେ ମଧ୍ୟ ଉତ୍କଳର ନୌବାଣିଜ୍ୟର କଥା ରହିଛି। ବାଲେଶ୍ୱର ବନ୍ଦର ଥିଲା ଉତ୍କଳ ନୌବାଣିଜ୍ୟର ଏକ ପ୍ରଧାନ କେନ୍ଦ୍ରସ୍ଥଳୀ। ଫକୀରମୋହନ ତାଙ୍କ ଆତ୍ମଜୀବନ ଚରିତରେ କମଳା ପ୍ରସାଦ ଗୋରାପ, କାଳିକା ପ୍ରସାଦ ଗୋରାପ ପ୍ରବନ୍ଧରେ ଓଡ଼ିଶା ତଥା ବାଲେଶ୍ୱର ନୌବାଣିଜ୍ୟର ବାସ୍ତବ ଚିତ୍ର ପ୍ରଦାନ କରିଛନ୍ତି। ତାଙ୍କ ଆତ୍ମଜୀବନୀରେ ବାଲେଶ୍ୱର ବନ୍ଦରରୁ ସହସ୍ର ବୋଇତ ସମୁଦ୍ର ଦ୍ୱୀପମାନଙ୍କୁ ତଥା ମାଡ୍ରାସ ଓ କଲିକତାକୁ ଯିବାର ଉଲ୍ଲେଖ ରହିଛି। ଯାହାଫଳରେ ଚାନ୍ଦିପୁର ମୁହାଣ ଦେଇ ବାଲେଶ୍ୱର ବାଲିଘାଟ ଓ ପରମିଟ ଘାଟକୁ ଯେଉଁସବୁ ପାଲଟଣା ବୋଇତ ଆସୁଥିଲା ସେସବୁ ବୋଇତ ମାନଙ୍କରେ ବ୍ୟବହୃତ ହେଉଥିବା ଓଝାଲ ଗୁଡିକର ମରାମତି କାର୍ଯ୍ୟର ତଦାରଖ ମଧ୍ୟ ଫକୀରମୋହନ ତାଙ୍କ ଯୁବକ ଅବସ୍ଥାରେ କରିଥିଲେ। ଫକୀରମୋହନଙ୍କ ବଡବାପା ଘରେ ଓଝାଲ ସିଲାଇ ପାଇଁ ଅନେକ ଦରଜୀ ନିଯୁକ୍ତି କରିଥିଲେ। କାଳକ୍ରମେ ନଦୀ ମୁହାଣ ପୋତିଯିବା ଏବଂ ସାମୁଦ୍ରିକ ବନ୍ୟା ଫଳରେ ନୌବାଣିଜ୍ୟ ବନ୍ଦ ହୋଇଆସିଲା। ବାଲେଶ୍ୱର ବନ୍ଦରକୁ ବାହାର ଦେଶର ଇଂରେଜ/ବ୍ରିଟିଶ, ଓଲନ୍ଦାଜ, ଫ୍ରାନ୍ସ (ଫରାସୀ), ଡେନମାର୍କ(ଡିନାମାର) ଆଦି ଜାତିମାନେ ବାଣିଜ୍ୟ କରିବାକୁ ଆସୁଥିଲେ। ବାଲେଶ୍ୱରରେ ଏବେ ସେମାନଙ୍କର ରହିଥିବା ସ୍ଥାନ ମାନଙ୍କର ନାମ ମଧ୍ୟ ପ୍ରଚଳିତ ଅଛି। ଯଥା ଫରାସୀଡିଙ୍ଗା, ଡିନାମାରଡିଙ୍ଗା, ଓଲନ୍ଦାଜସାହି ଇତ୍ୟାଦି। ଅତୀତର ସର୍ଭେରୁ ବାଲେଶ୍ୱରର ଓଲନ୍ଦା ନାଳରୁ ସେମାନଙ୍କ ଦ୍ୱାରା ବ୍ୟବହୃତ ପୋତ ମଧ୍ୟ ଆବିଷ୍କାର କରାଯାଇଥିଲା। ସେତେବେଳେ ବାଲିଘାଟ ଓ ପରମିଟ ଘାଟ ଏବଂ ପୁରୁଣା ବାଲେଶ୍ୱର ନଦୀ ଘାଟରେ ବହୁତ ବଙ୍କଶାଳ ରହିଥିଲା। ଯେଉଁଠି ଶହ ଶହ ବିଭିନ୍ନ କିସମର ପୋତ ସବୁ ନିର୍ମିତ ହେଉଥିଲା। ଅତୀତର ସେହି ନମୁନା ସ୍ୱରୂପ ଏବେ ମଧ୍ୟ ପରମିଟ ଘାଟ ନଦୀକୂଳ ବଙ୍କଶାଳରେ ପୋତ ସବୁ ନିର୍ମିତ ହେଉଛି। ଯାହା ଅତୀତ ନୌବାଣିଜ୍ୟର ସ୍ମୃତିକୁ ବହନ କରିଥାଏ ବୋଲି ଗବେଷକ ଡ. ଅରବିନ୍ଦ ଗିରି ସୂଚନା ଦେଇଛନ୍ତି। ସେହିପରି ଆ.କା.ମା.ବୈ ସାଂସ୍କୃତିକ ଅନୁଷ୍ଠାନର ଉପଦେଷ୍ଟା ମୁରଲୀଧର ନାୟକ କହିଛନ୍ତି, ବାଲେଶ୍ୱରର ବାଲିଘାଟ କଳିଙ୍ଗ ସାମ୍ରାଜ୍ୟର ଏକ ଅଭୁଲା ସ୍ମୃତି। ୧୬୩୩ ମସିହାରେ ବାଲେଶ୍ୱର ବନ୍ଦର ଗଢିଉଠିଥିଲା। ଲୁଗା, ସିଲକ୍, କାରବାର, ଜାହାଜ ନିର୍ମାଣର ପେଣ୍ଠସ୍ଥଳୀ ଥିଲା ବାଲେଶ୍ୱର। କର୍ପୁର ଉଡିଯାଇଛି, କନା ପଡ଼ିରହିଛି, ନ୍ୟାୟରେ ଆମେ ସିନା ସ୍ମୃତି ବଞ୍ଚାଇବାକୁ ପ୍ରୟାସ ଜାରି ରଖିଛୁ। ମାତ୍ର ଅର୍ଥନୀତି ମାନଦଣ୍ଡରେ ଆମେ ପଛୁଆ ଅଛୁ। ୮୦ ପ୍ରତିଶତ ଶିକ୍ଷିତ ଯୁବକ ଯୁବତୀ ଏବେ ଦିଗହରା। ଶିଳ୍ପ ନାହିଁ, କାମ ନାହିଁ। ଯାହାବି ହାତଗଣତି କୋଟୋଟି ବାଲେଶ୍ୱରରେ ଶିଳ୍ପ ଅଛି ତାହାର ଅବସ୍ଥା ନକହିବା ଭଲ। ସ୍ମୃତିକୁ ଜାବୁଡି ଧରି ମାନସିକ ଦୁଶ୍ଚିନ୍ତାରେ ଆଜିର ଯୁବପିଢ଼ି'। ଚଳିତ ବର୍ଷ ୧୪ ତମ ଉତ୍ସବ ପାଳିତ ହେଉଛି। ଆଜି ଓ କାଲି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ପିଲାମାନଙ୍କ ଭିତରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହେଉଛି। ପୋଖରୀରେ ସମସ୍ତେ ଡଙ୍ଗା ଭସାନ୍ତି ଏବଂ ମହାଦେବ ମନ୍ଦିରରେ ପୂଜାର୍ଚ୍ଚନା କରିଥାନ୍ତି ଏବଂ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥାଏ ବୋଲି ଛତୁଆ ପୋଖରୀ ବୋଇତ ବନ୍ଦାଣ ଉତ୍ସବ କମିଟି ସଭାପତି ମନୋଜ କୁମାର ରାଉତ କହିଛନ୍ତି।

ଏବର୍ଷ ୬୬ ତମ ବୋଇତ ବନ୍ଦାଣ ଉତ୍ସବ ପାଳନ ହେବ। ପାରାଦୀପକୁ ବାଦ୍ ଦେଲେ ଏହା ଓଡ଼ିଶାର ସର୍ବପୁରାତନ ବୋଇତ ବନ୍ଦାଣ ଉତ୍ସବ ବୋଲି ସୁନହଟ ବୋଇତ ବନ୍ଦାଣ ଉତ୍ସବ କମିଟି ଉପସଭାପତି ସାହିରୁଲ ହକ୍ ମତବ୍ୟକ୍ତ କରିଛନ୍ତି।

**ଏଠାକୁ ଇଂରେଜ, ଓଲନ୍ଦାଜ, ଫ୍ରାନ୍ସ, ଡେନମାର୍କ ବାଣିଜ୍ୟ କରିବାକୁ ଆସୁଥିଲେ**

**ସ୍ମୃତି ବହନ କରି ପ୍ରତିବର୍ଷ ପାଳିତ ହେଉଛି ବୋଇତ ବନ୍ଦାଣ ଉତ୍ସବ**



ସହରରେ ବିଭିନ୍ନ ଡିଜାଇନର ବୋଇତ ବିକ୍ରି

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ 'ଭିଜନ ସେଣ୍ଟର' ଉଦ୍‌ଘାଟିତ




ବାଲେଶ୍ୱର,୪।୧୧(ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟ ହେଲଥ କେୟାର ସେଣ୍ଟରରେ ବାଲେଶ୍ୱର ରୋଟାରୀ ଆଇ ହସ୍ପିଟାଲ୍ ମିଳିତ ସହଯୋଗରେ ଚକ୍ଷୁ ପରୀକ୍ଷଣ କେନ୍ଦ୍ର (ଭିଜନ ସେଣ୍ଟର) ଉଦଘାଟିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏହି କେନ୍ଦ୍ରର ଉଦଘାଟନ କରିଥିଲେ। ଏହି ଅବସରରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଓ କୁଳସଚିବ କୁକୁମୀନା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅଧ୍ୟାପକ-ଅଧ୍ୟାପିକାବୃନ୍ଦ, ଛାତ୍ରଛାତ୍ରୀ ଓ ଅଣଶିକ୍ଷକ କର୍ମଚାରୀମାନେ ଉପସ୍ଥିତ ହୋଇ ସ୍ଥାପିତ ମେସିନ ଦ୍ୱାରା ନିଜ ନିଜର ଚକ୍ଷୁ ପରୀକ୍ଷା କରାଇଥିଲେ ତଥା ବିଶ୍ୱବିଦ୍ୟାଳୟର ସମଗ୍ର ସ୍ୱାସ୍ଥ୍ୟ ଓ ସାମାଜିକ କଲ୍ୟାଣ ପ୍ରତି ଦୃଢ଼ ପ୍ରତିବଦ୍ଧତାକୁ ସୁବିଦିତ କରିଥିଲେ। ରୋଟାରୀ ଆଇ ହସ୍ପିଟାଲ୍ ଅଧ୍ୟକ୍ଷ ରୋଟେରିଆନ୍ ବିଷ୍ଣୁଦାସ କୁଣ୍ଡୁ, ବାଲେଶ୍ୱର ରୋଟାରୀ କ୍ଲବର ସେକ୍ରେଟେରୀ ଦେବାଶିଷ ଦାସ ଓ ବରିଷ୍ଠ ପରାମର୍ଶଦାତା ସୁବ୍ରତ କର ଓ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ଡାକ୍ତର ସୋମା ନନ୍ଦଙ୍କ ସହ ଫକୀରମୋହନ ବିଶ୍ୱବିଦ୍ୟାଳୟ ହେଲ୍ଥ କେୟାର ସେଣ୍ଟରର କର୍ମଚାରୀ ମିନତୀ ପାତ୍ର, ଅଶ୍ରୁମୋଚନ ବାରିକ, ଅଞ୍ଜଳି ପ୍ରଧାନ ଓ ଶିବାନୀ ହାନ୍ସଦା (ଓ.ଆଇ.ସି., ବିଶ୍ୱବିଦ୍ୟାଳୟ ହେଲ୍ଥ ସେଣ୍ଟର) ଯୋଗଦେଇ ଏହି ଉଦ୍ୟମକୁ ସଫଳ କରିବାରେ ସହଭାଗୀ ହୋଇଥିଲେ।

# ଇନ୍ସପେକ୍ଟର ସ୍ତରରେ ଅଦଳବଦଳ

ବାଲେଶ୍ୱର,୪।୧୧(ସମିସ): ଜିଲ୍ଲା ପୁଲିସ ମୁଖ୍ୟାଳୟ ପକ୍ଷରୁ ଦ୍ୱିତୀୟ ଥର ପାଇଁ ପୁଣିଥରେ ଇନ୍ସପେକ୍ଟର ଏବଂ ଆସିଷ୍ଟାଣ୍ଟ ସବ୍ ଇନସପେକ୍ଟର ସ୍ତରରେ ଅଦଳବଦଳ ହୋଇଛି। ସହଦେବଖୁଂଟାରେ କାର୍ଯ୍ୟରତ ଥିବା ଇନସପେକ୍ଟର ଅଜୟ କୁମାର ମୁର୍ମୁଙ୍କର ସଦର ଥାନାକୁ ବଦଳି ହୋଇଥିବା ବେଳେ ସଦର ଥାନାରେ କାର୍ଯ୍ୟରତ ଥିବା ଇନସପେକ୍ଟର ସାଲଖାନ ମୁର୍ମୁଙ୍କ ବାଲିଆପାଳ ଥାନାକୁ ବଦଳି ହୋଇଛି। ସେହିପରି କମର୍ଦ୍ଦା ଥାନାରେ କାର୍ଯ୍ୟରତ ଥିବା ଇନସପେକ୍ଟର ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କୁ ବାଲେଶ୍ୱର ଟ୍ରାଫିକ ଥାନାକୁ ବଦଳି କରାଯାଇଥିବା ବେଳେ ଭୋଗରାଇ ଥାନାରେ କାର୍ଯ୍ୟରତ ଥିବର ଇନସପେକ୍ଟର କମର୍ଦ୍ଦା ଥାନାକୁ ବଦଳି ହୋଇଛି। ସେହିପରି ବାଲେଶ୍ୱର ଟ୍ରାଫିକ ଥାନାରେ କାର୍ଯ୍ୟରତ ଥିବା ଇନ୍ସପେକ୍ଟର ଭୂବନମୋହନ ସେଠୀଙ୍କର ଖଇରା ଥାନାକୁ ବଦଳି ହୋଇଛି। ସହଦେବଖୁଂଟା ଥାନାରେ ଇନସପେକ୍ଟର ଭାବେ କାର୍ଯ୍ୟ କରୁଥିବା ସସ୍ମିତା ମଲ୍ଲିକଙ୍କୁ ଶିଳ୍ପାଂଚଳ ଥାନାକୁ ବଦଳି ହୋଇଥିବା ବେଳେ କଶାଫଳ ମେରାଇନ ଥାନାରେ କାର୍ଯ୍ୟରତ ଥିବା ଇନସପେକ୍ଟର ପ୍ରଶାନ୍ତ କୁମାର ପାଣିଙ୍କର ଅନନ୍ତପୁର ଥାନାକୁ ବଦଳି ହୋଇଛି। ସେହିପରି ଜିଲ୍ଲା ମୁଖ୍ୟାଳୟରେ ଇନ୍ସପେକ୍ଟର ଭାବେ କାର୍ଯ୍ୟକରୁଥିବା ଆଲୋକ କୁମାର ବେହେରାଙ୍କ ଆଇୟୁସିଏଡବ୍ଲ୍ୟୁକୁ ବଦଳି ହୋଇଥିବା ବେଳେ ଆଇ/ସି(ଆରଏସଆଇ)ରେ ଇନ୍ସପେକ୍ଟର ଭାବେ କାର୍ଯ୍ୟକରୁଥିବା ଦିଲ୍ଲୀପ କୁମାର ସାମଲଙ୍କ ବାଲେଶ୍ୱର ସ୍ପେଶାଲ ସ୍କ୍ୱାର୍ଡକୁ ବଦଳି ହୋଇଛି। ସେହିପରି ସୋର ଥାନାରେ କାର୍ଯ୍ୟକରୁଥିବା ଆସିଷ୍ଟାଂଟ ସବ୍‌ଇନସପେକ୍ଟର ସଂଗ୍ରାମ କେଶରୀ ବେହେରାଙ୍କ ଆରଏଏସଆଇକୁ ବଦଳି ହୋଇଛି।

# ବିନା ନିଲାମରେ ଘାଟରେ ଡଙ୍ଗା ଚଳାଇବା ଅଭିଯୋଗ

ବାଲେଶ୍ୱର,୪।୧୧(ସମିସ): ବିନା ନିଲାମରେ ଘାଟରେ ଡଙ୍ଗା ଚଳାଇବାକୁ ନେଇ ଆଲୁମେଦା ସରପଂଚ ମମତା ଦେନା ଓ ଆଲୁମେଦା ପିଇଓ ଅମରେଶଚନ୍ଦ୍ର ପଣ୍ଡା ସଦର ବିଡ଼ିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆଲୁମେଦା ଗ୍ରାମପଂଚାୟତ ଅଧିନ ଆଲୁମେଦା ସାହୁ ଫେରିଘାଟକୁ ଗ୍ରାମପଂଚାୟତରେ ଅଧିବେସନ କରାଯାଇ ବିଜୟ କୁମାର ପରିଡାଙ୍କୁ ଘାଟରେ ଡଙ୍ଗା ଚଳାଇବା ପାଇଁ ନିଲାମ ଦିଆଯାଇଛି। ଏପରିକି ସେ ମଧ୍ୟ ତାଙ୍କ କାର୍ଯ୍ୟ କରୁଛନ୍ତି। ହେଲେ ଗତମାସ ୨୭ତାରିଖ ଠାରୁ ଉକ୍ତ ଫେରିଘାଟ ଠାରୁ ୧କିମି ଦୂରରେ କଷାଫଳ ଗ୍ରାମପଂଚାୟତ ଅଧିନସ୍ଥ ସାର୍ଥାବିନ୍ଧାରେ ବେଆଇନ ଭାବେ ଓ ବିନା ନିଲାମରେ ପୂର୍ଣ୍ଣଚନ୍ଦ୍ର ସାସମଲ ଏହି କାର୍ଯ୍ୟ କରୁଛନ୍ତି। ଏପରିକି ସେ ଏକ ଘାଟ ପକାଇ ଡଙ୍ଗାରେ ଲୋକମାନଙ୍କ ସମେତ ମୋଟରସାଇକେଲ ଆଦି ନଦୀ ପାର କରୁଛନ୍ତି। ଫଳରେ ସାହୁ ଫେରିଘାଟରେ ବହୁ କ୍ଷତିରେ ପଡୁଛି। ଏ ନେଇ ପୂର୍ବରୁ ସରପଂଚ ବିଡ଼ିଓ ଓ ବିଭାଗୀୟ ଅଧିକାରୀଙ୍କୁ ମୌଖିକ ଅବଗତ କରାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଏଣୁ ବାଧ ହୋଇ ସେ ବିଡ଼ିଓଙ୍କ ଠାରେ ଲିଖିତ ଅଭିଯୋଗ କରିବା ସହ କଷାଫଳ ଗ୍ରାମପଂଚାୟତ ଅଧିନ ସାର୍ଥାବିନ୍ଧାରେ ଚାଲୁଥିବା ବେଆଇନ ଘାଟକୁ ବନ୍ଦ କରିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।



# ଦେଶୀ ମଦ ଜବତ, ୩ ଗିରଫ



ବାଲେଶ୍ୱର,୪।୧୧(ସମିସ): ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଖାନନଗରଠାରେ ଚଢ଼ଉ କରାଯାଇ ୩୪୫ଲିଟର ଦେଶୀମଦ ଜବତ କରିବା ସହ ୩ଜଣ ବେପାରୀକୁ ମଧ୍ୟ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ରେବତୀ ସିଂ(୪୫),ବସନ୍ତ ସିଂ(୫୦) ଏବଂ ସଞ୍ଜୟ ଦାସ(୪୯)। ଖାନନଗର ଠାରେ ବ୍ୟାପକ ଭାବେ ଚୋରା ଦେଶୀମଦ କାରବାର ହେଉଥିବା ନେଇ ଅବକାରୀ ବିଭାଗ ଖବର ପାଇବା ପରେ ସେଠାରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ସେମାନଙ୍କ ଠାରୁ ୩୪୫ଲିଟର ମଦ ଜବତ କରାଯାଇଥିଲା ଯାହାର ମୂଲ୍ୟ ୭୦ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ କୁହାଯାଇଛି। ଏହି ଚଢ଼ାଉରେ ଅବକାରୀ ବିଭାଗର ଅଧିକାରୀମାନେ ସାମିଲ ଥିଲେ।

# ଚାରାରୋପଣରେ ଖର୍ଚ୍ଚ ହେବ ୨୦ ଲକ୍ଷ

## ପ୍ରଥମ ପର୍ଯ୍ୟାୟରେ ୩ ଲକ୍ଷ ୬୪ ହଜାର ଟଙ୍କା ବ୍ୟୟ

ବାଲେଶ୍ୱର, ୪।୧୧(ସମିସ)



ବାଲେଶ୍ୱର ସହରର ବିଭିନ୍ନ ରାସ୍ତାର ଡିଭାଇଡରରେ ଚାରାରୋପଣ କରାଯାଉଛି, ହେଲେ ରକ୍ଷଣାବେକ୍ଷଣ ଅଭାବରୁ ତାହା ନଷ୍ଟ ହୋଇଯାଉଛି।

ଏକ୍ ପେଡ୍ ମା' କେ ନାମ୍' ଅର୍ଥାତ୍ ମା'ଙ୍କ ନାମରେ ଗୋଟିଏ ଗଛ ଅଭିଯାନରେ ବାଲେଶ୍ୱର ସହରରେ ପୌରପାଳିକା ପକ୍ଷରୁ ତିନି ହଜାର ବୃକ୍ଷରୋପଣ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୩ ଲକ୍ଷ ୬୪ ହଜାର ଟଙ୍କା ବ୍ୟୟରେ ସହରର ବିଭିନ୍ନ ରାସ୍ତା ଯଥା ଓଟି ରୋଡ୍, ବିବେକାନନ୍ଦ ମାର୍ଗ, ହସପିଟାଲ ରୋଡ୍, ପୋଲିସ ଲାଇନ ଛକ, ତାମୁଲିଆ ଆଦି ରାସ୍ତାର ଡିଭାଇଡର୍‌ରେ ଗଛ ଲଗାଯାଇଛି। ପ୍ରାୟ ଚାରି ମାସ ହେବ ଗଛ ଲଗା ଆରମ୍ଭ ହୋଇଯାଇଛି।

ମା'ଙ୍କ ନାମରେ ଗୋଟିଏ ଗଛ ଅଭିଯାନରେ ବାଲେଶ୍ୱର ପୌରପାଳିକା ପକ୍ଷରୁ ୨୦ ଲକ୍ଷ ଟଙ୍କା ବଜେଟ୍ ଅଟକଳ ହୋଇଛି। ସେଥିରୁ ପ୍ରଥମ ପର୍ଯ୍ୟାୟରେ ଆସିଥିବା ଟଙ୍କା ୩ ଲକ୍ଷ ୬୪ ହଜାର ଟଙ୍କା ବ୍ୟୟରେ ପୌରପାଳିକା ପକ୍ଷରୁ ବିଭିନ୍ନ ଜାଗାରେ ଗଛ ଲଗାଯାଇଛି। ହସପିଟାଲ ରୋଡ୍, ଫାଣ୍ଡି ଛକ, ଓଟି ରୋଡ୍, ପୁଲିସ ଲାଇନ୍, ତାମୁଲିଆ, ରାଜା ବଗିଚା, ରାମେଶ୍ୱର ନଗର ପୋଖରୀ, ସାରଶ୍ୱେର, ବାଲିଗଡିଆ ଶ୍ମଶାନ, ସେଣ୍ଟ୍ରାଲ ସ୍କୁଲ ଛକ, ପୁରୁଣା ଷ୍ଟାଡିୟମ, ବଡଖୁଆ ପୋଖରୀ, ଅଲହୁଆ ପୋଖରୀ, ପୁରୁଣା ବାଲେଶ୍ୱର, ପତୁଆଁପଦାରୁ ପୁଲିସ ଲାଇନ ଛକ, ମଙ୍ଗଳପୁର ଆଦି ସ୍ଥାନରେ ପୌରପାଳିକା ପକ୍ଷରୁ ତିନି ହଜାର ଗଛ ଲଗାଯାଇଛି। ଏହି ସମସ୍ତ ସ୍ଥାନରେ ଔଷଧୀୟ ବୃକ୍ଷ ସମେତ ବିଭିନ୍ନ ପ୍ରକାରର ଗଛ ଫଳ ଗଛ ଆଦି ରୋପଣ କରାଯାଇଛି।

ସମ୍ପୂର୍ଣ୍ଣ ବଜେଟ ଅନୁସାରେ ଏହି ଗଛଗୁଡ଼ିକର ଯତ୍ନ ପାଇଁ ଏସ୍‌ଏଚଜି ଗ୍ରୁପ୍ କୁ ଦାୟିତ୍ୱ ଦିଆଯାଇଛି। ଚାରୋଟି ଏସ୍‌ଏଚଜି ଗ୍ରୁପ୍ ରକ୍ଷଣାବେକ୍ଷଣ ଦାୟିତ୍ୱ ଦିଆଯାଇଛି। ଯେଉଁମାନେ ୨ ବର୍ଷ ପାଇଁ ଗଛର ଦାୟିତ୍ୱ ନେବେ। ପ୍ରତି ଗ୍ରୁପ୍ ପାଇଁ ୫ ଲକ୍ଷ ଟଙ୍କା ବଜେଟ୍ ରହିଥିବା ଜଣାପଡିଛି। ତେବେ ସହରର ବିଭିନ୍ନ ସ୍ଥାନରେ ଔଷଧୀୟ ତଥା ତୁଳସୀ ଗଛ ସହ ଅନ୍ୟାନ୍ୟ ଫଳ ଆଦି ଗଛ ଲଗାଯାଇଛି। ଓଟି ରୋଡ୍ ସାରା ବୃକ୍ଷରୋପଣ ସହିତ ନିକଟରେ ବିବେକାନନ୍ଦ ମାର୍ଗରେ ବୃକ୍ଷରୋପଣ କରାଯାଇଛି ବୋଲି ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ନିର୍ଲିପ୍ତା ମହାନ୍ତି ସୂଚନା ଦେଇଛନ୍ତି। ତେବେ ଏହି ଗଛଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆଗାମୀ ବର୍ଷରେ ଗଛ ଗୁଡ଼ିକ ବଞ୍ଚିଥିବ କି ନାହିଁ ତାହା ସନ୍ଦେହରେ ରହିଛି। ଓଟି ରୋଡ୍ ପୁରା ଚାରା ରୋପଣ ହୋଇଛି। କିଛି ତୁଳସୀ ଗଛ ଲଗାଯାଇଛି। ହେଲେ ଏବେ ସେଠାରେ କିଛି ଜାଗାରେ ଗଛ ଥିବାବେଳେ କିଛି ଜାଗାରେ ଗଛ ନାହିଁ। ଅନ୍ୟପଟେ ବିବେକାନନ୍ଦ ମାର୍ଗରେ ଗଛ ଚାରିପାଖେ ବାଉଁଶ ଦେଇ ବାଡ କରାଯାଇଛି। ବିଗତ ବର୍ଷରେ ଡିଆଇସି ଛକରୁ ଆଇଟିଆଇ ଛକ ଡିଭାଇଡର୍ ପରିସରରେ ଦାମୀ ଗଛ ଲଗାଯାଇଥିଲା। ଯତ୍ନ ଅଭାବରୁ ତାହା କିଛି ମାସ ପରେ ମରିଯାଇଥିବା ଦେଖିବାକୁ ମିଳିଥିଲା। ତେବେ ଗଛ ଲଗାଇବା ସହ ଗଛ ବଢିବା ଯାଏଁ ଯତ୍ନ ନେବାର ଦାୟିତ୍ୱ ରହିବା ଆବଶ୍ୟକ।

## ଜୋରଖଣ୍ଡିରୁ ଯୁବତୀଙ୍କ ମୃତଦେହ ଉଦ୍ଧାର ଘଟଣା

# ଆତ୍ମହତ୍ୟା ପରେ ଫିଙ୍ଗିଦେଇଥିଲେ ମାମୁଘର ଲୋକ

ବଲାଙ୍ଗିର,୪ ।୧୧(ସମିସ)

ବଲାଙ୍ଗିର ଜିଲ୍ଲା ଆଗଲପୁର ଥାନା ଅଧୀନ ବୁଦୁଲା ନିକଟସ୍ଥ ଘେସାଲି ଜୋରଖଣ୍ଡିରୁ ଜଣେ ଯୁବତୀଙ୍କ ସନ୍ଦେହଜନକ ଅବସ୍ଥାରେ ମୃତଦେହ ଉଦ୍ଧାର ଘଟଣାରେ ଭିନ୍ନ ଏକ ତଥ୍ୟ ସାମ୍ନାକୁ ଆସିଛି। ଯୁବତୀ ଜଣକ ଛୋଟବେଳୁ ତାଙ୍କ ମାମୁ ଘରେ ରହୁଥିଲେ। ଯୁବତୀ ଜଣକ ମାମୁଁ ଘରେ ହିଁ ଆତ୍ମହତ୍ୟା କରିଥିବାବେଳେ ମାମୁ ଘରଲୋକ ହିଁ ମୃତଦେହକୁ ନେଇ ଜୋରଖଣ୍ଡିରେ ଫିଙ୍ଗିଦେଇଥିବା କଥା ଏବେ ସାମ୍ନାକୁ ଆସିଛି। ଯାହାକୁ ନେଇ ଏବେ ସନ୍ଦେହ ସୃଷ୍ଟି ହୋଇଛି। ଯୁବତୀ ସତରେ ଆତ୍ମହତ୍ୟା କରିଛନ୍ତି ନା ତାଙ୍କ ସହ ଆଉ କିଛି ଘଟଣା ଘଟିଥିଲା। ଏହି ଘଟଣାରେ କିନ୍ତୁ ପୁଲିସ ମୃତ୍ୟୁକୁ ଆତ୍ମହତ୍ୟା କହି ନିରବ ରହିଛି। ବର୍ତ୍ତମାନ ଏହି ଘଟଣାକୁ ନେଇ ଭିନ୍ନ ଭିନ୍ନ ଆଲୋଚନା ସାମ୍ନାକୁ ଆସିଛି।

ସୂଚନା ଅନୁସାରେ, ବଲାଙ୍ଗିର ଜିଲ୍ଲା ଆଗଲପୁର ଥାନା ଅଧୀନ ବୁଦୁଲା ନିକଟସ୍ଥ ଘେସେଲି ଜୋରଖଣ୍ଡିରୁ ଜଣେ ଯୁବତୀଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ମୃତ ଯୁବତୀ ହେଲେ ହଲଦୀପଦର ଗାଁ ର ରାବଣେଶ୍ୱର ଗହୀରଙ୍କ ଝିଅ ନେପୁର ଗହୀର(୨୨)। ସେ ଛୋଟବେଳୁ ବୁରୋମୁଣ୍ଡା ତାଙ୍କ ମାମୁ କମଳକାନ୍ତ ପୋଡ଼ ଓ ତରଣୀ ପୋଢ଼ଙ୍କ ଘରେ ରହିଆସୁଥିଲେ। ମୃତଦେହ ଉଦ୍ଧାର ହେବା ସମୟରେ ତାଙ୍କ ବେକରେ ଦାଗ ରହିଥିଲା ସତ କିନ୍ତୁ ସେ ନା ଝୁଲନ୍ତା ଅବସ୍ଥାରେ ଥିଲେ ନା ପାଖରେ କିଛି ସେହିଭଳି ଜିନିଷ ପଡ଼ିଥିଲା। ଯାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ଶବକୁ ଜବତ କରିବା ସହ ପୁଲିସ ସାଇଣ୍ଟିଫିକ ଟମ୍ ଡକାଇ ଯାଞ୍ଚ ମଧ୍ୟ କରିଥିଲା। ଏପରିକି ଏସ୍‌ପି ନିଜେ ଘଟଣାସ୍ଥଳକୁ ଯାଇ ପରିଦର୍ଶନ କରିଥିଲେ। ଶବ ଜବତ ହେବାର କିଛି ସମୟ ପରେ ତାଙ୍କ ମାମୁଘର ଲୋକେ ଦେଇଥିବା ସୂଚନା ଅନୁସାରେ ଯୁବତୀ ଜଣକ ଘରେ ଆତ୍ମହତ୍ୟା କରିଥିଲେ। କିନ୍ତୁ ଭୟରେ ତାଙ୍କ ଘରଲୋକ ତାଙ୍କ ଦଉଡ଼ି ଫିଟାଇ ତାଙ୍କୁ ଆଣି ଜୋରଖଣ୍ଡିରେ ଫିଙ୍ଗିଦେଇଥିବା ସୂଚନା ଦେଇଥିଲେ। ଜଣେ ଯୁବତୀ ଆତ୍ମହତ୍ୟା କରିବା ପରେ ଏହିଭଳି ଭାବେ ପ୍ରମାଣ ନଷ୍ଟ କରିବା ଏକ ବଡ଼ ଅପରାଧ। ଏଭଳି ସ୍ଥିତିରେ ମୃତଦେହ ଆଣି ଫିଙ୍ଗିଦେବା ପରେ ଘଟଣାକୁ ନେଇ ଆହୁରି ସନ୍ଦେହ ବୃଦ୍ଧି ପାଇଛି। ସତରେ ଯୁବତୀ ଜଣକ ଆତ୍ମହତ୍ୟା କରିଛନ୍ତି ନା ତାଙ୍କ ଆଉ କିଛି ଘଟଣା ଘଟିଛି। ଯଦି ଆତ୍ମହତ୍ୟା କରିଛନ୍ତି ତେବେ ମାମୁଘର ଲୋକ ଚାପ ଦେଇନାହାନ୍ତି ତ! ନା ଆତ୍ମହତ୍ୟା ପଛରେ ଅନ୍ୟ କିଛି କାରଣ ରହିଛି। ସେହିପରି ଯୁବତୀଙ୍କ ଜଣେ ଯୁବକଙ୍କ ସହ ପ୍ରେମ ସମ୍ପର୍କରେ

**ଆତ୍ମହତ୍ୟା ନା ହତ୍ୟା**
**ପ୍ରମାଣ ନଷ୍ଟ ଓ ଘଟଣା ଚପାଇବାକୁ ପରିବାର ଲୋକଙ୍କ ଉଦ୍ୟମ**
**ମାମଲା ରୁଜୁ କରିବାକୁ ପୁଲିସ ପଛଘୁଞ୍ଚା**

ରହିଥିବା ସମସ୍ତେ ଜାଣିଛନ୍ତି। ପୂର୍ବରୁ ପ୍ରେମିକ ସହ ଯୁବତୀଜଣକ ଘରଛାଡି ଚାଲିଯାଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ଆଣି ବୁଝାସୁଝା କରି ରଖିଥିଲେ। ତେବେ ହଠାତ୍ କାହିଁକି ଯୁବତୀ ଜଣକ ଆତ୍ମହତ୍ୟା କଲେ। ନା ଏହି ପ୍ରେମ ସମ୍ପର୍କକୁ ନେଇ ମାମୁଘରେ ରବିବାର ଦିନ କିଛି ଘଟିଥିଲା ଯେଉଁଥିପାଇଁ ଯୁବତୀ ଜଣକ ମୃତ୍ୟୁର ପଥ ବାଛିନେଲେ। ଏନେଇ ସ୍ଥାନୀୟ ଥାନା ଅଧିକାରୀ ବାସୁଦେବ ଭୋଇଙ୍କୁ ପଚାରିବାରୁ ଯୁବତୀ ଆତ୍ମହତ୍ୟା କରିଛି, ଭୟରେ ମାମୁଁଘର ଲୋକ ଶବକୁ ଥୋଇ ଦେଇଯାଇଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରମାଣ ନଷ୍ଟ ଅଭିଯୋଗରେ ସମ୍ପୃକ୍ତ ବ୍ୟକ୍ତି ମାନଙ୍କ ନାମରେ ମାମଲା ରୁଜୁ ହେବ। ତେବେ ଏଠି ପ୍ରଶ୍ନ ଉଠୁଛି ମାମଲା ରୁଜୁ କରିବାକୁ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୁଲିସ କାହିଁକି ଏତେ ସମୟ ନେଉଛି। ମାମଲା କୁ ଚପାଇବା ପାଇଁ ପରିବାର ଲୋକ ସହ କିଛି ଗୁପ୍ତ ବୁଝାମଣା ହୋଇଛି କି ? ଏହିଭଳି ପ୍ରଶ୍ନଘେରରେ ପୁଲିସର ତଦନ୍ତ ଅଟକିଯାଇଥିବା ଅଭିଯୋଗ ହୋଇଛି। ତେବେ ମାମଲା କୁ ଗୁରୁତର ସହ ନେଇ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

# ନିଖୋଜ ଫାଇନାନ୍ସ କର୍ମଚାରୀଙ୍କ ମୃତଦେହ ଉଦ୍ଧାର



ବଲାଙ୍ଗିର,୪ ।୧୧(ସମିସ): ବଲାଙ୍ଗିର ଲୋୟର ସୁକତେଲ ପ୍ରକଳ୍ପକୁ ଭୋଜି କରିବାକୁ ଯାଇ ନିଖୋଜ ଥିବା ଯୁବକଙ୍କ ମୃତଦେହ ଘୁଙ୍ଗି ନଦୀକଡ଼ରୁ ଉଦ୍ଧାର ହୋଇଛି। ପାଣିରେ ବୁଡ଼ି ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ସେ ବେଲ୍ଟ ଲଗା ପ୍ୟାଣ୍ଟପିନ୍ଧି କେଉଁ ପରିସ୍ଥିତିରେ ନଦୀ ଭିତରକୁ ଯାଇଥିଲେ ତାକୁ ନେଇ ଭିନ୍ନଭିନ୍ନ କଥା ଆଲୋଚନା ହେଉଛି। ତେବେ ପୁଲିସ ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି।

- **ଭୋଜି କରିବାକୁ ଯାଇ ନଦୀରେ ନିଖୋଜ ଥିଲେ**
- **ସୁକତେଲ ପାଣିରେ ବୁଡ଼ି ମୃତ୍ୟୁ**

ସୂଚନା ଅନୁସାରେ, ରବିବାର ବଲାଙ୍ଗିରର ଏକ ଘରୋଇ ଫାଇନାନ୍ସ କର୍ମଚାରୀମାନେ ଲୋୟର ସୁକତେଲ ପ୍ରକଳ୍ପକୁ ଭୋଜି କରିବାକୁ ଯାଇଥିଲେ। ସେଠାରେ କିଛି କର୍ମଚାରୀ ନିଶାଦ୍ରବ୍ୟ ସେବନ କରିବା ପରେ ନଦୀ ଭିତରକୁ ଗାଧୋଇବାକୁ ଯାଇଥିଲେ। କିଛି ସମୟ ଯିବା ପରେ ସେମାନଙ୍କ ଜଣେ ସହକର୍ମୀ ପ୍ରିୟାନ୍ସୁ ମଲ୍ଲିକ ନିଖୋଜ ଥିବା ଜାଣିବାକୁ ପାଇ ପୁଲିସକୁ ଖବର ଦେଇଥିଲେ। ତେବେ ଘଟଣା ଘଟିବାର ଦେଢ଼ ଦିନ ପରେ ସମ୍ପୃକ୍ତ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତଦେହ ଉଦ୍ଧାର ହେବା ସମୟରେ ସେ କେବଳ ପ୍ୟାଣ୍ଟପିନ୍ଧିଥିବା ବେଳେ ବେଲ୍ଟ ଭିଡ଼ା ହୋଇଛି। ସେ ଏଭଳି ସ୍ଥିତିରେ ଗାଧୋଇଥିଲେ ନା ଗାଧୋଇବା ପରେ ନଦୀରେ ପଡ଼ିଯାଇଥିଲେ। ସେ ପାଣିକୁ ଯିବା ସମୟରେ ନିଶାସକ୍ତ ଅବସ୍ଥାରେ ରହିଥିବା ମଧ୍ୟ ଆଲୋଚନା ହେଉଛି। ପାଣି ପ୍ରବାହ ଅଧିକ ରହିଛି କିନ୍ତୁ ନଦୀ ସେତେଟା ଗଭୀର ନ ଥିବାରୁ କିଭଳି ତାଙ୍କ ମୃତ୍ୟୁ ହେଲା ତାହା ଅସ୍ପଷ୍ଟ ରହିଛି। ମଙ୍ଗଳବାର ସକାଳୁ ଘୁଙ୍ଗି ଗାଁର ଯୁବକମାନେ ନଦୀରେ ମୃତଦେହ ଭାସୁଥିବା ଖବର ପାଇ ପୁଲିସକୁ ଜଣାଇଥିଲେ। ସଦର ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା।

## ସଇଁତଳାରେ ପୁରାଣ ପାରାୟଣ କାର୍ଯ୍ୟକ୍ରମ



ସଇଁତଳା,୪ ।୧୧(ସମିସ): ବଲାଙ୍ଗିର ଜିଲ୍ଲା ସଇଁତଳା ସହର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଜଗନ୍ନାଥ ସଂସ୍କୃତିକ ପରିଷଦ ଆନୁକୂଲ୍ୟରେ କାର୍ତ୍ତିକ ଚତୁର୍ଦଶୀ ଅବସରରେ କାର୍ତ୍ତିକ ପୁରାଣ ପାରାୟଣ କାର୍ଯ୍ୟକ୍ରମ ମହା ଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। ପାରାୟଣ ଗାୟିକା ଭାବେ ରଶ୍ମୀତା ମିଶ୍ର ପୁରାଣ ପଠନ କରୁଥିବାବେଳେ କର୍ତ୍ତା ଭାବରେ ଚନ୍ଦ୍ର ସାମନ୍ତରାୟ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂଜକ ଧ୍ରୁବଚରଣ ଯୋଶୀ, କିରଣ ମିଶ୍ର, ନବଘନ ଷଡ଼ଙ୍ଗୀ, ଦେବେନ୍ଦ୍ର ଯୋଶୀ ପ୍ରମୁଖ ପୂଜାକାର୍ଯ୍ୟରେ ଦାୟିତ୍ୱ ତୁଲାଉଛନ୍ତି। ଏହି କାର୍ଯ୍ୟକ୍ରମକୁ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## କାର୍ତ୍ତିକ ଚତୁର୍ଦ୍ଦଶୀରେ ଷୋହଳପ୍ରହର ନାମଯଜ୍ଞ

ବେଲପଡ଼ା,୪ ।୧୧(ସମିସ): ବଲାଙ୍ଗିର ଜିଲ୍ଲା ବେଲପଡ଼ା ବ୍ଲକ୍ ମଣ୍ଡଳ ଗାଁରେ ପବିତ୍ର କାର୍ତ୍ତିକ ଚତୁର୍ଦ୍ଦଶୀ ଷୋହଳପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ୩ ଦିନ ଧରି ହେବାକୁ ଥିବା ଏହି ନାମଯଜ୍ଞରେ ବିଭିନ୍ନ ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରି ନାମ ପରିବେଷଣ କରିଥିଲେ। କର୍ତ୍ତା ଭାବେ ପ୍ରଶାନ୍ତ ପାଢ଼ୀ, ପତ୍ନୀ ଜୟନ୍ତୀ ପାଢ଼ୀ, ପୂଜକ ଗଙ୍ଗାଧର ପାଢ଼ୀ ପ୍ରମୁଖ ପୂଜା ଦାୟିତ୍ୱ ସମ୍ପନ୍ନ କରିଥିଲେ।

## ଅସହାୟ ବୃଦ୍ଧାଙ୍କ ନିକଟରେ ପହଞ୍ଚିଲେ ବିଡିଓ

ସଇଁତଳା,୪ ।୧୧(ସମିସ): ଜନ୍ମକଲା ପୁଅ ପରକଲା ପରେ ବିଡିଓ ବୃଦ୍ଧାଙ୍କୁ ଆପଣାର କରିଛନ୍ତି। ବଦ୍ଧା ଜଣକ ଡାକ ବଙ୍ଗଳାରେ ଶୋଇଥିବାବେଳେ ବିଡିଓ ତାଙ୍କୁ ଉଦ୍ଧାର କରି ଥଇଥାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏଭଳି ଘଟଣା ଘଟିଛି ବଲାଙ୍ଗିର ଜିଲ୍ଲା ସଇଁତଳା ବ୍ଲକରେ। ସେ ସ୍ଥାନୀୟ ଚଟିଆପଡ଼ାର ବୋଲି ଜଣାପଡ଼ିଛି।



ସ୍ଥାନୀୟ ଲୋକଙ୍କ କହିବା ଅନୁଯାଇ ତାଙ୍କ ଘର ନ ଥିବାବେଳେ ସେ ଜଣକ ମାନସିକ ବିକୃତ ଥିବା ଯୋଗୁଁ ବାହାରେ ରହୁଛନ୍ତି। ଖବର ପାଇବା ପରେ ସଇଁତଳା ବିଡିଓ ପୁରୁଷୋତ୍ତମ ମିର୍ଦ୍ଧା ଓ ସରପଞ୍ଚ ସୁବ୍ରତ ନାଗ ପହଁଞ୍ଚି ମହିଳାଙ୍କ ସହ ଆଲୋଚନା କରିବା ସହ ଥଇଥାନ୍ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ଟ୍ରେଲର-ଟ୍ରକ୍ ମୁହାଁମୁହିଁ ଧକ୍କା; ୧ ଗୁରୁତର



ବଲାଙ୍ଗିର,୪ ।୧୧(ସମିସ): ବଲାଙ୍ଗିର ସହରରେ ପୁଣି ସଡ଼କ ଦୁର୍ଘଟଣା। ବାଇପାସ୍ ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ସହର ମଧ୍ୟଦେଇ ଭାରୀଯାନ ପ୍ରତିଦିନ ଯାତାୟାତ କରୁଛି। ଏହାକୁ ନେଇ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବା ବେଳେ ମୂଲ୍ୟବାନ ଧନଜୀବନ ନଷ୍ଟ ହେଉଥିବା ଦେଖିବାକୁ ମିଳିଛି। ସୋମବାର ବିଳମ୍ବିତ ରାତିରେ ପୁଣି ଏକ ସଡ଼କ ଦୁର୍ଘଟଣାରେ ଜଣେ ଗୁରୁତର ଭାବେ ଆହତ ହୋଇଛନ୍ତି। ବଲାଙ୍ଗିର ଏସ୍‌ପିଙ୍କ ବାସଭବନ ସମ୍ମୁଖରେ ବଡ଼ ଧରଣର ଦୁର୍ଘଟଣା ଘଟିଥିବା ବେଳେ ଏଥିରେ ଜଣେ ଗୁରୁତର ହୋଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ସୋମବାର ରାତି ପ୍ରାୟ ୨ଟାରେ ଏସ୍‌ପିଙ୍କ ବାସଭବନ ସମ୍ମୁଖରେ ଏକ ଟ୍ରଲର୍ ଓ ଟ୍ରକ୍ ମଧ୍ୟରେ ଧକ୍କା ହୋଇଥିଲା। ଦୁର୍ଘଟଣାରେ ଟ୍ରେଲରର ସମ୍ମୁଖ ଭାଗ ସଂମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ଟ୍ରେଲର୍ ଚାଳକ ଗୁରୁତର ହୋଇଥିଲେ। ଟ୍ରକ୍ ସାମାନ୍ୟ କ୍ଷତିଗ୍ରସ୍ତ ହୋଇଥିଲେ ହେଁ ଚାଳକ ସୌଭାଗ୍ୟକ୍ରମେ ବର୍ତ୍ତିଯାଇଛନ୍ତି। ଟାଉନପୁଲିସ ଦୁର୍ଘଟଣାଗ୍ରସ୍ତ ଟ୍ରେଲର ଚାଳକଙ୍କୁ ଉଦ୍ଧାର କରି ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

## ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ମହକ ଓ ଉତ୍ସବ' ଉଦ୍‌ଯାପିତ



ବଲାଙ୍ଗିର,୪ ।୧୧(ସମିସ): ବଲାଙ୍ଗିର ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ମହକ ଓ ଉତ୍ସବ'ର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଛି। ଶିଶୁ ଓ କିଶୋରମାନଙ୍କ ମଧ୍ୟରେ ଥିବା ପ୍ରତିଭାର ଅନ୍ୱେଷଣ, ଅନ୍ତର୍ନିହିତ ଗୁଣାବଳୀର ବିକାଶ ନିମନ୍ତେ ଆୟୋଜିତ ବଲାଙ୍ଗିର ଜିଲ୍ଲାସ୍ତରୀୟ ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀଙ୍କ ବାର୍ଷିକ କ୍ରୀଡ଼ା ଉତ୍ସବ ତଥା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ମହକ ଓ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିବସରେ ଉପଜିଲ୍ଲାପାଳ (ପ୍ରଶାସନ) ଡ. ବିଜୟାନନ୍ଦ ସେଠୀ ମଶାଲ ଶୋଭାଯାତ୍ରାର ଉଦ୍‌ଘାଟନ କରିଥିଲେ, ଏହାପରେ ପିଆର ହାଇସ୍କୁଲରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜି ଇସଲଓ୍ୱାର ଯୋଗଦାନ କରିଥିଲେ। ପ୍ରତ୍ୟେକ ପିଲାଙ୍କ ମଧ୍ୟରେ ଲୁକ୍କାୟିତ ଭାବେ ପ୍ରତିଭା ରହିଛି, ତାହାର ବିକାଶ ଦାୟିତ୍ୱ ଆମ ହାତରେ ଅଛି। ଦୃଢ଼ ମନୋବଳ ଓ କଠିନ ପରିଶ୍ରମ ମାଧ୍ୟମରେ ଜୀବନରେ ଉନ୍ନତି ହାସଲ କରିପାରିବା, ଉପଯୁକ୍ତ ବୌଦ୍ଧିକ ଓ ଶାରୀରିକ ବିକାଶ ହେଲେ ଯାଇ, ଭିତରେ ଥିବା ଲୁକାୟିତ ପ୍ରତିଭା ଉନ୍ନତ ଘଟିବ, ଭଲ ମଣିଷ ହୋଇ ସମାଜର ବିକାଶ କ୍ଷେତ୍ରରେ ସାମିଲ ହେବାପାଇଁ ପିଲାମାନଙ୍କୁ ମୁଖ୍ୟଅତିଥି ପରାମର୍ଶ ଦେଇଥିଲେ। ପ୍ରଥମ ଦିନରେ ଦୌଡ଼, ଲମ୍ବା ଡିଆଁ, କେରମ୍, ଚେସ, ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିନରେ ନାଚ, ଗୀତ, ବକ୍ତୃତା, ଚିତ୍ରାଙ୍କନ, କୁଇଜ୍ ପ୍ରତିଯୋଗିତା ଆଦି ଅନୁଷ୍ଠିତ ହୋଇଥିଲା। ଗ୍ରାମ ମଙ୍ଗଳ ପାଠାଗାର, ପାର୍ବତୀ ଗିରି ବାଳ ନିକେତନ, ଗୁରୁକୁଳ ସପ୍ତଶ୍ରୀ ସେବାଶ୍ରମ, ଉତ୍କଳ ବାଲାଶ୍ରମ ଶିଶୁ ଗୃହ ଅନୁଷ୍ଠାନର ଅନ୍ତେବାସୀମାନେ ଏହି ପ୍ରତିଯୋଗିତାରେ କନିଷ୍ଠ ଓ ବରିଷ୍ଠ ବର୍ଗରେ ଅଂଶଗ୍ରହଣ କରିଥିଲେ।

ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ଡ. ଅନୁପମା ପ୍ରଧାନଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ପବିତ୍ର ବେହେରା, ସମ୍ମାନିତ ଅତିଥି ଭାବେ ଚୁଡ଼ାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ପ୍ରମୁଖ ଯୋଗଦାନ କରିଥିଲେ। ମହକ ଓ ଉତ୍ସାହର ବିଭିନ୍ନ ପ୍ରତିଯୋଗୀତାରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ଓ ଅତିଥି ମାନେ ପୁରସ୍କାର ସ୍ୱରୂପ ପ୍ରମାଣପତ୍ର ଓ ଟ୍ରଫି, ପଦକ ପ୍ରଦାନ କରିଥିଲେ।

ପରିଶେଷରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ଆଇନ୍ ଅଧିକାରୀ ଦିଗାମ୍ବର କର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଓ ଗ୍ରାମ ମଙ୍ଗଳ ପାଠାଗାର, ପାର୍ବତୀ ଗିରି ବାଳ ନିକେତନ, ଗୁରୁକୁଳ ସପ୍ତଶ୍ରୀ ସେବାଶ୍ରମ, ଉତ୍କଳ ବାଲାଶ୍ରମ ଶିଶୁ ଗୃହ ଅନୁଷ୍ଠାନର କର୍ମଚାରୀ ସହଯୋଗ କରିଥିଲେ।

## ବାର୍‌ହା ମାଂସ ଜବତ: ଜଣେ ଗିରଫ

ମ.ରାମପୁର,୪ ।୧୧(ସମିସ): କଳାହାଣ୍ଡି ଜିଲ୍ଲା ଉତ୍ତର ବନଖଣ୍ଡ ଅଧିନସ୍ଥ ମ.ରାମପୁର ରେଞ୍ଜ ଅନ୍ତର୍ଗତ ଜକାବାହାଲି ଗ୍ରାମରୁ ଜଣେ ବ୍ୟକ୍ତିଙ୍କ ପାଖରୁ ବାରାହା



ମାଂସ ଜବତ ସହ ଗିରଫ ହୋଇଥିବା ଜଣାପଡ଼ିଛି। ପ୍ରାପ୍ତ ସୂଚନା ଅନୁସାରେ ରାଜ୍ ଦେହେରିଆ,ବଗବେଡ଼ାଗ୍ରାମର ମୂଳ ବାସିନ୍ଦା ଯିଏ ନିଜ ଶ୍ୱଶୁର ଘର ମ.ରାମପୁର ବ୍ଲକ୍ ମ.ରାମପୁର ପଞ୍ଚାୟତର ଜକବାହାଲିରେ ରୁହନ୍ତି। ତାଙ୍କ ପାଖରୁ ବନ ବିଭାଗ ୭କେଜି ୫୦୦ ଗ୍ରାମ ଜଙ୍ଗଲୀ ବାର୍‌ହା ମାଂସ ଜବତ କରି, କେସ ନମ୍ବର ଓଆର ୧୯ ୫ଏମ୍ ଆର୍ ୨୦୨୫/୨୬, ଧାରା ୯,୩୯,୪୪ ଏବଂ ୫୧ ବନ୍ୟ ଜନ୍ତୁ ସୁରକ୍ଷା ଆଇନ ୧୯୭୨ ରେ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏସିଏଫ୍ ଅସିତ୍ କୁମାର ଦାଶଙ୍କ ନେତୃତ୍ୱରେ ଚଢ଼ାଉରେ ମ,ରାମପୁର ବନପାଳ ଦୀପକ ସା, ବନରକ୍ଷୀ ମଧୁସ୍ମିତା ଭୋଇ, ବନ ରକ୍ଷୀ ବାଳ କୃଷ୍ଣ ଜାଲ୍,ସ୍କାର୍ଡ ବିରଞ୍ଚି ସାହୁ, ପ୍ରକାଶ ମାଝୀ, ମନୋଜ ବାଣୁଆଙ୍କ ସମେତ ଅନ୍ୟ ବନ କର୍ମଚାରୀ ସାମିଲ ଥିଲେ।

## ଚାରିଶମ୍ଭୁ ସାହିରେ ରାଧାକୃଷ୍ଣ ପୂଜା



ବୌଦ୍ଧ,୪ ।୧୧(ସମିସ): ବୌଦ୍ଧ ବ୍ଲକ୍ ଖୁଣ୍ଟବନ୍ଧ ପଞ୍ଚାୟତ ଅଧୀନ ଜହ୍ନାପଙ୍କ ଚାରିଶମ୍ଭୁ ସାହି ଆନୁକୂଲ୍ୟରେ ରାଧାକୃଷ୍ଣ ପୂଜା ସତସଙ୍ଗ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ତ୍ତା ଭାବେ ଚିତ୍ତରଞ୍ଜନ ପ୍ରଧାନ ଓ ତାଙ୍କର ଧର୍ମପତ୍ନୀ ଆରତୀ ପ୍ରଧାନ କାର୍ଯ୍ୟନିର୍ବାହ କରିଥିଲେ। କ୍ଷିରାବ୍ଧି ମିଶ୍ର ପୂଜାକାର୍ଯ୍ୟ କରିଥିଲେ। ପାର୍ଥ ପ୍ରଧାନ, ଅରବିନ୍ଦ ପ୍ରଧାନ, ପିଣ୍ଟୁ ପ୍ରଧାନ, ବିମଳ ପ୍ରଧାନ, ଚତୁରୁ ପ୍ରଧାନ, ସୁମନ ସାହୁ, ଆଲୋକ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ପୋଲତଳୁ ଯୁବକଙ୍କ ମୃତଦେହ ଉଦ୍ଧାର

ବୌଦ୍ଧ,୪ ।୧୧(ସମିସ): ବୌଦ୍ଧ-ବଘିଆପଡ଼ା ରାସ୍ତାର ବୌଦ୍ଧ ଥାନା ଆଇଟିଆଇ ନିକଟ ପୋଲତଳୁ ବାଇକ ସହ ଜଣେ ଯୁବକଙ୍କ ମୃତଦେହକୁ ମାଜିଷ୍ଟ୍ରେଟ୍ ଉପସ୍ଥିତିରେ ବୌଦ୍ଧ ପୁଲିସ ଉଦ୍ଧାର କରିଛି।

ସୂଚନା ଅନୁଯାୟୀ ମଙ୍ଗଳବାର ଅପରାହ୍ଣ ୪ଟା ସମୟରେ ଗଉଡ଼ଦେଇ ଆଇଟିଆଇ ନିକଟ ପୋଲ ଭିତରେ ବାଇକ୍ ସହ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା କିଛି ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଖବରପାଇ ବୌଦ୍ଧ ପୁଲିସ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହକୁ ଉଦ୍ଧାର କରିଥିଲା। ମୃତଯୁବକ ଜଣଙ୍କ ପଡ଼ୋଶୀ ଇସିରି ସିଙ୍ଗା ଗ୍ରାମର ବରେଇ ବେହେରାଙ୍କ ପୁଅ ୨୨ ବର୍ଷିୟ ବରୁଣ ବେହେରା ବୋଲି ଚିହ୍ନଟ ହୋଇଛି। ପୁଲିସ ମୃତଦେହକୁ ଜବତକରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ଆଣିଥିବା ସୂଚନା ମିଳିଛି। ଏହା ଦୁର୍ଘଟଣାଜନିତ ନା ଆଉ କୌଣସି କାରଣରୁ ହୋଇଛି ପୁଲିସ ତଦନ୍ତ ପରେ ସ୍ପଷ୍ଟ ହେବ।

# ବଲାଙ୍ଗିର ଷ୍ଟେସନରୁ ବିପୁଳ କଫ୍‌ସିରପ ଜବତ

## କୁଖ୍ୟାତ ମାଫିଆ ଗିରଫ



ବଲାଙ୍ଗିର,୪ ।୧୧(ସମିସ): ବଲାଙ୍ଗିର ରେଳଷ୍ଟେସନରୁ ଆଜି ରେଳୱେ ପୁଲିସ ଦ୍ୱାରା ବେଆଇନ ଭାବେ ଚାଲାଣ ହେଉଥିବା ବିପୁଳ ପରିମାଣର କଫ୍‌ସିରଫ ଜବତ ହୋଇଛି। ଟ୍ରେନ୍ ଯୋଗେ ଦୁଇଟି ବଡ଼ ବ୍ୟାଗ ମାଧ୍ୟମରେ ଏହି କଫସିରଫ ଚାଲାଣ ହେଉଥିଲାବେଳେ ରେଲୱେ ପୁଲିସ ତାହାକୁ ୨ନଂ ପ୍ଲାଟଫର୍ମରେ ଧରିବାରେ ସଫଳ ହୋଇଛି। ସୂଚନା ଅନୁସାରେ, ଜବତ ହୋଇଥିବା ଦୁଇଟି ବ୍ୟାଗ ମଧ୍ୟରୁ ମୋଟ ୨୪ ପେଟି ମିଳିଥିଲା, ଯେଉଁଥିରେ ୫୯୨ ବୋତଲ କଫସିରଫ ରହିଥିଲା। ଜବତ ସାମଗ୍ରୀର ଆନୁମାନିକ ବଜାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ। ପୁଲିସ ଏହି ଘଟଣା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି।

ଗିରଫ ଅଭିଯୁକ୍ତ ହେଲେ ରାଜା ଓରଫ ଧବଳେଶ୍ୱର ଜେନା, ଯିଏ ବଲାଙ୍ଗିର ସହରର ବରପାଲିପଡ଼ାର ବସିନ୍ଦା। ରାଜା ଅଞ୍ଚଳର କୁଖ୍ୟାତ କଫସିରଫ ମାଫିଆ ବୋଲି ପୁଲିସ ଜାଣିବାକୁ ପାଇଛି। ସେ ପୂର୍ବରୁ ମଧ୍ୟ ଅନେକଥର ଏପରି ମାମଲାରେ ଧରାପଡ଼ି ଜେଲ ଯାଇ ଜାମିନରେ ବାହାରିଥିଲା। ପୁଲିସ ତଦନ୍ତରେ ଜଣାପଡ଼ିଛି ଯେ ଏହି ଅବୈଧ କଫସିରଫ ଟ୍ରେନ୍ ଯୋଗେ ଅନ୍ୟ ଜିଲ୍ଲାକୁ ଚାଲାଣ ହେଉଥିଲା। ତେବେ କେଉଁ ସ୍ଥାନକୁ ଏହା ପଠାଯାଉଥିଲା ଓ ଏହି ଚାଲାଣରେ ଅନ୍ୟ କେହି ଜଡିତ କି ନୁହେଁ, ସେ ନେଇ ରେଲୱେ ପୁଲିସ ତଦନ୍ତ ଜାରି ରଖିଛି।

## ରତାଖଣ୍ଡି ଜଙ୍ଗଲରୁ ଯୁବତୀଙ୍କ ଗଳିତ ମୃତଦେହ ଉଦ୍ଧାର ଘଟଣା

# ଯବକଙ୍କୁ କୋର୍ଟ ଚାଲାଣ କଲା ପୁଲିସ

ପାଟଣାଗଡ଼,୪ ।୧୧(ସମିସ)

ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଥାନା ତେଣ୍ଡାପଦର ପଞ୍ଚାୟତ ରତାଖଣ୍ଡି ଗାଁ ପାଖ ଗୋଚରଜମି ଜଙ୍ଗଲଠାରୁ ଶନିବାର ନିଖୋଜ ଥିବା ଜଗଦାନନ୍ଦ ଷାଣ୍ଡଙ୍କ ଝିଅ ସୁନିତା ଷାଣ୍ଡ(୨୦) ଙ୍କ ଗଳିତ ମୃତଦେହ ସହ ହାଡ଼ କଙ୍କାଳ ପାଟଣାଗଡ଼ ପୁଲିସ ସାଇଣ୍ଟିଫିକ ଟିମର ସହାୟତା ନେଇ ଉଦ୍ଧାର କରିଥିଲା। ଏ ଘଟଣାରେ ଯୁବତୀଙ୍କ ପ୍ରେମିକ ଦେଓଗାଁ ଥାନା ମାଟୁପାଲି ଗାଁର ରାଜୁ ମିର୍ଦ୍ଧା (୨୭)କୁ ପୁଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। କିନ୍ତୁ ସୁନିତାଙ୍କ ମୃତ୍ୟୁ ଘଟଣାରେ ପୁଲିସ ପ୍ରେମିକକୁ ଗିରଫକରି ଏଭଳି ଏକ ସ୍ପର୍ଶକାତରତା ଘଟଣାରୁ ହାତ ଛାଡ଼ିବାକୁ ଉଦ୍ୟମ ଜାରି ରଖିଥିବା ପରିବାର ପକ୍ଷରୁ ଅଭିଯୋଗ ହେଉଛି। ଯୁବତୀଙ୍କ ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ ଝିଅ ସୁନିତାଙ୍କ ସହ ମାଟୁପାଲି



ଗାଁର ରାଜୁ ମିର୍ଦ୍ଧାଙ୍କ ସହ ଦୀର୍ଘ ଦିନରୁ ପ୍ରେମ ସମ୍ପର୍କ ଥିଲା। କିଛିଦିନ ହେଲା ସୁନିତା ଅନ୍ୟ କାହା ପ୍ରେମ ସମ୍ପର୍କ ରଖିଥିବାନେଇ ସନ୍ଦେହ କରି ରାଜୁ ଫୋନରେ ବାରମ୍ବାର ଗାଳିଗୁଲଜ କରିଆସୁଥିଲା। ଫଳରେ ସୁନିତା ମାନସିକସ୍ତରରେ ଚାପଗ୍ରସ୍ତ ହୋଇ ଆସୁଥିଲା। ଉକ୍ତ ପ୍ରେମ ସମ୍ପର୍କକୁ ନେଇ ଯୁବତୀଙ୍କ ପରିବାର ଲୋକେ ଜାଣି ଝିଅକୁ ବୁଝାସୁଝା କରି ଏ ଘଟଣାରୁ ଦୂରେଇ ରହିବା ପାଇଁ ପରମର୍ଶ ଦେଇଥିଲେ। କିନ୍ତୁ

**ପୁଲିସ ତଦନ୍ତକୁ ନେଇ ସନ୍ଦେହ ଆଣିଲେ ପରିବାର**

ଝିଅ ପାଖରେ ମୋବାଇଲ ଫୋନ ଥିବାରୁ ପ୍ରେମିକ ସହ କଥାବାର୍ତ୍ତା ହୋଇଆସୁଥିଲା। ତେବେ ଗତ ମାସ ୮ ତାରିଖ ରାତିରେ ପ୍ରେମିକ ଜଣକ ଝିଅ ସୁନିତାକୁ ବିଭିନ୍ନ ପ୍ରକାର ବୁଝାସୁଝା କରି ରତାଖଣ୍ଡି ଗାଁ ମୁଣ୍ଡକୁ ସାକ୍ଷାତ ପାଇଁ ଡାକିଥିଲା। ସେଠାରୁ ଉଭୟ ଏକ ବାଇକରେ ଫେରାର ମାରିଥିଲେ। ଯାହାକୁ ନେଇ ପରିବାରବର୍ଗ ପାଟଣାଗଡ଼ ଥାନାରେ ଝିଅ ନିଖୋଜ ଥିବାନେଇ ଏକ ଲିଖିତ ଅଭିଯୋଗ ମଧ୍ୟ କରିଥିଲେ। ଅପରପକ୍ଷରେ ଝିଅର ମୃତଦେହ ପଡ଼ିଥିବା ସ୍ଥାନଠାରୁ ଅନତିଦୂରରେ ତାର ଜିନ୍ସ ପ୍ୟାଣ୍ଟ ପଡ଼ିଥିବା ଦେଖିବାକୁ ମିଳିଥିଲା। ତେବେ ଜିନ୍ସ ପ୍ୟାଣ୍ଟଟି ଯୁବତୀ ଜଣକ ନ ପିନ୍ଧି ଅନ୍ୟତ୍ର କିଭଳି ପଡ଼ି ରହିଥିଲା ତାହା ଦୁଷ୍କର୍ମ ହୋଇଥିବା ସ୍ପଷ୍ଟ ଅନୁମାନ କରାଯାଉଛି। ଏହି ମାମଲାରେ ପ୍ରେମିକ ରାଜୁ ସହ ଅନେକଙ୍କ ସମ୍ପୃକ୍ତି ରହିଥିବା ଅନୁମାନ କରାଯାଉଥିବାବେଳେ କୀଟନାଶକ ବୋତଲ କେଉଁ ଠାରୁ କିଣାଯାଇଛି ଏହାର ତଦନ୍ତ କରାଗଲେ ପ୍ରକୃତ ସତ୍ୟାସତ୍ୟ ଲୋକଲୋଚନକୁ ଆସିବ ବୋଲି ପରିବାରବର୍ଗ ସହ ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଏ ଘଟଣାରେ ମୃତ ଯୁବତୀଙ୍କ ପ୍ରେମିକକୁ ଆଜି କୋର୍ଟ ଚାଲାଣ କରାଯାଇଛି ଓ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡିବ ବୋଲି ଥାନାଧିକାରୀ ହରିବନ୍ଧୁ ଗଡ଼ତ୍ୟା ସୂଚନା ଦେଇଛନ୍ତି।

# ପାଟଣା ନିର୍ବାଚନମଣ୍ଡଳୀରେ ବିଜୁ ଜନତା ଦଳର ଜନସମ୍ପର୍କ ପଦଯାତ୍ରା

ବାଲିବନ୍ଧ/ତୁରୁମୁଙ୍ଗା, ୪ା୧୧(ସମିସ)




ଆସନ୍ତା ନଭେମ୍ବର ୯ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଚାଲିଥିବା ବିଜୁ ଜନତା ଦଳର ଜନସମ୍ପର୍କ ପଦଯାତ୍ରା ମଙ୍ଗଳବାର ପାଟଣା ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ କେନ୍ଦେଇପଶିଠାରୁ ଆରମ୍ଭ କରି ଝୁମ୍ପୁରା ବ୍ଲକ ବାରିଆ ପର୍ଯ୍ୟନ୍ତ ଆୟୋଜିତ ହୋଇଯାଇଛି। ପୂର୍ବତନ ବିଧାୟକ ଜଗନ୍ନାଥ ନାଏକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଜନସମ୍ପର୍କ ପଦଯାତ୍ରାରେ ବିଜୁ ଜନତା ଦଳର ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀ, ପୂର୍ବତନ ସାଂସଦ ତଥା ରାଜ୍ୟ ସାଧାରଣ ସଂପାଦକ ମାଧବ ସର୍ଦ୍ଦାର, ବରିଷ୍ଠ କର୍ମୀ ସତ୍ୟବ୍ରତ ନାଏକ, ପୂର୍ବତନ ପାଟଣା ବ୍ଲକ ଅଧ୍ୟକ୍ଷ ସୁକାନ୍ତ ନାଏକ, ସାହାରପଡା ବ୍ଲକ ଅଧ୍ୟକ୍ଷା ରମ୍ଭାବତୀ ଦେହୁରୀ, ସାହାରପଡା ବ୍ଲକ ସଭାପତି ଦିଲୀପ ସାହୁ, ପାଟଣା ବ୍ଲକ ସଭାପତି ମାଧବାନନ୍ଦ ପୃଷ୍ଟି, ଝୁମ୍ପୁରା ବ୍ଲକ ସଭାପତି ଡମ୍ବରୁଧର ଦାସ, ଝୁମ୍ପୁରା ବ୍ଲକ ଅଧ୍ୟକ୍ଷା ମାଳତୀ ନାଏକ, ସାହାରପଡା ବ୍ଲକ ପୂର୍ବତନ ବ୍ଲକ ଅଧ୍ୟକ୍ଷା ରମ୍ଭାବତୀ ଦେହୁରୀ, ପାଟଣା ବ୍ଲକ ପୂର୍ବତନ ଅଧ୍ୟକ୍ଷା ସୁକାନ୍ତି ନାଏକ, ୧୮ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ରାଧାକାନ୍ତ ନାୟକ, ୨୨ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ସୌଭାଗ୍ୟ ମଞ୍ଜରୀ ନାଏକ, ୨୩ ନମ୍ବର ଜିଲ୍ଲା ପରିଷଦ ସଭ୍ୟା ରୁନୁ ମହାନ୍ତ, ୨୯ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ବୁଦ୍ଧଦେବ ମହାକୁଡ଼, ୩୦ ନମ୍ବର ଜିଲ୍ଲା ପରିଷଦ ସଭ୍ୟା ଚମ୍ପାବତୀ ଟୁଡ୍ଡୁ, ଜିଲ୍ଲା ସାଧାରଣ ସମ୍ପାଦକ ମହେନ୍ଦ୍ର ସାହୁ, ବରିଷ୍ଠ କର୍ମୀ ଭିକାରୀ ମୁଣ୍ଡା ପ୍ରଶାନ୍ତ ଭଞ୍ଜ, ଭାଗୀରଥି ଦାଶ ବିଜୟ ପାଇଦା, କୃଷ୍ଣଚନ୍ଦ୍ର ମହାପାତ୍ର,କନକଲତା ନାଏକ ,ପାର୍ବତୀ ହୋ, ତରାମଣି ମହାକୁଡ଼ଙ୍କ ସହ ସରପଞ୍ଚ ସମିତିସଭ୍ୟ, ବହୁ ତୁଙ୍ଗ ନେତା ସାମିଲ ହୋଇଥିଲେ। କେନ୍ଦେଇପଶିଠାରୁ ଆରମ୍ଭ ହୋଇ ପଦଯାତ୍ରା ବଲାଣିପଶି, କଣ୍ଟିଆପଡା ବାଉଁଶୂଳି, ବଡ଼ନେଉଳି, ଉଖୁଣ୍ଡା ବାରିଆ ପର୍ଯ୍ୟନ୍ତ ପହଞ୍ଚିଥିଲା। ଶହଶହ ସଂଖ୍ୟାରେ ବିଜୁ ଜନତା ଦଳ ଛାତ୍ର, ମହିଳା ଏବଂ କର୍ମକର୍ତ୍ତା ତଥା କର୍ମୀ ଯୋଗଦାନ କରିଥିଲେ। ବିଜେପି ସରକାର ଦେଢ଼ବର୍ଷ ଶାସନରେ ଓଡ଼ିଶା ଦୁର୍ଗତି ହୋଇଥିବା ନେଇ ଜନସାଧାରଣଙ୍କୁ ସଚେତନ କରାଯିବା ସହ ବର୍ତ୍ତମାନ ସରକାରରେ ପ୍ରତିଶ୍ରୁତି ପ୍ରହେଳିକା ଚାଲିଥିବା ଅଭିଯୋଗ ଆଣିଛି ବିଜେଡି। ଚାଷୀଙ୍କୁ ସାର ଯୋଗାଇବାରେ ସରକାର ବିଫଳ ଏବଂ ନୂଆପଡା ଉପନିର୍ବାଚନରେ ବିଜେପି ପ୍ରାର୍ଥୀ ଚୋରି କରିଥିବା ଆଦି ଅଭିଯୋଗ ଆଣି ଜନଆକ୍ରୋଶରେ ବିଜେଡି ସାମିଲ ହୋଇଥିବା ଜିଲ୍ଲା ବିଜେଡ଼ି ସଭାପତି ଅଶିଷ ଚକ୍ରବର୍ତ୍ତୀ କହି ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ।

## 'ମହିଳା ବନରକ୍ଷୀଙ୍କୁ ନ୍ୟାୟ ନମିଳିଲେ ଆନ୍ଦୋଳନ'

ପାଟଣା ରେଞ୍ଜ ତୋଣ୍ଡ ବିଟ୍ ବନରକ୍ଷୀ ଦେବଯାନୀ ମହାନ୍ତଙ୍କୁ ବାଲି ମାଫିଆଙ୍କ ଠେଲାପେଲା ସହ, ଦୁର୍ବ୍ୟବହାର ମାମଲାରେ ଜଡିତ ଥିବା କେନ୍ଦୁଝର ସାଂସଦଙ୍କ ପ୍ରତିନିଧିଙ୍କୁ ୨୪ ଘଣ୍ଟା ମଧ୍ୟରେ ଗିରଫ ନକଲେ ବିଜୁ ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି କହିଛନ୍ତି କେନ୍ଦୁଝର ଜିଲ୍ଲା ବିଜୁ ଜନତା ଦଳ ସଭାପତି। ପିଚ୍ଛୁଳାବେଡା ସଂରକ୍ଷିତ ଜଙ୍ଗଲରୁ ଟ୍ରାକ୍ଟର୍ ଯୋଗେ ବାଲି ଚୋରାଚାଲାଣ ହେଉଥିବା ବେଳେ ରେଞ୍ଜରଙ୍କ ନିର୍ଦ୍ଦେଶରେ ଚଢ଼ଉ କରିଥିଲେ ବନରକ୍ଷୀ ଦେବଯାନୀ। ଏହି ସମୟରେ କେନ୍ଦୁଝର ସାଂସଦଙ୍କ ପ୍ରତିନିଧି ପ୍ରହ୍ଲାଦ ପଲେଇ ଓ ତାଙ୍କର ୫ ଜଣ ସାଥୀ, ମହିଳା ବନରକ୍ଷୀ ଦେବଯାନୀ ମହାନ୍ତଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ, ଦୁର୍ବ୍ୟବହାର ଓ ଠେଲାପେଲା କରି ବାଲି ଖାଲି କରି ଗାଡି ନେଇ ଘଟଣାସ୍ଥଳରୁ ଫେରାର୍ ହେବା ପାଇଁ ଚେଷ୍ଟା କରିଥିବା ଅଭିଯୋଗ ହୋଇଥିଲା। ମହିଳା ବନରକ୍ଷୀ ଦେବଜାନୀ ମହାନ୍ତ, ତଣ୍ଡ ବିଟ୍‌ରେ ଏକୁଟିଆ ରହୁଥିବା ବେଳେ ତାଙ୍କୁ ଗଣଦୁଷ୍କର୍ମ କରିବାର ଧମକ ଦେଇଥିବା ନେଇ ମହିଳା ବନରକ୍ଷୀ ଘଟଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ମାଫିଆମାନେ ଏହି ବାଲି ଗାଡ଼ିରୁ ସେଠାରେ ବାଲି ଢ଼ାଳି ଦେଇ ଚମ୍ପଟ୍ ମାରିଥିଲେ। ସେହି ସମୟର ଭିଡ଼ିଓ ମଧ୍ୟ ଭାଇରାଲ୍ ହୋଇଛି। ଘଟଣାକୁ ୪ଦିନ ବିତିଥିଲେ ମଧ୍ୟ ଦୋଷୀଙ୍କ ବିରୋଧରେ ପୁଲିସ କିମ୍ବା ବନ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଥିବା ଅଭିଯୋଗ କରିଛନ୍ତି ବିଜୁ ଜନତା ଦଳର ଜିଲ୍ଲା ସଭାପତି। ମଙ୍ଗଳବାର ପାଟଣାରେ ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଚାଲିଥିବା ଅବସରରେ ବଲାଣିପଶିଠାରେ ଏଭଳି କହିଛନ୍ତି ବିଜେଡ଼ି ଜିଲ୍ଲା ସଭାପତି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ଅଭିଯୁକ୍ତମାନଙ୍କୁ ଗିରଫ କରା ନଗଲେ ବିଜୁ ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ବିଜେଡି ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀ କହିଛନ୍ତି।

### ସରକାରୀ ନିୟମକୁ କେବେ ମାନିବେ ବସ୍ ମାଲିକ

## ଏମର୍ଜେନ୍ସି ଡୋର୍ ନିକଟରୁ ଖୋଲାଯାଉନି ସିଟ୍

ଚମ୍ପୁଆ, ୪ା୧୧(ସମିସ): ନିକଟ ଅତୀତରେ ରାଜସ୍ଥାନ ଓ ଆନ୍ଧ୍ରପ୍ରଦେଶରେ ରାତ୍ରିରେ ଚଳାଚଳ କରୁଥିବା ଯାତ୍ରୀବାହୀ ବସରେ ଅଗ୍ନିକାଣ୍ଡ ଘଟି ଅନେକ ଜୀବନ ହାନି ହେବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଓଡ଼ିଶାରେ ଏଭଳି ଦୁର୍ଘଟଣାକୁ ଏଡ଼ାଇବା ପାଇଁ ପରିବହନ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ବସଗୁଡିକରେ ଫାୟାର ଡିଟେକ୍ସନ୍ ସିଷ୍ଟମ ରଖିବା ସହ ଫାୟାର ସପ୍ରେସନ ସିଷ୍ଟମ ରଖିବାକୁ ଏକପ୍ରକାର ବାଧ୍ୟତାମୂଳକ କରାଯାଇଛି। ଏପରିକି ଆପାତକାଳୀନ ପରିସ୍ଥିତିରେ ସତର୍କ ସୂଚନା, ଆପାତକାଳୀନ ପ୍ରସ୍ଥାନଦ୍ୱାର ନିକଟରେ ରହିଥିବା ସିଟ ଖୋଲିବା, କାଚ ଭାଙ୍ଗିବାକୁ ହାତୁଡି ଏବଂ ଅଗ୍ନି ନିର୍ବାପକ ଯନ୍ତ୍ର ଇତ୍ୟାଦି ବସଗୁଡିକରେ ରହିବାକୁ ବାଧ୍ୟତା ମୂଳକ କରାଯାଇଛି। ମାତ୍ର ଚମ୍ପୁଆ ଉପଖଣ୍ଡ ବସ ମାଲିକ ଅଧୀନରେ ଚାଲିଥିବା ଅଧାରୁ ଅଧିକ ଗାଡ଼ିରେ ଏଭଳି ବ୍ୟବସ୍ଥା ନଥିବା ଦେଖିବାକୁ ମିଳିଛି। ଯାତ୍ରୀ ସୁରକ୍ଷାକୁ ପ୍ରାଥମିକତା ଦେବା ସଂଘର କର୍ତ୍ତବ୍ୟ ହୋଇଥିବା ବେଳେ ଏହି ସଂଘ ଅଧୀନରେ ସରକାରୀ ଓ ବେସରକାରୀ ଯାତ୍ରୀବାହୀ ବସକୁ ମିଶାଇ ପ୍ରାୟ ୬୭ ଖଣ୍ଡ ଦୂରଗାମୀ ଓ ସ୍ୱଳ୍ପ ଦୂରଗାମୀ ଯାତ୍ରୀବାହୀ ବସ ପ୍ରତ୍ୟେକ ଦିନ ଯାତାୟତ କରୁଛି। ଅନ୍ୟପକ୍ଷରେ, ଚମ୍ପୁଆ ଏକ ଉପାନ୍ତ ଅଞ୍ଚଳ ହୋଇଥିବାରୁ ପଡ଼ୋଶୀ ଝାଡଖଣ୍ଡ ରାଜ୍ୟ ଓ ମୟୂରଭଞ୍ଜ ଜିଲ୍ଲାରୁ ମଧ୍ୟ ଯାତ୍ରୀ ସୁବିଧା ନିମନ୍ତେ ବସ ଯାତାୟାତ କରୁଛି। ମାତ୍ର ଅନେକ ବସରେ ଜରୁରିକାଳୀନ ଦ୍ୱାର ନିକଟରେ ଯାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ସିଟ ଖୋଲାଯାଇ ନଥିବା ଦେଖିବାକୁ ମିଳିଛି। ଏନେଇ ଉପଖଣ୍ଡ ବସ ମାଲିକ ସଂଘର ସମ୍ପାଦକ ଉତ୍ତମ କୁମାର କର କହିଛନ୍ତି ଯେ ସରକାରଙ୍କ ନିର୍ଦ୍ଦେଶକୁ ପାଳନ କରିବା ପାଇଁ ଗାଡ଼ି ମାଲିକଙ୍କୁ ଅନୁରୋଧ କରାଯାଇଛି। ଚମ୍ପୁଆ ସଂଘ ସବୁବେଳେ ଯାତ୍ରୀଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇଆସୁଥିବା ବେଳେ ସରକାରଙ୍କ ପକ୍ଷରୁ ଯାତ୍ରୀ ସୁରକ୍ଷା ପାଇଁ ନିଆଯାଇଥିବା ପଦକ୍ଷେପକୁ ସ୍ୱାଗତ ଜଣାଇବା ସହ ସମସ୍ତ ଗାଡି ମାଲିକଙ୍କୁ ପାଳନ ପାଇଁ ନିର୍ଦ୍ଦେଶ ଦିଆଯାଇଛି।



## ତାଇକ୍ୱୋଣ୍ଡୋରେ ସ୍ୱର୍ଣ୍ଣ ପଦକ ଜିତିଲେ ସଞ୍ଜୁକ୍ତା

କେନ୍ଦୁଝର, ୪ା୧୧(ସମିସ): କଟକ ଜିଲ୍ଲା ଜବାହାର ନେହରୁ ଷ୍ଟାଡିୟମଠାରେ ୩୧ ଅକ୍ଟୋବରରୁ ୨ ନଭେମ୍ବର ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ କ୍ୟୁରୋଗୀ ଏବଂ ପୁମସେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏହି ପ୍ରତିଯୋଗୀତାରେ କେନ୍ଦୁଝର ଜିଲ୍ଲାର ସଂଯୁକ୍ତା ଦାସ ୧୪ ବର୍ଷରୁ କମ୍ କ୍ୟାଡେଟ ବିଭାଗରେ ଅଂଶଗ୍ରହଣ କରି ସଫଳତା ଅର୍ଜନ କରିଛନ୍ତି। କ୍ୟୁରୋଗୀ ୩୩ କିଗ୍ରା ବର୍ଗରେ ସ୍ୱର୍ଣ୍ଣ ପଦକ, ଫ୍ରିଷ୍ଟାଇଲ ପୁମେସରେ ସ୍ୱର୍ଣ୍ଣପଦକ ଏବଂ ଇଣ୍ଡିଭିଜୁଆଲ ପୁମେସରେ ରୌପ୍ୟ ପଦକ ହାସଲ କରିଛନ୍ତି। ସେ କେନ୍ଦୁଝର ଜିଲ୍ଲାର କେ କ୍ୟାରିୟର ଟାଇକ୍ୱୋଣ୍ଡୋ ଅସୋସିଏସନରେ ପ୍ରଶିକ୍ଷଣ ନେଇଥିଲେ। ଏହି ସଫଳତା ପାଇଁ ପିତା ସୁବ୍ରତ ନାରାୟଣ ଦାସ, ମା' ଶାଶ୍ୱତୀ ଦାସ ପରିବାରବର୍ଗ ଏବଂ ପ୍ରଶିକ୍ଷକ ଏମଡି ରମଜାନ (କୁନୁସାର), ରାଜ୍ୟ ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ ଶୁଭେଚ୍ଛା ଜଣାଇଛନ୍ତି। ଚଳିତ ମାସ ୨୧ତାରିଖରୁ ୨୩ ପର୍ଯ୍ୟନ୍ତ ଉତ୍ତର ପ୍ରଦେଶର ବରେଲୀଠାରେ ହେବାକୁଥିବା ଜାତୀୟ କ୍ୟୁରୋଗୀ ଓ ପୁମସେ ପ୍ରତିଯୋଗିତାରେ କ୍ୟାଡେଟ ବିଭାଗରେ ଭାଗ ନେବେ ବୋଲି ପ୍ରଶିକ୍ଷକ କୁନୁ ସାର୍ ସୂଚନା ଦେଇଛନ୍ତି।




## ୯୮ ବର୍ଷ ପରେ ନୂଆରୂପରେ ନିକଲ୍‌ସନ ବନବିଦ୍ୟାଳୟ

ଚମ୍ପୁଆ, ୪ା୧୧(ସମିସ): ୧୯୨୭ ମସିହାରେ ଏଚ୍‌ଏଫ୍ ମନିଙ୍କ ଦ୍ୱାରା କେନ୍ଦୁଝର ଜିଲ୍ଲା ଚମ୍ପୁଆରେ ସ୍ଥାପିତ ନିକଲସନ ବନ ବିଦ୍ୟାଳୟ ୯୮ ବର୍ଷ ପରେ ନୂଆରୂପରେ ସଜେଇ ହେଇଛି। ଫରେଷ୍ଟରଠାରୁ ଆରମ୍ଭ କରି ଫରେଷ୍ଟ ଗାର୍ଡ ପର୍ଯ୍ୟନ୍ତ ପ୍ରଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଆସୁଥିବା ଏହି ବନ ବିଦ୍ୟାଳୟ ଆଜିବି ତାର ଗାରିମା ବଜାୟ ରଖିଛି। ଏହି ଗାରିମାକୁ ୨ଗୁଣିତ କରିବାକୁ ଯାଇ ଆବଶ୍ୟକ ଭିତ୍ତିଭୂମିର ବିକାଶ କରାଯାଇ ଏହି ପୁରାତନ ବନ ବିଦ୍ୟାଳୟ ଚିତ୍ରପଟକୁ ପରିବର୍ତ୍ତନ କରାଯାଇଛି। କେନ୍ଦୁଝର ବନଖଣ୍ଡ ଅଧିକାରୀ ଏଚଡି ଧନରାଜଙ୍କ ତତ୍ତ୍ୱାବଧାନରେ ଏହି ୯୮ ବର୍ଷର ପୁରୁଣା ବନ ବିଦ୍ୟାଳୟ ନୂତନ ରୂପ ଧାରଣ କରିଛି। ପ୍ରାଥମିକ ସ୍ତରରେ ବିହାର, ଓଡ଼ିଶା ପ୍ରଦେଶର ସମେତ ପୂର୍ବାଞ୍ଚଳର ଏହା ଏକମାତ୍ର ବନାଞ୍ଚଳ ପ୍ରଶିକ୍ଷଣ କେନ୍ଦ୍ର ଭାବେ ପରିଚିତ। ଏହାର ପ୍ରକୃତ ନାମ ଓଡ଼ିଶା ଷ୍ଟେଟ୍ ଫରେଷ୍ଟ ସ୍କୁଲ ଭାବରେ ରହିଥିବା ବେଳେ ପରେ ୧୯୩୯ ମସିହାରେ ଏହାର ନାମ ପରିବର୍ତ୍ତନ କରାଯାଇ ପୂର୍ବାଞ୍ଚଳ ରାଜ୍ୟ ବନ ବିଦ୍ୟାଳୟ ଭାବରେ ନାମିତ ହୋଇଥିଲା। ମାତ୍ର ଏହି ବିଦ୍ୟାଳୟ ୧୯୫୦ ମସିହାରେ ନିକଲସନ ବନ ବିଦ୍ୟାଳୟ ଭାବେ ପରିଚିତ ହୋଇଆସୁଛି। ଏହାର ପ୍ରଥମ କଞ୍ଜରଭେଟର ଭାବରେ ଭାରତୀୟ ବନ ସେବା ଅଧିକାରୀ ଜେଡବ୍ଲୁ ନିକଲସନ କାର୍ଯ୍ୟ କରିଥିଲେ। ପ୍ରଦେଶ ଅଲଗା ହେବା ପରେ ମଧ୍ୟ ୧୯୫୮ ମସିହା ପର୍ଯ୍ୟନ୍ତ ବିହାର ପ୍ରଦେଶର ପ୍ରଶିକ୍ଷାର୍ଥୀଙ୍କୁ ଏଠାରେ ପ୍ରଶିକ୍ଷଣ ପ୍ରଦାନ କରାଯାଉଥିଲା। ୧୯୭୭ ମସିହାରେ ଏହି ବନ ବିଦ୍ୟାଳୟ ତାର ସୁବର୍ଣ୍ଣ ଜୟନ୍ତୀ ପାଳନ କରିଥିଲା। ଏହି ବନ ବିଦ୍ୟାଳୟର ପ୍ରଥମ ଡାଇରେକ୍ଟର ଭାବେ ଇଏସ୍ ହାୟର ଓ ପ୍ରଥମ ପ୍ରଶିକ୍ଷକ ଭାବେ ରାଏସାହେବ ଏସକେ ମୁଖାର୍ଜି ୧୯୨୭ରୁ ୧୯୪୨ ପର୍ଯ୍ୟନ୍ତ ଦାୟିତ୍ୱ ତୁଲାଇଥିଲେ। ଇଂରେଜ ଅମଳରୁ ନିର୍ମାଣ କରାଯାଇଥିବା ଏହି ବନ ବିଦ୍ୟାଳୟକୁ ୯୮ ବର୍ଷ ପରେ ଟାଟା କମ୍ପାନୀର ସହାୟତାରେ ରୂପରେଖ ପରିବର୍ତ୍ତନ କରାଯାଇଥିବା ଡିସିଏଫ୍ ରାମଚନ୍ଦ୍ର ମୁର୍ମୁ ସୂଚନା ଦେବା ସହ ଚଳିତ ବର୍ଷ ୧୧୨ତମ ବ୍ୟାଚରେ ପଦୋନ୍ନତି ପାଇଥିବା ୪୦ ଜଣ ଫରେଷ୍ଟରଙ୍କୁ ପ୍ରଶିକ୍ଷଣ ଦିଆଯାଉଥିବା ସୂଚନା ଦେଇଛନ୍ତି। ଏଥିସହ ୨୦୦ ଆସନ ବିଶିଷ୍ଟ ଅଡିଟୋରିୟମ, ଜିମ୍ନାଶିୟମ, ଲାଇବ୍ରେରୀ, ଖେଳପଡିଆର ଉନ୍ନତିକରଣ ସହ ଇନଡୋର ବ୍ୟାଡମିଣ୍ଟନ କୋର୍ଟ ଏବଂ ପାରିପାର୍ଶ୍ୱିକ ଅବସ୍ଥାକୁ ଉନ୍ନତି କରାଯାଇଛି।



## ନୂତନ ଶ୍ରମ କୋଡ୍ ପାଇଁ ଦାବିପତ୍ର



କେନ୍ଦୁଝର, ୪ା୧୧(ସମିସ): କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ନୂତନ ଶ୍ରମ କୋଡ ଓଡିଶାରେ ଓ ସମଗ୍ର ଦେଶରେ ଲାଗୁ କରିବା ପାଇଁ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଖଣି ଓ କାରଖାନାର ଶ୍ରମିକମାନେ ଏକ ଦାବିପତ୍ର କେନ୍ଦୁଝର ଜିଲ୍ଲାପାଳଙ୍କ ଜରିଆରେ କେନ୍ଦ୍ର ଶ୍ରମ ଓ ନିଯୋଜନ ମନ୍ତ୍ରୀ ମାନଶୁଖ୍ ଏଲ୍ ମାଣ୍ଡଭିୟାଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ୪ଟି କୋଡ କୋଡ ଅଫ୍ ଓଏଜ୍ସ -୨୦୧୯, ଇଣ୍ଡଷ୍ଟ୍ରିଆଲ୍ ରିଲେସନ୍ କୋଡ ୨୦୨୦, ସୋସିଆଲ୍ ସିକ୍ୟୁରିଟି କୋଡ ୨୦୨୦, ଅକୁପେସନାଲ୍ ସେଫ୍ଟି କୋଡ ୨୦୨୦ ଲାଗୁ କରାଗଲେ ଶ୍ରମିକଙ୍କ ପାଇଁ ଅଧିକ ଲାଭଦାୟକ ହେବ ବୋଲି ସେମାନେ ଦର୍ଶାଇଛନ୍ତି। ସେହିଭଳି କେନ୍ଦ୍ର ଓ ରାଜ୍ୟ ମାନଙ୍କରେ ସମାନ ମଜୁରୀ ପ୍ରଦାନ ପାଇଁ ଏହି ଆଇନରେ ବ୍ୟବସ୍ଥା କରାଯାଇଛି। ଏହାବ୍ୟତୀତ ସାମାଜିକ ସୁରକ୍ଷା, ବିଭାଗୀୟ ଓ ଠିକାଦାର ଅଧୀନରେ କାର୍ଯ୍ୟରତ ଶ୍ରମିକଙ୍କ ମଧ୍ୟରେ ସମାନତା ଆଣିବା, ସମାନ କାମକୁ ସମାନ ମଜୁରୀ ଓ ଅନ୍ୟାନ୍ୟ ସୁବାଧା ଲାଗୁ ତରିବା ଆଗି ବ୍ୟବସ୍ଥା ନୂତନ ଶ୍ରମ କୋଡରେ ଅନ୍ତର୍ଭୁକ୍ତ କରାଯାଇଛି।

## କାନପୁର ଲକ୍ଷ୍ମୀନାରାୟଣ ପୂଜାରେ ସାଂସ୍କୃତିକ କାର୍ଯ୍ୟକ୍ରମ



ଆନନ୍ଦପୁର, ୪ା୧୧ (ସମିସ): କାନପୁରରେ ସପ୍ତମ ବାର୍ଷିକ ଲକ୍ଷ୍ମୀନାରାୟଣ ପୂଜା ଉପଲକ୍ଷେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମର ପହିଲି ସନ୍ଧ୍ୟାରେ ବୀଣାପାଣି କଳାନିକେତନ, ଶାଳପଡା ନୃତ୍ୟାନୁଷ୍ଠାନର ନୃତ୍ୟ ଶିଳ୍ପୀମାନେ ନୃତ୍ୟଗୁରୁ ଜିତୁ ଦାଶଙ୍କ ନିର୍ଦ୍ଦେଶନାରେ ନୃତ୍ୟର ଚମକ ଦେଖାଇଥିଲେ। ମୁଖ୍ୟଅତିଥି ରୂପେ ପୂର୍ବତନ ଅଧକ୍ଷ ଦେବାଶିଷ ପାତ୍ର ନୃତ୍ୟ ଗୁରୁ ନୃତ୍ୟ ଏବଂ କଳାକାରଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧନା କରିଥିଲେ। ପରେ ନୃତ୍ୟଶିଳ୍ପୀ ମୋନିକା ଦାଶ, ପ୍ରିୟଙ୍କା ସାହୁ, ଲିଜାରାଣୀ ସାହୁ, ବିନୋଦ ଓଝା, ଦେବହୁତି ପଟ୍ଟନାୟକ, ଶୁଭଶ୍ରୀ ଦାଶ, ସ୍ୱର୍ଣ୍ଣଲତା ଦାସ, ପରିଣତି ଚକ୍ର, କ୍ରିଷ୍ଣା ପ୍ରିୟଦର୍ଶିନୀ, ଶୈଶମ୍ପର୍ଣ୍ଣ ଚକ୍ର, ବିଜୟିନୀ ଦାଶ, ପିହୁ ଡିସନା, ସାଇନୁ ନାୟକ, ସୁଶ୍ରୀ ସୁପ୍ରଭାଙ୍କ ଦ୍ୱାରା ନୃତ୍ୟାଭିନୟ ମାର କଥା, ଯୁଗେ ଯୁଗେ ଧର୍ମର ଗାଥା, ସମ୍ବଲପୁରୀ ନୃତ୍ୟ, ପଲ୍ଲୀ ନୃତ୍ୟ, ପୁରାତନ ଓଡ଼ିଆ ଚଳଚିତ୍ର ଗୀତର ନୃତ୍ୟକୁ ଗାଁର ଦର୍ଶକ ମନ ଭରି ଉପଭୋଗ କରିଥିଲେ। ଗାଁର ସଦସ୍ୟ କେଶବଚନ୍ଦ୍ର ଚକ୍ର, ରମେଶ ଚକ୍ର, ଭାବେନ ଜେନା, ରଂଜିତ ଜେନା, ସୁକାନ୍ତ ଜେନା, ବଦ୍ରିନାରାୟଣ ଜେନା, ନାରାୟଣ କୁମାର, ଟିଲୁ ଜେନା, ସିଲୁ ଜେନା ସହଯୋଗ କରିଥିଲେ।

## ମୋଚିନ୍ଦାରେ ଶ୍ରୀରାଧାକୃଷ୍ଣ ପୂଜା ଓ ରାସପଞ୍ଚକ



ଆନନ୍ଦପୁର, ୪ା୧୧ (ସମିସ): ଆନନ୍ଦପୁର ବ୍ଲକ ଅନ୍ତର୍ଗତ ମୋଚିନ୍ଦା ଗ୍ରାମରେ ଚଳିତ ବର୍ଷ ୨୬ତମ ଶ୍ରୀରାଧାକୃଷ୍ଣ ପୂଜା ଓ ରାସପଞ୍ଚକ ଭାବ ଓ ଭକ୍ତିରେ ଆରମ୍ଭ ହୋଇଛି। ରାଧାକୃଷ ପୂଜା କମିଟି କର୍ମକର୍ତ୍ତା ଓ ସମସ୍ତ ସଦସ୍ୟଙ୍କ ତତ୍ତ୍ୱାବଧାନରେ ଆଜି ବ୍ରତଧାରୀମାନେ କଳସ ଆଣିବା ପରେ ପୂଜା ମଣ୍ଡପରେ ଘଟସ୍ଥାପନ କରାଯାଇଥିଲା। ପୂଜକ ଯଥା ରୀତିନୀତିରେ ପୂଜା ଆରମ୍ଭ କରିଥବା ବେଳେ ରାସ ପଞ୍ଚକ ବ୍ରତ ଗୀତ ପଠନ କରିଥିଲେ। ସମସ୍ତ ଗ୍ରାମବାସୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ଶୃଙ୍ଖଳାରେ ଚାଲିଛି।

## ତ୍ରିଦିବସୀୟ ସାଂସଦ ଖେଳ ମହୋତ୍ସବ




ଯୋଡ଼ା,୪ା୧୧(ସମିସ): ଯୁବପିଢ଼ିଙ୍କୁ ଫିଟ ରଖିବା ତଥା ଖେଳକୁ ପ୍ରୋତ୍ସାହନ କରିବା ପାଇଁ ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମ ଅନ୍ତର୍ଗତ ସାଂସଦ ଖେଳ ମହୋତ୍ସବ ମାଧ୍ୟମରେ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ଲୁକ୍କାୟିତ ଉଦୀୟମାନ କ୍ରୀଡ଼ା ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବାକୁ ଲକ୍ଷ୍ୟରେ କେନ୍ଦୁଝର ଜିଲ୍ଲା ଯୋଡ଼ା କେନ୍ଦ୍ରୀୟ ଖେଳ ପଡିଆରେ ସାଂସଦ ଖେଳ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ୩ ତାରିଖରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବ ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଯୋଡ଼ା ବ୍ଲକର ବିଭିନ୍ନ ଅଞ୍ଚଳର କ୍ରିକେଟ ଖେଳାଳି ପଞ୍ଜୀକରଣ କରି ଖେଳରେ ଭାଗ ନେଇଛନ୍ତି। ୨୦ଟି ଦଳ ଏଥିରେ ଭାଗ ନେଇଥିବା ଜଣାପଡିଛି। ମଙ୍ଗଳବାର ଅନୁଷ୍ଠିତ ଏହି ଉତ୍ସବରେ ଯୋଡ଼ା ବିଡିଓ ଡେନିସ ବେହେରା, ବଡ଼ବିଲ ଏସଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ, ବଡ଼ବିଲ ତହସିଲଦାର ରାକେଶ କୁମାର ପଣ୍ଡା, ଯୋଡା ଆଇଆଇସି ପ୍ରଶାନ୍ତ କୁମାର ସାମଲ, କେନ୍ଦୁଝର ସାଂସଦ ପ୍ରତିନିଧି ବିଏନ୍ ଦାସ, ଚମ୍ପୁଆ ବାର୍ ଆସୋସିଏସନ୍ ସଭାପତି ରମେଶ ପ୍ରଧାନ, ଯୋଡା ନଗର ବିଜେପି ପୂର୍ବତନ ସଭାପତି ସୁଶାନ୍ତ ବେବର୍ତ୍ତା, ରଶ୍ମିରଥୀ ମହାକୁଡ, କାଉନସିଲର ରଶ୍ମିତା ପାଣିଗ୍ରାହୀ, ପୂଜା ସିଂ ଆଲ୍‌ଦା, ଗଣେଶ ମୋଦୀଙ୍କ ସମେତ ବହୁ ନିମନ୍ତ୍ରିତ ଅତିଥି ଉପସ୍ଥିତ ଥିଲେ। ସାଂସଦ ପ୍ରତିନିଧି ବିଏନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ଶାନ୍ତିଶୃଙ୍ଖଳା ସହ ଖେଳଟି ଆଗେଇ ଚାଲିଛି।

## ଅନ୍ଧାରରେ ଲକ୍ଷାଧିକ ଟଙ୍କାର ଆଇ ଲଭ୍ ଚମ୍ପୁଆ ପ୍ରକଳ୍ପ

ଚମ୍ପୁଆ,୪ା୧୧(ସମିସ): ୨୦୧୬ରେ ଗ୍ରାମପଞ୍ଚାୟତରୁ ଏନଏସି ମାନ୍ୟତା ପାଇଥିବା ଚମ୍ପୁଆ ଗ୍ରାମାଞ୍ଚଳରୁ ସହର ପାଲଟିଗଲାଣି। ଏହି ସହରକୁ ସରସ ସୁନ୍ଦର କରିବା ପାଇଁ ୨୦୨୧-୨୨ ମସିହାରେ ତତ୍କାଳୀନ ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହାଙ୍କ ପ୍ରଚେଷ୍ଟାରେ ସହରର କେନ୍ଦ୍ରସ୍ଥଳରେ ତଥା ବସଷ୍ଟାଣ୍ଡ ନିକଟରେ ଲକ୍ଷ ଲକ୍ଷ ଟଙ୍କା ବିନିମୟରେ ଆଇ ଲଭ୍ ଚମ୍ପୁଆ ଇଲେକ୍ଟ୍ରୋନିକସ ବୋର୍ଡ ଲଗାଯାଇ ପାରିପାର୍ଶ୍ୱିକ ଅବସ୍ଥାର ଉନ୍ନତି କରାଯାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ଏହାର ରକ୍ଷଣବେକ୍ଷଣ ପ୍ରତି ଏନଏସି ପ୍ରଶାସନ ଗୁରୁତର ଦେଉ ନଥିବାରୁ ଦୀର୍ଘ ଦିନ ଧରି ଏହା ବନ୍ଦ ପଡିବା ସହ ବଣବୁଦାରେ ଘେରିଗଲାଣି। ଅନ୍ୟପକ୍ଷରେ, ଏନଏସିକୁ ମ୍ୟୁନିସିପାଲିଟିର ମାନ୍ୟତା ଦାବି କରିବା ପାଇଁ ଜନସାଧାରଣ ଅଣ୍ଟା ଭିଡୁଥିବା ବେଳେ ସହରର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟ ଦିନକୁ ଦିନ ବିପରୀତମୁଖୀ ହେବାରେ ଲାଗିଛି। ଏନେଇ ଏନଏସି ନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରାଙ୍କୁ ପଚାରିବାରୁ ତୁରନ୍ତ ଏହା ଉପରେ ପଦକ୍ଷେପ ନେବେ ବୋଲି କହିଛନ୍ତି।



## ଆଞ୍ଚଳିକ କଳାସଂସ୍କୃତିକୁ ଲୋକଲୋଚନକୁ ଆଣୁଛି ଶିଶୁ ମହୋତ୍ସବ 'ସୁରଭି'

କେନ୍ଦୁଝର, ୪ା୧୧(ସମିସ)




ଶିଶୁମାନଙ୍କ ମନୋଭାବ, କଳା ଓ ସୃଜନାଶୀଳତାକୁ ମଞ୍ଚ ଦେବା ପାଇଁ ଚଳିତବର୍ଷ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୫' ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ପିଏମଶ୍ରୀ ବାଳିକା ଉଚ୍ଚବିଦ୍ୟାଳୟ,ରେ ଆୟୋଜିତ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ଶିଶୁମାନେ ନିଜ କଳାସାଧନା ମାଧ୍ୟମରେ ଆଞ୍ଚଳିକ ସଂସ୍କୃତିକୁ ଜୀବନ୍ତ କରିଥିଲେ। ଓଡ଼ିଶା ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ହିମାଂଶୁ ଭୂଷଣ ଓଝା ମୁଖ୍ୟଅତିଥି ଭାବେ ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ। ସେ କହିଥିଲେ, ପ୍ରତ୍ୟେକ ପିଲାର ସଫଳତା ପଛରେ ଜଣେ ଗୁରୁଙ୍କ ଅସୀମ ଅବଦାନ ରହିଥାଏ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା ଓ ରୁଦ୍ରନାରାୟଣ ସାମଲ କହିଥିଲେ ଯେ ସୁରଭି କେବଳ ଏକ ଶିଶୁ ଉତ୍ସବ ନୁହେଁ, ଏହା ହେଉଛି ଓଡ଼ିଶାର ଗ୍ରାମ ଓ ଜିଲ୍ଲାର ଲୋକ ସଂସ୍କୃତି, ନାଟକ, ସଙ୍ଗୀତ, ଚିତ୍ରକଳା ଓ ଲୋକଜ୍ଞାନକୁ ଜଗତ ସମ୍ମୁଖରେ ଆଣିବାର ଅଭିଯାନ। ସଭାରେ ବ୍ଲକ ଶିକ୍ଷାଧିକାରୀ ଓଁମକାର ଅନ୍ୱେଷ ଓ ଚିନ୍ମୟ ରାଉତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା ଉଦ୍‌ଘାଟନୀ ସଭାର ସଭାପତିତ୍ୱ କରିଥିଲେ ସଭାକୁ ସଞ୍ଚାଳନ ଓ ଅତିଥିମାନଙ୍କ ପରିଚୟ ଦେଇଥିଲେ ଅନ୍ତନିବେଶି ଶିକ୍ଷା ସଂଯୋଜକ ପୀତବାସ ସାହୁ। ସ୍ଥାନୀୟ ପ୍ରଧାନଶିକ୍ଷକ ଜୟଚନ୍ଦ୍ର ରାଉତ ଧନ୍ୟବାଦ ଦେଇଥିଲେ। କନିଷ୍ଠ, ବରିଷ୍ଠ ଓ ବରିଷ୍ଠ ଉଚ୍ଚମାଧ୍ୟମିକ ବିଭାଗରେ ମୋଟ ୩୧ଟି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ୫୧୨ ଜଣ ଶିଶୁ ଓ ୨୪୩ ଜଣ ଗାଇଡ ଶିକ୍ଷକଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ଦିନଭରି ଚାଲିଥିବା ଏହି ରଙ୍ଗିନ ମହୋତ୍ସବ ମଞ୍ଚରେ ଶିଶୁମାନେ ନୃତ୍ୟ, ସଙ୍ଗୀତ, ଚିତ୍ରକଳା, କବିତା, ନାଟକ ଓ ଗଳ୍ପକଥାର ମାଧ୍ୟମରେ ନିଜ ସୃଜନଶୀଳତାର ଚମକ ପ୍ରଦର୍ଶନ କରିଥିଲେ। ସମାପନ ସଭାରେ ବିଜେତା ଶିଶୁମାନଙ୍କୁ ସର୍ଟିଫିକେଟ, ମାନପତ୍ର ଓ ସ୍ମୃତିଚିହ୍ନ ପ୍ରଦାନ କରାଯାଇଥିଲା। ଶେଷ ଦିନର ସାଂସ୍କୃତିକ ସନ୍ଧ୍ୟାରେ ଶିଶୁମାନଙ୍କ ଲୋକନୃତ୍ୟ, ଓଡ଼ିଶୀ ଓ ସାନ୍ତାଳି ନୃତ୍ୟ ସମସ୍ତଙ୍କୁ ମୁଗ୍ଧ କରିଦେଇଥିଲା। ସଦର ବ୍ଲକର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ସିଆରସିସି ଓ ସମଗ୍ର ଶିକ୍ଷା, କେନ୍ଦୁଝରର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। କାର୍ଯ୍ୟକ୍ରମଟି ଶ୍ରୀଦୁର୍ଗା ପ୍ରସନ୍ନ ଲାୟକ, ଟ୍ରାଇବାଲ ଏଡୁକେସନ କୋର୍ଡିନେଟର, ସମଗ୍ର ଶିକ୍ଷା ସମନ୍ୱୟ ଓ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା।

## ରାସନକାର୍ଡ ମ୍ୟାନେଜମେଣ୍ଟ ସିଷ୍ଟମ ରିପୋର୍ଟ ଖୋଲିଲା ଗୁମର

# ୨୭ ୯ ୬୬ ରାସନ କାର୍ଡ ହିତାଧିକାରୀ ଅଯୋଗ୍ୟ !

ବାଲିଆପାଳ, ୪।୧୧ (ସମିସ)

ବାଲିଆପାଳ ବ୍ଲକରେ ମୋଟ ୨୭,୯୬୬ ରାସନ କାର୍ଡ ହିତାଧିକାରୀ ଅଯୋଗ୍ୟ ଚିହ୍ନଟ ହୋଇଥିବା ସରକାରୀ ରିପୋର୍ଟରେ କୁହାଯାଇଛି। ରାସନକାର୍ଡ ମ୍ୟାନେଜମେଣ୍ଟ ସିଷ୍ଟମ ରିପୋର୍ଟ ଆଧାରରେ ମିଳିଥିବା ଏହି ତଥ୍ୟକୁ ନେଇ ବ୍ଲକ୍ ପ୍ରଶାସନର ଚିନ୍ତା ବଢ଼ିଯାଇଛି। ଏହି ରିପୋର୍ଟରେ କେତେ ସତ୍ୟତା ରହିଛି, ତାହାର ତଦନ୍ତ ଆରମ୍ଭ ହୋଇଛି ଆଉ ତଦନ୍ତ ପରେ ଅଯୋଗ୍ୟ ହିତାଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ମିଳିଛି।

ରାସନ କାର୍ଡ ମ୍ୟାନେଜମେଣ୍ଟ ସିଷ୍ଟମର ତଥ୍ୟ ଅନୁଯାୟୀ ଯେଉଁମାନେ ସରକାରୀ ମଣ୍ଡିରେ ଧାନ ବିକ୍ରି ପାଇଁ ୨.୪୭(ଏକ ହେକ୍ଟର)ଏକରରୁ ଊର୍ଦ୍ଧ୍ୱ ଜମି ଦର୍ଶାଇଥିବେ, ଆୟକର ଦେଉଥିବେ, ୪ ଚକିଆ ଗାଡ଼ି ଥିବ, ତିନି ବଖରାରୁ ଅଧିକ ଘର ଥିବ, ପେନସନ ଧାରୀ ଏହିପରି ମୋଟ ୨୫ଟି ନିୟମ ଆଧାରରେ ବାଲିଆପାଳ ବ୍ଲକରେ ୨୭ ହଜାର ୯୬୬ଟି ଅଯୋଗ୍ୟ ରାସନ କାର୍ଡ ଚିହ୍ନଟ ହୋଇଛି। ବ୍ଲକରେ ମୋଟ ୫୦ ହଜାର ପାଖାପାଖି କାର୍ଡଧାରୀ

**ବାଲିଆପାଳ ବ୍ଲକ**

ଥିବା ବେଳେ ସେଥିରୁ ଅଧାରୁ ଅଧିକ କାର୍ଡକୁ ନେଇ ତଦନ୍ତ ହେବା ଚର୍ଚ୍ଚାର ବିଷୟ ହୋଇଛି। ବୋଳଙ୍ଗ ଓ ବିଷ୍ଣୁପୁର ପଞ୍ଚାୟତରୁ ଚିହ୍ନଟ ହୋଇଛନ୍ତି ସର୍ବାଧିକ ଅଯୋଗ୍ୟ ହିତାଧୀକାରୀ। ଏହି ପଞ୍ଚାୟତରୁ ବୋଳଙ୍ଗ ୧୬୭୮ବିଷ୍ଣୁପୁର ରୁ ୧୬୩୨ କାର୍ଡ ରହିଥିବା ବେଳେ ତା'ତଳକୁ ବୈଂମୁଖି ପଞ୍ଚାୟତରେ ୧୨୭୭, ମଧୁପୁରା ୧୧୦୯, ଅଳାଡିହା ୧୧୫୯, ଅସ୍ତି ୧୨୫୮,ବଡାଶ ୧୨୭୫, ବାଲିଆପାଳ୮୧୩, ବାଲିକୁଟି ୮୩୮, ବଳରାମପୁର ୭୬୪,ବଣିଆଡିହା ୧୨୮୪, ଡଗରା ୧୧୬୧, ଦେଉଳା ୧୦୮୪, ଦେଭୋଗ ୭୧୪, ଘାଣ୍ଟୁଆ ୭୦୨, ଜଗତିପୁର ୧୧୭୯, ଜାମୁକୁଣ୍ଡା ୯୭୪, ଜାମ୍ବୀରାଇ ୮୯୧, କୁମ୍ଭାରୀ ୫୯୭, କୁଣ୍ଡଳୀ ୧୨୩୦, ନିଖିରା ୧୧୮୮,ନୂଆଗାଁ ୯୬୩, ପ୍ରତାପପୁର ୧୦୬୫, ପଞ୍ଚୁପାଲି ୬୯୫, ରତାଇ ୯୦୬, ଶ୍ରୀରାମପୁର ୭୬୮ଟି ସନ୍ଦିଗ୍ଧ କାର୍ଡ ଚିହ୍ନଟ ହୋଇଛି। ଏମାନେ ସରକାରୀ ମାନଦଣ୍ଡ ବାହାରେ ଥାଇ ରାସନ ନେଉଛନ୍ତି।୨୭, ୯୬୬ କାର୍ଡର ପୁନଃ ଯାଞ୍ଚ ହେବ ତଦନ୍ତ ପରେ ନିଆଯିବ କାର୍ଯ୍ୟାନୁଷ୍ଠାନ। ଏହି ତାଲିକା ପ୍ରଘଟ ହେବା ପରେ ଅଯୋଗ୍ୟ ହିତାଧୀକାରୀଙ୍କ ନିଦ ହଜିଯାଇଛି।

## ନାବାଳିକା ଅପହରଣ ଓ ଦୁଷ୍କର୍ମ ଅଭିଯୋଗ, ଜଣେ ଗିରଫ

ବାହାନଗା, ୪।୧୧(ସମିସ): ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଥାନା ଅଞ୍ଚଳର ଜଣେ ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ଅଭିଯୋଗରେ ଖନ୍ତାପଡ଼ା ପୁଲିସ ଆଜି ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଖନ୍ତାପଡ଼ା ପଞ୍ଚାୟତ ସୁଠଙ୍ଗ ଗ୍ରାମର ପ୍ରଦୀପ ଦାସ (ମୂଷା) ଖନ୍ତାପଡ଼ା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ଓ ଦୁଷ୍କର୍ମ ନେଇ ଗତ ଗତ ମାର୍ଚ୍ଚ ୧୨ରେ ଲିଖିତ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ମୂଳେ ନାବାଳିକାକୁ ଉଦ୍ଧାର କରାଯାଇଥିଲା। ସେବେଠୁ ଅପହରଣକାରୀ ଦୀର୍ଘଦିନ ହେବ ଫେରାର ଥିବା ବେଳେ ଆଜି ତଦନ୍ତକାରୀ ଅଧିକାରୀ ଏସଆଇ ବିକ୍ରମ ମହାପାତ୍ର ଯୁବକଙ୍କୁ କାବୁ କରିଥିଲେ। ପ୍ରାଥମିକ ତଦନ୍ତରେ ଯୁବକଙ୍କୁ ଡାକ୍ତରୀ ମାଇନା କରିବା ସହିତ ପକ୍ସୋ ଆଇନ ବଳରେ ଅପହରଣକାରୀକୁ ଆଜି ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଦୀର୍ଘ ଦିନ ହେବ ଅପହରଣକାରୀ ଖୋଲାରେ ବୁଲୁଥିବା ବେଳେ ଗତ କିଛି ଦିନ ହେବ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରୀ ରଖିଥିଲେ। ଗତକାଲି ନୂତନ କରି ଖନ୍ତାପଡ଼ା ଥାନାରେ ଯୋଗ ଦେଇଥିବା ସୁବର୍ଣ୍ଣା ବେହେରା ପ୍ରଥମ ଦିନରେ ହିଁ ଅପହରଣକାରୀକୁ କାବୁ କରି ବିଚାର ବିଭାଗୀୟ ହାଜତକୁ ପଠାଇବା ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।

### ରାଜ୍ୟସ୍ତରୀୟ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା

## ବାଲେଶ୍ୱର ଜିଲ୍ଲା ତାଏକ୍ୱୋଣ୍ଡୋ ଖେଳାଳିଙ୍କ ସଫଳତା




ସୋର, ୪।୧୧(ସମିସ): ଗତ ଅକ୍ଟୋବର ୩୧ ତାରିଖଠାରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି କଟକ ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ତାଏକ୍ୱୋଣ୍ଡୋ ପ୍ରତିଯୋଗିତାରେ ବାଲେଶ୍ୱର ଜିଲ୍ଲା ତାଏକ୍ୱୋଣ୍ଡୋ ଦଳକୁ ବଡ଼ ସଫଳତା ମିଳିଛି। ଏହି ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ୨୦ଟି ଜିଲ୍ଲାରୁ ୯୦୦ ରୁ ଅଧିକ ଖେଳାଳି ଅଂଶ ଗ୍ରହଣ କରିଥିଲେ। ଏଥିରେ ବାଲେଶ୍ୱର ଜିଲ୍ଲାରୁ ମୋଟ ୧୫ ଜଣ ବାଳକ ଓ ବାଳିକା ଦୁଇଟି ବିଭାଗରେ ଭାଗ ନେଇ ୨୪ ଟି ମେଡାଲ ପାଇ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ବାଲେଶ୍ୱର ତାଏକ୍ୱୋଣ୍ଡୋ ଏକାଡେମୀରୁ ତିନି ଜଣ ଖେଳାଳି ଭାଗ ନେଇ ଥିଲେ। ପୋମସେ ବିଭାଗରେ ଅତାଉଲ୍ଲା ଖାନ ଓ ରୀତିକ ମହାପାତ୍ର ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ଅର୍ଣ୍ଣବ ସବ୍ୟସାଚୀ ରୌପ୍ୟ ପଦକ ପାଇଛନ୍ତି। ସେହିପରି ସୋର ତାଏକ୍ୱୋଣ୍ଡୋ ଏକାଡେମୀରୁ ୧୨ ଜଣ ଖେଳାଳି ମାନେ କିରୋଗୀ ଓ ପୋମସେ ବିଭାଗ ରେ ଭାଗ ନେଇ ୨୧ ଟି ମେଡାଲ ପାଇଛନ୍ତି। ପୋମସେ ବିଭାଗରେ ନିଗମ ଜ୍ୟୋତି ଦାସ, ମୋନାଲିସା ପୁଥାଳ ସ୍ୱର୍ଣ୍ଣପଦକ ଓ ଅର୍ପିତା ସାହୁ ରୌପ୍ୟ ପଦକ, ଆରାଧ୍ୟା ଖୁଣ୍ଟିଆ, ସୋହମ ସାହୁ, ପ୍ରଭାକର ସାହୁ, କାଜଲ ସାହୁ, ଅଙ୍କିତା ସାହୁ, ବିଦିଶା ପାଢ଼ୀ, ଦେବସ୍ମିତା ମଣ୍ଡଳ, ସୂର୍ଯ୍ୟକାନ୍ତ ଭୋଇ, ସମ୍ବିତ ସାହୁ କାଂସ୍ୟ ପଦକ ପାଇଛନ୍ତି। କିରୋଗୀ ବିଭାଗରେ ଆରାଧ୍ୟା ଖୁଣ୍ଟିଆ, ସମ୍ବିତ ସାହୁ ସ୍ୱର୍ଣ୍ଣ ପଦକ, ଦେବସ୍ମିତା ମଣ୍ଡଳ, ଅର୍ପିତା ସାହୁ, ନିଗମ ଜ୍ୟୋତି ଦାସ ରୌପ୍ୟ ପଦକ, ସୋହମ ସାହୁ, ପ୍ରଭାକର ସାହୁ, କାଜଲ ସାହୁ, ସୂର୍ଯ୍ୟକାନ୍ତ ଭୋଇ କାଂସ୍ୟ ପଦକ ପାଇଛନ୍ତି। ଜିଲ୍ଲା ସମ୍ପାଦକ ତଥା କୋଚ ଅତାଉଲ୍ଲା ଖାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ନେଇ ଖେଳାଳିମାନେ ଉଚ୍ଚକୋଟିର ପ୍ରଦର୍ଶନ କରିଥିବାରୁ କୋଚ ଅତାଉଲ୍ଲାଖାନଙ୍କୁ ବେଷ୍ଟ କୋଚ ଭାବରେ ପୁରସ୍କୃତ କରାଯାଇଥିଲା। ଖେଳାଳିଙ୍କ ଏହି ସଫଳତା ପାଇଁ ବାଲେଶ୍ୱର ଜିଲ୍ଲା ସଭାପତି ଅବଦୁଲ ଓଦୁତ ଖାନ୍ ଓ ସୋର ବିଧାୟକ ମାଧବ ଧଡ଼ା ସମସ୍ତ ଖେଳାଳି ଓ ବାଲେଶ୍ୱର ଜିଲ୍ଲା କୋଚ୍ ଅତାଉଲ୍ଲା ଖାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ୩ଟି ବାଲି ଟ୍ରାକ୍ଟର ସହ ହାଇୱା ଜବତ

ରାଜଘାଟ/ରୂପସା, ୪।୧୧ (ସମିସ): ବସ୍ତା ଥାନା ଅନ୍ତର୍ଗତ ଟୋଲ ଗେଟ ବଜାର ନିକଟରୁ ତିନୋଟି ବେଆଇନ ବାଲି ବୋଝେଇ ଟ୍ରାକ୍ଟରକୁ ଖଣି ବିଭାଗ କାବୁ କରି ପୁଲିସକୁ ହସ୍ତାନ୍ତର କରିଛି। ସୁବର୍ଣ୍ଣରେଖା ନଦୀର ଧିତପୁରା ବାଲି ଖାଦାନରୁ ତିନୋଟି ବାଲି ବୋଝେଇ କରି ଟୋଲଗେଟ ବଜାର ଅଭିମୁଖେ ଯାଉଥିବା ବେଳେ ବସ୍ତା କନିଷ୍ଠ ଖଣି ଅଧିକାରୀ ସତ୍ୟଚିନ୍ମୟ ଜେନା ଓ ଜଳେଶ୍ୱର କନିଷ୍ଠ ଖଣି ଅଧିକାରୀ ତାପସ ବେହେରା ଏହି ଛକ ନିକଟରେ ଅତର୍କିତ ଚଢ଼ାଉ କରି ତିନୋଟି ଟ୍ରାକ୍ଟରକୁ କାବୁ କରିଥିଲେ। ଉକ୍ତ ଚାଳକ ମାନେ ଆବଶ୍ୟକୀୟ କାଗଜପତ୍ର ଦେଖାଇ ନପାରିବାରୁ ଦୁଇଟି ଟ୍ରାକ୍ଟରକୁ ଅମର୍ଦାରୋଡ ପୁଲିସକୁ ହସ୍ତାନ୍ତର ହୋଇଛି ଓ ଏନ୍ୟ ଏକ ଟ୍ରାକ୍ଟରକୁ ଜଳେଶ୍ୱର ପୁଲିସକୁ ହସ୍ତାନ୍ତର କରାଯାଇଛି। ସେହିପରି ଦରଡାରୁ ବାଲିଆପାଳ ଅଭିମୁଖେ ଯାଉଥିବା ଗୋଟିଏ ବେଆଇନ ବାଲି ବୋଝଇ ହାଇୱାକୁ ଦରଡ଼ା ପେଟ୍ରୋଲ ପମ୍ପ ନିକଟରୁ କାବୁକରି ସିଂଲା ଥାନାକୁ ହସ୍ତାନ୍ତର କରାଯାଇଛି।

## ଡାକ୍ତରଖାନାର ନୂତନ ଗୃହ ପରିଦର୍ଶନ କଲେ ଜିଲ୍ଲାପାଳ



ଚନ୍ଦନେଶ୍ୱର, ୪।୧୧ (ସମିସ) : ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଭୋଗରାଇ ଗସ୍ତରେ ଆସି ମଙ୍ଗଳବାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିବା ସହିତ ଶ୍ରଦ୍ଧାପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ନୂତନ ଗୃହର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଆସନ୍ତା ଡିସେମ୍ବର ମାସ ସୁଦ୍ଧା ପୂର୍ଣ୍ଣାଙ୍ଗ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଭୋଗରାଇ ବ୍ଲକର ଶ୍ରଦ୍ଧାପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପର ୫ଟି ପଞ୍ଚାୟତର ପ୍ରାୟ ୨୦ ହଜାର ଲୋକ ନିର୍ଭର କରନ୍ତି। ଏହାକୁ ଦୃଷ୍ଟିରେ ରଖି ସରକାର ୧ କୋଟି ୭୧ଲକ୍ଷ ୬୧ହଜାର ୫୨୦ ଟଙ୍କାର ନୂତନ ଗୃହ ନିର୍ମାଣ ପାଇଁ ମଞ୍ଜୁର କରିଥିଲେ। ଏହି କାର୍ଯ୍ୟକୁ ହିନ୍ଦୁସ୍ଥାନ ଷ୍ଟିଲ ୱାର୍କ୍ସ ଲିମିଟେଡ଼କୁ ଦିଆଯାଇଥିଲା। ଏହି ନୂତନ ଗୃହ ନିର୍ମାଣ କାର୍ଯ୍ୟ ୨୦୨୩ ମେ ୬ରେ ଆରମ୍ଭ ହୋଇ ଏକ ବର୍ଷ ମଧ୍ୟରେ ପୂର୍ଣ୍ଣାଙ୍ଗ ହେବା କଥା। ମାତ୍ର ଆଜି ପର୍ଯ୍ୟନ୍ତ ଏହି ନୂତନ ଗୃହର କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇ ପାରିନାହିଁ। ସେଥିପାଇଁ ଜିଲ୍ଲାପାଳ ଅସନ୍ତୋଷ ପ୍ରକାଶ କରିବା ସହ ନୂତନ ଗୃହର ସ୍ଥିତି ଅନୁଧ୍ୟାନ ପୂର୍ବକ ବୁଲି ଦେଖିଥିଲେ। ଆସନ୍ତା ଡିସେମ୍ବର ମାସ ସୁଦ୍ଧା ନୂତନ ଗୃହର କାର୍ଯ୍ୟ ପୂର୍ଣ୍ଣାଙ୍ଗ କରିବାକୁ ପ୍ରୋଜେକ୍ଟ ଇଞ୍ଜିନିୟର ବିକାଶ ପାଣ୍ଡେଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେ ଶ୍ରଦ୍ଧାପୁର ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ରୋଗୀମାନଙ୍କ ସ୍ୱାସ୍ଥ୍ୟସେବା ପଚାରି ବୁଝିବା ସହିତ ପାନୀୟ ଜଳର ସମସ୍ୟା ବିଷୟରେ ଅବଗତ ହେଲା ପରେ ଅତି ଶୀଘ୍ର ପାନୀୟ ଜଳର ସମସ୍ୟାର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତାଙ୍କ ସହିତ ଭୋଗରାଇ ତହସିଲଦାର ସୂର୍ଯ୍ୟ କୁମାର ନାୟକ, ଭୋଗରାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ମହାରଣା, ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକ୍ଷକ କମଳାକାନ୍ତ ଜେନା, ଡାକ୍ତର ଜ୍ୟୋତି ପ୍ରକାଶ ସାହୁ, ଡାକ୍ତର ଅନାଦି ଚରଣ ପାତ୍ରଙ୍କ ସହିତ ବାଲେଶ୍ୱର ଜିଲ୍ଲାପାଳ ବିଭିନ୍ନ ପ୍ରକାର ସମସ୍ୟା ବିଷୟରେ ପଚାରି ବୁଝିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରଦ୍ଧାପୁର ସରପଞ୍ଚଙ୍କ ପ୍ରତିନିଧି ଚନ୍ଦନ କୁମାର ପାତ୍ର, ସ୍ଥାନୀୟ ସମାଜସେବୀ ସତ୍ୟ କୁମାର ସାମଲ, ରାଜକୁମାର ପାତ୍ର, ଅଭିଳାଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ପାତ୍ରପଡ଼ାରେ ବୋଇତ ବନ୍ଦାଣ ଉତ୍ସବ





ବାଲେଶ୍ୱର, ୪।୧୧(ସମିସ): ସହରର ସୁନହଟ ପାତ୍ରପଡାସ୍ଥିତ ସୁବର୍ଣ୍ଣେଶ୍ୱର ମନ୍ଦିର ପ୍ରାଙ୍ଗଣରେ ୪୩ତମ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ଦାସ ଉଦ୍‌ଘାଟନ କରିବା ସହ ପରମ୍ପରା ଜାତିର ଏକ ପରିଚୟ ଏବଂ ତାହା ଅତୀତ ଓ ବର୍ତ୍ତମାନକୁ ଯୋଡ଼ି ଭବିଷ୍ୟତକୁ ସୁରକ୍ଷିତ କରିଥାଏ ବୋଲି କହିଥିଲେ। ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ବରେଣ୍ୟ ଅତିଥି ଏବଂ ବିଶିଷ୍ଟ ଶିଳ୍ପପତି ସଂଗ୍ରାମ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଯୁବ ନେତା ବିକ୍ରମ ପଣ୍ଡା ବକ୍ତବ୍ୟ ରଖିଥିଲେ। ବ୍ରିଟର ପୂର୍ବତନ ଅଧ୍ୟକ୍ଷ ଆଲୋକ କୁମାର ସାହୁ, ବାର ଆସୋସିଏସନର ପୂର୍ବତନ ସଭାପତି ରଘୁନାଥ ପ୍ରଧାନ ଓ ବୋଇତ ବନ୍ଦାଣ ଉତ୍ସବ କମିଟିର ମାର୍ଗଦର୍ଶକ ଚିନ୍ମୟ କାନ୍ତି ବିଶ୍ୱାଳ ପ୍ରମୁଖ ଏଥିରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଉତ୍କଳୀୟ ନୌବାଣିଜ୍ୟ ଇତିହାସ ସମ୍ପର୍କରେ ଆଲୋଚନା କରିବା ସହ ଆମ ପରମ୍ପରା ଓ ସଂସ୍କୃତିକୁ ଉଜ୍ଜୀବିତ ରଖିବପାଇଁ ସମସ୍ତଙ୍କୁ ଆହ୍ୱାନ ହେଇଥିଲେ। ଉତ୍ସବ ଆୟୋଜନ କମିଟିର ସଭାପତି ନଳିନୀ ରଞ୍ଜନ ଦାସ ଏହି ଉତ୍ସବରେ ପୌରହିତ୍ୟ କରିଥିଲେ। ସାଧାରଣ ସମ୍ପାଦକ ବେଣୁଧର ଦାସ ଏଥିରେ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ରାଜେନ୍ଦ୍ର ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁରଜ ତରେଇ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଚନ୍ଦ୍ରଶେଖର ହୋତା, ମାନସ ବାରିକ, ରଞ୍ଜିତ ୪ମାଝୀ, ଭରତ ତରେଇ, ଦୀପକ ପାତ୍ର, ରଞ୍ଜନ ତରେଇ, ଟିଙ୍କିନା ମହାଲିକ, ପ୍ରଭାତ ମାଝୀ ପ୍ରମୁଖଙ୍କ ସମେତ କ୍ଲବର ସମସ୍ତ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ପରେ ସୁନାମଧନ୍ୟ କଣ୍ଠଶିଳ୍ପୀ ବିଷ୍ଣୁ ମୋହନ କବି ଓ ସାଥିଙ୍କ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ବିଳମ୍ବିତ ରାତ୍ରୀ ଯାଏଁ ଦର୍ଶକ ମାନଙ୍କୁ ମତୁଆଲା କରିଥିଲା।

## ପେଟ୍ରୋଲ ପମ୍ପରୁ ୧୪ ପଥର ଗାଡ଼ି ଜବତ



ବାହାନଗା, ୪।୧୧(ସମିସ) : ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଥାନା ୧୬ ନଂ ଜାତୀୟ ରାଜପଥର ମାଣକାହାଣୀସ୍ଥିତ ଏକ ପେଟ୍ରୋଲ ପମ୍ପରେ ଖଣି ବିଭାଗ ଏବଂ ଖନ୍ତାପଡ଼ା ଥାନା ପୁଲିସ ଚଢ଼ଉ କରି ୧୪ଟି ବେଆଇନ ପଥର ବୋଝେଇ ଗାଡ଼ି ଜବତ କରାଯାଇଛି। ସୋର ବାଗୁଡି ପାହାଡ଼ରୁ ବେଆଇନ ଭାବେ ପଥର ଲୁଟ ହୋଇ ଆସୁଛି। ଖଣି ବିଭାଗ ସହ ପଥର ମାଫିଆଙ୍କ ଛକାପଞ୍ଝାରେ ମାଫିଆ ଚୋରା ପଥର ଚାଲାଣ ଚଳାଇ ଆସୁଥିଲେ। ମାଫିଆ ମାନେ ପ୍ରତିଦିନ ଶହଶହ ଟ୍ରିପର ପଥର ବାଲେଶ୍ୱର ଜିଲ୍ଲା ସମେତ ପଶ୍ଚିମବଙ୍ଗ ସୀମାନ୍ତ ଅଞ୍ଚଳକୁ ରୋରା ଚାଲାଣ ହୋଇ ଆସୁଥିଲା। କିଛିଦିନ ଧରି ପଥର ମାଫିଆମାନେ ବାଗୁଡ଼ି ପାହାଡ଼ରୁ ପଥର ଲୁଟ କରି ଖନ୍ତାପଡ଼ା ଥାନା ଅଞ୍ଚଳର ଜାତୀୟ ରାଜପଥର ମାନକାହାଣୀ ଭାରତ ପେଟ୍ରୋଲ ପମ୍ପ ପରିସରରେ ରଖି ସୁବିଧା ଦେଖି ପୁଲିସ ଏବଂ ଖଣି ବିଭାଗ ଅଧିକାରୀଙ୍କୁ ଚକମା ଦେଇ ରାତି ଅଧରେ ଗନ୍ତବ୍ୟ ସ୍ଥଳକୁ ଚୋରା ଚାଲାଣ କରୁଥିଲେ। କିଛି ପଥର ବୋଝେଇ ଟ୍ରକ ଏବଂ ଡମ୍ଫର ଉକ୍ତ ପେଟ୍ରୋଲ ପମ୍ପ ପରିସରର ପଛ ପାଶ୍ୱର୍ରେ ଲୁଚାଇ ରଖା ଯାଇଥିବାର ଜିଲ୍ଲା ପୁଲିସ ଏବଂ ଖଣି ବିଭାଗ ଖବର ପାଇଥିଲା। ମଙ୍ଗଳବାର ଅପରାହ୍ନରେ ଜିଲ୍ଲା ଖଣି ଅଧିକାରୀଣୀ ସନ୍ତୋଷୀପ୍ରଭା ସେଠୀ ଏବଂ ଖନ୍ତାପଡ଼ା ଥାନା ଆଇଆଇସି ସୁବର୍ଣ୍ଣା ବେହେରା ଉକ୍ତ ପେଟ୍ରୋଲ ପମ୍ପ ପରିସରରେ ଚଢ଼ଉ କରି ୧୪ଟି ଚୋରା ପଥର ବୋଝେଇ ଗାଡ଼ିଗୁଡ଼ିକୁ ଜବତ କରିଥିଲେ। ଏହି ସମୟରେ ଜୁନିଅର ଖଣି ଅଧିକାରୀ ସମ୍ବିତ ମଣି, ଜିତେନ୍ଦ୍ର ଦାସ, ଜଗନ୍ନାଥ ଦାସଙ୍କ ସହ ଜିଲ୍ଲା ପୁଲିସର ଗୋଟିଏ ପ୍ଲାଟୁନ ଫୋର୍ସ ସାମିଲ ଥିଲେ।

## ମୃତ କୁକୁରକୁ ବାଇକ୍‌ରେ ବାନ୍ଧି ଘୋଷାଡ଼ିଲେ

ବାଲେଶ୍ୱର, ୪।୧୧(ସମିସ): ସହରର ପାତ୍ରପଡା ଅଞ୍ଚଳରେ ଏକ ଅଭାବନୀୟ ତଥା ହୃଦୟ ବିଦାରକ ଘଟଣା ଦେଖିବାକୁ ମିଳିଛି। ଗାଡିରେ ଦୁଇ ଜଣ ବ୍ୟକ୍ତି ଯିବାବେଳେ ଏକ ଦଉଡ଼ିରେ



କୁକୁରକୁ ବାନ୍ଧି ଅମାନବୀୟ ଭାବେ ଟାଣି ଟାଣି ନେଉଥିବାର ଏକ ଭିଡ଼ିଓ ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି। ଯାହାକୁ ନେଇ ଲୋକେ ଅସନ୍ତୋଷ ପ୍ରକାଶ କରିବା ସହ କଠୋର ଦଣ୍ଡ ପାଇଁ ଦାବି କରିଛନ୍ତି। ଏଥିସହିତ ସଚେତନ ଯୁବପିଢି ଜିଲ୍ଲାପ୍ରଶାସନ ଓ ଏସପିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବାଇକ୍‌ରେ ଥିବା ଦୁଇ ଜଣ ବ୍ୟକ୍ତି କୁକୁରକୁ ଦଉଡିରେ ବାନ୍ଧି ଟାଣିକି ନେଉଥିବାର ଦୃଶ୍ୟ ପାର୍ଥ ପ୍ରିତମ ଦାସ ନାମକ ଜଣେ ବ୍ୟକ୍ତି ବାଲେଶ୍ୱର ସହର ପାତ୍ରପଡା ଅଞ୍ଚଳରେ ଦେଖିବାକୁ ପାଇଥିଲେ। ଏହା ଦେଖିବା ପରେ ପାର୍ଥ ଉଭୟଙ୍କୁ ଏହି ଘଟଣା ବାବଦରେ ମଧ୍ୟ ପଚାରିଥିଲେ। ସେମାନେ ଅସାମାଜିକ ଲୋକଙ୍କ ପରି ଉତ୍ତର ଦେଇ କହିଥିଲେ, କୁକୁରଟି ପାଗଳ ହୋଇଥିଲା ଏବଂ ସେଥିପାଇଁ ଆମେ ତାକୁ ମାରିଦେଇଛୁ। ତେବେ ଏହା ଜାଣିବା ପରେ ପାର୍ଥ ସମ୍ପୂର୍ଣ୍ଣ ଘଟଣାକୁ ଭିଡ଼ିଓ ରେକର୍ଡ କରି ସୋସିଆଲ ମିଡିଆରେ ପୋଷ୍ଟ କରି ଲୋକମାନଙ୍କ ସଚେତନ କରିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ମଧ୍ୟ କରିଛନ୍ତି।

## ଗାଡ଼ି ଯାଞ୍ଚ, ଜରିମାନା ଆଦାୟ

ଭୋଗରାଇ, ୪।୧୧ (ସମିସ): ବାଲେଶ୍ୱର ସଡ଼କ ପରିବହନ ବିଭାଗର ଟ୍ରାଫିକ ସବଇନ୍ସପେକ୍ଟର ଓ ଭୋଗରାଇ ଥାନା ପକ୍ଷରୁ ମିଳିତ ଭାବେ ଏକ ଟିମ ଗଠନ କରାଯାଇ ଥାନାଛକ-ଭୋଗରାଇ ରାସ୍ତାର ଥାନା ସମ୍ମୁଖରେ ବିନା ହେଲମେଟରେ ୪୫ ଜଣ, ସ୍ୱଟ୍ ଫାଇନ ୩ ହଜାର ଟଙ୍କା ଓ ମଦପିଇ ବାଇକ୍ ଚାଳକ ଜଣେ ସହିତ ସମସ୍ତ ଲୋକମାନଙ୍କ ଠାରୁ ୨ ଲକ୍ଷ ୨୪ ହଜାର ଟଙ୍କା ଫାଇନ ଆଦାୟ କରାଯାଇଥିଲା। ଆଗାମୀ ଦିନରେ ବିଭିନ୍ନ ସ୍ଥାନରେ ଚେକିଂ କରାଯାଇ ବିନା ହେଲମେଟରେ ଯାଉଥିବା ବ୍ୟକ୍ତିଙ୍କଠାରୁ ଫାଇନ ଆଦାୟ କରାଯିବ ବୋଲି ଭୋଗରାଇ ଥାନା ଅଧିକାରୀ ରୋହିତ କୁମାର ବଳ ସୂଚନା ଦେଇଛନ୍ତି।

## ଚାମ୍ବରରୁ ଖସିଲା ସିଲିଂ, ଅଳ୍ପକେ ବର୍ତ୍ତିଲେ ସହକାରୀ ଜିଲ୍ଲାପାଳ

ନୀଳଗିରି, ୪।୧୧ (ସମିସ): ଏକ ବର୍ଷ ନ ପୂରୁଣୁ ଏପରି ପୂର୍ତ୍ତ ବିଭାଗ କାର୍ଯ୍ୟ କରିଥିଲେ ଯେ ଖୋଦ୍ ନୀଳଗିରିର ସହକାରୀ ଜିଲ୍ଲାପାଳ ପ୍ରଦୀପ କୁମାର ଦାସ ନିଜ ଚାମ୍ବରରେ ମଙ୍ଗଳବାର ଦିନ କାର୍ଯ୍ୟ କରୁଥିବା ବେଳେ



ହଠାତ୍ ସିଲିଂ ଭାଙ୍ଗି ପଡ଼ିଥିଲା। ଭଙ୍ଗା ସିଲିଂ ମୁଣ୍ଡରେ ପଡ଼ିବା ଆଗରୁ ସେ ମୁଣ୍ଡ କଡ଼େଇ ନେବାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ନୀଳଗିରି ପୂର୍ତ୍ତ ବିଭାଗ ତୁରନ୍ତ ଦୃଷ୍ଟି ଦେଇ ମରାମତି କରିବା ପାଇଁ ଦାବି ହେଉଛି।

## ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି




ବାଲେଶ୍ୱର, ୪।୧୧(ସମିସ): ବାଲେଶ୍ୱର ସମଗ୍ର ଶିକ୍ଷା ଜିଲ୍ଲା ପକ୍ଷରୁ ବାଲେଶ୍ୱର ଜିଲ୍ଲା ସ୍କୁଲ ପରିସରରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୫ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଖଇରା ଗୋଷ୍ଠୀ ଶିକ୍ଷାଧିକାରୀ ସୁଧାଂଶୁ ଶେଖର ଜେନା, ଏସଏସଟି ସଂଯୋଜକ ନିରଞ୍ଜନ ବିଶ୍ୱାଳ, ବାହାନଗା, ନୀଳଗିରି ଓ ସଦର ବାଲେଶ୍ୱରର ଗୋଷ୍ଠୀ ଶିକ୍ଷାଧିକାରୀ ସୁଷମା ସେଠୀ, ସତ୍ୟ ରଞ୍ଜନ ଭୂୟାଁ, ଯୋଗେଶ୍ୱର ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବସ୍ତା ବ୍ଲକର ସହକାରୀ ଶିକ୍ଷକ ଶିବ ଶଙ୍କର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି -୨୦୨୫ କାର୍ଯ୍ୟକ୍ରମ ଶିଶୁ ମାନଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶ ଓ ପରିପ୍ରକାଶର ମାଧ୍ୟମ ବୋଲି ଜିଲ୍ଲା ଶିକ୍ଷାଧିକାରୀ ବସନ୍ତ କୁମାର ନାୟକ କହିଥିଲେ। ଜିଲ୍ଲାର ସମସ୍ତ କ୍ଲଷ୍ଟର,ବ୍ଲକ ସ୍ତରରୁ ବିଭିନ୍ନ ବିଭାଗରେ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କ ମଧ୍ୟରୁ ଜିଲ୍ଲା ମଧ୍ୟରେ ଚୟନ ହୋଇଥିବା ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଆସନ୍ତା ନଭେମ୍ବର ୧୫ ତାରିଖରେ ହେବାକୁ ଥିବା ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ବୋଲି ଅବଗତ କରିଥିଲେ। ଉଦଯାପନୀ ସନ୍ଧ୍ୟାରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣିମା ଦାସ, ଶିଳ୍ପୀ କେଶୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବସ୍ତା ବ୍ଲକର ସହକାରୀ ଶିକ୍ଷକ ଶିବଶଙ୍କର ଜେନା ଧନ୍ୟବାଦ ଦେଇଥିଲେ।

# ପିଇବା ପାଣି ପାଇଁ ମହିଳାଙ୍କ ପ୍ରତିବାଦ

ଚନ୍ଦନେଶ୍ୱର, ୪।୧୧(ସମିସ)



ସରକାର ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ କୋଟି କୋଟି ଖର୍ଚ୍ଚ କରୁଛନ୍ତି। ମାତ୍ର ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଭୋଗରାଇ ବ୍ଲକ ନାରାୟଣ ମହାନ୍ତି ପଡିଆ ପଞ୍ଚାୟତର ୧୧ନମ୍ବର ୱାର୍ଡରେ ଥିବା ସ୍କୁଲ ଛକ ନିକଟରେ ପଞ୍ଚାୟତ ତରଫରୁ ଯୋଗାଇ ଦେଇଥିବା ପିଇବା ପାଣିର ସମସ୍ୟା ପ୍ରାୟ ଦୀର୍ଘ ଦିନ ହେଲା ଲାଗିରହିଛି। ଏହି ଟ୍ୟାପରୁ ସକାଳୁ ପୁରା ହଳଦିଆ ପାଣି ବାହାରୁଛି ଯାହା ପିଇବା ଉପଯୋଗୀ ନୁହେଁ। ନାରାୟଣ ମହାନ୍ତି ପଡିଆ ରଜନୀକାନ୍ତ ଏକାଡେମୀର ଛାତ୍ରଛାତ୍ରୀ, ବିଏମ ନୋଡାଲର ଛାତ୍ରଛାତ୍ରୀ, ଅଙ୍ଗନବାଡିର କୁନି କୁନି ପିଲାଙ୍କ ସମେତ ସ୍ଥାନୀୟ ଲୋକ ବାଧ ହୋଇ ଏହି ପାଣି ପିଉଛନ୍ତି। ଏବେ ଟୋପାଏ ପିଇବା ପାଣି ପାଇଁ ଗ୍ରାମବାସୀ ତହଳ ବିକଳ ହେଉଥିବା ବେଳେ ମଙ୍ଗଳବାର ଗ୍ରାମର ଶତାଧିକ ମହିଳା ପିଇବା ପାଣି ପାଇଁ ଗରା, ବାଲଟି ଧରି ପ୍ରତିବାଦ ଜଣାଇଛନ୍ତି। ତୁରନ୍ତ ବିଶୁଦ୍ଧ ପିଇବା ପାଣି ସେମାନଙ୍କୁ ଯୋଗାଇ ନ ଦେଲେ ଆନ୍ଦୋଳନର ଚେତାବନୀ ଦେଇଛନ୍ତି। ବାରମ୍ବାର ସ୍ଥାନୀୟ ଜନ ପ୍ରତିନିଧିଙ୍କୁ ଜଣାଇ ଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସମସ୍ୟା ସମାଧାନ ହୋଇ ନ ପାରିବା ସେମାନେ ପ୍ରକାଶ କରିଛନ୍ତି। ଏହି ଗ୍ରାମଟି ସୁବର୍ଣ୍ଣରେଖା ନଦୀ ଉପକୂଳବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ସାଧାରଣ ନଳକୂପରୁ ଦୂଷିତ ପାଣିକୁ ବାଧ ହୋଇ ପାନୀୟ ଜଳ ରୂପେ ବ୍ୟବହାର କରୁଛନ୍ତି । ଏବେ ଭୋଗରାଇରେ ଝାଡାବାନ୍ତି ବ୍ୟାପୁଥିବା ବେଳେ ଏଠାକାର ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହେଉଛି । ଏ ନେଇ ବିଭାଗୀୟ ଅଧିକାରିଣୀ ହରିପ୍ରିୟା ମହାନ୍ତଙ୍କୁ ପଚାରିବାରୁ ଖୁବ ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି। ଏଥିରେ ନମିତା ପ୍ରଧାନ, ମିନା ମାଟି, ସ୍ୱର୍ଣ୍ଣଲତା ମହାନ୍ତି, ପୂଜା ପ୍ରଧାନ, ସନ୍ଧ୍ୟାରାଣୀ ନାୟକ, ବାସନ୍ତୀ ମହାନ୍ତି, ସ୍ୱର୍ଣ୍ଣଲତା ପ୍ରଧାନ, ଚନ୍ଦ୍ରକାନ୍ତ ପ୍ରଧାନ, ସୂର୍ଯ୍ୟକାନ୍ତ ପ୍ରଧାନ, ସୁବଳ ନାୟକ, ଧନଞ୍ଜୟ ରଣା ପ୍ରମୁଖ ଉପସ୍ଥିତ ହୋଇ ପ୍ରତିବାଦ ଜଣାଇଛନ୍ତି।

**କେବେ ସୁଧୁରିବ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ପଡ଼ିଆ ଓ ରାସ୍ତାର ଭାଗ୍ୟ**

# ଦୁଇଥର ମରାମତି ପରେ ବି ଅବସ୍ଥା ଯଥାପୂର୍ବଂ ତଥା ପରଂ

ଜଗତସିଂହପୁର,୪।୧୧(ସମିସ)



ଓଡ଼ିଶାର ସମୁଦ୍ର ଉପକୂଳବର୍ତ୍ତୀ ଜଗତସିଂହପୁର ଭୂଖଣ୍ଡ ୧୯୯୩ ଏପ୍ରିଲ ୩ ତାରିଖରେ କଟକ ଜିଲ୍ଲାରୁ ଅଲଗା ହୋଇ ନୂତନ ଜିଲ୍ଲାର ମାନ୍ୟତା ପାଇଥିଲା। ଇତିମଧ୍ୟରେ ୩୨ ବର୍ଷ ବିତିଗଲାଣି, ହେଲେ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡ଼ିଆ ଓ କାର୍ଯ୍ୟାଳୟକୁ ସଲଗ୍ନ କରୁଥିବା ରାସ୍ତାର ଦୁରବସ୍ଥା ଆଜି ପର୍ଯ୍ୟନ୍ତ ସୁଧୁରି ପାରିନାହିଁ। ଏହି ପଡ଼ିଆର ପୂର୍ବ ପାଖ୍ୱର୍ରେ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଏକ ମଞ୍ଚ ନିର୍ମାଣ କରାଯାଇଥିବାବେଳେ ମଞ୍ଚ ପଛରେ ଶୌଚାଳୟ ରହିଛି। ବର୍ଷ ତମାମ ବିଭିନ୍ନ ସରକାରୀ ଉତ୍ସବ ଓ ବେସରକାରୀ ଅନୁଷ୍ଠାନ ସଭାସମିତି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଏହି ମଞ୍ଚରେ କରିଆସୁଛନ୍ତି। ତେବେ ଜଗତସିଂହପୁର ମୁଖ୍ୟ ଡାକଘରଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଥିବା ରାସ୍ତା ବାରମ୍ବାର ମରାମତି ପରେ ମଧ୍ୟ ସୁଧୁରିପାରୁନି। ଯଦ୍ୱାରା ପ୍ରତ୍ୟେକ କାର୍ଯ୍ୟ ଦିବସରେ ଶହ ଶହ ସଂଖ୍ୟାରେ ଜନସାଧାରଣ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସୁଥିବାବେଳେ ରାସ୍ତା ଦୁରବସ୍ଥାରୁ ହଇରାଣ ହେଉଛନ୍ତି। ଉକ୍ତ ରାସ୍ତାର ମରାମତି ଦୁଇଥର ହୋଇଥିଲେ ହେଁ ଯଥାପୂର୍ବଂ ତଥା ପରଂ ଅବସ୍ଥାରେ ରହିଛି।

ଗତ ମେ ଓ ଜୁନ୍ ମାସରେ ଜଗତସିଂହପୁର ପୂର୍ତ୍ତ ବିଭାଗ ପକ୍ଷରୁ ଦୁଇ ଦୁଇଥର ଏହି ରାସ୍ତା ମରାମତି କରାଯାଇଥିଲେ ମଧ୍ୟ ଅବସ୍ଥା ପୂର୍ବଭଳି ରହିଛି। ଅସରାଏ ବର୍ଷାରେ ରାସ୍ତାରେ ପାଣି ଜମି ରହି ଗମନାଗମନରେ ବାଧା ସୃଷ୍ଟି କରୁଛି। ସେହିପରି ପଡ଼ିଆର ମୁଖ୍ୟ ଫାଟକ ପାଖ୍ୱର୍ରେ ଜଗତସିଂହପୁର ପୌର ପରିଷଦ ପକ୍ଷରୁ ମୁକ୍ତା ଯୋଜନାରେ ପାଖାପାଖି ଲକ୍ଷେ ଟଙ୍କା ଖର୍ଚ୍ଚ କରାଯାଇ ଶୌଚାଳୟ ନିର୍ମାଣ ହୋଇଥିଲେ ମଧ୍ୟ ତାହା ପରିତ୍ୟକ୍ତ ଅବସ୍ଥାରେ ରହିଛି। ଅନ୍ୟପକ୍ଷରେ ପଡ଼ିଆର ଜଳ ନିଷ୍କାସନ ପାଇଁ ଉତ୍ତର ପଟରେ ଡ୍ରେନ୍ ନିର୍ମାଣ କରାଯାଇଥିଲା। ନିୟମିତ ବ୍ୟବଧାନରେ ଏହି ଡ୍ରେନ୍ ସଫା ହେଉ ନ ଥିବାରୁ ପୋତି ହୋଇପଡ଼ିଲାଣି। ଫଳରେ ପଡ଼ିଆର ଉଦ୍‌ବୃତ୍ତ ଜଳ ନିଷ୍କାସିତ ହୋଇ ନ ପାରି ଜମା ହୋଇରହୁଛି। ଏପରିକି ଲଗାଣ ବର୍ଷା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଡ଼ିଆ କୃତ୍ରିମ ହ୍ରଦର ଭ୍ରମ ସୃଷ୍ଟି କରୁଛି। ବାରମ୍ବାର ପ୍ରଶାସନଠାରୁ ଆରମ୍ଭ କରି ବିଭିନ୍ନ ଫୋରମରେ ଅଭିଯୋଗ ହୋଇଥିଲେ ମଧ୍ୟ ଫଳ ଶୂନ୍। ସାମଗ୍ରୀକ ଭାବେ ଦେଖିବାକୁ ଗଲେ ପଡ଼ିଆ ସାରା ବାଲିମୟ ହୋଇଥିବାବେଳେ ଅନେକ ସ୍ଥାନରେ ଅନାବନା ଗଛ ଓ ଘାସମୟ ହୋଇ ରହିଛି। ଉକ୍ତ ପଡ଼ିଆ ଓ ରାସ୍ତାର ଉନ୍ନତିକରଣ, ସୌନ୍ଦର୍ଯ୍ୟକରଣ ପାଇଁ ବିଭିନ୍ନ ସମୟରେ ଲକ୍ଷ ଲକ୍ଷ ଟଙ୍କା ମଧ୍ୟ ଖର୍ଚ୍ଚ କରାଯାଉଛି। କିନ୍ତୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଡିଆ ଓ କାର୍ଯ୍ୟାଳୟକୁ ଯାଇଥିବା ରାସ୍ତାର ଭାଗ୍ୟ ସୁଧୁରିବା ପରିବର୍ତ୍ତେ ଅଧିକ ଖରାପ ହେଉଥିବା ଲକ୍ଷ୍ୟ କରାଯାଇଛି। ଏ ସମ୍ପର୍କରେ ଜଗତସିଂହପୁର ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସର୍ବେନ୍ଦୁ ସୂତାରଙ୍କୁ ପଚାରିବାରୁ ଉକ୍ତ ରାସ୍ତାର ନବୀକରଣ ପାଇଁ ସରକାରଙ୍କୁ ଅର୍ଥ ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଦିଆଯାଇଛି। ଅନୁଦାନ ମିଳିଲେ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି। ତେବେ ଜିଲ୍ଲା ପ୍ରଶାସନ, ପୌର ପ୍ରଶାସନ ଓ ସ୍ଥାନୀୟ ଜନପ୍ରତିନିଧି ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି କରାଯାଇଛି।

## ପାରାଦୀପ ବନ୍ଦର ପୁରସ୍କୃତ

**ପାରାଦୀପ,୪।୧୧(ସମିସ):** ପାରାଦୀପ ବନ୍ଦର ପ୍ରାଧିକରଣ ମୁମ୍ବାଇରେ ଅନୁଷ୍ଠିତ ଭାରତ ସାମୁଦ୍ରିକ ସମ୍ମିଳନୀରେ ଅଂଶଗ୍ରହଣ କରି ଏହାର ଅଭିବୃଦ୍ଧି, ନବସୃଜନ ଓ ଭାରତର ନୌବାଣିଜ୍ୟ ଦୃଷ୍ଟିକୋଣରେ ଅବଦାନ ପ୍ରଦର୍ଶନ କରିଥିଲା। କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ, କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ରାଷ୍ଟ୍ରମନ୍ତ୍ରୀ ଶାନ୍ତନୁ ଠାକୁର, ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ ସଚିବ ବିଜୟ କୁମାର ପାରାଦୀପ ବନ୍ଦର ପ୍ରାଧିକରଣ ପ୍ରଦର୍ଶନୀ ଷ୍ଟଲ ପରିଦର୍ଶନ କରିଥିଲେ। ପାରାଦୀପ ବନ୍ଦର ପ୍ରାଧିକରଣ ଅଧ୍ୟକ୍ଷ ପି.ଏଲ. ହରନାଦ ସେମାନଙ୍କୁ ବନ୍ଦରର ସଫଳତା, ଚାଲୁଥିବା ବିକାଶ ପ୍ରକଳ୍ପ ଓ କ୍ଷମତା, ଦକ୍ଷତା, ସ୍ଥାୟିତ୍ୱ ବୃଦ୍ଧି ପାଇଁ ଲକ୍ଷ୍ୟ ରଖାଯାଇଥିବା ଯୋଜନା ବିଷୟରେ ସୂଚନା ଦେଇଥିଲେ। ଏ ଅବସରରେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କୁ ଭବିଷ୍ୟତ ବନ୍ଦର ଧାରଣା ପାଇଁ ସର୍ବୋତ୍ତମ ପ୍ରଦର୍ଶନୀ ପୁରସ୍କାର ବର୍ଗରେ ସାମୁଦ୍ରିକ ଉତ୍କର୍ଷତା ହାସଲକାରୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ପୁରସ୍କାର ପାରାଦୀପ ବନ୍ଦରକୁ ସ୍ଥାୟୀ, ପ୍ରଯୁକ୍ତିବିଦ୍ୟାଚାଳିତ ଓ ଭବିଷ୍ୟତ ପାଇଁ ପ୍ରସ୍ତୁତ ସାମୁଦ୍ରିକ ଇକୋସିଷ୍ଟମ ଗଠନ ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବ ବୋଲି ଅଧ୍ୟକ୍ଷ ଶ୍ରୀ ହରନାଦ କହିଛନ୍ତି।



## ବଳରାମପୁର ବଜ୍ର ମହାକାଳୀ ପୀଠରେ ରାସ ଉତ୍ସବ

**କୁଜଙ୍ଗ,୪।୧୧(ସମିସ):** ବଳରାମପୁର ବଜ୍ର ମହାକାଳୀ ପୀଠରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ରାସ ଉତ୍ସବ ଶ୍ରଦ୍ଧା ଓ ଭକ୍ତି ସହକାରେ ପାଳିତ ହେଉଛି। ଏ ଅବସରରେ ରାଧାକୃଷ୍ଣଙ୍କ ପୂଜା ସହ ଭଜନ କୀର୍ତ୍ତନରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ଏହି ରାସ ଉତ୍ସବରେ କୃଷକ ନେତା ଶ୍ରୀନିବାସ ମହାନ୍ତି, ଶିକ୍ଷାବିତ୍ ପ୍ରଫୁଲ୍ଲ ସ୍ୱାଇଁ, ଡଃ ପ୍ରତାପ ମହାପାତ୍ର, ଟୁକୁନ ପଟ୍ଟନାୟକ, ପ୍ରୀତିରଞ୍ଜନ ବିଶ୍ୱାଳ, ପ୍ରଦୋଷ ସୂତାର, ସରୋଜ ପରିଜାଙ୍କ ସହ ଗ୍ରାମର ସମସ୍ତ ମୁରବୀ ଓ ଯୁବକ ସହଯୋଗ କରିଛନ୍ତି।

## ଆଜିଠୁ ଚେଲିତୋଳ ବାଲିଯାତ୍ରା ମହୋତ୍ସବ

ତିର୍ତ୍ତୋଲ, ୪।୧୧(ସମିସ): ପ୍ରାଚୀନ ନୌବାଣିଜ୍ୟ ପରମ୍ପରାକୁ ଉଜ୍ଜୀବିତ କରୁଥିବା ତିର୍ତ୍ତୋଲର ଚେଲିତୋଳ ବାଲିଯାତ୍ରା ମହୋତ୍ସବ ଆସନ୍ତାକାଲି ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ଉଦ୍‌ଘାଟିତ ହେବ। ଏଥିପାଇଁ ମହୋତ୍ସବ କମିଟି ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। କାର୍ତ୍ତିକ ପୂର୍ଣ୍ଣିମାର ସକାଳ ସମୟରେ ତାରତୋଳ ମହାନଦୀ ପୋଲ ନିକଟରେ କମିଟି ସଭାପତି ତଥା ତିର୍ତ୍ତୋଲ ବିଧାୟକ ଡ. ରମାକାନ୍ତ ଭୋଇ ସାଧବ ପୁଅ ବେଶରେ ମହାନଦୀର ନୀଳ ଜଳରାଶିରେ ବୋଇତ ଭସାଣ କରିବେ। ସନ୍ଧ୍ୟାରେ ଗୋପିଆକୁଦ ମହାନଦୀ ବେଳାଭୂମିରେ ସାତଦିନ ଧରି ଅନୁଷ୍ଠିତ ହେବାକୁ ଥିବା ବାଲିଯାତ୍ରା ମହୋତ୍ସବକୁ ମହାବୀର ପୀଠାଧିଶ ରାଜୀବଲୋଚନ ମହାରାଜଜୀ ଉଦଘାଟନ କରିବେ। ସ୍ୱତନ୍ତ୍ର ଅତିଥି ଭାବେ ବାବା ସଦାନନ୍ଦ ମହାରଣା, ମୁଖ୍ୟଅତିଥି ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ଡ. ପ୍ରଭାକର ସ୍ୱାଇଁ, ସମ୍ମାନିତ ବକ୍ତା ସାହିତ୍ୟିକ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ, ଦି ଇଣ୍ଟେଲେକ୍ଟର ସଭାପତି ଦେବେନ୍ଦ୍ର ରାଉତ, ନାଟ୍ୟକାର ପ୍ରଭାତ ମହାନ୍ତି ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ମହୋତ୍ସବ କମିଟି ସଭାପତି ବିଧାୟକ ଡ. ଭୋଇ ଏଥିରେ ଅଧ୍ୟକ୍ଷତା କରିବେ। ବାଲିଯାତ୍ରାରେ ଆଧ୍ୟାତ୍ମିକ ଓ ଭାଗବତ ପ୍ରଚାର ପାଇଁ ରାମାୟଣି ପଣ୍ଡିତ ଅଭୟ ଦାଶଙ୍କ ଭାଗବତ ଟୁଙ୍ଗିକୁ ବିଧାୟକ ଡ. ଭୋଇ ଉଦଘାଟନ କରିବେ। ଏହି ବାଲିଯାତ୍ରା ମହୋତ୍ସବ ଆସନ୍ତା ୧୧ ତାରିଖରେ ଉଦ୍‌ଯାପିତ ହେବ।

## ଚଣ୍ଡିଆଗଡ଼ିରେ ଅଗ୍ନିକାଣ୍ଡ

**ଆଳି,୪।୧୧(ସମିସ):** ଚଣ୍ଡିଆଗଡ଼ି ପଞ୍ଚାୟତ ବଳଦେବଜୀଉପାଟଣା ଗ୍ରାମରେ ଅଗ୍ନିକାଣ୍ଡ ଘଟି ବିଜୟ ସିଂଙ୍କ ଘର ପୋଡ଼ି ପାଉଁଶ ହୋଇଯାଇଛି। ଫଳରେ ଘରେ ଥିବା ସମସ୍ତ ଆସବାବପତ୍ର ଓ ଜରୁରୀ କାଗଜପତ୍ର ପୋଡ଼ିଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନ ଥିବାବେଳେ ଶ୍ରୀ ସିଂଙ୍କ ପରିବାରକୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

## ଆକାଶଙ୍କୁ ବାଲିଘର ଫାଉଣ୍ଡେସନ ପକ୍ଷରୁ ସମ୍ବର୍ଦ୍ଧନା



**କୁଜଙ୍ଗ,୪।୧୦(ସମିସ):** ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ରାଜ୍ୟରେ ୨୫ତମ ସ୍ଥାନ ଅଧିକାର କରି ଜନ୍ମମାଟି ପାଇଁ ଗୌରବ ଆଣିଥିବା ଆକାଶ ନାୟକଙ୍କୁ ବାଲିଘର ଫାଉଣ୍ଡେସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଫାଉଣ୍ଡେସନର ଅଧ୍ୟକ୍ଷ କୈଳାସ ସ୍ୱାଇଁଙ୍କ ତତ୍ତ୍ୱାବଧାନ ଓ ସମାଜସେବୀ ବିଜୟ ଖଟେଇଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅନ୍ୟତମ ଅତିଥି ଡାକ୍ତର ଅଟଳ ବିହାରୀ ଦାସ, ଅବସରପ୍ରାପ୍ତ ବିଦ୍ୟାଳୟ ଉପପରିଦର୍ଶକ ନବୀନ ପ୍ରଧାନ, ସମାଜସେବୀ ଅଶ୍ୱିନୀ ମହାପାତ୍ର, ରଞ୍ଜନ ଦାସ, ଆଶିଷ ନାୟକ ଓ ଆକାଶଙ୍କ ବାପା ରମେଶ ନାୟକ ଓ ମାଆ ବିନୋଦିନୀ ସ୍ୱାଇଁ ଉପସ୍ଥିତ ରହି ଆକାଶଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ନାଉଗାଁ ହାଟ ବିଦ୍ୟାଳୟ ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ

**ନାଉଗାଁ,୪।୧୧(ସମିସ):** ନାଉଗାଁ ବ୍ଲକ୍‌ସ୍ଥ ନାଉଗାଁ ହାଟ ଉଚ୍ଚବିଦ୍ୟାଳୟର ୧୯୭୯ ଦଶମ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବୈଠକ ତିହୁଡାସ୍ଥ ମା’ ଜାଗୁଳେଇ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବ୍ରହ୍ମଚାରୀ ବାବା ସତ୍ୟାନନ୍ଦ ଦାସ ମହାରାଜ ଉଦ୍‌ଘାଟନ କରିଥିଲେ। ପୁରାତନ ଛାତ୍ରଛାତ୍ରୀ ସେ ସମୟର ଶିକ୍ଷକ ଅନାଦୀ ପଣ୍ଡା, କୁହୁକିନୀ ରାଉତରାୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପୁରାତନ ଛାତ୍ରଛାତ୍ରୀ ପରଲୋକଗତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପୁରାତନ ଛାତ୍ର ପ୍ରମୋଦ ସ୍ୱାଇଁ, ପ୍ରଭୁଚରଣ ଦାସ, ଶରତ ସାହୁ, ରବୀନ୍ଦ୍ର ଦାସ, ଶୋରନ ଦାସ, ବେଣୁଧର ପରିଡ଼ା, ପ୍ରତାପରୁଦ୍ର ପରିଜା, ନବକିଶୋର ଲେଙ୍କା ପ୍ରମୁଖ ପରିଚାଳନା କରିଥିଲେ।

## ଇଂରାଜୀ ବକ୍ତୃତା ପ୍ରତିଯୋଗିତାରେ ରୁକେୟା ତୃତୀୟ



ବାଲିକୁଦା,୪।୧୧(ସମିସ): ବାଲିକୁଦା ବ୍ଲକ୍ ବୋରିକିନା ହରିଶପୁର ଉଚ୍ଚମାଧ୍ୟମିକ ବିଦ୍ୟାଳୟର +୨ ପ୍ରଥମ ବର୍ଷର ବାଣିଜ୍ୟ ଛାତ୍ରୀ ରୁକେୟା ତବସୁମ୍ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ଆୟୋଜିତ ଇଂରାଜୀ ବକ୍ତୃତା ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଜଗତସିଂହପୁର ଜିଲ୍ଲା ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବାରିଲୋ ଗ୍ରାମର ରୁକେୟା ଇଂରାଜୀ ବକ୍ତୃତାରେ ତୃତୀୟ ସ୍ଥାନ ଅଧିକାର କରି ଜିଲ୍ଲାପାଳ ଜେ ସୋନାଲଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି।

## ନେହରୁଙ୍କ ଜୟନ୍ତୀରେ ମେଗା ରକ୍ତଦାନ ଶିବିର

**ପାରାଦୀପ, ୪।୧୧(ସମିସ):** ପାରାଦୀପର ଅଗ୍ରଣୀ ସମାଜସେବୀ ସଂଗଠନ ପଣ୍ଡିତ ଜବାହାରଲାଲ ନେହେରୁ ଟ୍ରଷ୍ଟ ପକ୍ଷରୁ ୧୪ ତାରିଖ ପଣ୍ଡିତ ନେହରୁଙ୍କ ଜନ୍ମ ଦିବସ ଅବସରରେ ମେଗା ରକ୍ତଦାନ ଶିବିର ଆୟୋଜନ କରାଯାଇଛି। ଏ ନେଇ ବଡପଡ଼ିଆସ୍ଥ ଟ୍ରଷ୍ଟ କାର୍ଯ୍ୟାଳୟରେ ସଭାପତି ସରୋଜ ପ୍ରଧାନଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଟ୍ରଷ୍ଟ ଉପଦେଷ୍ଟା କେଦାର ନାଥ ବିଶ୍ୱାଳ, ତ୍ରିନାଥ ମହାନ୍ତି, ଦେବୀପ୍ରସନ୍ନ ସାମନ୍ତରାୟ, ବିନତୀ ପଡିହାରୀ, ବରିଷ୍ଠ ସାମ୍ବାଦିକ ଧ୍ରୁବଚରଣ ମହାପାତ୍ର, ପୁଷ୍ପା ଦାସ, ଧରିତ୍ରୀ ସାମଲ ପ୍ରମୁଖ ଯୋଗଦେଇ ରକ୍ତଦାନ ଶିବିରକୁ ସଫଳ କରିବାକୁ ନିବେଦନ କରିଥିଲେ। ପାରାଦୀପର ସମସ୍ତ ସ୍ୱେଚ୍ଛାସେବୀ ସଂଗଠନ, ଶ୍ରମିକ ସଂଗଠନ ଓ ସାଧାରଣ ଲୋକ ସାମିଲ ହେବା ସହିତ ସହଯୋଗର ହାତ ବଢ଼ାଇବାକୁ ଟ୍ରଷ୍ଟ ପକ୍ଷରୁ କୁହାଯାଇଛି।

## ପୃଥକ୍ ଦୁର୍ଘଟଣାରେ ଦୁଇ ଆହତ

**ଆଳି, ୪।୧୧(ସମିସ):** ଆଜି ଦୁଇଟି ଦୁର୍ଘଟଣାରେ ଜଣେ ମହିଳା ଓ ଜଣେ ଯୁବକ ଆହତ ହୋଇଛନ୍ତି। ଟୁଙ୍ଗା ପଞ୍ଚାୟତ ଅଧୀନ ବଉଳଯୋଡ଼ି ଗ୍ରାମର ଦେବୀମୟୀ ବିଶ୍ୱାଳ(୨୫) ଆରଡିକୁ ବାଇକ୍‌ରେ ଯାଇ ଫେରୁଥିବାବେଳେ ଭୂଇଁପୁର ବାଲିସାହି ଛକ ନିକଟରେ ଖସି ପଡ଼ିଥିଲେ। ତାଙ୍କ ଡାହାଣ ହାତ, ମୁଣ୍ଡ ଓ ଅଣ୍ଟାରେ ଗଭୀର ଆଘାତ ଲାଗିଥିଲା। ସେହିପରି ଗତକାଲି ବିଳମ୍ବିତ ରାତିରେ ଆଳି-ମହୁ ରାସ୍ତାର କୋଚିଲା ଛକ ନିକଟରେ ଶିଆଳ ବାଇକ୍ ଆଗକୁ ଆସିଯିବାରୁ ମହୁ ଗ୍ରାମର ପ୍ରିୟରଞ୍ଜନ ପାତ୍ର(୩୦) ପଡ଼ିଯାଇଥିଲେ। ତାଙ୍କ ଗୋଡ଼ ଭାଙ୍ଗିଯାଇଛି।

## ଔପନ୍ୟାସିକ ଭାଗୀରଥି ଦାସଙ୍କ ଜନ୍ମଦିନ ପାଳିତ



**ଜଗତସିଂହପୁର,୪।୧୧(ସମିସ):** ଓଡ଼ିଆ ଭାଷା ସାହିତ୍ୟର ସୁପ୍ରତିଷ୍ଠିତ ସାହିତ୍ୟିକ ତଥା ଔପନ୍ୟାସିକ ଭାଗୀରଥି ଦାସଙ୍କ ୮୬ତମ ଜନ୍ମଦିନ ବାଲିଘର ଫାଉଣ୍ଡେସନ ପକ୍ଷରୁ ଜଗତସିଂହପୁର ସଦର ବ୍ଲକ୍ ଅନ୍ତର୍ଗତ ପାଟେଣୀଗାଁସ୍ଥ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ପାଳିତ ହୋଇଯାଇଛି। ଅଧ୍ୟକ୍ଷ କୈଳାସ ଚନ୍ଦ୍ର ସ୍ୱାଇଁଙ୍କ ତତ୍ତ୍ୱାବଧାନ ଓ କବି ଉମାକାନ୍ତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଗାଳ୍ପିକ ପୂର୍ଣ୍ଣ ମିଶ୍ର, ଉତ୍କଳ ସାହିତ୍ୟ ସମାଜ ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ, ବିଶିଷ୍ଟ ନାଟ୍ୟକାର ରଘୁନାଥ ସାହୁ, କବି ପରୀକ୍ଷିତ ମହାନ୍ତି, ନାଟ୍ୟକାର ଗଣେଶ ମହାନ୍ତି, କବି ରବୀନ୍ଦ୍ର ମିଶ୍ର, ରବୀନ୍ଦ୍ର ନାୟକ, ସାମ୍ବାଦିକ ଶୁଭଙ୍କର ଜେନା, ଶକ୍ତିପ୍ରସାଦ ଦାସ, ସୁଦୀପ୍ତା ଦାସ ଓ ଅବିନାଶ ଦାସ ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟକୁ ଭାଗୀରଥି ଦାସଙ୍କ ଅବଦାନ ଅତୁଳନୀୟ ବୋଲି ମତବ୍ୟକ୍ତ କରିବା ସହିତ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। କବି ନୀଳକଣ୍ଠ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ମରଣିକା ‘ସମସ୍ତଙ୍କ ହୃଦୟରେ ବସନ୍ତ’ ଉନ୍ମୋଚିତ

**କୁଜଙ୍ଗ,୪।୧୧(ସମିସ):** ପଙ୍କପାଳ ପଞ୍ଚାୟତ ବଣିକୁନ୍ଦ ଗ୍ରାମର ପ୍ରମୁଖ ଧର୍ମପ୍ରାଣା ସ୍ୱର୍ଗତା ବସନ୍ତ ଦେବୀଙ୍କ ଶ୍ରଦ୍ଧାଞ୍ଜଳି ସଭା ସହିତ ସ୍ମରଣିକା ପତ୍ରିକା ‘ସମସ୍ତଙ୍କ ହୃଦୟରେ ବସନ୍ତ’ ଉନ୍ମୋଚିତ ହୋଇଛି। ମୁଖ୍ୟଅତିଥି ଭାବେ ପଙ୍କପାଳ ସରପଞ୍ଚ ସରୋଜ ସେଠୀ ଯୋଗଦେଇ ଶ୍ରଦ୍ଧାଞ୍ଜଳି ପତ୍ରିକାକୁ ଉନ୍ମୋଚନ କରିଥିଲେ। ମାତୃତ୍ୱର ଉଚ୍ଚ ଆଦର୍ଶ ଏହି ଧର୍ମପ୍ରାଣା ନିଆରା ମହିଳା ଥିଲେ। ପତ୍ରିକା ଉନ୍ମୋଚନ କରି ସରପଞ୍ଚ ଶ୍ରୀ ସେଠୀ କହିଥିଲେ, ବସନ୍ତ ଅପାଙ୍କ ମମତା କେବଳ ତାଙ୍କ ପୁଅଙ୍କ ପାଇଁ ନ ଥିଲା, ତାଙ୍କର ସ୍ନେହ ସମଗ୍ର ପଙ୍କପାଳ ପଞ୍ଚାୟତର ଗ୍ରାମବାସୀଙ୍କ ପାଇଁ ଥିଲା। ତାଙ୍କ ନିଃସ୍ୱାର୍ଥପର ବଳିଦାନ ତାଙ୍କୁ ମାତୃତ୍ୱର ଏକ ଉଚ୍ଚ ଆଦର୍ଶ ସୃଷ୍ଟି କରି ଚାଲିଗଲା। ଏହି ପତ୍ରିକା ‘ସମସ୍ତଙ୍କ ହୃଦୟରେ ବସନ୍ତ’ ତାଙ୍କ ସ୍ମୃତିକୁ ସବୁଦିନ ପାଇଁ ଅମର କରି ରଖିବ ବୋଲି କହିଥିଲେ। ବଂଶୀଧର ସାହାଣୀ, ବୈଜୟନ୍ତୀ ଦାଶ, ମନୋରଞ୍ଜନ ଦାଶ, ପୁତ୍ର ସଞ୍ଜୟ ସାହାଣୀ ଓ ନିର୍ଭୟ ସାହାଣୀ, ଶାନ୍ତିଲତା ରାଉତ, ଭାଇ ଅଜୟ ଖୁଣ୍ଟିଆ, ପୁତୁରା ଅଶୋକ ରାଉତ, ସ୍ମରଣିକା ସମ୍ପାଦକ ପ୍ରକାଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅମର ଆତ୍ମାର ସଦ୍‌ଗତି କାମନା ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା।

## ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ସେବା ବିପର୍ଯ୍ୟସ୍ତ




**ରଘୁନାଥପୁର,୪।୧୧(ସମିସ):** ଜଗତସିଂହପୁର ଜିଲ୍ଲା ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଡାକ୍ତରଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ରୋଗୀ ସେବା ଏକପ୍ରକାର ବିପର୍ଯ୍ୟସ୍ତ ହୋଇପଡ଼ିଛି। ସ୍ଥାନୀୟ କିଛି ଡାଇଗ୍ନୋନିକ ସେଣ୍ଟର ମାଲିକ, ମେଡିସିନ୍ ଷ୍ଟୋର ମାଲିକଙ୍କ ସହ ମେଡିସିନ୍ କମ୍ପାନୀ ଏଜେଣ୍ଟ ଡାକ୍ତର ରୋଗୀ ଦେଖିବା ସମୟରେ ଭିଡ଼ ଜମାଉଥିବାରୁ ବାହାରେ ଲମ୍ବା ଧାଡ଼ିରେ ରୋଗୀ ଘଣ୍ଟାଘଣ୍ଟା ଧରି ଠିଆ ହେଉଛନ୍ତି। ଯାହାକୁ ନେଇ ରୋଗୀ ଓ ଡାକ୍ତରଙ୍କ ମଧ୍ୟରେ ବାରମ୍ବାର ପାଟିତୁଣ୍ଡ ହେବା ନିତିଦିନିଆ ଘଟଣାରେ ପରିଣତ ହେଲାଣି। ଡାକ୍ତରଖାନାରେ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ମାଗଣା ଔଷଧ ମହଜୁଦ ଥିବାବେଳେ ସମ୍ପୃକ୍ତ ଡାକ୍ତର ନିର୍ଦ୍ଦିଷ୍ଟ କମ୍ପାନୀର ମେଡିସିନ ଲେଖିବା ସହ ବାହାରେ ପରୀକ୍ଷା ନିମନ୍ତେ ରୋଗୀକୁ ବାଧ୍ୟ କରିବା ବହୁ ନଜିର ରହିଛି। କିଛିଦିନ ପୂର୍ବେ ଜଣେ ଗୁରୁତର ରୋଗୀ ରାତ୍ର ସମୟରେ ଡାକ୍ତରଖାନାକୁ ଆସିଥିବାବେଳେ ସମ୍ପୃକ୍ତ ଡାକ୍ତର ଚିକିତ୍ସାରେ ଅବହେଳା କରିବାରୁ ରୋଗୀଙ୍କ ସମ୍ପର୍କୀୟଙ୍କ ସହ ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିଥିଲା। ସ୍ଥାନୀୟ ପୁଲିସର ହସ୍ତକ୍ଷେପ ଯୋଗୁଁ ପରିସ୍ଥିତି ଶାନ୍ତ ପଡ଼ିଲା। ଅନ୍ୟପକ୍ଷରେ ବିନା ଛୁଟିରେ ସଂପୃକ୍ତ ଡାକ୍ତର ନିୟମିତ ଡାକ୍ତରଖାନା ନ ଆସି ଉପସ୍ଥାନ ଖାତାରେ ଜୋର୍ ଜବରଦସ୍ତ ଦସ୍ତଖତକୁ ନେଇ ମେଡିକାଲ ସୁପରିଟେଣ୍ଡେଣ୍ଟ ତାଙ୍କ ଦରମା ବନ୍ଦ କରି ତାଙ୍କ ବିରୁଦ୍ଧରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଜଣାଇବା ପରେ ଏକ କମିଟି ଗଠନ କରାଯାଇ ତଦନ୍ତ କରାଯାଇଥିଲା। ତାଙ୍କ ବିରୁଦ୍ଧରେ ଯଥେଷ୍ଟ ପ୍ରମାଣ ଥିଲେ ସୁଦ୍ଧା ତଦନ୍ତକାରୀ ଅଫିସର ତାଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲେ। ଫଳରେ ସୁପରିଟେଣ୍ଡେଣ୍ଟ ଅସହାୟ ପ୍ରକାଶ କରି ହାତଟେକି ଦେଇଛନ୍ତି। ଡାକ୍ତରଖାନାରେ ରୋଗୀ ସେବାକୁ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଜଗତସିଂହପୁର,୪।୧୧(ସମିସ):** ଜଗତସିଂହପୁର ଜିଲ୍ଲା ଶିକ୍ଷାଧିକାରୀ ଭାବେ ଦୀର୍ଘଦିନ କାର୍ଯ୍ୟ କରିଥିବା ନିରଞ୍ଜନ ବେହେରା ଗତ ଅକ୍ଟୋବର ୩୧ ତାରିଖରେ ଅବସର ଗ୍ରହଣ କରିଛନ୍ତି। ଏ ଅବସରରେ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନରେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଭାରପ୍ରାପ୍ତ ଜିଲ୍ଲା ଶିକ୍ଷାଧିକାରୀ ରାଜ୍ୟଶ୍ରୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ସେବାନିବୃତ୍ତ ଅତିରିକ୍ତ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ନାୟକ, ଅବସରପ୍ରାପ୍ତ ମାଧ୍ୟମିକ ଶିକ୍ଷା ଯୁଗ୍ମନିର୍ଦ୍ଦେଶକ ସପନ ଜେନା, ସେବାନିବୃତ୍ତ ଭଦ୍ରକ ଜିଲ୍ଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର ଓ ଢେଙ୍କାନାଳ ଜିଲ୍ଲା ଶିକ୍ଷାଧିକାରୀ ପରେଶ ପାତ୍ର ଯୋଗଦେଇ ସେବାନିବୃତ୍ତ ଜିଲ୍ଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରାଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିବା ସହିତ ତାଙ୍କର ଦାୟିତ୍ୱବୋଧ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଶିକ୍ଷାଧିକାରୀ ଡ. ସୁଶାନ୍ତ ମହାନ୍ତି, ଜିଲ୍ଲା ଶାରିରୀକ ଶିକ୍ଷାଧିକାରୀ ଦୁଷ୍ମନ୍ତ ରାୟ, ଏରସମା ମଣ୍ଡଳ ଶିକ୍ଷାଧିକାରୀ ବିଶ୍ୱମ୍ବର ମଲ୍ଲିକ, ବିରିଡି ମଣ୍ଡଳ ଶିକ୍ଷାଧିକାରୀ ମିହିର ପାଲ, କୁଜଙ୍ଗ ବ୍ଲକ୍ ଶିକ୍ଷାଧିକାରୀ ମନୋଜ ବେହେରା ପ୍ରମୁଖ ଯୋଗଦେଇ ଶିକ୍ଷା ହିଁ ମଣିଷ ଗଢିବାର ମାର୍ଗ, ପଢ଼ିଲେ ଜାଣିବା ଓ ଜାଣିଲେ ଜିଣିବା ଉକ୍ତିର ଯଥାର୍ଥତା ସମ୍ପର୍କରେ ଆଲୋଚନା କହିବା ସହିତ ଏକ ସୁସ୍ଥ ଓ ସମ୍ବେଦନଶୀଳ ସମାଜ ଗଠନ ପାଇଁ ଶିକ୍ଷା ଗ୍ରହଣର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏ ଅବସରରେ କଟକ, ପୁରୀ, ଜଗତସିଂହପୁର ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ, ଜିଲ୍ଲା ସମଗ୍ର ଶିକ୍ଷା କାର୍ଯ୍ୟାଳୟ, ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ, ଶାରୀରିକ ଶିକ୍ଷକ ସଂଘ ଓ ବିଭିନ୍ନ ବିଦ୍ୟାଳୟ ପକ୍ଷରୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉତ୍ତରୀୟ ପ୍ରଦାନ ପୂର୍ବକ ଶ୍ରୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜୀବନ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ ପଞ୍ଚଶାଖା ଶିକ୍ଷା ସେତୁ ସଂଯୋଜକ ଉମାକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ବିକ୍ରମ ମହାପାତ୍ର, ରଶ୍ମିରଞ୍ଜନ ଦାସ, ଅମୂଲ୍ୟ ମିଶ୍ର, ନୃସିଂହ ବେହେରା, ନାରାୟଣ ବାରିକ, ସୁଭାଷ ରାଉତ, ଶରତ ବାରିକ ପ୍ରମୁଖ ପରିଚାଳନା କରିଥିଲେ।

# ‘ବିବେକାନନ୍ଦଙ୍କ ମୁଖନିଃସୃତ ବାଣୀ ଯୁଗପଯୋଗୀ ମହୌଷଧି’

ଜଗତସିଂହପୁର, ୪।୧୧(ସମିସ)



‘ବିବାଦ ନୁହେଁ ସହାୟତା, ବିନାଶ ନୁହେଁ ପରସ୍ପର ଭାବଗ୍ରହଣ, ମତବିରୋଧୀ ନୁହେଁ ସମନ୍ୱୟ ଓ ଶାନ୍ତି’ ଏହାଥିଲା ୧୮୯୩ରେ ଆମେରିକାସ୍ଥ ଚିକାଗୋ ବିଶ୍ୱ ଧର୍ମସଭାରେ ସନାତନ ହିନ୍ଦୁଧର୍ମର ପ୍ରତିନିଧି ବିଶ୍ୱବନ୍ଦିତ ସ୍ୱାମୀ ବିବେକାନନ୍ଦଙ୍କ ଉକ୍ତି । ସଂପ୍ରତି କେବଳ ଭାରତ ନୁହେଁ, ସମଗ୍ର ପୃଥିବୀର ଜାତୀୟ ଜୀବନ ବହୁ ଭାବେ ବିପଦଗ୍ରସ୍ତ ଓ ବିପର୍ଯ୍ୟସ୍ତ। ନାନା ସମସ୍ୟାର ସମାଧାନ ପୂର୍ବକ ସମଗ୍ର ବିଶ୍ୱକୁ ଏହି ମହତ୍ୱର ଦିଗ ଉପରେ ଆଗେଇବା ପାଇଁ ସ୍ୱାମୀଜୀଙ୍କ ଏହି ଅମୂଲ୍ୟ ବାଣୀ ଯୁଗପଯୋଗୀ ମହୌଷଧି ବୋଲି ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଓଡ଼ିଶା ପୂର୍ବ ସମ୍ଭାଗ ମୋ ଗାଁ ପରିଷଦ (ପରିବେଶ)ର ସଂଯୋଜକ ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି ମତବ୍ୟକ୍ତ କରିଛନ୍ତି। ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଜଗତସିଂହପୁର ଜିଲ୍ଲା ଶାଖା ଓ ଭୁବନେଶ୍ୱରସ୍ଥ ଉତ୍କଳ ରାମକୃଷ୍ଣ ସେବା ସଂଘ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ମହିମା କଲେଜ ଅଫ୍ ନର୍ସିଂରେ ଆୟୋଜିତ ସ୍ୱାମୀ ବିବେକାନନ୍ଦ ବକ୍ତୃତା ମାଳା ‘ଉଦ୍‌ବୋଧନୀ’ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା ଦର୍ଶାଇଛନ୍ତି। ଅଧ୍ୟକ୍ଷା ଡକ୍ଟର ଖୁଲଣା କୁମାରୀ ଦେଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ମାର୍ମିକ, ଧାର୍ମିକ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଉପସ୍ଥିତ ଅତିଥି ସ୍ୱାମୀ ବିବେକାନନ୍ଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ଧୂପଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବାବେଳେ ଅଧ୍ୟାପକ ସନ୍ଦୀପ ବାନାର୍ଜୀ ସ୍ୱାଗତ ଭାଷଣ ଦେଇଥିଲେ। ଯୁବ ସଂସଦ ଅଧ୍ୟକ୍ଷ ସୌମ୍ୟରଞ୍ଜନ ନାୟକ ଅତିଥି ପରିଚୟ ପ୍ରଦାନ କରିବା ସହ ‘ଉଦ୍‌ବୋଧନୀ’ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ କଲେଜ ନିର୍ଦ୍ଦେଶକ ଗଣେଶ୍ୱର ମାଣିଆ, ମୁଖ୍ୟବକ୍ତା ଭାବେ ସେବାସଂଘର ପ୍ରବକ୍ତା ଜୟନ୍ତ ମହାନ୍ତି ଓ ମୁଖ୍ୟଅତିଥି ଭାବେ ପରିବେଶବିତ୍ ଶ୍ରୀ ମହାନ୍ତି ଯୋଗଦେଇ ବ୍ୟକ୍ତିତ୍ୱ ବିକାଶ ପାଇଁ ନିଜ ପ୍ରତି ବିଶ୍ୱାସ, ସକରାତ୍ମକ ଚିନ୍ତାଧାରାକୁ ଚିନ୍ତନ କରିବା, ତ୍ରୁଟି ଓ ବିଫଳତା ପ୍ରତି ମନୋଭାବ, ଆତ୍ମନିର୍ଭରଶୀଳତା, ତ୍ୟାଗ ଓ ସେବା ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିବା ସହିତ ଛାତ୍ରଛାତ୍ରୀଙ୍କୁ ସେହି ମହାନୁଭବ ଦାର୍ଶନିକଙ୍କ ଚିନ୍ତା ଓ ଚେତନାରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ଏ ଅବସରରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ପ୍ରିୟଦର୍ଶିନୀ ମହାପାତ୍ର, ମୌସୁମୀ ପ୍ରିୟଦର୍ଶିନୀ ସାହୁ, ଆଲୋକ ବାରିକ, ପ୍ରୀତିପ୍ରଜ୍ଞା ମହାନ୍ତି ଓ ଜ୍ୟୋତିର୍ମୟୀ ପରିଡାଙ୍କୁ ପୁରସ୍କୃତ କରାଯାଇଥିଲା। କଲେଜର ଅଧ୍ୟକ୍ଷାଙ୍କୁ ସ୍ୱାମୀ ବିବେକାନନ୍ଦଙ୍କ ଫଟୋଚିତ୍ର ଓ ପାଠାଗାର ନିମନ୍ତେ ବିବେକାନନ୍ଦଙ୍କ ଜୀବନୀ ଓ କାର୍ଯ୍ୟଧାରା ସମ୍ପର୍କିତ ବହୁ ଉପାଦେୟ ପୁସ୍ତକ ପ୍ରଦାନ କରାଯାଇଥିବାବେଳେ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀଙ୍କୁ ପୁସ୍ତକ ବିତରଣ କରାଯାଇଥିଲା। ଅଧ୍ୟାପିକା ଆର୍ଯ୍ୟାମା ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ସୋମେଶ ସାହୁ, ଅବିନାଶ ମୁଦୁଲି, ଅଧ୍ୟାପିକା ଅଞ୍ଜଳି ପଟ୍ଟନାୟକ, ପ୍ରିୟମ୍ବଦା ନାୟକ, ପ୍ରଜ୍ଞା ଅଭିପ୍ସା ନମିସା ଆରା ବେଗମ୍, ପ୍ରଜ୍ଞା ପଦ୍ମଜା ବସ୍ତିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**କେଳେଙ୍କାରୀକୁ ପ୍ରୋତ୍ସାହନ ଦେଉଛି ଜିଲ୍ଲା ପରିଷଦ**

# କର୍ମଚାରୀଙ୍କୁ ମିଳୁଛି ଭତ୍ତା, ରାସନ ଓ ଆବାସ

ନୟାଗଡ଼,୪।୧୧(ସମିସ)

ନୟାଗଡ଼ ଜିଲ୍ଲା ପରିଷଦ କେଳେଙ୍କାରୀକୁ ପ୍ରୋତ୍ସାହନ ଦେଉଛି। ବ୍ୟାଟେରୀ ଗାଡ଼ି କିଣା ଅନିୟମିତାଠାରୁ ଆରମ୍ଭ କରି ଯାବତୀୟ ଅନିୟମିତତା ଜିଲ୍ଲା ପରିଷଦ କାର୍ଯ୍ୟାଳୟ ଜାଣତରେ ହେଉଛି। ଜିଲ୍ଲା ପରିଷଦରେ କାର୍ଯ୍ୟରତ ଜୈନିକ କର୍ମଚାରୀଙ୍କ ପ୍ରତି କିଭଳି ଅହେତୁକ ଅନୁକମ୍ପା ପଦର୍ଶନ କରାଯାଇଛି। ତାହାର ଠୋସ୍ ପ୍ରମାଣ ସକାଳ ହାତରେ ଲାଗିଛି। ନୟାଗଡ଼ ଜିଲ୍ଲା ପରିଷଦରେ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ କାର୍ଯ୍ୟରତ ଜୈନିକ କର୍ମଚାରୀ ଦିବ୍ୟାଙ୍ଗ ଭତ୍ତା, ରାସନ କାର୍ଡ ହାତେଇବା ସହ ପରିବାର ସଦସ୍ୟଙ୍କ ନାଁରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ ହେବା ବଡ଼ ପ୍ରଶ୍ନ ସୃଷ୍ଟି କରିଛି। ସୂଚନାନୁସାରେ, ନୟାଗଡ଼ ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ଲାଠିପଡ଼ା ଗାଁର ପ୍ରତାପ ଚନ୍ଦ୍ର ବାଡ଼ତିଆଙ୍କ ପତ୍ନୀ ରୀନାରାଣୀ ପ୍ରଧାନ ଜଣେ ଦିବ୍ୟାଙ୍ଗ ମହିଳା। ସେ ନୟାଗଡ଼ ଜିଲ୍ଲା ପରିଷଦରେ ମନରେଗା ସହାୟକ ଭାବେ ୨୦୨୧ ମସିହା ଜୁନ ୧ ତାରିଖଠାରୁ କାର୍ଯ୍ୟ କରୁଛନ୍ତି। ଏଥିପାଇଁ ସରକାରଙ୍କ ପାଣ୍ଠିରୁ ସେ ୨୧ ହଜାର ୯୮୩ ମୂଳ ଦରମା ପାଉଥିବା ଜିଲା ପରିଷଦରୁ ସୂଚନା ଅଧିକାରୀ ଆଇନ ତଥ୍ୟରୁ ଜଣାପଡ଼ିଛି। ରୀନାରାଣୀ

- ଶାଶୂଙ୍କୁ ମିଳୁଛି ଅନ୍ତ୍ୟୋଦୟ ୩୫ କେଜି ଚାଉଳ
- ମାଆଙ୍କୁ ମିଳୁଛି ୧୦ କେଜି ଚାଉଳ
- ସ୍ୱାମୀଙ୍କ ନାମରେ ଅନ୍ତ୍ୟୋଦୟ ଗୃହ ଯୋଜନା

ପ୍ରଧାନ ଉଚ୍ଚ ଦରମାପ୍ରାପ୍ତ କର୍ମଚାରୀ ହୋଇଥିବା ବେଳେ ସେ ସାମାଜିକ ସୁରକ୍ଷା ବିଭାଗରୁ ୧୨ ଶହ ଟଙ୍କା ଦିବ୍ୟାଙ୍ଗ ଭତ୍ତା ପାଉଥିବା ସୂଚନା ମିଳିଛି। ସବୁଠାରୁ ସାଂଘାତିକ କଥା ହେଉଛି, ରୀନାରାଣୀ ବାପଘରୁ ରାସନ କାର୍ଡରେ ରାସନ ପାଉଥିବା ବେଳେ ଶ୍ୱଶୁର ଘର ଅନ୍ତ୍ୟୋଦୟ ଯୋଜନାରେ ୩୫ କେଜି ଚାଉଳ ପାଉଛନ୍ତି। ରୀନାଙ୍କ ମାଆ କମଳା ପ୍ରଧାନଙ୍କ ନାମରେ ରାସନ କାର୍ଡ ରହିଥିବା ଜଣାପଡ଼ିଛି। ଖାଦ୍ୟ ସୁରକ୍ଷା ଯୋଜନାରେ ୨୪୦୫୧୭୧୦୫୧୦ ନମ୍ବର ବିଶିଷ୍ଟ ରାସନ କାର୍ଡରେ ଖାଉଟି ସାମଗ୍ରୀ ପାଉଛନ୍ତି। ସମାନ ଭାବେ ରୀନା ଜଣେ ସରକାରୀ ଚାକିରିଆ ହୋଇଥିବା ବେଳେ ତାଙ୍କ ସ୍ୱାମୀ ଓ ଶ୍ୱଶୁର ଘର ଲୋକେ ଅନ୍ତ୍ୟୋଦୟ ଯୋଜନାରେ ୩୫ କେଜି ଚାଉଳ ପାଉଛନ୍ତି। ରୀନାଙ୍କ ଶାଶୁ ସୁବାସିନୀ ବାଡ଼ତିଆଙ୍କ ନାମରେ ରହିଥିବା ୨୪୦୫୧୭୧୧୨୦୬ ନମ୍ବର ବିଶିଷ୍ଟ କାର୍ଡରେ ରୀନାଙ୍କ ଶାଶୁ, ଶ୍ୱଶୁର ସୁବାସ ବାଡ଼ତିଆ, ସ୍ୱାମୀ ପ୍ରତାପ ବାଡ଼ତିଆ ଏବଂ ତାଙ୍କ ଦୁଇ ଭାଇ ପ୍ରଭାତ କୁମାର ବାଡ଼ତିଆ ଓ ପ୍ରସନ୍ନ କୁମାର ବାଡ଼ତିଆ ସାମିଲ ରହିଛନ୍ତି। ଏସବୁ କେଳେଙ୍କାରୀ ରହିଥିବା ବେଳେ ଅତ୍ୟନ୍ତ ଚତୁରତାର ସହ ରୀନାରାଣୀଙ୍କ ସ୍ୱାମୀ ପ୍ରତାପ ଚନ୍ଦ୍ର ବାଡ଼ତିଆଙ୍କ ନାମରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଆବାସ ଯୋଗାଇ ଦେବାକୁ ନୟାଗଡ଼ ବ୍ଲକରୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଜଣେ ସରକାରୀ ଚାକରିଆଙ୍କ ପରିବାର କିଭଳି ଅନ୍ତ୍ୟୋଦୟ ଆବାସ ଯୋଜନାରେ ସାମିଲ ହେଲେ ବୋଲି ପ୍ରଶ୍ନ ଉଠିଛି। ୨୦୨୫-୨୬ ମସିହା ତାଲିକାରେ ପ୍ରତାପଙ୍କ ନାଁ ରହିଥିବା ବେଳେ ତାଙ୍କୁ କାର୍ଯ୍ୟାଦେଶ ସହ ୪୦ ହଜାର ଟଙ୍କା ମଧ ପ୍ରଦାନ କରାଯାଇଛି। ଜିଲ୍ଲା ପରିଷଦରେ ଚାକିରି କରିବାର ଯଥେଷ୍ଟ ଫାଇଦା ରୀନାରାଣୀ ଉଠାଇଥିବା ସୂଚନା ମିଳିଛି। ଏ ସମ୍ପର୍କରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତଙ୍କୁ ପଚାରିବାରେ, ଦିବ୍ୟାଙ୍ଗ ଭାବେ ରାସନ ସାମଗ୍ରୀ ପାଇପାରିବେ ବୋଲି ସୂଚନା ଦେଇଛନ୍ତି। କିନ୍ତୁ ଭତ୍ତା ଓ ଆବାସ ବିଷୟର ଅନୁଧ୍ୟାନ କରାଯିବ ବୋଲି କହିଛନ୍ତି।

**ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହାର କଲେ ଦେଓଗାଁ ଗ୍ରାମବାସୀ**

# ବେଆଇନ ମାଟି ପକାଇବା ଘଟଣାରେ ହେବ କାର୍ଯ୍ୟାନୁଷ୍ଠାନ

**ନୟାଗଡ଼,୪।୧୧(ସମିସ):** ଓଡ଼ଗାଁ ବ୍ଲକ୍ ପାଣ୍ଡେରିପଡା ପଞ୍ଚାୟତ ଅନ୍ତର୍ଗତ ବିବାଦୀୟ ଦେଓଗାଁ-ଭାଲିଆଡିହି ରାସ୍ତା ବିବାଦ ଜିଲ୍ଲା ପ୍ରଶାସନକୁ ଅଡୁଆରେ ପକାଇଛନ୍ତି। ଗତ ଶନିବାର ରାତିରେ ଭାଲିଆଡିହି ଗ୍ରାମବାସୀ ଦେଓଗାଁ ଶ୍ମଶାନ ଓ ବିଦ୍ୟାଳୟ ପରିସରରେ ବେଆଇନ ଭାବେ ମାଟି ପକାଇ ରାସ୍ତା ନିର୍ମାଣ କରିବା ଘଟଣାକୁ ନେଇ ଦେଓଗାଁ ବାସୀ ବିରୋଧ କରିଛନ୍ତି। ଏହାର ପ୍ରତିବାଦରେ ଦେଓଗାଁ ଗ୍ରାମବାସୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଅହୋରାତ୍ର ଗଣଧାରଣା ଦେବା ସହିତ ମଙ୍ଗଳବାର ସମାନ ଢଙ୍ଗରେ ଦିନ ସାରା ଧାରଣାରେ ବସି ରହିଥିଲେ। ଅପରାହ୍ନରେ ଅତିରିକ୍ତ ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ଦେଓଗାଁ ଗ୍ରାମବାସୀଙ୍କ ଧାରଣା ପ୍ରତ୍ୟାହୃତ ହୋଇଛି। ଆସନ୍ତା ୧୦ ଦିନ ଭିତରେ ବିଭାଗୀୟ ତଦନ୍ତ ପରେ ବେଆଇନ ଭାବେ ମାଟି ପକାଇ ତହସିଲଦାର ଓଡ଼ଗାଁ ଓ ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରିଥିବା ଭାଲିଆଡିହି ବ୍ୟକ୍ତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ତହସିଲଦାରଙ୍କ ନକ୍ସା ଓ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁସାରେ ପୂର୍ତ୍ତ ବିଭାଗ ରାସ୍ତା ଦେଓଗାଁଠାରୁ ଭାଲିଆଡିହିକୁ ସଂଯୋଗ କରିବା ପ୍ରତିଶ୍ରୁତି ପରେ ଦେଓଗାଁ ଗ୍ରାମବାସୀ ଧାରଣା ପ୍ରତ୍ୟାହୃତ କରିବା ନେଇ ସୂଚନା ଦେଇଛନ୍ତି। ଯଦି ଆଗାମୀ ୧୦ ଦିନ ଭିତରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆନଯାଏ ତେବେ ପୁନର୍ବାର ଦେଓଗାଁ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।

## କପିଳେଶ୍ୱରଙ୍କ ପୀଠରେ ପଞ୍ଚକ ଯାତ୍ରା

**ଶରଣକୁଳ,୪।୧୧(ସମିସ):** ଶରଣକୁଳ ନିକଟସ୍ଥ ଗୁଞ୍ଜିବାରଣ ଗ୍ରାମରେ ପୂଜା ପାଉଥିବା ଶ୍ରୀଶ୍ରୀ କପିଳେଶ୍ୱର ମହାଦେବ, ଅସୁରଢିପାରେ ଶ୍ରୀଶ୍ରୀ ବାବା ବୈଦ୍ୟନାଥ ମହାଦେବ, କଟରାଝରି ଶ୍ରୀଶ୍ରୀ ଚନ୍ଦ୍ରକନ୍ତେଶ୍ୱର ମହାଦେବଙ୍କ ପୀଠରେ ପଞ୍ଚକ ଯାତ୍ରା ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସୋମବାର ଯଜ୍ଞ ପୀଠରେ ଅଙ୍କୁରାରୋପଣ କରାଯାଇ ଭକ୍ତମାନେ କୁସୁମୀ ନଦୀରୁ ୧୦୮ ଜଳକଳସ ଏକ ଶୋଭାଯାତ୍ରାରେ ଧରି ଗ୍ରାମ ପରିକ୍ରମା ପରେ ଯଜ୍ଞ ପୀଠରେ ପହଞ୍ଚି ଥିଲେ। ସେଠାରେ ଘଟସ୍ଥାପନା କରା ଯାଇଥିଲା। ମଙ୍ଗଳବାର ସକାଳେ ନିମନ୍ତ୍ରିତ ବ୍ରାହ୍ମଣଙ୍କ ଦ୍ୱାରା ସୂର୍ଯ୍ୟ ପୂଜା କରାଯିବା ପରେ ରୀତିନୀତିରେ ଘୃତାହୁତି ପ୍ରଦାନ କରାଯାଇଥିଲା। ଠାକୁରଙ୍କ ଦର୍ଶନ ପାଇଁ ଦିନତମାମ ଯଜ୍ଞ ପୀଠ ରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା ।

## ଲୋକ ଦେଖାଣିଆ ଗୁଟ୍‌ଖା ଧରପଗଡ଼

**ଖଣ୍ଡପଡ଼ା,୪।୧୧(ସମିସ):** ଖଣ୍ଡପଡ଼ା ସହରାଞ୍ଚଳର ବିଭିନ୍ନ ଛକ ବଜାରରେ ଥିବା ଦୋକାନ ଗୁଡ଼ିକରେ ଅବକାରୀ ବିଭାଗ ପକ୍ଷରୁ ଅତର୍କିତ ଭାବେ ଚଢ଼ଉ କରାଯାଇ ବେଆଇନ ଭାବେ ବିକ୍ରି ହେଉଥିବା ଗୁଟ୍‌ଖା, ସିଗାରେଟ, ତମାଖୁ ଆଦି ମାଦକ ଦ୍ରବ୍ୟ ଜବତ ସହ କିଛି ନିରୀହ ବ୍ୟବସାୟୀଙ୍କ ଠାରୁ ଜରିମାନା ଆଦାୟ କରାଯାଇଥିବା ଜଣାପଡିଛି। ଜିଲ୍ଲା ପ୍ରଶାସନର କୋହଳ ନୀତି ଯୋଗୁଁ ଖଣ୍ଡପଡ଼ା ଅଞ୍ଚଳରେ ଗୁଟଖା ବିକ୍ରି ବଢିବାରେ ଲାଗିଛି। ଯାହାର ପରିଣାମ ସ୍ୱରୂପ କ୍ୟାନସର ଭଳି ମାରାନକ ରୋଗୀ ସଂଖ୍ୟା ମଧ ବୃଦ୍ଧି ପାଉଛି। ଏସବୁକୁ ଗୁରୁତ୍ୱ ଦେଇ ତଥା ଜନସାଧାରଣଙ୍କୁ ସଚେତନ ଲକ୍ଷ୍ୟରେ ଆଜି ଖଣ୍ଡପଡ଼ା ସହରାଞ୍ଚଳରେ ଗୁଟଖା ଧରପଗଡ ଅଭିଯାନ ଆରମ୍ଭ ହୋଇଛି। ଜିଲ୍ଲା ଡ୍ରଗ୍ସ ଇନ୍ସପେକ୍ଟର ସନ୍ତୋଷ କୁମାର ପ୍ରଧାନଙ୍କ ନେତୃତ୍ୱରେ ଖଣ୍ଡପଡ଼ା ଅବକାରୀ ବିଭାଗ ଓ ଖଣ୍ଡପଡ଼ା ପୁଲିସ ସାମିଲ ହୋଇଥିବା ଜଣାଯାଇଛି। ଜିଲ୍ଲା ବିଭାଗୀୟ ଅଧିକାରୀଙ୍କ ଏହି ଗୁଟ୍‌ଖା ଧରପଗଡ଼ କେବଳ ଲୋକ ଦେଖାଆଣି ହୋଇଥିବା ଖଣ୍ଡପଡ଼ା ଅଞ୍ଚଳ ବୁଦ୍ଧିଜୀବୀମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

## ଢୋଲାଚଣ୍ଡି ଟୁର୍ଣ୍ଣାମେଣ୍ଟ: ସେମିରେ ବଡ଼ସହରା

**ଭାପୁର,୪।୧୧(ସମିସ):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ବଡସହରା ଗ୍ରାମରେ ଚାଲିଥିବା ଢୋଲାଚଣ୍ଡି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନ୍ତିମ କ୍ୱାର୍ଟରରେ ପରସ୍ପରକୁ ଭେଟିଥିଲେ ଫତେଗଡ଼ କ୍ରିକେଟ କ୍ଲବ୍ ଓ ଆୟୋଜକ ଟିମ୍। ଫତେଗଡ ଟିମ୍ ଟସ୍ ଜିତି ବଡସହରା ଟିମକୁ ବ୍ୟାଟିଂ ପାଇଁ ଆମନ୍ତ୍ରିତ କରିଥିଲା। ବ୍ୟାଟିଂ ନିମନ୍ତ୍ରଣ ପାଇ ଆୟୋଜକ ଦଳ ୨୦ ଓଭରରେ ୮ ୱିକେଟ ହରାଇ ୧୬୦ ରନ ସଂଗ୍ରହ କରିଥିଲା। ଅଧିନାୟକ ଅଜିତ ବିଶୋଇ ୩୭ ବଲରେ ବିସ୍ଫୋରକ ୭୧ ରନ୍ କରିଥିଲେ। ଫତେଗଡ କ୍ରିକେଟ କ୍ଲବ୍ ୧୩-୩ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୭୭ ସୀମିତ ରହି ୮୩ ରନରେ ପରାଜିତ ହୋଇଥିଲା। ବିଜୟୀ ଦଳର ଲିପୁ ନାୟକ ୪ ଓଭରରେ ୧୩ ରନ ଦେଇ ୪ ୱିକେଟ ନେଇ ଫତେଗଡ଼ ଦଳର ବ୍ୟାଟିଂ ବିପର୍ଯ୍ୟୟ କରିଥିଲେ। ବିଜୟୀ ଦଳର ଅଧିନାୟକ ଅଜିତ ବିଶୋଇ ୭୭ ରନ କରିବା ସହ ବୋଲିଂ କରି ଗୋଟିଏ ୱିକେଟ ନେଇ ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଆଜିର ମ୍ୟାଚରେ ଅତିଥି ଭାବରେ ବଡ଼ସହରା ଗ୍ରାମର ଯୁବ ସମାଜସେବୀ ଆନନ୍ଦ ଦଳବେହେରା ଓ ବିଜୟ ରଣା ଯୋଗ ହେଇଥିଲେ।

## କଣ୍ଟିଲୋକୁ ଏନ୍‌ଏସି ମାନ୍ୟତା ଦାବି

**ଖଣ୍ଡପଡ଼ା/କଣ୍ଟିଲୋ,୪।୧୧(ସମିସ):** ଭାରତୀୟ ବିକାଶ ପରିଷଦ ଖଣ୍ଡପଡ଼ା ଶାଖା ତରଫରୁ ଖଣ୍ଡପଡ଼ା ପୂର୍ତ୍ତ ବଙ୍ଗଳା ପରିସରରେ କଣ୍ଟିଲୋକୁ ଏନ୍‌ଏସି ମାନ୍ୟତା ଦାବି ପ୍ରସଙ୍ଗକୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାର ଗତ ଅଗଷ୍ଟ ମାସରେ ୭ ଗୋଟି ନୂତନ ମ୍ୟୁନିସିପାଲିଟି ଏବଂ ୧୬ ଗୋଟି ନୂତନ ଏନ୍‌ଏସି ଘୋଷଣା କରିଥିଲେ। ନୟାଗଡ଼ ଜିଲ୍ଲାକୁ ଜାଣିଶୁଣି ବୈମାତୃକ ମନୋଭାବ ପୋଷଣ କରିବା ଫଳରେ ଖଣ୍ଡପଡ଼ା ବ୍ଲକର ଐତିହାସିକ କଣ୍ଟିଲୋ ଗ୍ରାମକୁ ଏନ୍‌ଏସି ଘୋଷଣା ନକରିବାରୁ ଭାରତୀୟ ବିକାଶ ପରିଷଦ ଉକ୍ତ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ କଣ୍ଟିଲୋକୁ ଏନଏସି ଘୋଷଣା ପାଇଁ ଦାବି ଉପସ୍ଥାପନ କରିଛନ୍ତି। ଭାରତୀୟ ବିକାଶ ପରିଷଦ ରାଜ୍ୟ ସଭାପତି ସୁରେନ୍ଦ୍ର କୁମାର ପାଣିଗ୍ରାହୀ, ରାଜ୍ୟ ଉପସଭାପତି ନିରଞ୍ଜନ ଦାସ ଏନେଇ ଏକ ଜନ ଆନ୍ଦୋଳନ କରାଯିବ ବୋଲି ସୂଚନା ଦେଇଛନ୍ତି।

## ଏମ୍‌ଭିଆଇଙ୍କ ଦ୍ୱାରା ଟ୍ରାକ୍ଟର ଜବତ

**ଓଡ଼ଗାଁ,୪।୧୧(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନ୍‌ଏସି ଅଞ୍ଚଳରୁ ବେଆଇନ୍ ଭାବେ ଚଳ ପ୍ରଚଳ କରୁଥିବା ଗୋଟିଏ ଟ୍ରାକ୍ଟରକୁ ଏମଭିଆଇ ଟିମ୍ ଜବତ କରି ଓଡ଼ଗାଁ ଆଦର୍ଶ ଥାନାରେ ରଖିଛନ୍ତି। ନୟାଗଡ଼ କନିଷ୍ଠ ମୋଟର ଯାନ ନିରୀକ୍ଷକ ଗୋବିନ୍ଦ ଚନ୍ଦ୍ର ମଙ୍ଗଳବାର ଓଡ଼ଗାଁ ଆସିଥିବା ବେଳେ ମୋଟର ଯାନ ତନଖି ବେଳେ ଫିଟନେସ୍, ପଲ୍ୟୁସନ ଏବଂ ପରମିଟ୍ ସହିତ ଚାଳକର ଡ୍ରାଇଭିଙ୍ଗ ଲାଇସେନ୍ସ ନଥିବା ଜଣାପଡିଥିଲା। ବେଆଇନ ଭାବେ ଚାଲିଥିବା ଟ୍ରାକ୍ଟରକୁ ଜବତ କରାଯାଇଥିବା ବେଳେ ଚାଳକ ଶରଣକୁଳ ଶିଖରପୁର ଶିବ ନାୟକକୁ ପଚରା ଉଚରା କରି ଛଡ଼ା ଯାଇଛି। ନୟାଗଡ଼ ଜିଲ୍ଲା ସିଦ୍ଧମୂଳାର ବିରଞ୍ଚି ନାରାୟଣ ରାଉତଙ୍କ ଝିଅ ପ୍ରତିଭା ନାୟକଙ୍କ ନାମରେ ଉକ୍ତ ଟ୍ରାକ୍ଟରଟି ଥିବା ଜଣାପଡିଛି।

## ଗୁହାଳରୁ ୪୦ ଛେଳି ଚୋରି

**ଓଡ଼ଗାଁ,୪।୧୧(ସମିସ):** ନୟାଗଡ଼ ଜିଲ୍ଲା ନୂଆଗାଁ ଥାନା ନୂଆଗାଁର ଏକ ଗୁହାଳ ମଧ୍ୟରୁ ସୋମବାର ଦିନ ବିଳମ୍ବିତ ରାତିରେ ୪୦ ପଟ ଛେଳି କେହି ଦୁର୍ବୃତ୍ତ ଚୋରି କରି ନେଇଥିବା ନେଇ ନୂଆଗାଁ ଥାନାରେ ଅଭିଯୋଗ ହୋଇଛି। ଟ୍ରେନ ଲାଇନ୍ ଉପରେ ଅନେକ ଛେଳିଙ୍କ ରକ୍ତ ଛିଟା ବିଛେଇ ହୋଇ ପଡ଼ିଥିବା ସ୍ଥାନୀୟ ଲୋକମାନେ ଦେଖିବାକୁ ପାଇଛନ୍ତି। ଛେଳି ମାଲିକ ବାବି ପ୍ରଧାନ ରାତିରେ ଗୁହାଳ ଯାଇ ଛେଳି ଗୋରୁ ଗାଈଙ୍କର ହାଲଚାଲ ଦେଖି ଆସିଥିଲେ। ତନଖି ପାଇଁ ରାତି ଗୋଟାଏ ବେଳେ ପୁଣିଥରେ ଗୁହାଳକୁ ଯାଇ ଦେଖିଲା ବେଳକୁ ସେଠାରେ ୪୦ ଛେଳି ନଥିବା ଜାଣିବାକୁ ପାଇଥିଲେ। ଛେଳି ଚରାଇ ଗୁଜୁରାଣ ମେଣ୍ଟାଉଥିବା ବାବି ପ୍ରଧାନ ଏଭଳି ଘଟଣା ପାଇଁ ଭାଙ୍ଗି ପଡିଥିବା ବେଳେ ପୁଲିସ ଚୋରଙ୍କୁ ଧରିବା ସହିତ ଛେଳିଙ୍କୁ ଉଦ୍ଧାର କରି ଦେବେ ବୋଲି ଆଶା ରଖିଛନ୍ତି।

## ଆହାର କେନ୍ଦ୍ର ପାଇଁ ଜିଲ୍ଲାପାଳଙ୍କୁ ଦାବି

**ଭାପୁର,୪।୧୧(ସମିସ):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଭାପୁର ବଜାରରେ ଏକ ଆହାର କେନ୍ଦ୍ର, ଏକ ଶୌଚାଳୟ ଓ ସ୍ପିଡବ୍ରେକର ପାଇଁ ଅଞ୍ଚଳର ସମାଜସେବୀ ଓ ବୁଦ୍ଧିଜୀବୀମାନେ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଦାବି କରିଛନ୍ତି। ଭାପୁର ବଜାରରେ ବ୍ଲକ, ତହସିଲ, ସବରେଜିଷ୍ଟ୍ରାର, କୋର୍ଟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୪ଟି ବ୍ୟାଙ୍କ ଅଫିସ, ସ୍କୁଲ କଲେଜ ଓ ଅନେକ ବ୍ୟବସାୟ ପ୍ରତିଷ୍ଠାନ ରହିଛି। ଭାପୁର ବଜାରକୁ ବିଭିନ୍ନ କାର୍ଯ୍ୟରେ ପ୍ରତିଦିନ ହଜାର ହଜାର ଜନସାଧାରଣ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥାନ୍ତି। ମାତ୍ର ଏଠାରେ ଶୌଚାଳୟଟିଏ ନଥିବାରୁ ଜନସାଧାରଣ ବହୁ ହଇରାଣ ହେଉଛନ୍ତି। ବିଶେଷ କରି ମହିଳା ଓ ଯୁବତୀମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଗରିବ ଲୋକମାନେ ଡାକ୍ତରଖାନାକୁ ଆସୁଥିବା ବେଳେ ହୋଟେଲରେ ଅଧିକ ଅର୍ଥ ଦେଇ ଖାଇବାକୁ ବାଧ୍ୟ ହେଉଛନ୍ତି। ଲୋକଙ୍କ ସରକାର ତୁରନ୍ତ ଏକ ଆହାର କେନ୍ଦ୍ର ଭାପୁର ଡାକ୍ତରଖାନା ନିକଟରେ ଖୋଲିବାକୁ ଜିଲ୍ଲାପାଳଙ୍କ ନିକରେ ଅଞ୍ଚଳର ସମାଜ ସେବୀ ଗଙ୍ଗାଧର ବାରିକ, ପ୍ରଫୁଲ୍ଲ କୁମାର ସାହୁ, ପ୍ରକାଶ ସିଂହ, ରମେଶ ବରାଡ ଓ ବୁଦ୍ଧିଜୀବୀମାନେ ଲିଖିତ ଭାବେ ଜଣାଇଛନ୍ତି। ଏହାର ନକଲ ବିଧାୟକ, ବିଡିଓଙ୍କୁ ଦେଇଛନ୍ତି।

## ପୁରାଣ ପାଠକଙ୍କ ପରଲୋକ

**ଓଡ଼ଗାଁ,୪।୧୧(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ସାକେରି ଗ୍ରାମପଞ୍ଚାୟତ ଗୋଡିପାଟଣା ଗ୍ରାମର ବର୍ଷିୟାନ ପୁରାଣ ପାଠକ



ଉଦୟ ନାଥ ମାଝୀଙ୍କ (୯୮) ମଙ୍ଗଳବାର ସନ୍ଧ୍ୟାରେ ପରଲୋକ ଘଟିଛି। ପୁରାଣ ଶାସ୍ତ୍ର ପାଠ ସହିତ ଜଣେ ବ୍ୟାଖ୍ୟାକାର ଭାବେ ଜଣାଶୁଣା ଥିଲେ। ତାଙ୍କର ମୃତ୍ୟୁବେଳକୁ କବି ପ୍ରଫୁଲ୍ଲ କୁମାର ମାଝୀଙ୍କ ସହିତ ରଘୁନାଥ ମାଝୀ, ପ୍ରଶାନ୍ତ କୁମାର ମାଝୀ ୩ ପୁତ୍ର ମୃତ୍ୟୁ ଶଯ୍ୟା ନିକଟରେ ଉପସ୍ଥିତ ଥିଲେ। ତାଙ୍କର ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳର ଶୋକର ଛାୟା ଖେଳିଯାଇଛି। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ।

# ଜଗନ୍ନାଥ ମନ୍ଦିରରେ ଭଜନ ସମାରୋହ



**ଖଣ୍ଡପଡ଼ା,୪।୧୧(ସମିସ):** ଖଣ୍ଡପଡ଼ା ରାଜବାଟି ସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ଖଣ୍ଡପଡ଼ାର ୧୯୯୮ ମେଟ୍ରିକ ବ୍ୟାଚ ଚନ୍ଦ୍ରଶେଖର ଗ୍ରୁପ ଆନୁକୂଲ୍ୟରେ ପଞ୍ଚକ ଉପଲକ୍ଷେ ମଙ୍ଗଳବାର ସନ୍ଧ୍ୟାରେ ଅଷ୍ଟମ ବାର୍ଷିକ ଭଜନ ସମାରୋହ ଆୟୋଜନ କରାଯାଇଥିଲା। ପବିତ୍ର କାର୍ତ୍ତିକ ମାସରେ ମହାପଞ୍ଚକରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ କାଞ୍ଚି କାବେରୀ ବେଶ ଶ୍ରଦ୍ଧାଳୁମାନେ ଦର୍ଶନ କରିବା ସହ ପୁରୀରୁ ଆସିଥିବା ସୋନୁ ଓ ଜିତ ଗ୍ରୁପର ଭଜନ ପରିବେଷଣକୁ ଆନନ୍ଦର ସହ ଉପଭୋଗ କରିଥିଲେ। ଏତତ ବ୍ୟତୀତ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ତଥା ବରିଷ୍ଠ ସଂଗୀତ ନିର୍ଦ୍ଦେଶକ ମନ୍ମଥ ମିଶ୍ର ଉକ୍ତ ଭଜନ ସନ୍ଧ୍ୟାରେ ଯୋଗଦେଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ସୁନ୍ଦର ସୁନ୍ଦର ଭଜନ ଗାଇ ଶତାଧିକ ଶ୍ରୋତାଙ୍କ ମନ ଜିଣିଥିଲେ। ସମାଜସେବୀ ମହେନ୍ଦ୍ର କୁମାର ବାରିକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଅନୁଷ୍ଠାନର ୮୦ରୁ ଉର୍ଦ୍ଧ୍ୱ ସଦସ୍ୟ ସକ୍ରିୟ ସହଯୋଗ କରିବା ସହ ଶାନ୍ତିଶୃଙ୍ଖଳାକୁ ବିଶେଷ ଗୁରୁତ୍ୱ ଦେଇଥିଲେ।

**ଡ୍ରେନ୍ ନିର୍ମାଣ ଅନିୟମିତତା ଘଟଣା**

# ବ୍ଲକ୍ ସମ୍ମୁଖରେ ଧାରଣାରେ ସମିତିସଭ୍ୟ

**ଗଣିଆ,୪।୧୧(ସମିସ):** ଗଣିଆ ପଞ୍ଚାୟତ ଅନ୍ତର୍ଗତ ତେଲିସାହି ୫ନଂ ୱାର୍ଡର ପଛପାଖ ଡ୍ରେନ ନିର୍ମାଣ ନିମନ୍ତେ ୨୦୨୪-୨୫ ଆର୍ଥିକ ବର୍ଷରେ ସିଏଫ୍‌ସି ପାଣ୍ଠିରୁ ୮୦ ହଜାର ଟଙ୍କା ମଞ୍ଜୁର ହୋଇଥିଲା। କିନ୍ତୁ ୫ନଂ ୱାର୍ଡରେ କାର୍ଯ୍ୟ ନହୋଇ ବିଲ୍ ପଇଠ କରାଯାଇଥିବା ସମିତିସଭ୍ୟ ଫକିର ମୋହନ ଡାକୁଆ ଅଭିଯୋଗ କରିଛନ୍ତି। ଏପରିକି ଉକ୍ତ ବିଲ୍ ଫର୍ମରେ ୭୪ ହଜାର ୨୩୬ ଟଙ୍କା ବିଲ୍ ପଇଠ କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଗତ ୨୮ ତାରିଖରେ ସେ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ, ଗଣିଆ ବିଡ଼ିଓଙ୍କୁ ଏ ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପତ୍ରରେ ସେ ୫ନଂ ୱାର୍ଡ ଡ୍ରେନ କାର୍ଯ୍ୟର କାର୍ଯ୍ୟାଦେଶ ସହିତ ବିଲ୍ ଫର୍ମର ନକଲ, ବିଲରେ ବ୍ୟବହାର କରାଯାଇଥିବା ଫଟୋ




ଆଦି ସଂଲଗ୍ନ କରିଛନ୍ତି। ଯଦି ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତେବେ ସେ ଧାରଣା ଦେବେ ବୋଲି ଅଭିଯୋଗରେ ଦର୍ଶାଇଥିଲେ। ଆଜି ୧୦ ଘଣ୍ଟିକା ସମୟରେ ସେ ବ୍ଲକ ସମ୍ମୁଖରେ ଧାରଣାରେ ବସି ରହିଛନ୍ତି। ଯଦି ଜଣେ ଲୋକପ୍ରତିନିଧି ଦେଇଥିବା ଅଭିଯୋଗର ତଦନ୍ତ ହୋଇପାରୁନାହିଁ ତେବେ ସାଧାରଣ ଲୋକଙ୍କ ସମସ୍ୟା କିଭଳି ସମାଧାନ ହେବ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ଭେଟି ସେ ଅଭିଯୋଗ କରିଥିଲେ ମଧ କାହା ଚାପରେ ଘଟଣା ଚପାଇବାକୁ ଉଦ୍ୟମ ଚାଲିଛି ବୋଲି ପ୍ରଶ୍ନ କରିଛନ୍ତି। କାର୍ଯ୍ୟ ନହୋଇ, ଫଳକ ନିର୍ମାଣ ନହୋଇ କନିଷ୍ଠ ଯନ୍ତ୍ରୀ ଏବଂ ସହକାରୀ ଯନ୍ତ୍ରୀ କିଭଳି ବିଲ୍ ଫର୍ମରେ ୭୪ ହଜାର ୨୩୬ ଟଙ୍କାର ବିଲ୍ ପ୍ରସ୍ତୁତ କଲେ। କାର୍ଯ୍ୟାନୁଷ୍ଠାନ ନହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସମିତିସଭ୍ୟ ପ୍ରକାଶ କରିଛନ୍ତି।

**ବୋଇତ ବନ୍ଦାଣ ଯାତ୍ରା ଉତ୍ସବ ଚତୁର୍ଥ ସନ୍ଧ୍ୟା**

# ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କଲେ ଦର୍ଶକ

**ନୟାଗଡ଼,୪।୧୧(ସମିସ):** ନୟାଗଡ଼ ପୁରୁଣା ସହର ମଣ୍ଡାବାଗନ୍ ପଡ଼ିଆରେ ୨୨ତମ ବୋଇତ ବନ୍ଦାଣ ଯାତ୍ରା ଉତ୍ସବ ଚତୁର୍ଥ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗ ଦେଇ ନୟାଗଡ ବିକାଶ ଉପରେ ବକ୍ତବ୍ୟ ରଖିଥିଲେ। ବୋଇତ ବନ୍ଦାଣ ଯାତ୍ରା ଉତ୍ସବ ଭାଇଚାରା ବୃଦ୍ଧି କରିବାରେ ଅନନ୍ୟ ବୋଲି କହିଥିଲେ। ମଣିଷ ଭିତରେ ସଂସ୍କାର



ଯେତେ ସୁଦୃଢ଼, ସମାଜ ସେତେ ପ୍ରଗତିଶୀଳ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ପାନୀୟ ଜଳ ପରିମଳ ଅଧିକ୍ଷଣ ଯନ୍ତ୍ରୀ, ବିଦ୍ୟୁତ୍ ବିଭାଗ ଅଧିକ୍ଷଣ ଯନ୍ତ୍ରୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରେମ ଅନୁଷ୍ଠିତ ହୋଇଯାଇଛି। ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସୂର୍ଯ୍ୟ ଡ୍ୟାନ୍ସ ଗ୍ରୁପ ଦ୍ୱାରା ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବୋଇତ ବନ୍ଦାଣ ଯାତ୍ରା ଉତ୍ସବ କମିଟି ସଭାପତି କିଶାନ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଂଯୋଜକ ଦାଶରଥି ସାହୁ, ଶ୍ରୀକାନ୍ତ ଖଟେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୁରୁଣା ସହର ଯୁବ ଗୋଷ୍ଠୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ନୟାଗଡ଼,୪।୧୧(ସମିସ)

ନୟାଗଡ଼ ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ "ସୁରଭି' ନୟାଗଡ଼ ବଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଛି। ସମଗ୍ର ଶିକ୍ଷା ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ।

ଉଦଘାଟନ ସଭାରେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ବନଲତା ବେହେରା, ଗୀତାଞ୍ଜଳି ସାହୁ, ସନ୍ଧ୍ୟାରାଣୀ ରାଉତ, ଆଦିବାସୀ ହରିଜନ ଶିକ୍ଷା ସଂଯୋଜିକା ଶୁଭସ୍ମିତା ଦାସ ଓ ନୟାଗଡ଼ ଭାରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ଉମାକାନ୍ତ ସେଠି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ ସ୍ତରରୁ ମନୋନୀତ ହୋଇ ଆସିଥିବା ୮ଟି ବ୍ଲକର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ, କୁଇଜ, ଚିତ୍ରାଙ୍କନ, ନୃତ୍ୟ, ସଙ୍ଗୀତ ଆଦି କ୍ଷେତ୍ରରେ ପ୍ରତିଯୋଗିତ କରାଯାଇଥିଲା। ଅପରାହ୍ନରେ ଉଦଯାପାନ ସଭାରେ ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗ



ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନୟାଗଡ଼ ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇ ଯୋଗ ଦେଇଥିଲେ। ଜିଲ୍ଲା ସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ହାସଲ କରିଥିବା କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ସାର୍ଟିଫିକେଟ ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ଶିଶୁ ମହୋତ୍ସବ ମାଧ୍ୟମରେ ଛାତ୍ରଛାତ୍ରୀ ଶିକ୍ଷା ସହ ସଂସ୍କୃତିର ଅଭିଜ୍ଞତା ଲାଭ କରୁଛନ୍ତି ବୋଲି ବାଚସ୍ପତି ମତ ପ୍ରକାଶ କରିଥିଲେ।

ଜିଲ୍ଲାସ୍ତରରେ ପ୍ରଥମ ସ୍ଥାନ ହାସଲ କରିଥିବା ପ୍ରତିଯୋଗିମାନେ ଆସନ୍ତା ୧୩ ଓ ୧୪ ତାରିଖରେ ହେବାକୁ ଥିବା ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ସମଗ୍ର ଶିକ୍ଷା କାର୍ଯ୍ୟାଳୟ ତରଫରୁ ସୂଚନା ମିଳିଛି। କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକର ବ୍ଲକ ଶିକ୍ଷା ଅଧିକାରୀ, ସାଧନ କେନ୍ଦ୍ର ସଂଯୋଜକ, ଶିକ୍ଷକ ଶିକ୍ଷୟତ୍ରୀ, ଶିକ୍ଷକ ସଂଘ, ସମଗ୍ର ଶିକ୍ଷା କାର୍ଯ୍ୟାଳୟ କର୍ମଚାରୀ ଓ ଅଭିଭାବକମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମହେଶ୍ୱରପୁର ଓ ବରୁଆଁରେ ବିଜେଡିର ଜନସମ୍ପର୍କ ପଦଯାତ୍ରା



ଯାଜପୁର,୪।୧୧(ସମିସ): ମହେଶ୍ୱର ପୁର ଓ ବରୁଆଁ ପଞ୍ଚାୟତରେ ବିଜୁ ଜନତା ଦଳର ଜନସଂପର୍କ ପଦଯାତ୍ରା ଓ ସଭା ଅନୁଷ୍ଠିତ ହୋଇଯାଇଛି। ଆଜି ଅପରାହ୍ନରେ ବିଜୁଜନତା ଦଳର ବରିଷ୍ଠ ନେତା ବ୍ରଜକିଶୋର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ମୁଖ୍ୟଅତିଥି ଭାବେ ଯାଜପୁରର ପୂର୍ବତନ ପୌରାଧକ୍ଷ ଭବପ୍ରସାଦ ଦାସ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଶୁଣି ଏହାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଯାଜପୁର ବିଧାୟିକାଙ୍କ ପ୍ରତିନିଧି ପ୍ରକାଶ ତ୍ରିପାଠୀ ପୂର୍ବରୁ ଥିବା ନବୀନ ପଟ୍ଟନାୟକଙ୍କ ସରକାରର ସଫଳତା ଓ ବର୍ତ୍ତମାନ ଡବଲ ଇଞ୍ଜିନ ଥିବା ବିଜେପି ସରକାରଙ୍କ ବିଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁରୂପ ଭାବେ ବରୁଆଁ ପଞ୍ଚାୟତରେ ଯାଜପୁର ବ୍ଲକ୍ ଯୁବ ବିଜେଡି ସଭାପତି ଅଜୟ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମିତିସଭ୍ୟ ରଶ୍ମିରଞ୍ଜନ ମହାନ୍ତି ମୋହନ ମାଝୀ ସରକାରଙ୍କ ୧୬ ମାସର ବିଫଳତା ସମ୍ପର୍କରେ ଅବଗତ କରାଇବା ସହ ଆଗାମୀ ଦିନରେ ବିଜୁ ଜନତା ଦଳକୁ ଅଧିକ ଶକ୍ତିଶାଳୀ କରିବାକୁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହେଶ୍ୱରପୁରରେ ଯାଜପୁର ବ୍ଲକ୍ ସଭାପତି ପରେଶ୍ ବିଶ୍ୱାଳ, ସରପଞ୍ଚ ସୁଜିତ୍ ରାୟ, ପ୍ରଦୀପ ନାୟକ, ଜିଲ୍ଲା ପରିଷଦ ସଭ୍ୟା ସୁନୀତା ରାଉତ, ସମିତିସଭ୍ୟା ସ୍ମୃତିରେଖା ସାମଲ, ଦୀନବନ୍ଧୁ ମଲ୍ଲିକ, ବିଜୟଦଳେଇ, ଗୌରାଙ୍ଗ ସାମଲ, ଅମିତ୍ ରାଉତ୍ ପ୍ରମୁଖ ଉପସ୍ଥିତ ଥିବା ବେଳେ ବରୁଆଁଠାରେ ସରପଞ୍ଚ ଅନାହାର ବାନୋ, ବରିଷ୍ଠ ନେତା ରସୁଲ ବକ୍ସ, ସେକ୍ ଗୋଲମ୍ ଅଲ୍ଲୀ, ନନ୍ଦକିଶୋର ସାହୁ, ପ୍ରତାପ ଭଞ୍ଜ, ଫିରୋଜ୍ ବଦସାହା, ଭଗବାନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଜ୍ଞାନେଶ୍ୱରଦେବଙ୍କ ପୀଠରେ ରୁଦ୍ର ମହାଯଜ୍ଞ



ଧର୍ମଶାଳା, ୪।୧୧(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ନିଳାଦେଇପୁରସ୍ଥିତ ଜ୍ଞାନେଶ୍ୱର ମହାଦେବ ପୀଠରେ ତୃତୀୟ ବାର୍ଷିକ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ ଚାଲିଛି। ସୋମବାର ଯଜ୍ଞମଣ୍ଡପରେ ଘଟସ୍ଥାପନ କରାଯାଇ ଯଜ୍ଞବେଦୀକୁ ଜ୍ଞାନେଶ୍ୱର ମହାଦେବଙ୍କ ଚଳନ୍ତି ପ୍ରତିମାକୁ ଆଗମନ କରାଯାଇ ଯଜ୍ଞକୁଣ୍ଡରେ ଅଗ୍ନିସ୍ଥାପନ କରାଯାଇଥିଲା। ଆଜି ଦ୍ୱିତୀୟ ଦିନରେ ମହାଯଜ୍ଞରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଠାକୁରଙ୍କ କୃପାଲାଭ କରୁଥିଲେ। ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଧର୍ମପତ୍ନୀ ପ୍ରିୟଙ୍କା ମାରାଣ୍ଡି ଏହି ଯଜ୍ଞ କାର୍ଯ୍ୟକ୍ରମରେ ଯୋଗଦେଇ ବିଭୁକୃପା ଲାଭ କରିଥିଲେ। ବୁଧବାର ମହାଯଜ୍ଞର ପୂର୍ଣ୍ଣାହୁତି କରାଯିବ ବୋଲି ଗ୍ରାମବାସୀ ସୂଚନା ଦେଇଛନ୍ତି।

## ଯାଜପୁରରେ ବୁଲିଲା ବାଲିଯାତ୍ରା ପ୍ରଜ୍ଞାପନ ମେଢ଼



ଯାଜପୁର,୪।୧୧(ସମିସ): ଐତିହାସିକ କଟକ ବାଲିଯାତ୍ରାର ସମୃଦ୍ଧ ସାମାଜିକ-ସାଂସ୍କୃତିକ ମହତ୍ତ୍ୱ ଏବଂ ସାମୁଦ୍ରିକ ନୌବାଣିଜ୍ୟ ଐତିହ୍ୟକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ବିଶେଷ ଭାବରେ ପ୍ରସ୍ତୁତ କରାଯାଇଥିବା ବାଲିଯାତ୍ରା ପ୍ରଜ୍ଞାପନ ମେଢ଼ ଆଜି ଯାଜପୁରରେ ପହଞ୍ଚିବା ପରେ ଜିଲ୍ଲା ଅଧିକାରୀ ଏବଂ କର୍ମଚାରୀମାନେ ଭବ୍ୟ ସ୍ୱାଗତ କରିଛନ୍ତି। ନିର୍ଦ୍ଧାରିତ ସମୟ ଅନୁଯାୟୀ ପ୍ରାୟ ଦିନ ୧୨ଟାରେ ପ୍ରଜ୍ଞାପନ ମେଢ଼ଟି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ଏହି ସମୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ, ଡେପୁଟି କଲେକ୍ଟର, ଆସିଷ୍ଟାଣ୍ଟ କଲେକ୍ଟର ଏବଂ ଯାଜପୁର ଜିଲ୍ଲା କାର୍ଯ୍ୟାଳୟର କର୍ମଚାରୀଗଣ ଉପସ୍ଥିତ ରହି ସ୍ୱାଗତ କରିଥିଲେ। ଏହି ପ୍ରଜ୍ଞାପନ ମେଢ଼ଟି ପ୍ରସିଦ୍ଧ କଟକ ବାଲିଯାତ୍ରା ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ଏକ ସଚେତନତା ଅଭିଯାନର ଅଂଶବିଶେଷ। ଐତିହାସିକ ବାଲିଯାତ୍ରା, ପ୍ରାଚୀନ କଳିଙ୍ଗ ଏବଂ ବାଲି, ଜାଭା, ସୁମାତ୍ରା ଓ ବୋର୍ଣ୍ଣିଓ ଭଳି ଦକ୍ଷିଣ-ପୂର୍ବ ଏସୀୟ ଦେଶ ମଧ୍ୟରେ ଚାଲିଥିବା ସାମୁଦ୍ରିକ ନୌବାଣିଜ୍ୟର ଗୌରବମୟ ଅତୀତର ବାର୍ତ୍ତା ନେଇ ଏହି ମେଢ଼ଟି ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଭ୍ରମଣ କରୁଛି। ଏହା ବ୍ୟାସନଗର ଓ ତା'ପରେ ଚଣ୍ଡିଖୋଲ ଅଭିମୁଖେ ଯିବା ପରେ ପଡ଼ୋଶୀ କେନ୍ଦ୍ରାପଡ଼ା ଜିଲ୍ଲା ଅଭିମୁଖେ ଯିବାକୁ କାର୍ଯ୍ୟସୂଚୀ ରହିଛି।

## ବଳରାମପୁରରେ କାର୍ତ୍ତିକ ପୂର୍ଣ୍ଣିମା ମହୋତ୍ସବ



କବାଟବନ୍ଧ,୪।୧୧(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ତାଳଜଙ୍ଗ ପଞ୍ଚାୟତ ବଳରାମପୁର ଉପରଗଡ଼ଠାରେ କାର୍ତ୍ତିକ ପୂର୍ଣ୍ଣିମା ମହୋତ୍ସବ ଅନୁଷ୍ଠିତ ହେଉଛି। ଶ୍ରୀଜଗନ୍ନାଥ ସେବା ସଂଘ ପକ୍ଷରୁ ୫ ଦିନ ଧରି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ପାହାଡ଼ ଉପରେ ଅବସ୍ଥିତ ଏହି ଗାଁରେ ୪ ବର୍ଷ ହେଲା ଏହି କାର୍ତ୍ତିକ ପୂର୍ଣ୍ଣିମା ମହୋତ୍ସବ ଅନୁଷ୍ଠିତ ହୋଇଆସୁଛି। ଏହି ସ୍ଥାନରେ ମହାପ୍ରଭୁ ଜଗନ୍ନାଥଙ୍କ ପୁରାତନ ମନ୍ଦିର ରହିଛି। ପାହାଡ଼ ଉପରେ ଘଞ୍ଚ ଜଙ୍ଗଲ ଓ ପ୍ରାକୃତିକ ପରିବେଶ ଏବଂ ଏହାର ସୌନ୍ଦର୍ଯ୍ୟ ପାଇଁ ଏଠାକୁ ଅନେକ ପର୍ଯ୍ୟଟକ ତଥା ଶ୍ରଦ୍ଧାଳୁ ଆସୁଛନ୍ତି। ମେଳାକୁ ଆକର୍ଷଣୀୟ କରିବା ପାଇଁ ଏଠାରେ ମୀନାବଜାର ପଡ଼ିଛି। ଦୈନିକ ସନ୍ଧ୍ୟାରେ ନାମ ସଂକୀର୍ତ୍ତନ ସହିତ ଭଜନ ପରିବେଷଣ, ଲଉଡ଼ି ଖେଳ, କୁନିକୁନି ପିଲାଙ୍କ ଦ୍ୱାରା ବିଭିନ୍ନ ଗୀତ, ଡ୍ୟାନ୍ସ ଏବଂ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ବାଲୁକା କଳା ଅନ୍ୟତମ ଆକର୍ଷଣ ସାଜିଛି। ଶ୍ରୀଜଗନ୍ନାଥଙ୍କ ବାଲୁକା ଚିତ୍ର ଅତ୍ୟନ୍ତ ସୁନ୍ଦର ଭାବରେ ତିଆରି କରାଯାଇଛି। କାର୍ଯ୍ୟକ୍ରମକୁ ଶ୍ରୀ ଜଗନ୍ନାଥ ସେବା ସଙ୍ଗଠନର ସଦସ୍ୟ ଦିପୁ ଧୀର, ଚିଣ୍ଟୁ ଧୀର, ବିଟୁ ଧୀର, ସ୍ମୃତି ରଞ୍ଜନ ଧୀର, ଦେବୀ ପ୍ରସାଦ ଧୀର, ସବ୍ୟସାଚୀ ଧୀର, ରୁଦ୍ର ପ୍ରସାଦ ଧୀର, ଜ୍ଞାନ ରଞ୍ଜନ ଧୀର, ପ୍ରେମା, ଅନିଲ ବାରିକ, ପ୍ରତୀକ ଧୀର, ଶ୍ରୀକାନ୍ତ ମହାନ୍ତି, ରାଜେଶ ମହାନ୍ତି, ଚକ୍ରଧର ଧୀର, ଲକ୍ଷ୍ମୀଧର ମହାନ୍ତି, ଆଶୁତୋଷ ଧୀର, ବାବୁଲ, ସନ୍ଦୀପ ମହାନ୍ତି, ନାଗେଶ୍ୱର ରାଉତ, ଚୈତନ୍ୟ ଧୀର, ଓମ ଧୀର, ନିରଞ୍ଜନ ପରିଛାଙ୍କ ସମେତ ଅନ୍ୟ ମାନେ ପରିଚାଳନା କରୁଛନ୍ତି।

## ଗୋକର୍ଣ୍ଣେଶ୍ୱର ପୀଠରେ ବଡ଼ଓଷା



ଧର୍ମଶାଳା,୪।୧୧(ସମିସ): ଆଜି ବଡ଼ଓଷା ହୋଇଥିବା ବେଳେ ବିଭିନ୍ନ ଶୈବପୀଠରେ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଛି। ଏହିକ୍ରମରେ ଧର୍ମଶାଳାର ପ୍ରସିଦ୍ଧ ଶୈବପୀଠ ଗୋକର୍ଣ୍ଣେଶ୍ୱର ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗିରହିଥିଲା। ତେବେ ଆଜିର ଏହି ପବିତ୍ର ଦିନରେ ଭକ୍ତମାନେ ମହାଦେବଙ୍କୁ ଦର୍ଶନ କରି ଗଜଭୋଗ ଲାଗୁ କରିଥିଲେ। ଆଜି ଭୋର ସମୟରୁ ପହଡ଼ ଖୋଲାଯାଇ ପ୍ରଭୁଙ୍କୁ ସ୍ନାନ କରାଯିବା ସହ ବଡସିଂହାର ବେଶ, ଧୂପ, ବାଲ୍ୟ ଭୋଗ, ମଙ୍ଗଳ ଆଳତି ଆଦି ବିଧି ମୁତାବକ ପୂଜାର୍ଚ୍ଚନା କରାଯାଇଥିଲା। ମନ୍ଦିରରେ ବାବା ଗୋକର୍ଣ୍ଣେଶ୍ୱରଙ୍କୁ ଦର୍ଶନ ଲାଗି ବହୁ ଦୁରଦୂରାନ୍ତରୁ ଭକ୍ତମାନେ ଛୁଟି ଆସିଥିଲେ।

## ଢିଅସାହିରେ ରାହାସ ପୂଜା



ବ୍ରହ୍ମବରଦା,୪।୧୧(ସମିସ): ରସୁଲପୁର ବ୍ଲକ ବ୍ରହ୍ମବରଦା ଢିଅସାହି ଗ୍ରାମର ସ୍ୱେଚ୍ଛାସେବୀ ସଂଗଠନ ଉତ୍କଳ ଗୌରବ ସେବା ସଂସଦର ୨୬ତମ ବାର୍ଷିକ ଉତ୍ସବ ଓ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ରାହାସ ପୂଜା ପାଳିତ ହେଉଛି। ମୁଖ୍ୟ ପୂଜକ ବିଜୟ କୁମାର ପତି ଓ ତ୍ରୈଲୋକ୍ୟ ପତିଙ୍କ ପୌରୋହିତ୍ୟରେ ମୁଖ୍ୟକର୍ତ୍ତା ନିରାକାର ବେହେରା ଓ ତାଙ୍କ ସହଧର୍ମିଣୀ ବଉଳ ପାତ୍ର ବ୍ରାହ୍ମଣୀନଦୀରୁ ଜଳଉଠାଇ ଏକ ଶୋଭାଯାତ୍ରାରେ ଆସି ପୂଜା ମଣ୍ଡପରେ ସ୍ଥାପନା କରିବା ପରେ ରାହାସ ପୂଜା ଆରମ୍ଭ ହୋଇଥିଲା। ଏହି ରାହସ ପୂଜା କାତ୍ତକ ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲୁରହିବ। ଉକ୍ତ ଦିନ ସଂସଦ ପକ୍ଷରୁ ସଂସ୍କୃତି, ପରମ୍ପରା ଓ ଐତିହ୍ୟର ପ୍ରତୀକ ବୋଇତ ବନ୍ଦାଣ ପର୍ବ ଅନୁଷ୍ଠିତ ହେବା ନେଇ ପୂଜା କମିଟିର ଉପଦେଷ୍ଟା ପ୍ରଦୀପ ଦାସ, ରାକେଶ ଦେଓ, ସଭାପତି ଜିତେନ୍ଦ୍ର ପ୍ରସାଦ ସାହୁ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ସଂସଦର ଉପସଭାପତି ନିତ୍ୟାନନ୍ଦ ରାଉତ, ସମ୍ପାଦକ ନିରାକାର ବେହେରା, ସହ ସମ୍ପାଦକ ମହେଶ ବେହେରା, କୋଷାଧକ୍ଷ ପ୍ରଭାତ ଘଡ଼ାଇ, ଅମିୟ ବେହେରା, ଆର୍ତ୍ତବନ୍ଧୁ ସାହୁ ପ୍ରମୁଖ ସଭ୍ୟ ସହଯୋଗ କରିଛନ୍ତି।

## ମେଗା ସ୍ୱାସ୍ଥ୍ୟ ଶିବିର ନେଇ ପ୍ରସ୍ତୁତି ବୈଠକ



କୟାଁଗୋଲା,୪।୧୧(ସମିସ): ଦଶରଥପୁର ବ୍ଲକ ଅନ୍ତର୍ଗତ ବିରିପଟା ପଞ୍ଚାୟତ ବିରିପଟା ବିଦ୍ୟାଳୟ ପରିସରରେ ସ୍ୱାସ୍ଥ୍ୟ ଶିବିର ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କିମ୍ସ ପକ୍ଷରୁ ବିରିପଟାରେ ତୃତୀୟ ଥର ପାଇଁ ଆସନ୍ତା ୯ ତାରିଖରେରେ ମେଗା ସ୍ୱାସ୍ଥ୍ୟମେଳା ଆୟୋଜନ କରାଯିବ। ଏଥିରେ ସ୍ଥାନୀୟ ଅଞ୍ଚଳର ୧୦ହଜାର ରୋଗୀମାନଙ୍କୁ ଡାକ୍ତରୀ ପରାମର୍ଶ ସହ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ଔଷଧ ବଣ୍ଟନ ଯିବାର ଲକ୍ଷ୍ୟ ରହିଛି। ସମାଜସେବୀ ବିଜୟ କୁମାର ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ କିମ୍ସର ଡେପୁଟି ମେଡିକାଲ ସୁପରିଟେଣ୍ଟ ଡ. ହରିଶ ଚୌଧୁରୀ ଯୋଗ ଦେଇ ସ୍ୱାସ୍ଥ୍ୟମେଳାରେ ହୃଦ୍‌ରୋଗ, ଗ୍ୟାଷ୍ଟ୍ରୋଏଣ୍ଟରୋଲୋଜି, ମେଡିସିନ, ନେଫ୍ରୋଲୋଜି ସମେତ ବିଭିନ୍ନ ବିଭାଗର ୨୫ରୁ ଉର୍ଦ୍ଧ୍ୱ ବିଶେଷଜ୍ଞ ଡାକ୍ତରଙ୍କ ସମେତ ୧ଶହରୁ ଉର୍ଦ୍ଧ୍ୱ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ଯୋଗଦେଇ ଲୋକମାନଙ୍କୁ ଚିକିତ୍ସା ପରାମର୍ଶ କରିବେ। ଏହି ଅବସରରେ ଜିଲ୍ଲା ପରିଷଦ ସଭ୍ୟ ନିନାରାଣୀ ସାମଲ, ଜୟଦେବ ବେହେରା, ତୁଷାର ରଞ୍ଜନ ରାଉତ, ଅକ୍ଷୟ ଧଳ, ଶିକ୍ଷାବିତ ପ୍ରମୋଦ ସ୍ୱାଇଁ, ସମାଜସେବୀ ପ୍ରଦୀପ ମହାନ୍ତି, ପୂର୍ବତନ ସରପଞ୍ଚ ଚିତ୍ତରଞ୍ଜନ ନାୟକ, ରମେଶ ରାଉତ, ମନୋରଞ୍ଜନ ଦାସ, ମନୋଜ ଧଳ, ଚକ୍ରଧର ଦାସ, ପ୍ରମୁଖ ଉପସ୍ଥିତ ରହି ଏହି ମେଗା ସ୍ୱାସ୍ଥ୍ୟ ମେଳା ପରିଚାଳନାରେ ସ୍ଥାନୀୟ ଯୁବକ, ସମାଜସେବୀ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହଯୋଗ କାମନା କରିଥିଲେ।

## ଜଙ୍ଗଲ ଜମିରୁ ଜବର ଦଖଲ ଉଚ୍ଛେଦ

ଧର୍ମଶାଳା,୪।୧୧(ସମିସ): ଧର୍ମଶାଳା ତହସିଲ ଅନ୍ତର୍ଗତ କୁମାରୀ ପଞ୍ଚାୟତ ଜାମୁବଣିଆ ମୌଜାରେ ଜଙ୍ଗଲ କିସମ ଜମିରେ ଜବର ଦଖଲ କରି ରହିଥିବା ଜଣେ ବ୍ୟବସାୟୀଙ୍କୁ ଆଜି ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ସୂଚନା ଅନୁଯାୟୀ ମନିସା ଟେଣ୍ଟ ହାଉସର ମାଲିକ ଶରତ ଚନ୍ଦ୍ର ନାୟକ ଜାରକା ନିକଟସ୍ଥ ଜାମୁବଣିଆ ମୌଜାରେ ଦୀର୍ଘ ବର୍ଷ ଧରି ଘର କରି ରହିବା ସହ ନିଜର ଟେଣ୍ଟ ହାଉସ ଜିନିଷ ରଖୁଥିଲେ। ତେବେ ଯାଜପୁର ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଚାଲିଥିବା ବେଳେ ଜାମୁବଣିଆଁ ମୌଜାରେ ଜଙ୍ଗଲ କିସମ ଜମିରେ ଜବର ଦଖଲ କରି ରହୁଥିବା ଟେଣ୍ଟ ହାଉସ ମାଲିକଙ୍କୁ ତହସିଲ ପକ୍ଷରୁ ଉଚ୍ଛେଦ ଲାଗି ନୋଟିସ ଜାରି କରାଯାଇଥିଲା। ହେଲେ ଏହାକୁ ଘର ମାଲିକ ହେୟଜ୍ଞାନ ମଣିଥିଲେ। ଯାହା ଫଳରେ ଆଜି ଧର୍ମଶାଳା ଅତିରିକ୍ତ ତହସିଲଦାର ଗଗନ ବିହାରୀ ଦାସ ପୁଲିସ ସହାୟତାରେ ଏକ ପ୍ଲାଟୁନ ଫୋର୍ସ ନେଇ ସେଠାରେ ପହଞ୍ଚି ଜବର ଦଖଲ ଜମିରୁ ଜେସିବି ସାହାଯ୍ୟରେ ବ୍ୟବସାୟୀଙ୍କୁ ଉଚ୍ଛେଦ କରିଛନ୍ତି।

## ବରୀରେ ଜମୁଛି କାର୍ତ୍ତିକେଶ୍ୱର ପୂଜା



ବରୀ,୪।୧୧(ସମିସ): ପବିତ୍ର କାର୍ତ୍ତିକବ୍ରତ ଅବସରରେ ବରୀ ବ୍ଲକର ବିଭିନ୍ନ ସ୍ଥାନରେ କାର୍ତ୍ତିକେଶ୍ୱର ଏବଂ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତୀ ମହାସମାରୋହରେ ପୂଜା ପାଉଥିବା ଦେଖିବାକୁ ମିଳିଛି। ପ୍ରତ୍ୟେହ ବଡ଼ି ଭୋରୁ ଶ୍ରଦ୍ଧାଳୁମାନେ ସ୍ନାନ ସାରି ବିଭିନ୍ନ ଦେବାଳୟକୁ ଯାଇ ପୂଜାର୍ଚ୍ଚନା କରିବାସହ ପ୍ରାତଃ ଆଳତି ଦର୍ଶନ କରୁଛନ୍ତି। ବାଲିଆ କଲେଜ ଛକ ନିଟକସ୍ଥ ହରିଚନ୍ଦନସାହିରେ ସୁନ୍ଦର ତୋରଣ ସାଙ୍ଗକୁ ବେଶ ସୁସଜ୍ଜିତ ପୂଜା ମଣ୍ଡପରେ ଶ୍ରୀଜଗନ୍ନାଥ ପୂଜା ପାଉଛନ୍ତି। ଭଗବାନଙ୍କ ଦଶବତାର ମୂର୍ତ୍ତୀ ଶ୍ରଦ୍ଧାଳୁମାନଙ୍କ ଦୃଷ୍ଟି ଆକର୍ଷଣ କରୁଛି। ସନ୍ଧ୍ୟା ସମୟରେ ଭଜନ, ପ୍ରବଚନ ଓ ଆଲୋଚନାଚକ୍ର ଅନୁଷ୍ଠିତ ହେଉଛି। କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ଏଠାରେ ପାରମ୍ପାରିକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

## ବାଲିଆ ଡିଗ୍ରୀ ମହାବିଦ୍ୟାଳୟର ନୂଆ ଅଧ୍ୟକ୍ଷ



ବରୀ,୪।୧୧(ସମିସ): ବରୀ ବ୍ଲକର ଦ୍ୱିତୀୟ ପୁରାତନ ଅଭିମନ୍ୟୁ ସାମନ୍ତସିଂହାର ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଭାବେ ଡ. ରବିନ୍ଦ୍ର କୁମାର ଦାସ ମଙ୍ଗଳବାର ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଡ. ଦାସ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଅଧ୍ୟାପକ ଭାବେ କାର୍ଯ୍ୟକରି ଛାତ୍ରଛାତ୍ରୀ, ଅଭିଭାବକ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନଙ୍କ ଦ୍ୱାରା ବେଶ୍ ଲୋକପ୍ରିୟ ହୋଇପାରିଛନ୍ତି। ବିଦଗ୍ଧ କବିଙ୍କ ନାମରେ ନାମିତ ମହାବିଦ୍ୟାଳୟରେ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ଆଗାମୀ ଦିନରେ ମୁଖପତ୍ର ପ୍ରକାଶ କରିବା, ଶିକ୍ଷାଦାନ କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି ସାଙ୍ଗକୁ ଛାତ୍ରଛାତ୍ରୀନଙ୍କ ମଧ୍ୟରେ ମାତୃଭାଷା ପ୍ରତି ଆଗ୍ରହ ସୃଷ୍ଟି କରିବା ଦିଗରେ କାର୍ଯ୍ୟକରିବେ ବୋଲି ସେ କହିଛନ୍ତି।

## ଜିନ୍ଦଲ ଦ୍ୱାରା 'ପ୍ରୋଜେକ୍ଟ ସକ୍ଷମ'ର ଶୁଭାରମ୍ଭ



ଦାନଗଦି,୪।୧୧(ସମିସ): ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ ସହିତ ମିଳିତ ଭାବରେ ମହାଶକ୍ତି ଫାଉଣ୍ଡେସନ ଦ୍ୱାରା ଦାନଗଦି ସ୍ଥିତ ଦାନଗଦୀ ଭବନ ପରିସରରେ ପ୍ରୋଜେକ୍ଟ 'ସକ୍ଷମ'ର ଉଦଘାଟନ ହୋଇଯାଇଛି। ଗ୍ରାମୀଣ ମହିଳାମାନଙ୍କୁ ସଶକ୍ତ କରିବା ଏବଂ ଏହି ଅଞ୍ଚଳରେ ସ୍ୱୟଂ ସହାୟକ ଗୋଷ୍ଠୀକୁ ସୁଦୃଢ଼ କରିବା ପାଇଁ ଚାଲିଥିବା ପ୍ରୟାସରେ ଏହା ଏକ ପଦକ୍ଷେପ। ଯାଜପୁର ପ୍ଲାଣ୍ଟ ଆଖପାଖରେ ଥିବା ୩୦ଟି ଗ୍ରାମରେ ୩,୨୦୦ ମହିଳାଙ୍କୁ ନେଇ ୩୦୦ ସ୍ୱୟଂସହାୟକ ଗୋଷ୍ଠୀ ପ୍ରତିଷ୍ଠା କରାଯାଇଛି। ଏହି ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ମାଧ୍ୟମରେ, ମହିଳାମାନଙ୍କୁ ଆୟ ସୃଷ୍ଟିକାରୀ ତାଲିମ, ନଥିପତ୍ର ପ୍ରସ୍ତୁତି ତାଲିମ, ବିଭିନ୍ନ କାର୍ଯ୍ୟକ୍ରମକୁ ନେଇ ପରିଦର୍ଶନ କରାଇବା, ସରକାରୀ ସୁବିଧା ସୁଯୋଗ ପାଇବା ପାଇଁ ଉପଯୁକ୍ତ ମାର୍ଗଦର୍ଶନ ଏବଂ ବ୍ୟାଙ୍କ ଋଣ ପାଇବାରେ ସହାୟତା ପ୍ରଦାନ ଆଦି କାର୍ଯ୍ୟକ୍ରମ କରାଯାଉଛି। ସକ୍ଷମ ପ୍ରକଳ୍ପର ଲକ୍ଷ୍ୟ ହେଉଛି ସ୍ୱୟଂ ସହାୟକ ଗୋଷ୍ଠୀ-ଭିତ୍ତିକ କାର୍ଯ୍ୟକଳାପର ପ୍ରଭାବକୁ ଗଭୀର କରିବା ଏବଂ ମହିଳାମାନଙ୍କ ଆର୍ଥିକ ଅନ୍ତର୍ଭୁକ୍ତିକୁ ବୃଦ୍ଧି କରିବା। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଦାନଗଦି ବ୍ଲକ ମଣ୍ଡଳ ବିକାଶ ଅଧିକାରୀ ପ୍ରଦୀପ କୁମାର ସେଠୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ନନ୍ଦିନୀ ଲେଙ୍କା, ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଶାନ୍ତ କୁମାର ରାୟ, ଜିନ୍ଦଲ ସିଏସ୍‌ଆର ପ୍ରତିନିଧି ହେମନ୍ତ କୁମାର ବାହାଲିଆ, ପ୍ରକଳ୍ପ ପରିଚାଳିକା, ମହାଶକ୍ତି ଫାଉଣ୍ଡେସନ୍ ସତ୍ୟଜିତା ଷଡଙ୍ଗୀ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୮ଟି ଗାଁର ୧୦୦ଟି ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରତିନିଧିତ୍ୱ କରୁଥିବା ୨୧୦ ଜଣ ମହିଳା ଅଂଶଗ୍ରହଣ କରିଥିଲେ।

## ମୁଣ୍ଡିଆ ମାରୁଥିବା ବେଳେ ଟଳି ପଡ଼ିଲେ ମହିଳା

ବରୀ,୪।୧୧(ସମିସ): କାର୍ତ୍ତିକେଶ୍ୱରଙ୍କୁ ମୁଣ୍ଡ ନୁଆଁଇ ପ୍ରଣାମ କରୁଥିବା ଜଣେ ମହିଳା ଦୀର୍ଘ ସମୟ ଧରି ନ ଉଠିବାରୁ ସେଠାରେ ଉପସ୍ଥିତ ଥିବା ଶ୍ରଦ୍ଧାଳୁମାନେ ତାଙ୍କୁ ଉଠେଇବାକୁ ଚେଷ୍ଟା କରିଥିବାବେଳେ ସେ ଟଳି ପଡିଥିଲେ। ପରେ ତାଙ୍କୁ ଡାକ୍ତରଖାନାକୁ ନେଇଥିବାବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏମିତି ଏକ ଅଭାବନୀୟ ଘଟଣା ଘଟିଛି ବରୀ ବ୍ଲକ୍ ଅର୍ନ୍ତଗତ ଧାରପୁର ଲାଇଫ୍ କ୍ଲବ ନିକଟରେ। ମୃତ ମହିଳା ଜଣକ ଧାରପୁର ଗ୍ରାମର ସମୀର ଜେନାଙ୍କ ପତ୍ନୀ ଜାନକୀ ଜେନା(୪୮)। ସ ମଙ୍ଗଳବାର ସକାଳୁ ସ୍ନାନ ସାରି ଧାରେଶ୍ୱର ମହାଦେବଙ୍କ ଦର୍ଶନ କରିବାକୁ ଯାଇଥିଲେ। ସେଠାରୁ ଦର୍ଶନ ସାରି ଫେରିବା ପରେ ନିଜ ଘର ପାଖରେ ପୂଜା ପାଉଥିବା "ସପ୍ତା' ଠାକୁରଙ୍କ ନିକଟରେ ପ୍ରଣାମ କରୁଥିବାବେଳେ ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କର ଏଭଳି ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଥିବାବେଳେ ମୃତ୍ୟୁ ଏମିତି ବି ଆସେ ବୋଲି ଚର୍ଚ୍ଚା ହେଉଛି।

## ମୋରମ ବୋଝେଇ ହାଇୱା ଜବତ




ବାଲିଚନ୍ଦ୍ରପୁର,୪।୧୧(ସମିସ): ମୋରମ ବୋଝେଇ ଏକ ହାଇୱା ଗାଡି (ଓଡି୦୯ ସି-୮୩୦୫)କୁ ଜବତ କରାଯାଇଛି। ଖଣି ବିଭାଗ ଓ ବାଲିଚନ୍ଦ୍ରପୁର ଥାନା ପୁଲିସର ମିଳିତ ଚଢ଼ଉ କରାଯାଇ ଏହି ଟ୍ରକ୍‌କୁ ଅଧିକାରୀମାନେ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ କୃଷ୍ଣଦାସପୁର ଛକ ନିକଟରୁ ଜବତ କରାଯାଇଥିଲା। ତେବେ ଗାଡି ଚାଳକକୁ ଥାନାରେ ଅଟକ ରଖାଯାଇ ତଦନ୍ତ ଚାଲୁ ରହିଥିବା ନେଇ ଥାନାଧିକାରୀ ସମରଜିତ ନାୟକ ସୂଚନା ଦେଇଛନ୍ତି।

## ଫେରୋ ଆଲଏଜ୍ ବିକ୍ରି ପାଇଁ ଚୁକ୍ତିନାମା

ଦାନଗଦି,୪।୧୧(ସମିସ): ଟାଟା ଷ୍ଟିଲ ଲିମିଟେଡ୍ ଓଡିଶାର ଯାଜପୁର ସ୍ଥିତ ଏହାର ଫେରୋ ଆଲଏଜ୍ କାରଖାନା ବିକ୍ରୟ ପାଇଁ ଇଣ୍ଡିଆନ ମେଟାଲ୍ସ ଏଣ୍ଡ ଫେରୋ ଆଲଏଜ୍ ଲିମିଟେଡ୍ (ଆଇଏମ୍‌ଏଫ୍‌ଏ) ସହିତ ଏକ ଆସେଟ୍ ଟ୍ରାନ୍ସଫର ଚୁକ୍ତିନାମା ସ୍ୱାକ୍ଷର କରିଛି। ଯାହାର ମୂଲ୍ୟ ୬୧୦ କୋଟି ଟଙ୍କା ଅଟେ। ଆବଶ୍ୟକୀୟ ସ୍ୱୀକୃତି ମିଳିବା ପରେ ଏହି କାରବାର ୩ ମାସ ମଧ୍ୟରେ ସମାପ୍ତ ହେବା ନେଇ ଆଶା କରାଯାଉଛି।

# ଗ୍ରାମ କମିଟି ଦ୍ୱାରା ଗାଁ ରାସ୍ତା ସଫେଇ

ଶଙ୍ଖଚିଲା,୪।୧୧(ସମିସ)



ଗାଁର ସୌନ୍ଦର୍ଯ୍ୟକରଣ ପାଇଁ ଅଣ୍ଟା ଭିଡ଼ିଲେ ଗାଁ କମିଟି। କୋରେଇ ବ୍ଲକ ଅନ୍ତର୍ଗତ ଖମଣ ଗ୍ରାମପଞ୍ଚାୟତ ନାଉଡୁପୁର ଗ୍ରାମ କମିଟି ପକ୍ଷରୁ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ଏହି ସଫେଇ କାର୍ଯ୍ୟକ୍ରମରେ ଗ୍ରାମ ମୁଣ୍ଡରେ ଥିବା କାହ୍ନୁଗୋସେଇଁ ମନ୍ଦିର ଠାରୁ ହନୁମାନ ମଠ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାଟିରେ ଦୀର୍ଘ ବର୍ଷ ଧରି ପଡ଼ି ରହିଥିବା ବୋଝ ବୋଝ ଅଳିଆ ଆବର୍ଜନାକୁ କମିଟିର ସଦସ୍ୟ ମାନେ ସଫା କରିଥିଲେ। ପୂର୍ବରୁ ପଡିରହିଥିବା ଅଳିଆ ଆବର୍ଜନା ଯୋଗୁଁ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହେଉଥିଲା ଏବଂ ଅନେକ ଦୁର୍ଘଟଣା ମଧ୍ୟ ଘଟୁଥିଲା। ଖାଲି ସେତିକି ନୁହେଁ, ରାସ୍ତା ଉପରକୁ ମାଡ଼ିଆସିଥିବା ଗଛ ଲତା ଅନେକ ଅସୁବିଧା ଆଣୁଥିବାରୁ ତାକୁ ମଧ୍ୟ ରାସ୍ତାରୁ ସଫା କରାଯାଇଛି। କମିଟିର ସଦସ୍ୟ ମାନେ ନିଜ ନିଜ ହାତରୁ କିଛି କିଛି ଟଙ୍କା ଆଦାୟ କରି ଏହାକୁ ସଫା କରିଛନ୍ତି। ଗ୍ରାମ କମିଟି ପକ୍ଷରୁ ଗ୍ରାମମୁଖ୍ୟ ଚକ୍ରଧର ସାହୁ, ରମାକାନ୍ତ ସାହୁ, ଜିତେନ୍ଦ୍ର କୁମାର ସାହୁ, ରଘୁନାଥ ସାହୁ, ଅଶୋକ କୁମାର ସାହୁ, ରମେଶ ଚନ୍ଦ୍ର ବାରିକ, ବିଜୟ କୁମାର ସାହୁ, ତଳସାହି ଗ୍ରାମ ମୁଖ୍ୟ ବିଦ୍ୟାଧର ବେହେରା, ରମେଶ ଚନ୍ଦ୍ର ସାହୁ, ଅନିରୁଦ୍ଧ ସାହୁ, ଜଗବନ୍ଧୁ ବେହେରା, ବିଜୟ କୁମାର ଅଧିକାରୀ, ପ୍ରମୋଦ କୁମାର ସାହୁ, ଶଶିକାନ୍ତ ସାହୁ, ଦଳିତ ସାହିର ମୁଖ୍ୟ ନରହରି ମଳିକ, ନିର୍ମଳ କୁମାର ମଳିକ, ବିଭୁତି ମଳିକ ପ୍ରମୁଖ ଉପସ୍ଥିତ ରହି ସମସ୍ତ ପ୍ରକାରର ସହଯୋଗ କରିଥିଲେ।

## ଶ୍ରୀଜଗନ୍ନାଥ ଓ କୁଞ୍ଜବିହାରୀ ମନ୍ଦିରରେ ପଞ୍ଚୁକ ଉତ୍ସବ



**ଖୋର୍ଦ୍ଧା,୪।୧୧(ସମିସ):** ପବିତ୍ର କାର୍ତ୍ତିକ ମାସରେ ଖୋର୍ଦ୍ଧା ଗଜପତିଙ୍କ ଦ୍ୱାରା ସ୍ଥାପିତ ଗଡ଼ଖୋର୍ଦ୍ଧାର ୫୦୦ ବର୍ଷର ଗୌରାବାବହ ପ୍ରଥମ ନବକଳେବର ହୋଇଥିବା ଲୀଳାକ୍ଷେତ୍ର ଶ୍ରୀଜଗନ୍ନାଥ ମନ୍ଦିର ଓ ସନ୍ନିକଟ ଭବ୍ୟ କୁଞ୍ଜବିହାରୀ ମନ୍ଦିରରେ ପଞ୍ଚୁକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ପାଞ୍ଚଟି ଦିବ୍ୟ ବେଶ ଯଥା- ପ୍ରଥମ ଦିବସରେ ଲକ୍ଷ୍ମୀନାରାୟଣ ବେଶ, ଦ୍ୱିତୀୟ ଦିବସରେ ବାଙ୍କଚୂଡ଼ା ବେଶ, ତୃତୀୟ ଦିବସରେ ଆଡ଼କିଆ ବେଶ, ଚତୁର୍ଥ ଦିବସରେ ତ୍ରିବିକ୍ରମ ବେଶ ଦର୍ଶନ କରିବାକୁ ଶହ ଶହ ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥିଲା। ପୂର୍ଣ୍ଣମୀ ଦିନ ସ୍ୱର୍ଣ୍ଣ ରୌପ୍ୟ ବିମଣ୍ଡିତ ପ୍ରଭୁଙ୍କ ରାଜ ରାଜେଶ୍ୱର ବେଶ ସର୍ବାଧିକ ଚିତାକର୍ଷକ। ପ୍ରତିଦିନ ଆକାଶ ଦୀପ, ଏକାଦଶୀରେ ମନ୍ଦିର ଉପରେ ପ୍ରଜ୍ୱଳିତ ମହାଦୀପ ଦେଖିବାକୁ ବହୁ ହବିଷିଆଳି ଓ କୀର୍ତ୍ତନିଆ ସମବେତ ହୋଇଥିଲେ। ରାଧାବଲ୍ଲଭ ମନ୍ଦିର ଭାଗବତ ପ୍ରଚାର ସମିତି ଓ ବାଇପାସ୍ ପାଶ୍ୱର୍ସ୍ଥ ଚୈତନ୍ୟ ମନ୍ଦିରର ସାଧୁସନ୍ଥ ଓ ଭକ୍ତମାନେ ଏହି ଯମଜ ମନ୍ଦିରକୁ ପରିକ୍ରମାରେ ଆସି ଭଜନ କୀର୍ତ୍ତନ କରିଥିଲେ। ମୁଖ୍ୟ ପରିଚାଳକ ରମାକାନ୍ତ ପାଟଯୋଷୀଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଯୁବକଙ୍କ ଦ୍ୱାରା ଶାନ୍ତି ଶୃଙ୍ଖଳା ସହ ଏହି କାର୍ଯ୍ୟ ସମାପନ ହୋଇଥିଲା।

## ବଡ଼ଓଷା ପାଇଁ ଧବଳେଶ୍ୱର ପୀଠ ଉତ୍ସବମୁଖର

**ବାଲୁଗାଁ,୪।୧୧(ସମିସ):** ପବିତ୍ର କାର୍ତ୍ତିକ ମାସର ପଞ୍ଚୁକ ଚାଲିଥିବାବେଳେ ବୈକୁଣ୍ଠ ଚତୁର୍ଦ୍ଦଶୀ ତଥା ବଡ଼ଓଷା ଉପଲକ୍ଷେ ମଙ୍ଗଳବାର ବିଭିନ୍ନ ଶୈବପୀଠ ବେଶ୍ ଚଳଚଞ୍ଚଳ ହୋଇ ଉଠିଥିଲା। ତନ୍ମଧ୍ୟରୁ ବଡ଼ଓଷା ପାଇଁ ସୁପ୍ରସିଦ୍ଧ ବାଲୁଗାଁ ନିକଟସ୍ଥ ଧୂଆଁଳ ଗ୍ରାମସ୍ଥିତ ଶ୍ରୀଧବଳେଶ୍ୱର ଦେବଙ୍କ ପୀଠରେ ପ୍ରବଳ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଭୋରରୁ କାର୍ତ୍ତିକ ବ୍ରତଧାରୀ ଶ୍ରୀଧବଳେଶ୍ୱର ଦେବଙ୍କ ପୀଠରେ ଧାଡ଼ିବାନ୍ଧି ଛିଡ଼ା ହୋଇ ଠାକୁରଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରି ଆଶୀର୍ବାଦ କାମନା କରିଥିଲେ। ସେହିପରି ଅନ୍ୟାନ୍ୟ ଶୈବପୀଠ ବାଲୁଗାଁ ସ୍ଥିତ ଶ୍ରୀଉମାମହେଶ୍ୱର ଦେବ, ଗବପଦର ବିଜେ ଶ୍ରୀରାମେଶ୍ୱର ଦେବ, ବାଲୁଗାଁସ୍ଥିତ ଶ୍ରୀସିଙ୍ଗେଶ୍ୱର ଦେବ, ଆଙ୍କୁଲାସ୍ଥିତ ଶ୍ରୀବାଲୁଙ୍କେଶ୍ୱର ଦେବ, ଶ୍ରୀଜଳେଶ୍ୱର ଦେବ ଓ ଶ୍ରୀକଳିଯୁଗେଶ୍ୱର ଦେବଙ୍କ ପୀଠରେ ଠାକୁରଙ୍କ ଦର୍ଶନ ନିମନ୍ତେ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।

## ଲକ୍ଷ୍ମୀନୃସିଂହ ବେଶରେ ଶ୍ରୀରଙ୍ଗନାଥ ଦେବ



**ବାଣପୁର,୪।୧୧(ସମିସ):** ଭଗବତୀ କ୍ଷେତ୍ର ବାଣପୁରର ଇଷ୍ଟଦେବ ଶ୍ରୀରଙ୍ଗନାଥ ଦେବଙ୍କ ଦୀର୍ଘ ୨୫ଦିନ ଧରି ରାଧାଦାମୋଦର ବେଶରେ ଦର୍ଶନ ଦେବା ପରେ ପଞ୍ଚୁକ ପାଞ୍ଚ ଦିନ ପ୍ରଭୁ ପାଞ୍ଚ ପ୍ରକାର ଭିନ୍ନ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି।

ଏପରି ସ୍ଥଳରେ ପଞ୍ଚୁକର କାର୍ତ୍ତିକ ଶୁକ୍ଳ ବୈକୁଣ୍ଠ ଚତୁର୍ଦ୍ଦଶୀ ବଡ଼ଓଷା ଉପଲକ୍ଷେ ମଙ୍ଗଳବାର ପ୍ରଭୁ ଶ୍ରୀରଙ୍ଗନାଥ ଦେବ ଲକ୍ଷ୍ମୀନୃସିଂହ ବେଶ ତଥା ଆଡ଼ିକିଆ ବେଶରେ ସୁସଜ୍ଜିତ ହୋଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ଆଡ଼ିକିଆ ବେଶରେ ଶ୍ରୀଜୀଉମାନେ ଶ୍ରୀମସ୍ତକରେ ସ୍ୱର୍ଣ୍ଣ କିରୀଟ, କୁଣ୍ଡଳ, ଶ୍ରୀଭୁଜ ଶ୍ରୀପୟର ଆଡ଼କାନି, ଓଡ଼ିଆଣି ହରଡ଼ ମାଳି, କଦମ୍ବ ମାଳି, ଶଙ୍ଖ, ଚକ୍ର ଓ ଶ୍ରୀବଳଭଦ୍ର ଦେବ ହଳ, ମୂଷଳ ଧାରଣ କରି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି।

ମହାପ୍ରଭୁଙ୍କ ଏହି ଦୁର୍ଲ୍ଲଭ ବେଶ ଦର୍ଶନ ନିମନ୍ତେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇ ମହାପ୍ରଭୁଙ୍କ ଦର୍ଶନ କରି ଆଶୀର୍ବାଦ ଲାଭ କରିଥିଲେ। ମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତା ଦେବଦତ୍ତ ପାଣି, ଦାଶରଥି ସାହୁ, ବାଳମୁକୁନ୍ଦ ଦାସ, ଚନ୍ଦ୍ରଶେଖର ହୋତା ଓ ପଦ୍ମଚରଣ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳାର ସହ କାର୍ଯ୍ୟକ୍ରମକୁ ସୁପରିଚାଳନା କରୁଛନ୍ତି।

## ବାବା ଧବଳେଶ୍ୱରଙ୍କ ପୀଠରେ ବଡ଼ଓଷା

# ବାବାଙ୍କ ହାବୁକା ଦର୍ଶନ ପାଇଁ ପ୍ରବଳ ଗହଳି

ଖୋର୍ଦ୍ଧା,୪।୧୧(ସମିସ)

ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ଗୁରୁଜଙ୍ଗ ବାବା ଧବଳେଶ୍ୱରଙ୍କ ପୀଠରେ ବଡ଼ଓଷା ପର୍ବ ପାଳିତ ହୋଇଛି। ଭୋର୍ ୩ଟାରେ ମନ୍ଦିର ପହଡ଼ ଖୋଲିବାରେ ଧବଳେଶ୍ୱରଙ୍କ ନିକଟରେ ଭୋର୍ ୪ଟାରେ ବାଳଭୋଗ ଓ ଶଙ୍ଖୁଡ଼ି ଭୋଗ କରାଯାଇ ପରେ ସାହାଣମେଳା ଦର୍ଶନ କରାଯାଇଥିଲା। ଏଥିସହିତ ଠାକୁରଙ୍କ ପାଖରେ ମଙ୍ଗଳ ଆଳତି, ବଡ଼ସିଂହାର ବେଶ, ସନ୍ଧ୍ୟାଧୂପ ଯଥାରୀତି ଅନୁସାରେ ହେଉଥିଲା। ଏହାପରେ ହଜାର ହଜାର ଭକ୍ତଙ୍କ ସମାଗମ ଉକ୍ତ ପୀଠରେ ହୋଇଥିବାବେଳେ ଭିଡ଼ ନିୟନ୍ତ୍ରଣ ପାଇଁ ପୁଲିସ ତରଫରୁ ଧାଡ଼ିବାନ୍ଧି ଦର୍ଶନ ବ୍ୟବସ୍ଥା କରାଯାଇଥିଲା। ପ୍ରତିବର୍ଷ ଭଳି ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁମାନେ ଧବଳେଶ୍ୱରଙ୍କ ହାବୁକା ଦର୍ଶନ କରି ଭୋଗ କରିଥିଲେ।

ପୂର୍ବାହ୍ନରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ଧବଳେଶ୍ୱରଙ୍କ ଦର୍ଶନ କରିଥିବାବେଳେ ତିନିଦିନବ୍ୟାପୀ ଚାଲିବାକୁ ଥିବା ବଡ଼ଓଷା ପର୍ବକୁ ନେଇ ଗୁରୁଜଙ୍ଗ ଗାଁ ମୁଣ୍ଡରୁ ଘରକରଣା ଉପକରଣଠାରୁ କୃଷି ଉପକରଣ ଏବଂ ଚଟ୍‌ପଟି ଖାଦ୍ୟ ଭଳି ମାଲମାଲ ଦୋକାନ ଖୋଲିଛି। ମୁଖ୍ୟତଃ ପଡ଼ୋଶୀ ନୟାଗଡ଼, ଗଞ୍ଜାମ, କନ୍ଧମାଳ ପ୍ରଭୃତି ଅଞ୍ଚଳରୁ ଡାଲା, ବାଉଁଶିଆ ଧରି ଆସିଥିବା ବ୍ୟବସାୟୀଙ୍କ ଦୋକାନରେ ବେଶ୍ ଭିଡ଼ ଜମୁଛି। ବିଶ୍ୱାସ ରହିଛି ବଡ଼ଓଷା ଦିନରେ ମହାଦେବ ଧବଳେଶ୍ୱରଙ୍କ ହାବୁକା ଦର୍ଶନ କରି ମାନସିକ କଲେ ମନସ୍କାମନା ପୂରଣ ହୋଇଥାଏ। ମାନସିକ ପୂରଣ ହେଲେ ମାନସିକଧାରୀମାନେ ଅଟକାଳି ଭୋଗ କରି ନିଜେ ପାଇବା ସହ ବଣ୍ଟନ କରିଥା'ନ୍ତି। ମନ୍ଦିରର ସେବାୟତଙ୍କ ସହଯୋଗରେ ଏହି ଭୋଗ ସହିତ ଗଜଭୋଗ ମଧ୍ୟ ପ୍ରସ୍ତୁତ ହୋଇଥାଏ। ରାତି ପର୍ଯ୍ୟନ୍ତ ବହୁ ସଂଖ୍ୟାରେ ପୁରୁଷ ଏବଂ ମହିଳା ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ଟ୍ରଷ୍ଟ ପକ୍ଷରୁ ଅଟକାଳି ଭୋଗ ପ୍ରସ୍ତୁତ କରାଯାଇ ବଣ୍ଟନ କରାଯାଇଥିଲା। ମାନସିକଧାରୀମାନେ ବଡ଼ଓଷାରେ ଗଜଭୋଗ ଓ ହାଣ୍ଡିଭୋଗ, ଚୂଡ଼ାଘଷା ପ୍ରଭୃତି ଭୋଗଲାଗି କରୁଥିବାବେଳେ ଅଟକାଳି ଭୋଗରେ ଏକ ମହତ୍ୱ ରହିଛି। ମନ୍ଦିର ପରିସର ଏକପ୍ରକାର ଅଟକାଳି ବାସ୍ନାରେ ମହକୁଛି। ସ୍ପେଶାଲ ଗଜଭୋଗ ଲାଗି ହୋଇଛି। ବଡ଼ଓଷା ପାଇଁ ଗୁରୁଜଙ୍ଗ ଅଞ୍ଚଳ ପ୍ରବଳ ଜନସମାଗମ ହୋଇଛି। ଭିଡ଼ ନିୟନ୍ତ୍ରଣ କରିବାକୁ ଜିଲ୍ଲା ପୁଲିସ ତରଫରୁ ୨ ପ୍ଲାଟୁନ୍ ଫୋର୍ସ ନିୟୋଜିତ ଅଛନ୍ତି। ଏଥିସହିତ ମନ୍ଦିର ଟ୍ରଷ୍ଟ ତରଫରୁ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ଲାଗି ଧାଡ଼ି ବ୍ୟବସ୍ଥା କରାଯାଇଛି। ପ୍ରାୟ ୨୫ ହଜାର ଭକ୍ତଙ୍କ ସମାଗମ ହୋଇଥିବା ଧବଳେଶ୍ୱର ଟ୍ରଷ୍ଟ ପକ୍ଷରୁ ମ୍ୟାନେଜିଂ ଟ୍ରଷ୍ଟି ବଦ୍ରି ନାରାୟଣ ସାହୁ ଓ ଟ୍ରଷ୍ଟି ତଥା ବରିଷ୍ଠ ସାମ୍ବାଦିକ ଶୁଭ୍ରାଂଶୁ ସାମନ୍ତରାୟ ସୂଚନା ଦେଇଛନ୍ତି। ବଡ଼ଓଷା ପର୍ବ ପରେ ମନ୍ଦିର ଶୋଧନ କରାଯାଇ ଠାକୁରଙ୍କ ବେଢ଼ା ପରିକ୍ରମା ନୀତି କରାଯାଇଥିଲା। ଠାକୁରଙ୍କୁ ସୁସଜ୍ଜିତ ବିମାନରେ ମନ୍ଦିର ଚତୁଃପାର୍ଶ୍ୱରେ ପରିକ୍ରମା କରାଯାଇଥିଲା। ଅନ୍ୟପକ୍ଷରେ ବୁଧବାର କାର୍ତ୍ତିକ ପୂର୍ଣ୍ଣିମା। ଭୋର୍ ସମୟରୁ ସମସ୍ତ କାର୍ତ୍ତିକ ବ୍ରତଧାରୀଙ୍କ ସହ ଅନ୍ୟ ଜନସାଧାରଣ ଧର୍ମ ଡଙ୍ଗା ଭସାଇବା ପାଇଁ ପୋଖରୀରେ ବ୍ୟବସ୍ଥା କରାଯାଇଛି। ଧବଳେଶ୍ୱର ଟ୍ରଷ୍ଟ ପକ୍ଷରୁ ମ୍ୟାନେଜିଂ ଟ୍ରଷ୍ଟି ବଦ୍ରି ନାରାୟଣ ସାହୁ, ଟ୍ରଷ୍ଟି ତଥା ବରିଷ୍ଠ ସାମ୍ବାଦିକ ଶୁଭ୍ରାଂଶୁ ସାମନ୍ତରାୟ, କୃଷ୍ଣଚନ୍ଦ୍ର ସାହୁ ଏବଂ ଶତାଧିକ ଯୁବ ସ୍ୱେଚ୍ଛାସେବୀ ସାମିଲ ହୋଇ ସୁରୁଖୁରୁରେ ଏହି ଯାତ୍ରାକୁ ପାଳନ କରିଥିଲେ।



### ହାଣ୍ଡିଭୋଗ ଓ ଗଜଭୋଗ ପାଇଁ ମାନସିକଧାରୀଙ୍କ ଭିଡ଼



## ଦେଢ଼ କୋଟି ଠକେଇ ମାମଲାରେ ଅଭିଯୁକ୍ତ ଗିରଫ

**ଜଟଣୀ,୪।୧୧(ସମିସ):** ଜଟଣୀ ଥାନା ଅଞ୍ଚଳରେ ରହି ବ୍ୟବସାୟରେ ଲାଭ ଆଶା ଦେଖାଇ ପ୍ରାୟ ଦେଢ଼ କୋଟି ଟଙ୍କା ଠକେଇ ଅଭିଯୋଗରେ ଜଣେ ଅଭିଯୁକ୍ତକୁ ଗିରଫ କରିଛି ପୁଲିସ। ଗିରଫ ଅଭିଯୁକ୍ତ ହେଲା ଝାଡ଼ଖଣ୍ଡ ରାଜ୍ୟର ତଥା ଜଟଣୀ ଖୋଲାଦ୍ୱାର ମେଟ୍ରୋ ଡୁପ୍ଲେକ୍ସରେ ଘର ଭଡ଼ା ନେଇ ରହୁଥିବା ସୁବ୍ରତ ବାରିକ (୩୧)। ଅଭିଯୁକ୍ତର ବ୍ୟବସାୟରେ ସାମିଲ୍ ହୋଇ ଲକ୍ଷ ଲକ୍ଷ ଟଙ୍କା ଲାଭ କରିବାକୁ ଲୋକଙ୍କୁ ପ୍ରଲୋଭନ ଦେଖାଇ ଟଙ୍କା ହଡ଼ପ କରି ନେଉଥିଲା।



ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ କ୍ରିଷ୍ଣା ମୋଦୀ ଓଲା ଓ ଉବେର ବ୍ୟବସାୟ କରୁଥିଲେ। ୨୦୨୩ରେ ଅଭିଯୁକ୍ତ ସୁବ୍ରତ ସହ କ୍ରିଷ୍ଣାଙ୍କ ପରିଚୟ ହୋଇଥିଲା। ପରେ ସେ ପ୍ରତିଦିନ କ୍ରିଷ୍ଣାଙ୍କୁ ଫୋନ୍ କରି ନିଜ ବ୍ୟବସାୟରେ ସାମିଲ୍ ହୋଇ ପ୍ରଚୁର ଲାଭ କରିବାକୁ ପ୍ରଲୋଭନ ଦେଖାଉଥିଲା। ପରବର୍ତ୍ତୀ ସମୟରେ ମଦ ଓ ପେଟ୍ରୋଲ୍ ପମ୍ପ୍ ବ୍ୟବସାୟ କରି ଖୁବ୍ ଲାଭ କରାଇଦେବ ବୋଲି ପ୍ରତିଶ୍ରୁତି ଦେଇଥିଲା ଅଭିଯୁକ୍ତ। ଏଥିସହ ସେ ନିଜେ ଏହି ବ୍ୟବସାୟ କରି କୋଟି କୋଟି ଟଙ୍କା ରୋଜଗାର କରି ଆସୁଥିବା କହିଥିଲା। ତାଙ୍କ ବ୍ୟବସାୟରେ ସାମିଲ ହୋଇ ଆଗକୁ ବ୍ୟବସାୟ ବଢ଼ାଇବା ସହ ମାସିକ ଲକ୍ଷାଧିକ ଟଙ୍କା ଲାଭ ଦେବା ପାଇଁ କ୍ରିଷ୍ଣାଙ୍କଠାରୁ ଆର୍ଥିକ ସହାୟତା ଲୋଡ଼ିଥିଲା। ସୁବ୍ରତ କଥାରେ ବିଶ୍ୱାସ କରି ବ୍ୟବସାୟରେ ସାମିଲ୍ ହେବାକୁ ରାଜି ହୋଇଯାଇଥିଲେ କ୍ରିଷ୍ଣା। ଏହାପରେ ଟିକସ ପରାମର୍ଶଦାତା ଅରବିନ୍ଦ ସାହୁଙ୍କ ସମେତ ଅନ୍ୟ କିଛି ବ୍ୟକ୍ତିଙ୍କଠାରୁ ଅର୍ଥର ବ୍ୟବସ୍ଥା କରିଥିଲେ କ୍ରିଷ୍ଣା। ୨୦୨୩ ଡିସେମ୍ବର ୧୨ରୁ ୨୦୨୫ ମାର୍ଚ୍ଚ ୨୩ ମଧ୍ୟରେ ଅଭିଯୋଗକାରୀ କ୍ରିଷ୍ଣା ଅରବିନ୍ଦ ସାହୁଙ୍କଠାରୁ ୧ କୋଟି ୨୦ ଲକ୍ଷ ଏବଂ ଅନ୍ୟମାନଙ୍କଠାରୁ ୨୯ ଲକ୍ଷ ୯୫ ହଜାର ୫୫୭ ଟଙ୍କା ମିଶି ୧ କୋଟି ୫୦ ଲକ୍ଷ ଟଙ୍କା ଆଣି କେଶୁରା ଶାଖାସ୍ଥିତ ପିଏନ୍‌ବି ବ୍ୟାଙ୍କ ଆକାଉଣ୍ଟରେ ଜମା କରିଥିଲେ। ପରବର୍ତ୍ତୀ ସମୟରେ ଅଭିଯୁକ୍ତ ସୁବ୍ରତର ନିର୍ଦ୍ଦେଶରେ ତା'ର କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ୍ ଆକାଉଣ୍ଟରେ ୬୧ ଲକ୍ଷ ୭୮ ହଜାର ୪୫୨ ଟଙ୍କା ଡିପୋଜିଟ୍ କରିଥିବାବେଳେ ଅଭିଯୁକ୍ତର ବିଭିନ୍ନ ସହଯୋଗୀଙ୍କ ଆକାଉଣ୍ଟରେ ୫୨ ଲକ୍ଷ ୮୩ ହଜାର ୬୦ ଟଙ୍କା ଓ ସୁବ୍ରତକୁ ନଗଦ ୩୫ ଲକ୍ଷ ୩୮ ହଜାର ୪୮୮ ଟଙ୍କା ହସ୍ତାନ୍ତର କରିଥିଲେ। କିଛିଦିନ ପରେ ବ୍ୟବସାୟ କିଛି ହେଉ ନ ଥିବା ଜାଣି କ୍ରିଷ୍ଣା ସୁବ୍ରତକୁ ଟଙ୍କା ଫେରସ୍ତ କରିବାକୁ କହିଥିଲେ। ଅଭିଯୁକ୍ତ ଟଙ୍କା ଫେରାଇଦେବ କହି ଦିନ ପରେ ଦିନ ଗଡ଼ାଇ ଆସୁଥିଲା ଓ ଟଙ୍କାର କିସ୍ତି ଦେବେ ବୋଲି ମିଛ ପ୍ରତିଶ୍ରୁତି ଦେଇ ଆସୁଥିଲା। ପରବର୍ତ୍ତୀ ସମୟରେ ଅଭିଯୋଗକାରୀ ଜାଣିବାକୁ ପାଇଲେ ଯେ, ସେ ଉକ୍ତ ଟଙ୍କାକୁ ତାଙ୍କ ପତ୍ନୀଙ୍କ ନାଁରେ ଫିକ୍ସ ଡିପୋଜିଟ୍ କରିଛି ଓ ଏକ ବଡ଼ ହୋଟେଲ ପ୍ରୋଜେକ୍ଟ ପାଇଁ ବରଗଡ଼ ଜିଲ୍ଲା ପୁଟୁକ ମୌଜାରେ ଏକ ବଡ଼ ଜମି କିଣିଛି ଏବଂ ପ୍ରଚୁର ପରିମାଣରେ ସୁନା ଗହଣା କିଣି ଦେଇଛି। କ୍ରିଷ୍ଣା ବାରମ୍ବାର ଟଙ୍କା ଫେରସ୍ତ ପାଇଁ କହି ଆସୁଥିବାବେଳେ ସୁବ୍ରତ ମିଛ ପ୍ରତିଶ୍ରୁତି ଦେଇ ଆସୁଥିଲା। ଏହାରି ମଧ୍ୟରେ ଉଭୟ ସାମ୍ନାସାମ୍ନି ହୋଇଯାଇଥିଲେ ଏବଂ ସୁବ୍ରତକୁ ଟଙ୍କା ଫେରସ୍ତ କରିବାକୁ କ୍ରିଷ୍ଣା କହିଥିଲେ। ଏଥିରେ ସୁବ୍ରତ ଉତ୍‌କ୍ଷିପ୍ତ ହୋଇ ତାଙ୍କୁ ଆକ୍ରମଣ କରିବା ସହ ଅପହରଣ ଓ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ଏ ନେଇ କ୍ରିଷ୍ଣା ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ କରି ଅଭିଯୁକ୍ତକୁ ମଙ୍ଗଳବାର ଗିରଫ କରିଛି। ଥାନାରେ ଏକ କେସ୍ ନଂ ୫୦୭/୨୫ରେ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ ପରେ କୋର୍ଟଚାଲାଣ କରିଛି ପୁଲିସ।

## ଟ୍ରେନ୍‌ରେ କଟି ରେଳ କର୍ମଚାରୀ ମୃତ

**ବାଲୁଗାଁ,୪।୧୧(ସମିସ):** ଖୋର୍ଦ୍ଧା ରେଳ ଡିଭିଜନ ବାଲୁଗାଁ ରେଳ ଷ୍ଟେସନ ନିକଟସ୍ଥ ପାନ୍ଥନିବାସ ରେଳ ଫାଟକ ନିକଟରେ ମଙ୍ଗଳବାର ଭୋର୍ ୫ଟାରେ ଟ୍ରେନ୍‌ରେ କଟି ଜଣେ କାର୍ଯ୍ୟରତ ରେଳ କର୍ମଚାରୀଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ମୃତ କର୍ମଚାରୀ ଜଣକ ହେଲେ ବାଲୁଗାଁ ଗୋପବନ୍ଧୁ ନଗରର ଲକ୍ଷ୍ମୀଧର ବେହେରା। ଲକ୍ଷ୍ମୀଧର ଦୈନନ୍ଦିନ ଭଳି ମଙ୍ଗଳବାର ଭୋର୍ ସମୟରେ ନିଜ କାମରେ ଯୋଗଦେବାକୁ ଯାଇ ପାନ୍ଥନିବାସ ରେଳଫାଟକ ନିକଟରେ କାର୍ଯ୍ୟରତ ଥିଲେ। ଲକ୍ଷ୍ମୀଧର ରେଳ ଲାଇନରେ କାର୍ଯ୍ୟରତ ଥିବା ସମୟରେ ଅପ୍‌ଲାଇନ୍‌ରେ ଅହମ୍ମଦାବାଦ-ପୁରୀ ଦ୍ରୁତଗାମୀ ଟ୍ରେନ୍‌ରେ କଟି ପ୍ରାଣ ହରାଇଥିଲେ। ସୂଚନା ପାଇ ନିରାକାରପୁର ଜିଆର୍‌ପି ଅଧିକାରୀ ଦିଲ୍ଲୀପ ସାହୁ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବିଭାଗ ପକ୍ଷରୁ ୬୬/୨୫ରେ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି।

## ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ



**ନିରାକାରପୁର,୪।୧୧(ସମିସ):** ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଗ୍ରାମ ନନପଡ଼ା ସାହି ଗେଟ୍ ବଜାରର ଧର୍ମପରାୟଣ ବ୍ୟକ୍ତି ତଥା ଅବସରପ୍ରାପ୍ତ ରେଳ କର୍ମଚାରୀ ରାମଚନ୍ଦ୍ର ପ୍ରଧାନ(୮୯)ଙ୍କ ସୋମବାର ବିଳମ୍ବିତ ରାତିରେ ପରଲୋକ ହୋଇଛି। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମରଶରୀରକୁ ଗ୍ରାମ୍ୟ ପରିକ୍ରମା କରାଯାଇ ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି। ଜ୍ୟେଷ୍ଠପୁତ୍ର ଭାଗିରଥି ପ୍ରଧାନ ମୁଖାଗ୍ନି ଦେଇଥିଲେ। ଅନ୍ୟ ପୁତ୍ର ସୁଶାନ୍ତ ପ୍ରଧାନ, ମନୋଜ ପ୍ରଧାନ ଓ ସୁକାନ୍ତ ପ୍ରଧାନ ସହଯୋଗ କରିଥିଲେ।

## ପୂର୍ବଶତ୍ରୁତାରୁ ବୋମାମାଡ଼ ଘଟଣା; ଅଭିଯୁକ୍ତ ଗିରଫ

**ଜଟଣୀ,୪।୧୧(ସମିସ):** ଜଟଣୀ ଥାନା ଅନ୍ତର୍ଗତ ବେଣାପଞ୍ଜରୀରେ ଭାଇଗିରି ପାଇଁ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ବୋମାମାଡ଼ କରିବା ଘଟଣାରେ ଅଭିଯୁକ୍ତକୁ ଗିରଫ କରିଛି ପୁଲିସ। ଗିରଫ ଅଭିଯୁକ୍ତ ହେଲା ବେଣାପଞ୍ଜରୀର ସବିତ୍ ଖାନ୍ ଓରଫ ବଣ୍ଟି (୨୩)। ତେବେ ଅଭିଯୁକ୍ତ ଜଣେ ପେସାଦାର ଅପରାଧୀ ହୋଇଥିବାବେଳେ ପୂର୍ବରୁ ତା' ନାମରେ ଜଟଣୀ ଥାନାରେ ୧୩ଟି ଅପରାଧିକ ମାମଲା ରହିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଏମ୍‌ଡି ଫିରୋଜ୍ ହେଉଛନ୍ତି ମହମ୍ମଦ ସମସେରଙ୍କ ଭାଇ। ଅଞ୍ଚଳରେ ଭାଇଗିରି ପାଇଁ ଅଭିଯୁକ୍ତ ବଣ୍ଟି ସହ ମହମ୍ମଦ ସମସେରଙ୍କ ବିବାଦ ଲାଗି ଆସିଥିଲା। ଉଭୟେ ଗାଁରେ ଅନେକ ସମୟରେ ଆତଙ୍କ ଖେଳାଇ ଆସୁଥିଲେ। ଫଳରେ ଏମାନଙ୍କ ପାଇଁ ଗାଁ ଲୋକ ଅନେକ ସମୟରେ ଭୟଭୀତ ଅବସ୍ଥାରେ ରହୁଥିଲେ। ତେବେ ଗତ ଜୁଲାଇ ୨୬ ତାରିଖ ରାତିରେ ବଣ୍ଟି ଗୋଷ୍ଠୀ ଓ ସମସେର ଗୋଷ୍ଠୀ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ପରସ୍ପରକୁ ଆକ୍ରମଣ କରିଥିଲେ। ନିଜର ଆଧିପତ୍ୟ ବିସ୍ତାର ସହ ପରସ୍ପର ଜୀବନ ନେବା ଉଦ୍ଦେଶ୍ୟରେ ପରସ୍ପର ତଥା ଗାଁ ଲୋକଙ୍କ ଉପରକୁ ବୋମାମାଡ଼ କରିଥିଲେ। ଏଥିରେ ଗାଁର ଜଣେ ବ୍ୟକ୍ତି ସାମାନ୍ୟ ଆହତ ହୋଇଥିଲେ। ଘଟଣାକୁ ନେଇ ପରେ ସମସେରଠାରୁ ପ୍ରତିଶୋଧ ନେବାକୁ ବଣ୍ଟି ଯୋଜନା ରଚିଥିଲା। ଯୋଜନା ମୁତାବକ ଗତ ଅଗଷ୍ଟ ୫ ତାରିଖ ରାତିରେ ଅଭିଯୁକ୍ତ ବଣ୍ଟି ସମସେର ଓ ତାଙ୍କ ପରିବାର ଲୋକଙ୍କୁ ଜୀବନରୁ ମାରିଦେବା ଉଦ୍ଦେଶ୍ୟ ନେଇ ତାଙ୍କ ଘର ଉପରକୁ ବୋମାମାଡ଼ କରିଥିଲା। ଏଥିରେ ସୁବି ବେଗମ୍, ଏମ୍‌ଡି ସରାଫ୍ ଓ ଏମ୍‌ଡି ଲାଫୁ ଗୁରୁତର ଆହତ ହୋଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ସମସେରଙ୍କ ଘରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରି ଅଭିଯୁକ୍ତକୁ ଚିହ୍ନଟ କରିଥିଲା। ସେବେଠାରୁ ବଣ୍ଟି ଫେରାର୍ ଥିବାବେଳେ ମଙ୍ଗଳବାର ପୁଲିସ ବିଶେଷସୂତ୍ରରୁ ଖବର ପାଇ ଜଟଣୀ ମଧୁସୂଦନ ନଗର ଅଞ୍ଚଳରେ ଚଢ଼ଉ କରି ଅଭିଯୁକ୍ତକୁ କାବୁ କୋର୍ଟଚାଲାଣ କରିଛି।



## ବାଣପୁରରେ ଗିରିଗୋବର୍ଦ୍ଧନ ପୂଜା

**ବାଣପୁର,୪।୧୧(ସମିସ):** ବାଣପୁର ଓ ଚିଲିକା ବ୍ଲକ୍‌ର ପୁରପଲ୍ଲୀରେ ଚଳିତ ବର୍ଷ ମହାସମାରୋହରେ ଗିରିଗୋବର୍ଦ୍ଧନଙ୍କ ପୂଜା ଚାଲିଥିବାବେଳେ ସୋମବାର ଉଦ୍‌ଯାପିତ ହୋଇଯାଇଛି। ବିଭିନ୍ନ ମନ୍ଦିର ସହିତ ମଠରେ ସ୍ୱତନ୍ତ୍ର ପୂଜା, ଯଜ୍ଞ, ହୋମ, ନାମସଂକୀର୍ତ୍ତନ ଆଦି ଆୟୋଜନ କରାଯାଇଛି। ଏହି ପରିପ୍ରେକ୍ଷୀରେ ବାଣପୁର ବ୍ଲକ୍‌ର ଗାଲୁଆ ପଞ୍ଚାୟତର ସାନହନ୍ତୁଆଡ଼ ଗ୍ରାମରେ ଗିରିଗୋବର୍ଦ୍ଧନ ପୂଜା ଗ୍ରାମବାସୀଙ୍କ ତରଫରୁ ଧୁମ୍‌ଧାମର ସହ ପାଳନ କରାଯାଇଥିବାବେଳେ ଗ୍ରାମର ଆରାଧ୍ୟ ଠାକୁର ଶ୍ରୀବାଳଗୋପାଳ ଦେବ, ଶ୍ରୀକୁଞ୍ଜବିହାରୀ ଦେବ ଓ ଶ୍ରୀମଦନମୋହନ ଦେବଙ୍କ ସ୍ୱତନ୍ତ୍ର ପୂଜା ନୀତିକାନ୍ତି ଅନୁଷ୍ଠିତ ହେବା ପରେ ମିଳିତ ଭାବେ ସମସ୍ତ ଠାକୁର ଗ୍ରାମ ପରିକ୍ରମା କରିଥିଲେ।

## ଜଙ୍କିଆ ରାମକୃଷ୍ଣ ଶିକ୍ଷାକେନ୍ଦ୍ରରେ ବିଜ୍ଞାନ ମେଳା

**ନିରାକାରପୁର,୪।୧୧(ସମିସ):** ଖୋର୍ଦ୍ଧା ଜିଲ୍ଲା ଜଂକିଆ ରାମକୃଷ୍ଣ ଶିକ୍ଷାକେନ୍ଦ୍ରରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବସନ୍ତ କୁମାର ସ୍ୱାଇଁ ଯୋଗଦେଇ ଆନୁଷ୍ଠାନିକ ଭାବେ ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ସଭାପତି ବାଞ୍ଛାନିଧି ବେହେରା, ସମ୍ପାଦକ ସର୍ବେଶ୍ୱର ସାହୁ, ପ୍ରଧାନଶିକ୍ଷକ ସୌରଭସ୍ୱିଗ୍ଧ ଜେନା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ୫୦ରୁ ଅଧିକ ପ୍ରକଳ୍ପକୁ ବୁଲି ଦେଖିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଗଁପୁର ଶରତ ରାସ ମହୋତ୍ସବ ଉଦ୍‌ଯାପିତ

**ବେଗୁନିଆ,୪।୧୧(ସମିସ):** ବେଗୁନିଆ ବ୍ଲକ୍ ସିମୋର ପଞ୍ଚାୟତ ଅନ୍ତର୍ଗତ ଗଁପୁର ଗ୍ରାମସ୍ଥିତ ବାବା ସୋମନାଥ ଦେବଙ୍କ ପୀଠରେ ଶ୍ରୀକୃଷ୍ଣଲୀଳା ରାସ ଉତ୍ସବର ଏକଶତ ବର୍ଷ ପୂର୍ତ୍ତି ଉପଲକ୍ଷେ ଜୟ ଦୁର୍ଗା କଲ୍‌ଚରାଲ ଟ୍ରଷ୍ଟ ପକ୍ଷରୁ ଶରତ ରାସ ମହୋତ୍ସବ ଉଦ୍‌ଯାପିତ ହୋଇଛି। ଏଥିରେ ସଭାପତି ହରିବନ୍ଧୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ସମାଜସେବୀ ମାନସ ବେହେରା ମୁଖ୍ୟ ଅତିଥି, ସ୍ୱତନ୍ତ୍ର ଅତିଥି ଆଶୋକାନନ୍ଦ ବ୍ରହ୍ମଚାରୀ, ସମାଜସେବୀ ଭିକାରୀ ସାହୁ ମୁଖ୍ୟବକ୍ତା, ସନ୍ତୋଷ ନାୟକ, ସୁଧିର ବଡ଼ଜେନା, ପ୍ରକାଶ ରାଉତ, ଗୋଷ୍ଠୀ ଶିକ୍ଷାଧିକାରୀ ଭାସ୍କର ଲେଙ୍କା, ଡା. ଅମରେନ୍ଦ୍ର ନାଥ ମହାପାତ୍ର, ଗ୍ରାମ୍ୟ କମିଟି ସଭାପତି ନୀଳମଣି ପ୍ରଧାନ, ସମ୍ପାଦକ ଦିବ୍ୟସିଂହ ରଣା, ଦୁର୍ଗା ମାଧବ ପାତ୍ର ଓ ମୋନାଲି ଷଡ଼ଙ୍ଗୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହୋତ୍ସବ ଯୁବପିଢ଼ିକୁ ନୂତନ ଦିଗ୍‌ଦର୍ଶନ ଦେଇଥାଏ ବୋଲି ମତପ୍ରକାଶ କରି ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ସମାଜସେବୀ ଦୁର୍ଗା ପ୍ରସାଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ରାଜ୍ୟ ଲୋକକଳା ଲୋକ ସଂସ୍କୃତି କଳା ବିଭାଗ ଓ ସ୍ଥାନୀୟ କଳାକାର ନୃତ୍ୟ ପରିବେଷଣ କରିଥିଲେ।

# ଚିଲିକା ବୋଇତ ବନ୍ଦାଣ ମହୋତ୍ସବ ଉଦ୍‌ଘାଟିତ

ବାଲୁଗାଁ/ଚିଲିକା,୪।୧୧(ସମିସ)




ଚିଲିକା ବୋଇତ ବନ୍ଦାଣ ମହୋତ୍ସବ କମିଟି ଓ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ମରାଳ ମାଳିନୀ ନୀଳାମ୍ବୁ ଚିଲିକା ତଟଦେଶ ବାଲୁଗାଁ ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ଐତିହାସିକ ଚିଲିକା ବୋଇତ ବନ୍ଦାଣ ଉତ୍ସବ ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ପୂର୍ବାହ୍ନରେ ମା' କାଳିଜାଇଙ୍କ ପୀଠରୁ ଜ୍ୟୋତି ଶୋଭାଯାତ୍ରା ଆସି ମଞ୍ଚ ପୂଜା କରାଯାଇଥିଲା। ଦିନତମାମ ସ୍ଥାନୀୟ ବିଭିନ୍ନ କଳା ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସନ୍ଧ୍ୟାରେ ଚିଲିକା ବୋଇତ ବନ୍ଦାଣ ମହୋତ୍ସବ କମିଟି ସଭାପତି ଅଧ୍ୟକ୍ଷା ସୁକାନ୍ତି ପାଇକରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ଚିଲିକା ବିଧାୟକ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟବକ୍ତା ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ବିଶିଷ୍ଟ ଅତିଥି ଭାବେ ପୁରୀ ସାଂସଦ ଡ. ସମ୍ବିତ୍ ପାତ୍ର, ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥି, ସାହିତ୍ୟିକ ଶଶାଙ୍କ ଚୂଡ଼ାମଣି, ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜ, ଜିଲ୍ଲା ଏସ୍‌ପି ବିବେକାନନ୍ଦ ଶର୍ମା, ଚିଲିକା ବ୍ଲକ୍ ଅଧ୍ୟକ୍ଷା ଜ୍ୟୋତ୍ସ୍ନାରାଣୀ ବେହେରା, ବାଣପୁର ବ୍ଲକ୍ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ବାଣପୁର ଏନ୍‌ଏସି ନଗରପାଳ ମିଟୁ ନାୟକ, ବାଲୁଗାଁ ମହାବିଦ୍ୟାଳୟ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ପ୍ରମୁଖଙ୍କ ସମେତ ବାଲୁଗାଁ ଏନ୍‌ଏସିର ସମସ୍ତ କାଉନ୍‌ସିଲର ଯୋଗଦେଇଥିଲେ। ଚିଲିକାର ପୁରାତନ ନୌବାଣିଜ୍ୟ, ବାଲୁଗାଁ-ବାଣପୁର ଅଞ୍ଚଳର ଐତିହ୍ୟ ବୈଭବ ଉପରେ ସ୍ମୃତିଚାରଣ କରିବା ସହ ସ୍ମରଣିକ ପତ୍ରିକା 'ଚିଲିକା ବୋଇତ ବନ୍ଦାଣ-୨୦୨୫'ର ଉନ୍ମୋଚନ କରିଥିଲେ। କମିଟି କାର୍ଯ୍ୟକାରୀ ସଭାପତି ଦୁଷ୍ମନ୍ତ ହରିଚନ୍ଦନ ସ୍ୱାଗତ ଭାଷଣ ଦେଇଥିବାବେଳେ ଅଧ୍ୟାପକ କୈଳାଶ ଚନ୍ଦ୍ର ମହାରଣା ଅତିଥି ପରିଚୟ ଦେଇଥିଲେ। ଉପସ୍ଥାପିକା ଶୋଭନା ମିଶ୍ର ସଂଯୋଜନା କରିଥିବାବେଳେ ଏନ୍‌ଏସି ଉପାଧ୍ୟକ୍ଷ ଭଗବାନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

ମଞ୍ଚ ପୂଜା ପରେ ପ୍ରଥମେ ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଚିଲିକା ସାହିତ୍ୟ ସମାଜ ପକ୍ଷରୁ ଏକ ମନୋଜ୍ଞ କବିତାପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚିଲିକା ସାହିତ୍ୟ ସମାଜର ସଭାପତି ବାଳମୁକୁନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଚିଲିକାର ଐତିହ୍ୟ, ନୌବାଣିଜ୍ୟ ଓ ପରମ୍ପରା ଉପରେ ଆଧାରିତ ଏହି କବିତା ପାଠୋତ୍ସବରେ କବିତାଗୁଡ଼ିକର ସଂଯୋଜନା କରିଥିଲେ ବିଶିଷ୍ଟ କବି ତଥା ସପ୍ତଫେଣୀ ପତ୍ରିକାର ସମ୍ପାଦକ ଗୋପୀନାଥ ଦାଶ। ଡ. କୈଳାସ ଚନ୍ଦ୍ର ମହାରଣା, ସର୍ବେଶ୍ୱର ଷଡ଼ଙ୍ଗୀ, ଶଶିଭୂଷଣ ବରାଳ, ରୋଜି ମିଶ୍ର, ଅମ୍ବିକା ପ୍ରସାଦ ସାମନ୍ତରାୟ, ଦିଗମ୍ବର ବିଶ୍ୱାଳ, ନାଟ୍ୟକାର ଭିକାରୀ ଚରଣ ପ୍ରଧାନ, ହରିହର ତ୍ରିପାଠୀ, ରବୀନ୍ଦ୍ରନାଥ ପ୍ରଧାନ, ମାଗୁଣି ଚରଣ ସାହୁ, ସସ୍ମିତା ପାଣିଗ୍ରାହୀ, ପ୍ରିୟଦର୍ଶିନୀ ମହାରଣା, ରବୀନ୍ଦ୍ରନାଥ ମାନସିଂହ, ସୁଶାନ୍ତ କୁମାର ଦାଶ, ଝରଣା ରାଣୀ ରଥ, ରମେଶ ଚନ୍ଦ୍ର ମହାପାତ୍ର, ଦୁଷ୍ମନ୍ତ ହରିଚନ୍ଦନ, ବାଳମୁକୁନ୍ଦ ଦାସ, ଲକ୍ଷ୍ମୀଧର ସୁବୁଦ୍ଧି, ଦିଲ୍ଲୀପ ହୋତା, ସୌମ୍ୟକାନ୍ତ ତ୍ରିପାଠୀ, ପ୍ରଧାନଶିକ୍ଷକ ବିଜୟ କୁମାର ପାତ୍ର, ଗୋପୀନାଥ ଦାଶ ପ୍ରମୁଖ ଶତାଧିକ କବି ଓ କବୟିତ୍ରୀ ସ୍ୱରଚିତ କବିତା ଆବୃତ୍ତି କରିଥିଲେ।

## ୱାଇଜ୍‌ମ୍ୟାନ୍ ପକ୍ଷରୁ ପତ୍ରିକା ଉନ୍ମୋଚନ



**ଜଟଣୀ,୪।୧୧(ସମିସ):** ଜାତିସଂଘ ସହବନ୍ଧିତ ଆନ୍ତର୍ଜାତିକ ୱାଇଜ୍‌ମ୍ୟାନ୍ ଇଣ୍ଟରନ୍ୟାସନାଲ ଅଧୀନରେ "ୱାଇଜ୍‌ମ୍ୟାନ୍ କ୍ଲବ୍ ଜଟଣୀ' ନାମକ ଏକ ସଂଗଠନ ଗଠନ କରାଯାଇଛି। ଏହାର ସଭାପତି ଶାମୁଏଲ୍ ଗେନ୍ ଓ ସମ୍ପାଦକ ଆର୍ ଶାନ୍ତିସ୍ୱରୂପଙ୍କ ନେତୃତ୍ୱରେ ପ୍ରତିଷ୍ଠା ହୋଇଛି। ଏହି ଅବସରରେ ଚୌଦ୍ୱାର କ୍ଲବ୍ ସଭାପତି ରାଜେଶ ପାଣିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ଉତ୍ତରପୂର୍ବ ଭାରତର ଆଞ୍ଚଳିକ ନିର୍ଦ୍ଦେଶକ ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ ଯୋଗଦେଇ ନୂତନ କ୍ଲବ୍‌କୁ ଚାର୍ଟର ପ୍ରଦାନ କରିଥିବାବେଳେ ଆର୍‌ଡିଇ ଡ. ସୁରଜିତ ସାହୁ କର୍ମକର୍ତ୍ତାମାନଙ୍କୁ ଶପଥପାଠ କରାଇଥିଲେ। ଏହି ଅବସରରେ ୱାଇଜ୍‌ମ୍ୟାନ୍ ଜିଲ୍ଲା ଗଭର୍ଣ୍ଣର ସତ୍ୟଗୋପାଳ ପରିଜାଙ୍କ ତ୍ରୟମାସିକ ସ୍ୱତନ୍ତ୍ର ପତ୍ରିକାକୁ ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଏଲ୍‌ଆର୍‌ଡି ଦୀପକ ମହାନ୍ତି, ଡ. ପ୍ରଭାତ ମିଶ୍ର, ସୁଜିତ୍ ପାଣି ଯୋଗଦେଇ ଏହି ଅଭିଯାନର ସେବାମୂଳକ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ଶୁଭସୁଦ୍ଧା ପ୍ରିୟଦର୍ଶିନୀ, ପୀୟୂଷ ମହାନ୍ତି, ଜ୍ୟୋତିରଞ୍ଜନ ସିଂ, ସୌମେନ୍ଦ୍ର କୁମାର ଦାସ, ଆମୋଷ ଗେନ, ଜନସୂଚିତ ପ୍ରଧାନ, ସୁଦ୍ଧାନନ୍ଦ ବିହାରୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।